Source: Author, Digitized by PPRACHIN, SOA

ନାହଂ ତିଷ୍ଠାମି ବୈକୁଣ୍ଠେ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Source: Author, Digitized by PPRACHIN, SOA

ନାହଂ ତିଷ୍ଠାମି ବୈକୁଣ୍ଠେ

ଲେଖକ ଓ ପ୍ରକାଶକ
ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ଡଗର ପ୍ରେସ୍, କଟକ ୭୫୩୦୦୧

ମୁଦ୍ରାକର
ଶ୍ରୀ ରାମଚନ୍ଦ୍ର ମିଶ୍ର
ଡଗର ପ୍ରେସ୍, ପିଠାପୁର, କଟକ ୭୫୩୦୦୧

ପ୍ରଥମ ମୁଦ୍ରଣ
୧୯୭୭, ମହାଷ୍ଟମୀ, ୧୦୦୦
ମୂଲ୍ୟ—ଟ ୨୧-୦୦

ପ୍ରଚ୍ଛଦ ପଟ
ଶ୍ରୀ ଲକ୍ଷ୍ମୀଧର ଦାସ

NAHAM TISTHAMI BAIKUNTHE

Writer & Publisher
Sri Nityananda Mahapatra
Dagaro Press, Pithapur
Cuttack-753001

Printer
Sri Rama Chandra Mishra
Dagaro Press, Pithapur
Cuttack-753001

First Edition
1977, Sri Mahastami, 1000
Price-Rs 21-00

Cover Page
by
Sri Laxmidhar Das

Source: Author, Digitized by PPRACHIN, SOA

ସମର୍ପଣ

ଯା'ଙ୍କ କୃପାରେ ପଙ୍ଗୁ ଲଙ୍ଘଇ—
ଗିରି, ମୂକ ମୁଖର
ସେ ଗୁରୁଚରଣେ ଅର୍ପିଲି
ତାଙ୍କ ଭୁବନିକର

ନିତ୍ୟାନନ୍ଦ

Source: Author, Digitized by PPRACHIN, SOA

କୃତଜ୍ଞତା ଜ୍ଞାପନ

ଏହି ପୁସ୍ତକର ମୁଦ୍ରଣ ପାଇଁ ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗର କର୍ତ୍ତୃପକ୍ଷ ଟ ୧୫୦୦।- ସାହାଯ୍ୟ ଦେଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି ।

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Source: Author, Digitized by PPRACHIN, SOA



ଠାକୁର ଶ୍ରୀ ଶ୍ରୀ ହରଦାସ

Source: Author, Digitized by PPRACHIN, SOA

ନାହଂ ତିଷ୍ଠାମି ବୈକୁଣ୍ଠେ

ଶ୍ରୀ କ୍ଷେତ୍ରରେ ଆଜି ନୂତନ ଜୀବନର ସଞ୍ଚାର । ଅଚଳ ବିଗ୍ରହ ଆଜି ସଚଳ ରୂପ ପରିଗ୍ରହ କରିଛନ୍ତି । ଦାରୁବ୍ରହ୍ମରେ ଚୈତନ୍ୟ ଉଦୟ ହୋଇଛି ସତେକି ! ନୀଳାଚଳ ଆଜି ଲୀଳାଚଞ୍ଚଳ ହୋଇ ଉଠିଛି । ଧାମ ପୁରୁଷୋତ୍ତମରେ ପ୍ରେମପୁରୁଷୋତ୍ତମଙ୍କର ଆବିର୍ଭାବ । ପୁରୀ ନଗରୀର ପଥ ପ୍ରାନ୍ତର ପୁର ପ୍ରାଙ୍ଗଣରେ ଧୂଳିସାତ୍ ହୋଇଯାଉଛି ସୃଷ୍ଟିର ସମସ୍ତ ଐଶ୍ୱର୍ଯ୍ୟ—ତା'ର ପଦବ୍ରଜରେ, ପଦରଜରେ ।

ରତ୍ନ ସିଂହାସନର ସଯତ୍ନସେବିତ ଦେବତାଙ୍କର ଆଜି ଏ କି ଅଯତ୍ନ ବିଳାସ ! ସୁଲଳିତ ବେଶ ବିନ୍ୟାସର ଏ କି ବିଚିତ୍ର ନବ ପ୍ରକରଣ ! ପଟ୍ଟ ପୀତାମ୍ବରର ପରିପାଟି ପରିହାର କରି କଷାୟ ବସନରେ ବାସନା ଜାଗିଛି ଜଗନ୍ନାଥଙ୍କର । ତୂଳିତଳ୍ପ ଶଯ୍ୟା ତ୍ୟାଗ କରି ଏବେ ଭୂମିତଳ ମଣ୍ଡନ କରିଛନ୍ତି ଗମ୍ଭୀର ଗୋଟିଏ ନିବୁଜ ଗମ୍ଭୀରା ଭିତରେ, ଅକୁଣ୍ଠ ଚିତ୍ତରେ ନିଜେ ବୈକୁଣ୍ଠପତି । ବଡ଼ସିଂହାର-ଭୋଗ-ବିଳାସ-ବ୍ୟସନ-ଅଭ୍ୟସ୍ତ ପ୍ରଭୁଙ୍କର ସନ୍ନ୍ୟାସୀ ସାଜରେ ସାଜି ହେବାର ସାଧ ଆଜି ନବକଳେବର ଆଣି ଦେଇଛି— ଶ୍ରୀକୃଷ୍ଣ ଚୈତନ୍ୟ ଅବତାରରେ ।

କାଶୀ ମିଶ୍ରଙ୍କର ନିଭୃତ ନିଳୟ । କଳା ଅଙ୍ଗ ଉପରେ ଗୌର ରଙ୍ଗର ପୁଟ ଚଢ଼ାଇ ବିଜେ କରିଛନ୍ତି ନିଜେ ଜଗନ୍ନାଥ । ଭକ୍ତପଦାଙ୍କମଣ୍ଡିତ ବଡ଼ ଦାଣ୍ଡରେ ଲୋଟି ହେବାର ଅପୂର୍ବ ବାସନା ପୂର୍ତ୍ତି କରିବା ମାନସରେ ଅବତୀର୍ଣ୍ଣ ଅବତାରୀ କୃଷ୍ଣ ଜଗନ୍ନାଥ ସତେ ଯେପରି ଧାଇଁ ଆସିଛନ୍ତି, ଦୂର ଦୁର୍ଗମ ପଥ ଅତିକ୍ରମ କରି, ଶ୍ରୀକୃଷ୍ଣ ଚୈତନ୍ୟ ରୂପରେ, ନଦୀୟା ନବଦ୍ୱୀପରୁ ପୁରୀ ପୁରୁଷୋତ୍ତମଯାଏଁ ।

ଯୁଗ ଯୁଗର ଅପୂର୍ଣ୍ଣ ବାସନା । ଏକାନ୍ତ ଅନ୍ତରର—ଅଭ୍ୟନ୍ତରର—ଯୁଗ ଯୁଗାନ୍ତରର । ତ୍ରେତାପର ଦ୍ୱାପରର । ଅପୂର୍ଣ୍ଣ ବାସନା ନୁହେଁ—ଅପୂର୍ଣ୍ଣ ଏକ ପଣ, ପ୍ରତିଜ୍ଞା । ଭକ୍ତ ପଦରେଣୁରେ ପବିତ୍ର ହେବାର ଅବଦମିତ ବାସନାର ପୂର୍ତ୍ତି ନିମନ୍ତେ ଶୁଭ ଅବସରର ଶୁଭାଗମନ । କଳ୍ପ କଳ୍ପ ସଂକଳ୍ପର ଜଳ୍ପନା ।

ନିରପେକ୍ଷ ମୁନିଂ ଶାନ୍ତଂ ନିର୍ବୈରଂ ସମଦର୍ଶନଂ
ଅନୁବ୍ରଜାମ୍ୟହଂ ନିତ୍ୟଂ ପୂୟେୟେତ୍ୟଙ୍ଘ୍ରିରେଣୁଭିଃ । ଭା:

ଅମରର ପ୍ରତିଜ୍ଞା । ସ୍ମରଣ କରାଇ ଦେଉଛି କିଏ ଶ୍ରୀମନ୍ଦିରରେ ଆବୃତ୍ତି କରି ଶ୍ରୀମଦ ଭାଗବତ ।

ମୋର ଭକତ ମୋର ମିତ୍ର
ସେ କରେ ଜଗତ ପବିତ୍ର ॥
ତାର ଚରଣ ରେଣୁ ଆଶେ
ଆସିବାର ଥାଏଁ ବେନି ପାଶେ ॥ ଭା: (ଜଗନ୍ନାଥ)

Source: Author, Digitized by PPRACHIN, SOA

ଜଗନ୍ନାଥ ଓ ଗୌରଚନ୍ଦ୍ର । ଅଭିନ୍ନତନୁ ଉଭୟଙ୍କର । ଏକମେବା-ଦ୍ୱିତୀୟଂ ! ଗୋଟିଏ ରୂପରେ ଦୁଇଟି ବିଗ୍ରହ ଅଚଳ ଓ ସଚଳ । କଳିଙ୍କ କଳି ଆଜି ଅକଳମୟ ସୌଭାଗ୍ୟର ଅଧିକାରୀ । ବକ୍ଷରେ ଧାରଣ କରିବାର ସୌଭାଗ ଲାଭ କରିଛି, ସତତ ପ୍ରସନ୍ନ ଦୁଇ ବରାଭୟ ମୂର୍ତ୍ତି—ଉଭୟ ବିଶ୍ୱରୂପ । ଅଚଳ ମୂର୍ତ୍ତିର ପ୍ରସାଦ ଅଧରାମୃତ ମହାପ୍ରସାଦ; ସଚଳ ମୂର୍ତ୍ତିର ପ୍ରସାଦ ମୁଖନିସୃତ ନାମାମୃତ, କୃପାସାଗର ମନ୍ଥନ-ଉଦ୍ଭୂତ ପ୍ରେମାମୃତର ନାମାନ୍ତର । ମହାପ୍ରସାଦ ଓ ମହାମନ୍ତ୍ର । ଅଚଳ ଓ ସଚଳଙ୍କର ଅଯାଚିତ ଦାନ ।

ଶ୍ରୀମନ୍ଦିର ଆଉ ଗମ୍ଭୀରା । ଶ୍ରୀମନ୍ଦିରରେ ବିବିଧ ଆଡ଼ମ୍ବର; ଗମ୍ଭୀରାରେ ଆଡ଼ମ୍ବରରେ ପରିଣତ । ଶ୍ରୀମନ୍ଦିରରେ ଛପନ ଭୋଗ; ଗମ୍ଭୀରାରେ କେବଳ ସ୍ୱପନରେହିଁ ଭୋଗ ହେଉଛି । ଶ୍ରୀମନ୍ଦିରର ଷାଠିଏ ପଉଟି ଅନ୍ନ, ଅବଢ଼ା ବଢ଼ା ହେଉଛି ଭୋଗ ମଣ୍ଡପରେ; ଗମ୍ଭୀରାରେ ମୁଷ୍ଟିଭିକ୍ଷା ସଂଗୃହୀତ ପ୍ରସାଦାନ୍ନର ହରିଲୁଟ୍ । ଶ୍ରୀମନ୍ଦିରରେ ଅହର୍ନିଶ ଭକ୍ତ ସ୍ତୁତି ସ୍ତାବକତାରେ ବିଭୋର ଦାରୁବ୍ରହ୍ମମୂର୍ତ୍ତି; ଗମ୍ଭୀରାରେ ଆପ୍ରାତସନ୍ଧ୍ୟା ନୃତ୍ୟକୀର୍ତ୍ତନ-ଈଶ୍ୱରଦର୍ଶନ-ତତ୍ପର ଉନ୍ନିଦ୍ର ନିରଳସ କଳେବର ।

ଜଗନ୍ନାଥ ଓ ଚୈତନ୍ୟ !

ନିଦ୍ରାର ଜଡ଼ତା ମଧ୍ୟ ବିଦୂରିତ ହୋଇଯାଉଛି ଚୈତନ୍ୟଙ୍କର ମହା ଚେତନାରେ । ଚୈତନ୍ୟ ଅଙ୍ଗ-ସଙ୍ଗରେ ତାର ଚୈତନ୍ୟ ଉଦୟ ହେଉଛି ଯେପରି ! ସେ ଆଜ ରାଧାଭାବ ବିଭାବିତ ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟଙ୍କର ମହାଭାବ-ଉଦ୍ଦୀପକ ଏକ ସଞ୍ଚାରୀ ଭାବରେ ପରିଣତ । ତନ୍ଦ୍ରା ମଧ୍ୟ ଚମକି ଉଠୁଛି ଅତନୁ-ନିନ୍ଦିତ ଚୈତନ୍ୟ ତନୁରେ ପୁଲକର ସଞ୍ଚାର ଦେଖି ।

ସଂଗତରେ ଭାବ ସହାୟକ ସଙ୍ଗୀ ଦ୍ୱୟ— ରାୟ ରାମାନନ୍ଦ ଓ ସ୍ୱରୂପ ଗୋସ୍ୱାମୀ । ରସ-ପ୍ରସଙ୍ଗ-ଶ୍ରବଣ-ଲାଳସୀ ଜାଗ୍ରତ ଯାମିନୀ ସତେ ଯେପରି ଜାଗର-ବ୍ରତ ଉଦ୍ଯାପନ କରିବାକୁ ଅସମର୍ଥ— ଅନିଚ୍ଛୁକ ।

ଅନତିଦୂରରେ ଅତି ମଞ୍ଜୁଳ ଗୋଟିଏ ପୁଷ୍ପବାଟିକା । ପରମ ନିର୍ଜନ ଉଦ୍ୟାନ । ଉଦ୍ୟାନରେ ଆଶ୍ରୟ-ଉଦ୍ଦିଷ୍ଟ କ୍ଷୁଦ୍ର କୁଟୀରଟିଏ । ପରିପାର୍ଶ୍ୱ ମୁଖରିତ ହୋଇ ଉଠେ କାହାର ମୁଖ ନିସୃତ ଧ୍ୱନି—ଉଚ୍ଚନାମ ଉଚ୍ଚାରଣରେ । ପ୍ରତ୍ୟହ—ବ୍ରହ୍ମ ମୁହୂର୍ତ୍ତ । ଚତୁର୍ଦ୍ଦିଗ ଆମୋଦିତ କରିଦିଏ ସେହି ଧ୍ୱନିର ମୂର୍ଚ୍ଛନା । ଦିଗ୍-ବିଦିଗ ମହାନନ୍ଦମୟ !

କି ଶକ୍ତିଶାଳୀ ସେ ଆକର୍ଷଣ ! ଅଚଳ ଜଗନ୍ନାଥଙ୍କର ସଚଳ ପ୍ରତିମା ଶ୍ରୀକୃଷ୍ଣ ଚୈତନ୍ୟଙ୍କୁ ଟାଣି ଆଣେ ସେହି ପ୍ରେମରସାଣିତ ନାମାବଳି, ପ୍ରତ୍ୟହ ପ୍ରତ୍ୟୁଷରେ ସେହି କୁଟୀର ପ୍ରାଙ୍ଗଣକୁ ।

ପ୍ରାତଃ କୃତ୍ୟ ସମାପନାନ୍ତେ ଶ୍ରୀ ମନ୍ଦିରକୁ ବାହାରି ଦର୍ଶନ ବିଜୟ କରନ୍ତି ସ୍ୱୟଂ ଗୌରହରି । ଗରୁଡ଼ ସ୍ତମ୍ଭ ନିକଟରୁ ଦର୍ଶନ ମିଳେ କଳାଶ୍ରୀମୁଖଙ୍କର । ଧଳା ଧଳା ଆଖି ଦୁଇଟିର କଳାକଳା ଚକାଡୋଳାଯୋଡ଼ିକ କେଡ଼େ ଅମାନିଆ ହୋଇ ଅନ୍ତରକୁ ଉଦ୍ବେଳିତ ଆଲୋଡ଼ିତ କରିଦେଉଛି ସତେ !

Source: Author, Digitized by PPRACHIN, SOA

ସିଦ୍ଧ ବକୁଳ

ସେଦିନର ସେ ବିରାଟ ବକୁଳ ବୃକ୍ଷ ଆଜି ବଲ୍କଳସାର— ତଥାପି ପତ୍ର ପୁଷ୍ପ ପଲ୍ଲବଶୋଭିତ । (ପୃଷ୍ଠା ୩)

Source: Author, Digitized by PPRACHIN, SOA

ଚକ୍ଷୁ ଚକ୍ଷୁର ମିଳନ ହୁଏ । ନୀଳକମଳରେ ଅଳିର ବିଳାସ ।

ଗରୁଡ଼ ସ୍ତମ୍ଭର କି ସୌଭାଗ୍ୟ ସତେ ! ସଦା ସର୍ବଦା କଳା ଧଳା ଦୁଇ ଠାକୁରଙ୍କ ସହ ସୁନାମୁହାଁ ସୁଭଦ୍ରା ଓ ସୁଦର୍ଶନଙ୍କ ଦର୍ଶନରେ ବିଭୋର । ସାତ୍ତ୍ୱିକ ବିକାରରେ ସମ୍ମିଭୂତ ସ୍ତମ୍ଭର ନାମ ସାର୍ଥକ । ଈର୍ଷାନ୍ୱିତ ହୋଇ ଉଠେ ଗୌରାଙ୍ଗଙ୍କର ସର୍ବ ଅବୟବ । ଯୁଗପତ୍ ହର୍ଷ-ପୁଲକ-ସ୍ତମ୍ଭାଦି ଅଷ୍ଟ ସାତ୍ତ୍ୱିକ ବିକାରରେ ବିଭୂଷିତ ହୋଇଯାଏ ଗରୁଡ଼ସ୍ତମ୍ଭ ସହିତ ପ୍ରତିଦ୍ୱନ୍ଦ୍ୱିତା କରି । ମଙ୍ଗଳ ଆଳତିର ଘଣ୍ଟା ଘଡ଼ି ବାଜି-ଉଠେ ।

ନୂତନ ଚୈତନ୍ୟ ଉଦୟ ହୁଏ ମହା ଚୈତନ୍ୟଙ୍କର, ନିତି ନିତି ନବ ନବ ଭାବତରଙ୍ଗ ସୃଷ୍ଟି ଯେମନ୍ତ । ସତତ ଜାଗ୍ରତ ସେହି ଅପ୍ରାକୃତ ପ୍ରେମର ପରିପ୍ରକାଶ ଯେମନ୍ତେ ଏକ ଅଦ୍ୱୟମ ଲାଳସା ଅନ୍ତର ମଧ୍ୟରେ । ସେଥିପାଇଁ ଶ୍ରୀ ମନ୍ଦିରରୁ ଅଚିରାତ୍ ଯାତ୍ରା ସେହି କୁଟୀର ପ୍ରାଙ୍ଗଣକୁ । ଶ୍ରୀଅଙ୍ଗରେ ମଙ୍ଗଳ ଆଳତିର ଅଭଙ୍ଗ ଆବେଶ !

କୁଟୀରାଙ୍ଗନରେ ଗୋଟିଏ ମୁକୁଳିତ କୁସୁମସଙ୍କୁଳ ବକୁଳ ବୃକ୍ଷତଳ, ଏକ ସଙ୍କେତ ସ୍ଥଳର ଶୋଭାସମ୍ପାଦନ କରେ, ନାମ ଓ ନାମୀର ଅଭେଦତ୍ୱ ପ୍ରମାଣ କରି । ନାମ ଓ ନାମୀ ଅଭେଦ । ଅପ୍ରାକୃତ ରାଜ୍ୟରେ । ନାମୀର ମହିମାରେ ନାମ ମହିମାନ୍ୱିତ, ପ୍ରାଣବନ୍ତ । ନାମର ସୀମା ମଧ୍ୟରେ ନାମୀର ଅନନ୍ତତ୍ୱ ହୁଏ ଅନ୍ତସ୍ଥ ।

ନାମ କେବଳ ଉପଲକ୍ଷ ମାତ୍ର । ନାମଧାରୀ ଆସନ୍ତି ନାମାଧାୟୀର ଆକର୍ଷଣରେ । ସେହି ଗନ୍ଧ ଆମୋଦିତ ବୃକ୍ଷ ଗୁଳ୍ମର ଛାୟାତଳେ ଅବିରତ ନାମ-ରତ ହରିଦାସ । ସମ୍ମୁଖରେ ଉଭା ହୋଇଯାନ୍ତି ନାମଧାରୀପ୍ରେମାବତାର ଗୌରଚନ୍ଦ୍ର ସ୍ୱୟଂ ।

ଶତ ଶତ ବର୍ଷ ଅତୀତ ବକ୍ଷରେ ବିଲୀନ । ଅଦ୍ୟାପି ସେହି ନାମାକୁଳ ବକୁଳ ବୃକ୍ଷ ସାକ୍ଷ ଦେଉଛି ନାମ ନାମୀ ଆଉ ନାମକାରୀ ମଧ୍ୟରେ ପ୍ରତ୍ୟକ୍ଷ ମିଳନର ଅମଳିନ ଇତିହାସ । ପଞ୍ଚଶତବର୍ଷ ପରିମିତ କାଳ ଅତିବାହିତ ହୋଇଯାଇଛି । ମହୋଦଧିର ଉଚ୍ଛଳ ତରଙ୍ଗ ସଂଖ୍ୟା କରି ଗୃହୀତ ପ୍ରତି ମୁହୂର୍ତ୍ତରେ ସେହି ତ୍ରିକାଳ ସତ୍ୟ ଗୌର ଲୀଳାର ପୌନଃପୁନିକତା ଭାଗ୍ୟବାନ ଦର୍ଶନ ଅଧିକାରୀ ଭାବରେ ।

ସେ ଦିନର ସେ ବିରାଟ ବକୁଳବୃକ୍ଷ ଆଜି ବଳ କଳେବର । ତଥାପି ପତ୍ର-ପୁଷ୍ପ ପରିଶୋଭିତ । ସେବାର ଏକ ସମୁଜ୍ଜ୍ୱଳ ସୁଦର୍ଶନ ନିଦର୍ଶନ । ସୀମାହୀନ ଚୈତନ୍ୟ ମହିମାରେ ମହିମାନ୍ୱିତ, ଆଭିବମୀୟ ଭାବରାଶିର ଆଶ୍ରୟରୂପୀ ଏହି ପାଦପ ସର୍ବଦା ସେବା ସଙ୍କେତରେ ସମୃଦ୍ଧ । ପ୍ରେମର ଅମଳିନ ତେଜୋଦ୍ଦୀପ୍ତ ଅବିନାଶିତ୍ୱର ପ୍ରତୀକ ଓ ପ୍ରମାଣ ଏହି ମହୀରୁହ । ସେ ଏକ ନିତ୍ୟ-ପ୍ରବୃତ୍ତ-ବର୍ତ୍ତମାନ ।

ହରି ଦାସଙ୍କର କଠୋର ବୈରାଗ୍ୟ, କ୍ରମେ କୁଟୀର ଆଶ୍ରୟକୁ ମଧ୍ୟ ବର୍ଜନ କରିଛି ହେତୁ ଜ୍ଞାନରେ । କରୁଣାର୍ଦ୍ର ଗୌରପ୍ରାଣରେ ସ୍ପନ୍ଦନ ଲାଗିଲା ଦାରୁଣ ଆଘାତ । ହେଲା ନୂତନ ଉଦ୍ଭାବନ ଭାବନିଧିଙ୍କର ଭାବରାଜ୍ୟରେ । ଜଗନ୍ନାଥଙ୍କର ପ୍ରସାଦୀ ଦନ୍ତକାଷ୍ଠ ରୋପଣରେ ଆରୋପିତ ହେଲା ଅପାର ମହିମା ତଥା ଅନିର୍ବଚନୀୟ ଶକ୍ତିର ପରିପ୍ରକାଶ । "କର୍ତ୍ତୁଂ ଅକର୍ତ୍ତୁଂ ଅନ୍ୟଥା କର୍ତ୍ତୁଂ"ର ପ୍ରମାଣ । ସାମାନ୍ୟ ଏକ ଦନ୍ତ ମାର୍ଜନାରେ ବିଶାଳ ବକୁଳ ବୃକ୍ଷର ସର୍ଜନା । ହରିଦାସଙ୍କର

Source: Author, Digitized by PPRACHIN, SOA

ନବବରଣ ଚିର ଉପରେ ଅବସ୍ଥିତ ହେଲା ଏକ ବିସ୍ତୃତ ଶିରସ୍ତ୍ରାଣ । କାଳକ୍ରମେ ପତ୍ରପୁଷ୍ପ ପରିଶୋଭିତ ହୋଇ ଉଠିଲା ସେହି ବିରାଟକାୟ ପାଦପ । ସତେ ଯେପରି ଦେବାଦେବଙ୍କର ବାହୁଚ୍ଛାୟା ଅଙ୍କ ତରୁଚ୍ଛାୟା ତଳରେ ଆଶ୍ରୟ ନେଉଛନ୍ତି, ତୃଣାଦପି-ସୁନୀଚ-ଭାବାପନ୍ନ ହରିଦାସଙ୍କୁ । ଶୀତେ ହିମଧାରା ଅଥବା ଗହଳ ପତ୍ରର ଛତ୍ର ଧାରଣ କରି ଭକ୍ତକୁ ରକ୍ଷା କରୁଛନ୍ତି ଦାରୁଣ ରୌଦ୍ରତାପ ଆଉ ଅବିଶ୍ରାନ୍ତ ବାରିବୃଷ୍ଟିରୁ ।

ମଙ୍ଗଳ ଆଳତି ଦର୍ଶନ ବେଳରେ ମହାଭାବନିଧି ମହାପ୍ରଭୁ ପ୍ରବେଶ କରନ୍ତି ସେହି ବକୁଳ-କୁଞ୍ଜ ତଳେ ଏକ କାନ୍ତ କମନୀୟ ପରିବେଶକୁ ସ୍ୱୀୟ ପ୍ରସାଦରେ ପ୍ରସନ୍ନ କରି । ସମ୍ମୁଖରେ ହରିଦାସ । ଅହରହ ସଂଖ୍ୟାଜପନିରତ ହରିଦାସ । ଚକ୍ଷୁ ଚକ୍ଷୁର ମିଳନ ହୁଏ ଗୌରଦାସ ହରିଦାସ ଓ ଗୌରହରିଙ୍କର । ହରିଦାସଙ୍କର ନୟନ ମିଳିନ୍ଦ ବନ୍ଦୀ ହୁଏ ଗୌରସୁନ୍ଦରଙ୍କର ଆୟତ ନଳିନାକ୍ଷରେ । ସେ ଏକ ଅବର୍ଣ୍ଣନୀୟ ସଂଯୋଗ । ସେ ସୁବର୍ଣ୍ଣ ସୁଯୋଗ ହରିଦାସଙ୍କ ଜୀବନରେ ପ୍ରତ୍ୟହ ପୁନରାବୃତ୍ତି ହେଲେ ହେଁ, ସେହି ଶୁଭ ମୁହୂର୍ତ୍ତକୁ ଅପଲକ ସତୃଷ୍ଣ ନୟନରେ ଅପେକ୍ଷା କରି ରହିଥାନ୍ତି ହରିଦାସ । ନାମ, ନାମୀ, ଓ ନାମକାରୀଙ୍କର ଏକ ଭାବାକୃତ ହେବାର ଶୁଭ ମୁହୂର୍ତ୍ତ ।

ଗୌର ଗୋବିନ୍ଦ ରୂପରେ ହରିଦାସଙ୍କୁ ଦର୍ଶନ ଦେବା ହୁଏତ ଜଗନ୍ନାଥଙ୍କର ଉଦ୍ଦେଶ୍ୟ । କାରଣ, ନିଜକୁ ନୀଚ ଯବନ ଜ୍ଞାନରେ ଶ୍ରୀମନ୍ଦିର ପ୍ରବେଶାଧିକାରକୁ ଅସ୍ୱୀକାର କରିଛନ୍ତି ହରିଦାସ । ସେହି ଅଧିକାରକୁ ଦୃଢ଼ ଭାବରେ ସାବ୍ୟସ୍ତ କରି ହରିଦାସଙ୍କ ଦୈନ୍ୟରେ ବଶୀଭୂତ ଦୀନବାନ୍ଧବ ଜଗନ୍ନାଥ ଧାଇଁଆସନ୍ତି ହରିଦାସଙ୍କ ସନ୍ନିଧିକୁ ଗୌରହରି ସ୍ୱରୂପରେ । ଭକ୍ତର ଅନୁରକ୍ତିରେ ଅଚଳ ସଚଳ ହୁଏ । ପତିତପାବନ ନାମ ସାର୍ଥକ ହୋଇଯାଏ । ଅମାନୀକୁ ମାନ ଦେବାର ପଣ ପୂର୍ଣ୍ଣ ହୁଏ । ଭକ୍ତକୁ ଦର୍ଶନ ଦେବାର ସୁଯୋଗରେ ଭକ୍ତଦର୍ଶନ ମଧ୍ୟ ହୋଇଯାଏ ଭଗବାନଙ୍କର । ଭକ୍ତ ଦର୍ଶନରେ ଭଗବାନଙ୍କର କି ଆଗ୍ରହ ସତେ ! ସତେ ଯେପରି ସମସ୍ତ ଭକ୍ତି ତତ୍ତ୍ୱର ଉପଜୀବ୍ୟ ଏଇ ଭକ୍ତ ଦର୍ଶନ ।

ଦୁହେଁ ଦୁହିଁଙ୍କି ଅନାଇ ରହନ୍ତି ପ୍ରୀତିପୂର୍ଣ୍ଣ ଚକ୍ଷୁରେ ପକ୍ଷ୍ମଳାକ୍ଷ ପାଶୋର ହୁଏ ପତନର ଗତି । ଅବନମିତ ହୋଇଯାଏ ଉଭୟଙ୍କର ଚକ୍ଷୁ । କ୍ଷଣକ ଲାଗି ଅଦୃଷ୍ଟ ହୋଇଯାନ୍ତି ଉଭୟଙ୍କ ଦୃଷ୍ଟିରେ—ନାମ ଓ ନାମକାରୀ—ଶ୍ରୀ ଚୈତନ୍ୟ ଓ ହରିଦାସ ! ଉଭୟେ ଅନ୍ତର୍ଦ୍ଧାନ । ରହିଯାଏ କେବଳ ନାମ । ନାମର ଗୁଞ୍ଜରଣ । ବକୁଳ କୁଞ୍ଜ ମୁଞ୍ଜରିତ ହୋଇଉଠେ ।

ଚତୁଃପାର୍ଶ୍ୱରେ କେବଳ ଏକ ସ୍ପନ୍ଦନ—ଏକ ଜାଗ୍ରତ ମୂର୍ଚ୍ଛନା ଆନନ୍ଦର ସ୍ପନ୍ଦନ ମଧ୍ୟରେ ସେ କେବଳ ଅନନ୍ତ ପରବ୍ରହ୍ମଙ୍କର ଅନାହତ ଧ୍ୱନି ନୁହେଁ, ସେ ଯେ ଜୀବଜଗତର ପ୍ରତ୍ୟେକ ଛନ୍ଦୋମୟ ପ୍ରାଣରେ ଭାବସ୍ଥ ରଣନ୍ତି ଏକ ପ୍ରାଣମୟ ଛନ୍ଦ ।

ସ୍ୱୀୟ ଧ୍ୱନିରୁ ଉତ୍ଥିତ ଏହି ଭକ୍ତ-ମୁଖ-ନିସୃତ ପ୍ରତିଧ୍ୱନିର ଭୋଗ-ଲାଳସା ଅବଲୀଳାକ୍ରମେ ଆକର୍ଷଣ କରିଆଣେ ଅଖିଳ ରସାଳୟ ଲୀଳାବିଗ୍ରହ ଶ୍ରୀ ଗୌରଚନ୍ଦ୍ରଙ୍କୁ

Source: Author, Digitized by PPRACHIN, SOA

ହରିଦାସଙ୍କ କୁଟୀର ପ୍ରାଙ୍ଗଣ ଯାଏ । ଭାବନାଧିଙ୍କର ଅଭିନବ ଭୋଗଲିପ୍ସୁ ଲୀଳା । ଅପୂର୍ବ । ଅଦ୍ୟାପି ଅଭୁକ୍ତ-ଅନନୁଭୁକ୍ତ । ଭକ୍ତ ଓ ଭଗବାନଙ୍କ ସମ୍ବନ୍ଧ ବିଶେଷରେ ଅଶେଷରେ, ଭେଦରେ-ଅଭେଦରେ, ଅଚିନ୍ତ୍ୟ ଅକଳ୍ପନୀୟ ।

ସେ ରସର ଆସ୍ୱାଦନ ରସନାରେ । ନାମାମୃତ ପାନ ଶ୍ରବଣରେ । ଆଉ ହୁଏ ବାସନାରେ । ସାବଲୀଳ ଲୀଳାରସ ଲାଳସା ଘେନି । ଅନ୍ତରେ ବାହାରେ, ଲକ୍ଷରେ ଉପଲକ୍ଷରେ, ପ୍ରସଙ୍ଗରେ, ଅନୁସଙ୍ଗରେ, ସର୍ବତ୍ର ଉପଭୋଗ୍ୟ ସେ ଭୋଗମାଧୁର୍ଯ୍ୟ । କେତେବେଳେ ଆପଣାର ମାଧୁର୍ଯ୍ୟରେ ଆପେ ବିଭୋର, କେତେବେଳେ ଅବା ନାମପ୍ରେମ ବିତରଣ ଦ୍ୱାରା କଳିହତ ଜୀବର ଉଦ୍ଧାର । ଏକ ସଙ୍ଗେ ଦୁଇକାର୍ଯ୍ୟ । ହରିଦାସଙ୍କୁ ଦେଖାଦେବା ଦ୍ୱାରା ହରି ଦାସଙ୍କୁ ଦେଖିବା ମଧ୍ୟ ହୋଇଯାଏ । ହରିଦାସ ଦର୍ଶନ ହିଁ ଆଶୟ ଶ୍ରୀଗୌରାଙ୍ଗଙ୍କର । ହରିଦାସଙ୍କ ଇଷ୍ଟଦର୍ଶନ ଆନୁସଙ୍ଗିକ ମାତ୍ର ।

ଅଦମନୀୟ ସେ ଅଭୀପ୍ସା । ହରିଦାସ ଦର୍ଶନର ଲାଳସା । ମଙ୍ଗଳ ଆଳତିର ଆଲୋକଦୀପ୍ତ ଜଗନ୍ନାଥ-ଶ୍ୟାମସୁନ୍ଦରଙ୍କର ନିକୁଞ୍ଜ ବିଳାସ ଜନିତ ଶ୍ରାନ୍ତିମୟ ଅବଶ ଅବୟବ ଅବଲୋକନର ଲାଳସା । ସେ ଯେପରିକି ଏକ ଅପରିତୃପ୍ତ ବିଳାସ—ବିଳାସୀ ମାନସର ଅଭିବୃଦ୍ଧ ବିନ୍ୟାସ ।

ବିଳାସଅବଶ ଅଳସ ଅଙ୍ଗ ଅବଲୋକନରେ ଅଶେଷ ରସ ଭୋଗ ହୁଏ ଗୌରକିଶୋରଙ୍କର । ଆତ୍ମଗୋପନରେ ଏକାନ୍ତ ଅକ୍ଷମ ସେହି ଭୋଗ-ମାଧୁର୍ଯ୍ୟର ତରଙ୍ଗ ଆପଣାକୁ ପ୍ରକଟ କରିଦିଏ ଗୌରାଙ୍ଗଙ୍କର ସର୍ବ ଅଙ୍ଗରେ ତରଙ୍ଗାୟିତ ହୋଇ । ସେହି ଉଚ୍ଛଳ କଲ୍ଲୋଳର ହିଲ୍ଲୋଳ ଅନ୍ତରକୁ ସ୍ପର୍ଶକଲା ମାତ୍ରେ ପରିସ୍ଫୁଟ ହୋଇଉଠେ ତାର ଆଭା ସମଗ୍ର ମୁଖମଣ୍ଡଳରେ ସର୍ବ ପ୍ରଥମ । ସଙ୍ଗେ ସଙ୍ଗେ ଉଦ୍‌ଭାବିତ ହୋଇଯାଏ, ଉଦ୍‌ଭାସିତ ହୋଇଉଠେ ସର୍ବ ଅବୟବ, ଭାବରେ ଓ ଭାବର ଆଭାରେ । କି ଅଦ୍ଭୁତ ପ୍ରଭାବ ସେହି ମଧୁମୟ ଭୋଗ ସମ୍ପଦର !

ସ୍ୱଚ୍ଛ ଦର୍ପଣ ସଦୃଶ ହରିଦାସଙ୍କର ହୃଦୟାକାଶର । ପ୍ରତିବିମ୍ବିତ ହୁଏ ସେହି ସରୋବରରେ, ସରସୀର ନିସ୍ତରଙ୍ଗ ସଲିଳରେ ଭୋଗ ମାଧୁର୍ଯ୍ୟମୟ ତେଜୋଜ୍ଜ୍ୱଳ ଗୌର ରୂପ ଲାବଣ୍ୟ । ନାଚିଉଠେ ଅଚିରେ ସେ ଶ୍ରୀଅଙ୍ଗର ରଙ୍ଗଛଟା, ହରିଦାସଙ୍କର କରୁଣାଶୀତଳ କମନୀୟ କୌମୁଦୀ ଉପମ ଦୃଷ୍ଟିପାତର ଛନ୍ଦେ ଛନ୍ଦେ । ପ୍ରତିଫଳନରେ ଅନୁରଞ୍ଜିତ ହୋଇଯାଏ ହରିଦାସଙ୍କର ସମୁଜ୍ଜ୍ୱଳ ମୁଖମଣ୍ଡଳ । ମୁଖ ମୁକୁରରେ ଫୁଟିଉଠେ ବୁକୁର ଅନୁପମ ଅନୁଭୂତି । ସେହି ମୁକୁଳିତ ଚିତକଳୀହିଁ ଶ୍ରେଷ୍ଠ ଉପଭୋଗ୍ୟ ଭୋଗଲିପ୍ସୁ ଗୌରସୁନ୍ଦରଙ୍କର ।

ଗୌରସୁନ୍ଦରଙ୍କର ରୂପଲାବଣ୍ୟରୁ ଭୋଗମାଧୁର୍ଯ୍ୟ ଆହରଣ କରି ହରିଦାସ ନବ ଆନନ୍ଦରେ ଉଲ୍ଲସିତ । ସେହି ଆନନ୍ଦର ଆଭାରେ ହରିଦାସଙ୍କ ମୁଖମଣ୍ଡଳ ଉଦଭାସିତ । ସେହି ବର୍ଣ୍ଣାଢ଼୍ୟ ମୁଖମଣ୍ଡଳ ଦର୍ଶନହିଁ ଗୌରାଙ୍ଗଙ୍କର ଅଭିପ୍ରାୟ । ସେ କି ଅସାଧାରଣ ଲାଳସା ! ନିଜ ଭୋଗମାଧୁର୍ଯ୍ୟ ଭୋଗ-ଠାରୁ ଭୋଗୀ ଭକ୍ତର ଭୋଗଦ୍ୱାରା ପ୍ରଗାଢ଼ ଭୋଗର ନିର୍ଯ୍ୟାସକୁ ଭୋଗ କରିବାରେ ଯେପରି ସମଧିକ ଆନନ୍ଦ !

Source: Author, Digitized by PPRACHIN, SOA

"ମୁଁ ଯଦି ହରିଦାସ ହୋଇଥାନ୍ତି !"

ନବ ଅଭିଳାଷ ଜାଗେ ଗୌର ମାନସରେ । ହାହାକାର କରିଉଠେ ଚିତ୍ତୋଗଙ୍କର ହୃଦୟ ସେହି ଅନୁତାପ୍‌ସାରେ ।

"ମୁଁ ଯଦି ହରିଦାସ ହୋଇଥାନ୍ତି !"

ଅନୁଶୋଚନାରେ, ଖେଦରେ, ବିଷାଦରେ ବିଷଣ୍ଣ ମନପ୍ରାଣ, ନିଜର ଭୋଗ-ମାଧୁରୀ ଭୋଗକାଙ୍କ୍ଷୀର ସୌଭାଗ୍ୟଲାଭ କରିବାର ସୁଯୋଗର ଅସମ୍ଭାବନାରେ ।

ଭକ୍ତ ଓ ଭଗବାନଙ୍କର ଲୀଳା ବାସ୍ତବରେ ଅପ୍ରତ୍ୟାଶିତ, ଅକଳ୍ପନୀୟ; ଅନିର୍ବଚନୀୟ ।

ଭକ୍ତଭୁକ୍ତ ଭୋଗମାଧୁରୀ ପ୍ରାପ୍ତିପରେ ମଧ୍ୟ ଭୋଗ-ଲାଳସା ଅତୃପ୍ତ । ସେ ଅତୃପ୍ତି ଯେପରି ଏକ ଅପାର୍ଥିବ ବିଳାସ ! ସେହି ଭାବରେ ଅଭିନୟ ପ୍ରତ୍ୟହ ପ୍ରଦର୍ଶିତ ହୁଏ ସେହି ପୁଷ୍ପ ବାଟିକାରେ, ବକୁଳ ବୃକ୍ଷର ଆକୁଳ ଚନ୍ଦ୍ରାତପ ତଳେ

" ହରି ଦାସ, ସବୁ କୁଶଳ ? "

ପ୍ରବେଶ ମାତ୍ରେ ପ୍ରଶ୍ନ କରନ୍ତି ମହାପ୍ରଭୁ ପ୍ରତିଦିନ, ନିୟମିତ ।

"କୁଶଳ ପ୍ରଭୋ ! " ଉତ୍ତର ଦିଅନ୍ତି ହରିଦାସ

କିନ୍ତୁ ସେଦିନ ଦେଖାଦେଲା ବ୍ୟତିକ୍ରମ ହରି ଦାସଙ୍କର ସେ ଅଭ୍ୟସ୍ତ ଉତ୍ତରରେ ।

ମହାପ୍ରଭୁ ପ୍ରଶ୍ନ କରୁଛନ୍ତି—"ହରିଦାସ, ସମସ୍ତ କୁଶଳ ତ ?"

ହରିଦାସ ଉତ୍ତର ଦେଉଛନ୍ତି—"ଶରୀର ସୁସ୍ଥ ପ୍ରଭୁ, କିନ୍ତୁ·····" । ଅସମ୍ପୂର୍ଣ୍ଣ ରହିଗଲା ବାକ୍ୟ ।

"ହରିଦାସ !" ମହାପ୍ରଭୁ ପୁନର୍ବାର ପ୍ରଶ୍ନ କରୁଛନ୍ତି— 'ସମ୍ପୂର୍ଣ୍ଣ ସୁସ୍ଥ ତ ?"

ହରିଦାସ ସଙ୍କୋଚରେ ଉତ୍ତର ଦେଉଛନ୍ତି—" ଶରୀର ସମ୍ପୂର୍ଣ୍ଣ ସୁସ୍ଥ, ମାତ୍ର ମୋର ବୁଦ୍ଧି, ମୋର ମନ·····"

ନୀରବ ହରିଦାସ

"ହରିଦାସ ! " ମହାପ୍ରଭୁଙ୍କର ଏ ସମ୍ବୋଧନରେ ବିସ୍ମୟାତ୍ମକ ପ୍ରଶ୍ନ ।

"ହଁ ପ୍ରଭୋ!" ହରିଦାସ ପ୍ରକାଶ କରୁଛନ୍ତି—"ମୋର ବୁଦ୍ଧି ମୋର ମନ ଯେ ବ୍ୟାଧିଗ୍ରସ୍ତ !"

ଏ କି ଦୁଃସମ୍ବାଦ ! ଆଶ୍ଚର୍ଯ୍ୟ ବୋଧ କରୁଛନ୍ତି ମହାପ୍ରଭୁ । "ସେକି ବ୍ୟାଧି ହରିଦାସ ?"

ଛଳ ଛଳ ନେତ୍ରରେ ଉତ୍ତର ଦେଉଛନ୍ତି ହରିଦାସ—'ମୋର ଯେ ସଂଖ୍ୟାକୀର୍ତ୍ତନ ପୂର୍ଣ୍ଣ ହୋଇ ପାରୁନାହିଁ ପ୍ରଭୁ ! "

ଗୌର ଭକ୍ତ ହରିଦାସ । ବୃଦ୍ଧ, ବର୍ଷୀୟାନ୍, ବ୍ୟାଧିଗ୍ରସ୍ତ ନ ହେଲେହେଁ ଅକ୍ଷମ, ଅସମର୍ଥ ଅବସ୍ଥିତ ବୟସାଧିକ୍ୟ ହେତୁ । ଶରୀର ଦୁର୍ବଳ । ସେଥି ପ୍ରତି ଭ୍ରୂକ୍ଷେପ ନାହିଁ ହରି ଦାସଙ୍କର । ଦେହରେ ବ୍ୟାଧି ଶରୀରର ଅପାରଗତାକୁ ଭଜନର ବାଧକ ମନେ କରନ୍ତି ନାହିଁ ଗୌର ଭକ୍ତ ବୃନ୍ଦ । ବ୍ୟାଧି ଏକ କୃପାଦଣ୍ଡ ଗୌରଭକ୍ତ ଦୃଷ୍ଟିରେ । ଈଶ୍ୱରାଭିମୁଖୀ ହେବାର ଉପାୟ ମାତ୍ର । ଭଜନ ବିଘ୍ନହିଁ ବାସ୍ତବ ବ୍ୟାଧି, ପ୍ରକୃତ ବିପଦ, ଅନାହୂତ ଅଘଟଣ ଭଜନ-ହୀନ ଦିବସହିଁ ଦୁର୍ଦ୍ଦିନ ଭକ୍ତ ପକ୍ଷରେ

Source: Author, Digitized by PPRACHIN, SOA

ହରିଦାସ, ବୃଦ୍ଧ ବୟସରେ ଅଳ୍ପ ସଂଖ୍ୟା-ଜପ ଅବହିତ ନୁହେଁ ।" ମହାପ୍ରଭୁଙ୍କର ଉପଦେଶ ହେଲା ହରିଦାସଙ୍କ ଉଦ୍ଦେଶ୍ୟରେ ।

ହରିଦାସ କିନ୍ତୁ ନୀରବ । ତିନି ଲକ୍ଷ ସଂଖ୍ୟା ଜପ ନିୟମ ଅଲଂଘନୀୟ ହରିଦାସଙ୍କର । ବ୍ରତ ପୂର୍ଣ୍ଣ ନ ହେବା ଯାଏଁ ଜଳ ସ୍ପର୍ଶ ନିଷେଧ ।

ପୂର୍ବ ଦିନ ମହାପ୍ରଭୁଙ୍କର ସେବକ ଗୋବିନ୍ଦ ଗୌରାଦେଶ ପାଳନ କରି ହରିଦାସଙ୍କ ପ୍ରସାଦ ସେବା ନିମନ୍ତେ ନିତ୍ୟ ନୈମିତ୍ତିକ କ୍ରମରେ ଅବଢ଼ା ପରିବେଷଣ କଲାବେଳେ ଆଶ୍ଚର୍ଯ୍ୟ ବୋଧ କଲେ ହରିଦାସଙ୍କୁ ଅପ୍ରତ୍ୟାଶିତ ଭାବରେ ନିଶ୍ଚେଷ୍ଟ ଶଯ୍ୟା-ଶାୟୀ ଦେଖି ।

"ଠାକୁରେ, ପ୍ରସାଦ ସେବା କରିବା ହେଉନ୍ତୁ !" ଅନୁନୟ କଲେ ଗୋବିନ୍ଦ ।

"ଆଜି ଲଂଘନ !" କ୍ଷୀଣ କଣ୍ଠରେ ଉତ୍ତର ଦେଲେ ହରିଦାସ ।

"ଉପଲକ୍ଷ ?" ଗୋବିନ୍ଦ ପ୍ରଶ୍ନ କଲେ ।

"ତିନି ଲକ୍ଷ ସଂଖ୍ୟା ଜପର ଲକ୍ଷ ଅପୂର୍ଣ୍ଣ ।"

କିନ୍ତୁ ଏ ଯେ ମହାପ୍ରସାଦ ! ପ୍ରାପ୍ତିମାତ୍ରେଣ ଭୋକ୍ତବ୍ୟଂ । ଉପେକ୍ଷଣୀୟ ନୁହେଁ କୌଣସି କ୍ଷେତ୍ରରେ । ଚିନ୍ତାକଲେ ହରିଦାସ । ନିରୁପାୟ । ବହୁ କଷ୍ଟରେ ଶଯ୍ୟାରୁ ଉଠି ବନ୍ଦନା କଲେ ଦେବତା ଓ ଦେବପ୍ରସାଦ ସମକ୍ଷରେ ।

କଣିକାଏ ମାତ୍ର, 'ଏକ ରଜ' ମାତ୍ର ମୁଖରେ ଦେଇ ତୃପ୍ତ ହେଲେ ହରିଦାସ । ମହାପ୍ରସାଦ ଅବଜ୍ଞାଜନିତ ଅପରାଧରୁ ଆପଣାକୁ ମୁକ୍ତ କରି ଆଶ୍ୱସ୍ତି ବୋଧ କଲେ । ସେ ସମ୍ବାଦ ଯଥାସମୟରେ ନିବେଦିତ ହୋଇଛି ମହାପ୍ରଭୁଙ୍କ ନିକଟରେ । ଆଜି ତେଣୁ ହରିଦାସଙ୍କ ନିମନ୍ତେ ସୁଚିନ୍ତିତ ବିଧାନ ମହାପ୍ରଭୁଙ୍କର

"ହରିଦାସ, ସଂଖ୍ୟା ଅଳ୍ପ କର । ସିଦ୍ଧ ଦେହରେ ସାଧନାର ଆଗ୍ରହ ଅନାବଶ୍ୟକ ।"

ହରିଦାସ ତଥାପି ନୀରବ ।

ମହାପ୍ରଭୁ ପୁଣି ସାନ୍ତ୍ୱନା ବାକ୍ୟ ଶୁଣାଉଛନ୍ତି—"ହରିଦାସ, ଲୋକ ନିସ୍ତାରଣ ପାଇଁ ତମର ଏ ଅବତାର । ଜନ ସମାଜରେ ନାମର ମହିମା ପ୍ରଚୁର ଭାବରେ ପ୍ରଚାର କରିଛ । ଏବେ ଆଉ ସେ କଷ୍ଟକ୍ଳିଷ୍ଟ ସାଧନାର ପ୍ରୟୋଜନ ନାହିଁ ।"

ହରିଦାସଙ୍କ ମନରେ ସେଦିନ ଜାଗିଥିବ ତୁମୁଳ ଝଂଝା । ଭୀଷଣ ଦ୍ୱନ୍ଦ୍ୱ । ନାମର ମହିମା ପ୍ରଚାରରେ ନିଜର ଯତ୍ସାମାନ୍ୟ କର୍ତ୍ତବ୍ୟ ପାଳନକୁ ପ୍ରଚାର ବୋଲି କେବେ କଳ୍ପନା ମଧ୍ୟ କରିନାହାନ୍ତି ସେ ଏଥିପୂର୍ବେ । କିନ୍ତୁ ମହାପ୍ରଭୁଙ୍କର ବାକ୍ୟ ସିଦ୍ଧ, ଅଖଣ୍ଡନୀୟ । ସେଥିପାଇଁ ଏ ସନ୍ଦେହର ଅବକାଶ । ମନ ଭିତରେ ପ୍ରବଳ ଝଡ଼ ସୃଷ୍ଟି । ଯାହାପାଇଁ ସମଗ୍ର ଜୀବନବ୍ୟାପୀ ସାଧନା, ଆରାଧନା, 'ନାମନାମୀ-ଅଭେଦ' ତତ୍ତ୍ୱ ସ୍ଥାପନା ଯାହାଙ୍କ ଆବିର୍ଭାବର ଉଦ୍ଦେଶ୍ୟ ଓ ଅଭିଧା, ସେହି ଶ୍ରୀକୃଷ୍ଣ ଚୈତନ୍ୟଙ୍କର ମୁଖ-ନିସୃତ ଉପଦେଶାମୃତ ଶ୍ରବଣ କରିବାର ସୌଭାଗ୍ୟ ସତ୍ତ୍ୱେ ମନ ମଧ୍ୟରେ ଏ ଦ୍ୱିଧା କାହିଁକି ?

Source: Author, Digitized by PPRACHIN, SOA

ତେବେ କଣ ଆଜିର ଏ ସଂଖ୍ୟାଜପ କେବଳ କର୍ତ୍ତବ୍ୟ ପାଳନର ଏକ ପୌନ-ପୁନିକ ଆଚରଣ ? ନିଷ୍ପ୍ରାଣ ଯନ୍ତ୍ରର ଗୁଞ୍ଜନ ମାତ୍ର । ସେ କଣ ଏବେ ଖାଲି ଗୋଟାଏ ଅଭ୍ୟାସର ଦାସ, ମୁଦ୍ରାଦୋଷର ସମାହାର !! ସ୍ୱକୀୟ ନିୟମର ବଶୀଭୂତ ଗୋଟାଏ କାଷ୍ଠ ପୁତ୍ତଳିକା !!! ମହାମନ୍ତ୍ରର ମହିମା କଣ ତେବେ ଗୋଟାଏ ଆବୃତ୍ତିର ଅନୁବର୍ତ୍ତୀ !!!!

ହରିଦାସ ନିଉଚ୍ଛଳ ହୋଇ ଯାଉଛନ୍ତି । ଚିତ୍କାର କରି ଉଠୁଛନ୍ତି ଅଶ୍ରୁଜଳରେ ମେଦିନୀ ସିକ୍ତ କରି ।

" ପ୍ରଭୁ, ମୋର ନୀଚ କୁଳରେ ଜନ୍ମ । ଅତି ଘୃଣ୍ୟ ଜଘନ୍ୟ ଏ ଦେହ । ନିରତ ହୀନକର୍ମୀ ମୁଁ । ଅଧମ ପାମର ଅଦୃଶ୍ୟ ଅସ୍ପୃଶ୍ୟ ମୁଁ, ସତତ ଅଶୁଚି । ମହାମହିମ ମହାପ୍ରଭୁ ଆପଣ । ସ୍ୱୀୟ ମହାପ୍ରାଣତାରେ ମୋତେ ଆପଣାର କରିଛନ୍ତି । ନିଜସ୍ୱ କରିନେଇଛନ୍ତି ଏକାନ୍ତ ଭାବରେ । ଗୋଟିଏ ରୌରବର କୀଟକୁ ବୈକୁଣ୍ଠ ଗୌରବର ଆଣି ଦେଇଛନ୍ତି । ମୋର ଅଧିକ କିଛି କହିବାର ନାହିଁ । ତଥାପି—ତଥାପି… "

ନିର୍ବାକ୍ ନିଷ୍ପନ୍ଦ ହରିଦାସ । ରୁଦ୍ଧ କଣ୍ଠ । ବାକ୍ଶକ୍ତିରହିତ । ଭୂଲୁଣ୍ଠିତ ହୋଇ ଯାଉଛନ୍ତି, ଦୈନ୍ୟ ସ୍ୱଭାବରେ, କାର୍ପଣ୍ୟ ପଣରେ ।

ଗୌରଭକ୍ତ ହରିଦାସ ଆଜି ଭୂଲୁଣ୍ଠିତ । ପୃଥିବୀର କି ସୌଭାଗ୍ୟ ସତେ ! ଦିନେ ଅନାଦିରାଦି ଗୋବିନ୍ଦ ସର୍ବକାରଣକାରଣ ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବକ୍ଷରେ ଧାରଣ କରିବାର ଗୁଣ ଆଜି ଯେପରି ତାର ଗୌଣ ହୋଇ ଯାଉଛି, କୃଷ୍ଣନାମପରାୟଣ ହରିଦାସଙ୍କୁ କୋଳ କରିବାର ସୁଯୋଗ ପାଇ । ଜଗତରେ ଆଜି ଯେପରି ଏକ ନୂତନ ସୂତ୍ରର ପ୍ରବର୍ତ୍ତନ । ଧରିତ୍ରୀ ଆଜି ନିଜ ସୌଭାଗ୍ୟର ଗରିମାକୁ ସହ୍ୟ କରି ନ ପାରି ସେ ଯେପରି ନିଜର କୃତିରୁ ନିଷ୍କୃତି ଲୋଡ଼ୁଛି । ସମୁଦ୍ରମେଖଳା, ପର୍ବତସ୍ତନମଣ୍ଡଳା ଦୁର୍ବାଦଳଶ୍ୟାମାଞ୍ଚିତା, ସର୍ବଂସହା ବସୁମତୀର ଆଜି ନୂତନ ଅନୁଭୂତି । ତୃଣାଦପି-ସୁନୀଚ-ଭାବସମ୍ପନ୍ନ ହରିଦାସଙ୍କ ସ୍ପର୍ଶରେ ଅଙ୍କୁରିତ ତୁଚ୍ଛ ତୃଣଗୁଚ୍ଛରେ ଜାଗିଛି ନୂତନ ସ୍ପନ୍ଦନ । ଅବନୀର ସମସ୍ତ ଔଦ୍ଧତ୍ୟର ଆଜି ଅବସାନ ଘଟିଛି ଚୈତନ୍ୟ ଅବତାରରେ । ଜଗନ୍ନାଥଙ୍କର ମୁକୁଟମଣ୍ଡିତ ଦୁର୍ବାଦଳର ସୌଭାଗ୍ୟ ଦେଖି ହିମାଳୟ ମଧ୍ୟ ଉଦ୍ଧତ ଶିର ଅବନତ କରିବାକୁ ବ୍ୟାକୁଳ । ଧରଣୀ ଆଜି ଧନ୍ୟ ମନେ କରୁଛି ନିଜକୁ ଏହି ନୂତନ ପରଂପରାର ପ୍ରବର୍ତ୍ତକ ଭକ୍ତରୂପୀ ଭଗବାନ୍ ଶ୍ରୀ ଗୌରାଙ୍ଗ ପଦରେଣୁରେ ରଞ୍ଜିତ ହୋଇ ।

ନିଷ୍କିଞ୍ଚନ ପରିଣତ ହୁଏ ଅମୂଲ୍ୟ କାଞ୍ଚନରେ । ଗୌର ରାଜ୍ୟରେ ସେ ଏକ ଅଦ୍ଭୁତ ରୀତି । କୌପୀନବନ୍ତ ସ୍ଥାନ ପାଏ ଧନାଢ଼୍ୟ ପୁରୁଷର ବହୁ ଊର୍ଦ୍ଧ୍ୱରେ । ତଦ୍ରୂପେ ସହିଷ୍ଣୁ ସୁମହାନ୍ ହରିଦାସ ଆଜି ତୃଣାଦପି ସୁନୀଚ, ଅମାନୀମାନଦ ପଣରେ ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ । ବଳବାନ୍ ଭଗବାନ୍ ବଶୀକରଣ ମନ୍ତ୍ର ଦୈନ୍ୟ ଆଜି ଯେପରି ଧନ୍ୟ ହୋଇ ଯାଉଛି ହରିଦାସଙ୍କ ନିରାବରଣ ନିରାଭରଣ ଅଙ୍ଗର ଅବିଚ୍ଛେଦ୍ୟ ଅବିଭକ୍ତ ଭୂଷଣ ରୂପରେ ।

Source: Author, Digitized by PPRACHIN, SOA

ହରିଦାସ ଅନୁଭବ କରୁଛନ୍ତି । ମହାପ୍ରଭୁଙ୍କର ଶ୍ରୀମୁଖନିସୃତ ଅମୃତବାଣୀର ତାତ୍ପର୍ଯ୍ୟ ।

“ଅଳ୍ପ ସଂଖ୍ୟା କର ।”

ଏ ଆଦେଶ ଆଦେଶ ନୁହେଁ ମହାପ୍ରଭୁଙ୍କର । ଏହା ଏକ-ପ୍ରତିଶ୍ରୁତି । ହରିଦାସଙ୍କର ଚିରପୋଷିତ ଅଭିଳାଷର ପରିପୂର୍ତ୍ତି ନିମନ୍ତେ ପ୍ରତିଶ୍ରୁତି । ସାଧନାର ସିଦ୍ଧିରେହିଁ ସଂଖ୍ୟା ଜପର ଅନାବଶ୍ୟକତା । ଏହାହିଁ ନିର୍ଦ୍ଦେଶ ମହାପ୍ରଭୁଙ୍କର । ଆଜୀବନ ମହାମନ୍ତ୍ର ଜପର ସିଦ୍ଧି ହରିଦାସଙ୍କ ଶୁଭ ବୁଦ୍ଧିରେ ଅତି ସ୍ପଷ୍ଟ ସମୁଜ୍ଜ୍ୱଳ ପ୍ରତୀୟମାନ ହେଉଥିଲା । ସଂଖ୍ୟା ଜପର ଅନାବଶ୍ୟକତା ନୁହେଁ, ସଂଖ୍ୟାଜପର ଉଦ୍‌ଯାପନ - ହରେକୃଷ୍ଣ ନାମ ସାଧନାର ସିଦ୍ଧି, ଶ୍ରୀକୃଷ୍ଣଚୈତନ୍ୟ ନାମ ଉଚ୍ଚାରଣ କରି ତଦୀୟ ଶ୍ରୀଚରଣରେ ଶରଣାଗତି ।

ପ୍ରକୃତିସ୍ଥ ହରିଦାସ ନିବେଦନ କଲେ ମହାପ୍ରଭୁଙ୍କର ଶ୍ରୀଚରଣରେ ଉଚ୍ଛ୍ୱସିତ ଭାବକୁ ସମ୍ୱରଣ କରି ।

ଇଚ୍ଛାମୟ ପ୍ରଭୁ ତୁମ୍ଭେ ସ୍ୱତନ୍ତ୍ର ଈଶ୍ୱର ।
ନଚାଅ ଜଗତେ ଇଚ୍ଛା ଯେମନ୍ତ ତୋହର ॥
ନଚାଇଛ ମୋତେ କେତେ ତୁମ୍ଭର ପ୍ରସାଦେ ।
ମ୍ଳେଚ୍ଛ ହୋଇ ଭୁଞ୍ଜିଲି ମୁଁ ବିପ୍ରପାତ୍ର ଶ୍ରାଦ୍ଧେ ॥ ଚୈ: ଚ:

× × ×

ବାଞ୍ଛା ମୋର ଏକ ପ୍ରଭୁ ବହୁଦିନ ହେବ ।
ଆଶଙ୍କା ମୋ ହୁଏ କାଳେ ଲୀଳା ସମ୍ୱରିବ ॥
କେଭେଁ ନ ଦେଖିବ ସେହି ଲୀଳା ଏ ନୟନେ ।
ତୋହ ଆଗେ ଏ ଦେହ ମୁଁ ଛାଡ଼ିବ ଯେସନେ ॥ ଚୈ: ଭ:

ଏ ଆଶଙ୍କା ଆତଙ୍କ ସୃଷ୍ଟି କରିଛି ହରି ଦାସଙ୍କ ମନରେ । ଅଦ୍ୱୈତ ଆଚାର୍ଯ୍ୟଙ୍କର ପ୍ରେରିତ ଅନ୍ତର୍ଲିପି ହିଁ ସେ ଆଶଙ୍କାର ହେତୁ ।

“ବାଉଲକୁ କହିବ ଏ କହିଛି ବାଉଲ ।
ନ ବିକାଏ କାହିଁ ଆଉ ହାଟରେ ଚାଉଳ ॥”

ଏ ‘ଚର୍ଚ୍ଚା’ର ଅନ୍ୟ ତର୍ଜମା ନାହିଁ । ସନ୍ଦେହର ଅବକାଶ ନାହିଁ ହରିଦାସଙ୍କ ମନରେ । ମହାପ୍ରଭୁ ନିଶ୍ଚୟ ଲୀଳାସମ୍ୱରଣ କରିବେ । ଯାହାର ହୁଙ୍କାର ବଳେ ବୈକୁଣ୍ଠପତିଙ୍କର ହୃଦୟ ଆଲୋଡ଼ିତ କରି ଗୌର ଅବତାରର ହେତୁ ହୋଇଥିଲା, ଏ ଯେ ତାହାରି-ନିର୍ଦ୍ଦେଶ । ପ୍ରକଟ ବିଧାନର କାର୍ଯ୍ୟ କଣ ସତେ ଶେଷ ହୋଇଯାଇଛି ? ଏହାହିଁ କେବଳ ହରିଦାସଙ୍କ ମନରେ ପ୍ରଶ୍ନ । ତାର ଉତ୍ତର ସେ ଯେପରି ନିଜର ଅଭ୍ୟନ୍ତରରେ ଶୁଣିପାରନ୍ତି, ନିଜ ସଂଖ୍ୟାଜପର ପ୍ରତିଧ୍ୱନି ମଧ୍ୟରେ । ସ୍ୱତନ୍ତ୍ର ଈଶ୍ୱରଙ୍କର ଇଚ୍ଛା ଯାହା ହେଉ, ଏ ଆତ୍ମଗୋପନର ପରିଣତି କଣ ହେବ ହରିଦାସଙ୍କ ପକ୍ଷରେ ? ଚିନ୍ତାକରି ଶିହରି ଉଠନ୍ତି ହରିଦାସ । ପଞ୍ଜର ଭେଦିକରି ଉଠିଆସେ ଦୀର୍ଘଶ୍ୱାସ । ତେଣୁ ତାଙ୍କର ଆଜି ଏକମାତ୍ର ଭିକ୍ଷା ମହାପ୍ରଭୁଙ୍କ ନିକଟରେ –

Source: Author, Digitized by PPRACHIN, SOA

"ସେହି ଲୀଳା କେବେ ପ୍ରଭୁ ନ ଦେଖାଅ ମୋରେ ।
ଏ ଦେହ ଛାଡ଼ିବ ଯେବେ ତୋହ ସମ୍ମୁଖରେ ॥ ଚୈ: ଚ:

"ସତେ କଣ ପ୍ରଭୁ ମୋର ସୁଖର ହାଟ ଭାଙ୍ଗିଯିବ ? ସତେ କଣ ତମେ ଫାଙ୍କି ଦେଇ ଚାଲିଯିବ ଆମ ସମସ୍ତଙ୍କୁ ପ୍ରଭୁ ?"

କ୍ରନ୍ଦନ କାତର ହରିଦାସ । ବର୍ଷଣପର ଅଜସ୍ର ଅଶ୍ରୁ ଜଳ ଗଣ୍ଡସ୍ଥଳ ପ୍ଳାବନ କରି ଅଭିଷିକ୍ତ କରୁଥିଲା ହୃଦ୍‌ଦେଶକୁ । ସେ ଯେ ପ୍ରେମର ଅଭିଷେକ ! ସେ କ୍ରତୁର ଆହୁତି, ବିରହର ଜ୍ୱାଳା, କ୍ରନ୍ଦନର କାରୁଣ୍ୟ ତାର ମନ୍ତ୍ର । ତ୍ୟାଗହିଁ ତାର ଚରୁ ଓ ସମିଧ ।

ହରିଦାସ ରହି ରହି ଚିତ୍କାର କରି ଉଠୁଛନ୍ତି—"ନା-ନା- ପ୍ରଭୁ, ମତେ ଦୟାକର । ମୁଁ ସେ ଦୃଶ୍ୟ ଦେଖି ପାରିବି ନାହିଁ ପ୍ରଭୋ ! ଏ ଦେହର ଅବସାନ ହେଉ ଅବସାନ ହେଉ ତମର ସମ୍ମୁଖରେ ।"

ଗୌରଚନ୍ଦ୍ର ତଥାପି ନୀରବ । ତଥାପି ନିଷ୍ପନ୍ଦ । ବିଚ୍ଛେଦ ଆଶଙ୍କାଶଙ୍କିତ ହରିଦାସଙ୍କ ଶୋକବାରିଧିରୁ ବାଷ୍ପ ଆହରଣ କରି ଗୌର ଅଙ୍ଗର ଦିବ୍ୟଜ୍ୟୋତି ନଭୋନିଭ ନୟନଯୁଗଳକୁ ବର୍ଷଣୋଦ୍ୟତ ନବଘନରେ ଆଚ୍ଛନ୍ନ କରି ରଖିଛି । କରୁଣାଶୀତଳ ବାୟୁ ପ୍ରବାହର ଅପେକ୍ଷାରେ ।

"ପ୍ରଭୁ, ନୀରବ କାହିଁକି ?" ହରିଦାସ ବାରମ୍ବାର ଉତ୍ତର ଭିକ୍ଷା କରୁଛନ୍ତି । "ଏ ଅଦୃଶ୍ୟ ଅସ୍ପୃଶ୍ୟକୁ ଆଶ୍ରୟ ଦେଇଛନ୍ତି ଆପଣ ! ଅଧମ ପତିତ ଶୂଦ୍ରର ଗୋଟାଏ ମ୍ଲେଚ୍ଛ ଅଙ୍ଗକୁ ଅଙ୍ଗୀକାର କରିଛନ୍ତି ଆପଣ । ପରିଶେଷରେ ମୋତେ କଣ ଅରକ୍ଷ କରି ଚାଲିଯିବେ ପ୍ରଭୋ ? ତିଳ ତିଳ ଜଳି ପୋଡ଼ି କ୍ଷାର ହୋଇ ସାର ହେବ ସିନା !"

"ହରିଦାସ !" ଚିତ୍କାର କରିଉଠିଲେ ଶ୍ରୀଗୌରାଙ୍ଗ । ଚିତ୍କାର ନୁହେଁ, ସେ ଏକ ହୃଦୟାକର୍ଷୀ ହୁଙ୍କାର । ସେ ହୁଙ୍କାରରେ ସତେ ଯେପରି ମେଘାଚ୍ଛନ୍ନ ଗଗନବ୍ୟାପୀ ଘନ ତମସାର ମର୍ମର ବିଦୀର୍ଣ୍ଣ ହୋଇ ଉଠିଲା । ଆଖଣ୍ଡଳ, ଜଳ, ସ୍ଥଳ ପ୍ରକମ୍ପିତ ହୋଇଗଲା ।

"ନା, ନା, ପ୍ରଭୋ ! 'ମୋର ଅନ୍ୟ ଅଭିଳାଷ ନାହିଁ । ତାହାହିଁ ମୋର ଆଜୀବନ ସାଧନାର ପରମ ସିଦ୍ଧି । ସେହି ମୋର ଏକମାତ୍ର ମାଗୁଣି—

"ହୃଦୟେ ଧରିବି ତବ କମଳ ଚରଣ ।
ନୟନେ ହେରିବି ପ୍ରଭୁ ସେ ଚନ୍ଦ୍ର ବଦନ ॥
ଉଚ୍ଚାରିବ ଜିହ୍ୱା କୃଷ୍ଣ-ଚୈତନ୍ୟ ନାମ ।
ଏହିମତେ ଇଚ୍ଛା ପ୍ରଭୁ ଛାଡ଼ିବି ପରାଣ ॥
ଏମନ୍ତ ମୋ ଇଚ୍ଛା ହେଉ ତୋହର ପ୍ରସାଦ ।
ପୂର୍ଣ୍ଣ କର ଦୟାମୟ ମୋର ମନ ସାଧ ॥ ଚୈ: ଚ:

"ହରିଦାସ !" ମହାପ୍ରଭୁ ପୁନରାୟ ସମ୍ବୋଧନ କରୁଛନ୍ତି । ଭକ୍ତର ନାମରେ ଯେପରି ନିରବଧି ମାଧୁରୀ ଭରି ରହିଛି । ତାହାର ଆସ୍ୱାଦନର ଲାଳସା ଯେପରି ଜାଗିଛି ଆଜି ଭଗବାନଙ୍କ ଅନ୍ତରରେ । କମ୍ପିତ ଅଧର । ବିସ୍ଫାରିତ ନେତ୍ର । ଆକର୍ଣ୍ଣ ଗଣ୍ଡମଣ୍ଡଳ ଈଷତ୍ ରକ୍ତାଭ । ସୁଖ ଦୁଃଖ ଶୀତୋଷ୍ଣ ଦ୍ୱନ୍ଦ୍ୱର ଅତୀତ ଅକ୍ଷର ଅନାଦି ଅନନ୍ତଙ୍କର

Source: Author, Digitized by PPRACHIN, SOA

ଆଜ ଏ କି ଦୁର୍ବଳତା ? ଭକ୍ତ ବିରହ ବିଚ୍ଛେଦର ଆଶଙ୍କାରେ ମୁହ୍ୟମାନ । ନିର୍ଗୁଣାତୀତ ନିତ୍ୟ, ସତ୍ୟ, ସନାତନ ପୁରୁଷୋତ୍ତମଙ୍କର ଏ ବ୍ୟତ୍ୟୟ ବାସ୍ତବିକ ଅବୋଧ ।

ସର୍ବଭୂତେ ସମଭାବାପନ୍ନ ଭଗବାନଙ୍କର ଏ ବିହ୍ୱଳତାର ଭୂରି ସମ୍ଭାବନା କେବଳ ଭକ୍ତ ସ୍ଥଳରେ ହିଁ ସମ୍ଭବ । ନିର୍ମମ ନିର୍ବିକାର ହୃଦୟକୁ ବିଦଗ୍ଧ କରେ କେବଳ ଭକ୍ତର ଆର୍ତ୍ତନାଦ । ଭକ୍ତର ଆର୍ତ୍ତିରେହିଁ ଆତୁର ହୁଅନ୍ତି ଭଗବାନ ସଦାସର୍ବଦା, ଚିରକାଳ, କାରଣ ଭକ୍ତ ଓ ଭଗବାନଙ୍କର ଅଭ୍ୟନ୍ତର ଯେ ଅଭିନ୍ନ !

ସମୋଽହଂ ସର୍ବଭୂତେଷୁ ନମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।।
ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍ । ଗୀତା -

ଏ ଯେ ପ୍ରତିଜ୍ଞା ପୁରୁଷୋତ୍ତମଙ୍କର । ଭଗବାନ ଶ୍ରୀକୃଷ୍ଣଙ୍କର ଅପ୍ରତିହାର୍ଯ୍ୟ ପ୍ରତିଶ୍ରୁତି—

ଭକ୍ତିରେ ଭଜେ ଯେ ତାହାଙ୍କେ ମୁହିଁ, ସେ ମୋ ଅନ୍ତରେ
ନାହିଁ ପ୍ରିୟାପ୍ରିୟ କେହି ମୋ ସମ ସର୍ବଭୂତରେ ।।

ସେ ନିରପେକ୍ଷ । ସର୍ବଭୂତେ ସମାବସ୍ଥାନ । କେହି ପ୍ରିୟ ନୁହନ୍ତି, କେହି ଅପ୍ରିୟ ନୁହନ୍ତି ତାଙ୍କର । ତଥାପି ଭକ୍ତର ଭକ୍ତିପୂର୍ଣ୍ଣ ଭଜନରେ ଆଣାୟିତ୍ତ ହୋଇ ସେ ଭକ୍ତର ହେବା ସଙ୍ଗେ ସଙ୍ଗେ ଭକ୍ତ ହୋଇଯାଏ ତାଙ୍କର ଏକାନ୍ତ ଆପଣାର । ଭକ୍ତର ଅନ୍ତରରେ ଭଗବାନଙ୍କ ଅଧିଷ୍ଠାନ । ପୁଣି ଭଗବାନଙ୍କ ହୃଦୟରେ ଭକ୍ତର ଅଧିବାସ । କେବଳ ସେତିକି ନୁହେଁ; ସେ ପ୍ରତିଶ୍ରୁତି ଆହୁରି ପ୍ରୀତିପୂର୍ଣ୍ଣ ହୋଇଯାଏ ଯେତେବେଳେ ଭଗବାନ ଭକ୍ତର ପ୍ରିୟ ହେବା ସଙ୍ଗେ ସଙ୍ଗେ ଭକ୍ତ ମଧ୍ୟ ଭଗବାନଙ୍କର ପ୍ରିୟ ହୋଇଯାଏ । ଯାହାର ପ୍ରିୟାପ୍ରିୟ କେହି ନାହିଁ, ସେହି ଶ୍ରେୟ ଶ୍ରେଷ୍ଠ ହୁଏ ପ୍ରିୟ ଓ ପ୍ରେଷ୍ଠ ।

ଭଗବାନଙ୍କର ସାମ୍ୟ ସେତେବେଳେ ସୌମ୍ୟରେ ହୁଏ ରୂପାୟିତ । ସୃଷ୍ଟିର ବୈଷମ୍ୟ ହୋଇଯାଏ ସେହି ସୌମ୍ୟ ବିକାଶରେ ସୁଷମାମଣ୍ଡିତ, ସୁସମନ୍ୱିତ ।

ଭକ୍ତର ବାଞ୍ଛା, ଅଭିଳାଷ, ଅଲଙ୍ଘନୀୟ ପ୍ରଭୁ ପକ୍ଷରେ । ଭକ୍ତାଦେଶ ଅବଶ୍ୟ ପାଳନୀୟ ହୋଇଯାଏ ଭକ୍ତବଶ ଭଗବାନଙ୍କର । ଭଗବାନ ନିରୁପାୟ ।

"ପ୍ରଭୁ କହେ ହରିଦାସ ତୁମ୍ଭର ମାଗୁଣି ।
କୃଷ୍ଣ କୃପାମୟ ତାହା ପୂରାଇବେ ପୁଣି ।।
କିନ୍ତୁ ମୋର ଯେତେ ସୁଖ ସବୁ ତୋହାଲାଗି ।। ଚୈ. ଚ.

ଏ କି ବିଚିତ୍ର ଅଭିବ୍ୟକ୍ତି ମହାପ୍ରଭୁଙ୍କର ? ବ୍ରଜଯୁବତୀଙ୍କର ନୟନସମ୍ପତ୍ତି ରାଧାଗୋବିନ୍ଦଙ୍କର ସୁଖ ସମ୍ପାଦନକାରୀ ସାମାନ୍ୟ ଗୋଟିଏ ମାନବ, ଯବନକୁଳୋଦ୍ଭବ ହରିଦାସ ? ହରିଦାସ ନିଜେ ବିସ୍ମିତ । ଏହା କଣ ସତ୍ୟ ? ଅଥବା ପ୍ରହେଳିକା ! ଯୁଗପତ୍ ଆନନ୍ଦ ଓ ବିସ୍ମୟରେ ଦୋଦୁଲ୍ୟମାନ ହରିଦାସ ।

ବିସ୍ମୃତିରେ ହିଁ ହରିଦାସଙ୍କର ସ୍ୱରୂପ । ହରିଦାସ ଆଜ ଆତ୍ମବିସ୍ମୃତ । ନିଜର ପରିଚୟ ଅଗୋଚର ହରିଦାସଙ୍କର । ବିସ୍ମରଣ ହେବାର ବିଶେଷ ସାମର୍ଥ୍ୟ ଦେଲେ ହରି-

Source: Author, Digitized by PPRACHIN, SOA

ଦାସଙ୍କର ଜନ୍ମ । ଲୀଳାରସ ଆସ୍ୱାଦନର ଏହାହିଁ ପ୍ରାଥମିକ ଯୋଗ୍ୟତା । ଅନ୍ୟଥା ଭୋଗ-ବିଭୋରତା ଅସମ୍ଭବ । ଆତ୍ମବିସ୍ମୃତି ହିଁ ଭୋଗର ପରିପୋଷକ ।

ଏ କି ଅଭିନବ ଅଭିନୟ ନାଟୁଆ ଶ୍ରୀ ଗୌରାଙ୍ଗଙ୍କର ଲୀଳାରସ ଆସ୍ୱାଦନ ସାଧରେ ! ବ୍ରଜଲୀଳାକାଳୀନ ନିକୁଞ୍ଜାଭିନୟରେ ନିପୁଣତା ଲଭିକରି ଆଜି ନବତନ ଲୀଳବିଳାସର ଲାଳସା ଚରିତାର୍ଥ କରିବାକୁ ଏ କି ଅପୂର୍ବ ଆଗ୍ରହ !

ସେ ଥିଲା ଦ୍ୱାପର ଯୁଗ । ଦ୍ୱାପରର ଶେଷଭାଗ । ବୃନ୍ଦାବନରେ ଗୋଲକ-ବିହାରୀଙ୍କର ଆବିର୍ଭାବ । ସୃଷ୍ଟିର ଆଦିମ କାଳରୁ ତଦବଧି ଦୃଷ୍ଟିର ଅଗୋଚର ଅନବଦ୍ୟ ଲୀଳାଭିନୟ ପରିବେଷଣ ସମ୍ଭବ ହୋଇଥିଲା ସେଦିନ ଯମୁନା ପୁଳିନରେ । ବ୍ରଜ-ମଣ୍ଡଳରେ ।

ଆଜି କଳିଯୁଗରେ ତାର ଅଭିନବ ଆବୃତ୍ତିର ପ୍ରବୃତ୍ତି ଦେଖି ନଦୀୟାରେ କୀର୍ତ୍ତନ-ବିନୋଦିଆ ନାମ-ପ୍ରେମ-ଉନ୍ମାଦିଆ ଗୌରଚନ୍ଦ୍ରଙ୍କର ଆବିର୍ଭାବ ସୁରଧୂନୀ ତୀରରେ ବ୍ରଜଲୀଳାର ଏକ ନବ ପ୍ରକରଣ ।

ଦ୍ୱାପରରେ ବ୍ରଜଲୀଳା ଶ୍ରୀବୃନ୍ଦାବନରେ ।
କଳିକାଳରେ ପୁରଲୀଳା ନଦୀୟା ଓ ନୀଳାଚଳରେ ।
ବ୍ରଜଲୀଳାର ନାୟକ—ବ୍ରଜେନ୍ଦ୍ରନନ୍ଦନ ଶ୍ରୀକୃଷ୍ଣ ।

ନଦୀୟା ଓ ନୀଳାଚଳ ଲୀଳାରେ ନାୟକତ୍ୱ କରୁଛନ୍ତି ଶଚୀସୁତ ଗୌରଚନ୍ଦ୍ର ।

ମାତ୍ର ଅଭିନ୍ନ ଏ ଦୁଇ ଲୀଳା—ବ୍ରଜଲୀଳା ଓ ନଦୀୟାଲୀଳା । ଗୋଟିଏ ଅନ୍ୟଟିର ପରିପୋଷକ । ଅଙ୍ଗର ଗର୍ଭାଙ୍କ । ବହିର୍ଭାଗରେ ଭାସମାନ ବ୍ରଜଲୀଳା । ଅଭ୍ୟନ୍ତରରେ ନଦୀୟାଲୀଳା ନିମଜ୍ଜିତେନ୍ଦୁ ।

ପ୍ରଥମରେ ପ୍ରସ୍ତୁତି ।
ଦ୍ୱିତୀୟରେ ପରିପ୍ରକାଶ ।
ପ୍ରଥମରେ ସଂଳାପ, ପ୍ରେକ୍ଷାଳୟରେ ।
ଦ୍ୱିତୀୟରେ ପରିବେଷଣ, ସାବଲୀଳ ଲୀଳାଭିନୟ ରଙ୍ଗମଞ୍ଚରେ ।

ମନେ ନାହିଁ ହରିଦାସଙ୍କର । ସେଦିନ ଚାଲିଥିଲା ନିକୁଞ୍ଜ କାନନରେ ସଂବର୍ତ୍ତ-ବିଳାସର ପୂର୍ବାଭିନୟ । ଦୁଇଟି ଅଙ୍କ ବିଶିଷ୍ଟ ଗୋଟିଏ ରୋମାଞ୍ଚକର ନାଟକର ପରିବେଷଣ । ପ୍ରଥମାଙ୍କର ସ୍ଥାନ ନବଦ୍ୱୀପ । ଦ୍ୱିତୀୟର ସ୍ଥାନ ପୁରୁଷୋତ୍ତମ ।

ନବଦ୍ୱୀପରେ ସଂକୀର୍ତ୍ତନ ରାସୋତ୍ସବ ।

ପୁରୁଷୋତ୍ତମରେ ମହାରାସବିଳାସର ପରିଣତି । ପରିଣତିର ପରିପ୍ରକାଶ ।

ମନେ ନାହିଁ ହରିଦାସଙ୍କର ସେହି ପୂର୍ବାଭିନୟ, ଅଭିନୟର ଅଭ୍ୟାସ ବୃନ୍ଦାବନ ପ୍ରେକ୍ଷାଳୟରେ । ପ୍ରେକ୍ଷାଳୟର ଅଳିନ୍ଦରେ ।

ବୃଷଭାନୁନନ୍ଦିନୀଙ୍କର ଶଚୀନନ୍ଦନ ଚୈତନ୍ୟ ଭୂମିକାରେ ଆବିର୍ଭାବ । କଳିର ଏହି ସାବଲୀଳ ଲୀଳାର ପୂର୍ବାଭ୍ୟାସ ହୋଇଥିଲା ଦ୍ୱାପରରେ । ବ୍ରଜଲୀଳା ରୂପରେ । ଆଜିର ଏହି ପୂର୍ଣ୍ଣାଙ୍ଗ ନଦୀୟା ଲୀଳାବିଳାସର ଆଭାସ ମାତ୍ର । ଦ୍ୱାପରରେ ସେ ସଜ୍ଜା ଲୀଳା ବ୍ରଜେନ୍ଦ୍ରନନ୍ଦନଙ୍କର ।

Source: Author, Digitized by PPRACHIN, SOA

ଚୈତନ୍ୟହୀନା ସେ । ବୃଷଭାନୁ ରାଜନନ୍ଦିନୀ । ବିରହର ଦଶଦଶାରେ ବିବଶା । ପ୍ରତି ଅଙ୍ଗରେ ଫୁଟିଉଠିଛି ଅଷ୍ଟସାତ୍ତ୍ୱିକ ବିକାର । ପ୍ରିୟ ନର୍ମ ସଖିଗଣ ନିରନ୍ତର ମିଳନ ପ୍ରସଙ୍ଗଦ୍ୱାରା ଅବିରତ ଆଶାସଞ୍ଚାରକରିବାରେ ରତ ରହିଛନ୍ତି, ନାୟିକା ଶ୍ରୀରାଧା ପ୍ରାଣରେ ସୁଖ ସମ୍ପାଦନ କରିବା ପାଇଁ । କଦମ୍ବବନ-ଆଲମ୍ବନ-ବଂଶୀସ୍ୱନ-ଶ୍ରବଣଠାରୁ ସୁଶୀତଳ କେଳି କଦମ୍ବତଳ ଯୁଗଳ ମିଳନ ପର୍ଯ୍ୟନ୍ତ ସମସ୍ତ ଲୀଳାସଙ୍ଗୀତପର ଆବୃତ୍ତି କରି ଚାଲିଛନ୍ତି ରାସେଶ୍ୱରୀ ଶ୍ରୀରାଧିକା । ସେ ଆବୃତ୍ତିର ଯେପରି ଶେଷନାହିଁ, ସମାପ୍ତି ନାହିଁ ।

ଶେଷ ହୋଇ ପାରନଥିଲା ସେଦିନ ସେ ପୂର୍ବାଭ୍ୟାସ, ଅତଏବ ନିର୍ଦ୍ଦେଶନା ସତ୍ତ୍ୱେ । ଅଭିନୟ ସଙ୍ଗେ ସଙ୍ଗେ ପ୍ରତି ଅଙ୍ଗ ଭଙ୍ଗୀରେ ସମଧିକ ଭାବପ୍ରକାଶର ଅଭାବ ଉପଲବ୍ଧି କରୁଥିଲେ ନାୟିକା ଶ୍ରୀମତୀ । ମହାଭାବ ସ୍ୱରୂପିଣୀ ବ୍ରଜେଶ୍ୱରୀଙ୍କର ଭାବବିଭାବିତ -ତନୁ ସ୍ତମ୍ଭିତ ହୋଇଗଲା । ସ୍ୱେଦସିକ୍ତ ଗାତ୍ର ରୋମାଞ୍ଚିତ ହୋଇଉଠିଲା । ସର୍ବାଙ୍ଗରେ ବେପଥୁ । ବଦନ ବିବର୍ଣ୍ଣ । ଗଣ୍ଡ ମଣ୍ଡଳ ଅଶ୍ରୁଜଳରେ ପ୍ଲାବିତ । କ୍ଷଣେ କ୍ଷଣେ ମୂର୍ଚ୍ଛା । ଭାବଶବଳିତ ଅବୟବ ତଥାପି ଯେପରି ଅସମର୍ଥ ଚରମ ଭାବରେ ବିଭାବିତ ହେବାପାଇଁ । ହସ୍ତ ପଦ ଯେପରି କେତେବେଳେ ଦୀର୍ଘ, କେତେବେଳେ ସଙ୍କୁଚିତ ହେବାପାଇଁ ଅସ୍ଥିର ହୋଇଉଠୁଛନ୍ତି । ମାତ୍ର ସମ୍ଭବ ହେଉନାହିଁ କୌଣସି ଏକ ଅଜ୍ଞାବନୀୟ ସଂଯୋଗର ଅଭାବରେ ।

ପ୍ରିୟନର୍ମ ସଖିବୃନ୍ଦ ସ୍ତମ୍ଭିତ । ସେମାନଙ୍କ ମଧ୍ୟରେ ଅନ୍ୟତମା ଅନ୍ତରଙ୍ଗା କଳି-ଯୁଗର ହରିଦାସ ମଧ୍ୟ ବିଦ୍ୟମାନ । ମାତ୍ର ହରିଦାସ ଆଜି ବିସ୍ମୃତ ସେ ପର୍ବ । ବ୍ରଜଲୀଳା-କାଳୀନ ନିଜ ଭୂମିକା ସ୍ମରଣ ନାହିଁ ହରିଦାସଙ୍କର ।

ସେ ଦିନ ସେ ଲୀଳାଭିନୟର ପୂର୍ବାଭ୍ୟାସ ପରେ ଆଜି ବାସ୍ତବ ଅଭିନୟର ପ୍ରଥମ ଅଙ୍କ ଶେଷ ହୋଇଯାଇଛି ନବଦ୍ୱୀପରେ । ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ ପୁରୀ ପୁରୁଷୋତ୍ତମରେ । କେବଳ ନାୟିକା ଅଙ୍ଗରେ ପ୍ରକଟ-ଅସମର୍ଥ ସେ ଦିନର ଭାବରାଶି ଆଜି ଆତ୍ମପ୍ରକାଶର ସୁଯୋଗ ପାଇ ଆନନ୍ଦରେ ଆତ୍ମହରା—ନାୟିକା ବିଭାବିତ ନାୟକ ଭୂମିକାରେ ଅବତୀର୍ଣ୍ଣ ଶ୍ରୀ ଗୌରାଙ୍ଗ ଅଙ୍ଗ ଅବଲମ୍ବନରେ ।

ଗୌର କିଶୋର ଆଜି ବିରହିଣୀ ରାଧିକାର ସଲାପରେ କୁରରୀ ପ୍ରାୟ କରୁଣ ବିଳାପ ବାଣୀ ଶୁଣାଇ ମର୍ମାହତ କରୁଛନ୍ତି ଅନ୍ତରଙ୍ଗା ସଖିସମାଜକୁ ସୁଗମ୍ଭୀର ସ୍ୱରରେ, ନିଭୃତ ଗମ୍ଭୀରା ମଧ୍ୟରେ । କୃଷ୍ଣ ବିରହ ଜନିତ ଦୁଃଖ, କଷ୍ଟ, କ୍ଲେଶ, ତାପ ଦିନୁ ଦିନ ପରିବର୍ଦ୍ଧମାନ ଚନ୍ଦ୍ରକଳା ସଦୃଶ ।

ପ୍ରଭୁଙ୍କର ଶେଷ ସ୍ଥିତି ଦ୍ୱାଦଶ ବତ୍ସର ।
କୃଷ୍ଣ ବିରହ ବିଚ୍ଛେଦ ବଢ଼େ ନିରନ୍ତର ।। ଚୈ.ଚ:

ରାୟ ରାମାନନ୍ଦ ଓ ସ୍ୱରୂପ ଦାମୋଦର ଅନ୍ତରଙ୍ଗା ଚିରସହଚରୀ ବିଶାଖା ଓ ଲଳିତା ଭୂମିକାରେ । ଲୀଳାପ୍ରସଙ୍ଗ ପରିବେଷଣ କ୍ରମରେ ସୁଖ ସମ୍ପାଦନ କରୁଛନ୍ତି ମହାଭାବସ୍ୱରୂପିଣୀ ଶ୍ରୀରାଧାଙ୍କ ଭାବରେ ବିଭାବିତ ଗୌରକିଶୋରଙ୍କର କାନ୍ତା ବିରହ ଜନିତ ତାପଦଗ୍ଧ ପ୍ରାଣରେ, ନିଭୃତ ନିଳୟରେ ନିକାଞ୍ଚନ ନିକୁଞ୍ଜନିଭ ନିଭୃତ ଗମ୍ଭୀରା ମଧ୍ୟରେ ।

Source: Author, Digitized by PPRACHIN, SOA

ଅନତିଦୂରରେ, ବହିର୍ଗତର ଅନ୍ୟତମା ଅନ୍ତରଙ୍ଗା ଭୂମିକାରେ ହରିଦାସ । ଅଭିନୟରେ ବିଚିତ୍ର ହରିଦାସଙ୍କର ଘଟିଛି ଆତ୍ମବିସ୍ମୃତି । ଅବିରତ ମହାମନ୍ତ୍ର କୀର୍ତ୍ତନକରି ଚାଲିଛନ୍ତି ହରିଦାସ । ସେ ନାଦର ସ୍ପନ୍ଦନ ଜାଗୁଛି ଘନ ଘନ ମହାପ୍ରଭୁଙ୍କର ପ୍ରଣୟ-ପ୍ରବଣ ପ୍ରାଣର ପ୍ରତି ପ୍ରେମ-କଣାରେ । ଅନ୍ତରରେ ଧ୍ୱନିତ ସେ ଧ୍ୱନି ପ୍ରତିଧ୍ୱନିତ ହେଉଛି ଅଧରର ପ୍ରକମ୍ପନରେ ।

ହରେ ରାମ ହରେ ରାମ ରାମ ରାମ ହରେ ହରେ ।
ହରେକୃଷ୍ଣ ହରେକୃଷ୍ଣ କୃଷ୍ଣକୃଷ୍ଣ ହରେ ହରେ ।

ସେ ମନ୍ତ୍ର ଯେ ମହା ମନ୍ତ୍ର । ବୃନ୍ଦାବନସ୍ଥ ନିକୁଞ୍ଜ-ରହସ୍ୟ-ଭୋଗମୟ-ମହାଭାବଉଦ୍ଦୀପକ ଅନାହତ ଧ୍ୱନି । 'ହରେ'ରେ ତାର ଆରମ୍ଭ । 'ହରେ'ରେହିଁ ତାର ସମାପ୍ତି । ସେ ମନ୍ତ୍ର ଉଚ୍ଚାରଣ ମାତ୍ରେ ଉଦିତ ହୁଏ ପୂର୍ବରାଗର ଅଦ୍ଭୁତ ଉତ୍କଣ୍ଠା ଓ ଆବେଗରେ ମଧୁର ସ୍ମୃତି । ଏବଂ ପରିଶେଷରେ ସେହି ପଦହିଁ ଆଣିଦିଏ ମହା ରାସ-ବିଳାସର ଦିବ୍ୟ ଅନୁଭୂତି ।

ମହା ରାସ ବିଳାସ ! ଅପ୍ରାକୃତ ପ୍ରେମର ବିବିଧ ପର୍ଯ୍ୟାୟରେ, ନାନା ବିବର୍ତ୍ତନ କ୍ରମରେ ଚରମ ରସ ଆସ୍ୱାଦନ । ଗୌର ଅବତାରର ପରମ ଲକ୍ଷ ।

ବର୍ଷ ବର୍ଷ ଧରି ହରିଦାସ ସେହି ଭୋଗମୟ ଲୀଳାକୁ ଜାଗ୍ରତ ଜୀବନ୍ତ କରି ରଖିଥିଲେ । ଗୌର ପ୍ରାଣରେ, ମୁହୁର୍ମୁହୁଃ ମହାମନ୍ତ୍ର ଉଚ୍ଚାରଣ କରି । ହରିଦାସଙ୍କ ଅବର୍ତ୍ତମାନରେ ସେ ସ୍ଥାନ ଯେ ଅପୂରଣୀୟ । ବ୍ୟସ୍ତ ବ୍ୟସ୍ତ ମହାପ୍ରଭୁ ମନର ଭାବକୁ ପ୍ରକାଶ କରିବାରେ ଯେପରି ଅସମର୍ଥ । ଭାବ ଆଜି ବ୍ୟାହତ ମହାଭାବପ୍ରକାଶଙ୍କର । ବାରମ୍ବାର ଭାବଦ୍ୟୋତକ ମାତ୍ର ଗୋଟିଏ ଶବ୍ଦ ସେ ଉଚ୍ଚାରଣ କରିବାରେ ଲାଗିଛନ୍ତି ।

"ହରିଦାସ ! ହରିଦାସ !!" ତଥାପି ଖେଦ ଅପନୋଦନରେ ଅକ୍ଷମ ମହାପ୍ରଭୁଙ୍କର ଶ୍ୱାସ ଯେପରି ଅବରୁଦ୍ଧ ।

ଯାହା କିଛି ସୁଖ ମୋର ତୋହ ଲାଗି ଭୋଗ୍ୟ
ମୋତେ ଛାଡ଼ିବାର ଇଚ୍ଛା ନୋହେ ତୋର ଯୋଗ୍ୟ ।" ଚୈ:ଚ.

କିନ୍ତୁ ଏହା କିଣ କେବେହେଲେ ସମ୍ଭବ ? ଭକ୍ତ, ଭଗବାନଙ୍କର ବିଚ୍ଛେଦ ! ଗୌର ହରିଦାସ ମଧ୍ୟରେ ବ୍ୟବଧାନ ! କେତେବେଳେ ହେଲେ କିଣ ସଂଘଟିତ ହୋଇ-ପାରେ ? ନିତ୍ୟ ସତ୍ୟ ଗୌରଲୀଳାର କିଣ ବିରତି ଅବଶ୍ୟମ୍ଭାବୀ ? ବିଚ୍ୟୁତି ପରିକଳ୍ପ-ନୀୟ ?

ଅସମ୍ଭବ ! ଅସମ୍ଭବ ! ଏ କେବଳ ଲୀଳାଭିନୟ ମାତ୍ର । ଲୀଳାର ପରିପୋଷକ କେବଳ ଦୃଶ୍ୟ ଦୃଶ୍ୟାନ୍ତର । ମିଳନ ବିରହର ଏକକାଳୀନ ଭୋଗାଭିବ୍ୟକ୍ତି ବ୍ୟତୀତ ଅନ୍ୟ କିଣ ହୋଇପାରେ ? ମିଳନରେ ବିରହର ଆଶଙ୍କା । ଏବଂ ବିରହରେ ମିଳନର ଆଶ୍ୱାସନା । ସେହି ଭୋଗ ସେହି ସଂଭୋଗର ବିଭବ ସଂଗ୍ରହ ହିଁ ଯେପରି ଏହି ଲୀଳାଭିନୟର ଅଭିପ୍ରାୟ ।

ଶଙ୍କାକୁଳ ଶ୍ରୀକୃଷ୍ଣ ଚୈତନ୍ୟଙ୍କର ମନୋଭାବ ଅନବଗତ ନ ଥିଲା ହରିଦାସଙ୍କର । ତଥାପି ସେ ନିଜ ସିଦ୍ଧାନ୍ତରେ ଅଟଳ । ଅତଏବ ତାଙ୍କର ନିବେଦନ ଗୌର ଚରଣରେ ।

Source: Author, Digitized by PPRACHIN, SOA

ପଦ ଧରି କହେ ପ୍ରଭୁ ନ କର ହେ ମାୟା।
ଅବଶ୍ୟ କରିବ ପ୍ରଭୁ ଏ ଅଧମେ ଦୟା ॥
କେତେ କେତେ ମହାଶୟ ମୋ ଶିର ଭୂଷଣ।
ତୋ ଲୀଳାର ସହାୟକ ଶ୍ରେଷ୍ଠ ଭକ୍ତଗଣ ॥
ମୋ ସମ ଗୋଟିଏ କୀଟ ମରି ଯଦି ଯାଏ।
ପୃଥ୍ୱୀର କି ହାନି ଗଲେ ପିପୀଲିକା ଠାଏ ॥ ଚୈ: ଚ:

ତୃଣାଦପି ସୁନୀଚ ଭାବାସନରେ ଅଧିରୂଢ଼ ହରିଦାସ, ଗୌର ଦାସ ହରିଦାସ ପୁନଃ ପୁନଃ ନିବେଦନ କରୁଛନ୍ତି—

ଭକତ ବତ୍ସଳ ତୁମ୍ଭେ ମୁଁ ଯେ ଭକ୍ତାଭାସ।
ଅବଶ୍ୟ କରିବ ପ୍ରଭୁ ପୂର୍ଣ୍ଣ ମୋର ଆଶ ॥		ଚୈ: ଚ:

ମହାପ୍ରଭୁଙ୍କ ମନରେ ସଂକଳ୍ପ ମନର ହିଁ ରହି ଯାଉଛି। ଧୀରେ ଧୀରେ ହରିଦାସଙ୍କ ଠାରୁ ବିଦାୟ ନେଇ ପ୍ରତ୍ୟାବର୍ତ୍ତନ କରୁଛନ୍ତି ମଧ୍ୟାହ୍ନକୃତ୍ୟ ନିମନ୍ତେ।

ଆଉ ହରିଦାସ ?

ହରିଦାସ ଅବସନ୍ନ। ମାତ୍ର ଆଶ୍ୱସ୍ତ। ଶାନ୍ତିର ଆନନ୍ଦ ମୁଖମଣ୍ଡଳରେ। ମନ୍ଦ-ମନ୍ଦ ସଂଖ୍ୟା-ଜପ କ୍ଷିପ୍ର ହୋଇ ଉଠିଲା। ହଠାତ୍ ! ଅକସ୍ମାତ୍ !

ଦାୟିତ୍ୱରୁ ମୁକ୍ତ ନୁହେଁ ! ଦାୟିତ୍ୱ ନ୍ୟସ୍ତ କରି ସେ ଆଶ୍ୱସ୍ତ। ମନ ଯେପରି ସୁସ୍ଥ ହୋଇ ଉଠୁଛି।

* *

*

ପରଦିନ ପ୍ରତ୍ୟୁଷ। ସେ ଏକ କରୁଣାର୍ଦ୍ର ଊଷା। ନଭ ମଣ୍ଡଳରେ ଖଣ୍ଡ ଖଣ୍ଡ ଭାସମାନ ନବଘନର ଅନବସର ଉଭାସ। ସଙ୍ଗେ ସଙ୍ଗେ ପ୍ରଚଣ୍ଡ ରୌଦ୍ରର ଉପଦ୍ରବ ବର୍ଷା-କାତର କର୍ଦ୍ଦମାକ୍ତ ଭୂମି ଉପରେ। ବ୍ୟଗ୍ର ପଦରେ ସପାର୍ଷଦ ଶ୍ରୀ ଗୌରାଙ୍ଗ ଯାତ୍ରା କରୁଛନ୍ତି ହରି ଦାସଙ୍କର କୁଟୀରାଙ୍ଗନ ଅଭିମୁଖରେ। ନିତ୍ୟ ନୈମିତ୍ତିକ କ୍ରମରେ ଈଶ୍ୱର ଦର୍ଶନ କୃତ୍ୟ ପରିସମାପ୍ତ।

ସେହି ପ୍ରସିଦ୍ଧ ସିଦ୍ଧ ବକୁଳ ବୃକ୍ଷ। ପ୍ରତି ଛନ୍ଦରେ ଏକ ଅଭିନବ ପ୍ରକୃତିର ଅଭିବ୍ୟକ୍ତି। ଭକ୍ତ ସେବାରେ ଭଗବାନଙ୍କର ସମଧିକ ସୁଖବୋଧର ପ୍ରବୃତ୍ତି। ସେହି ପ୍ରକୃତିର ପ୍ରତିଫଳନ ମୃଦୁ ଶାଖାପତ୍ରର ହରିତାଭରେ। ଅପ୍ରାକୃତ ସୌଷ୍ଠବ ତଥା ଅପର୍ଯ୍ୟାପ୍ତ ଐଶ୍ୱର୍ଯ୍ୟଶାଳୀ ଶାଖାକାଣ୍ଡବିମଣ୍ଡିତ ସେହି ଭୂମଣ୍ଡନ ତରୁତଳ ଆଶ୍ରୟ କରିଛନ୍ତି ପ୍ରସାଦ ପ୍ରସନ୍ନ ଜୀର୍ଣ୍ଣବସନ ହରିଦାସ। ଶୁଭଶଯ୍ୟ ହରିଦାସ ଯେପରି ଏକ ଶୁଭ ଅବସର ପ୍ରତୀକ୍ଷାରେ ପ୍ରସନ୍ନ। ମାତ୍ର ଶଯ୍ୟାଶାୟୀ।

ସେଦିନ ଅନନ୍ତ ଚତୁର୍ଦ୍ଦଶୀ। ଭକ୍ତ ଓ ଭଗବାନ ଉଭୟଙ୍କ ମହିମା ମଧ୍ୟରେ ଆଜି ଯେପରି ଏକ ପ୍ରତିଯୋଗିତାର ପର୍ବ ! ତାର ବିସ୍ତାରିତ ବିବରଣୀ ଦେବାରେ ଆଜି

Source: Author, Digitized by PPRACHIN, SOA

ଯେପରି ଅସମର୍ଥ ସ୍ୱୟଂ ଅନନ୍ତ । ବର୍ଣ୍ଣନାମୁଖର ଅନନ୍ତ ମୁଖ ବ୍ୟାଦାନ କରି ମଧ୍ୟ । ସେ ଯେପରି ଏହି ଅପ୍ରତ୍ୟାଶିତ ପରିବେଶରେ ମୂକ, ଜଡ଼, ନିଶ୍ଚେଷ୍ଟ ହୋଇ ପଡ଼ି ରହିଛନ୍ତି କେଉଁ ଅତଳ ରସାତଳରେ । ଅନନ୍ତ ଆଜି ହୁଏତ ଅନାଦର ଗର୍ଭାଶୟରେ ଆପଣାକୁ ହଜାଇ ଦେଇଛନ୍ତି, ସେହି ମହିମାର ପରିମାପ କରିବାର ବୃଥା ଦର୍ପ ଯେନ ।

ଅଥବା ଯାବତୀୟ ଜାଗତିକ ବାସନାର ନବ କଳେବର ଦର୍ଶନରେ ସେ ବିହ୍ୱଳ । ପନ୍ଥାନ୍ତର ନାହିଁ ଏ ପନ୍ଥାନ୍ତରର । ମନୁଷ୍ୟ ମନର ସମସ୍ତ ଦୁର୍ବାସନା ଆଜି ଭକ୍ତ ଓ ଭଗବାନ୍ ଉଭୟଙ୍କ ବାସନା ମଧ୍ୟରେ ନୂତନ ଜୀବନର ସନ୍ଧାନ ପାଇଛନ୍ତି । ଜାଗତିକ ବାସନାର ବଶୀଭୂତ ପ୍ରଜ୍ଞା ଆଜି ସଂଜ୍ଞାହୀନ । ଭଗବାନଙ୍କ ଅଭ୍ୟନ୍ତରରେ ଅଭିନବ ବାସନାର ସଞ୍ଚାର ଆଜି ଯେପରି କଳ୍ପନାର ଭାରକେନ୍ଦ୍ରକୁ ବିଚଳିତ କରି ଦେଇଛି । ଅନ୍ୟର ବାସନା ପରିପୂର୍ତ୍ତି ପାଇଁ ଏ ବାସନା ଯେପରି ବାସନା ନୁହେଁ, ବ୍ୟସନ । ସେ ବ୍ୟସନ ଜାଗତିକ ନୁହେଁ, ଆଧ୍ୟାତ୍ମିକ ।

ଭକ୍ତ ହରିଦାସଙ୍କ ବାସନା ପୂର୍ଣ୍ଣ କରିବା ପାଇଁ ଆଜି ଭଗବାନ୍ ଶ୍ରୀକୃଷ୍ଣ-ଚୈତନ୍ୟଙ୍କର ପ୍ରବଳ ବାସନା । ସେହି ବାସନାର ବଳାସରେ କଳହତ ଜୀବର ସମସ୍ତ କଳୁଷ ଯେପରି ଅପସାରିତ ହୋଇ ଯାଉଛି । କହି ହେବନାହିଁ, ଭକ୍ତର ମହିମା କିମ୍ବା ଭଗବାନଙ୍କ ମହିମା ପ୍ରଭାବରେ । କହି ହେଉ ନାହିଁ, ଭକ୍ତର ବାସନା ଓ ଭଗବାନଙ୍କ ବାସନା ମଧ୍ୟରେ କାହାର ପ୍ରାବଲ୍ୟ ଆଜି ଚରାଚରକୁ ମୁଗ୍ଧ କରିଛି ।

ହରିଦାସଙ୍କ ବାସନା ପୂରଣକାରୀ ଗୌରଚନ୍ଦ୍ରଙ୍କ ବାସନାର ଗର୍ବ, ସେ ଭକ୍ତ ବାସନା ପୂର୍ଣ୍ଣ କରିବାର ସୁଯୋଗ ପାଇଛନ୍ତି । ପୁଣି ସେହି ବାସନା ପୂର୍ଣ୍ଣ କରିବାରେ ଏକମାତ୍ର ସମର୍ଥ, ସେହିଁ ଗୌରବରେ ଗୌରବାନ୍ୱିତ, ଗୌରବାସନାର ବିଳାସରେ ବିଲୋଳ ହରିଦାସଙ୍କ ପକ୍ଷରେ ଏହା ଯେପରି ଏକ ମହାସଂଭୋଗ ।

ଶଯ୍ୟାଶାୟୀ ହରିଦାସ । କି ବିଚିତ୍ର ସେ ପବିତ୍ର ଜୀବନ । ସିଦ୍ଧ ବକୁଳର ପ୍ରତି ପତ୍ରରେ ପତ୍ର ପତ୍ର ଲିପିବଦ୍ଧ ସେ ଅପୂର୍ବ ଜୀବନୀ । ତଥାପି ଅସମ୍ପୂର୍ଣ୍ଣ, ଅତୃପ୍ତ, ଅସମର୍ଥ ପାଦପ ତା'ର ମହିମା ବର୍ଣ୍ଣନରେ ଅପାରଗ ହୋଇ ଅବନତ ମସ୍ତକରେ ନିଜର ଦୈନ୍ୟ ସ୍ୱୀକାର କରୁଛି ଯେପରି !

ଦୈନ୍ୟ ନୁହେଁ; ଏହାହିଁ ଯେପରି ଦୃପ୍ତ ଦୁର୍ବିନୀତ ଆଗାମୀ ଯୁଗର ବହୁ ସଙ୍କଟ ଓ ସମସ୍ୟାର ସମାଧାନମୂଳକ ଶୁଭ ସଙ୍କେତ । ବିନମ୍ର ଚେତାବଣୀ ।

କେବଳ ମହିମା କୀର୍ତ୍ତନରେ ଅପାରଗ ନୁହେଁ, ବାରମ୍ବାର ଅସଫଳ ଚେଷ୍ଟା ସତ୍ତ୍ୱେ ହରିଦାସ ଗୁଣ କୀର୍ତ୍ତନରୁ ନିଜକୁ ଅବ୍ୟାହତି ଦେବାପାଇଁ ମଧ୍ୟ ସେ ଅସମର୍ଥ । ଭକ୍ତ ମର୍ମର ବାଣୀ ପ୍ରଚୁର ଲାଳସା ପରିହାର କରି ନ ପାରି ସତ୍ତ୍ୱେ ଯେପରି ପତ୍ର ମର୍ମରରେ ପାରାୟଣ କରି ଚାଲିଛି ସେହି ଆଦର୍ଶ ଜୀବନୀରୁ ଅଧ୍ୟାୟ ପରେ ଅଧ୍ୟାୟ, ନିଜର ଆବୃତ୍ତି-ପରାୟଣ ପ୍ରବୃତ୍ତି ଯେନ ।

ସେହି ଛାୟାଧାରୀ ବିସ୍ତୃତ ପାଦପ ତଳେ ଶଯ୍ୟାଶାୟୀ ଭକ୍ତ ହରିଦାସ ।

Source: Author, Digitized by PPRACHIN, SOA

ଅନତିଦୂରରେ ଭକ୍ତ-ବତ୍ସଳ ଗୌରହରି । ଊର୍ଦ୍ଧ୍ୱରେ ବକୁଳ ପତ୍ରର ପୁଷ୍ପ-ଖଚିତ ବିତାନ ।

"ହରିଦାସ ! ହରିଦାସ !!"

ମହାପ୍ରଭୁଙ୍କର ଅନ୍ତର ମଧ୍ୟରେ ବାରମ୍ବାର ସେ ଧ୍ୱନି ଧ୍ୱନିତ ହୋଇଉଠୁଛି । ନିଶ୍ୱାସରେ ତାର ପ୍ରବାହର ପ୍ରାଖର୍ଯ୍ୟ ଉଷ୍ମ କରି ଦେଉଛି ଗଗନ ପବନ ସହିତ ବାତାବରଣକୁ ।

"ହରିଦାସ ! ହରିଦାସ !!"

*

* *

ଇଏ କିଏ ସେହି ହରିଦାସ ଯିଏ ଖାନାଉଲ୍ଲା କାଜି ଗୃହରେ ଭୂମିଷ୍ଠ ହେବାର ଅବ୍ୟବହିତ ପରେ ପିତୃମାତୃହୀନ ହୋଇ ଚିତ୍କାର କରୁଥିଲେ ଅତ୍ୟନ୍ତ ଅରକ୍ଷ ଅବସ୍ଥାରେ ?

୧୩୭୨ ଶକାବ୍ଦର ଗୋଟିଏ ଶୀତକାତର ମାର୍ଗଶିର ସଂଧ୍ୟା । ଅଜ୍ଞାନ ଗୋଟିଏ ନବଜାତ ଶିଶୁର କରୁଣ କ୍ରନ୍ଦନ ଶୁଭିଲା । ଅତ୍ୟନ୍ତ ହୃଦୟବିଦାରକ, ମର୍ମସ୍ପର୍ଶୀ ସେ କ୍ରନ୍ଦନ ମର୍ମାହତ କରିଥିଲା ବହୁ ସଦାଶୟ ହୃଦୟକୁ ସେଦିନ ।

କିଏ ଏହି ଶିଶୁ ? କେଉଁ ଅପୂର୍ବ ଅଲଭ୍ୟ ଦ୍ରବ୍ୟର ପ୍ରାପ୍ତି ଲାଳସାରେ ଏ ଆକୁଳ ଆବେଦନ ! କ୍ଷୁତ୍‌ପିପାସା ନିବାରଣ ସତ୍ତ୍ୱେ କ୍ରନ୍ଦନର ବିରାମ ନାହିଁ । କି ଅଦ୍‌ଭୁତ ତାର ଆଚରଣ ! ବିସ୍ମିତ, ଚମତ୍କୃତ କରିଛି ସମସ୍ତଙ୍କୁ ।

ବାସ୍ତବିକ ଅଦ୍ଭୁତ ଏଇ ଶିଶୁ ହରିଦାସ ।

ହରିଦାସଙ୍କର ଗୌରବମୟ ଶୈଶବ ନାନା କିମ୍ବଦନ୍ତୀକୁ ପରିପୁଷ୍ଟ କରିଛି ପରବର୍ତ୍ତୀ କାଳରେ । କରିବା ସ୍ୱାଭାବିକ ।

ଶିଶୁ ହରିଦାସ ଯେଉଁଦିନ ଯବନ କୁଳରେ ଜାତ ହେବା ହେତୁ 'ଯବନ ହରିଦାସ' ନାମରେ ପରିଚିତ ହେଲେ, ସେତେବେଳେ କିମ୍ବଦନ୍ତୀ ତାଙ୍କର ଭକ୍ତ-ପ୍ରାଣ ଜୀବନୀକୁ ପରିବେଷ୍ଟିତ କରି ସୃଷ୍ଟି କଲା ଅନ୍ୟ ଏକ ସୁଚିନ କାହାଣୀ । ପ୍ରବାଦ ରଟିତ ହେଲା—ପିତା ସୁମତି, ମାତା ଗୌରୀଙ୍କର ପ୍ରଥମ ସନ୍ତାନ ହରିଦାସ ପିତୃମାତୃହୀନ ହୋଇ ପ୍ରତିବେଶୀ ଜନୈକ ଯବନ ଦ୍ୱାରା ପ୍ରତିପାଳିତ ହେବା ହେତୁ 'ଯବନ ହରିଦାସ' ନାମରେ ଆଖ୍ୟାତ ହେଲେ କିଶୋର ବୟସରେ ।

ସେହି ଯବନ ହରିଦାସ କାଳକ୍ରମେ ଖ୍ୟାତି ଲାଭ କଲେ 'ବ୍ରହ୍ମ ହରିଦାସ' ନାମରେ । ଅମିତ ସଂଯମ, ଅସୀମ ଧୈର୍ଯ୍ୟ, ଅସାମାନ୍ୟ ଶୌଚ, ଆର୍ଜବ, ଅସାଧାରଣ ବିନୟର ଅଧିକାରୀ ଏହି ଅକୁତୋଭୟ ଯୁବକ ସ୍ୱୀୟ ଅସାଧ୍ୟ ସାଧନା ବଳରେ 'ବ୍ରହ୍ମ ହରିଦାସ' ନାମରେ ସୁବିଦିତ ହେଲେ ଲୋକଶ୍ରୁତିରେ । ଯବନ ବିଶେଷଣର ସେ ଏକ ଆମୂଳ ପରିବର୍ତ୍ତିତ ସଂସ୍କରଣ । ସଙ୍ଗେ ସଙ୍ଗେ ଗ୍ରଥିତ ହେଲା ନାନା ରୁଚିପୂର୍ଣ୍ଣ କଥାନକ ।

Source: Author, Digitized by PPRACHIN, SOA

କାହାରି କାହାରି ମତରେ ଗୋପଲୀଳାକାଳୀନ ଗୋବତ୍ସାହରଣଜନିତ ପାପ ପ୍ରକ୍ଷାଳନ ନିମନ୍ତେ ସ୍ୱୟଂ ବ୍ରହ୍ମାହିଁ ଜନ୍ମ ନେଇଥିଲେ ହରିଦାସ ସ୍ୱରୂପରେ । ଗୌର ଗଣୋଦ୍ଦେଶ ଦୀପିକାରେ ହରିଦାସ ଋଚୀକ ମୁନିପୁତ୍ର ମହାତପା ବ୍ରହ୍ମା ଅଥବା ଦୈତ୍ୟରାଜ ହିରଣ୍ୟ-କଶିପୁ-ପୁତ୍ର ପ୍ରହ୍ଲାଦ ମହାରାଜଙ୍କର ଜନ୍ମାନ୍ତର ମାତ୍ର ।

ହରିଦାସଙ୍କ ଇହଜଗତରେ ଅବସ୍ଥାନ ଯେତିକି ରହସ୍ୟମୟ ହୋଇ ଉଠିଲା ପୂର୍ବଜନ୍ମର ସନ୍ଧାନ ସେତିକି ଗବେଷଣା-ସାପେକ୍ଷ ହେବାକୁ ଲାଗିଲା । ଇହକାଳରେ ଅକଳଙ୍କମୟ ସଦ୍‌ଗୁଣାବଳୀ ମୁଗ୍ଧ ଜନତାର ସ୍ୱତଃ ଆଗ୍ରହ ଜାତହେଲା, ହରିଦାସଙ୍କ ପୂର୍ବ ଜନ୍ମବୃତ୍ତାନ୍ତ ଆବିଷ୍କାର କରିବା ନିମନ୍ତେ । ହେବା ସ୍ୱାଭାବିକ । କିମ୍ବଦନ୍ତୀ ବ୍ୟତୀତ ଏକାଧିକ ପ୍ରାମାଣିକ ଗ୍ରନ୍ଥରେ ନାନା ଭାବରେ ଦେଖା ଦେବାର ସୁଯୋଗ ଘଟିଲା ହରିଦାସଙ୍କର । ମୁରାରୀ ଦାସଙ୍କର ପ୍ରସିଦ୍ଧ 'କଡ଼ଚା'ରେ ହରିଦାସ ଥିଲେ କୌଣସି ଏକ ମୁନିପୁତ୍ର ଅଜ୍ଞାତ ଜନ୍ମରେ । ଅଧୌତ ତୁଳସୀଦଳଅର୍ପଣଅପରାଧଜନିତ ପିତୃ ଅଭିଶାପରେ ଅଭିଶପ୍ତ ପୁତ୍ର ଜାତ ହେଲେ ଏକ ଯବନ କୁଳରେ, ଇହ ଜନ୍ମରେ ।

ମାତ୍ର ସମସ୍ତ କିମ୍ବଦନ୍ତୀକୁ ଅତିକ୍ରମ କରି ହରିଦାସ ଆଜି ଏକ ଅନୁଷ୍ଠାନ । ଏହି ଅଭିନବ ଜୀବନର ପ୍ରଥମ ପରିଚୟ ପାଇଥିଲା ସେଦିନ, ଆଜକୁ ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବେ ବଙ୍ଗଭୂମିର ଏକ କ୍ଷୁଦ୍ର ଜନପଦ 'ବେଣାପୋଲ୍' ।

'ବେଣାପୋଲ୍'ର ନାମ ଲୋପ ପାଇନାହିଁ ଅଦ୍ୟାବଧି । କିନ୍ତୁ ହରିଦାସଙ୍କୁ ଆଉ ବେଣାପୋଲ୍‌ର ଚତୁଃସୀମା ଆବଦ୍ଧ କରି ରଖି ପାରିନଥିଲା ସେଦିନ । ହରିଦାସଙ୍କ ଉପରେ ବେଣାପୋଲ୍‌ର କୌଣସି ଦାବୀ ନାହିଁ ଆଜି । ବେଣାପୋଲ୍ ମଧ୍ୟ ହରିଦାସଙ୍କର ଏକଦା ଆବାସ ସ୍ଥାନରୂପେ ଆଜି ଆଉ ବିଖ୍ୟାତ ନୁହେଁ । ସିଆଲ୍‌ଦା-ଖୁଲ୍‌ନା ରେଲ ଲାଇନ ମଧ୍ୟବର୍ତ୍ତୀ କ୍ଷୁଦ୍ର ଷ୍ଟେସନର ନାମ ବେଣାପୋଲ୍ ବହୁ ଯାତ୍ରୀଙ୍କର ଅଚକିତ ଦୃଷ୍ଟି ଆକର୍ଷଣ କରୁଥିବ ଏବେବି । ବିଶାଳ ବାଷ୍ପୀୟ ଯାନର ପ୍ରବର୍ତ୍ତନ ଫଳରେ ଲୌହ ବର୍ତ୍ମର ସଂସ୍ଥାପନ ଏ ଯୁଗର ଯଜ୍ଞୋପବୀତ ସଦୃଶ ନିକଟସ୍ଥ 'ହରିଦାସ ପାଟ'ର ଶୋଭାବର୍ଦ୍ଧନ କରୁଛି ଅଦ୍ୟାପି ।

ଗଙ୍ଗାବିବାହିକା ବଙ୍ଗ ଭୂମିର ଅଙ୍ଗ ଆଲୋକିତ କରି ହରିଦାସଙ୍କ ଜୀବନର ଉଷାକାଳ ଉଦ୍‌ଭାସିତ ହେଲା ସେଦିନ, ଏହି କ୍ଷୁଦ୍ର ପଲ୍ଲୀ ବେଣାପୋଲରେ —ବେଣାପୋଲସ୍ଥ ଗୋଟିଏ ବିବିକ୍ତ ଜନମାନବବିବର୍ଜିତ ଘନ-ବନଭୂମି-ପରିବେଷ୍ଟିତ ନିର୍ଜନ ସାଧନ କାନନରେ ।

ବାଷ୍ପୀୟ ଶକଟର ବିକଟ ନିନାଦ ନିକଟବର୍ତ୍ତୀ ସମସ୍ତ ପରିବେଶକୁ ବିବ୍ରତ କରିବାର ସୁଯୋଗ ପାଇନଥିଲା ସେଦିନ ! ପରିବର୍ତ୍ତରେ ହରିଦାସଙ୍କର ସୁଲଳିତ କଣ୍ଠ-ସ୍ୱନ ସଙ୍ଗୀତମୁଖର କରିଦେଇଥିଲା ଶୋଭାମୟୀ ବନଭୂମିର ଶାନ୍ତ ପରିବେଶକୁ ନାମ ସଂକୀର୍ତ୍ତନର ସାମ ଗାନରେ ।

ଭାବବିଭୋର ହରିଦାସଙ୍କର ସେ କି ଉଦାତ୍ତ ସ୍ୱର ! ବେଳେ ବେଳେ ଆବେଗରେ ବେଗବାନ୍ ସେ ସଙ୍ଗୀତ ଯେପରି କେଉଁ ଅଜ୍ଞାତ ରାଜ୍ୟର ଅଧିକାର ଆଣି-ଦିଏ ହରିଦାସଙ୍କୁ । କ୍ଷଣକେ ସଂଜ୍ଞାହୀନ ହୋଇଯାନ୍ତି ହରିଦାସ ଆପଣା ସ୍ୱରର କୁହୁକ ସ୍ପର୍ଶରେ ।

Source: Author, Digitized by PPRACHIN, SOA

ପ୍ରତିଦିନ ଲକ୍ଷାଧିକ ମହାମନ୍ତ୍ର ଜପ—"ହରେ ରାମ ହରେ ରାମ ରାମ ରାମ ହରେ ହରେ, ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।" ମାସାବଧି ସମୟ ମଧ୍ୟରେ ଏକକୋଟି ସଂଖ୍ୟକ ସଂଖ୍ୟା-ଜପ ଉଦାତ୍ତ କଣ୍ଠରେ । ଚରାଚର ସମସ୍ତ ସୃଷ୍ଟିକୁ ପରିବ୍ୟାପ୍ତ କରି ନାମ ପ୍ରେମର ମାଧୁରୀ ତରଙ୍ଗାୟିତ ହୋଇଯାଏ ମହାବ୍ୟୋମରେ । ତାର ସ୍ପନ୍ଦନ ସ୍ପଷ୍ଟ ପ୍ରତୀୟମାନ ହୁଏ ପ୍ରତି ଅଙ୍ଗରେ । ସ୍ଥାବର ଜଙ୍ଗମ ସମସ୍ତ ସୃଷ୍ଟିର ସୌଭାଗ୍ୟ ଉଦୟର ଶୁଭ ମୁହୂର୍ତ୍ତ ।

ତାର ମଧ୍ୟ ସୌଭାଗ୍ୟ ଉଦୟ ହେଲା ହରିଦାସଙ୍କ ନାମ ପ୍ରଭାବରେ ।

ଗୋଟାଏ ବାରନାରୀ, ବାରଙ୍ଗନା ସେ ।

କାମନାର ହଳାହଳ ଆଜି ପ୍ରେମାମୃତରେ ପରିଣତ ହୋଇଛି କେବଳ ନାମର ମହିମାରେ । ଅଙ୍ଗ ପ୍ରତ୍ୟଙ୍ଗର ଯାବତୀୟ ରତ୍ନମୟ ଅଳଙ୍କାର ବିବର୍ଜିତ ରମଣୀର ମନ ମନ୍ଦିର ଆଜି ନୂତନ ବିଭୂଷଣରେ ବିଭୂଷିତ । ହାସ୍ୟ-ଲାସ୍ୟ-ବିଳାସ-ବିନ୍ୟାସ ବିନିମୟରେ ଅଙ୍ଗ ଯଷ୍ଟିର ସୌଷ୍ଠବ ପରିପୁଷ୍ଟ କରୁଛି ହର୍ଷ-ପୁଲକ-କମ୍ପାଦି ଅଷ୍ଟ-ସାତ୍ତ୍ୱିକ-ବିକାର । ଗଣ-ଭୋଗ୍ୟା ଗଣିକା ଆଜି ବୈଷ୍ଣବୀ ଅଗ୍ରଗଣ୍ୟା ସୌଭାଗ୍ୟବତୀ ମହୀୟସୀ ମହିଳା ।

ଦୁର୍ଦ୍ଦାନ୍ତ ଭକ୍ତଦ୍ୱେଷୀ-ଖାନଙ୍କ ଚକ୍ରାନ୍ତ । 'ବନଭୂମି'ର ଭୂମ୍ୟଧିକାରୀ ରାମଚନ୍ଦ୍ର ଖାନ୍ । ହରିଦାସଙ୍କର ଖ୍ୟାତି ପ୍ରତିପତ୍ତିରେ ଈର୍ଷାନ୍ୱିତ । ତେଣୁ ହରିଦାସଙ୍କୁ ବିପଥ-ଗାମୀ କରି, ତାଙ୍କ ସୁନାମରେ କଳଙ୍କ ବୋଳିଦେବାର କୌଶଳ । ସେଥିପାଇଁ ସ୍ୱୈରୀ ବେଶ୍ୟାର ଆଶ୍ରୟ । କାୟା ଓ ମନକୁ କଳୁଷିତ କରିବା ପାଇଁ ଅବ୍ୟର୍ଥ ଅସ୍ତ୍ର ପ୍ରୟୋଗରେ ସମର୍ଥ ଏହି ଅନିନ୍ଦ୍ୟ ସୁନ୍ଦରୀ ନାରୀ ।

ସେ ଏକ ଅଗ୍ନିପରୀକ୍ଷା ହରିଦାସଙ୍କ ପକ୍ଷରେ ।

ଏକାନ୍ତ ନିର୍ଜନ ସ୍ଥାନ । ହରିଦାସ ଏକାକୀ । ହଠାତ୍ ଉପସ୍ଥିତ ସମ୍ମୁଖରେ ଅପ୍ସରୀ ସଦୃଶ ଅପୂର୍ବ ରୂପବତୀ ନାରୀ । ହାବଭାବାଦି କାମୋଦ୍ଦୀପକ ସମସ୍ତ ସଙ୍କେତ ପ୍ରଦର୍ଶନରେ ନିରନ୍ତର ନିପୁଣ । ଏହି ମହିଳାର ମୋହପାଶରୁ ଉଦ୍ଧାର ପାଇବା ଏକ ଦୁଃସାଧ୍ୟ ସାଧନା ।

ମାତ୍ର ଭ୍ରୂକ୍ଷେପ ନାହିଁ ହରିଦାସଙ୍କର, ସମସ୍ତ ଜାଗତିକ ଆକର୍ଷଣର ବିକର୍ଷଣ-କାରୀ ଶ୍ରୀକୃଷ୍ଣ ନାମ ଆଜି ହରିଦାସଙ୍କର ରକ୍ଷାକବଚ । କୃଷ୍ଣନାମହିଁ ଏକମାତ୍ର ଆକର୍ଷଣ ହରିଦାସଙ୍କର । ଗଣିକା ତେଣୁ ବ୍ୟର୍ଥମନୋରଥା ।

ସେ ଚାହିଁଥିଲା ହରିଦାସଙ୍କର ସଙ୍ଗସୁଖ । ରାମଚନ୍ଦ୍ର ଖାଁଙ୍କର ପ୍ରରୋଚନାରେ । କାମଲାଳସାରେ ଜର୍ଜରିତା କାମିନୀ ସାନୁନୟ ନିବେଦନ ଜଣାଇଲା ହରିଦାସଙ୍କ ସମୀପରେ ଅତି ନିର୍ଲଜ୍ଜ ଭାବରେ—

ପରମ ସୁନ୍ଦର ତବ ପ୍ରଥମ ଯୌବନ ।
ଦେଖି ଧୈର୍ଯ୍ୟ ଧରନ୍ତା ବା କେଉଁ ନାରୀମନ ।।
ତୋ ସଙ୍ଗମ ଲାଗି ମନ ଲୋଭଏ ମୋହର ।
ତୁମ୍ଭ ବିନେ ବୃଥା ପ୍ରାଣ ନପାରିବ ଧରି ।। ଚୈ: ଚ:

ହରିଦାସ ଅଟଳ, ଅଚଳ, ନିର୍ବେଦ, ନିର୍ବିକାର !

Source: Author, Digitized by PPRACHIN, SOA

ମହା ମହା ଋଷିମାନଙ୍କର ମଧ୍ୟ ମତିଭ୍ରମ ଘଟିଛି କାମକାମିନୀର ସଂସ୍ପର୍ଶରେ । ରାଜର୍ଷି, ମହର୍ଷି, ପରିଶେଷରେ ବ୍ରହ୍ମର୍ଷି ଆଖ୍ୟାତ ବିଶ୍ୱାମିତ୍ରଙ୍କର ମେନକା ରୂପ ଲାବଣ୍ୟରେ ମୁଗ୍ଧ ହେବାର କଳଙ୍କ ଦୂରପନେୟ । ଆଦିତ୍ୟ ଯଜ୍ଞକାଳରେ ମିତ୍ରାବରୁଣଙ୍କର ସ୍ଖଳନ ଏକ ପୌରାଣିକ ସତ୍ୟ । ରାଜକନ୍ୟାର ସ୍ୱୟଂବରରେ ନାରଦ ଓ ପର୍ବତ ଋଷିଙ୍କର ପ୍ରତିଦ୍ୱନ୍ଦ୍ୱିତା ଏକ କୌତୁହଳପ୍ରଦ ଉପାଖ୍ୟାନ ହୋଇ ରହିଯାଇଛି ପୁରାଣରେ । ମାତ୍ର ହରିଦାସ କୌଣସି ପୌରାଣିକ ଆଖ୍ୟାୟିକାର ପାତ୍ର ହେବାର ଦୁର୍ଭାଗ୍ୟ ବରଣ କରିନାହାନ୍ତି । ଏକ ଐତିହାସିକ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହରିଦାସ ଋଷି ମୁନିମାନଙ୍କର ବହୁ ଊର୍ଦ୍ଧ୍ୱରେ ।

ଐତିହାସିକ ଚରିତ୍ର ଈଶା ସେଦିନ ସୈତାନର ଉତ୍ପୀଡ଼ନରେ ଅତିଷ୍ଠ ଉତ୍ତିଷ୍ଠ ହୋଇ କୋପନମୂର୍ତ୍ତି ଧାରଣ କରିବାକୁ ବାଧ୍ୟ ହୋଇଥିଲେ, ତା'ଠାରୁ ଶକ୍ତି ସାମର୍ଥ୍ୟ ଲାଭ କରିବା ପାଇଁ ।

ଅନ୍ୟ ଏକ ଐତିହାସିକ ସୁପ୍ରସିଦ୍ଧ ବ୍ୟକ୍ତି ଶାକ୍ୟସିଂହ, ଭଗବାନ ବୁଦ୍ଧ । ସେଦିନ ତଥାଗତ ଗୌତମଙ୍କ ପକ୍ଷରେ ମଧ୍ୟ ଅନାୟାସ ହୋଇ ନଥିଲା ଦୁର୍ମଦମଦନର ମାଦନରୁ ଆପଣାକୁ ଅନାହତ ରଖିବା ।

ହରିଦାସ କିନ୍ତୁ ସୟତାନୀ ଶତ୍ରୁ ଶକ୍ତିକୁ ପରାଭୂତ ହେବାର ଗ୍ଳାନି ଆଣି ଦେଇ ନାହାନ୍ତି ନିଜର ବିଜୟ ସତ୍ତ୍ୱେ । ବିଜେତାର ଅଭିମାନ ନ ଥିଲା । ପରବର୍ତ୍ତୀରେ ପିନ୍ଧାଇ ଦେଲେ ସୟତାନଶିରରେ ଭଗବତ୍ ଭକ୍ତିର ସେହି ଅମ୍ଳାନ କିରୀଟ, ଯାହାର ତୁଳନାରେ ସୃଷ୍ଟିର ସମସ୍ତ ଐଶ୍ୱର୍ଯ୍ୟ, ସ୍ୱର୍ଗର ଇନ୍ଦ୍ରପଦ ମଧ୍ୟ ଅତି ତୁଚ୍ଛ, ନଗଣ୍ୟ । ସେ ଆଜି ପରମ ପଦର ଅଧିକାରୀ । ଉଦାରଚେତା ହରିଦାସଙ୍କ କୃପାବଳରେ । ନିଜର ବିଜୟ କେତନକୁ ଉନ୍ନତ ଉଜ୍ଜ୍ୱଳ କରି ରଖିବା ସଙ୍ଗେ ସଙ୍ଗେ ଶତ୍ରୁକୁ ମଧ୍ୟ ଗୌରବ ଦେବାର ମହତ୍ତ୍ୱ ଦିଗରୁ ବିଚାର କଲେ, ହରିଦାସହିଁ ନିଜେ ନିଜର ଉପମା ।

କପଟାଚାରିଣୀ ବାରାଙ୍ଗନା ପ୍ରତି ଘୃଣା ନାହିଁ, ଅସୂୟା ନାହିଁ ଠାକୁର ହରିଦାସଙ୍କର । ଶତ୍ରୁ ମିତ୍ର କାହାରି ମନରେ ଆଘାତ ଦେବାର ଅଭିପ୍ରାୟ ନାହିଁ ଭକ୍ତ ଚିତ୍ତରେ । ନୈରାଶ୍ୟବାଣୀ ଶୁଣାଇ କାହାରିକି ଉଦ୍‌ବେଗ ଦେବାର କଳ୍ପନା ମଧ୍ୟ ସ୍ଥାନ ପାଇ ନାହିଁ ପରମ ବୈଷ୍ଣବ ହରିଦାସଙ୍କ ମନ ମଧ୍ୟରେ ।

ବାରାଙ୍ଗନାକୁ ଅଙ୍ଗୀକାର କରିବାର ପ୍ରତିଶ୍ରୁତି ଦେଉଛନ୍ତି ହରିଦାସ, ସତର୍କତାର ସହିତ ସନ୍ତର୍ପଣରେ, ସସର୍ତ୍ତରେ ।

"ହରିଦାସ କହେ, କରିବଇଁ ଅଙ୍ଗୀକାର ।
ଯାବତ ମୋ ପୂର୍ଣ୍ଣ ନୋହେ ସଂଖ୍ୟାଜପ ସାର ।।
ତାବତ ଶୁଣ ଗୋ ବସି ନାମ ସଂକୀର୍ତ୍ତନ ।
ନାମ ସମାପନ ଅନ୍ତେ ପୂରିବ ତୋ ମନ ।।

ଅଶେଷ ଆଶାରେ ଅନୁପ୍ରାଣିତା ଅପେକ୍ଷମାଣା ଗଣିକା । କେତେ ନାମପ୍ରେମ ବିଭୋର ଅହୋରାତ୍ର ଆତ୍ମବିସ୍ମୃତ ହରିଦାସ । ଗଣିକା ନିରୀକ୍ଷଣ କରୁଛି । ଧୈର୍ଯ୍ୟ ତାର

Source: Author, Digitized by PPRACHIN, SOA

ଚ୍ୟୁତ ଘଟୁଛି । ଆପେ ଆପଣାକୁ ପ୍ରଶ୍ନ କରୁଛି—ସମାପ୍ତି କେଉଁଠି ଏ ବନ୍ଧମହୀନ ନାମ ସଂକୀର୍ତ୍ତନର ?

ନିଶାର ଶେଷ ଯାମ । ନାମେ ରତର ବିରତ ନାହିଁ ହରିଦାସଙ୍କର । ରାତିର ଅବସାନ ଘଟୁଛି ଆଗ୍ରହାତିଶଯ୍ୟରେ । ଅନ୍ଧାରର ବୁକୁ ବିଦୀର୍ଣ୍ଣ ହୋଇଯାଉଛି । ଗଗନର ରଜତତରଳ ହୃଦୟରୁ ଉଷ୍ମତା ଆହରଣ କରି କିଏ ଯେପରି ଲେପ ଚଢ଼ାଇ ଦେଉଛି ଅବନୀର ଅବୟବରେ । ଚତୁର୍ଦ୍ଦିଗରେ ଆଲୋକର ପ୍ଳାବନ ।

ସଂଖ୍ୟାଜପ ଅଦ୍ୟାପି ଅସମ୍ପୂର୍ଣ୍ଣ । ଦିନନ୍ଦିନ, ଦିନରାତି ଅତିବାହିତ । ହରିଦାସଙ୍କର ଏ ସଂଖ୍ୟା ସଂକୀର୍ତ୍ତନ ଛଳନା ନୁହେଁ ତ ? ହୀରା ମନରେ ସନ୍ଦେହର ରେଖାପାତ ହେଲା ପ୍ରଥମ ପ୍ରଭାତରେ । ବ୍ୟର୍ଥମନୋରଥା ହୋଇ ପ୍ରତ୍ୟାବର୍ତ୍ତନ କଲା ଆପଣା ପ୍ରାସାଦକୁ । ମାତ୍ର ସେହି ନିବୃତ୍ତ ପ୍ରବୃତ୍ତିକୁ ପୁନର୍ବାର ଇନ୍ଧନ ଯୋଗାଇଲା ରାମଚନ୍ଦ୍ର ଖାଁଙ୍କର ପ୍ରଲୋଭନ ଓ ପ୍ରରୋଚନା । ନବଉତ୍ସାହ ଉନ୍ମାଦନାରେ ପୁନର୍ବାର ପ୍ରୟାସ କରୁଛି ଲକ୍ଷହୀରା ।

ଦିନେ ନୁହେଁ ଦିନାର୍ଦ୍ଧେକ ନୁହେଁ, ତିନିତିନି ଦିନ ଦିବାରାତ୍ର ଅତିବାହିତ ହେବାକୁ ଲାଗିଲା । ନିରବଧି ନାମ ସଂକୀର୍ତ୍ତନର ପରିସମାପ୍ତି ନାହିଁ ।

ବରଂ ପରିସମାପ୍ତି ଘଟିଲା ଲକ୍ଷହୀରାର ସମସ୍ତ ଆଗ୍ରହ । କାମନା ଚରିତାର୍ଥ ନିମନ୍ତେ ସମସ୍ତ ଲାଲସାର ଅବସାନ ଘଟିଲା ତାର ମନ ମଧ୍ୟରେ ।

ଏ ସଂକୀର୍ତ୍ତନର ସମାପ୍ତି ନ ହେଉ ! ଏହାହିଁ ହୋଇଉଠିଲା ଲକ୍ଷହୀରାର କାମ୍ୟ । ଲକ୍ଷହୀରାର ଲକ୍ଷ । କୀର୍ତ୍ତନର ପରିସମାପ୍ତିରେ ନୁହେଁ, କୀର୍ତ୍ତନର ଅଭିବୃଦ୍ଧିରେ ହିଁ ଆଜି ତାର ଅଭିରୁଚି । ଏକ ନୂତନ ଭାବର ପ୍ରଭାବରେ ଲକ୍ଷ୍ୟଚ୍ୟୁତ ଲକ୍ଷହୀରାର ଉପଭୋଗ ସ୍ପୃହା ଅଭିବୃଦ୍ଧ ଅଭାବ ଅପସାରିତ ହୋଇଗଲା ଏକାବେଳକେ । ସଂକୀର୍ତ୍ତନ ମଧ୍ୟରେ ସେ ପାଇଛି ତାର ଚିର ଆକାଙ୍‌କ୍ଷିତ ବସ୍ତୁ । ପ୍ରାଣର ଦୋସର । ଯେପରି କେଉଁ ଏକ ଦାରୁଣ ଅଭିଶାପରେ ଦୁଷ୍ମନ୍ତ ଭଳି ବିସ୍ମରଣ ହୋଇ ଯାଇଥିଲା ତାର ସେହି ଆଦିମ ଆଦ୍ୟ ସମ୍ବନ୍ଧର ସମସ୍ତ କାହାଣୀ । ଆଜି ଏହି ନାମ ମୁଦ୍ରା ବଳରେ ହିଁ ସେ ହୋଇଛି ଜାତିସ୍ମର ।

ସେହି ବସ୍ତୁର ଆଭାସରେ ଯେପରି ତାର ଅନ୍ୟ ଅନେକ ଆକାଙ୍‌କ୍ଷା ଅବାଞ୍ଛିତ, ଅନାବଶ୍ୟକ ମନେ ହେଉଛି । ତାର ସମସ୍ତ ପାର୍ଥିବ ବୈଭବ, ଶୈଶବର କ୍ରୀଡ଼ା ପୁତ୍ତଳିକାପ୍ରାୟ ତୁଚ୍ଛପ୍ରାୟମାନ ହେଉଛି । ଜୀବନର ଏକମାତ୍ର ଅଭିଳଷିତ ରସର ଆଧାର ଯେପରି ଏଇ ସଂଖ୍ୟା-ସଂକୀର୍ତ୍ତନ । ଏ ସଂଖ୍ୟା ସଂକୀର୍ତ୍ତନର ସମାପ୍ତି ନ ହୁଅନ୍ତା କି ! ଲକ୍ଷହୀରାର କାମନା ।

କିନ୍ତୁ ହାୟ । ସେ ସଂଖ୍ୟା ଜପର ସମାପ୍ତି ଯେ ଆଗତପ୍ରାୟ—ତାର ଏକାନ୍ତ ଅନିଚ୍ଛା ସତ୍ତ୍ୱେ । ସେ କି ଆକୁଳ ବିଳାପ ଲକ୍ଷହୀରାର ନାମରେ ବିରାମ ଲକ୍ଷ କରି ।

" କୃପାକରି ମୋତେ ଅଙ୍ଗୀକାର କରନ୍ତୁ ଠାକୁରେ !"

କାତର ନିବେଦନ ଜ୍ଞାପନ କରୁଛି ଲକ୍ଷହୀରା, ନାମ-ବିରତ ଠାକୁର ହରିଦାସଙ୍କ ପଦପ୍ରାନ୍ତରେ ସାଷ୍ଟାଙ୍ଗ ପ୍ରଣିପାତ କରି ।

" ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ! "

Source: Author, Digitized by PPRACHIN, SOA

ଧର୍ମ ସମ୍ମୂଢ଼ଚେତା ଅର୍ଜୁନ ବେଦନ ଭରତ ଯୁଦ୍ଧ ମଧ୍ୟରେ ଶ୍ରୀକୃଷ୍ଣ ଭଗବାନଙ୍କ ଉଦ୍ଦେଶ୍ୟରେ ନିବେଦନ କରିଥିଲେ ଏକାନ୍ତ ଶରଣାଗତ ଶିଷ୍ୟ ଭାବରେ । ଆଜି ଲକ୍ଷହୀରା ଠାକୁର ହରିଦାସଙ୍କ ପାଦରେ ନିଉଛୁଳି ହୋଇ କହୁଛି, ଶିଷ୍ୟରୂପେ ଅଙ୍ଗୀକାର କରିବାକୁ ।

ଅଙ୍ଗର ଅଙ୍ଗୀକାର ଆଉ ଯାଚ୍ଞା ନୁହେଁ ଲକ୍ଷହୀରାର । ଶିଷ୍ୟାରୂପେ ଅଙ୍ଗୀକୃତ ହେବାର ପ୍ରବଳ ବାସନା ଜାଗିଛି ଗଣିକା ପ୍ରାଣରେ ।

ପରମ ବୈଷ୍ଣବ ହରିଦାସ ତାଙ୍କର ବଚନ ରକ୍ଷା କରୁଛନ୍ତି ଲକ୍ଷହୀରା ପ୍ରାର୍ଥନାର ଯଥାର୍ଥତା ପ୍ରତିପାଦନ କରି । ଏ ଅଙ୍ଗୀକାର ପତିଭାବରେ ଅଙ୍ଗର ଅଙ୍ଗୀକାର ନୁହେଁ, ଇହକାଳ ପରକାଳର ଗତି ସଦ୍‌ଗୁରୁ ଭାବରେ ଶିଷ୍ୟର ସମଗ୍ର ଜୀବନର ଦାୟିତ୍ୱ ବହନକରିବାର ନଭିର ପ୍ରତିଶ୍ରୁତି ହିଁ ଏ ଅଙ୍ଗୀକାରର ତାତ୍ପର୍ଯ୍ୟ ।

ଏ କେବଳ ହରିଦାସଙ୍କର ବଚନ ରକ୍ଷା ନୁହେଁ ; ଅନାଦି କର୍ମବନ୍ଧନରୁ ଗୋଟିଏ କଳୁଷିତ ଜୀବର ସୁରକ୍ଷା ମଧ୍ୟ ।

ଗୁରୁ ଆଜ୍ଞା ଶିରୋଧାର୍ଯ୍ୟ ଲକ୍ଷହୀରାର ।

କୋଳାହଳମୟ ବିଭବଶାଳୀ ନଗରୀର ରମ୍ୟ ଏକ କେନ୍ଦ୍ରସ୍ଥଳରେ ସର୍ବଜନ-ଚିତ୍ତାକର୍ଷକ ବେଶ୍ୟାର ସେହି ବିଶାଳ ହର୍ମ୍ୟ ଆଉ ଲକ୍ଷହୀରାର ବିଳାସ କ୍ଷେତ୍ର ନୁହେଁ । ହରିଦାସଙ୍କ ପଦାଙ୍କିତ ଭୂମି ଆଜି ତାର କୋଟି ତୀର୍ଥ । ତାଙ୍କରି ପରିତ୍ୟକ୍ତ ପର୍ଣ୍ଣ କୁଟୀର ହିଁ ତାର ସଦାଶ୍ରୟ ଆଶ୍ରୟ । ସେହି କକ୍ଷରେ ତିନିଲକ୍ଷ ନାମ ଜପ ଦ୍ୱାରା ପରମ ପୂଜ୍ୟ ଶ୍ରୀଗୁରୁଙ୍କର ସ୍ମୃତିକୁ ଜୀବନ୍ତ କରି ରଖିବାର ବ୍ରତହିଁ ଆଜି ଲକ୍ଷହୀରା ଜୀବନର ଏକମାତ୍ର ଲକ୍ଷ୍ୟ । ଏକଦା ବିପୁଳ ବିଭବର ଅଧିକାରିଣୀ ଆଜି ଭିକ୍ଷାଣୀ । ଆଜୀବନ ଅର୍ଜିତ ସମସ୍ତ ବିତ୍ତ ଦେବବ୍ରାହ୍ମଣସେବାରେ ନିୟୋଜିତ ।

ଆଉ ହରିଦାସ ?

ଦୁର୍ଜନ ସଂସର୍ଗତ୍ୟାଗ ହିଁ ଶ୍ରେୟସ୍କର ହରିଦାସଙ୍କ ପକ୍ଷରେ । ସହସ୍ର ହସ୍ତ ପରିମିତ ଦୂରତା ଅବଲମ୍ବନ ହସ୍ତୀ ନିକଟରେ, ଅଶ୍ୱସଙ୍କୁଳ ସ୍ଥାନଠାରୁ ଏବଂ ଶୃଙ୍ଗୀଠାରୁ ଦଶହସ୍ତ ଦୂରରେ ଅବସ୍ଥାନ ଶାସ୍ତ୍ରୋକ୍ତ ବିଧି । ମାତ୍ର ସ୍ଥାନ ତ୍ୟାଗେନ ଦୁର୍ଜନ ।

ଅସତ୍ ସଙ୍ଗେ ତ୍ୟାଗ ଏହି ବୈଷ୍ଣବ ଆଚାର,
ଅସାଧୁ ସ୍ତ୍ରୀ-ସଙ୍ଗୀ କୃଷ୍ଣେ ଅଭକ୍ତ ଯାହାର ॥ ଚୈ. ଚ

ତାହାହିଁ ହେଲା ହରିଦାସଙ୍କର ପଥନିର୍ଦ୍ଦେଶକ । ଅନନ୍ତରବିଳମ୍ବେ ସେ ରାମଚନ୍ଦ୍ର ଖାନ୍‌ଙ୍କର ଅଧୀନସ୍ଥ ସ୍ଥାନ ବର୍ଜନ କରି ଆଶ୍ରୟ ନେଲେ ଅଦୂରବର୍ତ୍ତୀ ଅନ୍ୟଏକ ଗ୍ରାମରେ—ଚନ୍ଦପୁରରେ ।

*

*   *

Source: Author, Digitized by PPRACHIN, SOA

ଚାନ୍ଦପୁରରେ ବଳରାମ ଆଚାର୍ଯ୍ୟଙ୍କ ଆବାସ । ଅତ୍ୟନ୍ତ ଅତିଥିପରାୟଣ ବଳରାମ । ଭକ୍ତଗତ ପ୍ରାଣ, ଭକ୍ତସ୍ୱାଗତକାରୀ । ଅଗାଧ ପାଣ୍ଡିତ୍ୟ ପାଇଁ ପ୍ରସିଦ୍ଧ । ଆତିଥେୟୀ ବଳରାମଙ୍କର ପ୍ରୀତିପ୍ରଦ ଆତିଥ୍ୟରେ ଆପ୍ୟାୟିତ ହରିଦାସ । ନିର୍ମିତ ହେଲା କ୍ଷୁଦ୍ର ଏକ ପତ୍ରକୁଡ଼ିଆ ହରିଦାସଙ୍କ ଭଜନକୁଟୀର, ବିଶ୍ରାମାଗାର, ବଳରାମଙ୍କ ନିର୍ଦ୍ଦେଶରେ ।

ଗୌଡ଼େଶ୍ୱରଙ୍କର ବିଶ୍ୱରବିଭାଗୀୟ ପ୍ରତିନିଧି ହିରଣ୍ୟ ଓ ଗୋବର୍ଦ୍ଧନ । ଉଭୟେ କୁଳୀନ ବ୍ରାହ୍ମଣ ବଂଶଜ । ବଳରାମଙ୍କ ଯଜମାନ । ମହାଐଶ୍ୱର୍ଯ୍ୟଶାଳୀ ଦୁଇଭ୍ରାତା ସଦାଶୟ ଧାର୍ମିକ । ଭକ୍ତ, ବ୍ରାହ୍ମଣ, ବୈଷ୍ଣବଙ୍କର ଆଶ୍ରୟସ୍ଥଳ । ଉଭୟେ ଆକୃଷ୍ଟ ଉଲ୍ଲସିତ ହରିଦାସଙ୍କ ଆଗମନ ବାର୍ତ୍ତାରେ । ଏହି ଅମୂଲ୍ୟନିଧି ଅଧିକାରୀ ବଳରାମଙ୍କଠାରୁ ଆଣି ହରିଦାସଙ୍କୁ ସର୍ବସାଧାରଣ ସମ୍ପତ୍ତି କରିବା ପାଇଁ ଜାଗିଲା ପ୍ରବଳ ଅଭିଳାଷ ଦୁଇଭାଇଙ୍କ ମନରେ ।

ଆୟୋଜିତ ହେଲା ହରିଦାସ-ସମ୍ବର୍ଦ୍ଧନା ସଭା । ଆୟୋଜକ ହିରଣ୍ୟ ଓ ଗୋବର୍ଦ୍ଧନ । ହରିଦାସଙ୍କ ପ୍ରତିଷ୍ଠା କେବଳ ନୁହେଁ, ନାମର ପ୍ରତିଷ୍ଠା, ହରିନାମର ପ୍ରଚାର, ନାମ ମାହାତ୍ମ୍ୟର ପ୍ରଚାର ଥିଲା ଦୁଇଭାଇଙ୍କର ଉଦ୍ଦେଶ୍ୟ । ମାତ୍ର ହରିଦାସ ସଙ୍କୁଚିତ ।

ବହୁଜନ-ସମାଗତ ଏକ ବିରାଟ ସଭା ଅପେକ୍ଷା କରି ରହିଛି ହରିଦାସଙ୍କ ଆଗମନକୁ । ମାତ୍ର ହରିଦାସ ଅସମ୍ମତ । କୁଣ୍ଠିତ ସଭାସ୍ଥଳରେ ବିଜେ କରିବା ପାଇଁ । ଅସଙ୍ଗତ ଏ ଆୟୋଜନ । ହରିଦାସଙ୍କ ମତରେ ଏ ପ୍ରତିଷ୍ଠା ଶୂକରୀ ବିଷ୍ଠାର ନାମାନ୍ତର । ତୃଣାଦପି ସୁନୀଚ ସାଧନାର ବାଧକ ।

"ଏ ସମ୍ବର୍ଦ୍ଧନା ନିମନ୍ତେ ମୁଁ ପ୍ରସ୍ତୁତ ନୁହେଁ ।" ଜଣାଇଦେଲେ ହରିଦାସ ହିରଣ୍ୟ ଓ ଗୋବର୍ଦ୍ଧନଙ୍କୁ । ବଳରାମ ବ୍ୟଥିତ । ମର୍ମାହତ ହିରଣ୍ୟ ଗୋବର୍ଦ୍ଧନ ଉଭୟେ । ସହସ୍ରାଧିକ ଲୋକ ପ୍ରତୀକ୍ଷାରେ ବସି ରହିଛନ୍ତି ସଭାସ୍ଥଳରେ । ପୂର୍ବ ଘୋଷଣା ମତେ । ରାଜ-ପ୍ରତିନିଧି ଦୁଇଭାଇଙ୍କର ଅସାମାନ୍ୟ ସମ୍ମାନ ହ୍ରାସ ହେବ । ଉପହସିତ ହେବେ ଉଭୟେ, ଏ ସଙ୍କଟ ଦୂରୀକରଣର ଏକମାତ୍ର ଉପାୟ ସଭାସ୍ଥଳରେ ହରିଦାସଙ୍କ ବିଜୟ । ବଳରାମଙ୍କର ସନିର୍ବନ୍ଧ ଅନୁରୋଧ । ହରିଦାସଙ୍କର ପ୍ରତିଷ୍ଠା ନୁହେଁ, ନାମମହିମାର ପ୍ରତିଷ୍ଠା, ସଙ୍ଗେ ସଙ୍ଗେ ହିରଣ୍ୟ ଗୋବର୍ଦ୍ଧନଙ୍କ ସାମାଜିକ ପ୍ରତିଷ୍ଠା ଅପ୍ରତିହତ ରହୁ ।

ଏଡ଼ି ପାରିଲେ ନାହିଁ ହରିଦାସ । ଉପେକ୍ଷା କରି ପାରିଲେ ନାହିଁ ବଳରାମଙ୍କର ବିନୟୋକ୍ତି । ହିରଣ୍ୟ ଗୋବର୍ଦ୍ଧନଙ୍କର ଆଗ୍ରହାତିଶଯ୍ୟକୁ ।

ସଭାର ମଧ୍ୟଭାଗରେ ବିଦ୍ୟମାନ ହରିଦାସ । ଦିବ୍ୟ ଜ୍ୟୋତିରେ ଉଦ୍‌ଭାସିତ ସମଗ୍ର ଅବୟବ । ସ୍ପର୍ଶ ଦୂରେ ଥାଉ, ଦର୍ଶନ ମାତ୍ରେ ଧନ୍ୟ ହୋଇ ଯାଉଛନ୍ତି ଅଗଣିତ ନରନାରୀ । ସଭା ସାର୍ଥକ ମନେ କରୁଛନ୍ତି ଆବାହକବୃନ୍ଦ । କିନ୍ତୁ ହରିଦାସଙ୍କ ପକ୍ଷରେ ଏହା କେବଳ ଏକ ଉପଲକ୍ଷ ମାତ୍ର । ଲକ୍ଷ ଭକ୍ତି ଧର୍ମର ପ୍ରସାର, ନାମ ମହିମା ପ୍ରଚାର, ସଭାସଦଙ୍କ ଅଲକ୍ଷରେ ।

ବହୁ ଉତ୍କର୍ଣ୍ଣ-ଉତ୍କୀର୍ଣ୍ଣ ଉତ୍ସୁକ ଜନତା ମଧ୍ୟରେ ସେଦିନ ବଜ୍ରନିର୍ଘୋଷ ରବରେ ଘୋଷଣା କଲେ ହରିଦାସ—"ମୋକ୍ଷଫଳଦାତା ନାମର ଅନ୍ୟ ଏକ ମୁଖ୍ୟ ମହିମା ପ୍ରେମର ସଞ୍ଚାର, କେବଳ ମୋକ୍ଷଦାନ କରିବା ହରିନାମର କାର୍ଯ୍ୟ ନୁହେଁ ।"

Source: Author, Digitized by PPRACHIN, SOA

ହରିଦାସ କହେ, ଏହା ନୁହଇ କେବଳ ।
କୃଷ୍ଣପଦେ ପ୍ରେମ ଜାତ କରେ ନାମ ଫଳ ॥
ମାତ୍ର ଆନୁଷଙ୍ଗିକ ହୁଏ ମୁକ୍ତି, ପାପ ନାଶ,
ଦୃଷ୍ଟାନ୍ତ ସ୍ୱରୂପେ ଯେହ୍ନେ ସୂର୍ଯ୍ୟର ପ୍ରକାଶ ॥ ଚୈ. ଚ.

ଭୂତ ପ୍ରେତ ଚୋରାଦି ଭୟର ଦୂରୀକରଣ ସୂର୍ଯ୍ୟୋଦୟର ମୁଖ୍ୟ ଲକ୍ଷ ନୁହେଁ; ଆଲୋକ ବିତରଣ ସଙ୍ଗେ ସଙ୍ଗେ ଶାସ୍ତ୍ରୀୟ କର୍ମାନୁଷ୍ଠାନର ଆନୁକୂଲ୍ୟ ବିଧାନହିଁ ପ୍ରକୃତ ଲକ୍ଷ । ଭୂତପ୍ରେତାଦି ଭୟ ସ୍ୱତଃ ବିଦୂରିତ ହୋଇଯାଏ ।

ଅଂହଃ ସଂହରଦଖିଳଂ ସକୃଦୁଦୟାଦେବ ସକଳ ଲୋକସ୍ୟ,
ତରଣିରିବ ତିମିର ଜଳଧିଂ ଜୟତି ଜଗନ୍ମଙ୍ଗଳଂ ହରେର୍ନାମ । ଚୈ. ଚ

ହରିଦାସ ନିର୍ଭୀକ ଭାବରେ ଘୋଷଣା କରୁଛନ୍ତି—

……ଯଥା ସୂର୍ଯ୍ୟର ଉଦୟେ ।
ଉଦୟ ନ ହେଉଁ ତମୋରାଶି ଯାଏ କ୍ଷୟେ ॥
ଚୋର ପ୍ରେତ ରାକ୍ଷସାଦି ଭୟ ହୁଏ ନାଶ ।
ଉଦୟର ଧର୍ମ କର୍ମ ମଙ୍ଗଳ ପ୍ରକାଶ ॥
ନାମ ଥାଉ ଦୂରେ ନାମାଭାସେ ମୁକ୍ତି ମିଳେ ।
ହେଲେ ହେଁ ତା କୃଷ୍ଣଭକ୍ତ ଗୃହେ ନାହିଁ ଟଳେ ॥ ଚୈ.ଚ

ସେଦିନ ହରିଦାସଙ୍କର ଏ ବ୍ୟାଖ୍ୟା ଆଜି ପ୍ରଖ୍ୟାତ । ସଭାସ୍ଥ ଆମନ୍ତ୍ରିତ ମଣ୍ଡିତ-ମଣ୍ଡଳୀ ସମସ୍ତଙ୍କୁ ମୁଗ୍ଧ କରିଥିଲା ଏ ଉଦାହରଣ । କିନ୍ତୁ ପ୍ରତିବାଦ କଲେ ଗୋପାଳ ଚକ୍ରବର୍ତ୍ତୀ ଏକା ।

"ହରିଦାସ, ଏ ଅର୍ଥ ଯଥାର୍ଥ ନୁହେଁ । ତମର ଉକ୍ତି ଯଦି ସତ୍ୟ ସାବ୍ୟସ୍ତ ନ ହୁଏ, ତେବେ ତମର ନାସିକା ଛେଦନ କରାଯିବ । ସ୍ୱୀକୃତ ?" ପ୍ରଶ୍ନ କଲେ ଗୋପାଳ ଚକ୍ରବର୍ତ୍ତୀ । ହରିଦାସଙ୍କ ପ୍ରତି ଚକ୍ରବର୍ତ୍ତୀଙ୍କର ସ୍ପର୍ଦ୍ଧିତ ଆହ୍ୱାନ ।

ଅବିକୃତ ଚିତ୍ତରେ ସ୍ୱୀକୃତି ଜଣାଉଛନ୍ତି ହରିଦାସ । ସଭାସ୍ଥ ଜନତା ହାହାକାର କରି ଉଠିଲା ଏ ସ୍ୱୀକୃତିରେ । କିନ୍ତୁ ହରିଦାସ ଆଶ୍ୱାସନା ଦେଲେ ଉପସ୍ଥିତ ଜନସମାଜକୁ —"ଆଶଙ୍କା ନିଷ୍ପ୍ରୟୋଜନ । ଦିବାଲୋକ ପ୍ରାୟେ ଏ ଉକ୍ତି ସତ୍ୟ, ସମୁଜ୍ଜ୍ୱଳ । ଏଥିରେ ଅବିଶ୍ୱାସର ଅବକାଶ ନାହିଁ ।

ଧିକ୍କାର ଉଠିଲା ଚତୁର୍ଦ୍ଦିଗରେ ଚକ୍ରବର୍ତ୍ତୀଙ୍କୁ ଲକ୍ଷକରି । ମାତ୍ର ହରିଦାସ ସ୍ଥିତଧୀ, ସ୍ଥିତପ୍ରଜ୍ଞ, ନିର୍ବିକାର ଚିତ୍ତରେ କହିବାକୁ ଲାଗିଲେ –'ତର୍କନିଷ୍ଠ ବ୍ରାହ୍ମଣ ନିର୍ଦ୍ଦୋଷ ! ଏ ତାଙ୍କର ସ୍ପର୍ଦ୍ଧିତ ଆହ୍ୱାନ ନୁହେଁ । ଜ୍ଞାନଲାଭର ଆଗ୍ରହ ମାତ୍ର ପ୍ରକାଶ ପାଇଛି ତାଙ୍କର କଟୂକ୍ତିରେ । ଅଳ୍ପଆୟାସରେ ସେ ନିଜେ ହୃଦୟଙ୍ଗମ କରିବେ, ପୁରାଣବର୍ଣ୍ଣିତ ଉପଦେଶର ସତ୍ୟତା । ଯେଉଁ ସବୁ ତତ୍ତ୍ୱ ଅଚିନ୍ତ୍ୟ ତାହା ତର୍କସାପେକ୍ଷ ନୁହେଁ ।"

"ଅଚିନ୍ତ୍ୟା ଖଳୁ ଯେ ଭାବାଃ ନ ତାନ୍ ତର୍କେଣ ଯୋଜୟେତ୍ !"—ବିଷ୍ଣୁପୁରାଣ ।

*

* *

Source: Author, Digitized by PPRACHIN, SOA

କିନ୍ତୁ ହରିଦାସ ଚାଲିଗଲେ ସପ୍ତଗ୍ରାମପରିତ୍ୟାଗ କରି ନିର୍ଜନ ଅନ୍ୟ ଏକ ଭଜନ ସ୍ଥାନ ଅନୁସନ୍ଧାନରେ । ପଛରେ ପଡ଼ି ରହିଲା ଉପେକ୍ଷିତ ହୋଇ ସପ୍ତଗ୍ରାମ ଅନ୍ତଃପାତୀ ବହୁ ପୁରପଲ୍ଲୀ ନିବେଦିତ ଲାଭ, ପୂଜା, ପ୍ରତିଷ୍ଠା ।

ଭଜନ ନିକେତନ ନୁହେଁ, ମହାମିଳନର ସଙ୍କେତ ସ୍ଥାନର ଅନ୍ୱେଷଣ । /

ହରିଦାସ ଚାଲିଛନ୍ତି । ଅତ୍ୟନ୍ତ ନିଷ୍କିଞ୍ଚନ ଅବସ୍ଥା । ଅଭାଜନ ନ ହେଲେ ଯେପରି ଭଜନର ଯୋଗ୍ୟତା ଅର୍ଜନ ଅସମ୍ଭବ । ନିଷ୍କିଞ୍ଚନ ଜନ ହିଁ ଭକ୍ତିକାଞ୍ଚନର ଅଧିକାରୀ । ହରିଦାସଙ୍କ ଜୀବନୀର ପ୍ରତି ଅଧ୍ୟାୟରେ ଯେପରି ଏହି ଆଦର୍ଶ ହିଁ ଧ୍ୟେୟ ।

ବହୁଦୂର ପଥ ଅତିକ୍ରମ କରି ହରିଦାସ ଚାଲିଛନ୍ତି ଅତି ଦ୍ରୁତ ଗତିରେ । ହଠାତ୍ ପଥ ମଧ୍ୟରେ ଶିଥିଳ ହୋଇଯାଉଛି ପଦକ୍ଷେପ । ଏ କି ସୁମଧୁର ଧ୍ୱନି ! ଚକିତ ହୋଇ ଚାହୁଁଛନ୍ତି ଚତୁର୍ଦ୍ଦିଗକୁ ।

ଅଦୂରରୁ ଭାସି ଆସୁଛି ଚିତ୍ତମନଉନ୍ମାଦକ ମଦନମନମନ୍ଥନ ସୁଲଳିତ ସ୍ୱନ । ଏ ଯେ ସେହି ବୃନ୍ଦାବନବିହାରୀ ମୁରଳୀଧରଙ୍କର ନିଧର ଅଧରର ମଧୁର ସ୍ପର୍ଶ ଗୌରବରେ ଗରବିତ ବଂଶୀରବ ।

କାହାନ୍ତି ସେ ବେଣୁପାଣି ? କାହିଁ ସେହି ତ୍ରିଭଙ୍ଗଭଙ୍ଗିମ ଠାଣି ? କାହିଁ ସେହି ନିକୁଞ୍ଜ କାନନ, ଯମୁନାପୁଳିନ, ବଂଶୀବଟ ?

ହିତାହିତ ବୋଧଶୂନ୍ୟ ହରିଦାସ । ଗ୍ରାମରୁ ଗ୍ରାମାନ୍ତର ଧାବମାନ୍ ପଦ-ବ୍ରଜରେ । କି ଆଶ୍ଚର୍ଯ୍ୟଜନକ ପ୍ରବ୍ରଜ୍ୟା । ଏକାକୀ । ନିଃସଙ୍ଗ । ଖରା ନାହିଁ, ତରା ନାହିଁ, ବର୍ଷା ନାହିଁ, ଶୀତ ନାହିଁ, ଅନ୍ନ ପାନୀୟ ପ୍ରତି ଭ୍ରୂକ୍ଷେପ ନାହିଁ, ଦ୍ରୁତ ପଦକ୍ଷେପରେ ଚାଲିଛନ୍ତି, ଏକ ଧ୍ୟାନରେ, ଏକ ମନରେ, ସେହି ବେଣୁ ସ୍ୱନର ଅନୁସରଣରେ । ସେ ନାଦ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଉଠୁଛି । ଆଗ୍ରହ ଉତ୍କଣ୍ଠା ବଢ଼ି ଚାଲିଛି ହରିଦାସଙ୍କର । ହୃତ୍‌କର୍ଣ୍ଣ-ରସାୟନ ସେ ସ୍ୱନ ଅନାୟାସରେ କର୍ଣ୍ଣକୁହର ଭେଦକରି ଅଶେଷ କ୍ଳେଶର କାରଣ ହୋଇଛି । ଅନ୍ତର ମଧ୍ୟରେ ନିରନ୍ତର । ସେହି ଆଲମ୍ବନରେ ବିଳମ୍ବିତ ମିଳନର ଆଶା ଓ ଆବେଗ ଯେପରି ଅସମ୍ଭାବ୍ୟ ଉଦ୍ଦୀପନ ।

ଚାଲିଛନ୍ତି ହରିଦାସ । ଦେହାଧ୍ୟାସ-ଶୂନ୍ୟ । ହଠାତ୍ ଚଳତ୍‌ଶକ୍ତିରହିତ ହୋଇ ପଡ଼ିଲେ । ବଂଶୀରବ ନୀରବ କାହିଁକି ? ତେବେ କଣ ଏହି, କଳ୍ପଦ୍ରୁମମୂଳ କାଳିନ୍ଦୀ-ତଟ ନିକଟରେ ପୀତପଟ ଲମ୍ପଟ କପଟ କରି ଲୁଚିଗଲେ ନିକୁଞ୍ଜ ନିକେତନର କପାଟ ଅନ୍ତରାଳରେ ?

କାହିଁଗଲା ଚିତ୍ତଚୋରର ନବଘନ ଶ୍ୟାମଳିଆ ବଂଶୀଧାରୀ ?

'ହା କୃଷ୍ଣ, ହା କୃଷ୍ଣ', କହି ମୂର୍ଚ୍ଛିତ ହରିଦାସ ।

ବୃନ୍ଦାବନ ନୁହେଁ, ବୃନ୍ଦାବନ ପରିବେଶରେ ହିଁ ମୂର୍ଚ୍ଛା । ଭୂପୃଷ୍ଠରେ ଶଯ୍ୟାଶାୟୀ ହରିଦାସ ।

ମୂର୍ଚ୍ଛା ନୁହେଁ; ଭୂପୃଷ୍ଠରେ ପତନ ନୁହେଁ; ଏ ଯେ ସାଷ୍ଟାଙ୍ଗ ପ୍ରଣିପାତ, ସମୁଦ୍ର-ମେଖଳା ପର୍ବତ-ସ୍ତନ-ମଣ୍ଡଳା ବିଷ୍ଣୁ ପତ୍ନୀ ଧରିତ୍ରୀଙ୍କ ଉଦ୍ଦେଶରେ ।

Source: Author, Digitized by PPRACHIN, SOA

ଗଙ୍ଗାରେ ଯମୁନାର ଭ୍ରମ ହୋଇଛି ହରିଦାସଙ୍କର । ଉପକୂଳବର୍ତ୍ତୀ ବନଭୂମିରେ ବୃନ୍ଦାରଣ୍ୟର ଅନୁଭୂତି । ମାତ୍ର କାହାନ୍ତି ସେ ବୃନ୍ଦାବନଚନ୍ଦ୍ର ଗୋପୀକାମନମୋହନ, ରାଧିକାହୃଦମଣ୍ଡନ, ଶ୍ରୀକୃଷ୍ଣ !

ସନ୍ଧ୍ୟା ଫେରିଆସୁଛି କିଛି କ୍ଷଣ ପରେ । ଚତୁର୍ଦ୍ଦିଗକୁ ଚକିତ ଦୃଷ୍ଟି ନିକ୍ଷେପ କରି ବୁଲୁଛନ୍ତି ହରିଦାସ । ସେହି ନୟନମନୋହାରୀ ଗୋଲକବିହାରୀ ବୃନ୍ଦାବନବିହାରୀଙ୍କ ଅନ୍ୱେଷଣରେ ।

"କିଏ ?" ହରିଦାସ ପ୍ରଶ୍ନ କରୁଛନ୍ତି ।

ସମ୍ମୁଖରେ ଅକସ୍ମାତ ଏକ ଅପରିଚିତ ବ୍ୟକ୍ତି ।

"ମୁଁ କମଳାକ୍ଷ ।" ଉତ୍ତର ଆସିଲା ।

ବୟସ୍କ ଜଣେ ଶୁଦ୍ଧପୂତ ବ୍ରାହ୍ମଣ । ହରିଦାସ ଫେରି ବୁଲୁଛନ୍ତି । ଦର୍ଶନମାତ୍ରେ ଚିତ୍ତ ପ୍ରଫୁଲ୍ଲ ହୋଇଉଠୁଛି । ପବିତ୍ରତାରେ ପରିପୂର୍ଣ୍ଣ ଅନ୍ତର । ଅଙ୍ଗଲାବଣ୍ୟରୁ ସ୍ପଷ୍ଟ ପ୍ରତୀୟମାନ । ପ୍ରଶସ୍ତ ଲଲାଟ ପଟଳରେ ଔଦାର୍ଯ୍ୟର ଆଲୋକ । ଶ୍ମଶ୍ରୁମଣ୍ଡିତ ଗଣ୍ଡଦେଶରେ ନମ୍ରତାର ସ୍ୱାକ୍ଷର । ଅତ୍ୟନ୍ତ ଅପରିଚିତ । ତଥାପି ଯେପରି ଏକାନ୍ତ ଆପଣାର । ବୋଧ ହେଉଛି ନିଷ୍କପଟ ସମ୍ବୋଧନରେ ।

ସମ୍ଭାଷଣରେ ଆତ୍ମୀୟତା ଆକର୍ଷଣ କରୁଛି ହରିଦାସଙ୍କ ଅନ୍ତରକୁ । ଆଚରଣର ଆନ୍ତରିକତା ମୁଗ୍ଧ କରୁଛି ହରିଦାସଙ୍କ ମନକୁ । ଅପୂର୍ବ ଶକ୍ତିମାନ୍ ଆଗନ୍ତୁକ । ଅସ୍ୱୀକାର କରିବାର ଉପାୟ ନାହିଁ । ଅଯାଚିତ ଆଶ୍ରୟ ନିବେଦନ ଆଗନ୍ତୁକଙ୍କର । ବିନାଦ୍ୱିଧାରେ ଆତିଥ୍ୟ ଗ୍ରହଣ କଲେ ହରିଦାସ କମଳାକ୍ଷଙ୍କର ।

ହରିଦାସ ଓ କମଳାକ୍ଷ । ଗଙ୍ଗା ଓ ଯମୁନା । ଦୁଇଟି ସ୍ୱତନ୍ତ୍ର ଧାର ବୁହନ୍ତି, ଧାରା । ମାତ୍ର ସୂତ୍ର ଏକ । ଗଙ୍ଗା ଓ ଯମୁନାର ସଙ୍ଗମସ୍ଥଳ ଯେପରି କମଳାକ୍ଷଙ୍କ ବାସଭବନ ଶାନ୍ତିପୁରରେ ।

ହରିଦାସ ଓ କମଳାକ୍ଷଙ୍କ ମିଳନ । ସୁନାରେ ସୁହାଗା । କ୍ରମେ ଗାଢ଼ରୁ ଗାଢ଼ତର ହୋଇଉଠିଲା ଉଭୟଙ୍କର ସମ୍ବନ୍ଧ । ନିବିଡ଼ ହୋଇଗଲା ଏକ ଅସଂବଦ୍ଧ ବନ୍ଧନ । ଉଭୟଙ୍କ ଲକ୍ଷ୍ୟରେ ସାମଞ୍ଜସ୍ୟ ଅନେକ । ଅନୁଭବ କଲେ ଉଭୟେ ଅନତିବିଳମ୍ବେ ।

ଲକ୍ଷ୍ୟ ଏକ । ପନ୍ଥା ଏକ । ସାଧ୍ୟ ଓ ସାଧନା ଏକ । ଏକତ୍ରରେ ହିଁ ଦୁହିଙ୍କର ବିକାଶ ।

ଏକ ଯଜ୍ଞବେଦୀରେ ଯଜ୍ଞେଶ୍ୱର ଏକ । ଆବାହନମନ୍ତ୍ର ମଧ୍ୟ ଏକ । ଏକା ପାତ୍ରରେ ଚରୁ ହବି ସମିଧର ସଂସ୍ଥାପନା । ମାତ୍ର କମଳାକ୍ଷ ପୁରୋଧା । ହରିଦାସ ଆଚାର୍ଯ୍ୟ ।

'ଇନ୍ଦ୍ରାୟ ସ୍ୱାହା, ତକ୍ଷକାୟ ସ୍ୱାହା' ମନ୍ତ୍ର ଉଚ୍ଚାରଣରେ ଆକର୍ଷିତ ହୋଇ ଆସନ୍ତି ନାହିଁ ଏ ଯଜ୍ଞରେ ବଳି ପଡ଼ିବାକୁ, ଉଭୟେ ଆଶ୍ରୟ ଆଶ୍ରିତ ତକ୍ଷକ ଓ ଇନ୍ଦ୍ର । ଏ ସର୍ପମେଧ ଯଜ୍ଞନୁହେଁ ! ବିଷୟୀ ବିଷଧରର ଗରଳ-ଅପହାରୀ ଗଦ ଓ ପଦ୍ମଜୋଳା ପଦ୍ମ । ଏ ଯଜ୍ଞ ଜୀବର କଳୁଷ ଦୂର କରି ଆକର୍ଷଣ କରେ ତାର ପ୍ରାଣକୁ, ହୃଦୟକୁ, ଆତ୍ମାକୁ । ପ୍ରାଣ ପ୍ରାଣର ଆକର୍ଷଣ, ହୃଦୟ ହୃଦୟର ଟାଣ, ଆତ୍ମା ଆତ୍ମାର ସଂବନ୍ଧ ।

* * *

Source: Author, Digitized by PPRACHIN, SOA

ବାସ୍ତବିକ ସେ ଏକ ଯଜ୍ଞ । ଅଭିନବ ଯଜ୍ଞ । ଏ ଯଜ୍ଞରେ ଯଜ୍ଞବେଦୀ ସ୍ଥାପିତ ହୁଏ ତ୍ୟାଗପୀଠରେ । ପ୍ରତିଷ୍ଠା ହୁଏ ସାମ୍ୟର ସାମଗାନରେ । ଅହଙ୍କାରର ଆହୁତି ହିଁ ତାର ପାବିତ୍ର୍ୟଗ୍ନି ସଂସ୍କାର ।

ମାନବ ସମାଜର ଇତିହାସରେ ସେ ଏକ ନୂତନ ଉଷା । ନୂତନ ଅଧ୍ୟାୟ । ପ୍ରକୃତିର ବୈଚିତ୍ର୍ୟକୁ ନେଇ ଏକ ସୁନ୍ଦର ପରିକଳ୍ପନା । ସୃଷ୍ଟିର ସମସ୍ତ ଅସମାନତା ଦୂର କରି, ବିବିଧ ସ୍ୱର ସମାରୋହରେ ଐକ୍ୟତାନସମନ୍ୱିତ ଏକ ନୂତନରାଗର ଆଳାପନ ।

ଉଚ୍ଚ ନୀଚ, ଧନୀ, ଦରିଦ୍ର, ମୂର୍ଖ, ପଣ୍ଡିତ, ସ୍ୱଚ୍ଛ, ମ୍ଳେଚ୍ଛର ଏକତ୍ର ସମାବେଶ ସମ୍ଭବ । ସେଥିପାଇଁ ଆବଶ୍ୟକୀୟ ଉପକରଣ କେବଳ ଗୋଟିଏ ନୂତନ ଆଭିମୁଖ୍ୟ । ବିପ୍ଳବାତ୍ମକ ବିପ୍ଳବ ପାଇଁ ପ୍ରସ୍ତୁତି ।

ସେ ପ୍ରସ୍ତୁତି ଦଳିତର ନୁହେଁ । ସେ ବିପ୍ଳବ ଶୋଷିତ ନିର୍ଯାତିତର ନୁହେଁ । ସେ ବିପ୍ଳବ ଶ୍ରେଷ୍ଠର । ସେ ପ୍ରସ୍ତୁତି ସମାଜରେ ଉଚ୍ଚ ଆସନରେ ସମାସୀନ ବ୍ୟକ୍ତିର । ଅନ୍ତର୍ଦେଶରେ ।

ସେ ବିପ୍ଳବ ବଳଶାଳୀର ମାନସିକ ବିପ୍ଳବ । ସେ ପ୍ରସ୍ତୁତି ଦକ୍ଷମାନବର ଆତ୍ମିକ ବିକାଶ—ଅଭ୍ୟୁଦୟ ।

ସମାଜରେ ଯେ ଦକ୍ଷ, ଧନୀ, ମାନୀ, ପଣ୍ଡିତ, ସେ ବୃକ୍ଷସମ ଉଚ୍ଚ ହୋଇ ମଧ୍ୟ ସମାଜରେ ଯେ ତୃଣବତ୍ ପତିତ ଅଧମ, ତାହାଠାରୁ ନିଜକୁ ନୀଚ ମନେକରି ନିଜ ନିଜର କର୍ମ-କୁଶଳତା, ବୁଦ୍ଧି ବିଚକ୍ଷଣତାକୁ ସେହି ନିରୀହ ଅଗଣିତ ଜନଗଣଙ୍କ ସେବାରେ ନିୟୋଜନ କରିବାର ଆଭିମୁଖ୍ୟହିଁ ଏ ବିପ୍ଳବପାଇଁ ଆପାତ ପ୍ରସ୍ତୁତି ।

ଯଜ୍ଞର ପ୍ରସ୍ତୁତି ନୁହେଁ, ସମାଜରୁ ବୈଷମ୍ୟ, ଉଚ୍ଚ, ନୀଚ, ଭେଦ ଦୂର କରିବାର ଏକମାତ୍ର ସୁନିର୍ଦ୍ଦିଷ୍ଟ ପନ୍ଥା ଅନୁସରଣ ସେ ପ୍ରସ୍ତୁତିର ନାମାନ୍ତର । ଯଜ୍ଞ ନୋହେ ଯୋଗ । ଆତ୍ମଯୋଗ ।

ଏ ସାମ୍ୟବାଦ ନୁହେଁ; ସାମ୍ୟଯୋଗ । ଏହି ଯୋଗବଳରେ ହିଁ ସମଷ୍ଟିଗତ ସମାଜରେ ବ୍ୟଷ୍ଟି ଜୀବନର ପରିପୁଷ୍ଟି ସମ୍ଭବ । ସ୍ଥାୟୀ ଶାନ୍ତିର ପ୍ରତିଷ୍ଠା ସମ୍ଭବ । ପ୍ରତିଯୋଗିତାରେ, ପ୍ରତିଦ୍ୱନ୍ଦ୍ୱିତାରେ, ଅନ୍ୟର ସମ୍ପଦ ଓ ଶ୍ରୀରେ କାତର ହେବାରେ ସମସ୍ୟାର ସମାଧାନ ଅସମ୍ଭବ ।

ଜୀବନର ଏହି ଆଭିମୁଖ୍ୟ, ମନୁଷ୍ୟ ମନର ଏହି ପ୍ରଗତି, ମନୁଷ୍ୟର ଏହି ସାମ୍ୟାବସ୍ଥିତି ହିଁ ମନୁଷ୍ୟକୁ ଇହ ଓ ପରଲୋକରେ ଐଶ୍ୱର୍ଯ୍ୟ ପ୍ରଦାନ କରେ ।

ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।
ନିର୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ ।। ଗୀତା

ଭଗବାନ ଶ୍ରୀକୃଷ୍ଣଙ୍କ ବାଣୀ—

ସାମ୍ୟେସ୍ଥିତ ମନ ସଂସାରେ ଅଟେ ସରଗଜିତ,
ବ୍ରହ୍ମସମ ତେଣୁ ନିର୍ଦୋଷ ଯେଣୁ ବ୍ରହ୍ମାବସ୍ଥିତ ।

Source: Author, Digitized by PPRACHIN, SOA

ସମଗ୍ର ସଂସାରକୁ ଏହା ହିଁ ଭାରତର ବାର୍ତ୍ତା । ଏ କେବଳ ଅର୍ଜୁନଙ୍କୁ ଅର୍ଜୁନସଖା ଶ୍ରୀକୃଷ୍ଣଙ୍କର ଉପଦେଶ ନୁହେଁ । ଏହି ମାନସିକ ବିପ୍ଳବ ବିନା ସଂସାରରେ ସାମ୍ୟବାଦ ପ୍ରତିଷ୍ଠା ଦୁଃସ୍ୱପ୍ନ । ମରୀଚିକା । ଶଠତା । ସ୍ୱାର୍ଥାନ୍ୱେଷୀର ଭଣ୍ଡତା । ଦଣ୍ଡଦ୍ୱାରା, ଶାସନଦ୍ୱାରା ଏହା ଦୁଷ୍କରଣୀୟ । ଏ ଲକ୍ଷ ଦୁଷ୍ପୂରଣୀୟ ।

ମାତ୍ର ସମଗ୍ର ମାନବ ସମାଜରେ ଅପରିକଳ୍ପନୀୟ ଏହି ମାନସିକ ବିପ୍ଳବର ପ୍ରସ୍ତୁତିପାଇଁ ଏକ ଅଘଟଣ-ଘଟଣ- ପଟୀୟସୀ ଶକ୍ତିର ସଞ୍ଚାର ଆବଶ୍ୟକ । ଧର୍ମର ସମସ୍ତ ଗ୍ଳାନି, ଅଧର୍ମର ଅବାଞ୍ଛିତ ଅଭ୍ୟୁଦୟକୁ ବ୍ୟର୍ଥ କରିବାପାଇଁ, ବ୍ୟାହତ କରିବାପାଇଁ ସେ ଶକ୍ତିର ଅବତରଣ ଅବଶ୍ୟମ୍ଭାବୀ । ସେ ବିଷୟରେ ଅସନ୍ଦିଗ୍ଧ ହରିଦାସ ଓ କମଳାକ୍ଷ । ସେହି ସ୍ୱତଃସିଦ୍ଧ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାହିଁ ଉଭୟଙ୍କର ସାଧନା । ଏକ ଅଟଳ ଅବିଚଳ ବିଶ୍ୱାସ ଘେନି କମଳାକ୍ଷ ଗଙ୍ଗାଜଳ ତୁଳସୀରେ ପୁରଶ୍ଚରଣ କରି ପଢ଼ୁଛନ୍ତି ଆବାହନ ମନ୍ତ୍ର । ଅନୁପାଠୀ ହରିଦାସ ।

ଏ ବିପ୍ଳବର ସୂତ୍ରଧର ନିଜେ କମଳାକ୍ଷ । କ୍ରାନ୍ତିକାରୀ କମଳାକ୍ଷ । କ୍ରାନ୍ତି ନୁହେଁ—ସଂକ୍ରାନ୍ତି । ମହା ବିପ୍ଳବ ସଂକ୍ରାନ୍ତି ଭାରତବର୍ଷ ପକ୍ଷରେ । ଅପରିକଳ୍ପନୀୟ ସେ ବିପ୍ଳବ । ପାଞ୍ଚଶହ ବର୍ଷ ପୂର୍ବର ଭାରତୀୟ ସମାଜ । ଉଚ୍ଚକୁଳଜ ଅଭିଜାତବର୍ଗଙ୍କର ଅନୁଶାସିତ ସମାଜ । ଉଚ୍ଚବାଚ୍ୟ କରିବାର ସାମର୍ଥ୍ୟ ନାହିଁ ଇତରଜାତିମାନଙ୍କର । ଶୋଷିତ, ଅତ୍ୟାଚରିତ, ଶୂଦ୍ର, ନିମ୍ନଶୂଦ୍ର, ଅସ୍ପୃଶ୍ୟମାନଙ୍କ ଅନ୍ତରରେ ଜଳୁଥିଲା ବିଦ୍ରୋହାଗ୍ନି । ମାତ୍ର ସତ୍ସାହସ ନଥିଲା କାହାରି ସମାଜର ଏଇ ଅଭିଜାତମାନଙ୍କର ଅନ୍ୟାୟ ବିରୋଧରେ ଅଭିଯୋଗ କରିବାପାଇଁ । ଅତ୍ୟାଚାରର ପ୍ରତିବାଦ, ପ୍ରତିକାର, ପ୍ରତିରୋଧ ସୁଦୂର-ପରାହତ ।

ତଥାପି ବିପ୍ଳବର ସୂତ୍ରପାତ ହେଲା । ସମାଜର ଦୁର୍ବଳ ଅଙ୍ଗରେ ସେ ବହ୍ନି ପ୍ରଜ୍ୱଳିତ ହେଲନାହିଁ । ସେ ଅଗ୍ନି ସଂଯୋଗ କଲେ ସମାଜର ଶ୍ରେଷ୍ଠବର୍ଣ୍ଣ ବ୍ରାହ୍ମଣକୁଳୋଦ୍-ଭବ, ସମାଜର ମାନ୍ୟଗଣ୍ୟ, କୁଳୀନ, ବିଦ୍ୱାନ୍ କମଳାକ୍ଷ ସବଳ ଗୋଷ୍ଠୀର କ୍ଷୟିଷ୍ଣୁ ମନୋବୃତ୍ତି ମୂଳରେ ।

ହାଲୋଳ ପଡ଼ିଗଲା ସେଦିନ ବ୍ରାହ୍ମଣ ସମାଜରେ । କମଳାକ୍ଷ ବ୍ରାହ୍ମଣ-କୁଳ-କଳଙ୍କ । କମଳାକ୍ଷ ସମାଜରେ ପତିତ । ପିତୃଶ୍ରାଦ୍ଧର ଭୋଜ୍ୟପାତ୍ର ବିଧାନାନୁଯାୟୀ କୌଣସି ନୈଷ୍ଠିକ ବିପ୍ରକୁ ଅର୍ପଣ ନ କରି ପାପିଷ୍ଠ ଯବନକୁଳୋଦ୍‌ଭବ ଗୋଟାଏ କାଙ୍ଗାଳ ଭିକ୍ଷୁ ହରିଦାସ ହସ୍ତରେ ନ୍ୟସ୍ତ କରିଛନ୍ତି କମଳାକ୍ଷ । କଟାକ୍ଷ କଲେ ମହା ମହା ବିଦ୍ୱାନ ପଣ୍ଡିତ ବ୍ରାହ୍ମଣମାନେ ।

କମଳାକ୍ଷ ନିର୍ଭୀକ । ନିଜ ସିଦ୍ଧାନ୍ତରେ ଅଟଳ ।

ଏପରି ଏକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ହରିଦାସ ଅପ୍ରସ୍ତୁତ ନ ଥିଲେ । ତଥାପି ଦ୍ୱିଧା । ବ୍ରାହ୍ମଣ ସମାଜର ବିଦ୍ୱେଷକଷାୟିତ କଟାକ୍ଷର ତାଡ଼ନାରେ ନୁହେଁ; ଯେଉଁ ଦାନ ଗ୍ରହଣରେ ବ୍ରାହ୍ମଣହିଁ କେବଳ ଯୋଗ୍ୟ, ଜଣେ ନୀଚକୁଳସମ୍ଭବ ଯବନପକ୍ଷରେ ସେ ଦାନ ଗ୍ରହଣର ଅଧିକାର ସମ୍ବନ୍ଧରେ ସେ ସନ୍ଦିହାନ । ହରିଦାସ କୁଣ୍ଠିତ ।

Source: Author, Digitized by PPRACHIN, SOA

ବୈଷ୍ଣବସୁଲଭ ଦୈନ୍ୟ ହିଁ ତା'ର ହେତୁ । ମାତ୍ର ଅସ୍ୱୀକାର କରିପାରିଲେ ନାହିଁ କମଳାକ୍ଷଙ୍କର ଅନୁରୋଧ ।

ହରିଦାସ ମ୍ଲେଚ୍ଛକୁଳୋଦ୍‌ଭବ ଯବନ ହୋଇପାରନ୍ତି; ମାତ୍ର ହରିଦାସ ପରମ ଭକ୍ତ । ବୈଷ୍ଣବ । ହରିଦାସ ଏକମାତ୍ର ଯୋଗ୍ୟ ବ୍ୟକ୍ତି ଭୋଜ୍ୟପାତ୍ର ଗ୍ରହଣ କରିବାପାଇଁ । ଦୃଢ଼ ସ୍ୱରରେ ପ୍ରତିପାଦନ କଲେ କମଳାକ୍ଷ ।

"ଗୋଟିଏ କୃଷ୍ଣଭକ୍ତ ବୈଷ୍ଣବର ତୃପ୍ତିରେ କୋଟିଏ ବ୍ରାହ୍ମଣ-ଭୋଜନର ଫଳ ।" କମଳାକ୍ଷଙ୍କର ସିଦ୍ଧାନ୍ତ ଶାସ୍ତ୍ରୋକ୍ତ । ଯେଉଁ ବ୍ରାହ୍ମଣ ବିଷ୍ଣୁଭକ୍ତିବିବର୍ଜିତ ସେ ଚଣ୍ଡାଳ । ମାତ୍ର 'ବିଷ୍ଣୁଭକ୍ତ' ଚଣ୍ଡାଳ କୁଳରେ ଜନ୍ମ ହେଲେ ହେଁ ସେ ଶ୍ରେଷ୍ଠ । ଭାଗ୍ୟବାନ ସେ ଭକ୍ତ ।

ବିପ୍ର ଦ୍ୱାଦଶ ଗୁଣେ ଯୁକ୍ତ । ସେ ଯେବେ ନୋହେ ବିଷ୍ଣୁଭକ୍ତ ॥
ଯେ ବିପ୍ର ଶ୍ରେଷ୍ଠ ନ ବୋଲାଇ । ସଂସାର ତରିବ ସେ କାହିଁ ॥

× × ×

ଚଣ୍ଡାଳ ଜନ୍ମ ହୋଇ ଯେବେ । ମନ ବଚନେ ବିଷ୍ଣୁ ଭାବେ ॥
ଆତ୍ମା ପବିତ୍ର ସେହୁ କରେ । ଚଣ୍ଡାଳ ଜନ୍ମୁ ସେ ନିସ୍ତରେ ॥
ବ୍ରାହ୍ମଣ ସର୍ବ ମାନ୍ୟ ହୋଇ । ଆତ୍ମା ଉଦ୍ଧରି ନ ପାରଇ ॥ ' ଭା: ଜଗନ୍ନାଥ

ରାକ୍ଷସକୁଳଜାତ ଭକ୍ତ ପ୍ରହ୍ଲାଦଙ୍କ ଦୈନ୍ୟରେ ଧାନବନ୍ଧୁ ନୃସିଂହଙ୍କର ସତ୍ୟଯୁଗୀୟ ଉକ୍ତି । ଆଜି ତାର ପୁନରାବୃତ୍ତି ମାତ୍ର । ଆବୃତ୍ତି ନୁହେଁ ଉଦାହରଣ ଦ୍ୱାରା ପ୍ରମାଣିତ ବିବୃତ୍ତି ।

ବିପ୍ଳବୀ କମଳାକ୍ଷଙ୍କର ପ୍ରତିଜ୍ଞା ପରିପାଳିତ ହେଲା । କୌଣସି ପଣ୍ଡିତ ବ୍ରାହ୍ମଣ ବାଧାଦେଇ ପାରିଲେ ନାହିଁ ।

ବାଧାଦେଇ ପାରିଲେ ନାହିଁ କେହି । ସମାଜର ସହସ୍ର କୁସଂସ୍କାର ବିରୋଧରେ ବିଧିବଦ୍ଧ ଘୋଷଣା ଓ କାର୍ଯ୍ୟାନୁଷ୍ଠାନ କମଳାକ୍ଷଙ୍କର । ଅବାଧ, ଅସାଧାରଣ ଆଚରଣ ଏହି ହରିଭକ୍ତ ହରିଜନ ବ୍ରାହ୍ମଣର । ମାନ୍ୟଗଣ୍ୟ ସମାଜର ନିୟାମକ, ବିଧାନଦାତା, ବ୍ରାହ୍ମଣ-ପଣ୍ଡିତବର୍ଗ ତଟସ୍ଥ । କମଳାକ୍ଷ ବଜ୍ର ସ୍ୱରରେ ଘୋଷଣା କଲେ—"ପାଣ୍ଡିତ୍ୟ ଅଭିମାନ ଓ ହରିଭକ୍ତି ଦୁଇ ବିପରୀତାର୍ଥବୋଧକ ଶବ୍ଦ । ଧନକୁଳ ପାଣ୍ଡିତ୍ୟ ଅଭିମାନ ମଞ୍ଚରେ ବସି କୃଷ୍ଣଭକ୍ତି ଦୂରେ ଥାଉ, କୃଷ୍ଣ ଭଜନହିଁ ଦୁଷ୍କର ।"

କରନ୍ତି ଅଧିକ ଦୟା ଦୀନେ ଭଗବାନ,
ଧନୀ ପଣ୍ଡିତ କୁଳୀନେ ବଡ଼ ଅଭିମାନ । ଚୈ: ଚ:

ଅଭିମାନ ଶୂନ୍ୟ ମାନସହିଁ କୃଷ୍ଣଭକ୍ତିର ଅଧିକାରୀ । ତରୁସମ ଉଦାର ସହିଷ୍ଣୁ ହେବା ସଙ୍ଗେ ସଙ୍ଗେ ନିଜକୁ ତୃଣାଦପି ହୀନଜ୍ଞାନରେ, ସମାଜରେ ନମ୍ର ଅମାନୀ ପ୍ରତି ସମ୍ମାନ ପ୍ରଦର୍ଶନ ବାସ୍ତବରେ ଏକ କଠୋର ସାଧନା । ଏହି ପ୍ରକ୍ରିୟାହିଁ ଆଣିଦିଏ ଅଭିମାନ-ଶୂନ୍ୟତା । ଅଭିମାନ ଶୂନ୍ୟ ନହେଲେ ହରିଭଜନପାଇଁ ଯୋଗ୍ୟତା ଆସେ ନାହିଁ ।

Source: Author, Digitized by PPRACHIN, SOA

ହରିଦାସ ସେହି ଦୁଃସାଧ ସାଧନାରେ ସିଦ୍ଧ । ଦୈନ୍ୟ ଓ ଭଜନାନନ୍ଦ ହରି ଦାସଙ୍କ ଚରିତ୍ରର ଦୁଇଟି ମୁଖ୍ୟ ବିଭବ । ସ୍ୱତନ୍ତ୍ର ହେଲେହେଁ ଉଭୟ ଅଭିନ୍ନ । ଉଭୟେ ଉଭୟର ଆଶ୍ରୟ । ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କିଏ କା'ର ଅନୁଗାମୀ କହିବା କଠିନ ।

ଏହି ଉଚ୍ଚନୀଚଭେଦାଭେଦଶୂନ୍ୟ ସାମ୍ୟମନ୍ତ୍ରର ଅନ୍ୟ ଏକ ଦିଗ ଉଦ୍‌ଘାଟିତ ହୋଇଥିଲା ଅତୀତରେ । ଦ୍ୱାପରରେ । ମହାଭାରତରେ । କୁରୁକ୍ଷେତ୍ରରେ । ଜିଜ୍ଞାସୁ ପାର୍ଥ ନତଜାନୁ । ରଥ ଉପରେ ପ୍ରଶ୍ନ କରୁଛନ୍ତି ଅଭ୍ୟୁଦୟର ପନ୍ଥା କଣ ? ଉତ୍ତର ଦେଉଛନ୍ତି ସଖା ଶ୍ରୀକୃଷ୍ଣ—

ଯୋଗସ୍ଥ କୁରୁ କର୍ମାଣି ସଙ୍ଗଂତ୍ୟକ୍ତ୍ୱା ଧନଞ୍ଜୟ ।
ସିଦ୍ଧ୍ୟାସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ॥ ଗୀତା

ଯୋଗଶାସ୍ତ୍ର ଶୁଣୁଛନ୍ତି ଅର୍ଜୁନ । ଯୋଗୀ ଅର୍ଜୁନ । ଯୁଦ୍ଧଶାସ୍ତ୍ର ନୁହେଁ—ଯୋଗୀ ପକ୍ଷରେ ନିର୍ଦ୍ଦିଷ୍ଟ ସୁନିଶ୍ଚିତ ପନ୍ଥା ।

ସିଦ୍ଧି ଅସିଦ୍ଧିରେ ସମାନ ସାମ୍ୟ ଯୋଗର ନାମ ।
ଅନାସକ୍ତ ଭାବେ ଯୋଗସ୍ଥ ହୋଇ କର ତୁ କାମ ॥

ଧର୍ମକ୍ଷେତ୍ର, କୁରୁକ୍ଷେତ୍ରକୁ କର୍ମ କ୍ଷେତ୍ରରେ ପରିଣତ କରିବାପାଇଁ କର୍ମୀ ଅର୍ଜୁନଙ୍କୁ ଉପଦେଶ ଛଳରେ, ଭଗବାନ ଶ୍ରୀକୃଷ୍ଣ ସମଗ୍ର ମାନବ ଜାତି ଉଦ୍ଦେଶରେ କହିଗଲେ ଏହି ଅମର ବାଣୀ । ଅନାସକ୍ତ ଯୋଗ ବିନା ସିଦ୍ଧି ଅସିଦ୍ଧିରେ ସମଜ୍ଞାନ ଦୁଷ୍କର । ସମତ୍ୱହିଁ ଯୋଗ । ଅନାସକ୍ତ ଯୋଗ । ସାମ୍ୟଯୋଗ ।

ଆସକ୍ତିରହିତ ନ ହେଲେ, ନିଃସ୍ୱାର୍ଥପରତା ଅସମ୍ଭବ । ନିଃସ୍ୱାର୍ଥପରତା ବିନା ସାମ୍ୟବାଦର କଳ୍ପନା ଅମୂଳକ । ଅନାସକ୍ତ ନିଃସ୍ୱାର୍ଥପର ବ୍ୟକ୍ତିର ଲକ୍ଷଣହିଁ ଦୈନ୍ୟ । ଦୈନ୍ୟ ନିବେଦନ ହିଁ ସାମ୍ୟ ମନୋବୃତ୍ତିର ପ୍ରଥମ ପରିଚୟସୂଚକ । ଦୈନ୍ୟ ଭୂଷଣରେ ଭୂଷିତ ବ୍ୟକ୍ତି ବାସ୍ତବିକ ଜଣେ ସାମ୍ୟଯୋଗୀ—ସାମ୍ୟବାଦୀ—ସମଦର୍ଶୀ ।

ମାତ୍ର ଗୀତାର ସେ ସାମ୍ୟଯୋଗ ଏକ ବିପ୍ରୟୋଗାତ୍ମକ ପ୍ରକ୍ରିୟା । ଯୋଗୀ ଋଷି, ଯତି, ତପସ୍ୱିମାନଙ୍କର, କାମ୍ୟ ସାମ୍ୟଯୋଗ । ସାମାଜିକ ଜୀବ ପକ୍ଷରେ ଏକ ଅସାଧ୍ୟ ସାଧନା । ପାତଞ୍ଜଳ ନିର୍ଦ୍ଦେଶିତ ଚିତ୍ତବୃତ୍ତିନିରୋଧ, ଯୁଗମାନବର ନାନା ବିରୋଧାତ୍ମକ ବ୍ୟକ୍ତିଭିଜନିତ ବିକ୍ଷିପ୍ତ ଚିନ୍ତା ମଧ୍ୟରେ ସହଜସାଧ୍ୟ ନୁହେଁ । ତେଣୁ ଅନାୟାସ ପ୍ରଣାଳୀ ଏକ ପ୍ରୟୋଗାତ୍ମକ ସାମ୍ୟଯୋଗର ଆବିଷ୍କାର । ଗୀତାର ସାମ୍ୟ ବିଗ୍ରହର ଆଜି ସାମ୍ୟ ଆନ୍ଦୋଳନର ରୂପ ନେଇଛି । ତତ୍ତ୍ୱ ଆଉ କେବଳ ଚିନ୍ତାସର୍ବସ୍ୱ ତଥ୍ୟ ନୁହେଁ । ଆଚରଣରେ, ପ୍ରୟୋଗ ପରୀକ୍ଷଣ ଦ୍ୱାରା ତାହା ଆଜି ସିଦ୍ଧାନ୍ତରେ ପ୍ରମାଣିତ ।

ଇନ୍ଦ୍ରିୟ-ନିଗ୍ରହରେ ଯୋଗ ପ୍ରତିଷ୍ଠା ଅତ୍ୟନ୍ତ ଶୁଷ୍କ, ନୀରସ । ମାତ୍ର ସମଜ୍ଞାନରେ ସମସ୍ତଙ୍କୁ ବିଶେଷତଃ ଅବହେଳିତଙ୍କୁ ସେବା ଦେବାଦ୍ୱାରାହିଁ ସେ କଠୋର ବ୍ରତ ସରସ ହୋଇଯାଏ । ପ୍ରାଣବନ୍ତ ହୋଇ ଉଠେ । ସେବା-ସେବା !! ସେ ସେବା ଅଭିମାନଶୂନ୍ୟ ହେଲେ ସମଧିକ ଫଳପ୍ରଦ ହୋଇଥାଏ ।

Source: Author, Digitized by PPRACHIN, SOA

ତଦାନୀନ୍ତନ ସମାଜର ବହୁ ସମସ୍ୟାର ସହଜ ସମାଧାନ ବୈଷ୍ଣବ ସାଧକଗଣ ଯେପରି ସୂଚିତ କରି ଯାଇଥିଲେ, ତାର ଉପଯୋଗିତା ଆଧୁନିକ ଯୁଗରେ ମଧ୍ୟ ଅପରିବର୍ତ୍ତିତ । କାରଣ ସେ ସିଦ୍ଧାନ୍ତ ସାମୟିକ ନୁହେଁ, ସନାତନ । ଆଜି ମଧ୍ୟ ଧର୍ମନୀତି ଅର୍ଥନୀତି, ଓ ରାଜନୀତି କ୍ଷେତ୍ରରେ ତାହା ପ୍ରୟୋଗସାପେକ୍ଷ । ସମବୁଦ୍ଧି, ସାମ୍ୟଯୋଗ, ବା ତଥାକଥିତ ସାମ୍ୟବାଦର ପ୍ରତିଷ୍ଠା କେବଳ ସେବାଦ୍ୱାରା, ସେବା ମାଧ୍ୟମରେ, ଅନ୍ୟର ସୁଖ ସଂପାଦନ କରିବାରେ ହିଁ ସମ୍ଭବ । ଏହାହିଁ ପ୍ରେମ । ହିଂସା, ପ୍ରତିଦ୍ୱନ୍ଦ୍ୱିତା, ପରଶ୍ରୀକାତରତା ଦ୍ୱାରା ସାମ୍ୟ ସମ୍ଭବ ନୁହେଁ । କଦାପି ନୁହେଁ । କୁତ୍ରାପି ନୁହେଁ ।

'ହରିଦାସ, ନୀଚକୁଳୋଦ୍ଭବ ହରିଦାସ, ହରିଭକ୍ତ ହରିଦାସ, ସାମ୍ୟଯୋଗୀ, ସାମ୍ୟବାଦୀ ହରିଦାସ ଶ୍ରାଦ୍ଧପାତ୍ର ଗ୍ରହଣ କଲେ, ସେଦିନ କୁଳୀନ ବିଦ୍ୱାନ୍ ହେଲେହେଁ ଅଭିମାନଶୂନ୍ୟ ଜଣେ ବୟୋଗରିଷ୍ଠ ବ୍ରାହ୍ମଣ କମଳାକ୍ଷଙ୍କର କରକମଳରୁ । ଚତୁର୍ଦ୍ଦିଗରେ ପ୍ରଚରିତ ହୋଇଯାଇଥାଏ ଏ ସମ୍ବାଦ । ଆଲୋଚିତ ହେଉଥାଏ ଏହାର ସଂଭାବନା । ଅନୁଷ୍ଠାନ ମାତ୍ରେ ସୃଷ୍ଟି ହେଲା ପ୍ରବଳ ପ୍ରତିକ୍ରିୟା — ପ୍ରତିବିପ୍ଳବ । ପ୍ରତିବିପ୍ଳବହିଁ ବିପ୍ଳବର ପ୍ରାମାଣିକତା । ପ୍ରତିବିପ୍ଳବହିଁ ବିପ୍ଳବକୁ ପ୍ରତିଷ୍ଠିତ କରିଥାଏ । ବିପ୍ଳବର ଯଥାର୍ଥତା ପ୍ରମାଣିତ କରିଦିଏ । ବିପ୍ଳବୀ ଲଲାଟରେ ବିଜୟୀର ଟୀକା ପିନ୍ଧାଇ ଦେଇଥାଏ ଏହି ପ୍ରତିବିପ୍ଳବ ।

କମଳାକ୍ଷଙ୍କର ନିଜ ସିଦ୍ଧାନ୍ତ ଉପରେ ଅଟଳ ବିଶ୍ୱାସ । ସେହି ବିଶ୍ୱାସର ପ୍ରବଳ ବେଗ ଆଗରେ ସେ ପ୍ରତିବିପ୍ଳବ ଅଚିରେ ଉଭିଗଲା ବାଲିବନ୍ଧ ପ୍ରାୟ । ବିଲୀନ ହୋଇଗଲା ଅନ୍ତରୀକ୍ଷରେ, କମଳାକ୍ଷଙ୍କର ଦିବ୍ୟ ଅନବଦ୍ୟ କମନୀୟ ପ୍ରେମମୟ ଦେବଦୁର୍ଲ୍ଲଭ ମୂର୍ତ୍ତିର ତେଜୋପୁଞ୍ଜ ସମ୍ମୁଖରେ, ଘନତମସାବୃତ ରଜନୀ ସଦୃଶ ।

ଶାନ୍ତିପୁରରେ ହେଲା ଏକ ଅଶାନ୍ତ ଝଡ଼ର ସୃଷ୍ଟି । ଷଡ଼ଯନ୍ତ୍ର । ହରିଦାସଙ୍କ ଉପରେ ଅତର୍କିତ ଅର୍ଦ୍ଧଚନ୍ଦ୍ରର ଆୟୋଜନ ।

କିନ୍ତୁ ଏ କି ବିଚିତ୍ର ବିପରୀତ ଗତି ଆତତାୟୀମାନଙ୍କର ? ନିର୍ଜନ ପଥପ୍ରାନ୍ତରେ, ଅସମୟରେ, ଏକାକୀ, ଅସହାୟ ଅବସ୍ଥାରେ ହରିଦାସ । ହରିଦାସଙ୍କୁ ଆହତ କରିବାପାଇଁ ଆତ୍ମଗୋପନ କରିଛନ୍ତି ଘାତକମାନେ । ମାତ୍ର ହରିଦାସଙ୍କ ଦର୍ଶନ ମାତ୍ରେ, ଆଘାତ କରିବା ଦୂରେଥାଉ, ଚରଣ ସ୍ପର୍ଶ କରି କ୍ଷମା ଭିକ୍ଷା ମାଗୁଛନ୍ତି ଷଡ଼ଯନ୍ତ୍ରର ସନ୍ଧିବୃନ୍ଦ ।

ହରିଦାସ, ହରିଦାସ ନୁହନ୍ତି ସେ ଏକ ସ୍ପର୍ଶମଣି । ସେ ସ୍ପର୍ଶରେ ଲୌହ କେବଳ ସୁନା ହୁଏ ନାହିଁ, ତରଳ ସୁବର୍ଣ୍ଣରେ ପରିଣତ ହୋଇଯାଏ । କଠିଣତା ଦ୍ରବୀଭୂତ ହୋଇଯାଏ ହୃଦୟର । ଦାନବତ୍ୱ ଦୂର ହୋଇଯାଏ କ୍ଷଣକେ । ଦେବତ୍ୱ ପ୍ରତିଷ୍ଠିତ ହୁଏ ମାନବମନରେ ।

ହିଂସ୍ରଭାବ ଲୋପ ପାଇଯାଇଥିଲା ଦର୍ଶନମାତ୍ରେ ଆତତାୟୀମାନଙ୍କର । କି ଅଦ୍ଭୁତ ଆଚରଣ ! ଏକେ ଏକେ ଶରଣାପନ୍ନ ହରିଦାସଙ୍କ ପାଦଦେଶରେ । ସ୍ପର୍ଶମାତ୍ରେ ଉଦୟ ହୋଇଛି ମାନବ ଜନ୍ମରପରମ ପୁରୁଷାର୍ଥ—ଭକ୍ତି ।

କି ଶକ୍ତି ସେ ଆଲିଙ୍ଗନରେ ! ଇନ୍ଦ୍ରଜାଲ ନୁହେଁ ତ ? ହରିଦାସ ଜଣ ଜଣ କରି ପ୍ରତ୍ୟେକଙ୍କୁ ବାହୁପାଶରେ ଆବଦ୍ଧ କରି ଆଶ୍ଲେଷ ଦାନ କଲା ମାତ୍ରେ ପ୍ରତ୍ୟେକେ ନୃତ୍ୟ ସଂକୀର୍ତ୍ତନରେ ଉନ୍ମତ୍ତ । ସମସ୍ତଙ୍କ ମୁଖରେ 'ହରିବୋଲ' ଧ୍ୱନିର ଘୋଷା ।

Source: Author, Digitized by PPRACHIN, SOA

ପ୍ରତିବିପ୍ଳବର ଯଥାଯଥ ପରିସମାପ୍ତି ପାଇଁ ଉଦ୍‌ଭାବନ ହେଲା ସୁଚିନ୍ତିତ ନୂତନ ଉପାୟ ହରିଦାସ ଓ କମଳାକ୍ଷଙ୍କର । ପ୍ରତିବିପ୍ଳବକୁ ପ୍ରତିହତ କରିବା ପରିବର୍ତ୍ତେ, ପ୍ରତି-ବିପ୍ଳବକୁ ବିପ୍ଳବମୁଖୀ କରି ବିପ୍ଳବର ପ୍ରବଳ ପ୍ରବାହ ସୃଷ୍ଟି କଲେ ଦୁଇ ତପୋବନ୍ତ ପୁରୁଷ— ହରିଦାସ ଓ କମଳାକ୍ଷ ।

ଦୁଇ ତପୋବନ୍ତ ପୁରୁଷଙ୍କର ବିପ୍ଳବ ଦ୍ୱିମୁଖୀ । ଦୁଇଟି ଧାରା ସେ ବିପ୍ଳବର । ଶାନ୍ତିପୁର ନିକଟରେ ପତିତପାବନୀ ଜାହ୍ନବୀର ଦୁଇଟି ଧାରା ପରି ଦୁଇ ଦିଗରେ ପ୍ରବାହିତ । ଗୋଟିଏ ପାର୍ଶ୍ୱରେ ହରିସଭା, କମଳାକ୍ଷଙ୍କ ନିଳୟରେ ତତ୍ତ୍ୱାଲୋଚନା; ଅନ୍ୟ ପାର୍ଶ୍ୱରେ ନାମ ସଂକୀର୍ତ୍ତନ, ହରିଦାସଙ୍କ କୁଟୀର ପ୍ରାଙ୍ଗଣରେ ।

ହରିଦାସଙ୍କ କୁଟୀର । କମଳାକ୍ଷଙ୍କ ନିର୍ଦ୍ଦେଶିତ କ୍ଷୁଦ୍ର ପର୍ଣ୍ଣ କୁଟୀର ଶାନ୍ତିପୁର ସମୀପବର୍ତ୍ତୀ । ପୂର୍ଣ୍ଣ ହୋଇ ଯାଉଛି ନାମ ସଂକୀର୍ତ୍ତନ ପ୍ରଭାବରେ ସମସ୍ତଙ୍କର ମନସ୍କାମନା । ଲୋକେ ଲୋକାରଣ୍ୟ ।

ନାମର ପ୍ରଚାର ଓ ପ୍ରସାର । ବିପ୍ଳବର ଦୁଇ ମୁଖ୍ୟଧାରା । ହରିଦାସ ଓ କମଳାକ୍ଷଙ୍କର ନୂତନ ସର୍ଜନା । ହରିସଭାରେ ପ୍ରଚାର । ସଂକୀର୍ତ୍ତନରେ ପ୍ରସାର ।

ଶାନ୍ତିପୁର ଆଜି ଯଥାର୍ଥରେ ଶାନ୍ତିପୁର । ସେ ନାମକୁ ସାର୍ଥକ କରିଛନ୍ତି ଉଭୟେ ହରିଦାସ ଓ କମଳାକ୍ଷ । ଶାନ୍ତିପୁର-ବାସୀ ପ୍ରତିମାନବ ପ୍ରାଣରେ ଆଜି ନୂତନ ଜୀବନର ସଞ୍ଚାର । ଜୀବନର ଗତି ପରିବର୍ତ୍ତିତ ହୋଇଛି । ଆଭିମୁଖ୍ୟ ବଦଳି ଯାଇଛି । ସଂପୂର୍ଣ୍ଣ ଭାବରେ । ସମସ୍ତଙ୍କର ।

* * *

ତର୍କ, ଅବିଶ୍ୱାସ, ସନ୍ଦେହ, ସଂଶୟ, ଜୀବନର ରସକୁ ଶୁଷ୍କ କରିଦିଏ । ବିଶ୍ୱାସ ହିଁ ଈଶ୍ୱରଦତ୍ତ ଏକ ଅତୀନ୍ଦ୍ରିୟ ଇନ୍ଦ୍ରିୟ । ଜୀବନରସର ପୂର୍ଣ୍ଣତର ଆସ୍ୱାଦ ଏହି ଇନ୍ଦ୍ରିୟର ପ୍ରସାଦ ।

'ବିଶ୍ୱାସେ ମିଳନ୍ତି ହରି ତର୍କେ ବହୁଦୂର' ।

ଜୀବନର ଏ ଆଭିମୁଖ୍ୟ ନୂତନ ନୁହେଁ, ପୁରାତନ ନୁହେଁ; ସନାତନ । ସହସ୍ର ସହସ୍ର ବର୍ଷ ପୂର୍ବେ, କେଉଁ ଅଜ୍ଞାତ ଯୁଗରେ ସେଦିନ ଏହି ଧ୍ୱନି ମନ୍ତ୍ରିତ ହୋଇଥିଲା ଉପନିଷତ୍-କାରଙ୍କ କଣ୍ଠରେ—

"ନୈଷା ତର୍କେଣ ମତିରାପନେୟା"

Source: Author, Digitized by PPRACHIN, SOA

ଜିଜ୍ଞାସୁ ନଚିକେତାଙ୍କୁ ଯମଙ୍କର ଉପଦେଶ—
"ଆତ୍ମଭୂତେ ମତି ତବ ଅଲଭ୍ୟ ସେ ତର୍କର ଅଗୋଚର,
ଅତାର୍କିକ ଅନ୍ୟାଚାର୍ଯ୍ୟଙ୍କ ଉପଦେଶେ ଲବ୍ଧ ହୁଏ ଆଶୁ,
ଯଥାର୍ଥରେ ତୁମ୍ଭେ ଅଟ ପ୍ରିୟ ଶ୍ରେଷ୍ଠ ସତ୍ୟ ଧୃତିମନ୍ତ,
ମିଳୁଥାନ୍ତୁ ନଚିକେତା ତୁମ୍ଭସମ ବିରଳ ଜିଜ୍ଞାସୁ ।"
କଠୋପନିଷତ୍

ତାର ପ୍ରତିଧ୍ୱନି ଉଠିଲା ପୁଣି ଦ୍ୱାପରରେ । ସେ କି ଉଦାତ୍ତ ସ୍ୱର ଭଗବାନ ଶ୍ରୀକୃଷ୍ଣଙ୍କର !

"ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।
ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ।"
ବିସ୍ମୟରେ ଶୁଣୁଛନ୍ତି ଶିଷ୍ୟ ତଥା ସଖା ଭରତର୍ଷଭ ଅର୍ଜୁନ ।
ଅଜ୍ଞ ସଂଶୟାତ୍ମା ଅଶ୍ରଦ୍ଧ ନାଶ ଅବଶ୍ୟ ଯାଏ ।
ଇହ ପରଲୋକେ ସଂଶୟ- ଆତ୍ମା ସୁଖ ନ ପାଏ । ଗୀତା

ସଂଶୟାତ୍ମାର ବିନାଶ ଅବଶ୍ୟମ୍ଭାବୀ । ପ୍ରେମର ପ୍ରତିକୂଳ ସନ୍ଦେହ । ବିଶ୍ୱାସହିଁ ପ୍ରେମର ଜୀବାତୁ । ବିଶ୍ୱାସ ବିନା ପ୍ରେମ ଅସମ୍ଭବ । ପ୍ରେମ ରାଜ୍ୟର ଭଣ୍ଡାରୀ ସେ । ବିଶ୍ୱାସର କୃପା ନ ହେଲେ ପ୍ରେମର ପରିଚୟ ମିଳିବା ଦୁଷ୍କର । ସନ୍ଦେହରେ ହିଁ ବୈଷମ୍ୟ । ସାମ୍ୟ-ମନୋବୃତ୍ତିସମ୍ପନ୍ନ ବ୍ୟକ୍ତି ମନରେ ସନ୍ଦେହର ଅବକାଶ ନ ଥାଏ । ସନ୍ଦେହର ଅନ୍ୟ ନାମ ବୈଷମ୍ୟ । ଶତ୍ରୁର ବିକ୍ଷେପରୁ ବୈଷମ୍ୟର ଉତ୍ପତ୍ତି । ତର୍କାନ୍ଧତା ହିଁ ମନୁଷ୍ୟ ମନୁଷ୍ୟ ମଧ୍ୟରେ ବିଭେଦ ସୃଷ୍ଟି କରେ—ଅନ୍ଧବିଶ୍ୱାସ ନୁହେଁ ।

ଅନ୍ଧବିଶ୍ୱାସ ଏକ ନିରର୍ଥକ ଶବ୍ଦଯୋଜନା । ବିଶ୍ୱାସବିହୀନତା ହିଁ ଅନେକ ସମୟରେ ତର୍କାନ୍ଧମାନଙ୍କଦ୍ୱାରା 'ଅନ୍ଧବିଶ୍ୱାସ'ନାମରେ ଅଭିହିତ ହୋଇଥାଏ । ଅବିଶ୍ୱାସ୍ୟକୁ ବିଶ୍ୱାସ କରିବା ହିଁ ଅନ୍ଧବିଶ୍ୱାସ । ବୃକ୍ଷଚ୍ଛାୟାରେ ଭୂତଭୟ ସ୍ଥାଣୁପୁରୁଷ ଦର୍ଶନରେ ଆତଙ୍କ, ରଜ୍ଜୁରେ ସର୍ପ ଜ୍ଞାନକୁ ଅନ୍ଧବିଶ୍ୱାସ କୁହାଯାଇ ନ ପାରେ । ଯେଉଁମାନେ ତର୍କ-ଦ୍ୱାରା ବିଶ୍ୱାସ୍ୟ ବସ୍ତୁର ସତ୍ୟତା ଓ ବର୍ତ୍ତମାନତାକୁ ଖଣ୍ଡନ କରନ୍ତି, ସେମାନେ ଅନ୍ଧବିଶ୍ୱାସୀ ହୋଇ ନ ପାରନ୍ତି, ମାତ୍ର ନିଶ୍ଚିତରେ ସେମାନେ ବିଶ୍ୱସ୍ତ ଅନ୍ଧ । ଅନ୍ଧଭାବରେ ହିଁ ତାଙ୍କର ବିଶ୍ୱାସ ।

ବିଶ୍ୱାସ ବିନା, ପ୍ରତ୍ୟୟ ବ୍ୟତିରେକେ ସାମ୍ୟବାଦୀ ପ୍ରେମରାଜ୍ୟର ପ୍ରତିଷ୍ଠା ଅସମ୍ଭବ । ସେହି ପ୍ରେମରାଜ୍ୟର ପରିକଳ୍ପନା ଧରି ଉଭୟେ କମଳାକ୍ଷ ଓ ହରିଦାସ ଯେପରି ଅବତରି ଆସିଛନ୍ତି, ଅଖିଳ ଅବନୀରେ ନବଯୁଗର ଆବାହନୀ ପାଠ କରି । ପ୍ରେମରାଜ୍ୟର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ବିପ୍ଳବର ଆୟୁଧ—ତ୍ୟାଗ ଓ ନିଃସ୍ୱାର୍ଥପରତା । ଉଭୟଙ୍କର ତ୍ୟାଗପୂର୍ଣ୍ଣ ଜୀବନ ଯେପରି ସେଥିପାଇଁ ଉଦ୍ଦିଷ୍ଟ ।

ତ୍ୟାଗର ପରିପନ୍ଥୀ 'ମାୟା' । ପ୍ରେମର ପରମ ଶତ୍ରୁ । ପ୍ରେମ ବିନା ସାମ୍ୟଯୋଗ ବ୍ୟର୍ଥ । ମାୟା ଜନନୀ ସ୍ୱାର୍ଥପର । ମାୟାପାଶରୁ ମୁକ୍ତ ନହେଲେ ପ୍ରେମରାଜ୍ୟର ପ୍ରତିଷ୍ଠା ଅସମ୍ଭବ । ତେଣୁ ଏହି ମାୟା, ଏହି ସ୍ୱାର୍ଥପରତା ବିରୋଧରେ ହିଁ ହରିଦାସଙ୍କର ପ୍ରଥମ ଅଭିଯାନ । ପୁଣି ମାୟାପାଶରୁ ମୁକ୍ତ ହେବାର ଅମୋଘ ଅସ୍ତ୍ର ହରିନାମ । ହରିନାମ ବଳରେ ପରିଜନମାନଙ୍କରୁ 'ମାୟା'ର ନିରସନ ପାଇଁ ହରିଦାସ ସତତ ଯତ୍ନଶୀଳ ।

Source: Author, Digitized by PPRACHIN, SOA

ନିର୍ଭୟା 'ମାୟା' ବିବ୍ରତ ନୁହନ୍ତି ହରିଦାସଙ୍କର ଏ ଯୁଦ୍ଧ ଆହ୍ୱାନରେ । ହରିଦାସଙ୍କୁ ମାୟାପାଶରେ ଆବଦ୍ଧ କରିବାପାଇଁ 'ମାୟା'ର ଆରମ୍ଭ ହେଲା ବିଶେଷ ପ୍ରୟାସ, ଶେଷ ପରୀକ୍ଷା । ମାନବର ଷଡ଼ରିପୁ ମନ ଅହଙ୍କାର ଉପରେ ଆଜି ନିର୍ଭର କରିପାରିଲେ ନାହିଁ 'ମାୟା ଦେବୀ' । ସମରାଙ୍ଗନରେ ଏକେ ଏକେ ପରାଜିତ ଷଡ଼ରିପୁଯାକ । ତେଣୁ ନିଜେ ବହିର୍ଗତ ହେଲେ 'ମାୟାଦେବୀ' ହରିଦାସ-ବିଜୟ ଅଭିଯାନରେ ବିଦେହର ବ୍ୟୂହ ମଧ୍ୟରୁ । ମାୟାପୁରୀରୁ ।

'ମାୟା' ଏକ ମାୟାବିନୀ କାୟାମଧ୍ୟରେ ପ୍ରବେଶ କରି ପରମା ସୁନ୍ଦରୀ ଲଳନା ବେଶରେ ଆବିର୍ଭୂତ ।

ଜ୍ୟୋସ୍ନାମୟୀ ରଜନୀ । କଳ-କଳ-ନାଦିନୀ ଜାହ୍ନବୀ-ସଲିଳରେ ତରଳ ରଜତର ଉତ୍ତରଳ ହିଲ୍ଲୋଳ ସୃଷ୍ଟି କରିଛି ନିର୍ମଳ ଚନ୍ଦ୍ରମଣ୍ଡଳରୁ ଚନ୍ଦ୍ରିମାକୁ ବନ୍ଦୀ କରି ଆଣିବାର ଅଭିପ୍ରାୟରେ ମଳୟ-ଶିଖରୀ-ଶିରୀ-ଅପହାରୀ-ମନ୍ଦ-ମଳୟାନିଳ । ମନ୍ଦାକିନୀରେ ସ୍ୱର୍ଣ୍ଣଦୀର ଆଭା । ବହିଃପ୍ରକୃତିର ଏହି ମନୋରମ ପରିବେଶରେ ମାୟାର ମୋହଜାଲ ଆସ୍ତୀର୍ଣ୍ଣ । ମାନବର ମାନସ-ବିହଙ୍ଗମକୁ ଆବଦ୍ଧ କରିବାପାଇଁ ଶୋଭାମୟ ଆକର୍ଷଣୀ ଲୋଭମୟ ବାଗୁରା ।

ବହିର୍ଜଗତର ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ମନୁଷ୍ୟର ଅନ୍ତର୍ନିହିତ ପ୍ରକୃତି ପକ୍ଷରେ ଅତ୍ୟନ୍ତ ଅନୁକୂଳ—ଉଭୟ ବିଷୟରେ । ମନୁଷ୍ୟର ବିଷୟାଭିମୁଖୀ ମନକୁ ଉଦ୍ଦୀପିତ କରି ବିଳାସବ୍ୟସନରେ ଅଭିଭୂତ କରିଦିଏ ଏହି ପରିବେଶ । ପୁଣି ଏହିପରି ପରିସ୍ଥିତିରେ ମନୁଷ୍ୟର ଈଶ୍ୱରାଭିମୁଖୀ ମନ ଭାବସମାଧିରେ ନିମଜ୍ଜିତ ହୋଇଯାଏ, ଦୟିତର ସ୍ମୃତି ଅବଲମ୍ବନରେ, ଆଲମ୍ବନରେ ।

ଗଙ୍ଗାତୀରରେ ଯମୁନା ପୁଳିନ ଭ୍ରମ ହୋଇଛି ହରିଦାସଙ୍କର । ଜ୍ୟୋସ୍ନାପ୍ଳୁତ ରଜନୀରେ ସ୍ମରଣ ହେଉଛି ଶରଦ୍‌ରାସୋତ୍ସବର ଅବର୍ଣ୍ଣନୀୟ ଲୀଳା । ବାରମ୍ବାର । ଅହରହ ।

ଦେହଜ୍ଞାନଶୂନ୍ୟ ହରିଦାସ । ସର୍ବାଙ୍ଗରେ ଅଷ୍ଟସାତ୍ତ୍ୱିକ ବିକାର । ହରିଦାସଙ୍କ ଆବେଶରେ ଗଗନ ପବନ ତରୁଲତା ଗୁଳ୍ମ ପୁଲକାଞ୍ଚିତ; ଜାହ୍ନବୀର ଜଳ ତରଙ୍ଗାୟିତ; ଜ୍ୟୋସ୍ନା ଆଲୁଳାୟିତ ।

ମାୟାବିନୀ କାୟାଶାଳୀ ମାୟା ପକ୍ଷରେ ସେ ଏକ ସୁବର୍ଣ୍ଣ ସୁଯୋଗ । ହରିଦାସଙ୍କ ସ୍ପର୍ଦ୍ଧିତ ଆହ୍ୱାନର ସମ୍ମୁଖୀନ ହେବାପାଇଁ ସୁ-ଅବସର । ପଳାର୍ଦ୍ଧକାଳ ଅବହେଳିତ ହେବାର ନୋହେ ।

ହରିଦାସ ଦେଖୁଛନ୍ତି, ସମ୍ମୁଖରେ ଜଣେ ରୂପବତୀ ଯୁବତୀ । ଅପ୍ରତ୍ୟାଶିତ ଭାବରେ ଉପସ୍ଥିତ । ଅପରୂପ ରୂପର ଉପମା ନାହିଁ । କି ଉଦ୍ଦେଶ ଯେନ ଉପଗତ ଏହି ଭଦ୍ରା ? ହରିଦାସ ବିସ୍ମିତ । ପୂର୍ବ ଅଭିଜ୍ଞତାର ପୁନରାବୃତ୍ତି ନୁହେଁ ତ ? ପୁଣି ଏ କି ଅଗ୍ନି ପରୀକ୍ଷା ! ଅଧରର ଅଗ୍ରଭାଗରେ ଅବହେଳାର ହାସ୍ୟ, ବିସ୍ମିତ ହରିଦାସଙ୍କର !

କିନ୍ତୁ କି ଆଶ୍ଚର୍ଯ୍ୟ ! ଏହି ଅନୁପମ ସୌନ୍ଦର୍ଯ୍ୟର ଅଧିକାରିଣୀ ରମଣୀର ଗତି-ବିଧି ଅତି ବିଚିତ୍ର । ସନ୍ଦେହ ଜାଗୁଛି ହରିଦାସଙ୍କ ମନରେ । ଏ ଦେବୀ ନା ମାନବୀ ?

Source: Author, Digitized by PPRACHIN, SOA

ଲଂକଷମ୍ବିର ନୁହେଁ ତ ? ପୁନର୍ବାର ଆସିଛି, ସମ୍ଭବତଃ ପ୍ରତିଶୋଧ ନେବା ପାଇଁ ରାମଚନ୍ଦ୍ର ଖାନ୍‌ଙ୍କର ପ୍ରରୋଚନାରେ । ସେ କାହିଁକି ପୁଣି ଏ ପତନର ପଥ ବାଛିନେଲା ? ଏ କିଏ ତେବେ ମାନବୀ ?

ଉତ୍ତମାଙ୍ଗରେ ଶୁଭ୍ରମଣି-ବନ୍ଧନଚ୍ଛିତ ପ୍ରଲମ୍ବିତ କେଶ ! ସୁବିନ୍ୟସ୍ତ ଶଙ୍କର୍ଣ-ଶଙ୍କୁର-ବିଚ୍ୟୁତ ମନ୍ଦମଳୟାନିଳ-ଦୋଳାୟିତ ଭ୍ରମର ଅଳକାବଳି ! ଲକ୍ଷହୀରାର ମୁଣ୍ଡିତ ମସ୍ତକରେ କେଶରାଜି ଏତେ ଶୀଘ୍ର ସମ୍ଭବ ଏତେ ଅଳ୍ପକାଳ ମଧ୍ୟରେ ? ହୀରାର ଅଶ୍ଳୀଳ ଅଙ୍ଗଭଙ୍ଗୀ, ପ୍ରଥମ ଆଗମନ କାଳରେ, ନବାଗତାଠାରେ ଅନୁପସ୍ଥିତ । ବରଂ ବିପରୀତ ଶାନ୍ତ ପରିଲକ୍ଷିତ ହୁଏ । ଏ କଦାପି ହୀରା ହୋଇ ନ ପାରେ । ହରିଦାସ ନିଶ୍ଚିତ ହୋଇଯାଉଛନ୍ତି । ଏ କିଏ ତେବେ ଦେବୀ ?

ଅଙ୍ଗନା-ଚନ୍ଦ୍ରାନନର କନକକାନ୍ତି ଅଙ୍ଗନ ଉଦ୍‌ଭାସିତ କରୁଛି । ସିମନ୍ତିନୀର ସହଜାତ ଶ୍ରୀଅଙ୍ଗ-ସୁଗନ୍ଧରେ ଆସୀମାନ୍ତ ଦଶଦିଶ ଆମୋଦିତ । ମନ୍ଦ ଗନ୍ଧବହର ସଞ୍ଚାର-ସଞ୍ଚିତ ମୃଦୁଳତାରୁ ମାଦକ ଆହରଣ କରି ପୁଲକାଞ୍ଚିତ ରୋମାବଳି । ମନ୍ଥର ଗମନର ଛନ୍ଦେ ଛନ୍ଦେ ନାନାଭରଣର ଶିଣିଝିଣି, କଙ୍କଣର କଣି ସହ ମଞ୍ଜୀରର ସିଞ୍ଜିନୀ ସମତାଳ-ସମନ୍ୱିତ ସୁଲଳିତ ନବରାଗ ପରିବେଷଣ କରୁଛି । ଏ କି'ଣ ଦେବୀ—ନା ମାନବୀ ?

ବୈଷ୍ଣବ ଜନୋଚିତ ମର୍ଯ୍ୟାଦା ପ୍ରଦର୍ଶନ ଏହି ପ୍ରମଦାର ଯେପରି ସହଜାତ ସ୍ୱଭାବ । କୁଟୀରାଙ୍ଗନରେ ପ୍ରବେଶ ମାତ୍ରେ ସର୍ବପ୍ରଥମ ବୃନ୍ଦାବତୀଙ୍କ ବନ୍ଦନା । ବିନୟର ଗୁରୁଭାରରେ ଅବନତ ଲଜ୍ଜାଶୀଳାର ନବମିତ ବଦନ । ସୁରୁଚିଶୀଳା ଲଳନାର ଅମଳିନ କୋମଳ ଅବୟବରୁ ସଞ୍ଚାଳିତ ଶାଳୀନତାର ଆକର୍ଷଣରେ ଆୟତନୟନର ପଲକ ପତନ-ଉନ୍ମୁଖୀ । ଅଧୋବଦନରେ ପ୍ରଣତି ଜଣାଉଛି ହରିଦାସଙ୍କୁ । ହରିଦାସଙ୍କ ପୟରରେ । ପୟରେ ପଦଧୌତ କରି ନିଉଜ୍ଜଳ ହୋଇଯାଉଛି ।

ଏ ବୈଷ୍ଣବୀ ମାୟା ନୁହେଁ ତ ? ହରିଦାସ ପ୍ରଶ୍ନ କରୁଛନ୍ତି ଆପେ ଆପଣାକୁ ।

"ପ୍ରଭୁ ! ଆପଣ ରୂପବାନ୍, ଗୁଣବାନ୍, ଗୁରୁ, ଗରୀୟାନ୍ ।" ଆଗନ୍ତୁକା ବନ୍ଦନା କରୁଛି ହରିଦାସଙ୍କର, "କରୁଣାର ଅବିକୃତ ପ୍ରତିକୃତି ଆପଣ ! ମୁଁ ଅନୂଢ଼ା । ପିତାମାତାଙ୍କର ଅତିଶୟ ସ୍ନେହାଶ୍ରୟରେ ଲାଳିତା ସୁକୁମାରୀ କୁମାରୀ ମୁଁ । ମୋର ସେହି କୁମାରୀ-ବ୍ରତ ଉଦ୍‌ଯାପନ କରିବାକୁ ଧାଇଁ ଆସିଛି ଆପଣଙ୍କ ଶ୍ରୀଚରଣରେ......"

ହରିଦାସଙ୍କ ନେତ୍ର ବିସ୍ଫାରିତ । ଚକ୍ଷୁତାରକା ସ୍ଥିର । ନିଃଶ୍ୱାସର ଗତି ଦମିତ । ଏହି ନମିତା ବନିତାର ଔଦ୍ଧତ୍ୟ ଅବଲୋକନରେ ଅବଶ ଅବଶେଷରେ । କୁମାରୀ କିନ୍ତୁ ପ୍ରଗଲ୍‌ଭା । କହିବାରେ ଲାଗିଛି ନିଃସଙ୍କୋଚରେ—"ଅଦ୍ୟାପି ଅନର୍ପିତ ମୋର ଏହି ତନୁର ତନିମା ଆପଣଙ୍କର ମମତାମୟ କରକମଳରେ ତୁଳସୀ ଦେଇ ସମର୍ପଣ କରୁଛି । ମୋର ଏ ରୂପ-ଯୌବନକୁ ସାର୍ଥକ କରନ୍ତୁ ମହାଭାଗ !"

ନବାଗତା ନାରୀର ଏ ପ୍ରସ୍ତାବ ନିବେଦନରେ ହରିଦାସ ନିଷ୍ପନ୍ଦ, ନିଶ୍ଚଳ, ନିର୍ବିକାର । ହରିଦାସ ଅସହାୟ ନୁହନ୍ତି । ସମର୍ପିତ ଜୀବନ ହରିଦାସଙ୍କର । ତଥାପି ଅହରହ ଜଣାଉଛନ୍ତି ଅନ୍ତର୍ଯ୍ୟାମୀଙ୍କଠାରେ ଅନ୍ତରର କରୁଣ ନିବେଦନ । ଏ ପରୀକ୍ଷା କାହିଁକି ? ପରୀକ୍ଷାର ଶେଷ କେଉଁଠି ?

Source: Author, Digitized by PPRACHIN, SOA

ଅନ୍ତର-ନିର୍ଗତ ନାମରୂପୀ ଭଗବାନଙ୍କର ସାକ୍ଷାତ୍ ଆବିର୍ଭାବ ସମ୍ମୁଖରେ । ଜଳେ, ସ୍ଥଳେ, ଗଗନ ମଣ୍ଡଳରେ ସେହି ଯନ୍ତ୍ର-ଧ୍ୱନିର ବିକାଶ । ନାମ ପ୍ରଭାବରେ ମଦନର ସମସ୍ତ ଉଦ୍ଦୀପନ ବ୍ୟର୍ଥ ହୋଇଯାଉଛି । ପଞ୍ଚଶର ସନ୍ଧାନର ଲକ୍ଷ୍ୟ ଭ୍ରଷ୍ଟ ହୋଇ ଯାଉଛି । କୁକର୍ମୀ କନ୍ଦର୍ପ ଆପଣା କାର୍ମୁକର ଆଘାତରେ ଆପେ ମୋହଗ୍ରସ୍ତ । ମନ୍ମଥ-ମନ-ମନ୍ଥନ-କାରୀ ମଦନମୋହନଙ୍କ ନାମସ୍ମରଣର କି ସମ୍ମୋହିନୀ ଶକ୍ତି !

ହରିଦାସଙ୍କର ପରୀକ୍ଷା ନୁହେଁ, ପରୀକ୍ଷା ନବାଗତା ନାରୀର । ଧୀରର ଧୈର୍ଯ୍ୟ ପରୀକ୍ଷା ହେଉଛି ହରିଦାସଙ୍କ ସମ୍ମତି ଜ୍ଞାପନ ଅପେକ୍ଷାରେ । ପ୍ରମଦାର ପ୍ରସ୍ତାବ ଗୃହୀତ ହେଲା । ସ୍ୱୀକାର କରୁଛନ୍ତି ହରିଦାସ ରମଣୀର ଆତ୍ମନିବେଦନ, ମାତ୍ର ସସର୍ତ୍ତରେ । ସର୍ତ୍ତ ପୂର୍ବବତ୍ । ସ୍ଥିର କ୍ଷେତ୍ରରେ ଯେଉଁ ସର୍ତ୍ତ, ତାର ପୁନରାବୃତ୍ତି । ଅନୁରୂପ ସର୍ତ୍ତ ଆରୋପିତ । ସଂଖ୍ୟାଜପ ସମାପ୍ତି ପୂର୍ବରୁ ନୁହେଁ । ନୈମିତ୍ତିକ ଜପ ପୂର୍ତ୍ତିରେ ମିଳନର ଶୁଭ ମୁହୂର୍ତ୍ତ ଧାର୍ଯ୍ୟ ।

ମାତ୍ର ଏ ଜପର ଉଦ୍‌ଯାପନ କେତେବେଳେ ? ଏ ଯେ ଅନନ୍ତ ! ଅନନ୍ତଙ୍କ ନାମର କଣ ଅନ୍ତ ନାହିଁ ? ଦିନପରେ ରାତି, ରାତିପରେ ଦିବସ ଯଥାକ୍ରମରେ ଅତିବାହିତ ହେବାରେ ଲଗିଛି । ସେ ଶୁଭ ମୁହୂର୍ତ୍ତ ଦୂରରୁ ସୁଦୂରକୁ ଅପସରି ଯାଉଛି ଯେପରି !

ଏପରି ଅବାଞ୍ଛିତ ପ୍ରବଞ୍ଚନା କ'ଣ ବୈଷ୍ଣବ ଜନୋଚିତ ? ବିଚାର କରୁଛି ରୂପସୀ । ମନରେ ବିତୃଷ୍ଣା । ହରିଦାସ କିନ୍ତୁ ବିବ୍ରତ ନୁହନ୍ତି । ସ୍ୱକର୍ତ୍ତବ୍ୟରେ ଅବିଚଳ ନିଷ୍ଠା ।

କ୍ରମେ ଧୈର୍ଯ୍ୟଚ୍ୟୁତ ଘଟୁଛି ମାୟାବିନୀର । ଅଧିକ କ୍ଷଣ ଅପେକ୍ଷା ଆଉ ସମ୍ଭବ ନୁହେଁ । ପରାଜୟ ସ୍ୱୀକାର କରୁଛି ସ୍ୱରୂପ ଧାରଣ କରି ।

"ହରିଦାସ, ମୁଁ 'ମାୟା' । ମହାଭାଗବତ ଆପଣ । ଆପଣଙ୍କ ଦର୍ଶନରେ ମୁଁ କୃତାର୍ଥ ।"

"ମାୟା" ? ଚମତ୍କୃତ ହୋଇ ଚାହିଁ ରହିଲେ ହରିଦାସ ।

"ହଁ, ମୁଁ କାୟାଧାରିଣୀ 'ମାୟା' । ମୋର ପରୀକ୍ଷା ଶେଷ ହୋଇଛି । ଜାୟା ହେବାର ପ୍ରୟାସ ମୋର ପରୀକ୍ଷା ମାତ୍ର । ମୁଁ ମୁଗ୍‌ଧ ହୋଇଛି ଆପଣଙ୍କର ଇଷ୍ଟ ନିଷ୍ଠାରେ ।"

ନାରୀ କହେ ନମସ୍କାର କରି ବାରମ୍ବାର ।
ମାୟା ମୁହିଁ ଏ ମୋହର ପରୀକ୍ଷାହିଁ ସାର ।।
ବ୍ରହ୍ମାଦି ଜୀବ ସକଳେ ପାରିଛି ମୁଁ ମୋହି ।
କେବଳ ତୁମ୍ଭଙ୍କୁ ମୋହି ନ ପାରିଲି ମୁହିଁ ।।
ମହାଭାଗବତ ତୁମ୍ଭେ ତୁମ୍ଭ ଦରଶନେ ।
ତୁମ୍ଭ ମୁଖେ କୃଷ୍ଣନାମ କୀର୍ତ୍ତନ ଶ୍ରବଣେ ।।
ଇଚ୍ଛାହୁଏ ଶୁଦ୍ଧ ଚିତ୍ତେ ନାମ ନେବା ପାଇଁ ।
କୃଷ୍ଣନାମ ଉପଦେଶ କୃପାକରି ସାଇଁ ।। ଚୈ ଭା:

Source: Author, Digitized by PPRACHIN, SOA

ଅନାୟାସରେ ଯେପରି ଘଟଣାନ୍ତର ଘଟିଛି ମାୟାର । ସଂସାରର ମହାମାୟା ଆଜ ସତେ ଯେପରି ଜାଗତିକ ମୋହପାଶରୁ ଜୀବକୁ ମୁକ୍ତକରି ପରମ ପୁରୁଷାର୍ଥ ସହିତ ଯୋଗସୂତ୍ର ସ୍ଥାପନ କରିବାରେ ତତ୍ପର, ଏକ ନୈସର୍ଗିକ ଆକର୍ଷଣ ଶକ୍ତିରେ, ହଠାତ୍, ଆକସ୍ମିକ ଭାବରେ ।

କୃଷ୍ଣନାମର ପ୍ରଭାବ । ଅସମ୍ଭବକୁ ସମ୍ଭବ କରେ ଏହି ନାମର ମହିମା । ମାୟା ଅଜ ନିଜେ କୃଷ୍ଣମନ୍ତ୍ରରେ ଦୀକ୍ଷିତ ହେବାକୁ ଜନୈକ ଜାଗତିକ ଜୀବଠାରେ ଭିକ୍ଷାର୍ଥୀ ।

ଏ ମାୟାର ଦୀକ୍ଷା ନୁହେଁ । ଏ ଦୀକ୍ଷା ଯେପରି ଆଧିଭୌତିକ ଓ ଆଧ୍ୟାତ୍ମିକ ଜଗତ ମଧ୍ୟରେ ଏକ ନୂତନ ସଂଯୋଗ ।

ଦୁଇ ପରସ୍ପର-ବିରୋଧୀ ସଂଗ୍ରାମଶୀଳ ପ୍ରତିପକ୍ଷ ଜଗତ ନୁହେଁ— ଆଧିଭୌତିକ ଓ ଆଧ୍ୟାତ୍ମିକ । ଅଧିଭୂତହିଁ ଦର୍ଶନ । ଅଧ୍ୟାତ୍ମ ଦର୍ଶନୀୟ । ଅଧିଭୂତ— ଭୂତ, ଅବୟବ; ଅଧ୍ୟାତ୍ମ—ଆତ୍ମା, ପରମାତ୍ମା । ଗୋଟିଏ ଆଧାର ଅନ୍ୟଟି ଆଧେୟ । ଅଧିଭୂତର ଆବଶ୍ୟକତା ଅଧ୍ୟାତ୍ମର ଉପଲବ୍ଧି ପାଇଁ ।

ଏ ସଂସାରକୁ ମାୟା, ଅସତ୍ୟ, ଅଳୀକ କହି ଘୃଣା କରିବା ଅକାରଣ । ଜଗତ୍ ମିଥ୍ୟା ନୁହେଁ । ସୃଷ୍ଟିହିଁ ସ୍ରଷ୍ଟାର ସ୍ମାରକ । ସ୍ରଷ୍ଟାର ମହିମା, ମାହାତ୍ମ୍ୟ । ଭୌତିକ ଦେହ ହିଁ ଭଗବାନଙ୍କର ବିଳାସ କ୍ଷେତ୍ର—ନବ ବୃନ୍ଦାବନ । ଭଗବାନଙ୍କର ମାୟା ବଳରେ ହିଁ ଭଗବତ୍ ପ୍ରାପ୍ତି । ମହାମାୟା ହିଁ ଯୋଗମାୟାଙ୍କର ଅପର ପ୍ରକାଶ ।

ଚୈତନ୍ୟାବତାରେ ବହେ ପ୍ରେମମୟ ବନ୍ୟା ।
ଭାସେ ସର୍ବ ଜୀବ; ପ୍ରେମେ ଏ ପୃଥିବୀ ଧନ୍ୟା ।।
ଏ ବନ୍ୟାରେ ଯେ ନ ଭାସେ ସେହି ଜୀବ ଛାର ।
କୋଟି କଳ୍ପ କେଭେ ତାର ନୁହଇ ନିସ୍ତାର ।। ଚୈ: ଚ:

ତେଣୁ ମାୟା ଆଜ କୃଷ୍ଣ ନାମରେ ଦୀକ୍ଷିତ ହେବାକୁ ଆକାଂକ୍ଷିତ ।

ପୂର୍ବେ ଶିବଠାରୁ ରାମ ନାମ ଥିଲି ପାଇ ।
ତୁମ୍ଭ ସଙ୍ଗ ଲଭେ ଲୋଭ କୃଷ୍ଣନାମ ପାଇଁ ।।
ତାରକ ବ୍ରହ୍ମ ଯେ ମୁକ୍ତିଦାତା ରାମ ନାମ ।
ପାରକ ଏ କୃଷ୍ଣନାମ କରେ ପ୍ରେମ ଦାନ ।। ଚୈ: ଚ:

ସେ ଏକ ଚିତ୍ତାକର୍ଷକ ଦୃଶ୍ୟ । ମାୟାଙ୍କର କୃଷ୍ଣନାମ ଦୀକ୍ଷା । ଯେପରି ଏହି କୃଷ୍ଣ ନାମରେ ଦୀକ୍ଷିତ ହେବା ମାନସରେ ହିଁ ମାୟା ମାନବୀ ରୂପପରିଗ୍ରହ କରିଥିଲେ । ସେ ରୂପପରିଗ୍ରହ ଫଳରେ ଧରଣୀ ଆଜି ଧନ୍ୟା । କାରଣ, ମାୟାଙ୍କର ସେ ଅପରୂପ କାୟା ଆଜ ଭୂଲୁଣ୍ଠିତ । ନିରଚ୍ଛଳ ହୋଇ ଅଳି କରୁଛନ୍ତି ହରିଦାସଙ୍କ ଶ୍ରୀଚରଣରେ କୃଷ୍ଣନାମ ଦୀକ୍ଷା ନିମନ୍ତେ ।

ଅପାର କୃପାର ଆଜ ପୁଣି ଏକ ନବପ୍ରକରଣ । କୃପା ଆଜ କେବଳ ଅର୍ପଣରେ ସାର୍ଥକ ନୁହେଁ । ପ୍ରତ୍ୟର୍ପଣରେ ଯେପରି ତାହାର ତୃପ୍ତି ଓ ପରିପୁଷ୍ଟି । ଦୀକ୍ଷାଗ୍ରହଣ ମାତ୍ରେ ମାୟା ଅଯାଚିତ ଭାବରେ ବରଦାନ କରୁଛନ୍ତି—"ଠାକୁରେ, ମୋର ଗୁରୁଦକ୍ଷିଣା ଗ୍ରହଣ କରନ୍ତୁ ।"

Source: Author, Digitized by PPRACHIN, SOA

କୃତକୃତ୍ୟ ହୋଇ ଯାଉଛନ୍ତି ହରିଦାସ, ଶିଷ୍ୟାର ଅକପଟ ଆଚରଣରେ ସ୍ୱଭାବତଃ ଦୈନ୍ୟଭାବାପନ୍ନ ହରିଦାସ । ଅବନତ ମସ୍ତକରେ ଗୁରୁଦକ୍ଷିଣା ଗ୍ରହଣ କରୁଛନ୍ତି । ଦକ୍ଷିଣାର ଗୁରୁତ୍ୱରେ ଯେପରି ସେ ସମଧିକ ଅଧୋମୁଖ ।

"ଠାକୁରେ, ଆଜଠାରୁ ତମର ଶରଣାପନ୍ନ ବ୍ୟକ୍ତି ମୋହର ମୋହପାଶରୁ ମୁକ୍ତ । ଏହା ହିଁ ମୋର ବର ।" ଏହା ହିଁ ଶିଷ୍ୟାର ଗୁରୁଦକ୍ଷିଣା !

"କୃତକୃତ୍ୟ ହେଲି ।" ହରିଦାସ କୃତଜ୍ଞତା ଜଣାଇଲେ ।

"କେବଳ ସେତିକି ନୁହେଁ," ମାୟା ପୁନରାୟ ଆପ୍ତବାକ୍ୟ ପ୍ରୟୋଗରେ ପ୍ରତିଶ୍ରୁତି ପ୍ରଦାନ କରୁଛନ୍ତି—"କେବଳ ସେତିକି ନୁହେଁ, ମୋହପାଶରୁ ମୁକ୍ତ ହୋଇ ତୁମ୍ଭର ଶରଣାଗତ ଜନ ସଙ୍ଗେ ସଙ୍ଗେ ନିତ୍ୟ କୃଷ୍ଣଦାସ ସମ୍ବନ୍ଧର ଅମୂଲ୍ୟ ଉପଲବ୍‌ଧି ଲାଭ କରିବ ।"

ହରିଦାସ ପ୍ରତ୍ୟକ୍ଷ କରୁଛନ୍ତି ମହାମାୟାଙ୍କର ପ୍ରକୃତ ସ୍ୱରୂପ । ମାୟା କାୟାହୀନ ଶୂନ୍ୟାନ୍ତର ଅନ୍ତର୍ହିତ ହୋଇଯାଉଛନ୍ତି, ସାୟାହ୍ନୋତ୍ତର ଅନ୍ଧକାର ମଧ୍ୟରେ ।

ଯୁଗପତ୍ ବିସ୍ମୟ ଉଲ୍ଲାସ ହରିଦାସଙ୍କ ମନରେ । ମାୟାବିନୀ ମାୟାଙ୍କ ବ୍ୟବହାରରେ ବିସ୍ମୟ । ସଙ୍ଗେ ସଙ୍ଗେ କଳିହତ ଜୀବର ସୁଦିନ ଆଗମନହେତୁ ଆନନ୍ଦ ଉଲ୍ଲାସ ହରିଦାସଙ୍କ କରୁଣାର୍ଦ୍ର ଅନ୍ତରରେ । ଜୀବର ଉଦ୍ଧାର ପାଇଁ ସମସ୍ତ ପ୍ରତିବନ୍ଧକ ଏବେ ଦୂରୀଭୂତ । ହରିଦାସ ଆଶ୍ୱସ୍ତ ।

ଅସାମାନ୍ୟ ତପସ୍ୟା ହରିଦାସଙ୍କର । ଦୈତ୍ୟରାଜ ପ୍ରହ୍ଲାଦଙ୍କ ଜୀବନ ଇତିହାସର ପୁନରାବୃତ୍ତି ସତେ କି !

ସତ୍ୟଯୁଗର କାହାଣୀ । ସ୍ତମ୍ଭରୁ ଆବିର୍ଭୂତ ନୃସିଂହ ଦେବ ଆଦେଶ କରୁଛନ୍ତି ସ୍ତମ୍ଭୀଭୂତ ବାଳକ ପ୍ରହ୍ଲାଦଙ୍କୁ—" ପ୍ରହ୍ଲାଦ, ବର ଭିକ୍ଷାକର !"

ପ୍ରହ୍ଲାଦ ଭିକ୍ଷା କଲେ—

ମାଗଇଁ ବର ତୋର ପାଦ ।
ଯେମନ୍ତ ନ ପଡ଼େ ପ୍ରମାଦ ।।
ଏମନ୍ତ ବର ଦିଅ ମୋତେ ।
ତୋ ମାୟା ତରିବି ଯେମନ୍ତେ ।। ଭା. ଜଗନ୍ନାଥ

ତରିବାର ବର ଭିକ୍ଷା କରିଥିଲେ ପ୍ରହ୍ଲାଦ । ହରିଦାସଙ୍କର ବର-ପ୍ରାପ୍ତି କିନ୍ତୁ ଅଯାଚିତ । ଅଯାଚିତ ବର ସମଧିକ ବଳବାନ୍ । ପ୍ରହ୍ଲାଦଙ୍କ ବର କେବଳ ପ୍ରହ୍ଲାଦଙ୍କୁ ମାୟାରୁ ନିସ୍ତାର କରନ୍ତା । ମାତ୍ର ହରିଦାସଙ୍କର ନିଜପାଇଁ ଆବଶ୍ୟକ ନ ଥିଲା ସେ ବରର । କାରଣ, ମାୟା ନିଜେ ହରିଦାସଙ୍କ ଶରଣାଗତ । ହରିଦାସଙ୍କ ଲବ୍‌ଧବର ଫଳରେ ସମଗ୍ର ମାନବ ଜାତି ମାୟାପାଶରୁ ଉଦ୍ଧାର ପାଇବାର ଉପାୟ ଏବେ ଉନ୍ମୁକ୍ତ ।

ପ୍ରହ୍ଲାଦ ଗ୍ରହିଁଥିଲେ 'ତାରଣ' । ହରିଦାସଙ୍କଠାରେ ଥିଲା 'ପାରଣ'ର ବୀଜମନ୍ତ୍ର କୃଷ୍ଣନାମ । ତାରଣରେ ମୁକ୍ତ । ପାରଣରେ ଭକ୍ତ । ତାରଣରେ ଭବଜଳଧିରୁ ଉଦ୍ଧାର

Source: Author, Digitized by PPRACHIN, SOA

ଯାଇଲେ ମଧ୍ୟ ଉଦକର ଆର୍ଦ୍ରତା, କ୍ଲେଦର କ୍ଲେଶାନୁଭୂତି ଅବଶ୍ୟମ୍ଭାବୀ । ପାରକର ପଦାଶ୍ରୟରେ ସେ ବିପଦର ଆଶଙ୍କା ନାହିଁ ।

* *
*

ମାତ୍ର ହରିଦାସଙ୍କ ଆବିର୍ଭାବ କଣ ଏଇ କଳିକବଳିତ ଜଗତରେ କେବଳ ତାଙ୍କର ଆଶ୍ରିତ ଜନର କଲ୍ୟାଣ ଉଦ୍ଦେଶରେ ? ସ୍ଥାବର, ଜଙ୍ଗମ, ଜଡ଼, ଚେତନା ଜଗତର ଅନ୍ୟାନ୍ୟ ସୃଷ୍ଟି କ'ଣ ବଞ୍ଚିତ ହେବ କୃଷ୍ଣନାମାମୃତ ଆସ୍ୱାଦନ ଅଧିକାରରୁ ? ହରିଦାସ ଚିନ୍ତାକୁଳ । କରୁଣାର ପ୍ରତିମୂର୍ତ୍ତି ହରିଦାସ । ମାୟାର ବରଦାନ ତାଙ୍କର ସନ୍ତୋଷ-ବିଧାନ କରିପାରିନାହିଁ । ଅନାଶ୍ରିତମାନଙ୍କର ସଦ୍‌ଗତି ସମ୍ବନ୍ଧରେ ମଧ୍ୟ ସେ ଚିନ୍ତିତ । ନାମା-ଭାସରେ ଅନେକଙ୍କର ସଦ୍‌ଗତି ହୋଇପାରେ । ଜଗତରେ ବହୁ ଅଜାମିଳ ଉଦ୍ଧାରର ଉଦାହରଣ ରହିଛି । ମାତ୍ର ପରିପନ୍ଥୀ ଭକ୍ତଦ୍ୱେଷିମାନଙ୍କର ଭାବି ଦୁର୍ଦ୍ଦଶା ବିଷୟ ଚିନ୍ତା-କରି ନିଶି ଦିବସ ହରିଦାସ ବିବଶ ।

ମାୟାମମତାଶୂନ୍ୟ ହିଂସ୍ର ପଶୁଠାରୁ ମଧ୍ୟ ଅଧିକ ନୃଶଂସ ଦୁର୍ଦ୍ଧର୍ଷ ଭକ୍ତ-ଦ୍ୱେଷିମାନଙ୍କର ଇହକାଳ ଓ ପରକାଳର ଗତି ସମ୍ବନ୍ଧରେ ଚିନ୍ତା ଆଜି ଘାରି ରହିଛି ହରିଦାସଙ୍କୁ । ଶିହରି ଉଠୁଛି ଗାତ୍ର । ବୈଷ୍ଣବ ଅପରାଧର ପ୍ରତିକାର ପ୍ରାୟଶ୍ଚିତରେ ସମ୍ଭବ ନୁହେଁ । ତେବେ ଉପାୟ କ'ଣ ?

ଏମାନଙ୍କୁ ମଧ୍ୟ ଉଦ୍ଧାର କରିବାକୁ ହେବ । ବଦ୍ଧପରିକର ହରିଦାସ । ଏ କ୍ରିୟା ଦୁଃସାଧ୍ୟ ହେଲେ ହେଁ ଅବଶ୍ୟ କରଣୀୟ । ଅବଶ୍ୟ କର୍ତ୍ତବ୍ୟ । ପଥ ବଡ଼ ବିପଦ-ସଙ୍କୁଳ । ଅବଗତ ଥିଲେ ହରିଦାସ । ତଥାପି ନିଃଶଙ୍କ ।

ହରିଦାସ ବୁଝି ପାରିଥିଲେ ମାୟାର ଆକ୍ରମଣରୁ ଆତ୍ମରକ୍ଷାଠାରୁ ଭକ୍ତଦ୍ୱେଷି-ମାନଙ୍କର ଆସୁରିକ ଆକ୍ରମଣ ଅତିକ୍ରମ କରିବା ଅଧିକ ଦୁଃସାଧ୍ୟ । ମାୟା କ୍ଷେତ୍ରରେ କେବଳ ମାନସିକ ଦୃଢ଼ତା, ଅପରାଧୀର ଆକ୍ରମଣରେ ଉଭୟ ଶାରୀରିକ ଓ ମାନସିକ ଦୃଢ଼ତା ଆବଶ୍ୟକ । ମାୟାର ଆକ୍ରମଣ ଆରମ୍ଭରେ ସୁଖ, ପରିଣାମ ବିଷୋପମ । କିନ୍ତୁ ଅପରାଧୀର ଆକ୍ରମଣରେ ଆରମ୍ଭ ଓ ଶେଷ ଉଭୟ ବିଷମୟ । ଦୁଃସାଧ୍ୟ ହେଲେ ହେଁ ହରିଦାସ ପ୍ରସ୍ତୁତ ସେଥିପାଇଁ ।

ଭକ୍ତଦ୍ୱେଷୀ ଅପରାଧୀମାନଙ୍କର ଉତ୍ପୀଡ଼ନପାଇଁ ପ୍ରସ୍ତୁତ ହରିଦାସ । ପ୍ରସ୍ତୁତିର ପରୀକ୍ଷା ଆଗତପ୍ରାୟ । ହରିଦାସ ପ୍ରାର୍ଥନା କରନ୍ତି, "ପ୍ରଭୁ, ନାମର ମର୍ଯ୍ୟାଦା ଯେପରି କ୍ଷୁଣ୍ଣ ନ ହୁଏ । ଜାଗତିକ ଯାବତୀୟ ଯାତନା, ଯନ୍ତ୍ରଣା, ଅକାତରେ ଭୋଗ କରିବାର ଶକ୍ତି, ସାମର୍ଥ୍ୟ, ଓ ଧୈର୍ଯ୍ୟର ଯେପରି ଅଭାବ ନ ହୁଏ, ନାମ ମହିମା ବଳରେ ଜଗଜ୍ଜୀବର ଏହି ଉଦ୍ଧାର କାର୍ଯ୍ୟକ୍ରମରେ ।"

ତାହାହିଁ ହେଲା । ଭକ୍ତର ଅଭୀଷ୍ଟ କେବେ ଅପୂର୍ଣ୍ଣ ରଖନ୍ତି ନାହିଁ ଭଗବାନ୍ । ଭକ୍ତର ବାଞ୍ଛା ହିଁ ଭଗବାନଙ୍କର ବାଞ୍ଛା । ଅନ୍ୟଥା ବାଞ୍ଛାନିଧି ନାମ ଯେପରି ସାର୍ଥକ ହୁଅନ୍ତା

Source: Author, Digitized by PPRACHIN, SOA

ନାହିଁ । ଭକ୍ତବାଞ୍ଛା ପୂରଣ କରି କେବଳ ବାଞ୍ଛାନିଧି ନୁହଁନ୍ତି, ଭକ୍ତର ମନୋବାଞ୍ଛାକୁ ଅମୂଲ୍ୟ ନିଧିତୁଲ୍ୟ ଧାରଣ କରନ୍ତି ବୋଲି ସେ ବାଞ୍ଛାନିଧି ।

ହରିଦାସଙ୍କର ମନୋବାଞ୍ଛା ପୂର୍ଣ୍ଣ ହେଲା । ଚରମ ଉତ୍ପୀଡ଼ନର ଅଧିକାର ଯେପରି କେବଳ ହରିଦାସଙ୍କର ପ୍ରାପ୍ୟ ଥିଲା ଜଗତରେ । ମାତ୍ର ସେ ଦୁଃଖ କ୍ଲେଶକୁ ଆପଣାର ଆଚଶ୍ଳେଷରେ ଧନ୍ୟ କରିଦେଲେ ହରିଦାସ । ଅଜସ୍ର ନିର୍ଯ୍ୟାତନା ଦୁଃଖ, କଷ୍ଟ, ଯନ୍ତ୍ରଣାରେ ସାମାନ୍ୟ ଖେଦନାହିଁ ମନ ମଧ୍ୟରେ । ସବୁ ଯେପରି ଦେହର କ୍ଲେଦ ।

ଭକ୍ତ ଅଙ୍ଗରେ ଆଘାତ ହିଁ ଭଗବାନଙ୍କ ଲୀଳାଭିନୟର ଉପୋଦ୍‌ଘାତ । କେବଳ ଲୋକଶିକ୍ଷା ପାଇଁ । ଜୀବନର ପ୍ରତ୍ୟେକ ଅଙ୍ଗ, ଜୀବନୀର ପ୍ରତି ପର୍ଯ୍ୟାୟ, ସେହି ଲୀଳାଭିନୟର ଗୋଟିଏ ଗୋଟିଏ ଦୃଶ୍ୟ । ଅଭିନୟରେ ଅଭିନିବେଶ ସତ୍ତ୍ୱେ,ତାହା ବାହ୍ୟ । ଅଭିନିବେଶ ବିନା ଦର୍ଶକ ହୃଦୟରେ ଆଦର୍ଶର ଗଭୀର ରେଖାପାତ ସମ୍ଭବ ନୁହେଁ । ତଥାପି ରଙ୍ଗମଞ୍ଚରେ ଅଭିନେତାର ଦୁଃଖ ସନ୍ତାପ ବାହ୍ୟ । ଲୀଳାଭିନୟରେ ସୁଦକ୍ଷ ଅଧିକାରୀ ଅଭିନେତା ହରିଦାସ ।

ହରିଦାସଙ୍କ ସମଗ୍ର ଜୀବନର ପ୍ରତିପଦ ଗୋଟିଏ ଅଖଣ୍ଡ ଆଦର୍ଶର ଅଂଶ । ସେ ଆଦର୍ଶ ଆଦରଣୀୟ । କେବଳ ଉଦାହରଣ ନୁହେଁ, ତାହ୍ରି କର ଅନୁକରଣୀୟ ।

ପୁରାଣ ଇତିହାସରେ ପଟାନ୍ତର ନାହିଁ ଏ ଜୀବନୀର । ଏଭଳି ଜୀବନଚରିତ ଇତିହାସ କ୍ୱଚିତ୍ ଲିପିବଦ୍ଧ କରେ । ଯାହାର ମୂଲ୍ୟାଙ୍କନ, ଜାଣିବାପାଇଁ ଯଥାବଶ୍ୟକ ଉପକରଣର ପ୍ରାଚୁର୍ଯ୍ୟରେ କରି ହୁଏ ନାହିଁ, ଯାହାର ସାର୍ଥକତା ପ୍ରତିପାଦିତ ହୁଏ ଜୀବନର ମୌଳିକ ଅପ୍ରାକୃତ ଜୀବନ ଉପାଦାନର ପ୍ରଖରତାରେ, ସେ ଜୀବନୀକୁ ଲିପିବଦ୍ଧ କରିବା ଦୁଃସାଧ୍ୟ ।

ଅବଶ୍ୟ ଏହା ଅତୀତ ଇତିହାସର ପୁନରାବୃତ୍ତି । ମାତ୍ର ସମଧିକ ମର୍ମନ୍ତୁଦ ସଂଶୋଧନ ସହ । ସାର୍ଦ୍ଧ ସହସ୍ରାବ୍ଦର ପୂର୍ବ ଇତିହାସ । ଅତୀତର ଅତିରକ୍ତ ରକ୍ତ ଏକ ପ୍ରସ୍ତରୋତ୍ତର ପ୍ରବାହ । ଗୋଟିଏ ନିଷ୍ପାପ ହୃଦୟରୁ ଆତ୍ମାର ଆର୍ତ୍ତିକାତର ବାଣୀ ମହାକାଶର ସ୍ତର ସ୍ତର ଭେଦକରି ଅନନ୍ତ ଅନ୍ତରୀକ୍ଷରେ ଲୀନ ହୋଇ ଯାଇଛି ଯେପରି ! ପ୍ରକୃତରେ ଲୀନ ହୋଇନାହିଁ—ଲୀନ ହେବାର ନୁହେଁ । ସହସ୍ର ସହସ୍ର ବର୍ଷପରେ ଆଜି ମଧ୍ୟ ସେ ବାଣୀ ଅଗଣିତ ଜୀବନ୍ତମାନବର ଅନ୍ତରାତ୍ମାକୁ ଆଲୋଡ଼ିତ କରୁଛି । ସେ ବାଣୀ ବାଣୀ ନୁହେଁ, ମନ୍ତ୍ର । ସେ ମନ୍ତ୍ରରେ ପ୍ରତିଷ୍ଠିତ ମାନବୀୟ ମହତ୍ତ୍ୱ ମହାମାନବିକତା, ଆଜି ମଧ୍ୟ ଅକ୍ଷୁଣ୍ଣ ।

ସେ ଏକ ଜାତିର, ଏକ ଧାର୍ମିକ ସମାଜର ଅଧିପତି । 'ଜୁ' ମାନଙ୍କର ରାଜା-ନେଜାରଥର ଯୀଶୁ । ତାହାହିଁ ତାଙ୍କର ଅପରାଧ ।

କ୍ଷମାଭିକ୍ଷା କରିଥିଲେ ସତ୍ୟାଶ୍ରୟୀ ଯୀଶୁ ଆତତାୟୀମାନଙ୍କପାଇଁ, ପରମେଶ୍ୱରଙ୍କଠାରେ । ସେମାନେ ଅଜ୍ଞାନ ବୋଲି । ଆଉ ଆଜି ?

ଆଜି ଗୋଟାଏ ନୁହେଁ, ଦୁଇଟା ନୁହେଁ, ବାଇଶ ବାଇଶଟା ବଜାରରେ ବଜାରର ପ୍ରତି ଗଳି ଅର୍ଗଳିରେ ପ୍ରାଣାନ୍ତକ ପ୍ରହାର ସତ୍ତ୍ୱେ ନିର୍ବାକ, ନିଷ୍ପନ୍ଦ, ସ୍ପର୍ଶବୋଧଶୂନ୍ୟ,

Source: Author, Digitized by PPRACHIN, SOA

ନିଦ୍ରାହାରହୀନ ହରିଦାସ, ଆତତାୟିମାନଙ୍କର ଅବଶ୍ୟମ୍ଭାବୀ ନିଦାରୁଣ କର୍ମ ଫଳ ଭୋଗ ଚିନ୍ତାରେ ବ୍ୟଥିତ ହୋଇ ପ୍ରାର୍ଥନା କରୁଛନ୍ତି—

"ଏ ଯେତେକ ଜୀବ ପ୍ରଭୁ କରହେ ପ୍ରସାଦ ।
ମୋଠାରେ ଆଚରି ଦ୍ରୋହ, ନୋହୁ ଅପରାଧ ॥" ଚୈ. ଚ.

ହରିଦାସଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଛି ମୁଲକପତିଙ୍କର । ଇସ୍‌ଲାମଧର୍ମାବଲମ୍ବୀ ମୁଲକ୍‌ପତି । ମୁଲକର ମାଲିକ । କାର୍ଯ୍ୟକାରୀ କରଉଛନ୍ତି କାଜୀମାନଙ୍କର ଦଣ୍ଡାଦେଶ— "ବାଇଶ ବଜାରରେ ପ୍ରାଣାନ୍ତକ ପ୍ରହାର ।"

ହରିଦାସ ନିର୍ଭୟ, ନିଶ୍ଚିନ୍ତ, ନିର୍ବେଦ, ନିସ୍ତରଙ୍ଗ ଉଦଧି ।

"ହେ ଈଶ୍ୱର, ଈଶ୍ୱର, ମତେ ପରିତ୍ୟାଗ କଲ କାହିଁକି ?"

ଅଶେଷ ଯନ୍ତ୍ରଣାକ୍ଲିଷ୍ଟ କ୍ରୁଶବଦ୍ଧ ଯୀଶୁଖ୍ରୀଷ୍ଟ ସେଦିନ ଜଣାଣ କରିଥିଲେ ପରମ ପିତା ପରମେଶ୍ୱରଙ୍କଠାରେ ।

ଆଉ ହରିଦାସ ? ହରିଦାସଙ୍କର ଦୁଃଖ ନାହିଁ । ଯନ୍ତ୍ରଣା ନାହିଁ । ସୁଖଦୁଃଖ-ବୋଧର ଅତୀତ ନାମାନନ୍ଦରେ ଆତ୍ମବିସ୍ମୃତ । ନାମସ୍ମରଣ କରିଚାଲିଛନ୍ତି, ପାଇକମାନଙ୍କର ପ୍ରହାର ପ୍ରତି ଭ୍ରୂକ୍ଷେପ ନ କରି । ଅଭିଯୋଗ ନାହିଁ । ଆକ୍ଷେପ ନାହିଁ ।

କୃଷ୍ଣ କୃଷ୍ଣ ସ୍ମରଣ କରନ୍ତି ହରିଦାସ ।
ନାମାନନ୍ଦେ ଦୁଃଖ ଦେହେ ନ ହୁଏ ପ୍ରକାଶ ॥
କୁଛିବ ପ୍ରହାର ସହେ ଶ୍ରୀକୃଷ୍ଣ ପ୍ରସାଦେ ।
ଲେଶମାତ୍ର ହୋଇଲ ଦୁଃଖ ଦେହେ ନାହିଁ ବାଧେ ॥
ଶାସ୍ତ୍ରର ପ୍ରମାଣ ଯଥା ଅସୁର ନିଗ୍ରହେ ।
ନ ଲାଗିଲା ଦୁଃଖ ଯେଲେ ପ୍ରହ୍ଲାଦ ବିଗ୍ରହେ ॥
ସେହିମତେ ଯବନର ପ୍ରହାର ଅଶେଷ ।
ହରିଦାସ ଦେହେ ମନେ ଦୁଃଖ ନାହିଁ ଲେଶ ॥ ଚୈ. ଚ.

ସ୍ତମ୍ଭିତ ହୋଇଗଲେ ଯବନ‌ଆଜ୍ଞାବହ ପାଇକବୃନ୍ଦ । ଆଦେଶ ହୋଇଛି ପ୍ରାଣଦଣ୍ଡ । କାରଣ ବଜାରରେ ପ୍ରାଣାନ୍ତକ ପ୍ରହାର କରିବାର ଆଜ୍ଞା । କିନ୍ତୁ ହରିଦାସଙ୍କର ପ୍ରାଣକ୍ଷୟ ପାଇବାର କୌଣସି ଲକ୍ଷଣ ନାହିଁ । ଦୁଇ ତିନୋଟି ମାତ୍ର ବଜାରରେ ପ୍ରହାର ମାତ୍ରେ ଅନ୍ୟାନ୍ୟ ଆସାମୀମାନଙ୍କର ଏଥି ପୂର୍ବେ ମୃତ୍ୟୁ ହେବାର ଦୃଷ୍ଟାନ୍ତ ରହିଛି । ବାଇଶ ବାଇଶଟି ବଜାରରେ ନିର୍ମମ ନିଷ୍ଠୁର ପ୍ରହାର ସହେ ମୃତ୍ୟୁ ଦୂରର ଥାଉ, ହସ ହସ ବଦନରେ ହରି କୀର୍ତ୍ତନ କରି ଚାଲିଛନ୍ତି ହରିଦାସ । ଅବିରାମ ।

ଆଶଙ୍କା ଉଦୟ ହେଉଛି ପାଇକମାନଙ୍କର । ହରିଦାସଙ୍କ ପ୍ରାଣନାଶ ବିନା କାଜୀ ଓ ମୁଲକପତିଙ୍କ ହସ୍ତରେ ସେମାନଙ୍କର ପ୍ରାଣନାଶ ହେବ ନାହିଁ ତ ?

"ହରିଦାସ, ତୁମ୍ଭ ଜଣକ ଲାଗି ଏତେ ଲୋକଙ୍କର ପ୍ରାଣ ଯିବ ?" ଜଣାଉଛନ୍ତି ହରିଦାସଙ୍କୁ ପାଇକମାନେ ।

Source: Author, Digitized by PPRACHIN, SOA

"ମୋର ଛାଇ ରହିବାରେ ଯଦି ତୁମ୍ଭମାନଙ୍କର ମୃତ୍ୟୁ ହୁଏ, ତେବେ ମୋର ପ୍ରାଣପାତ ହେବା ହିଁ ଶ୍ରେୟ ।"

ସର୍ବଶକ୍ତିସମନ୍ୱିତ ହରିଦାସ ତତ୍କ୍ଷଣାତ୍ ଅଚେଷ୍ଟ ସଂଜ୍ଞାହୀନ ହୋଇ ପଡ଼ିଲେ । ଶ୍ୱାସ ପ୍ରଶ୍ୱାସ ରୁଦ୍ଧ । ଧ୍ୟାନାବସ୍ଥ ହରିଦାସଙ୍କୁ ମୃତ ମନେକରି ଯବନ ପାଇକମାନେ ମୁଲକ-ପତିଙ୍କୁ ମୃତ୍ୟୁ ସମ୍ବାଦ ପଠାଇଲେ ।

"ମାଟି ଦିଅ !" ଆଦେଶ ହେଲା ମୁଲକପତିଙ୍କର, କବରଗାହ୍‌ରେ କବର ଖୋଳାଇ ଦଫନ୍ ଦେବା ପାଇଁ ହରିଦାସଙ୍କୁ । ଜଣେ ଇସ୍‌ଲାମଧର୍ମଦ୍ରୋହୀର ଏ ସଦ୍‌ଗତି ? ସହ୍ୟକରି ପାରିଲେ ନାହିଁ କାଜୀ 'ଗୋରାଇ'—କାଜୀମାନଙ୍କର ମୁଖ୍ୟ । କାୟା କବରୀକୃତ ହେଲେ 'କୟାମତ୍' କାଳରେ ଆଲ୍ଲାତାଲ୍ଲାଙ୍କର କୃପାର ଅଧିକାରୀ ହୁଏ ମାନବ, ଇସ୍‌ଲାମ ବିଶ୍ୱାସମତେ । ତେଣୁ ହରିଦାସଙ୍କର ଅବୟବକୁ କବର ଦେବାର ଇସ୍‌ଲାମଧର୍ମୀୟ ପବିତ୍ର ବିଧାନରେ ଆପତ୍ତିକଲେ 'ଗୋରାଇ' । ମୁଲକ୍‌ପତିଙ୍କର ପୂର୍ବାଦେଶ ରହିତ ହେଲା । ନୂତନ ଆଦେଶ ଜାରି ହେଲା, ଗଙ୍ଗା ସ୍ରୋତରେ ଭସାଇ ଦେବାପାଇଁ ହରିଦାସଙ୍କ ଶରୀରକୁ ।

ପାଇକମାନେ ଶବଜ୍ଞାନରେ ହରିଦାସଙ୍କର ଦିବ୍ୟ ଅବୟବକୁ ଉତ୍ତୋଳନ କଲେ ଗଙ୍ଗାସ୍ରୋତରେ ଭସାଇଦେବା ଉଦ୍ଦେଶ୍ୟରେ । ମାତ୍ର ଉତ୍ତୋଳନରେ ଅସମର୍ଥ ହେଲେ ପାଇକମାନେ । ଇଚ୍ଛାମୟ ଯୋଗାବସ୍ଥ ମହାତ୍ମାଙ୍କର ସମାଧିସ୍ଥ ଶରୀରକୁ ନିଜ ଇଚ୍ଛା ମତେ ସ୍ଥାନାନ୍ତର କରିବାର ଶକ୍ତି କାହାର ତ୍ରିଭୁବନରେ ? ଧରାପୃଷ୍ଠରୁ ହରିଦାସଙ୍କ ଶରୀରକୁ ଉତ୍ତୋଳନ କରିବାର ବହୁ ଆଡ଼ମ୍ବର ବିଡ଼ମ୍ବନାରେ ପରିଣତ ହେଲା । ତଥାପି ଯବନମାନଙ୍କର ମୋହ ଭଙ୍ଗ ହେଲା ନାହିଁ । ହରିଦାସଙ୍କୁ ଉତ୍ପୀଡ଼ନ କରିବାକୁ ଲାଗିଲେ ସାଧାରଣ ମନୁଷ୍ୟ ବୁଦ୍ଧିରେ ବାରମ୍ବାର ବହୁବାର ।

ନାମର ମହିମା ମୂଢ଼ ପାଇକମାନଙ୍କ ମନରେ ପ୍ରବେଶ କରାଇବା ପାଇଁ ସମସ୍ତ ଚେଷ୍ଟା ହରିଦାସଙ୍କର ବିଫଳ ହେଲା । ପରିଶେଷରେ ବାଧ୍ୟ ହେଲେ ହରିଦାସ ଲଘୁ କରି-ଦେବାପାଇଁ ବାହ୍ୟପ୍ରକାଶ-ଶୂନ୍ୟ ନିଜର ଶରୀରକୁ । ପାଇକମାନେ ବିନା କାଳକ୍ଷେପରେ ନିକ୍ଷେପ କଲେ ହରିଦାସଙ୍କୁ ଗଙ୍ଗାଜଳରେ—ସ୍ରୋତମୁଖରେ ।

ହରିଦାସ କିନ୍ତୁ କୃଷ୍ଣାନନ୍ଦ ସିନ୍ଧୁରେ ନିମଜ୍ଜମାନ । ନିଜର ଭୌତିକ ଅବସ୍ଥିତି ସମ୍ବନ୍ଧରେ ଅଚେତନ । ମାତା ଜାହ୍ନବୀ ହରିଦାସଙ୍କୁ କୋଳରେ ଧରି ଆନନ୍ଦରେ ଉଚ୍ଛଳ । ସତେ ଯେପରି ଗଙ୍ଗାମାତା ଏତେଦିନେ ନିଜର ମାତୃପଦ ସାର୍ଥକ କରିବାର ସୁଯୋଗ ପାଇଛନ୍ତି ହରିଦାସଙ୍କୁ କ୍ଷୀରୋପମ ନୀର ପାନ କରାଇ !

ଉପଯୁକ୍ତ ମାତାର ଉପଯୁକ୍ତ ପୁତ୍ର ହରିଦାସ । ତ୍ରିଭୁବନତାରିଣୀ ଅଶେଷ ପାପ-ନାଶିନୀ, ପାବନୀ ଗଙ୍ଗା କୋଳରେ ପତିତ ପତିତପାବନ ହରିଦାସ । ଭାସିଯାଉଛନ୍ତି ହରିଦାସ ସୁରଧୂନୀର ସ୍ରୋତ ପ୍ରବାହରେ ତରଙ୍ଗର ହିଲ୍ଲୋଳରେ ଦୋଳାୟିତ ହିନ୍ଦୋଳସ୍ଥ ଶିଶୁ ସନ୍ତାନପରି । କଳକଲ୍ଲୋଳିନୀ ତରଳତରଙ୍ଗିଣୀ ଗଙ୍ଗାଙ୍କର ନାନାବାଦ୍ୟ ସଙ୍ଗୀତରେ ହରିଦାସ ସୁଷୁପ୍ତ । ଉଦାମ୍ବିକ ଦ୍ରବମୟୀ ଅଳକାନନ୍ଦାଙ୍କର ଆଜି କି ଆନନ୍ଦ ! ଅଦ୍ୟାବଧି

Source: Author, Digitized by PPRACHIN, SOA

ଶଙ୍କର-ମୌଳିବିହାରିଣୀ ନରକ ନିବାରିଣୀ ପାବନୀ ଗଙ୍ଗା, ହରିଦାସଙ୍କ ସ୍ପର୍ଶରେ ଆଜଠାରୁ ହରି ପାଦ୍ୟ-ସଲିଳା, କୃଷ୍ଣଭକ୍ତି-ପ୍ରଦାୟିନୀ, ଅମଳ ଜଳଧାରାର ଅଧିକାରିଣୀ ।

ଧ୍ୟାନମଗ୍ନ ହରିଦାସଙ୍କର ଧ୍ୟାନ କ୍ରମଶଃ ଭଗ୍ନ ହେଉଛି । ଗଙ୍ଗାସ୍ରୋତରେ ସନ୍ତରଣ କରି ସେ ଧୀରେ ଧୀରେ 'ଫୁଲିଆ' ନିକଟବର୍ତ୍ତୀ ନଦୀ ତଟରେ ଉପନୀତ । ପୁଣ୍ୟଧାମ ଫୁଲିଆ ଗ୍ରାମ ଯେପରି ଅପେକ୍ଷା କରି ରହିଥିଲା ହରିଦାସଙ୍କ ଆଗମନକୁ । ଫୁଲିଆବାସୀ ଆଜି ଉତ୍‌ଫୁଲ୍ଲ ।

*

*　　　*

ଏ ଯୀଶୁଖ୍ରୀଷ୍ଟଙ୍କର ପୁନରଭ୍ୟୁଦୟ ନୁହେଁ । ଅଖଣ୍ଡ ପୂର୍ଣ୍ଣାବୟବ ଗୋଟିଏ ନାଟ୍ୟାଭିନୟର ପଞ୍ଚପରିବର୍ତ୍ତନ ମାତ୍ର । ଗଳ୍ପ ନୁହେଁ । ଆଖ୍ୟାୟିକା ନୁହେଁ । ପୁରାଣ ବର୍ଣ୍ଣିତ ପ୍ରତୀକ-ଧର୍ମୀ ଉପାଖ୍ୟାନ ନୁହେଁ । ନିଛକ ବାସ୍ତବ ସତ୍ୟ । ହରିଦାସଙ୍କର ଜୀବନ ଚରିତ । ତାଙ୍କର ଏହି ପୁନର୍ଜୀବନ ଲାଭ ଏକ ପ୍ରହେଳିକା ହୋଇ ରହିଗଲା ବହୁ ଜନମାନସରେ । ଅବିଳମ୍ବେ ପ୍ରଚାରିତ ହୋଇଗଲା ଚତୁର୍ଦ୍ଦିଗରେ ହରିଭକ୍ତ ହରିଦାସଙ୍କର ଅଦ୍ଭୁତ ବିଭୂତି । ଚକ୍ଷୁ କର୍ଣ୍ଣର ବିବାଦ ଭଞ୍ଜନ କରିବାପାଇଁ ବହୁଳ ଜନସମାଗମ ହେଲା 'ଫୁଲିଆ' ଅନ୍ତର୍ଗତ ହରିଦାସଙ୍କର ଭଜନ-କୁଟୀରରେ । କେବଳ ସଧର୍ମୀ ହିନ୍ଦୁ, ଇସଲାମ୍ ଧର୍ମାବଲମ୍ବୀ ବହୁ ସଜ୍ଜନ ମଧ୍ୟ ହରିଦାସଙ୍କୁ ପୀର ପୟଗମ୍ବର ଜ୍ଞାନରେ ଭକ୍ତି-ଅର୍ଘ୍ୟ ଅର୍ପଣ କରିବାକୁ ଲାଗିଲେ ହରିଦାସଙ୍କ ପାଦଦେଶରେ ପ୍ରଣିପାତ ପୂର୍ବକ । କାଜୀ ଓ ମୁଲ୍ଲକ୍‌ପତି ମଧ୍ୟ । ସେମାନଙ୍କର ଜ୍ଞାନ ଉଦୟ ହୋଇଛି । କ୍ଷମା ଭିକ୍ଷା କରୁଛନ୍ତି ପୀର ହରିଦାସଙ୍କର ପୟରରେ ସେଦିନ ଅଜ୍ଞାନକୃତ ଅପରାଧ ପାଇଁ । ଅଜ୍ଞତା ନୁହେଁ, ଅବିଶ୍ୱାସ । ଅଜ୍ଞତାରୁ ହିଁ ଅବିଶ୍ୱାସର ଜନ୍ମ । ସ୍ୱୀକାର କରୁଛନ୍ତି କାଜୀ । ସେମାନଙ୍କର ଦଣ୍ଡାଦେଶ ଅନ୍ୟାୟ । ମାତ୍ର ନିଜ ଧର୍ମରେ ଦୃଢ଼ ବିଶ୍ୱାସ ହେତୁ ନୁହେଁ, ମୂଢ଼ ଧାରଣା ହେତୁ ଏ ଜଘନ୍ୟ ଆଚରଣ ।

ମୁସଲ୍‌ମାନ୍ କୁଳରେ ଜନ୍ମନେଇ ହିନ୍ଦୁଆନି କରିବା ହିଁ ହେଲା ହରିଦାସଙ୍କର ଅପରାଧ । ଗୋଟିଏ ମୁସଲ୍‌ମାନ ପିତାର ସନ୍ତାନ ପକ୍ଷରେ ବୈଷ୍ଣବ ଧର୍ମାଚରଣ କରିବା ଯେତିକି ଗର୍ହିତ, ତତୋଽଧିକ ଜଘନ୍ୟ ଅପରାଧ, ହରିଦାସଙ୍କର ଅବାଧ ନାମ ପ୍ରଚାର ଫଳରେ ବହୁ ମୁସଲ୍‌ମାନ ତାଙ୍କ ପଦାଙ୍କ ଅନୁସରଣ କରି ହିନ୍ଦୁ ହେବା । ପୁଣି ଜଣେ ଧର୍ମଯାଜକ ଭାବରେ ହରିଦାସଙ୍କର ଖ୍ୟାତି କାଜୀମାନଙ୍କର ଚକ୍ଷୁଶୂଳ । ହରିଦାସଙ୍କର ଲୋକୋତ୍ତର ଶକ୍ତି ତଥା ଅଦ୍‌ଭୁତ ବିଭୂତି ପ୍ରଭାବରେ କୌଣସି ଇସ୍‌ଲାମେତର ବ୍ୟକ୍ତି ଭବିଷ୍ୟତରେ ମୁସଲ୍‌ମାନ ହେବାର ଆଶଙ୍କା ମଧ୍ୟ ସେମାନଙ୍କ ମନମଧ୍ୟରେ କାର୍ଯ୍ୟ କରୁଥିଲା ତେଣୁ ବିଚାରକ କାଜୀମାନେ ଆଦେଶ ଦେଲେ —" କୃଷ୍ଣନାମ ଛାଡ଼ି କଲମା ପଢ଼, ଅନ୍ୟଥା ମୃତ୍ୟୁ—ମୌତ୍ ।"

Source: Author, Digitized by PPRACHIN, SOA

ହରିଦାସଙ୍କର ଏକମାତ୍ର ଉତ୍ତର ସେତେବେଳେ—"ଅହୋ ବିଷ୍ଣୁ ମାୟା !"

" କୃଷ୍ଣନାମ ଛାଡ଼ି କଲମା ପଢ଼ !" ବାରମ୍ବାର ସତର୍କ କରାଇ ମୁଲକପତି ଓ କାଜିମାନେ କହୁଛନ୍ତି । ପୁରାଣ ପଢ଼ିବାକୁ କୋରାନ, ରାମ ନ କହି ରହିମ୍, ବିଷ୍ଣୁ ନ କହି ବିସ୍ମିଲ୍ଲା କହିବାକୁ ହେବ, ପଢ଼ିବାକୁ ହେବ । ଅନ୍ୟଥା ମୃତ୍ୟୁ ଦଣ୍ଡ ବରଣ କରିବାକୁ ପଡ଼ିବ । ହରିଦାସ ଉତ୍ତର ଦେଉଛନ୍ତି—

ଶୁଣ ବାପ, ସଭିଙ୍କର ଏକଇ ଈଶ୍ୱର ।।
ନାମ ମାତ୍ର ଭେଦ କହେ ହିନ୍ଦୁ ମୁସଲମାନ୍ ।
ଏକ ପରାମର୍ଶ ଦିଏ କୋରାନ୍ ପୁରାଣ ।।
ଏକ ସିଦ୍ଧ ନିତ୍ୟବସ୍ତୁ ଅଖଣ୍ଡ ଅବ୍ୟୟ ।
ପରିପୂର୍ଣ୍ଣ ହୋଇ ବସେ ସଭିଁର ହୃଦୟ ।
ଯାହାର ଯେମନ୍ତ ମନ ତା ଦେନି ତା ପ୍ରଭୁ ।
ତେମନ୍ତେ ଭୁବନେ ପ୍ରାଣୀ କରେ କର୍ମ ସବୁ ।।
ଏକଇ ପ୍ରଭୁଙ୍କ ନାମ ଗୁଣ ଏ ଜଗତେ ।
ଭିନ୍ନ ଭିନ୍ନ କହିଥାନ୍ତି ନିଜ ଶାସ୍ତ୍ର ମତେ ।। ଚୈତନ୍ୟ ଭାଗବତ ।

ମାତ୍ର ହରିଦାସଙ୍କର ସିଦ୍ଧାନ୍ତକୁ ସ୍ୱୀକାର କରୁନାହାନ୍ତି କ୍ଷମତାନ୍ଧ ଧର୍ମଧ୍ୱଜୀ କାଜୀ ଓ ମୁଲକ୍‌ପତି । କରୁନଥିଲେ ସେତେବେଳେ । ହରିଦାସ ପୁନର୍ବାର ବୁଝାଇ କହିଲେ—"ହେ ରାଜନ୍, ହେ ମୁଲକ୍‌ପତି ! ବହୁ ବ୍ରାହ୍ମଣ ଇସଲାମ ଧର୍ମର ମହତ୍ତ୍ୱ ଉପଲବ୍ଧି କରି ମୁସଲ୍‌ମାନ୍ ହୋଇ ଯାଇଛନ୍ତି । ମୁସଲ୍‌ମାନ କୁଳରେ ଜନ୍ମ ହୋଇ ହିନ୍ଦୁଆନି କରିବା ଯଦି ମୋର ଅପରାଧ ହୁଏ, ଆପଣମାନେ ସେହି ହିନ୍ଦୁ ବଂଶଜ ମୁସଲମାନ୍‌ମାନଙ୍କ ପ୍ରତି କେବେ ଦଣ୍ଡବିଧାନ କରିଛନ୍ତି ?"

ଉତ୍ତରରେ ଆହତଗର୍ବ ଧର୍ମଦ୍ୱେଷିମାନଙ୍କର, ବକ୍ଷସ୍ଫୀତ, ଶ୍ୱାସ ପ୍ରଖର, ଦନ୍ତ-ପାଟି କଳିତ, ହସ୍ତ ମୁଷ୍ଟିବଦ୍ଧ । ହରିଦାସ ଲକ୍ଷ୍ୟ କରୁଛନ୍ତି । ତଥାପି ନିର୍ଭୀକ । ସତ୍ୟ ପ୍ରକାଶ କରିବାରେ ଦ୍ୱିଧାହୀନ । ମୁସଲମାନ୍‌ମାନଙ୍କ ପ୍ରତି ଏକ ନ୍ୟାୟ, ହିନ୍ଦୁମାନଙ୍କ ପ୍ରତି ଅନ୍ୟ ଏକ ନ୍ୟାୟ, ଅନ୍ୟାୟ ଅସଂଗତ, ତେଣୁ ଅଧର୍ମ । "ତଥାପି ଯଦି ମୋର କୌଣସି ଦୋଷ ଥାଏ, ତେବେ ଉଚିତ ଶାସ୍ତିବିଧାନ କରିବା ହେଉ" । ନିବେଦନ କଲେ ହରିଦାସ ।

"ଶାସ୍ତି ! ଶାସ୍ତି !!" ଗର୍ଜି ଉଠୁଛନ୍ତି ମୁଲକ୍‌ପତି ଓ କାଜୀମାନେ । ଏତେ ସ୍ପର୍ଧା ଏ କାଫେରର ?" ସଙ୍ଗେ ସଙ୍ଗେ ଦଣ୍ଡାଦେଶ ହେଲା—"ମୃତ୍ୟୁ" ।

ହରିଦାସ ଶିରପାତି ଦଣ୍ଡାଦେଶ ବରଣ କରିନେଲେ ସହାସ୍ୟ ବଦନରେ । ଖେଦ ନାହିଁ । କ୍ରୋଧ ନାହିଁ । ପୂର୍ବବତ୍ ଦୃଢ଼ । ବଜ୍ର ନିର୍ଘୋଷ ବାଣୀ ଶୁଣାଉଛନ୍ତି—

ଖଣ୍ଡ ଖଣ୍ଡ ହେଉ ଦେହ ଯିବ ଯାଉ ପ୍ରାଣ ।
ତଥାପି ମୁଁ ନଗୁଡ଼ିବି ମୁଖୁଁ ହରିନାମ ।।" ଚୈତନ୍ୟ ଚରିତାମୃତ

କାଜୀ ଓ ମୁଲକ୍‌ପତି ହସୁଛନ୍ତି । ପରିହାସର ହସ ।

Source: Author, Digitized by PPRACHIN, SOA

ହରିଦାସଙ୍କ ପ୍ରତି ମୃତ୍ୟୁ ଦଣ୍ଡ ଆଜ୍ଞା

ଖଣ୍ଡ ଖଣ୍ଡ ହେଉ ଦେହ ଯିବ ଯାଉ ପ୍ରାଣ ।
ତଥାପି ମୁଁ ନଛାଡ଼ିବ ମୁଖୁଁ ହରିନାମ—(ପୃ ୪୪)



Source: Author, Digitized by PPRACHIN, SOA

ହରିଦାସଙ୍କର ଉକ୍ତି ଉକ୍ତି ନୁହେଁ, ପଣ, ପ୍ରତିଜ୍ଞା । ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ସେ ସତ୍ୟ ହରିଦାସ । କାଜି ଓ ମୁଲକ୍‌ପତିଙ୍କର ଅନ୍ଧପଟଳ ଖସି ପଡ଼ିଛି । ସେଥିପାଇଁ ଆଜି ସେମାନେ ଅନୁତପ୍ତ, କ୍ଷମାପ୍ରାର୍ଥୀ, କୃପାପ୍ରାର୍ଥୀ ।

ଫୁଲିଆରେ ବିରାଟ ସଭା ବସିଛି । ବ୍ରାହ୍ମଣ ପଣ୍ଡିତମାନଙ୍କ ଦ୍ୱାରା ଆହୂତ ଏକ ସଭା । କାଜି ଅତ୍ୟାଚାରରେ ଅନାହତ ହରିଦାସଙ୍କର ସମ୍ବର୍ଦ୍ଧନା ସଭା ନୁହେଁ, ହରିନାମର ବିଜୟ ଉତ୍ସବ । ହରିନାମର ମାହାତ୍ମ୍ୟ ଶ୍ରବଣରେ ଉଲ୍ଲସିତ ଫୁଲିଆ ତଥା ଫୁଲିଆ ନିକଟବର୍ତ୍ତୀ ଅଞ୍ଚଳରେ ଅଗଣିତ ଜନତା ସଭାସ୍ଥଳରେ ସମବେତ । ହରିନାମର ଏ ବିଜୟ ସେଦିନ ଯେ କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ବିଶ୍ୱାସର ଏକ ଦୃଢ଼ ଦୁର୍ଗ ନିର୍ମାଣ କରିଥିଲା, ତାହା ନୁହେଁ; ଭାରତର ସାଂସ୍କୃତିକ ପରମ୍ପରାରେ ଯେଉଁ ଗ୍ଲାନି ଦେଖା ଦେଇଥିଲା ତାହା ଯେପରି କାହା କୁହୁକ ପ୍ରଭାବରେ ଅପସାରିତ ହେବାକୁ ଆରମ୍ଭ କଲା ସେହି ଶୁଭ ମୁହୂର୍ତ୍ତରୁ । ଏ ବିଜୟର ଏକ ଐତିହାସିକ ଆବଶ୍ୟକତା ଉପଲବ୍‌ଧ କରୁଥିଲେ ଅନେକ ।

ଏ ବିଜୟ ବାସ୍ତବିକ ଏକ ଅଘଟନ ବିଜୟ । କାରଣ, ଏହା ଅପୂର୍ବ କେବଳ ନୁହେଁ, କାର୍ଯ୍ୟ କାରଣ ସମ୍ବନ୍ଧରେ ସମ୍ବନ୍ଧିତ ମଧ୍ୟ ନୁହେଁ ତିଳାର୍ଦ୍ଧ ପରିମାଣରେ । କୌଣସି ମୂଳ ପ୍ରକ୍ରିୟାର ପରିଣାମ ନୁହେଁ । ତେଣୁ ଏ କେବଳ ମହିମା, ନାମର ମହିମା । ଏ କେବଳ ଲୀଳା, ନାମୀର ଲୀଳା ।

ଏହି ଅପୂର୍ବ ଅଦ୍ଭୁତ ବିଜୟରେ ବିଜେତା ନାହିଁ ବିଜିତ ନାହିଁ । ଏ ବିଜୟରେ ପରାଜୟ ଉଭୟ ପକ୍ଷର । ବିଜୟ କେବଳ ପ୍ରେମର । ବିଜୟ କେବଳ ମାନବିକ ମହତ୍ତ୍ୱର, ମାନବିକ ଉଦାରତାର, ମାନବିକତାର । ଏ ବିଜୟରେ ସମୃଦ୍ଧ ରାଜ୍ୟ ଭୋଗ କରେ ନାହିଁ କେହି । ଏ ବିଜୟରେ ଉଭୟ ପକ୍ଷର ହୃଦୟ ହୁଏ ଋଦ୍ଧିମନ୍ତ । ପ୍ରେମରାଜ୍ୟର ପ୍ରତିଷ୍ଠା ପାଇଁ ମୌଳିକ ଉପାଦାନ ସେ ହୃଦୟ ।

ଚତୁର୍ଦ୍ଦିଗରେ କୋଳାହଳ । 'ହରି, ହରି' ଧ୍ୱନିରେ ଦଶଦିଗ ପ୍ରକମ୍ପିତ । ଏହି ଅବସରରେ ହରିଦାସ ଆରମ୍ଭ କରିଦେଇଛନ୍ତି ଉନ୍ମତ୍ତ ନୃତ୍ୟ । ସର୍ବାଙ୍ଗରେ ଅଷ୍ଟ ସାତ୍ତ୍ୱିକ ବିକାର । ଅଶ୍ରୁ କମ୍ପ ପୁଲକାଦିର ବିକାଶ ଏପରି ପରିପୂର୍ଣ୍ଣ ଯେ ସେସବୁ ହରିଦାସଙ୍କର ଅଙ୍ଗର ପ୍ରତ୍ୟଙ୍ଗ ରୂପେ ପ୍ରତୀୟମାନ ହେଉଛି ।

ଅଧିକାଂଶ ଜନମନରେ ପ୍ରତିଶୋଧର ବହ୍ନି ଜଳୁଛି । କାଜୀ ଓ ମୁଲକ୍‌ପତି-ଙ୍କର ଅନ୍ୟାୟ ବିଚାର ଓ ଦଣ୍ଡାଦେଶର ପ୍ରତିକାର ଲୋଡ଼ା । ଉପସ୍ଥିତ ଜନତା ହିଂସ୍ର ହୋଇଉଠିଛି । ହରିଦାସଙ୍କୁ ଅଗୋଚର ନ ଥିଲା ଲୋକଙ୍କର ମନୋଭାବ । ଚତୁର ହରିଦାସ ବୁଝି ପାରିଥିଲେ ଯେ ଏ ଅଗ୍ନି ଅଚିରେ ପ୍ରଶମିତ ନ ହେଲେ ଅଶାନ୍ତି ଝଡ଼ ସୃଷ୍ଟି ହେବ—କେବଳ ବଙ୍ଗ ଭୂମିରେ ନୁହେଁ, ସମଗ୍ର ଭାରତବର୍ଷରେ । ଫଳରେ ନାମର ଅମର୍ଯ୍ୟାଦା । ରାହୁଗ୍ରସ୍ତ ଚନ୍ଦ୍ରପରି ମଳିନ ହୋଇଯିବ ହରିନାମର ପ୍ରଭାବ । ପଣ୍ଡ ହୋଇଯିବ ତାଙ୍କର ଆଜୀବନ ସାଧନା । ପଣ୍ଡ ହୋଇଯିବ ତାଙ୍କର ଅନୁବ୍ରତ ଅନୁବୃତ୍ତ ବ୍ରତ ।

ହଠାତ୍ ହରିଦାସ ସ୍ୱସ୍ଥାନ ପରିତ୍ୟାଗପୂର୍ବକ ସଭାସ୍ଥ ବ୍ରାହ୍ମଣ-ମଣ୍ଡଳ-ମଣ୍ଡିତ-ମଣ୍ଡପ ତଳେ ସାଷ୍ଟାଙ୍ଗ ଦଣ୍ଡବତ କରି କହିଛନ୍ତି—"ନମସ୍କାର, ନମସ୍କାର !! ହେ ବ୍ରହ୍ମଜ୍ଞ ବ୍ରାହ୍ମଣବର୍ଗ, ଆଶୀର୍ବାଦ କରନ୍ତୁ, ମୁଁ ଯେପରି ପୁନରପି ଏପରି ପାପାଚରଣ ନ କରେ ।"

Source: Author, Digitized by PPRACHIN, SOA

ସଜ୍ଜନ ବର୍ଜ୍ଜିତ । ଉଚ୍ଚସ୍ଥ । ପାପ ? ହରିଦାସଙ୍କର ପାପାଚରଣ ? କଣ କେବେ ସମ୍ଭବ ହୋଇପାରେ ?

ହରିଦାସ ସମସ୍ତଙ୍କର ସଂଶୟ ମୋଚନ କରିଦେଉଛନ୍ତି—"ବିଷ୍ଣୁ ନିନ୍ଦା ଶୁଣିବାର ଦୁର୍ଯୋଗ ବହୁବାର ଘଟିଛି ଜୀବନରେ । ତାର ଶାସ୍ତି କୁମ୍ଭୀପାକ ନର୍କ ଭୋଗ । ସେ ଭୟ ମୋର ଦୂରୀଭୂତ ହୋଇଯାଇଛି ଏହି ଯବନମାନଙ୍କ ଆଚରଣରୁ । ମୋ ପ୍ରତି ସେମାନଙ୍କର ଅଶେଷ କୃପା । ଅଜ୍ଞାନରେ ହେଉ ବା ସଜ୍ଞାନରେ ହେଉ, ସେମାନଙ୍କ ଦଣ୍ଡଦ୍ୱାରା ମୋର ସମସ୍ତ ପାପ କ୍ଷୟପ୍ରାପ୍ତ । ମୁଁ ବାସ୍ତବରେ କୃତଜ୍ଞ ସେମାନଙ୍କଠାରେ ।"

ଜନତା ସ୍ତବ୍ଧ ହରିଦାସଙ୍କ କଣାଣରେ । ଚକ୍ଷୁଶ୍ରବା ଉଚ୍ଚଫଣ ଫଣୀ ଅନ୍ତରରେ ପ୍ରବେଶ କରିଛି ପଦ୍ମତୋଳା । ରକ୍ତମାଂସର ଦେହ ବହି କେହି କଣ କେବେ କ୍ଷମା କରିପାରିଛି ଜୀବ-ଅପହାରୀ ଆତତାୟୀମାନଙ୍କୁ ?

ବାସ୍ତବିକ୍ ଜଗତରେ ବିରଳ ଏ ବିଚିତ୍ର ଚରିତ୍ର । ଏଭଳି ମାର୍ଦ୍ଦବ, ଅପାରୁଷ୍ୟ, ଅଦୋଷଦର୍ଶିତା, ଆତ୍ମସମୀକ୍ଷା ତଥା ଆତ୍ମନିନ୍ଦାପରାୟଣତାର ପରାକାଷ୍ଠା ନିମନ୍ତେ ହରିଦାସ ହିଁ ହରିଦାସଙ୍କର ତୁଳନୀୟ । ଏପରି ନିରଭିମାନ ଅପୈଶୁନ ମାନ-ଅମାନ-ନିର୍ବିଶେଷରେ ମାନ ଦାନ, ଏପରି ସହ୍ୟଶକ୍ତିସମ୍ପନ୍ନ ଧୈର୍ଯ୍ୟଶୀଳ ସ୍ୱଭାବର ପରିଚୟ ସମଗ୍ର ମାନବ ଚରିତ୍ରକୁ ଦେବତ୍ୱର ବହୁ ଊର୍ଦ୍ଧ୍ୱରେ ସ୍ଥାନ ଦେଇଛି ।

ବୈଷ୍ଣବ ଚୂଡ଼ାମଣି ହରିଦାସଙ୍କର ଏହାହିଁ ବୈଶିଷ୍ଟ୍ୟ । ଆଶ୍ରିତ, ନିରାଶ୍ରୟ ଶତ୍ରୁ ମିତ୍ର ନିର୍ବିଶେଷରେ ସମସ୍ତଙ୍କର ମଙ୍ଗଳକାମନା କରିବାର ଦୃଷ୍ଟାନ୍ତ ଇତିହାସରେ କମ୍। ପୁରାଣରେ ଏହାହିଁ ପ୍ରଥମ ।

ରାଜା ସୁରଥ ଓ ମୁନିବର ମେଧାଙ୍କ ମଧ୍ୟରେ କଥୋପକଥନରୁ ଆହରିତ ଆଧାର ଉପରେ ଦେବାସୁର ଯୁଦ୍ଧର ଇତିହାସ ଏବେ ବି ଲିପିବଦ୍ଧ । ସେ ଏକ ପୁରାଣ ବର୍ଣ୍ଣିତ ଇତିହାସ । ବହୁ ପୁରାତନ ସେ କାହାଣୀ । ଦ୍ୱିତୀୟ ମନୁ ସ୍ୱାରୋଚିଷଙ୍କ କାଳର କଥା । ସେତେବେଳେ ରାଜତ୍ୱ ଥିଲି ରାଜା ସୁରଥଙ୍କର ।

ଏ ଘଟଣା ତତ୍ ପୂର୍ବବର୍ତ୍ତୀ । ବହୁ ଯୁଗ ଯୁଗାନ୍ତରର, ମନ୍ୱନ୍ତରର । ମହିଷମର୍ଦ୍ଦିନୀ ମହାମାୟା ଦେବୀ ଭଗବତୀଙ୍କର ସ୍ତୁତି କରୁଛନ୍ତି ଶକ୍ରାଦି ଦେବଗଣ ।

"ଚିତ୍ତେ କୃପା ସମରନିଷ୍ଠୁରତା ଚ ଦୃଷ୍ଟା
ତ୍ୱୟ୍ୟେବ ଦେବି ବରଦେ ଭୁବନତ୍ରୟେଽପି ।"

ବାୟଂ ଝୁନ୍ନ ହିତ-ଦେବ-ପରାକ୍ରମାଣାଂ
ବୈରିଷ୍ୱପି ପ୍ରକଟିତୈବ ଦୟା ତ୍ୱୟେତ୍ଥମ୍ "

ଋଷିମେଧା ବର୍ଣ୍ଣନା କରୁଛନ୍ତି ରାଜା ସୁରଥ ଓ ବୈଶ୍ୟ ସମାଧିଙ୍କ ସମୀପରେ ।

"ତବ ବୀର୍ଯ୍ୟ ଦେବ-ବଳ-ଅପହାରୀ ସଂହାରେ
ଶତ୍ରୁଠାରେ ଦୟା ଦେଖାଅ ଏକା ଏ ପ୍ରକାରେ ।।"

ଶତ୍ରୁ ପ୍ରତି ଦୟା ପ୍ରକାଶ ଏକମାତ୍ର ମହାମାୟାଙ୍କର ହିଁ ଗୌରବ । ମାତ୍ର ମନୁଷ୍ୟ ଦେହ ଧାରଣ କରି ଘାତକର ହତ୍ୟାକାମନା ପରିବର୍ତ୍ତେ ତତୋଧିକ ଦୟା ପ୍ରଦର୍ଶନର ଦୃଷ୍ଟାନ୍ତ ବିରଳ ।

Source: Author, Digitized by PPRACHIN, SOA

ଶତ୍ରୁ ହେଲେହେଁ ସେ ମନୁଷ୍ୟ । ମନୁଙ୍କର ବଂଶଜ ମନୁଷ୍ୟ । ବିଶାଳ ପରମ୍ପରାର ଧାରା । ମନୁଷ୍ୟର ବିଶେଷତ୍ୱ ସେ ଭାବପ୍ରବଣ ହୃଦୟର ଅଧିକାରୀ । ସେ ଅଧିକାର ଭଗବାନଙ୍କରହିଁ ଦାନ । ଶ୍ରୀହରିଙ୍କର କୃପା । ମନୁଷ୍ୟର ସେହି କର୍ଷିତ ହୃଦୟ ହିଁ ଶତ୍ରୁ-ମିତ୍ରନିର୍ବିଶେଷରେ ଅନ୍ୟର ହୃଦୟକୁ ବଶୀଭୂତ କରିପାରେ । ଲୌହକୁ ସୁବର୍ଣ୍ଣରେ ପରିଣତ କରିପାରେ । କିନ୍ତୁ ହରିଦାସଙ୍କର ଆବିର୍ଭାବ ମନୁଷ୍ୟେତର ପ୍ରାଣରେ ଦେବତ୍ୱର ସଞ୍ଚାର ପାଇଁ । ବିଚିତ୍ର ଏକ ସ୍ପର୍ଶମଣି ହରିଦାସ । ସେ ମଣି ଧାତୁର ଅପେକ୍ଷା କରେ ନାହିଁ । ଲୌହ କେବଳ ସୁବର୍ଣ୍ଣରେ ପରିଣତ ହୁଏ ନାହିଁ । ପଶୁପକ୍ଷୀ ସରୀସୃପ ମଧ୍ୟ ପ୍ରଭାବିତ ହୁଅନ୍ତି ସେହି ସ୍ପର୍ଶମଣିର ସ୍ପର୍ଶରେ । ହିଂସ୍ରଭାବ ପରିହାର କରି ପରିଚୟ ଦିଅନ୍ତି ଅସୀମ ହୃଦୟବତ୍ତାର ।

ଗୁଣୀ ନୁହେଁ, ଗାରେଡ଼ି ନୁହେଁ, ମାୟା ନୁହେଁ, ଇନ୍ଦ୍ରଜାଲ ନୁହେଁ, କେବଳ ହରିଦାସଙ୍କର କୃପାକଟାକ୍ଷ । ମହାବିଷଧର ସର୍ପ ମଧ୍ୟ ହିଂସ୍ର ସ୍ୱଭାବ ପରିତ୍ୟାଗ କଲା । ଅସଂଖ୍ୟ ଲୋକେ ଲକ୍ଷ କରୁଛନ୍ତି । ସମସ୍ତେ ହରିନାମ-ସଂକୀର୍ତ୍ତନରେ ବିହ୍ୱଳ । ହରିନାମ ! ସେ ଏକ ଅକାଟ୍ୟ ପଦ୍ମତୋଳା । ମନୁଷ୍ୟ ମନର କେବଳ ବିଷୟ ବିଷଜ୍ୱାଳା ଦୂର କରେ ନାହିଁ । ମହାନାଗ ସଦୃଶ ଭୀଷଣ ବିଷଧର ସରୀସୃପ ମଧ୍ୟ ବଶୀଭୂତ ହୁଏ । ଫୁଲିଆ ଗ୍ରାମବାସୀ ତଥା ପାର୍ଶ୍ୱବର୍ତ୍ତୀ ପୁରପଲ୍ଲୀର ସହସ୍ରାଧିକ ଅଧିବାସୀ ଏ ଦୃଶ୍ୟ ଦେଖି ଅଭିଭୂତ ।

ଖଣ୍ଡମଣ୍ଡଳରେ ଅଖଣ୍ଡ ଆତଙ୍କ ସୃଷ୍ଟି କରିଥିଲା ସେ ନାଗ । ଦୁର୍ଭାଗ୍ୟ, ସେ ମଧ୍ୟ ଆଶ୍ରୟ କରି ରହିଥିଲା ହରିଦାସଙ୍କର ଆଶ୍ରୟସ୍ଥଳ ସେହି ଗୁମ୍ଫାକୁ । ଏହି ସର୍ପ ଅଧ୍ୟୁଷିତ ଗୁମ୍ଫାରେ ହରିଦାସଙ୍କର ବସତି । ବହୁ ଶୁଭେଚ୍ଛୁଙ୍କର ବାରଣ ସତ୍ତ୍ୱେ । ଆଗନ୍ତୁକ ଜନସାଧାରଣ ଅନୁଭବ କରୁଥିଲେ ଗରଳର ଅଧିକାରୀ ଏହି ମହାନାଗର ବିଷଜ୍ୱାଳା । ସର୍ପର ନିଃଶ୍ୱାସରେ ପରିପାର୍ଶ୍ୱର ତାପବୃଦ୍ଧି ପରିଲକ୍ଷିତ ହେଉଥିଲା । ମାତ୍ର ହରିଦାସ ? ହରିଦାସଙ୍କର କୌଣସି ଅନୁଭବ ନାହିଁ । ନାମ ପ୍ରଭାବରେ ଯେ ସଂସାରର ବିଷଜ୍ୱାଳାକୁ ପ୍ରଶମିତ କରି ପାରିଛନ୍ତି, ଗୋଟାଏ ସାମାନ୍ୟ ସର୍ପର ବିଷ ତା ପକ୍ଷରେ ନଗଣ୍ୟ, ଅତି ହେୟ ।

ସେଦିନ ଫୁଲିଆବାସୀଙ୍କର ଅତ୍ୟନ୍ତ ଆନ୍ତରିକ ଓ ଆତ୍ମୀୟ ଅନୁଯୋଗ—ଏ ସ୍ଥାନ ପରିତ୍ୟାଗ କରିବାକୁ ହେବ । ସେ ଅନୁରୋଧ ଏଡ଼ିବାର ସାଧ୍ୟ ନାହିଁ ହରିଦାସଙ୍କର । କିନ୍ତୁ ସର୍ତ୍ତ ଦେଉଛନ୍ତି, ନିର୍ଦ୍ଦିଷ୍ଟ ଦିନ ମଧ୍ୟରେ ସର୍ପ ଯଦି ସ୍ୱେଚ୍ଛାରେ ଗୁମ୍ଫା ତ୍ୟାଗ ନ କରେ ତେବେ ସେ ସ୍ଥାନ ତ୍ୟାଗ କରିଯିବେ ।

ସନ୍ଧ୍ୟା ଆଗତ । ଚତୁର୍ଦ୍ଦିଗରେ ଅନ୍ଧକାର । ଅନ୍ତରର ଅଜ୍ଞାନତା ସଦୃଶ ତମସାଚ୍ଛନ୍ନ ରଜନୀ କ୍ରମଶଃ ପୃଥିବୀକୁ ଗ୍ରାସ କରୁଛି । ଗୁମ୍ଫା ମଧ୍ୟରେ ହରିଦାସ ଓ କତିପୟ ହରିଭକ୍ତ ହରିନାମ ସଂକୀର୍ତ୍ତନରେ ରତ । ହଠାତ୍ ଏକ ଦୀପ୍ତ ଆଲୋକରେ ଗୁମ୍ଫାର ଅଭ୍ୟନ୍ତର ଉଜ୍ଜ୍ୱଳ ହୋଇ ଉଠିଲା । ସଙ୍ଗେ ସଙ୍ଗେ ସମ୍ମିଳିତ ଭକ୍ତବୃନ୍ଦଙ୍କ ସମ୍ମୁଖରେ ଅତି ଦୀର୍ଘାକାର ନୀଳ, ପୀତ, ଶୁକ୍ଳ ରଙ୍ଗରେ ରଞ୍ଜିତ ଗୋଟିଏ ବିଷଧର ସର୍ପ ଧୀରେ ଧୀରେ ବିକିରିତ-ଜ୍ୟୋତିର୍ମୟ-ମଣି-ମଣ୍ଡିତ ମସ୍ତକ ଅବନତ ପୂର୍ବକ ଗୁମ୍ଫା ପରିତ୍ୟାଗ କରି ଚାଲି-ଯିବାର ଦେଖାଗଲା । ତାର ବିଷଜ୍ୱାଳା କିଏ ଯେପରି ଅପହରଣ କରି ନେଇଛି ଏହି ଅଳ୍ପ

Source: Author, Digitized by PPRACHIN, SOA

କାଳ ମଧ୍ୟରେ । ସମସ୍ତଙ୍କ ମନ ମଧ୍ୟରୁ ଯେପରି ଅଜ୍ଞାନତା ଦୂରୀଭୂତ ହୋଇଗଲା ହରିଦାସଙ୍କ ପ୍ରଭାବରେ ।

ମାତ୍ର ବିଷଧର ସର୍ପର ଜ୍ୱାଳାଠାରୁ ଭକ୍ତବିରହ ଜ୍ୱାଳା ଶତଗୁଣେ ଉତ୍କଟତର । ହରିନାମ ପ୍ରଭାବରେ ସର୍ପବିଷଜ୍ୱାଳା ଯାହାର ଅନୁଭୂତ ନୁହେଁ, ସେ ଆଜି ଅନବଧାନ ଅନ୍ୟ ଏକ ଜ୍ୱାଳାରେ ପ୍ରପୀଡ଼ିତ । ବିଚ୍ଛେଦର ଜ୍ୱାଳା ନୁହେଁ; ସନ୍ତାପର ଜ୍ୱାଳା । ଭକ୍ତ-ବିରହ-ଜନିତ ସନ୍ତାପ ହରିଦାସଙ୍କ ହୃଦୟକୁ ଅହରହ ଦଂଶନ କରୁଛି ।

ସର୍ପ ଦଂଶନରେ ପ୍ରଥମେ ଜ୍ୱାଳା, ତାପରେ ଦହନ । କ୍ରମଶଃ ଦଗ୍ଧ ହୁଏ ସମଗ୍ର ଅବୟବ । କିନ୍ତୁ ଭକ୍ତବିରହଜ୍ୱାଳା ଅନୁଭୂତ ହୁଏ କେବଳ ବିଦଗ୍ଧ ହୃଦୟରେ ।

ହରିଦାସ ଭକ୍ତ-ବିରହରେ ଅହରହ ସନ୍ତପ୍ତ । ଭକ୍ତ କମଳାକ୍ଷଙ୍କଠାରୁ ସେ ଆଜି ବହୁ ଦୂରରେ । କାହିଁ ଫୁଲିୟା, କାହିଁ ଶାନ୍ତିପୁର ନବଦ୍ୱୀପ । କାଳସ୍ରୋତରେ ସେ ଦିନ ଭାଳି ଦେଲା ଗଙ୍ଗାସ୍ରୋତ । ହରିଦାସଙ୍କୁ ବିଚ୍ଛିନ୍ନ କରିଦେଲା କମଳାକ୍ଷଙ୍କଠାରୁ । ଏବେ କମଳାକ୍ଷଙ୍କ ଆକର୍ଷଣ କ୍ରମେ ହରିଦାସଙ୍କୁ ଉଚ୍ଛନ୍ନ କରୁଛି ।

କିନ୍ତୁ ଫୁଲିୟାବାସୀଙ୍କ ହୃଦୟରେ ଆଘାତ ଦେବାର ଅବଶ୍ୟମ୍ଭାବିତାରେ ସେ ମ୍ରିୟମାଣ । ହଠାତ୍ ଦିନେ ଆରମ୍ଭ କଲେ ହରିଦାସ କୀର୍ତ୍ତନ ନର୍ତ୍ତନ ଲୀଳା । ଅଭିନବ ନୃତ୍ୟ । ଫୁଲିୟାବାସୀଙ୍କର ଆନନ୍ଦର ସୀମା ନାହିଁ । ସୌଭାଗ୍ୟର ଅବଧି ନାହିଁ । ହରିଦାସ ନୃତ୍ୟ କରୁଛନ୍ତି । ଅବିରାମ ନୃତ୍ୟ । 'ଡଙ୍କ' ନୃତ୍ୟ ଛନ୍ଦରେ ।

ସେ ଏକ ସର୍ପକ୍ଷତ 'ଡଙ୍କ' । ନାଗରାଜ ମନ୍ତ୍ରବଳରେ 'ଡଙ୍କ' ଦଂଶନ ଦ୍ୱାରା ମହା ନାଗ କେଜେ ଆବିର୍ଭୂତ ହୋଇଛନ୍ତି ନର୍ତ୍ତକର ଶରୀରରେ । ସେହି ଆବେଶରେ ଆରମ୍ଭ ହୋଇଛି ଅବକ୍ରୁତ ନୃତ୍ୟ । କାଳିନ୍ଦହରେ କାଳୀୟର ଫଣା ଉପରେ ପାଦପଦ୍ମ ଅର୍ପଣ-କାଳୀନ ଶ୍ରୀକୃଷ୍ଣଙ୍କର ନୃତ୍ୟ ସ୍ମରଣରେ ଅନୁରୂପ ନୃତ୍ୟ । ମୃଦଙ୍ଗ ମନ୍ଦିରାଦି ବାଦନ କରୁଛନ୍ତି ତତ୍ସହ ସଙ୍ଗୀ ବୃନ୍ଦ । ଅପ୍ରତ୍ୟାଶିତ ଭାବରେ ହରିଦାସ ଉପସ୍ଥିତ ସେ ନୃତ୍ୟ ସ୍ଥଳରେ ।

ସେ କି ଅପରୂପ ନୃତ୍ୟ ହରିଦାସଙ୍କର, 'ଡଙ୍କ' ସହ ସମତାଳରେ । ଶତ୍ରୁ ସର୍ପ ପ୍ରତି ଶ୍ରୀକୃଷ୍ଣଙ୍କ କୃପା ରୂପ ଅଦ୍ଭୁତ ଚରିତ ସ୍ଫୁରିତ ହୋଇଛି ମାନସପଟରେ । ହରିଦାସ ଅଚେତନ । କୃଷ୍ଣନାମ ଗୁଣ କୀର୍ତ୍ତନ କର୍ଣ୍ଣ କୁହରରେ ପୁନଃ ପୁନଃ ଉଚ୍ଚାରଣ କରୁଛନ୍ତି ଉପସ୍ଥିତ ଜନତା । ସଂଜ୍ଞାପ୍ରାପ୍ତ ହେବାମାତ୍ରେ ହରିଦାସ ପୁନର୍ବାର ନୃତ୍ୟ କରିବାରେ ଲାଗିଲେ ।

ଅଭୂତପୂର୍ବ ସେ ନୃତ୍ୟ । ଫୁଲିୟାବାସୀଙ୍କର କି ସୌଭାଗ୍ୟ ! ଆବିଷ୍ଟ 'ଡଙ୍କ' ନୃତ୍ୟ-ବିରତ ହୋଇ କରଯୋଡ଼ି ଦଣ୍ଡାୟମାନ । ଭାବାବେଶର ପ୍ରଭାବ ସମଧିକ ପ୍ରମାଣିତ ହେଲା ।

ମାତ୍ର ଏ ପରମାନନ୍ଦ ଯେ ବିଷାଦର ପୂର୍ବ ସୂଚନା, ଫୁଲିୟାବାସୀ କେହି କଳ୍ପନା କରି ନ ଥିଲେ ଏ କଥା । ଦିନେ ପ୍ରତ୍ୟୁଷରେ ଫୁଲିୟାବାସୀଙ୍କର ଦୃଷ୍ଟିଗୋଚର ହେଲା ଶୂନ୍ୟ ପଡ଼ିରହିଛି ହରିଦାସଙ୍କ ଗୁମ୍ଫା । ହରିଦାସ ଆଉ ଫୁଲିୟାରେ ନାହାନ୍ତି । ହାହାକାର କରି ଉଠିଲା ଫୁଲିୟାବାସୀଙ୍କର ବିରହଦଗ୍ଧ ହୃଦୟ ।

Source: Author, Digitized by PPRACHIN, SOA

ହରିଦାସ କିନ୍ତୁ ଶାନ୍ତିପୁର ଅଭିମୁଖରେ ଅକ୍ଲାନ୍ତ ଯାତ୍ରୀ । ପଛରେ ପଡ଼ିରହିଛି ଶୂନ୍ୟଗର୍ଭ ବୃଥା ପ୍ରତିଷ୍ଠା, ତଥା ଫୁଲିଆବାସୀଙ୍କର ଅକୃତ୍ରିମ ସ୍ନେହ ଓ ମମତା ।

ସୁଶାନ୍ତ ଶାନ୍ତିପୁରରେ ଦୁଇ ସନ୍ଥାର୍ଥଙ୍କର ପୁନର୍ମିଳନ । ହରିଦାସ ଓ ଅଦ୍ୱୈତ ଆଚାର୍ଯ୍ୟ । କମଳାକ୍ଷ ଏବେ ଅଦ୍ୱୈତାଚାର୍ଯ୍ୟ ନାମରେ ପରିଚିତ, ପ୍ରସିଦ୍ଧ ।

ସେ ଏକ ସୁନିର୍ମଳ ବାତାବରଣ । ଅଭିନବ ଭାବାବେଶ । ଉଭୟେ ଉଭୟଙ୍କ ହୃଦୟର ଅତି ନିକଟତର ହେଲେହେଁ ଉଭୟେ ଉଭୟଙ୍କର ପରିଚୟ ପାଇଁ ଯେପରି ଉଦ୍‌ବିଗ୍ନ । ଉଭୟଙ୍କର ଅଭ୍ୟନ୍ତରରେ ନୂତନ ଭାବାନ୍ତରର ଆଭାସ । ଯାହା ପରିଚୟ-ସାପେକ୍ଷ । ଉଭୟେ ଅନୁଭବ କରୁଛନ୍ତି । ଗୋଟାଏ ବିଚିତ୍ର ପରିସ୍ଥିତି ।

କିନ୍ତୁ ଉଭୟେ ଅସମର୍ଥ, ପରିଚୟ ଭିକ୍ଷା ତଥା ପ୍ରଦାନ କରିବାରେ । ଯେପରି ଉଭୟେ ଅପେକ୍ଷା କରୁଛନ୍ତି ଏକ ତୃତୀୟ ପକ୍ଷର ପ୍ରବେଶ, ଏ ସମସ୍ୟାର ସମାଧାନ ପାଇଁ ।

ହରିଦାସ ଶୁଦ୍ଧ ସୁବର୍ଣ୍ଣ । ଅଙ୍ଗକାନ୍ତିରେ ଅଗ୍ନିତରଳ କନକର ଦ୍ୟୁତି ।

ଶ୍ରୀ ଅଦ୍ୱୈତ ହଦ୍ୟ ଧୌତ ସ୍ୱଚ୍ଛ ସ୍ଫଟିକ । ପୂତ ପବିତ୍ର ବିମଳ ହୀରକର ଜ୍ୟୋତି ।

*

* *

ଅଶୀତିତମ ପଞ୍ଚଦଶ ଶତକର ଫାଲ୍‌ଗୁନ ପୂର୍ଣ୍ଣିମା । ସିଂହରାଶିରେ ଚନ୍ଦ୍ରର ବିଳାସ । ଏହି ଅବସରରେ କେଜାଣି କାହିଁକି ହଠାତ୍ ଉଦ୍ଦଣ୍ଡ ନୃତ୍ୟ ଆରମ୍ଭ କରିଦେଇଛନ୍ତି ହରିଦାସ । ସଙ୍ଗରେ ଆଚାର୍ଯ୍ୟ ଶ୍ରୀ ଅଦ୍ୱୈତ । ଉଭୟେ ନର୍ତ୍ତନପର ।

ରାହୁଗ୍ରସ୍ତ ଚନ୍ଦ୍ରମା । ସତେ ଯେପରି ଅନ୍ୟ କେଉଁ ଏକ ଅଦ୍ୱିତୀୟ ପ୍ରତିଦ୍ୱନ୍ଦ୍ୱୀର ନିଷ୍କଳଙ୍କ ଅମଳିନ ଲୋକନନ୍ଦନ ରୂପ ଅବଲୋକନରେ, ନିନ୍ଦିତ ଭୟଭୀତ ଶଶଧର ଧରଣୀର ଅନ୍ତରାଳ ଗୁମ୍ଫାତଳେ ଆତ୍ମଗୋପନ କରିବାକୁ ଚେଷ୍ଟିତ । ଶଙ୍ଖଧ୍ୱନି ଉଚ୍ଛୁଳି ଉଠୁଛି ହୁଳହୁଳି ସହିତରେ, ନବଦ୍ୱୀପର ପୁରେ ପୁରେ । ହଠାତ୍ ହୁଙ୍କାର ଛାଡ଼ିଲେ ନୃତ୍ୟରତ କମଳାକ୍ଷ ଶ୍ରୀ ଅଦ୍ୱୈତ ।

ନବଦ୍ୱୀପରେ ଆଜି ଏକ ଅଭିନବ ଚନ୍ଦ୍ରର ଉଦୟନ । ସେ ଚନ୍ଦ୍ରୋଦୟରେ ଉଚ୍ଛଳା ହୋଇ ଉଠିଛି ଅପ୍ରାକୃତ ପ୍ରେମର ପାରାବାର ପ୍ରତି ମାନବ ହୃଦୟରେ । ତା'ର ତାଳେ ତାଳେ ହୁଙ୍କାରର ସର୍ଜନା ଆଚାର୍ଯ୍ୟଙ୍କର । ଯେପରି ସେହି ପ୍ରେମସିନ୍ଧୁରେ ଲମ୍ଫ ପ୍ରଦାନ କରିବାର ଅହରହ ଅସମ୍ଭାଳ ଅଭିଳାଷ ଯେମିତି ବ୍ୟଗ୍ର, ଉଦଗ୍ର ଆଚାର୍ଯ୍ୟ ଆଜି ଆତ୍ମହରା । ଗଙ୍ଗାଜଳ ତୁଳସୀ ଦେଇ ସେ ଯାହାର ଆବାହନୀମନ୍ତ୍ର ହୁଙ୍କାର ଗର୍ଜନ ସହ ପାଠକରି ଆସୁଥିଲେ ଆଜିଯାଏ, ତାର ଉପସ୍ଥିତି ଯେପରି ସେହି ସାଗର ସନ୍ତରଣ ଶକ୍ତିର ବିସ୍ଫୂର୍ତ୍ତି । ଆଜିର ହୁଙ୍କାର ସେହି ବିସ୍ଫୂର୍ତ୍ତି ନିମନ୍ତେ ଆପ୍ରାଣ ପ୍ରୟାସର ଉତ୍ସର୍ଗ ।

Source: Author, Digitized by PPRACHIN, SOA

ସେଦିନର ହୁଙ୍କାର, ଆଜିର ହୁଙ୍କାର ମଧ୍ୟରେ ଅବ୍ୟବହିତ ବ୍ୟବଧାନ । ଯେ ବ୍ୟବଧାନ ସୃଷ୍ଟି କରେ ଅନିର୍ବଚନୀୟ ସଂଯୋଗ; ବିୟୋଗ ପରିବର୍ତ୍ତେରେ ।

ସେଦିନର ହୁଙ୍କାରରେ ଟଳିଥିଲା ବୈକୁଣ୍ଠର ସିଂହାସନ । ଗଙ୍ଗାଜଳ ତୁଳସୀ ଅର୍ପଣକାଳୀନ ସେ ହୁଙ୍କାର । ଆଜିର ହୁଙ୍କାର ଆକର୍ଷଣ କରୁଛି ଅନ୍ୟ କେଉଁ ଅକୁଣ୍ଠ ଭୂରିଦାତାର ହୃଦୟାସନ, ଯାହାର କରୁଣା ବିତାସରେ, ଆଶା କରୁଛନ୍ତି ହରିଦାସ, ପ୍ରେମ ସିନ୍ଧୁର ତରଙ୍ଗକୁ ଅଧିକ ଉତ୍ତାଳ କରି ସନ୍ତରଣ ତଥା ନିମଜ୍ଜନର ଚରମ ଆନନ୍ଦ ବିଶ୍ୱବାସୀଙ୍କୁ ବିତରଣ କରିବା ପାଇଁ ।

ଗଙ୍ଗା କୂଳରେ, ଗଙ୍ଗାଜଳରେ, ତୁଳସୀଦଳ ଯୋଗେ ଆରାଧ୍ୟର ସାଧନା ଆମନ୍ତ୍ରଣ ଆଜି ସଫଳ ହୋଇଛି । ତେଣୁ ଏ ନୃତ୍ୟ ଆନନ୍ଦର, ଏ ହୁଙ୍କାର ଉଲ୍ଲାସର । ଆଚାର୍ଯ୍ୟ ଆଜି ଉଚାଟ । ସମସ୍କନ୍ଧ ହରିଦାସ ସମଚ୍ଛନ୍ଦରେ ଆନନ୍ଦ ନର୍ତ୍ତନରେ ମତ୍ତ । ହୁଏତ ଏତେ ଦିନେ ଅତି ପ୍ରିୟ ଆଚାର୍ଯ୍ୟଙ୍କର ପ୍ରକୃତ ପରିଚୟ ସେ ପାଇଛନ୍ତି । ତେଣୁ ସେ ଉତ୍ଫୁଲ୍ଲ । ଆଜି ଉଭୟଙ୍କର ଏହି ଅସାମାନ୍ୟ ଆନନ୍ଦର ଉତ୍ସ ଯେପରି ଗୋଟିଏ ସ୍ଫୁରଣର ପ୍ରେରଣା । ସେ ଏକ ଅସରନ୍ତି ଉତ୍ସ । ଅନିବାର ନିର୍ଝର ।

ହରିଦାସଙ୍କ ଚକ୍ଷୁରେ କମଳାକ୍ଷ ଆଚାର୍ଯ୍ୟ ଅଦ୍ୱୈତଙ୍କର ହୁଙ୍କାର ଯେପରି ମାନବର ଅନାହତ ଅଭିମାନ, ଅହମିକା ଓ ଅହଙ୍କାରର ଦଳନ ନିମନ୍ତେ ଏକ ସ୍ପର୍ଦ୍ଧିତ ଆହ୍ୱାନ । ଜଗଜ୍ଜୀବର ଅଦ୍ୟାପି ଅସମାପ୍ତ, ଅସମାହିତ, ଅସୀମ ସମସ୍ୟାର ସମୁଚିତ ଉତ୍ତରୋତ୍ତର ସମାଧାନ-ସୂଚକ ସେ ଗର୍ଜନ ।

ବିଦ୍ୟୁତ ପ୍ରବାହର ଗତିକୁ ଅତିକ୍ରମ କରି ନବଦ୍ୱୀପରେ ଏ ଶୁଭ ସମ୍ବାଦ ଖେଳିଗଲା କ୍ଷଣକ ମଧ୍ୟରେ । ଜଗଜ୍ଜନ ଜାଣିଲେ ଶଚୀମାତାଙ୍କ ଗର୍ଭରୁ ଏକ ପରମ ରୂପବାନ୍ ଗୌରାଙ୍ଗ ପୁତ୍ରର ଜନ୍ମ ।

ଶ୍ରୀ ଅଦ୍ୱୈତ ଆଚାର୍ଯ୍ୟ ମନେକଲେ, କଳିକଲ୍ମଷହାରୀଙ୍କର ଦୁରିତ ଦୂରୀକରଣ ଅଭିଯାନ ନିମନ୍ତେ ଆଜି ପର୍ବର ଆଜି ପୂର୍ଣ୍ଣାହ । ତାଙ୍କର କୃଷ୍ଣମନ୍ତ୍ର ପୁରଶ୍ଚରଣ ଫଳରେ ବିଶ୍ୱମ୍ଭରଙ୍କର ଆବିର୍ଭାବ । ହରିଦାସ ଜାଣିଲେ ଅଦ୍ୟାପି ଅନର୍ପିତ ଲୀଳା, ବିବର୍ତ୍ତ ବିଳାସର ଆଜି ମାଙ୍ଗଳିକ, ପ୍ରେମପୁରୁଷୋତ୍ତମଙ୍କର ନରକଳେବର ଧାରଣରେ ।

ଉଭୟେ ଜାଣିଲେ କଳିର ଅକଳନ କଳଙ୍କ କାଳିମାର ଅବଲମ୍ବ ପ୍ରକ୍ଷାଳନ ପାଇଁ ସୁନିର୍ଦ୍ଦିଷ୍ଟ ନିର୍ଘଣ୍ଟ ପ୍ରସ୍ତୁତ, ନନ୍ଦନନ୍ଦନ, ବଂଶୀବଦନ, କେଳିରସ ବିନୋଦିଆ, ରସରସ-ଉନ୍ମାଦିଆ ରସରାଜଙ୍କର ଅବତରଣରେ ।

ସୁଧୀବର୍ଗ ଅନୁଭବ କଲେ, ସମାଜରେ ଏକ ବିରାଟ ପରିବର୍ତ୍ତନ ଅବଶ୍ୟମ୍ଭାବୀ । ଭାରତୀୟ ଦର୍ଶନରେ ଏକ ନୂତନ ଅଧ୍ୟାୟର ଉପୋଦ୍‌ଘାତ ଗୌବିନ୍ଦର ପ୍ରାରମ୍ଭରେ ।

ମାତ୍ର ସେଦିନ କେହି କଳ୍ପନା ମଧ୍ୟ କରିପାରି ନଥିଲେ ଯେ କାଳକ୍ରମେ ଏହି ଶିଶୁ ଧାର୍ମିକ ଜଗତରେ ଅଶ୍ରୁତପୂର୍ବ ଏକ ବିପ୍ଳବର ସୂତ୍ରପାତ କରିବ । ଫଳରେ ଆଧ୍ୟାତ୍ମିକ କ୍ଷେତ୍ରରେ ସୁନିର୍ଦ୍ଦିଷ୍ଟ ସାଯୁଜ୍ୟ, ସାଲୋକ୍ୟ, ସାରୂପ୍ୟ, ସାମୀପ୍ୟ ଓ ସାର୍ଷ୍ଟି ଆଦି ମୁକ୍ତିର ଲକ୍ଷ୍ୟ

Source: Author, Digitized by PPRACHIN, SOA

କକ୍ଷଚ୍ୟୁତ ହୋଇଯିବ । ଧର୍ମ, ଅର୍ଥ, କାମ, ମୋକ୍ଷ, ଆଉ ଶ୍ରେୟ ଧ୍ୟେୟ ହୋଇ ରହିବ ନାହିଁ ପ୍ରଗତିଶୀଳ ମନର; କାମ୍ୟ ହୋଇ ରହି ପାରିବ ନାହିଁ ସାମ୍ୟବାଦୀ ଚିନ୍ତନରେ । ଏକ ପଞ୍ଚମ ଏବଂ ଶ୍ରେଷ୍ଠ ପୁରୁଷାର୍ଥର ଆବିଷ୍କାର ହେବ—'ପ୍ରେମ' ।

ମାୟାମୟ ଅସାର ସଂସାର ବର୍ଜନପୂର୍ବକ ନିର୍ଜନ ବନବାସରେ ନିଜର ସଦ୍‌ଗତି କାମନା କରି କଠୋର ତପୋବ୍ରତ ପାଳନର କାଳ ଅତିପାତ ହୋଇଯାଇଛି । ଇତର ପତିତଜନର ଉତ୍‌ଥାନ ନିମନ୍ତେ ମହତ୍ତ୍ୱର ଶକ୍ତି-ସମ୍ପନ୍ନ ବ୍ୟକ୍ତିମାନଙ୍କ ପକ୍ଷରେ ନିରହଙ୍କାର ଉଦ୍ୟମର ଶୁଭଲଗ୍ନ ଉପସ୍ଥିତ । ଉତ୍ତମର ପ୍ରାଣ ସ୍ପନ୍ଦନ ସହିତ ଅଧମର ପ୍ରାଣ ସ୍ପନ୍ଦନ ସଂବନ୍ଧିତ ନ ହେଲେ ଆଧୁନିକ ସାଧନାର ସିଦ୍ଧି ଅବାସ୍ତବ କଳ୍ପନାବିଳାସ ମାତ୍ର ।

ପୃଥିବୀ ଆଜି ବିଶାଳତର ହୋଇଛି ଜ୍ଞାନର ପରିମାପରେ । ସମାଜର ପ୍ରସାରଣ-ପ୍ରବଣ ପରିସରର ସୁବିସ୍ତାର ପରିଲକ୍ଷିତ ହୋଇଛି । ଯେତିକି ଯେତିକି ବିଭାଜିତ, ବିକ୍ଷିପ୍ତ ହୋଇଛି ମାନବର ବ୍ୟକ୍ତି ଚୈତନ୍ୟ, ସେତିକି ସେତିକି ଦୃଢ଼ ନିଗୂଢ଼ ହୋଇଛି ତାର ନାନା ନ୍ୟସ୍ତସ୍ୱାର୍ଥଜଡ଼ିତ ମୋହର ନିଗଡ଼, ସାମାଜିକ ପରିପ୍ରେକ୍ଷୀରେ, ତ୍ୟାଗାତ୍ମକ ସ୍ନେହ ଓ ମମତା-ଶ୍ଲଥ ହେବା ସଂଗେ ସଂଗେ । ମନୁଷ୍ୟ ନିଜକୁ ସମସ୍ତ ବିକାରକାରୀ ଗ୍ରନ୍ଥିରୁ ମୁକ୍ତ-କରି ବିବିକ୍ତ ବୈୟକ୍ତିକ ସାଧନାରେ ଲିପ୍ତ ରହିବା କେବଳ ଦୁଃସାଧ୍ୟ ନୁହେଁ ଅସାଧ୍ୟ ମଧ୍ୟ । ସମାଜରେ ଥାଇ, ସମାଜଠାରୁ ସ୍ୱତନ୍ତ୍ର ମନେକରି ସିଦ୍ଧିର କାମନା ଜଘନ୍ୟତାର, ସ୍ୱାର୍ଥ-ପରତାର ନାମାନ୍ତର । ବ୍ୟାଧିଗ୍ରସ୍ତ ସମାଜଦେହେ ସୁସ୍ଥ ଐକିକ ଶରୀର ସଂକ୍ରମିତ ହେବାର ଆଶଙ୍କା ଦୂରପନେୟ ।

ବ୍ରହ୍ମଜ୍ଞାନ, ଆତ୍ମଦର୍ଶନକାରୀ ସାଧକ ବ୍ୟକ୍ତିବିଶେଷର ଏକାଧିପତ୍ୟ ହୋଇ ରହିଛି । ଅସଂଖ୍ୟ ଜନଗଣଙ୍କର ପକ୍ଷରେ ସେ ସଦ୍‌ଗତି, ସେ ମୁକ୍ତିର ପଥ ଦୁର୍ଗମ, ଦୁଷ୍ପ୍ରାପ୍ୟ । ସେଥିପାଇଁ ଆଜିର ସାମାଜିକ ପ୍ରାଣୀ ଲୋଡ଼େ ଦୁର୍ବଳର ଭଗବାନ୍ ସାକ୍ଷାତ୍ ପତିତପାବନ ମୂର୍ତ୍ତି । ଯଜ୍ଞ, ଦାନ, ତପ କର୍ମର ଆବଶ୍ୟକତା ନାହିଁ ଆଜି । ଆବଶ୍ୟକ, କେବଳ ପ୍ରାଣର ପାଚୁର୍ଯ୍ୟ । ପ୍ରୟୋଜନ, ନୂତନ ମାର୍ଗର ମାର୍ଗଣ ।

ସେହି ଅଭିନବ ଯଜ୍ଞର ଯଜ୍ଞେଶ୍ୱର ଅବତୀର୍ଣ୍ଣ ନଦୀୟା ନଗରୀରେ ଜଗନ୍ନାଥ-ତନୟ ଶଚୀସୁତ ଗୌରଚନ୍ଦ୍ର ରୂପରେ । ଅଂଶ ନୁହେଁ, କଳା ନୁହେଁ, ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କର ପୂର୍ଣ୍ଣତମ ପରିପ୍ରକାଶ । ଅବତାର ନୁହନ୍ତି, ଅବତାରୀଙ୍କର ଆବିର୍ଭାବ । ସ୍ୱୟଂ ଅବତାରୀଙ୍କର ଅବତରଣରେ ସମସ୍ତ କାର୍ଯ୍ୟ ସ୍ୱତଃ ସାଧିତ ହୋଇଯାଏ ।

ସ୍ୱୟଂ ଭଗବାନ୍ ଅବତରେ ଯେଉଁ କାଳେ
ଅନ୍ୟ ସବୁ ଅବତାର ଆସି ତହିଁ ମିଳେ । ଚୈ: ଚ:

ସ୍ୱତଃ ସାଧିତ ହେବ କଳ୍କି ଅବତାରର ତୁଚ୍ଛ ମ୍ଲେଚ୍ଛ-ନିବହ ନିଧନର କାର୍ଯ୍ୟ, ଯୁଗାବତାର ଅବତାରୀ ଗୌରାଙ୍ଗଙ୍କର ହରିନାମ ପ୍ରଭାବରେ, ମନୁଷ୍ୟ ଅନ୍ତରର ଯାବତୀୟ ମ୍ଲେଚ୍ଛତ୍ୱ ଅପସାରଣ ଦ୍ୱାରା । ନିଧନର ଆବଶ୍ୟକତା ନାହିଁ କରୁଣାସିନ୍ଧୁ ଗୌର ଅବତାରରେ ।

Source: Author, Digitized by PPRACHIN, SOA

ରାମ ଆଦି ଅବତାରେ   କ୍ରୋଧେ ନାନା ଅସ୍ତ୍ର ଧରେ
ସଂହାରିଲେ ଅସୁର ଅସୁରୀ
ଏବେ ଆୟୁଧ ନ ଧରି   ପ୍ରାଣେ କାହାକୁ ନ ମାରି
ଚିତ୍ତ ଶୁଦ୍ଧି କରିଲେ ସବୁରି ।   ମହାଜନ ପଦ

ଗୌର ଅବତାର ବାସ୍ତବିକ ବଡ଼ ଗୌରବମୟ । ଦ୍ୱାପରରେ ଭଗବାନ ଶ୍ରୀକୃଷ୍ଣ ଭରତ ଶ୍ରେଷ୍ଠ ଅର୍ଜୁନଙ୍କୁ ନିଜର ପରିଚୟ ଦେବାକୁ ଯାଇ କହିଥିଲେ—

ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ !
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମ ସଂସ୍ଥାପନାର୍ଥାୟ ସଂଭବାମି ଯୁଗେ ଯୁଗେ ।।   (ଗୀତା)

ଆଜି ସେହି ବାକ୍ୟର ସତ୍ୟତା ପ୍ରମାଣ କରିବା ହିଁ ଯେପରି ଗୌର ଅବତାରର ଅନ୍ୟତମ ଉଦ୍ଦେଶ୍ୟ । ସ୍ୱୟଂ ଭଗବାନଙ୍କର ବଚନ । ଅନ୍ୟଥା ହେବାର ନୋହି ।

ଯେବେ ଯହିଁ ଭବେ ଭାରତ   ଧର୍ମ ଗ୍ଲାନି ଉପୁଜେ ।
ଅଧର୍ମର ହୁଏ ଉତ୍‌ଥାନ   ନିଜେ ନିଜକୁ ସୃଜେ ।।
ପରିତ୍ରାଣ କରି ସାଧୁଙ୍କୁ   ଦୁଷ୍କୃତର ବିନାଶେ ।
ଧର୍ମ ସଂସ୍ଥାପନା ନିମନ୍ତେ   ଯୁଗେ ଯୁଗେ ମୁଁ ଆସେ ।।   ଗୀତା

ଶ୍ରୀକୃଷ୍ଣଙ୍କର ସତ୍ୟ ଧର୍ମର ଗ୍ଲାନି-ତଥା ଅଧର୍ମର ଅଭ୍ୟୁତ୍‌ଥାନରେ ସେ ସୃଷ୍ଟି କରନ୍ତି ଆପେ ଆପଣାକୁ ଆପଣାର ଅଂଶକୁ, ଅଂଶାଂଶର କଳାକୁ । କିନ୍ତୁ ଦୁଷ୍କୃତର ବିନାଶ ସାଧନ କରି, ସାଧୁମାନଙ୍କର ପରିତ୍ରାଣ ପାଇଁ ଅବତାରୀ ସ୍ୱୟଂ ସମ୍ଭବ ହୁଅନ୍ତି ଯୁଗେ ଯୁଗେ ଏ ଭବସଂସାରରେ ।

ଏ ଗୌରବମୟ ଅବତାରରେ ଦୁଷ୍କୃତର ବିନାଶ ହୁଏ ନାହିଁ, ଦୁଷ୍କୃତର ବିଲୋପ ହୁଏ । ଧର୍ମର ଗ୍ଲାନି କେବଳ ଅପସାରିତ ହୁଏ ନାହିଁ, ଅଧର୍ମର ଅଭ୍ୟୁଦୟ କେବଳ ପ୍ରତିହତ ହୁଏ ନାହିଁ, ହୁଏ ନୂତନ ଧର୍ମର ସଂସ୍ଥାପନା । ଯୁଗଧର୍ମର ପ୍ରଚାର ହୁଏ ସ୍ୱତଃ !

ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍
କଳୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା ।

କେବଳ ହରିନାମ ସଂକୀର୍ତ୍ତନହିଁ ହେବ ଏ ଯୁଗର ଯାଜନ । ହରିନାମ ହିଁ ଏ ଯୁଗର ଏକମାତ୍ର ଗତି । ଗୌର ଅବତାରର ନିଗୂଢ଼ ରହସ୍ୟ ।

ଚିତ୍ତଦର୍ପଣ କରଇ ମାର୍ଜନ   ଭବ ଦାବାଗ୍ନି କରେ ନିର୍ବାପନ
ବିତରଇ ଶ୍ରେୟ-ଶଶୀ କିରଣ   ବିଦ୍ୟାରୂପିଙ୍କ ବଧୂର ଜୀବନ
କରେ ଆନନ୍ଦ ଅମ୍ବୁଧି ବର୍ଦ୍ଧନ   ପଦେ ପଦେ ପୂର୍ଣ୍ଣାମୃତାସ୍ୱାଦନ
ସର୍ବ ଆତ୍ମା କରେ ଅଭିସିଞ୍ଚନ   କୃଷ୍ଣ କୀର୍ତ୍ତନେ ପ୍ରାପତ ପରମ ।।   ଶିକ୍ଷାଷ୍ଟକ

Source: Author, Digitized by PPRACHIN, SOA

ଚେତୋ ଦର୍ପଣ-ମାର୍ଜ୍ଜନଂ ଭବମହାଦାବାଗ୍ନି ନିର୍ବାପଣଂ
ଶ୍ରେୟଃ କୈରବ-ଚନ୍ଦ୍ରିକା-ବିତରଣଂ ବିଦ୍ୟା-ବଧୂ-ଜୀବନମ୍ ।
ଆନନ୍ଦାମ୍ବୁଧି ବର୍ଦ୍ଧନମ୍ ପ୍ରତିପଦଂ ପୂର୍ଣ୍ଣାମୃତାସ୍ୱାଦନମ୍
ସର୍ବାତ୍ମସ୍ନପନଂ ପରଂ ବିଜୟତେ ଶ୍ରୀକୃଷ୍ଣ-ସଂକୀର୍ତ୍ତନମ୍ । [ଶ୍ରୀ ଶ୍ରୀ ଶିକ୍ଷାଷ୍ଟକମ୍]

ଧର୍ମ ସଂସ୍ଥାପନର ପ୍ରତିଶ୍ରୁତି ଆଜିର ନୁହେଁ ଦ୍ୱାପରର । ନିଜର ଅଶେଷ ବିଶେଷ ବିଭୂତିର ବିସ୍ତାରିତ ବର୍ଣ୍ଣନା ପ୍ରସଙ୍ଗରେ ଭଗବାନ ଶ୍ରୀକୃଷ୍ଣ ହିଁ ସେଦିନ ଏହି ନୂତନ ଧର୍ମର ସୂଚନା ଦେଇ କହିଥିଲେ—"ଯଜ୍ଞାନାମ୍ ଜପ ଯଜ୍ଞୋଽସ୍ମି !"

ଭଗବାନ୍ ହିଁ ବିବିଧ ଯଜ୍ଞମାନଙ୍କ ମଧ୍ୟରେ ଶ୍ରେଷ୍ଠ—ସାକ୍ଷାତ୍ ଜପଯଜ୍ଞ । ଗୌର ଅବତାରରେ ସେ ଉକ୍ତିର ଯଥାର୍ଥତା ପ୍ରତିପାଦିତ । ତାହାର ଗୌରଚନ୍ଦ୍ରିକାର ଅବତାରଣା ଅଦ୍ୟାବଧି କରିଆସିଛନ୍ତି ହରିଦାସ ଓ ଶ୍ରୀ ଅଦ୍ୱୈତାଚାର୍ଯ୍ୟ ।

ହରିଦାସ ଓ ଅଦ୍ୱୈତାଚାର୍ଯ୍ୟ ଉଭୟେ ସମସିଦ୍ଧାନ୍ତରେ ଉପନୀତ । ଗୌରାଙ୍ଗ ହିଁ ମହାଭାରତର ପିତାମହ ଭୀଷ୍ମ ବର୍ଣ୍ଣିତ—"ସୁବର୍ଣ୍ଣ ବର୍ଣ୍ଣ ହେମାଙ୍ଗ ବରାଙ୍ଗଶ୍ଚନ୍ଦନାଙ୍ଗଦୀ" ଶୈଶବ ଅବସ୍ଥାରୁ ହିଁ ଗୌରାଙ୍ଗ ଉତ୍ତମ ସୁନ୍ଦର ବର୍ଣ୍ଣ ବିଶିଷ୍ଟ ଶ୍ରୀକୃଷ୍ଣଙ୍କର ନାମଗୁଣ ବର୍ଣ୍ଣନା ତତ୍ପର । ହେମୋଜ୍ଜ୍ୱଳ ରୂପ-ଗୁଣ-ସମ୍ପନ୍ନ-ଶରୀର-ଧାରୀ ହିରଣ୍ମୟ ପୁରୁଷ ସେ । ସର୍ବ ଚିତ୍ତାକର୍ଷକ ମହାପୁରୁଷଲକ୍ଷଣସମନ୍ୱିତ ଚନ୍ଦନ ଅଙ୍ଗଦରେ ସୁଶୋଭିତ ବରାଙ୍ଗ ଗୌରାଙ୍ଗ ତନୁ ସତତ ଶମଃ, ଶାନ୍ତ, ନିଷ୍ଠା-ଶାନ୍ତି-ପରାୟଣ । ମାତ୍ର ଆଶଙ୍କା ହୁଏ, ପରିଶେଷରେ "ସନ୍ନ୍ୟାସକୃତ୍" ନ ହୁଅନ୍ତୁ । ସନ୍ନ୍ୟାସୀ ହୋଇ ସଂସାର ତ୍ୟାଗ ନ କରନ୍ତୁ ।

ସେ ଆଶଙ୍କା କେବଳ ଅଦ୍ୱୈତ ଓ ହରିଦାସଙ୍କର ନୁହେଁ । ସେ ଆଶଙ୍କା ପିତା ମାତା ଉଭୟଙ୍କର । ପିତା ଜଗନ୍ନାଥ ମିଶ୍ର ଜଣେ ବହୁ ସଦ୍‌ଗୁଣାଲଂକୃତ ସଜ୍ଜନ ବ୍ରାହ୍ମଣ ବ୍ୟକ୍ତି । ସତୀ ଶଚୀମାତା ସାକ୍ଷାତ୍ ଯଶୋମତୀ । ବାତ୍ସଲ୍ୟରସର ପ୍ରତିମୂର୍ତ୍ତି । ଜଗନ୍ନାଥ ଆସିଥିଲେ ଶ୍ରୀହଟ୍ଟରୁ ଶିକ୍ଷାର୍ଥୀ ଭାବରେ ବାଣୀଙ୍କର ଲୀଳା-ନିକେତନ ନବଦ୍ୱୀପକୁ । ପୂର୍ବ-ବଙ୍ଗରେ ପୂର୍ବେ ଥିଲା ବିଦ୍ୟାର ପ୍ରଭୂତ ଆଦର, ଜଗନ୍ନାଥଙ୍କର ପୂର୍ବପୁରୁଷଙ୍କ ସମୟରେ, ଉତ୍କଳର ଜଣେ ଯଶସ୍ୱୀ ପଣ୍ଡିତ ଯାଜ୍ଞନଗରୀ ଯାଜପୁରରୁ ଯାଇ ଶ୍ରୀହଟ୍ଟରେ ସମ୍ମାନିତ ହୋଇଥିଲେ, ଆଦୃତ ହୋଇଥିଲେ । ଜଗନ୍ନାଥଙ୍କର ପିତାମହ ସେ । ତଦବଧି ସ୍ଥାୟୀ ଅଧିବାସୀ ହେଲେ ଏହି ବୈଦିକ ବ୍ରାହ୍ମଣବଂଶ ଶ୍ରୀହଟ୍ଟରେ । ତାଙ୍କ ଦକ୍ଷିଣ ଗ୍ରାମର ବିଦ୍ୟାର୍ଥୀ ଜଗନ୍ନାଥ ନବଦ୍ୱୀପର ବିଶିଷ୍ଟ ପଣ୍ଡିତ ।

ମାତାମହ ନୀଳାମ୍ବର ହିଁ ସେଦିନ ନାମକରଣ କଲେ ନବଜାତ ଶିଶୁର 'ବିଶ୍ୱମ୍ଭର' । ଭବିଷ୍ୟତରେ ବିଶ୍ୱର ଭରଣ ପୋଷଣ ଭାର ଯେପରି ଏହି ପୌତ୍ର ଉପରେ ନ୍ୟସ୍ତ । ବିଶ୍ୱାସ ନୀଳାମ୍ବରଙ୍କର ଥିଲା । ଜଗନ୍ନାଥଙ୍କର ପ୍ରଥମ ପୁତ୍ର ଅସାମାନ୍ୟ ମେଧାବୀ, ପ୍ରଗାଢ଼ ପାଠାନୁରାଗୀ 'ବିଶ୍ୱରୂପ'ଙ୍କର ଯୋଗ୍ୟ ଅନୁଜ ବିଶ୍ୱମ୍ଭର ନାମରେ ହିଁ ହେଲେ ସୁବିଖ୍ୟାତ ।

ମାତ୍ର ଆଠୋଟି କନ୍ୟାର ବିୟୋଗରେ ମ୍ରିୟମାଣା ଶଚୀମାତା ଏହି ଦ୍ୱିତୀୟ ପୁତ୍ରସନ୍ତାନ ପ୍ରତି ଯମର ଭକ୍ତି ଭାବ ଉଦ୍ରେକ କରିବା ଅଭିପ୍ରାୟରେ ସାମାଜିକ ସଂସ୍କାର କ୍ରମେ

Source: Author, Digitized by PPRACHIN, SOA

ଶ୍ରଦ୍ଧାରେ ସମ୍ବୋଧନ କଲେ 'ନିମାଇଁ' । ନିମ୍ବ ବୃକ୍ଷ ମୂଳରେ ଜନ୍ମ ନିମାଇଁଙ୍କର । ତେଣୁ ନିମାଇଁ ନାମ ମଧ୍ଯ ସାର୍ଥକ । ବହୁ ନବଦ୍ୱୀପବାସୀ ନରନାରୀଙ୍କର ଆଦରର ନାମ 'ନିମାଇଁ' । ବୟଃ ପ୍ରାପ୍ତି ସଙ୍ଗେ ସଙ୍ଗେ ନିମାଇଁ ନିଜ ବଦ୍‌ବନ୍ତ ଓ ପାଣ୍ଡିତ୍ୟ ଯୋଗୁଁ ଅଭିହିତ ହେଲେ 'ନିମାଇଁ-ପଣ୍ଡିତ' ନାମରେ । ଚତୁଷ୍ପାଠୀର ଅଧ୍ୟାପକ ନିମାଇଁ ପଣ୍ଡିତ ।

ଶୈଶବରେ ଅପରୂପ ନୃତ୍ୟ ପରିବେଷଣରେ ମୁଗ୍ଧା ପଡ଼ୋଶୀ ପୁରବାସିନୀ-ମାନେ ଏହି ଗୌରାଙ୍ଗ ଶିଶୁର ନାମ ଦେଲେ ଗୌରହରି । ଗୌରହରି ପରିଣତ ହେଲେ 'ଗୌରାଙ୍ଗ'ରେ ଜଣେ କାବ୍ୟବିଶାରଦଙ୍କର ପ୍ରସ୍ତାବ କ୍ରମେ, ଉପନୟନ ଉପଲକ୍ଷରେ ।

ଅଲୌକିକ ଐଶ୍ୱର୍ଯ୍ୟସମ୍ପନ୍ନ ଏ ଶିଶୁ । ଶଚୀମାତା, ପିତା ଜଗନ୍ନାଥ ଲକ୍ଷ କରୁଛନ୍ତି ।

କେତେବେଳେ ଦୁଗ୍‌ଧପୋଷ୍ୟ ଶିଶୁର ଶଯ୍ୟାପାଶ୍ୱର୍ରେ ଏକ ଦିବ୍ୟ ପୁରୁଷ ଦଣ୍ଡାୟମାନ । ସମଗ୍ର ଶୟନାଗାର ତା'ର ଜ୍ୟୋତିର୍ମୟ ପ୍ରଭାରେ ଉଦ୍‌ଭାସିତ । କେତେ-ବେଳେ ସେହି ଜ୍ୟୋତିର୍ମୟ ଗୁପ୍ତପ୍ରତିମା ନିମାଇର ଶୟନ ମନ୍ଦିରରେ ପ୍ରବେଶ କରି ଶିର ସନ୍ନିଧିରେ ଉଭା । ସେ ପୁଣି ଉଭାଇ ଯାଉଛନ୍ତି ପରକ୍ଷଣରେ ।

କେତେବେଳେ ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ସେପାରିରେ ପ୍ରକାଣ୍ଡ ଭୁଜଙ୍ଗମକୁ ଧରିଣ୍ଡି ଆଣି ଦୁଇ ଭୁଜରେ ଧରି ଅବଲୀଳାକ୍ରମେ ଖେଳ ଖେଳୁଛନ୍ତି ନିମାଇଁ, ଖଳକାରକୁ ବଳ କୌଶଳରେ । ସର୍ପରେ ଜାତ ସରୀସୃପର ଆପଣା ସ୍ୱଭାବ ସ୍ମରଣ ନାହିଁ । ସେ ମଧ୍ୟ ତନ୍ମୟ ଗୌର ପ୍ରେମରେ ।

ଡକାଏତ୍‌ର କବଳରେ ପଥହରା ବାଳକ ନିମାଇଁ । ନିମାଇଁର ସ୍ୱର୍ଣ୍ଣ ଅଳଙ୍କାରରେ ହୋଇଛି ଲୋଭ ଡକାୟତ୍‌ର । ଘରକୁ ନେଇ ଯିବାର ଛଳ କରି ନେଇଯାଉଛି ନିଜର ନିର୍ଜନ ନୃଶଂସ ହତ୍ୟା ଆଡ଼ତ ଉଦ୍ଦେଶରେ । ସ୍କନ୍ଧ ଦେଶରେ ନିମାଇଁ । ମତିଭ୍ରମ ଘଟିଛି ପାଷଣ୍ଡୀର ପଥ ମଧ୍ୟରେ । ହତ୍ୟାସ୍ଥାନ ପରିବର୍ତ୍ତେ ଉପସ୍ଥିତ ହୋଇଛି ମିଶ୍ରାଳୟରେ ନିମାଇଁଙ୍କ ବାସଭବନରେ ।

ଶଚୀମାତାଙ୍କର କୋଳେ କୋଳେ 'ଦୁଲାଲ' ନିମାଇଁ । ନିଦଘୋଡ଼ ନିଧି । ଚମକି ଉଠୁଛନ୍ତି ଶଚୀଦେବୀ । ପୁଣି ସେହି ଭୌତିକ ବ୍ୟାପାର ! କେବଳ ଗୋଟିଏ ପ୍ରତିମୂର୍ତ୍ତି ନୁହେଁ, ବହୁ ଗୁପ୍ତ ରୂପର ଆବିର୍ଭାବ ନିମାଇଁର ଚତୁର୍ଦ୍ଦିଗରେ । କେତେବେଳେ ବା ନଗ୍ନପାଦ ନିମାଇଁର ପ୍ରତି ପଦକ୍ଷେପରେ ନୂପୁରର ରୁଣୁଝୁଣୁ ଶବ୍ଦ ।

ତଥାପି ପିତାମାତା ପୁତ୍ରର ପ୍ରକୃତ ପରିଚୟ ପାଇପାରୁ ନାହାନ୍ତି । ଉଭୟେ ଆତଙ୍କିତ, କୌଣସି ଅପଦେବତାର ଅପକର୍ମ ମନେକରି ନିମାଇଁର ଏ ଅତିମାନବିକ କ୍ରିୟାରେ ।

କ୍ରମେ ଦୁର୍ଦ୍ଦାନ୍ତ ହୋଇ ଉଠୁଛନ୍ତି ନିମାଇଁ । ସଦ୍ୟସ୍ନାତା ଶଚୀମାତା ଯାଉଛନ୍ତି ଇଷ୍ଟଦେବ ରଘୁନାଥଙ୍କର ମହାର୍ଘ ପୂଜାଅର୍ଘ୍ୟ ନେଇ । ଆଚମ୍ବିତ କଥା, ଅନାହୂତ ଧାଇଁ ଆସି ଛୁଇଁ ଦେଉଛନ୍ତି ଅଳ୍ପୟ ବାଳକ ନିମାଇଁ । ମାତାଙ୍କ ବିରକ୍ତ ଓ କ୍ରୋଧର ବଚନ ଉତ୍ତର ପୁତ୍ରଙ୍କର—"ମୁଁ କେଉଁ ଗୁଣରେ ଊଣା ତୋର ଠାକୁର ଦେବତାଙ୍କଠାରୁ ?"

Source: Author, Digitized by PPRACHIN, SOA

ତଥାପି ସ୍ନେହାନ୍ଧ ପିତାମାତାଙ୍କ ଦୃଷ୍ଟିରେ ନିମାଇଁ ସେମାନଙ୍କର ସ୍ନେହ-ପାଳିତ ଶିଶୁ ସନ୍ତାନ ।

ନିମାଇଁ ରଘୁନାଥଙ୍କର ନୈବେଦ୍ୟ ନିର୍ଭୀକ ନିଶ୍ଚିନ୍ତ ଭାବରେ ଗର୍ଭସାତ୍ କରିଛନ୍ତି । ଅଖଣ୍ଡ ତୃପ୍ତି । ସେତିକି ନୁହେଁ, ପଣ୍ଡିତାଣୀ ହିରଣ୍ୟଭାଗବତ ଓ ଜଗଦୀଶଙ୍କ ଘରେ ଏକାଦଶୀର ଅନୁକଳ୍ପ ସାମଗ୍ରୀ ନାତିଅଳ୍ପ ନୈବେଦ୍ୟ ପ୍ରସ୍ତୁତ । ନିଜ ଘରେ ଥାଇ ନିମାଇଁ କାଇଁ କାଇଁ ହୋଇ କାନ୍ଦି କାନ୍ଦି ଅସ୍ଥିର । ଏକାଦଶୀର ସେ ନୈବେଦ୍ୟ ନିମାଇଁ ଆହାର କରିବେ ଇଷ୍ଟ ନିବେଦନ ପୂର୍ବରୁ । ପରିଶେଷରେ ନିଜେ ଭକ୍ତ ହିରଣ୍ୟ ଭାଗବତ ଓ ଜଗଦୀଶ ନିମାଇଁ ମୁଖରେ ସେ ନୈବେଦ୍ୟ ଦେଇ ଗୋପାଳଙ୍କର ପ୍ରସାଦ ଜ୍ଞାନ କରୁଛନ୍ତି । ମାତ୍ର ଶଚୀମାତାଙ୍କର ଜ୍ଞାନଚକ୍ଷୁ ଉନ୍ମୀଳିତ ହେଉ ନାହିଁ ।

ଜନୈକ ବ୍ରାହ୍ମଣ ଆତିଥ୍ୟ ଗ୍ରହଣ କରିଛନ୍ତି ଜଗନ୍ନାଥ ମିଶ୍ର ଭବନରେ । ବାଳ-ଗୋପାଳ ଉପାସକ ବ୍ରାହ୍ମଣ । କଣ୍ଠ ଦେଶରେ ବାଳଗୋପାଳ ଶାଳଗ୍ରାମ ମୂର୍ତ୍ତି । ତୀର୍ଥାଟନ ହିଁ ଲକ୍ଷ ଜୀବନର । ଅବିରତ କୃଷ୍ଣନାମ ମୁଖରୁ ନିଃସୃତ ହେଉଛି । ମୁଖମଣ୍ଡଳରେ ଦିବ୍ୟ ଜ୍ୟୋତି । ସ୍ୱହସ୍ତପାକ ବ୍ୟତୀତ ଅନ୍ୟାହାର ନିଷେଧ ବ୍ରାହ୍ମଣଙ୍କର ।

ନିଜେ ପାକ କରି ନୈବେଦ୍ୟ ନିବେଦନ କରିଛନ୍ତି ଶାଳଗ୍ରାମ ନିକଟରେ । ହଠାତ୍ ଭୋଗସ୍ଥଳରେ ନିମାଇଁର ଆବିର୍ଭାବ । ହସ ହସ ମୁଖ ମଧ୍ୟରେ ଗ୍ରାସେକ ଅନ୍ନ । ଥରେ ନୁହେଁ, ଦୁଇଥର ନୁହେଁ, ତିନି ତିନି ଥର ପାଚନ ପରେ ଶୁଦ୍ଧ ନୈବେଦ୍ୟର ସମଦଶା ଦେଖି ପିତାମାତା ଓ ଜ୍ୟେଷ୍ଠଭ୍ରାତା ବିଶ୍ୱରୂପ ବ୍ୟଥିତ । ମାତ୍ର ତୈର୍ଥିକ ବ୍ରାହ୍ମଣ ପରି-ଶେଷରେ ଦର୍ଶନ କରୁଛନ୍ତି ନିମାଇଁ ମଧ୍ୟରେ ଇଷ୍ଟ ବାଳଗୋପାଳଙ୍କର ମୂର୍ତ୍ତି । ସ୍ୱତଃ ମସ୍ତକ ଅବନତ ହୋଇ ଯାଉଛି ଭକ୍ତ ବ୍ରାହ୍ମଣଙ୍କର । ବାଳକ ନିମାଇଁଙ୍କର ଉଚ୍ଛିଷ୍ଟ ଅନ୍ନ ଗୋପାଳ-ଙ୍କର ପ୍ରସାଦ ଜ୍ଞାନକରି ଗ୍ରହଣ କରୁଛନ୍ତି ଅତିଥି ବ୍ରାହ୍ମଣ ମହାନନ୍ଦରେ ।

ତଥାପି ନିମାଇଁ, ପ୍ରାଣର ନିମାଇଁ, ଶଚୀ-ଜଗନ୍ନାଥଙ୍କର ଆତ୍ମଜ ବାଳକ ସନ୍ତାନ । ସେ ଅନ୍ୟ କିଛି ହୋଇ ନ ପାରେ ।

ଅନ୍ନ-ପ୍ରାଶନ କାଳରେ କୋମଳ ଅଜ୍ଞାନ ଶିଶୁ ନାନା ଲୋଭନୀୟ ବସ୍ତୁକୁ ଉପେକ୍ଷା କରି ଶ୍ରୀମଦ୍ ଭାଗବତ ଗ୍ରନ୍ଥ ଗ୍ରହଣ କଲାବେଳେ ମଧ୍ୟ ନିମାଇଁଙ୍କର ଅସାଧାରଣ ଆଚରଣ ପିତାମାତାଙ୍କୁ ସଚେତନ କରିପାରିଲା ନାହିଁ ।

କ୍ରନ୍ଦନରତ ଶିଶୁ ହରିନାମ ଶ୍ରବଣରେ ନୀରବ ହେବାର ଅଲୌକିକତା ଲକ୍ଷ କରି ମଧ୍ୟ ପିତାମାତା ଅଜ୍ଞାନ । ଶିଶୁ ସନ୍ତାନର ଐଶ୍ୱର୍ଯ୍ୟକୁ ସ୍ୱୀକାର କରିବାକୁ ଅସମର୍ଥ ।

ଅସମର୍ଥ ଥିଲେ ରାଜା ଦଶରଥ, ତ୍ରେତୟୁଗରେ । ପୁତ୍ର ରାମଚନ୍ଦ୍ରଙ୍କର ଅସାମାନ୍ୟ ଶକ୍ତିର ସନ୍ଧାନ ଋଷି ବିଶ୍ୱାମିତ୍ରଙ୍କ ଠାରୁ ମିଳିଥିଲେ ମଧ୍ୟ, ପୂର୍ଣ୍ଣବ୍ରହ୍ମ ନାରାୟଣଙ୍କର ପରିଚୟ ପାଇ ପାରିଲେ ନାହିଁ, ନିଜର ଆତ୍ମଜ ମଧ୍ୟରେ ।

ଅସମର୍ଥ ଥିଲେ ନନ୍ଦ ଓ ଯଶୋଦା । ଲବଣୀ ଚୋର ନବନୀତ ତନୁ-ବାଳଗୋପାଳଙ୍କ ମୁଖ ଗହ୍ୱରରେ ଆହୃତ ଲବଣୀର ଲାବଣ୍ୟ ବଦଳରେ ଦେଖିଲେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର

Source: Author, Digitized by PPRACHIN, SOA

ଖିତ୍ତପ୍ରଦ ଦୃଶ୍ୟ ମା ଯଶୋମତି । ଶକଟା ପୂତନାଙ୍କର ବିନାଶ ସ୍ୱଚକ୍ଷୁରେ ଦେଖି ମଧ୍ୟ ଲଗୁଡ଼ତାଡ଼ନା କରିବାକୁ ଦ୍ୱିଧା ବୋଧ କରି ନାହାନ୍ତି ସେ । ଐଶ୍ୱର୍ଯ୍ୟର ବିସ୍ମରଣ ବିନା ମାଧୁର୍ଯ୍ୟ ଆସ୍ୱାଦନ ଯେ ଅସମ୍ଭବ ।

ଅଗ୍ରଜ ବିଶ୍ୱରୂପ ମେଧାବୀ ଛାତ୍ର । ପଣ୍ଡିତ, ବିଦ୍ୱାନ୍ । ମାତ୍ର ଷୋହଳ ବର୍ଷ ବୟସରେ ଗୃହତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କଲାପରେ ପିତାମାତା ନିମାଇଙ୍କର ଭବିଷ୍ୟତ୍ ସମ୍ବନ୍ଧରେ ମଧ୍ୟ ଶଙ୍କି । ନିମାଇଙ୍କୁ ସେ ଦେଥରୁ ନିବୃତ୍ତ କରିବାର ଏକମାତ୍ର ଉପାୟ ସ୍ୱରୂପ କିଛିଦିନ ହେଲା ନିମାଇଙ୍କର ବିଦ୍ୟାଧ୍ୟୟନ ।

ମାତ୍ର ହେତ ବିପରୀତ । ଦୁର୍ଦ୍ଦାନ୍ତ ନିମାଇଙ୍କର ଉପଦ୍ରବରେ ଗ୍ରାମବାସୀ ଅସ୍ଥିର । ତଥାପି ସ୍ନେହାନ୍ଧ ପିତାମାତା ପୁତ୍ରର ଅଭିରୁଚି ଦେଖି ପଞ୍ଚମୁଖ । ଦିନେ ହଠାତ୍ ଶ୍ମଶାନର ସମସ୍ତ ତ୍ୟକ୍ତ ମୃତ୍ତିକା ପାତ୍ର, ପଥର ଆବର୍ଜନା, ଏକତ୍ର ସ୍ତୂପାକାର କରି ତା' ଉପରେ ଉପବେଶନ କରିଛନ୍ତି ସ୍ୱୟଂ ନିମାଇ । ଦୃଷ୍ଟି ଦୁରନ୍ତ । ଶୁଚି, ଅଶୁଚି, ରୁଚି ଅରୁଚି ବିଚାର ଶୂନ୍ୟ ନିମାଇ । ମାତାଙ୍କର ତିରସ୍କାରର ଉତ୍ତର ଦେଲେ ନିମାଇ, "ମୂର୍ଖର ଭଲ ମନ୍ଦର ବିଚାର ନ ଥାଏ ।"

ବାଧ୍ୟ ହୋଇ ପୁଣି ନିମାଇଙ୍କୁ ଅଧ୍ୟୟନର ସୁଯୋଗ ଦେବାକୁ ପଡ଼ିଲା ବ୍ୟାକରଣବିତ୍ ଗଙ୍ଗାଦାସଙ୍କ ଚତୁଷ୍ପାଠୀରେ । ମାତ୍ର ଅଗ୍ରଜର ପଦାଙ୍କ ଅନୁସରଣ କରିବାର ଆତଙ୍କ ବୃଦ୍ଧି ପାଇବାରେ ଲାଗିଲା ପିତାଙ୍କର ।

ନିମାଇ ମୁଣ୍ଡିତ ମସ୍ତକ । ଗୈରିକ ବସନ ପରିହିତ । କରରେ ଦଣ୍ଡ କମଣ୍ଡଳୁ । ଗୃହ ତ୍ୟାଗକରି ଅଗ୍ରସର ହେଉଛନ୍ତି କେଉଁ ନିରୁଦ୍ଦେଶ୍ୟ ପଥରେ । ସ୍ୱପ୍ନ ଦେଖିଲେ ଜଗନ୍ନାଥ ।

ମାତ୍ର ନିରୁଦ୍ଦିଷ୍ଟ ହୋଇଗଲେ ନିଜେ । ହଠାତ୍ । ନିମାଇ ମାତ୍ର ଏଗାର ବର୍ଷର ଶିଶୁ ପିତୃବିୟୋଗ ବେଳକୁ । ଶୋକାତୁରା ମାତାର ସମସ୍ତ ସାନ୍ତ୍ୱନାର ମୂଳାଧାର ଏହି ବାଳକର ଅଦମ୍ୟ ବିଦ୍ୟୋତ୍ସାହ । ଅଳ୍ପକାଳ ମଧ୍ୟରେ ନିମାଇ ହୋଇଉଠିଲେ ଅତୁଳନୀୟ ଅସାଧାରଣ ବ୍ୟାକରଣକାର । ଗଙ୍ଗାଦାସଙ୍କ ଅନୁମତିକ୍ରମେ ହେଲେ ନ୍ୟାୟର ଛାତ୍ର ବାସୁଦେବ-ସାର୍ବଭୌମଙ୍କ ବିଦ୍ୟାୟତନରେ ।

ତା'ପରେ ? ତା'ପରେ ଅତି ଅଳ୍ପ ବୟସରେ ନିମାଇ ହେଲେ ଅଧ୍ୟାପକ ନିମାଇ ପଣ୍ଡିତ । ମୁକୁନ୍ଦ ସଞ୍ଜୟଙ୍କ ଚଣ୍ଡୀମଣ୍ଡପରେ ଆରମ୍ଭ ହେଲା ଚତୁଷ୍ପାଠୀ । ଛାତ୍ରସଂଖ୍ୟା କ୍ରମେ ବୃଦ୍ଧିପାଇଲା ନିମାଇଙ୍କର ଅଧ୍ୟାପନା ସୁଖ୍ୟାତିରେ ।

ମାତା ଶଚୀଦେବୀ ଏବେ ସ୍ୱଚ୍ଛଳ । ନିମାଇର ସଂସାରବନ୍ଧନ ଦୃଢ଼କରି ସେ ଗୃହାନ୍ତ ମର୍ମରୁ ସମସ୍ତ ଆଶଙ୍କା ଦୂର କରି ଦେବାକୁ । ପୁତ୍ରର ସନ୍ନ୍ୟାସ ଗ୍ରହଣ ଆଶଙ୍କା ଦୂରୀକରଣର ଉପାୟ—ବିବାହ । ଘଟକ ବନମାଳୀ ଆଣିଲେ ବିବାହର ପ୍ରସ୍ତାବ ।

ନିମାଇ ଅସମ୍ମତ ନୁହନ୍ତି, ବଲ୍ଲଭାଚାର୍ଯ୍ୟ ଦୁହିତା ଲକ୍ଷ୍ମୀଙ୍କ ବିଷୟରେ । ଶଚୀ-ମାତାଙ୍କର ଆନନ୍ଦର ସୀମା ନାହିଁ ।

Source: Author, Digitized by PPRACHIN, SOA

ସେହି ଶ୍ରେଷ୍ଠ ସୁକୁମାରୀ କୁମାରୀ ଲକ୍ଷ୍ମୀ । ନିମାଇଁଙ୍କ କଳ୍ପଲୋକରେ ଲକ୍ଷ୍ମୀଙ୍କର ଚିତ୍ରପଟ । ନିକଟ ଅତୀତର ସେହି ମଧୁମୟ ସ୍ମୃତି ଜାଗ୍ରତ ହୋଇଉଠିଲା ।

ଗଙ୍ଗାତୀରରେ ଗ୍ରାମସୀମନ୍ତିନୀ କୁମାରୀମାନଙ୍କର ଦେବପୂଜା ଚାଲିଛି । ସେମାନଙ୍କ ମଧ୍ୟରେ ଅନ୍ୟତମା ଲକ୍ଷ୍ମୀ । ଅତି ସରଳା କୋମଳମତି ବାଳିକା । ପ୍ରତିବାଦ ନାହିଁ, ପ୍ରତିରୋଧ ନାହିଁ, ବିନା ଦ୍ୱିଧାରେ ଅନ୍ୟ ବାଳିକାମାନଙ୍କର ଆପତ୍ତି ଓ ଭ୍ରୂକୁଟୀକୁ ଭ୍ରୂକ୍ଷେପ ନକରି ତା'ର ପୁଜାଫୁଲର ଡ଼ାଲି ଆଣି ଅଜାଡ଼ିଦେଉଛି ଉପଯାଚକ ନିମାଇଁର ଶିର ଉପରେ । ପ୍ରତ୍ୟାଖ୍ୟାତ ହୋଇନାହିଁ ନିମାଇଁଙ୍କର ଭିକ୍ଷା ଏହି ବାଳିକାଠାରେ ସେଦିନ । ଫଳ ପୁଷ୍ପର ନୈବେଦ୍ୟ ସମର୍ପଣକରି ପରମତୃପ୍ତିରେ ଫିରିଥିଲେ ପ୍ରତ୍ୟାବର୍ତ୍ତନ କରିଥିଲେ ଲକ୍ଷ୍ମୀ । ଆଜି ସମ୍ପୂର୍ଣ୍ଣ ଆତ୍ମସମର୍ପଣରେ ଯେପରି ଚରମ ପ୍ରାପ୍ତି ।

ଗୌରଅବତାରର ବୈଶିଷ୍ଟ୍ୟସୂଚକ ଯେପରି ଏ ବିବାହ । ଉପଯାଚକତାର ପରାକାଷ୍ଠା । ଭଗବାନ୍ ହିଁ ହୁଅନ୍ତି ଭକ୍ତଦ୍ୱାରରେ ଭିଖାରୀ, ଅଯାଚିତ କୃପାଳୁପଣର ପ୍ରମାଣ ଦେବାପାଇଁ ଯେପରି ।

କିନ୍ତୁ ବନ୍ଧୁବିରହରେ ସେ କି ତୁଷାନଳ ! ଶ୍ରୀ ଗୌରାଙ୍ଗଙ୍କର ପୂର୍ବବଙ୍ଗ ଗମନକାଳରେ ବିରହ-ରୂପୀ କାଳସର୍ପ ଗ୍ରାସକଲା ସାକ୍ଷାତ୍ ଲକ୍ଷ୍ମୀସ୍ୱରୂପା ନବବଧୂ ଲକ୍ଷ୍ମୀଙ୍କୁ ।

ତଥାପି ଶଚୀମାତା ସୂଚନା ପାଇ ପାରିଲେ ନାହିଁ ନିମାଇଁଙ୍କ ଭବିଷ୍ୟତ୍‌ର । ପୁନରାୟ ନିମାଇଁର ସଂସାର ସମ୍ବନ୍ଧରେ ଚିନ୍ତିତ । ଉପଯୁକ୍ତ ପାତ୍ରୀର ଅନ୍ୱେଷଣରେ ବ୍ୟସ୍ତ ।

ଗଙ୍ଗା କୂଳରେ ଯିଏ ପ୍ରଣାମ କରେ ପ୍ରତ୍ୟହ ସେ କିଏ ? ବୟସ ବାର ତେର ଭିତରେ । କି ମଧୁର ସ୍ୱଭାବ ! ଧୀର, ଶାନ୍ତ, ଗମ୍ଭୀର । ଅଧରରେ ମୃଦୁ ମୃଦୁ ହସ । ଲଳିତ ତାର ସ୍ୱର । ସରଳ ତାର ଚାହାଣି । ମୁଗ୍ଧ କରିଛି ଶଚୀ ମାତାଙ୍କୁ ତାର ବ୍ୟବହାର ।

'ବିଷ୍ଣୁପ୍ରିୟା' ! ଶଚୀମାତାଙ୍କର ପ୍ରଶ୍ନର ଉତ୍ତର ଦେଇ ସେଦିନ ନିଜର ନାମ ପ୍ରକାଶ କରିଥିଲେ ଧାର୍ମିକ ସନାତନ ମିଶ୍ରଙ୍କର ଅନୂଢ଼ା କନ୍ୟା ବିଷ୍ଣୁପ୍ରିୟା । ଆଶୀର୍ବାଦ କରି ଆସିଲେ ଶଚୀମାତା—"ବିଷ୍ଣୁପ୍ରିୟା ହୁଅ ମା ତୁ ।"

ବିଷ୍ଣୁପ୍ରିୟା ବିଷ୍ଣୁପ୍ରିୟା ହିଁ ହେଲେ । ଶଚୀମାତାଙ୍କର ଦୂତ ଘଟକ କାଶୀମିଶ୍ରଙ୍କ ପ୍ରସ୍ତାବରେ ସନାତନ ଆଶାତୀତ ଭାବରେ ସୁଖୀ । ନବଦ୍ୱୀପର ଗୌରବ ଶ୍ରୀ ଗୌରାଙ୍ଗ' କାବ୍ୟ ବ୍ୟାକରଣକାର ପ୍ରସିଦ୍ଧ ଅଧ୍ୟାପକ ନିମାଇଁ ପଣ୍ଡିତ ସନାତନଙ୍କର ଜାମାତା ! ବହୁ ଦିନର ଆଶା ଆଜି ପୂର୍ଣ୍ଣ ସନାତନଙ୍କର ।

ବିଷ୍ଣୁପ୍ରିୟାଙ୍କ ଶୁଭାଗମନରେ ଶଚୀମାତାଙ୍କ ଗୃହ ଆଜି ନବବୃନ୍ଦାବନରେ ପରିଣତ । ଆନନ୍ଦରେ ଛନ୍ଦି ହୋଇପଡ଼ୁଛନ୍ତି ମାତା । ଏବେ ସେ ନିଶ୍ଚିନ୍ତ । ନିମାଇଁ, ତାଙ୍କର ଗର୍ଭଜାତ ସନ୍ତାନ ନିମାଇଁ, ଏକାନ୍ତ ଭାବରେ ଆପଣାର । ବିଶ୍ୱମ୍ଭରଙ୍କର

Source: Author, Digitized by PPRACHIN, SOA

ବିଶ୍ୱବିଖ୍ୟାତ ବିଭୂତି ବିଷୟରେ ସର୍ବଦା ଅବିଶ୍ୱାସ ଶଚୀ ମାଁଙ୍କର । ପୁତ୍ରର ଐଶ୍ୱର୍ଯ୍ୟ ସମ୍ବନ୍ଧରେ ସେ ଯେପରି ଏକାବେଳକେ ଅଜ୍ଞ । ଅଜ୍ଞତା ନୁହେଁ, ଅବିଶ୍ୱାସ ।

ପୂର୍ବବଙ୍ଗ ଯାତ୍ରା କାଳରେ ନିଷ୍ଠାପର ବ୍ରାହ୍ମଣ ତପନ ମିଶ୍ରଙ୍କର ସ୍ୱପ୍ନକଥା କଏ ଆସି କହିଲା ଶଚୀମାତାଙ୍କ ଆଗରେ । ତପନ ମିଶ୍ର ଏବେ ଗୌରଙ୍ଗ ଚରଣାଶ୍ରିତ । କାଶୀ ଧାମରେ ବାସ କରୁଛନ୍ତି ଗୌଡ଼ଦେଶରେ । ସେ ଏକ ପ୍ରହେଳିକା ଶଚୀମାତାଙ୍କ ବିଚାରରେ ସତେ କଣ ତପନର ସ୍ୱପ୍ନ ସତ୍ୟ ? ଗୌରହରି କ'ଣ ସାକ୍ଷାତ୍ ହରି ନାରାୟଣ ? ନା । ସେ ଚେଷ୍ଟା କରୁଛନ୍ତି ଅବିଶ୍ୱାସ କରିବା ପାଇଁ ।

ନିମାଇଁ ଲିଖିତ ବ୍ୟାକରଣ ସର୍ବଜନାଦୃତ ପାଠ୍ୟ । ଜାଣିଲେ ଶଚୀମାତା । ତଥାପି ସେ ଧାରଣା କରି ପାରୁ ନାହାନ୍ତି ତାଙ୍କର ରକ୍ତରେ ଗଢ଼ା ଏହି ଅଷ୍ଟାଦଶ ବର୍ଷୀୟ ଯୁବକର ଶକ୍ତି ଅସାଧାରଣ । ନିମାଇଁ ତାଙ୍କ କୋଳର ଅଜ୍ଞାନ ଶିଶୁ ମାତ୍ର । ଶଚୀମାତାଙ୍କର ଧାରଣା ।

ଭାରତ ବିଖ୍ୟାତ ପଣ୍ଡିତ କେଶବ କାଶ୍ମିରୀ ଦିଗ୍‌ବିଜୟ ଉଦ୍ଦେଶରେ ଉପସ୍ଥିତ ନବଦ୍ୱୀପରେ । ନିମାଇଁ-ପଣ୍ଡିତଙ୍କ ଠାରୁ ପ୍ରମାଣପତ୍ରରେ ସ୍ୱୀକୃତି ପାଇବା ଆଶାରେ ଆସି ସେ ଯେପରି ପରାଜିତ ହେଲେ, ନିମାଇଁଙ୍କର ଛାତ୍ର ମାନଙ୍କଠାରୁ ସେ ଉପାଖ୍ୟାନ ଶୁଣି ମଧ ଶଚୀ ମାତା ଯେପରି ପ୍ରତ୍ୟୟ କରିପାରି ନାହାନ୍ତି କେଶବ କାଶ୍ମିରୀଙ୍କୁ ସରସ୍ୱତୀଙ୍କର ସ୍ୱପ୍ନାଦେଶ କାହାଣୀ ।

"କେଶବ, ଅସାମାନ୍ୟ ଐଶୀଶକ୍ତିର ଅଧିକାରୀ ଗୌରହରି ଠାରେ ପରାଜୟ ହିଁ ଗୌରବ । ସେହି ବିଜେତାଠାରେ ଆତ୍ମସମର୍ପଣ ହିଁ ମୁକ୍ତି ।"

ଶ୍ୱେତପଦ୍ମାସନା, କୁନ୍ଦେନ୍ଦୁ ତୁଷାର ହାର ଧବଳା, ବୀଣାବରଦଣ୍ଡ ମଣ୍ଡିତକରା ଶୁଭ୍ରବସନା ଦେବୀ ବୀଣାପାଣିଙ୍କର ଆଦେଶ ପାଳନ କଲେ କେଶବ କାଶ୍ମିରୀ । ତଥାପି ନିର୍ବେଦ ଶଚୀମାତା । ନିମାଇଁଙ୍କର ନୂତନ ଉପାଧି ହେଲା 'ବାଦସିଂହ ତର୍କକେଶରୀ । ଶୁଣିଲେ ଶଚୀମାତା । ଗୌରବରେ ଫୁଲଉଠିଲା ଛାତି । ଲୋକମୁଖରୁ ପୁତ୍ରର କୀର୍ତ୍ତି କଥାରେ । ବିଶ୍ୱାସ ହେଲା ନିମାଇଁ ପିତୃ ପିତାମହଙ୍କର ଯୋଗ୍ୟତମ ଦାୟାଦ । ମାତ୍ର ଦେବତା ନୁହେଁ ।

ନିମାଇଁର ବିବାହ । ଶଚୀମାତା କପର୍ଦ୍ଦକ ଶୂନ୍ୟ । ନିରୁପାୟ । ବାହାରି ଆସିଲେ ବିବାହର ସମସ୍ତ ବ୍ୟୟଭାର ବହନକରି ଆୟୋଜନ କରିବା ପାଇଁ ପ୍ରତିସ୍ପର୍ଦ୍ଧୀ ମୁକୁନ୍ଦବିଜୟ ଓ ଧନବାନ୍ ବୁଦ୍ଧିମନ୍ତ ଖାଁ । ଶଚୀମତା ସାମାନ୍ୟ ବିସ୍ମୟ ପ୍ରକାଶ କରିଥିବେ ହୁଏତ ! ମାତ୍ର ଏ ଆଦର ସମ୍ମାନ କ'ଣ କେବଳ ନିମାଇଁର ପାଣ୍ଡିତ୍ୟ ପାଇଁ ? ମନଭିତରେ ଗୋଟିଏ ପିଚ୍ଛିଳ ପ୍ରଶ୍ନ ଉତ୍ତର-ଭ୍ରଷ୍ଟ ହୋଇ ଖସି ପଳାଏ ।

ନିମାଇଁ ମଧ ଶୂନ୍ୟହସ୍ତ ସେ ଦିନ । ବାହାରିଛନ୍ତି ବଜାରଭ୍ରମଣରେ । ଫେରିବା ବେଳକୁ ନିମାଇଁର ଛାତ୍ରମାନେ ଘରେ ଆଣି ଥୋଇଦେଲେ ରକମାରି ସଉଦା ସାମଗ୍ରୀ । ନିମାଇଁ ମୁଖମଣ୍ଡଳରେ ସେ କି ଆକର୍ଷଣୀ ଶକ୍ତି ! ସେ ଶକ୍ତି ସତେ ଅବା ରସାଣିତ ହୋଇଛି

Source: Author, Digitized by PPRACHIN, SOA

ପ୍ରେମରେ, ପ୍ରୀତିରେ । ଗୋଟି ଗୋଟି କରି ଶୁଣୁଛନ୍ତି ଶଚୀମାତା ଗ୍ରାହମାନଙ୍କଠାରୁ । ଆନନ୍ଦ ଓ ବିସ୍ମୟ ଉଭୟେ ଯେପରି ଉଭୟଙ୍କର କ୍ରୀଡ଼ାଭୂମି କରିଛନ୍ତି ମାତାଙ୍କ ମନକୁ ।

"ଠାକୁରେ, ମୁଁ ମିଠାଖିଲି ରଖିଛି ତମପାଇଁ,ତମେ ଭଲ ପାଅ ବୋଲି । ପଇସା ଦରକାର ନାହିଁ । ତମେ ଖାଇବ, ସେଇ ମୋର ଯଥେଷ୍ଟ । ସେ ଠହ ଠହ ନାଲି ପାଟିରେ ଟିକିଏ ହସ ଦେଖିବି ସେଇ ମୋର ଢେର୍ ।" କହିଲା ପାନବାଲା ।

"ଖୁବ୍ ମିଠା କମଳା । ମର୍ତ୍ତମାନ କଦଳୀ ବି ଅଛି । ଯାହା ନବାର ନିଅନ୍ତୁ । ମୂଲ କରିବେ ନାହିଁ । ସେମିତି ନେଇଯାଆନ୍ତୁ । ଆପଣ ଯାହା ନେବେ ସେ ମୋର ଜମା, ପୁଞ୍ଜି" କହିଲା ଫଳବିକ୍ରେତା

ପ୍ରସିଦ୍ଧ ଶାନ୍ତିପୁର ଧୋତି । ତନ୍ତି ନିଜେ ବିକୁଛି । "ନା ନା,ଦାମ ଦରକାର ନାହିଁ । ଆପଣଙ୍କ ଆଶୀର୍ବାଦ ହେଲେ ହଜାର ହଜାର ଦାମର ଲୁଗା ମିଳିବ ମୋତେ ।" କହି ଦେଇଦେଲା । ଯୋଡ଼ ଧୋତିରେ ବି ଦବ ନାହିଁ ସେ । ବିନା ମୂଲ୍ୟରେ ବିକିବ ନିମାଇଁ ବି । ତାର ଜିଦି । ଗୌର ଅବତାରରେ ଏକ ମହାନ୍ ସତ୍ୟର ଅନୁକରଣ କରି କହିଲି ତନ୍ତୁବାୟୁ ।

କିନ୍ତୁ କାହିଁକି କେଜାଣି, ଗୋଟାଏ ଅତି ଦରିଦ୍ର, ସାମାନ୍ୟ କଦଳୀପତ୍ରଠୋଙ୍ଗା, ମଞ୍ଜା, ଭଣ୍ଡାବିକାଳୀ ପାଖରେ ନିମାଇଁଙ୍କର ଭିନ୍ନ ଆଚରଣ । ସେ ବୈଷ୍ଣବ ବୋଲି କି କଣ ! ମନାକରିବା ସତ୍ତ୍ୱେ ଛଡ଼ାଇ ଆଣିଲେ ତା'ଠୁ କଦଳୀଭଣ୍ଡା ମଞ୍ଜାକ ଯେତେ ଉଠିଲା ସତେ ।

"ତାପରେ ?" ପଚାରିଲେ ଶଚୀ । ଘଟଣା ଶୁଣିବା ମାତ୍ରେ ।

ଠୁଙ୍ଗା ବିକାଳୀ କହିଲା—"ରକ୍ଷାକର ଠାକୁରେ ! ମୋତେ ଦାମ୍ ଦିଅ ।"

ଶଚୀମାତାଙ୍କ ପ୍ରଶ୍ନରେ ଉତ୍ତରଦେଲେ ଜଣେ ଗ୍ରାହ ।

ତୁ ପୂଜା ଦଉନୁ ଗଙ୍ଗାଙ୍କୁ ?" ପଚାରିଲେ ନିମାଇଁ । ଗ୍ରାହ କହୁଥାଏ ମାତାଙ୍କୁ । ନିମାଇଁଙ୍କର ଜଣେ ଗ୍ରାହ ।

"ହଁ ।" ଜବାବ୍ ଦେଲା ଶ୍ରୀଧର ଠୁଙ୍ଗାବିକାଳୀ, "ସେ ଯେ ଦେବତା" ।

"ଆଉ ମୁଁ ? ମତେ ଚହ୍ନିଛୁ ? ମୁଁ ଯେ ଦେବତାର ଚୌଦ୍ଦପୁରୁଷ ।" କହିଲେ ନିମାଇଁ ।

ଶଚୀମାତା ଚମକି ପଡ଼ିଲେ । ଗ୍ରାହ ମୁହଁରୁ କଥା ଶୁଣି । ନିମାଇଁର ଏଭଳି କାଣ୍ଡରେ ସେ ଅତିଶୟ ଭୟଭୀତା । କାଳେ କିଛି ଅନିଷ୍ଟଘଟେ ନିମାଇଁର ।

"ଏଣିକି ପ୍ରତିଦିନ ଗୋଟିଏ କଦଳୀଠୁଙ୍ଗା ଆଉ ଗୋଟିଏ ଭଣ୍ଡା ଦବ ବୋଲି ସାଲିସ୍ କରିଛି ଶ୍ରୀଧର ।" ଜଣାଇଲେ ଗ୍ରାହମାନେ ।

ଶଚୀମାତା ବିସ୍ମିତ ହୋଇଥିଲେ; ମାତ୍ର ପୁତ୍ରର ଅଲୌକିକ ଶକ୍ତିର ପରିଚୟ ପାଇପାରିଲେ ନାହିଁ ତଥାପି ।

Source: Author, Digitized by PPRACHIN, SOA

ପିତୃପିଣ୍ଡ ଉଦ୍ଦେଶରେ ଗୟାରୁ ଫେରିବା ଦିନଠାରୁ ନିମାଇଁର ଆଚରଣ ଅବାକ୍ କରିଛି ସମସ୍ତଙ୍କୁ । ମଉସା ଚନ୍ଦ୍ରଶେଖରଙ୍କୁ ପଠାଇଥିଲେ ଶଚୀମାତା ନିମାଇଁଙ୍କ ସାଙ୍ଗରେ । ଆଚାର୍ଯ୍ୟ ଚନ୍ଦ୍ରଶେଖ ନିଜେ ବର୍ଣ୍ଣନା କରି ପାରୁନାହାନ୍ତି ନିମାଇଁର ସେ ଆଲୌକିକ ଆଚରଣ ।

ଏ କଣ ସତ୍ୟ ? ଶଚୀମାତା ବାରମ୍ବାର ଶୁଣୁଛନ୍ତି ଆଚାର୍ଯ୍ୟ ଚନ୍ଦ୍ରଶେଖରଙ୍କ-ଠାରୁ । ପୁଣି ବାରମ୍ବାର ପ୍ରଶ୍ନ କରୁଛନ୍ତି । ଆଚାର୍ଯ୍ୟ ବାରମ୍ବାର କହି ଯେପରି ତୃପ୍ତି ପାଉ-ନାହାନ୍ତି । ଶଚୀମାତା ବାରମ୍ବାର ଶୁଣି ମଧ୍ୟ ସେହିପରି ଅତୃପ୍ତ । ବାରମ୍ବାର ଶୁଣିବାରେ ନିମାଇଁର ସନ୍ନ୍ୟାସ ଆଶଙ୍କା ଦୃଢ଼ୀଭୂତ ହେଉଥିଲେ ମଧ୍ୟ ସେ ସଂଶୟ-ଦୂରୀକରଣର ଏକମାତ୍ର ପନ୍ଥା ସେହି ଗାଥାର ଶ୍ରବଣ । ମନେ କରୁଛନ୍ତି ଶଚୀମାତା ।

ସେ ସ୍ୱଚକ୍ଷୁରେ ଦେଖିଛନ୍ତି । ଈଶ୍ୱରପୁରୀଙ୍କ ସହ ଆକସ୍ମିକ ସାକ୍ଷାତ୍ ନିମାଇଁର ତୀର୍ଥରାଜ ଗୟାଧାମରେ ।

ହଁ, ସେହି ଈଶ୍ୱରପୁରୀ । ଶ୍ରୀପାଦ ମାଧବେନ୍ଦ୍ରପୁରୀଙ୍କର ଶିଷ୍ୟ । 'ଯାହା ଲାଗି ଗୋପୀନାଥ କ୍ଷୀର କଲେ ଚୋରି' ସେହି ପ୍ରସିଦ୍ଧ ଭକ୍ତ, ମାଧବେନ୍ଦ୍ରପୁରୀଙ୍କର ଯୋଗ୍ୟ ଶିଷ୍ୟ ଈଶ୍ୱରପୁରୀ । ।ନିମାଇଁଙ୍କ ଆମନ୍ତ୍ରଣକ୍ରମେ କେତେଦିନ ଭିକ୍ଷାଗ୍ରହଣ କରିଛନ୍ତି ଶଚୀମାତାଙ୍କ ଘରେ । ପୂର୍ବେ । ସେତେବେଳେ ବି ନିମାଇଁ ସମୟ ସମୟରେ ବାହ୍ୟଜ୍ଞାନ ହରାଇ ବସୁଥିଲେ, ପୁରୀଙ୍କ ସହ କୃଷ୍ଣକଥା ପ୍ରସଙ୍ଗରେ । ଏବେ ମନ୍ତ୍ରଦୀକ୍ଷାପରେ ନିମାଇଁ ଘରକୁ ଫେରିବା ପାଇଁ ଏକାନ୍ତ ଅନିଚ୍ଛୁକ । ସେ କି ଆର୍ତ୍ତି ପିତୃଉଦ୍ଦେଶରେ ପିଣ୍ଡଦାନ କଲାବେଳେ ସେ ଆର୍ତ୍ତି ଅତ୍ୟନ୍ତ ହୃଦୟବିଦାରକ । ବିଷ୍ଣୁପାଦ କେବଳ ନୁହେଁ, ସାଂତଯେପରି ଭକ୍ତ ଗୟାସୁର ସହ ନିଜର ପିତୃପୁରୁଷଙ୍କୁ ଦର୍ଶନ କରୁଥିଲେ ସେ ସେତେବେଳେ । ତା ପରେ ହଠାତ୍ ମୂର୍ଚ୍ଛା । ବହୁ କଷ୍ଟରେ ସଂଜ୍ଞା ଲାଭ କଲେ ନିମାଇଁ । କିନ୍ତୁ ମନ୍ତ୍ରଗ୍ରହଣ ପରେ ନିମାଇଁ ଆଉ ନିମାଇଁ ପଣ୍ଡିତ ହୋଇ ରହିଲେ ନାହିଁ । ସତେ ଯେପରି ଗୋଟାଏ ବାତୁଳ ଶିଶୁ । ପ୍ରଳାପ ସଙ୍ଗେ ସଙ୍ଗେ ନର୍ତ୍ତନ କୀର୍ତ୍ତନ, ମୂର୍ଚ୍ଛା ଓ ପତନ । ପୁଣି ପରକ୍ଷଣରେ ଚଞ୍ଚଳ ଚଞ୍ଚଳ । 'କୃଷ୍ଣ କୃଷ୍ଣ' କହି ଉନ୍ମତ୍ତ । କାରଣ ପଚାରିଲେ ଉତ୍ତର ଦିଅନ୍ତି "ପଳାଇ ଗଲା, ପଳାଇ-ଗଲା! ହେଇଟି ବଜୁଳି ଭଳି ପଳାଇ ଯାଉଛି ସେ । ଆହା କି ସୁନ୍ଦର ତାର ବଂଶୀଧ୍ୱନି! ଶ୍ୟାମସୁନ୍ଦର ନବ ନଟବର ଠାଣିରେ ଠିଆହୋଇଥିଲା ମୋ ଆଗରେ । ହସିଲା । ମୁଁ ଧରିବାକୁ ଗଲାବେଳକୁ ସେ ପଳାଇଗଲା" ।

ଗୟାରୁ ଫେରି ମଧ୍ୟ ତତୋଽଧିକ ଉନ୍ମାଦ । ସାରା ରାତି ଉଜାଗର । ଅଶ୍ରୁର ବନ୍ୟା । ବିଷ୍ଣୁପ୍ରିୟା ବ୍ୟଥିତ । ବ୍ୟଥିତା ମାତା ଶଚୀଦେବୀ ବିଷ୍ଣୁପ୍ରିୟାର ଆକୁଳତାରେ । କିନ୍ତୁ ନିରୁପାୟ ।

ଚତୁଷ୍ପାଠୀର ଛାତ୍ରବୃନ୍ଦ ରହିଁରହିଛନ୍ତି ନିର୍ନିମେଷ ନୟନରେ । ତାଙ୍କର ଅତି ଆପଣାର ପୂଜ୍ୟ ପଣ୍ଡିତ ମହାଶୟଙ୍କର ଏକ ପରିବର୍ତ୍ତନ ! ବ୍ୟାଖ୍ୟା କଲାବେଳେ ସେ କେବଳ ଦେଖାଇବାକୁ ଚାହାନ୍ତି କାବ୍ୟବ୍ୟାକରଣ ନ୍ୟାୟ ଦର୍ଶନ ସମସ୍ତ କୃଷ୍ଣମୟ । ଅଭିଭାବକମାନଙ୍କ ମନରେ ଅସନ୍ତୋଷ । ମାତ୍ର କୌଣସି ଛାତ୍ର ନିମାଇଁ ପଣ୍ଡିତଙ୍କୁ ଛାଡି ଅନ୍ୟତ୍ର ଯିବାକୁ ନାରାଜ୍ ।

Source: Author, Digitized by PPRACHIN, SOA

ଶ୍ରୀବାସ ପଣ୍ଡିତ ଶୁଣିଲେ ସେକଥା । ଆଶ୍ଚର୍ଯ୍ୟ ହେଲେ । ନିମାଇ 'ନିମାଇଁପଣ୍ଡିତ' ହେବାପରେ ତାଙ୍କ ମନରେ ଉପୁଜିଥିଲା ଭୀଷଣ ଖେଦ । ଶୈଶବର ହରିନାମ ପ୍ରତି ପ୍ରୀତି ପରିବର୍ତ୍ତରେ ସେ ନିମାଇଁ ପଣ୍ଡିତଠାରେ ଦେଖିବାକୁ ପାଇଲେ ବୈଷ୍ଣବମାନଙ୍କ ପ୍ରତି ବିତୃଷ୍ଣା । ଏତେ଼ ଜ୍ଞାନୀ, ପଣ୍ଡିତ, ସେ ଯେ ବୈଷ୍ଣବସମାଜର ଗୌରବ ହୋଇ ପାରନ୍ତେ । ମନେ ମନେ କେତେ ପ୍ରାର୍ଥନା କରିଛନ୍ତି ସେ ସେଥିପାଇଁ ଏଥିପୂର୍ବେ । ଆଜି ସେ ପ୍ରାର୍ଥନା ସଫଳ ।

ନିମାଇଁ ପଣ୍ଡିତ ଶୁକ୍ଳାମ୍ବରଙ୍କ ଗୃହରେ 'କୃଷ୍ଣ କୃଷ୍ଣ' ବୋଲି ମୂର୍ଚ୍ଛିତ । ସେହି ଦୀର୍ଘ ଅବୟବ, ଆଜାନୁଲମ୍ବିତ ଭୁଜ, ସୁଡ଼ୌଳ ସୁଠାମ-ସୌଷ୍ଠବଯୁକ୍ତ ଅଙ୍ଗଯଷ୍ଟି ଭୂ-ଲୁଣ୍ଠିତ ।

ମନେପଡ଼ିଲା ଶ୍ରୀବାସଙ୍କର ଏକଦା ନିମାଇଁଙ୍କର ରହସ୍ୟସମସ୍ତ ଉକ୍ତି—"ମୁଁ ଏପରି ବୈଷ୍ଣବ ହେବି ଯେ ଅଜଭବ ପର୍ଯ୍ୟନ୍ତ ପ୍ରାର୍ଥନା କରିବେ ମୋ ନିକଟରେ"

ଏ ସମ୍ବାଦ ପ୍ରବେଶ କଲା ଶାନ୍ତିପୁରରେ । ଅଦ୍ୱୈତ ଆଚାର୍ଯ୍ୟଙ୍କ କର୍ଣ୍ଣରେ । ସେଦିନର ସେହି ଉନ୍ମତ୍ତ ନର୍ତ୍ତନର ଉତ୍ତେଜନା ହଠାତ୍ ଯେପରି ଜାଗ୍ରତ ହୋଇ ଉଠିଲା ଅନ୍ତର ଅନ୍ତରେ । ଅଦ୍ୱୈତଙ୍କର ।

ମାତାଙ୍କର କାତର ନିବେଦନ, ଅଧ୍ୟାପକ ଗଙ୍ଗାଦାସ ପଣ୍ଡିତଙ୍କର ସାବଧାନୀ ବାଣୀରେ ସେଦିନ ନିମାଇଁ ପ୍ରକୃତିସ୍ଥ ହୋଇ ବସିଲେ ଚଣ୍ଡୀମଣ୍ଡପରେ ସ୍ୱାଭାବିକ ଭାବରେ ଅଧ୍ୟାପନା କରିବା ଉଦ୍ଦେଶ୍ୟ ନେଇ ।

ମାତ୍ର କି ଆଶ୍ଚର୍ଯ୍ୟ । ଅଧୀତ ସମସ୍ତ ବିଦ୍ୟା ବିସ୍ମୃତ । ସ୍ମୃତିପଟରୁ ସମ୍ପୂର୍ଣ୍ଣ ମୁଛିତ । ବାହ୍ୟଜ୍ଞାନଶୂନ୍ୟ ହୋଇ କେବଳ କୃଷ୍ଣକଥାହିଁ ଆଳାପନ କରି ଚାଲିଛନ୍ତି । ହଠାତ୍ ପ୍ରକୃତିସ୍ଥ ହୋଇ ନିବେଦନ କଲେ ଛାତ୍ରମାନଙ୍କୁ । ସେ କି କାତର ଉକ୍ତି ! କି କରୁଣ ଦୃଷ୍ଟି ନିମାଇ ପଣ୍ଡିତଙ୍କର ! "ମୁଁ ପ୍ରତାରଣା ଅକ୍ଷମ । ତେଣୁ ନିବେଦନ କରୁଛି, ତୁମ୍ଭେମାନେ ଅନ୍ୟତ୍ର ବିଦ୍ୟାଶିକ୍ଷା କର ! କୃଷ୍ଣକଥା ବ୍ୟତିରେକେ ମୋର ଅନ୍ୟ ସ୍ଫୁରଣର ଆଉ ସମ୍ଭାବନା ନାହିଁ । ମୁଁ ଯଦି ଏକାନ୍ତ ଭାବେ ସେହି ସଚ୍ଚିଦାନନ୍ଦ ଘନମୂର୍ତ୍ତି ଶ୍ରୀ କୃଷ୍ଣଙ୍କୁ ହିଁ ଡ଼ାକିଥିବି, ତେବେ ମୋର ଆଶୀର୍ବାଦ ଅବଶ୍ୟ ସଫଳ ହେବ । ତୁମ୍ଭମାନଙ୍କ ମଧ୍ୟରେ ସକଳ ବିଦ୍ୟାର ସ୍ଫୁରଣ ହେଉ । କିନ୍ତୁ..."

ନିମାଇଁ ପଣ୍ଡିତ ଅଧ୍ୟାପକର ଆସନରେ ବସି ପୁଣି ଉପଦେଶ ଦେଲେ— "ଛାତ୍ରବୃନ୍ଦ' ଶ୍ରୀକୃଷ୍ଣଙ୍କର ପ୍ରେମ ଲାଭହିଁ ଜଗଜ୍ଜୀବ ଜୀବନର ପରମପୁରୁଷାର୍ଥ । ସେହି ପ୍ରେମର କଣିକାମାତ୍ର ଯାହାର ଲାଭ ହୋଇଛି, ସର୍ବ ବିଦ୍ୟା ତାର ଆୟତ୍ତାଧୀନ । ସମସ୍ତେ କୃଷ୍ଣନାମ ସ୍ମରଣକର ! ଶ୍ରୀକୃଷ୍ଣ ଚରଣରେ ଶରଣାଗତ ହୁଅ ! କୃଷ୍ଣ ଭଜ ! କୃଷ୍ଣ କହ ! କୃଷ୍ଣଙ୍କର ସାର ।"

ଚଣ୍ଡୀ ମଣ୍ଡପ କୀର୍ତ୍ତନ ମଣ୍ଡପରେ ପରିଣତ । ଛାତ୍ର ଅଧ୍ୟାପକ ସମସ୍ତଙ୍କ ତୁଣ୍ଡରେ କୃଷ୍ଣନାମ ।

"ହରି ହରୟେ ନମଃ କୃଷ୍ଣ ଯାଦବାୟ ନମଃ ।"

*   *

*

Source: Author, Digitized by PPRACHIN, SOA

ନିମାଇଁ ଈଶ୍ୱର ନୁହେଁ । ନିମାଇଁ ଅବତାର ନୁହେଁ । ନିମାଇଁ ଭକ୍ତ ନୁହେଁ, ନିମାଇଁ ନିମାଇଁ । ତାଙ୍କର ସ୍ନେହପାଳିତ ଶିଶୁ । ନିମାଇଁ ଆଉ ନିମାଇଁ ପଣ୍ଡିତ ହୋଇନାହାଁନ୍ତି । ସେ ପାଗଳ, ଉନ୍ମାଦ । ସମସ୍ତେ କହୁଛନ୍ତି ସେହିକଥା । ନିମାଇଁ ପାଗଳ ଉନ୍ମାଦ । ଶଚୀମାତା ମଧ୍ୟ କହୁଛନ୍ତି ପାଗଳ, ଉନ୍ମାଦ । ବାୟୁ ରୋଗଗ୍ରସ୍ତ । ଔଷଧର ବ୍ୟବସ୍ଥା ଆବଶ୍ୟକ । ବିଷ୍ଣୁ ତୈଳ ସେବନ ବିଧେୟ ଭିଷଗାଚାର୍ଯ୍ୟଙ୍କର ଉପଦେଶ । ମାତ୍ର ଶ୍ରୀବାସ ପଣ୍ଡିତ ମିଶ୍ରବଂଶର ପରମ ଆତ୍ମୀୟ ଶଚୀମାତାଙ୍କ ଅନୁରୋଧରେ ଆସି ମତ ଦେଉଛନ୍ତି, ଭିନ୍ନ ଭାବରେ ।

"ମା, ଆପଣଙ୍କର ସନ୍ତାନର ଯେଉଁ ବାୟୁ ରୋଗ ହୋଇଛି ତାହା ବ୍ରହ୍ମା ଶିବଙ୍କର ମଧ୍ୟ ବାଞ୍ଛିତ ବ୍ୟାଧି ।"

ତଦବଧି ଶ୍ରୀବାସ-ଅଙ୍ଗନ ପରିଣତ ହେଲା କୀର୍ତ୍ତନ ରାସଲୀଳାର ରଙ୍ଗ ଭୂମିରେ ।

ଅଦ୍ୱୈତାଚାର୍ଯ୍ୟଙ୍କର ସ୍ୱପ୍ନଭଙ୍ଗ ହେଉଛି । ସେ ଚିନ୍ତା କରୁଛନ୍ତି । ସନ୍ଦେହାଚ୍ଛନ୍ନ ମନ । ଏ କ'ଣ ତେବେ ତାଙ୍କର ସେହି ସ୍ୱପ୍ନାଗତ ମୂର୍ତ୍ତି ! ବିଶ୍ୱମ୍ଭର, ଗୌରହରି ଗୌରାଙ୍ଗ, ନିମାଇଁପଣ୍ଡିତ କ'ଣ ବ୍ୟକ୍ତ ନୁହନ୍ତି, ଅବ୍ୟକ୍ତର ଅଭିବ୍ୟକ୍ତି ?

"ଆଚାର୍ଯ୍ୟ, ଉଠ, ମୁଁ ନିଜେ ଆସିଛି । ଚାହଁ ! ତମର ସାଧନା ସିଦ୍ଧି । ଦୁଃଖ ଅକାରଣ । ଏଣିକି କୃଷ୍ଣ କୀର୍ତ୍ତନର ବନ୍ୟାରେ ଜଗତ୍ ପ୍ଳାବନ କରିଦିଅ ! ଜୀବର ଉଦ୍ଧାର ସୁନିଶ୍ଚିତ ।

ସେ ଦିନର ସେ ସ୍ୱପ୍ନ ଆଜି କ'ଣ ତେବେ ସଫଳ ?

ଆଚାର୍ଯ୍ୟ ଚାହିଁ ରହିଛନ୍ତି ଏକ ଲୟରେ, କନକ କାନ୍ତି-ବିଲେପିତ ଗୌରାଙ୍ଗଙ୍କର ମୁଖରୁ ଲପନକୁ । କିଏ ଏହି ଜ୍ୟୋତିର୍ମୟ ପୁରୁଷ ? ସ୍ୱେଦ, କମ୍ପ, ପୁଲକାଦି ଅଷ୍ଟସାତ୍ତ୍ୱିକ ବିକାର ଯେପରି କ୍ରୀଡ଼ାଭୂମି କରିଛନ୍ତି ସେହି ଦୀର୍ଘାକାର ଅବୟବକୁ । ଅର୍ଦ୍ଧନିମିଳିତ ନେତ୍ରରୁ ସତେ ଯେପରି କରୁଣାର ଅବାରିତ ବାରି ଅଜସ୍ର ଧାରାରେ ବର୍ଷଣପର ।

"ଏ ସେହି, ଏ ସେହି !" ବୋଲି ହୃଦୟ କନ୍ଦରର ପ୍ରତି ସ୍ପନ୍ଦନ ଚିତ୍କାର କରି ଉଠିଲା ସ୍ୱଚ୍ଛନ୍ଦରେ । ତୁଳସୀଦଳ ଗଙ୍ଗା ଜଳରେ ଆକୁଳ ଆହ୍ୱାନର ଫଳ ମିଳିଛି ତାଙ୍କର ଚିରଆରାଧ୍ୟ ଦେବତାଙ୍କର ଅବତାର, ଏଇ ଗୌରାଙ୍ଗ ଗୌରହରି ସ୍ୱରୂପରେ । ଚରଣ ପ୍ରାନ୍ତରେ ପ୍ରଣାମ ଜଣାଇଲେ ବୃଦ୍ଧ ବ୍ରାହ୍ମଣ ଆଚାର୍ଯ୍ୟ ଅଦ୍ୱୈତ ଅସନ୍ଦିଗ୍ଧ ଚିତ୍ତରେ ।

ନବ ବୃନ୍ଦାବନ ନବଦ୍ୱୀପ । ଶ୍ରୀବାସ ଅଙ୍ଗନରେ ନିକୁଞ୍ଜ ସଜ୍ଜା । ମହାରାସ ବିଳାସର ପରିଣତି ବିବର୍ତ୍ତବିଳାସ ଲୀଳାର ପୀଠସ୍ଥଳୀ ଏହି ଶ୍ରୀବାସ-ନିବାସ । ବହୁ ଭକ୍ତ ସମଭିବ୍ୟାହାରରେ ସଙ୍କୀର୍ତ୍ତନରାସର ସମାରମ୍ଭ । ପ୍ରତ୍ୟହ । ପ୍ରତିଦିନ । ନିୟମିତ ଭାବରେ ।

"ଏ ସେହି, ଏ ସେହି !" ବାରମ୍ବାର ଉଚ୍ଚାର କରୁଛନ୍ତି, ଶାନ୍ତିପୁର ଫେରିଆସି ଶାନ୍ତିପୁର ଲୋକବନ୍ଧୁ ଶ୍ରୀ ଅଦ୍ୱୈତାଚାର୍ଯ୍ୟ ।

"ସୋଽହଂ-ସୋଽହଂ—"ଏ ସେହି, ଏ ସେହି, ହରିଦାସ !" ହରିଦାସଙ୍କୁ ଡାକି ଆନନ୍ଦ ଆଗ୍ରହରେ ଘୋଷଣା କଲେ ଶ୍ରୀ ଅଦ୍ୱୈତ ସେ ଦିନ ।

Source: Author, Digitized by PPRACHIN, SOA

ଶ୍ରବଣ ମାତ୍ରେ ହରିଦାସଙ୍କ ଅନ୍ତରରେ କିଏ ଯେପରି ଟୋକେ ଏ ଚମକ ଲଗାଇ ଚମକ୍ରୃତ କରିଦେଲା । ସତେ କଣ ସାର୍ଥକ ହେଲା ତାଙ୍କର ସାଧନା ! ଉଚ୍ଚାଟ ହେଲା, ଉଚ୍ଛନ୍ନ ହେଲା ମନ, ସେହି ସୁଦର୍ଶନ ପୁରୁଷଙ୍କର ଦର୍ଶନ ପାଇଁ ।

ଏ କ'ଣ ସତେ ସେହି ? ସେହି ଗୋଲକବିହାରୀ, ବୃନ୍ଦାବନଚନ୍ଦ୍ର, ନନ୍ଦନନ୍ଦନ ବଂଶୀ ବଦନ କ'ଣ ସତେ ନବଦ୍ୱୀପରେ ଅବତୀର୍ଣ୍ଣ ! ମୁଖରେ 'କୃଷ୍ଣ' ବର୍ଣ୍ଣ ଦ୍ୱୟ ଅହରହ ଉଚ୍ଚାରିତ ହେଉଛି । କୃଷ୍ଣଗୁଣ ନାମ କୀର୍ତ୍ତନ ବର୍ଣ୍ଣନରେ କେତେବେଳେ ନର୍ତ୍ତନ, କେତେବେଳେ ମୂର୍ଚ୍ଛା । ଏ କ'ଣ ସାଧାରଣ ମନୁଷ୍ୟ ପକ୍ଷରେ ସମ୍ଭବ ?

ଚିନ୍ତା କରୁଛନ୍ତି ହରିଦାସ । ମନେ ପଡ଼ିଯାଉଛି ଶ୍ରୀମଦ୍ଭାଗବତର ପ୍ରସଙ୍ଗ ସଙ୍ଗେ ସଙ୍ଗେ । ନବଯୋଗେନ୍ଦ୍ରଙ୍କ ମଧ୍ୟରେ ଅନ୍ୟତମ ଶ୍ରୀକର ଭାଜନ ରାଜା ନିମିଙ୍କ ପ୍ରଶ୍ନର ଉତ୍ତରରେ ଜଗଦୀଶ୍ୱରଙ୍କର ସର୍ବଯୁଗୀୟ ସ୍ତବସ୍ତୁତିର ବିଧାନ ବର୍ଣ୍ଣନା କରି କଳିଯୁଗରେ ନାନାବିଧ ତନ୍ତ୍ରୋକ୍ତ ବିଧାନଯାୟୀ ଉକ୍ତ ଆରାଧନାର ବିଧି ନିର୍ଦ୍ଦେଶ କରିଥିଲେ ।

କୃଷ୍ଣବର୍ଣ୍ଣ ତ୍ୱିଷାକୃଷ୍ଣ ସାଙ୍ଗୋପାଙ୍ଗସ୍ତ୍ର ପାର୍ଷଦମ୍
ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟୈଃ ଯଜନ୍ତି ହି ସୁମେଧସଃ ।

କଳିଯୁଗରେ ନାମଯଜ୍ଞ ହିଁ ପ୍ରଧାନ । ନିମାଇଁ ପଣ୍ଡିତ ସେହି ନାମଯଜ୍ଞର ଯଜ୍ଞେଶ୍ୱର । ସୁଗଠିତ ଅଙ୍ଗଉପାଙ୍ଗରେ ଜଗତ୍ ବିମୁଗ୍ଧ । ଅସ୍ତ୍ରଶସ୍ତ୍ର, ବିପୁଳ ସୈନ୍ୟବଳର ପ୍ରୟୋଜନ ନାହିଁ ଏହି ଯଜ୍ଞର ଅନୁଷ୍ଠାନ ପାଇଁ । ରୂପଲାବଣ୍ୟରେ ସର୍ବଜନ ମାନସକୁ ଜୟକରି ସଂକୀର୍ତ୍ତନ ଯଜ୍ଞରେ ତାଙ୍କୁଛନ୍ତି ଅଶ୍ରୁର ଆହୁତି । ନବଦ୍ୱୀପଚନ୍ଦ୍ର, ନିମାଇଁ ପଣ୍ଡିତ । ହରିଦାସଙ୍କ ମନରେ ସନ୍ଦେହର ଅବକାଶ ନାହିଁ ।

କୃଷ୍ଣନାମ ମୁଖେ ଭରି ଅକୃଷ୍ଣ ବରଣ ଧରି
ଅଙ୍ଗ ପ୍ରତି ଅଙ୍ଗ-ଅସ୍ତ୍ରବଳେ
କଳିରେ କୀର୍ତ୍ତନ ଯାଗ ଆରମ୍ଭିଲେ ମହାଭାଗ
ପୂଜୁଥାନ୍ତି ସୁମେଧା ସକଳେ ।

"ଶ୍ରୀବାସ, ମୁଁ ଆସିଛି ।"

ରୁଦ୍ଧ ଦ୍ୱାର । ପୂଜାକକ୍ଷ ମଧ୍ୟରୁ ଇଷ୍ଟ ନୃସିଂହ ପୂଜାରେ ରତ ଶ୍ରୀବାସ ପ୍ରଶ୍ନ କରୁଛନ୍ତି ।

—"କିଏ ?"

"ମୁଁ ସେଇ !"

"ସେଇ" ? ଶ୍ରୀବାସ ବିସ୍ମିତ ।

"ହଁ, ମୁଁ ସେଇ । ଯାହା ଧ୍ୟାନରେ ତମେ ମଗ୍ନ ରହିଛ, ମୁଁ ସେଇ ।"

ଚମକି ପଡ଼ିଲେ ସେଦିନ ଶ୍ରୀବାସ । ସ୍ୱପ୍ନ ନା ସତ୍ୟ ? ଦ୍ୱାର ଉନ୍ମୋଚନ କରି ଦେଖିଲେ ।

—'ଏ କି ଦୃଶ୍ୟ' ! ଏ ଯେ ନିମାଇଁ ପଣ୍ଡିତ !

* *
*

Source: Author, Digitized by PPRACHIN, SOA

ଶୁଣିଛନ୍ତି ହରିଦାସ ଓ ଅଦ୍ୱୈତାଚାର୍ଯ୍ୟ । ଉଭୟଙ୍କ ଆଗ୍ରହ ଓ ଆନନ୍ଦ ଉଭୟଙ୍କୁ ସ୍ତବ୍ଧ କରିଛି । ନିମାଇଁ ପଣ୍ଡିତ ଆଉ ପୂର୍ବ ନିମାଇଁ ପଣ୍ଡିତ ନୁହନ୍ତି । ବର୍ଣ୍ଣନା କରୁଛି ଜଣେ ନବଦ୍ୱୀପବାସୀ ହରିଦାସ ଓ ଆଚାର୍ଯ୍ୟଙ୍କ ସମୀପରେ ।

ନିମାଇଁ ପଣ୍ଡିତ ଦେହରେ ଏକ ଦିବ୍ୟ ଜ୍ୟୋତି । ଅଭୂତପୂର୍ବ, ଅସାମାନ୍ୟ ସେ ସ୍ୱର୍ଗୀୟ ଆଭା । ଆୟତ ନେତ୍ରର ସେ ପ୍ରଶାନ୍ତ ତୀବ୍ର ଦୃଷ୍ଟି ଅନ୍ତର୍ଭେଦୀ-ଅନ୍ତସ୍ପର୍ଶୀ-ଆତ୍ମାବଶକାରୀ ।

"ଶ୍ରୀବାସ, ମୋର ଅଭିଷେକ କର ।" ବିଷ୍ଣୁଖଟ୍ୱଲି ଅଧିକାର କରି କହିଛନ୍ତି ନିମାଇଁ ପଣ୍ଡିତ ।

ଆଦେଶ ମାତ୍ରେ ଶ୍ରୀବାସ ସପରିବାର ଗଙ୍ଗାଜଳ ତୁଳସୀରେ ଆରମ୍ଭ କରିଦେଲେ ଅଭିଷେକ ।

"ଶ୍ରୀବାସ, ମୁଁ କିଏ ଜାଣ ?" ପ୍ରଶ୍ନ କଲେ ଶ୍ରୀ ଗୌରାଙ୍ଗ ।

ନିରୁତ୍ତର ଶ୍ରୀବାସ ।

"ମୁଁ ସେଇ," ନିଜ ନିଜ ପ୍ରଶ୍ନର ଉତ୍ତର ଦେଉଛନ୍ତି ଶ୍ରୀ ଗୌରାଙ୍ଗ । ମୁଁ ତମ ସମସ୍ତଙ୍କର ଅନ୍ତରାତ୍ମା ! ଜୀବ ଉଦ୍ଧାରଣ ଉଦ୍ଦେଶ୍ୟରେ ମୋର ଆଗମନ ; କେବଳ ପ୍ରେମ ଦ୍ୱାରାହିଁ ମୁଁ ବଶୀଭୂତ କରିବି ସମଗ୍ର ଜଗତକୁ, ବଳଦ୍ୱାରା ନୁହେଁ । ପ୍ରୀତିଦାନ କରି ହରଣ କରିବି ସମସ୍ତଙ୍କର ଦୁଃଖ, ସମସ୍ତ ଗ୍ଲାନି ମାନବ ମନର । ସମସ୍ତ ମଳିନତା । ଈର୍ଷା, ଦ୍ୱେଷ, ଅହଙ୍କାର ମନୁଷ୍ୟ ହୃଦୟର ଯାବତୀୟ ତମ ।

ନବଦ୍ୱୀପରେ ସେତେବେଳେ ଆତଙ୍କ ଖେଳିଯାଇଛି । ବିଧର୍ମୀ ଶାସକର ସୈନ୍ୟ ବଳ ମାଡିଆସୁଛନ୍ତି ନବଦ୍ୱୀପ ଅଭିମୁଖରେ ନିମାଇଁ ପଣ୍ଡିତ ଆଉ ତାର କୀର୍ତ୍ତନିଆ ଦଳକୁ ଶାସ୍ତି ଦେବାପାଇଁ । ଶ୍ରୀବାସ ମଧ୍ୟ ଆତଙ୍କିତ । ସେଥିପାଇଁ ଶୁଣାଇଦେଲେ ନିମାଇଁ ଅଭୟ ବାଣୀ ସମଗ୍ର ନଦିଆବାସୀଙ୍କୁ ଶ୍ରୀବାସଙ୍କ ଜରିଆରେ—"ମୁଁ ଥାଉ ଥାଉ ତମର କେହି ଅଙ୍ଗସ୍ପର୍ଶ କରିପାରିବେ ନାହିଁ । ମୁଁ ସମସ୍ତଙ୍କୁ ବଶୀଭୂତ କରିବି—ପ୍ରେମ ବଳରେ, ଶତ୍ରୁକୁ ସୁଖପାଇ, ଶତ୍ରୁର ମଙ୍ଗଳ କାମନା କରି ।"

ଶ୍ରୀବାସଙ୍କ ମନରୁ ସମସ୍ତ ସନ୍ଦେହ ଦୂରୀଭୂତ କରି ନିମାଇଁ ପଣ୍ଡିତ ପ୍ରମାଣ ଦେଲେ ସେଦିନ ତାଙ୍କର ସେହି ଅଚିନ୍ତ୍ୟ ଅଦ୍ୟାପି ଅସମ୍ଭବ ଶକ୍ତିର ।

ଶ୍ରୀ ଗୌରାଙ୍ଗଙ୍କର ସ୍ପର୍ଶମାତ୍ରେ, ମାତ୍ର ଚାରିବର୍ଷର ଶିଶୁ ଶ୍ରୀବାସଙ୍କର ଭ୍ରାତୃଷ୍ପୁତ୍ରୀ ନାରାୟଣୀ କୃଷ୍ଣ କୃଷ୍ଣ କହି ଆତ୍ମହରା ଅଶ୍ରୁଜଳରେ ପ୍ଲାବିତ ତାର ଗଣ୍ଡମଣ୍ଡଳ ।

ଅନ୍ୟଦିନ ବରାହ ଅବତାର ଆବେଶରେ ହଠାତ୍ ହୁଙ୍କାର ଛାଡି ଉପସ୍ଥିତ ମୁରାରିଗୁପ୍ତ ଗୃହରେ । ଶକ୍ତି ଆବେଶ ନୁହେଁ, ମୂର୍ତ୍ତି ପ୍ରକାଶ । ମୁରାରିଗୁପ୍ତ ସେ ରୂପ ଦେଖି ସ୍ତବ୍ଧ । ଦଶନ ଶିଖରୀରେ ଲଗ୍ନ ଧରଣୀ ସାକ୍ଷାତ ବରାହ ମୂର୍ତ୍ତି । ଶ୍ରୀଗୌରାଙ୍ଗଙ୍କର ଆଭାସ ମଧ୍ୟ ନାହିଁ । ପ୍ରତ୍ୟକ୍ଷ କଲେ ମୁରାରି ।

Source: Author, Digitized by PPRACHIN, SOA

ବରାହ ମୂର୍ତ୍ତି ଧରି ଶ୍ରୀଗୌରାଙ୍ଗ ବରାଭୟ ବାଣୀ ଶୁଣାଇ ଦେଉଛନ୍ତି "ବାଦ୍‌ଶାହର ସୈନ୍ୟ ସମାବେଶ ଗଙ୍ଗାର ଅପର ପାର୍ଶ୍ୱରେ । ଅକାରଣ ଭୟ । ନିଶ୍ଚିନ୍ତ ହୁଅ ! ତମର କେହି କୌଣସି କ୍ଷତି କରି ପାରିବେ ନାହିଁ ।"

ମୁରାରି ଗୁପ୍ତ ବରାହ-ଭଗବାନ-ରୂପୀ ଶ୍ରୀଗୌରାଙ୍ଗଦେଶରେ ବେଦରାଢ଼ୀ ଗୁଢ଼ ପ୍ରେମ ଧର୍ମରେ ଏବେ ଦୀକ୍ଷିତ ।

ଏ ସମ୍ବାଦ ଶୁଣି ଆନନ୍ଦରେ ବିଭୋର ଉଭୟେ, ହରିଦାସ ଓ ଶ୍ରୀ ଅଦ୍ୱୈତ ।

"ପ୍ରଭୁ ! ମୁଁ କଣ ଗୌରସାନ୍ନିଧ୍ୟସୁଖରୁ ବଞ୍ଚିତ ହେବି ?" ପ୍ରଶ୍ନକଲେ ହରିଦାସ । ବାରମ୍ବାର ପ୍ରଶ୍ନ କରୁଛନ୍ତି । ମାତ୍ର ଅଦ୍ୱୈତାଚାର୍ଯ୍ୟ ଗମ୍ଭୀର । କୌଣସି ନିର୍ଭର ପ୍ରତିଶ୍ରୁତି ନାହିଁ । ତଥାପି ଅସ୍ୱୀକାର କରିପାରୁନାହାନ୍ତି ।

ଶ୍ରୀବାସ-ଅଙ୍ଗନରେ ହରିଦାସ । ଆଚାର୍ଯ୍ୟଙ୍କ କୃପାବଳରେ । ସମ୍ମୁଖରେ ମହାପ୍ରଭୁ । ହରିଦାସ ସତେ ଯେପରି ସ୍ୱପ୍ନ ଦେଖୁଛନ୍ତି ! ଯୁଗଯୁଗର ସଙ୍କଳ୍ପିତ କଳ୍ପନା ଯେପରି ରୂପ ଧରି ଉଭା ହୋଇଛି ସାକ୍ଷାତରେ । କଳ୍ପନା ଓ ବାସ୍ତବର ସମାସରେ ହରିଦାସ ଯେପରି ଲୁପ୍ତ ମଧ୍ୟପଦ । ହରିଦାସ ଆତ୍ମହରା ।

ସାଷ୍ଟାଙ୍ଗ ପ୍ରଣାମ କରି ଲୋଟି ହୋଇପଡ଼ିଲେ ହରିଦାସ ଶୁଷ୍କ କଠିଣ ଭୂମି ଉପରେ ।

ସର୍ବାଙ୍ଗରେ ସେ କି ଅପୂର୍ବ ପୁଲକର ସଞ୍ଚାର ! ଯେପରି ମୃତ ଗୋଟାଏ ଅବୟବରେ କିଏ ନୂତନ ପ୍ରାଣ ପ୍ରତିଷ୍ଠା କରିଦେଲା । ସ୍ୱପ୍ନୋତ୍‌ଥିତ ବ୍ୟକ୍ତି ପରି ସେ ଭୂମିରୁ ଉଠି ନିରୀକ୍ଷଣ କଲେ ଶ୍ରୀ ଗୌରାଙ୍ଗଙ୍କର ଅନୁପମ ରୂପ ଲାବଣ୍ୟକୁ ।

ଆଜାନୁଲମ୍ବିତ ବାହୁ, କମଳାୟତେକ୍ଷଣ, କନକଗଳଦଗାତ୍ର ନିରୀକ୍ଷଣ କରି ହରିଦାସ ଭାବବିହ୍ୱଳ ହୋଇ ପଡ଼ିଲେ ।

"ଏ ସେହି—ଏ ସେହି" ଅନ୍ତରର ଅଭ୍ୟନ୍ତରରେ ମନ୍ତ୍ରବତ୍ ବାରମ୍ବାର ଧ୍ୱନିତ ହେବାରେ ଲାଗିଲା । ଏ ପୀତବର୍ଣ୍ଣିଳ ଉଜ୍ଜ୍ୱଳ ଅଙ୍ଗକାନ୍ତି ହିଁ ତାର ପ୍ରମାଣ ।

ମନେ ପଡ଼ିଗଲା ଦ୍ୱାପରରେ ଗର୍ଗଙ୍କର ବାଣୀ । ଭୂତ, ଭବିଷ୍ୟ, ବର୍ତ୍ତମାନ କାଳରେ ଭଗବାନଙ୍କର ରୂପଛଟା, ଅଙ୍ଗକାନ୍ତିର ବର୍ଣ୍ଣନା ।

ଆସନ୍ ବର୍ଣ୍ଣାସ୍ତ୍ରୟୋ ହ୍ୟସ୍ୟ ଗୃହ୍ଣତୋଽନୁ ଯୁଗଂ ତନୂଃ
ଶୁକ୍ଳୋରକ୍ତସ୍ତଥା ପୀତ ଇଦାନୀଂ କୃଷ୍ଣତାଂ ଗତଃ [ଶ୍ରୀମଦ୍‌ଭାଗବତ]

ଶ୍ୱେତ ଶୋଣିତ ପୀତ ଶ୍ୟାମ
ଯୁଗକୁ ଯୁଗ ଅନୁପମ ॥ [ଭା:ଜ:]

ସତ୍ୟରେ ଶ୍ୱେତ, ତ୍ରେତୟାରେ ରକ୍ତ, ଦ୍ୱାପରରେ ଶ୍ୟାମ, ଅତଏବ କଳିରେ ପୀତବର୍ଣ୍ଣ ହିଁ ଯଥାର୍ଥ ବର୍ଣ୍ଣ, ଭଗବାନଙ୍କର । ଦ୍ୱିଧା ରହିଲା ନାହିଁ ହରିଦାସଙ୍କ ମନରେ ।

ପୁଣି ଏକ ଅସାଧାରଣ ଆଚରଣ ମହାପ୍ରଭୁ ଶ୍ରୀ ଗୌରାଙ୍ଗଙ୍କର । ଆଚାର୍ଯ୍ୟଙ୍କ ବରାଭୟର ସଫଳତା ପ୍ରମାଣ କରିବାପାଇଁ ସତେ ଯେପରି ମହାପ୍ରଭୁ ସ୍ୱହସ୍ତରେ ଆସନ

Source: Author, Digitized by PPRACHIN, SOA

ପାଣ୍ଡ ଦେଉଛନ୍ତି ହରିଦାସଙ୍କ ପାଇଁ । ନିଜର ତତ୍ତ୍ୱାବଧାନରେ ଭୂରି ଭୋଜନ କରାଇ ପରିତୃପ୍ତ ହରିଦାସଙ୍କୁ ମାଲ୍ୟଚନ୍ଦନ ଅର୍ପଣ କରୁଛନ୍ତି ତଦନନ୍ତର ।

ହରିଦାସଙ୍କ ମନରେ ସନ୍ଦେହର ସାମାନ୍ୟ ଗନ୍ଧ ମଧ୍ୟ ନାହିଁ । କିନ୍ତୁ ବୈଷ୍ଣବାଗ୍ରଣ୍ୟ ପଣ୍ଡିତାଗ୍ରଗଣ୍ୟ ଶ୍ରୀମଦ୍ ଅଦ୍ୱୈତାଚାର୍ଯ୍ୟଙ୍କ ମନରେ ତଥାପି ଦ୍ୱିଧା । ତଥାପି ଅବିଶ୍ୱାସ । ନିଜେ ଯେପରି ଅଦ୍ୱୈତ ହୋଇ ମଧ୍ୟ ଦ୍ୱୈତ ।

ଚଟ୍ଟଗ୍ରାମରୁ ଆସିଥିଲେ ପୁଣ୍ଡରୀକ ବିଦ୍ୟାନିଧି । ତାଙ୍କର ଦ୍ୱିତୀୟ ନିବାସ ସ୍ଥଳୀ ନବଦ୍ୱୀପକୁ । ଗୃହସ୍ଥ ମିଳନର ବହୁପୂର୍ବେ ଏହି ବିଦ୍ୟାନିଧିଙ୍କ ନାମ ଉଚ୍ଚାରଣ କରିଛନ୍ତି ମହାପ୍ରଭୁ । ଅଶ୍ରୁବର୍ଷଣ ସହ ।

ପୁଣ୍ଡରୀକ ବିଦ୍ୟାନିଧି ଶ୍ରେଷ୍ଠ ଭକ୍ତପଣେ
ନାମ ଯେନ ଯାର ପ୍ରଭୁ କାନ୍ଦିଲେ ଆପଣେ । [ବୈଷ୍ଣବ ବନ୍ଦନା]

ଅଗୋଚର ନାହିଁ ଅଦ୍ୱୈତଙ୍କୁ । ଆଜି ସେହି ପୁଣ୍ଡରୀକ ବିଦ୍ୟାନିଧି ନବଦ୍ୱୀପରେ । ମହାପ୍ରଭୁଙ୍କର ସମ୍ମୁଖରେ । ବିଳାସୀ ବିଦ୍ୟାନିଧି କଳିଯୁଗର ଜନକ ମହର୍ଷି । ଆସିଛନ୍ତି ଗୌର ଦର୍ଶନରେ ଉପଯୁକ୍ତ ପରିଧାନ ପରିହିତ ପାନ ଦରିଦ୍ର ବେଶରେ ।

ଦେଖିବାମାତ୍ରେ ମହାପ୍ରଭୁ ମହାବାହୁ ପ୍ରସାରଣ କରି ଆବଦ୍ଧ କରି ଧରିଛନ୍ତି ଭୁଜବନ୍ଧନରେ, ବକ୍ଷ ସ୍ଥଳରେ ।

ଗଦାଧରଙ୍କ ମନରେ ଜାଗିଛି ବିତୃଷ୍ଣା ବିଦ୍ୟାନିଧିଙ୍କର ବିଳାସୀ ଜୀବନ ଅବଲୋକନ କରି । ଗଦାଧରଙ୍କ ଅନ୍ତରର ଭ୍ରାନ୍ତି ସଙ୍ଗେ ସଙ୍ଗେ ଅବଗତ ହେଲେ ଅନ୍ତର୍ଯ୍ୟାମୀ ମହାପ୍ରଭୁ

ଦିନାନ୍ତରେ ହଠାତ୍ ମହାପ୍ରଭୁଙ୍କର ଦୃଷ୍ଟିପଥାରୂଢ଼ ହେଲେ ନନ୍ଦନପର ଗଦାଧର । ଗଦାଧର ଗୌରଙ୍କ ଏକପ୍ରାଣ । କାୟାର ଛାୟା । ମହାପ୍ରଭୁଙ୍କଠାରେ ନିବେଦନ କଲେ ଗଦାଧର—"ବହୁ ପାଷାଣ ପ୍ରାଣରେ ପୀୟୂଷ ସଞ୍ଚରିତ ହେଲା ପ୍ରଭୁଙ୍କ କୃପାରେ । ଗଦାଧର କଣ ବଞ୍ଚିତ ହେବ ସେ ସୁଖରୁ ? ତିଳାର୍ଦ୍ଧେକ କୃଷ୍ଣପ୍ରେମ ଜାଗିଲା ନାହିଁ ମୋ ହୃଦୟରେ ।"

"କୃଷ୍ଣ ଅବଶ୍ୟ କୃପା କରିବେ ।" ଉତ୍ତର ଦେଲେ ମହାପ୍ରଭୁ ।

ମହାପ୍ରଭୁଙ୍କର ଏ ଆଶୀର୍ବଚନ ଆଣିଦେଲା ଗଦାଧରଙ୍କ ଜୀବନରେ ଏକ ନୂତନ ପ୍ରସ୍ଥ । "କୃଷ୍ଣ କୃଷ୍ଣ" ବୋଲି ନୃତ୍ୟ ଆରମ୍ଭ କରିଦେଲେ ଗଦାଧର । ବିଦ୍ୟାନିଧିଙ୍କଠାରେ କ୍ଷମାଭିକ୍ଷା କରି ଦୀକ୍ଷା ଗ୍ରହଣ କଲେ । ତାଙ୍କୁ ଗୁରୁପଦରେ ବରଣ କରି ମହାପ୍ରଭୁଙ୍କ ନିର୍ଦ୍ଦେଶରେ ।

କେବଳ ପୁଣ୍ଡରୀକ ନୁହନ୍ତି, ତୀର୍ଥାଟନର ଅଭିମାନ ଘେନି ଆସିଲେ ମହାପ୍ରଭୁଙ୍କର କୃପାଭିକ୍ଷା କରି ଶୁକ୍ଳାମ୍ବର ବ୍ରହ୍ମଚାରୀ । ଅନ୍ୟ ଏକ ଦିନର କଥା ।

"ଦାମ୍ଭିକର କୃଷ୍ଣପ୍ରେମ ଲାଭ ବିଡ଼ମ୍ବନା"—ଉତ୍ତର ଦେଲେ ମହାପ୍ରଭୁ । "ତୀର୍ଥରେ କୁକ୍କୁର, ଶୃଗାଳ ମଧ୍ୟ ଅଧିବାସ ।"

Source: Author, Digitized by PPRACHIN, SOA

ଏ ଧିକ୍କାରରେ ଶୁକ୍ଳାମ୍ବରଙ୍କର ପ୍ରାଣ ହାହାକାର କରଉଠିଲା । ଅତ୍ୟନ୍ତ ଅନୁତାପ୍ତ ହୋଇ କାତର ପ୍ରାର୍ଥନା କଲେ ପ୍ରଭୁ ପଦରେ କ୍ଷମାଭିକ୍ଷାପୂର୍ବକ ।

କ୍ଷମା ମିଳିବା ସଙ୍ଗେ ସଙ୍ଗେ ଦୁଇବାହୁ ଟେକି "ହରି ହରି" କହି ନାଚଉଠିଲେ ଶୁକ୍ଳାମ୍ବର ।

ଅଦ୍ଵୈତଙ୍କୁ ଅଗୋଚର ନ ଥିଲା ସେ କଥା । ତଥାପି ଯେପରି କେଉଁ ଗଭୀରତମ ପ୍ରଦେଶରେ ଗୋଟାଏ ସନ୍ଦେହର ଅନ୍ଧକାର ଆଚ୍ଛନ୍ନ କରିଦିଏ ମନକୁ । କେବେ କେବେ । କାହିଁକି ଏ ସନ୍ଦେହ ? ନିଜେ ତାର କାରଣ ଖୋଜି ପାଇବା ଅଦ୍ଵୈତଙ୍କ ପକ୍ଷରେ ଦୁଃସାଧ୍ୟ ।

*

* *

ହରିଦାସ କିନ୍ତୁ ନିଃସନ୍ଦେହ । ତଥାପି ବିକ୍ଷୁବ୍ଧ । ଅନ୍ତରେ ଅନ୍ତରେ ଗୋଟାଏ ଅଭାବର ଅନୁଭୂତି । ଭୂରିଦାତା ଗୌରହରିଙ୍କର ସଂକୀର୍ତ୍ତନ ପଦ୍ମମଧୁ ପାନକରି ମଧ୍ୟ ସାଧ ମେଣ୍ଟୁ ନାହିଁ । ସମ୍ଭବତଃ ପାନପାତ୍ରର ଅବର୍ତ୍ତମାନତା ହେତୁ । ଆଶୟ ବିନା ବିଷୟ ଭୋଗ ଯେପରି ଅସମ୍ପୂର୍ଣ୍ଣ ।

ହରିଦାସଙ୍କ ଅନ୍ତରର ଖେଦ ଅନ୍ତର୍ଯ୍ୟାମୀ ଶ୍ରୀ ଗୌରାଙ୍ଗଙ୍କର ଅଗୋଚର ନୁହେଁ । ତେଣୁ ଆଦେଶ ହେଲା ନବଦ୍ଵୀପପୁରନ୍ଦର ଗୌରଚନ୍ଦ୍ରଙ୍କର, ହରିଦାସ ଓ ଶ୍ରୀବାସଙ୍କ ପ୍ରତି ! "ଆବିଷ୍କାର କର ! ନବଦ୍ଵୀପରେ ଅଦ୍ୟ ମହାପୁରୁଷଙ୍କର ଆବିର୍ଭାବ ।"

ସେ ଏକ ଅସାଧ୍ୟ ସାଧନା । ମହାପୁରୁଷଙ୍କର ସନ୍ଧାନ ଉଭୟଙ୍କ ପକ୍ଷରେ ନବଦ୍ଵୀପର ପ୍ରତି ପୁରପ୍ରାଙ୍ଗଣରେ ପୁଙ୍ଖାନୁପୁଙ୍ଖ, ସୁଶୃଙ୍ଖଳ ସର୍ବପ୍ରକାର ଅନ୍ଵେଷଣ ବ୍ୟର୍ଥ । ଅଗତ୍ୟା ସ୍ଵୟଂ ମହାପ୍ରଭୁ ପ୍ରସ୍ତୁତ ହେଲେ ଏହି ନବାଗତ ଅଜ୍ଞାତ ମହାପୁରୁଷଙ୍କର ଅନୁସନ୍ଧାନ ଅର୍ଥେ ।

ମହାପୁରୁଷ ସେ କେବଳ ନୁହନ୍ତି । କ୍ଷର ଅକ୍ଷରର ଅତୀତ ପୁରୁଷୋତ୍ତମଙ୍କର ଏକ ପର୍ଯ୍ୟାୟ ସେ ।

ମହାପ୍ରଭୁଙ୍କୁ ଅବିଦିତ ନଥିଲା ଏହି ମହାପୁରୁଷଙ୍କର ଆତ୍ମଗୋପନ ସ୍ଥାନ । ଅଗୋଚର ନ ଥିଲା ଏହି ମାୟାବତାରଙ୍କର ପ୍ରକୃତ ପରିଚୟ । ଅନୁସନ୍ଧାନର ଆଦେଶ ଛଳନା ନୁହେଁ । ଲୀଳାର ପରିପୁଷ୍ଟି ପାଇଁ ଏହି ଚତୁରତା ଅବଲମ୍ବନ ମାତ୍ର । ଏହି ମହା ଅବତାରର ନିଗୂଢ଼ତ୍ଵ; ନିଗୂଢ଼ ତତ୍ତ୍ଵ ଜଗତ ସମକ୍ଷରେ ପ୍ରତିଭାତ କରାଇବା ଯେପରି ଏ ଅନ୍ଵେଷଣର ଗୂଢ଼ ଉଦ୍ଦେଶ ।

ସେ ଆବିଷ୍କାର କି ରୋମାଞ୍ଚକର ! ସେ ମିଳନ କି ପୁଲକାଞ୍ଚିତ !

Source: Author, Digitized by PPRACHIN, SOA

ଅପ୍ରତ୍ୟାଶିତ ଭାବରେ ମହାପ୍ରଭୁ ନନ୍ଦନ ଆଚାର୍ଯ୍ୟଙ୍କ ନିଳୟରେ ଉପସ୍ଥିତ । ସତେ ଯେପରି କେଉଁ ଏକ ମନ୍ତ୍ରର ଆକର୍ଷଣୀ ଶକ୍ତି ସ୍ୱୀୟ ପ୍ରଭାବରେ ଟାଣି ଆଣିଛି ମହାପ୍ରଭୁଙ୍କୁ । ହିଁ ମନ୍ତ୍ର । ଗୌରବଶୀକରଣ ମନ୍ତ୍ର ସେ ।

ସମୁଦ୍ର ଆକର୍ଷଣ କରେ ସ୍ରୋତସ୍ୱିନୀର ସ୍ରୋତକୁ । ଆଜ ସମୁଦ୍ରକୁ ଆକର୍ଷଣ କରୁଛି ସ୍ରୋତସ୍ୱିନୀ ।

ସ୍ରୋତ ଓ ସାଗର ଅଭିନ୍ନ, ଏକ ।

ନନ୍ଦନ ଆଚାର୍ଯ୍ୟଙ୍କ ଅନ୍ତଃପୁରରେ ଯେପରି ନିଜେ ଅନନ୍ତ ଅନନ୍ତ ଗ୍ରୀବାରେ ଅପେକ୍ଷମାଣ । ହଠାତ୍ କର୍ଣ୍ଣଗୋଚର ହେଲା କାହାର ମୁଖୋଦ୍‌ଗୀର୍ଣ୍ଣ ଧ୍ୱନି—'ହରି ବୋଲ ।'

ହରିଧ୍ୱନି ନୁହେଁ, ସହସ୍ରଶୀର୍ଷ ଶେଷନାଗର ଜାଗରଣ ପାଇଁ ଯେପରି କେଉଁ ଖେଳାଳୀର ପଦ୍ମତୋଳା ପଦ ସେ ।

'ଶେଷଶାୟୀ ସଙ୍କର୍ଷଣ, ଅବତାରୀ ନାରାୟଣ ଯାର ଅଂଶ କଳାରେ ଗଣନା', ସେହି କୃପାସିନ୍ଧୁ, ଭକ୍ତିଦାତା, ଜଗତର ହିତକର୍ତ୍ତା ରୋହିଣୀନନ୍ଦନ ବଳରାମଙ୍କର ପରପ୍ରକାଶ ସ୍ୱୟଂ ନିତ୍ୟାନନ୍ଦ, ନନ୍ଦନ ଆଚାର୍ଯ୍ୟଙ୍କର ନିଭୃତ ନିଳୟରେ । ସେ ପଦ୍ମତୋଳା ଶ୍ରବଣ ମାତ୍ରେ ଅସ୍ଥିର, ଚଞ୍ଚଳ । ଚଞ୍ଚଳ ହୋଇଉଠିଲା ଯୋଗାରୂଢ ସନ୍ନ୍ୟାସୀର ଚିତ୍ତ । ଦ୍ରବୀଭୂତ ସମସ୍ତ ଅବୟବ । କ୍ଷଣ କ୍ଷଣକେ ସ୍ତମ୍ଭ ପୁଲକ ଓ କମ୍ପ । ଅଭିନ୍ନ ଚୈତନ୍ୟତନୁ ନିତ୍ୟାନନ୍ଦଙ୍କର ।

"ହରିବୋଲ, ହରିବୋଲ" ଧ୍ୱନି ଉଠିଲା ନନ୍ଦନ ଆଚାର୍ଯ୍ୟଙ୍କ ନିଳୟରୁ ମହାପ୍ରଭୁଙ୍କ ସ୍ୱର ସହିତ ସ୍ୱର ମିଳାଇ ।

ମନେ ପଡ଼ିଗଲା ନିତ୍ୟାନନ୍ଦଙ୍କର, ବୃନ୍ଦାବନରେ ଶ୍ରୀପାଦ ଈଶ୍ୱରପୁରୀଙ୍କ ବାଣୀ ।

"ମୁଁ ଖୋଜୁଛି ସେହି ପ୍ରେମମୟ କଳେବର କୃଷ୍ଣକଳାକରଙ୍କୁ", ଉତ୍ତର ଦେଇଥିଲେ । ନିତ୍ୟାନନ୍ଦ ଈଶ୍ୱରପୁରୀଙ୍କ ପ୍ରଶ୍ନରେ ।

"ବୃନ୍ଦାବନେଶ୍ୱର ଶ୍ରୀକୃଷ୍ଣ ଏବେ ନବଦ୍ୱୀପରେ ଶଚୀସୁତ ଗୌରଚନ୍ଦ୍ର ।" ନିର୍ଦ୍ଦେଶ ଦେଲେ ଶ୍ରୀଳ ଈଶ୍ୱରପୁରୀ ।

"ଏ ସେଇ, ଏ ସେଇ", ଚିତ୍କାର କରି ଉଠିଲା ନିତ୍ୟାନନ୍ଦଙ୍କର ପ୍ରାଣ । 'ହରି ବୋଲ, ହରିବୋଲ', କଳରୋଳରେ ଆକାଶ ମେଦିନୀ ପ୍ରକମ୍ପିତ କରି ଦ୍ରୁତ ପଦକ୍ଷେପରେ ବହିର୍ଭୂତ ହେଲେ ନିତ୍ୟାନନ୍ଦ ଅନ୍ତଃପୁରରୁ ।

ଆଉ କଣ ଆତ୍ମଗୋପନ ସମ୍ଭବ ଏ ଆହ୍ୱାନ ପରେ ? ଏ ଯେ ତାଙ୍କ ପ୍ରାଣର ପ୍ରାଣ, ଜୀବନର ଦୋସର, ଚିର ଆରାଧ୍ୟ ଦେବତାଙ୍କର ଆହ୍ୱାନ । ଏ ଆକର୍ଷଣ ଅପ୍ରତିହତ । ଅଲଙ୍ଘନୀୟ ତାର ନିର୍ଦ୍ଦେଶ ।

Source: Author, Digitized by PPRACHIN, SOA

ଆଶ୍ଚର୍ଯ୍ୟ ନନ୍ଦନଙ୍କର ନିଳୟ । ମହାମିଳନର ସଙ୍କେତ ସ୍ଥଳ । ବିଷୟ ଓ ଆଶୟର ସମାବେଶ । ଦ୍ୱୈତ ଓ ଅଦ୍ୱୈତର ସମନ୍ୱୟ । ନିତ୍ୟାନନ୍ଦ ଓ ଗୌରଚନ୍ଦ୍ରଙ୍କର ସଂଯୋଗ । ଶ୍ରୀ ନନ୍ଦନନ୍ଦନ ଗୋପୀଜନବଲ୍ଲଭ ରାଧା ନାୟକ ନାଗରଶ୍ୟାମ ଓ ହଳଧର ବଳରାମଙ୍କର ଏକାନ୍ତ ବିଜୟ ।

ବୃନ୍ଦାବନ ଓ ନଦିୟା । ଗୋଟିଏ ଲୀଳାର ଦୁଇଟି ଦୃଶ୍ୟ । ବରଂ ଗୋଟିଏ ଦୃଶ୍ୟର ଦୁଇଟି କୋଡ଼ । ପ୍ରଥମରେ ଆଲମ୍ବନ ବଂଶୀସ୍ୱନ; ଦ୍ୱିତୀୟରେ ନାମସଂକୀର୍ତ୍ତନ । ପ୍ରଥମେ ରାଧେଶ୍ୟାମ, ଦ୍ୱିତୀୟରେ ନିତାଇଗୌରାଙ୍ଗ ।

ନିତାଇ ମନ୍ତ୍ର, ଗୌର ସମ୍ପୁଟ । ନିତାଇ ଭାବ, ଗୌର ବିହ୍ୱଳତା । ନିତାଇ ଭାଷ୍ୟ, ଗୌର ତତ୍ତ୍ୱ ।

ଗୌର ବୀଜ, ନିତାଇ ମନ୍ତ୍ର । ଗୌର ନ୍ୟାସ, ନିତାଇ କବଚ । ଗୌର ନାମ, ନିତାଇ ପ୍ରେମ । ଗୌର ସାଧ୍ୟ, ନିତାଇ ସାଧନ ।

ଗୌର ନାଗର, ନିତାଇ ନାଗରୀ । ବିବର୍ତ୍ତରେ ନିତାଇ ନାଗର, ଗୌର ନାଗରୀ ।

କି ଅପୂର୍ବ ମିଳନ ! ଏ ମିଳନର ଆଶ୍ଳେଷ ଅଶ୍ରୁଜଳରେ । ଅଶ୍ରୁଜଳରେ ନୁହେଁ; ତରଳ ହୃଦୟର ଉଚ୍ଛଳ ଉଚ୍ଛ୍ୱାସରେ । ମଦାଳସ ଲାଳସାର ସାବଲୀଳ ଆବେଗରେ ।

ନିତାଇ ଗୌରାଙ୍ଗ !

ଆଗ୍ରହର ଅବସାନ ସଙ୍ଗେ ସଙ୍ଗେ ଉଭୟେ ନିର୍ବାକ୍, ନିଷ୍ପନ୍ଦ, ଚିତ୍ରାର୍ପିତ ।

ସ୍ଫୁର୍ତ୍ତି ରହିତ ମୂର୍ତ୍ତି—ପାଦ ଓ ପାଣି, ଭଙ୍ଗି ଓ ଠାଣି, ଦୃଷ୍ଟି ଓ ବାଣୀ । ସ୍ଥିର ।

ଉଭୟେ ଉଭୟର ବଶୀଭୂତ । ଉଭୟଙ୍କ ଶରୀରରେ ସାତ୍ତ୍ୱିକ ବିକାର । ବିକାରର ବିନିମୟ । ପରସ୍ପର ଆଦାନ ପ୍ରଦାନରେ ଆହରିତ ବିକାର ଫଳରେ ଉନ୍ମିଳିତ ମିଳନ ।

ବ୍ରଜଲୀଳାର ଅଭୁକ୍ତ ଭୋଗାବଶେଷ ଭୋଗକରିବାର ଲାଳସାରେ ଲୀଳାୟିତ ଗୌର ଅବତାର । ରସବିଗ୍ରହଙ୍କର ଭାବବିଭାବରେ ବ୍ରଜବିହାରୀଙ୍କର ନବଦ୍ୱୀପ ଆବିର୍ଭାବ । ନାୟିକା ଭାବରେ ନାୟକର କାୟା ।

ଆଜି ବ୍ରଜରେ ଅପୂର୍ଣ୍ଣ ସାଧର ପରିପୂର୍ତ୍ତି ଅବସରରେ ମହୋତ୍ସବର ଶୁଭାଧିବାସ ।

ଶ୍ରୀରାଧାଙ୍କ ପ୍ରେମର ପରଖ ଗୌରଅଙ୍ଗନିକଷରେ । ଶୁଦ୍ଧ ସ୍ୱଚ୍ଛ କନକକାନ୍ତିର ପୃଷ୍ଠ ଦିଆ କୃଷ୍ଣ କଳେବରରେ ।

ସେ ପ୍ରେମର ମଧୁରତା ଆସ୍ୱାଦିତ ହେବ ରସ-ଲାଳସୀ ରାଧାଭାବବିଭାବିତ ବିଦଗ୍ଧ ହୃଦୟରେ ।

ସେ ରସ ଆସ୍ୱାଦନରେ ବିଭୋର ପ୍ରାଣର ପ୍ରକୃଷ୍ଟ ପରିଚୟ ଶ୍ରୀ ଗୌରାଙ୍ଗଙ୍କର ଚୈତନ୍ୟ ପ୍ରକାଶ ।

ସେହି ଅପୂର୍ବ ଅବର୍ଣ୍ଣନୀୟ ଦୃଶ୍ୟ ଦେଖି ନିତାଇ ଆତ୍ମହରା ।

Source: Author, Digitized by PPRACHIN, SOA

ହରିଦାସ ଦେଖୁଛନ୍ତି—ସମ୍ମୁଖରେ ନିତାଇ ଗୌରାଙ୍ଗ ଯୁଗଳ ମୂର୍ତ୍ତି । ଭଗବତ୍-ପ୍ରେମ ଅନନ୍ତ ଭାବର ମୂର୍ତ୍ତ ବିଗ୍ରହ । ନିଜ ସୌଭାଗ୍ୟର ସୀମା ନିର୍ଦ୍ଧାରଣ କରିବାକୁ ଯାଇ ସାଗର ପରିମାପକାରୀ ଲବଣ ପିତୁଳାର ତୁଲ୍ୟ ଅବସ୍ଥା ହରିଦାସଙ୍କର । ଏତେ ଦିନେ ତାଙ୍କର ସଂକଳ୍ପ ସିଦ୍ଧ ହୋଇଛି । ଭାବ ସାଗରରେ ଆପାଦମସ୍ତକ ନିମଜ୍ଜମାନ । ନିଜକୁ ନିଜେ ଖୋଜି ପାଇପାରୁନାହାନ୍ତି । ଏତଦ୍ଦିନେ ସତେ ଯେପରି ସେ ଗୌରଲୀଳାରସ ଆସ୍ୱାଦନ ପାଇଁ ଅଙ୍ଗପ୍ରସ୍ଥିତ କୋଟି କୋଟି ଶକ୍ତିସମ୍ପନ୍ନ ରସନାର ଅଧିକାରୀ ହୋଇଛନ୍ତି ନିତ୍ୟାନନ୍ଦଙ୍କୁ ଲାଭକରି ।

ସମ୍ବାଦ ପାଇ ଧାଇଁ ଆସିଲେ ଶ୍ରୀ ଅଦ୍ୱୈତାଚାର୍ଯ୍ୟ ନନ୍ଦନ-ଭବନକୁ ।

ଏ କି ମୂର୍ତ୍ତି !

ସ୍ତମ୍ଭୀଭୂତ ଶ୍ରୀ ଅଦ୍ୱୈତାଚାର୍ଯ୍ୟ ନିତ୍ୟାନନ୍ଦଙ୍କର ଅବଧୂତ ରୂପ ଦେଖି । ରୂପ ନୁହେଁ । ବେଶ ନୁହେଁ । ବେଶ-ବିନ୍ୟାସ-ବିହୀନ କେବଳ ଗୋଟାଏ ଆବେଶ ମାତ୍ର । ଗୋରା ରସରେ ଗଠିତ କଳେବର ।

ଟଳ ଟଳ ଉଚ୍ଛଳ ଗୋଟାଏ ଭାବର ତରଳତା । ସନ୍ନ୍ୟାସୀ ହୋଇ ମଧ୍ୟ ସେ ଯେପରି ନୂତନ ଏକ ସ୍ୱର୍ଗପୁରୀର ପୁରନ୍ଦର । ଗୌରାଙ୍ଗପ୍ରଣୟ ରସମୟ ପ୍ରେମ ରାଜ୍ୟ । ସେ ପ୍ରଣୟରସବିଳାସରେ ବିଲୋଳ ନୟନ କି ମନୋମୁଗ୍ଧକର !

ସେ ଈକ୍ଷଣ ଯେପରି ଏକ ଅନିର୍ବାଣ ପ୍ରଦୀପ । ସେ କୃପା ଦୃଷ୍ଟିପାତ ମାତ୍ରେ ସତେ ଯେପରି ଏକ ନୂତନ ଦର୍ଶନ ଶକ୍ତି ପ୍ରାପ୍ତି ହୁଏ ଦୃଷ୍ଟିପଥାରୂଢ଼ ବ୍ୟକ୍ତିର ।

ଅଦ୍ୱୈତାଚାର୍ଯ୍ୟ ମଧ୍ୟ ପ୍ରାପ୍ତ ହୋଇଛନ୍ତି ଏକ ନୂତନ ଦୃଷ୍ଟି । ଶତ ଶତ ଶକ୍ତି-ସମ୍ପନ୍ନ ଏକ ତୃତୀୟ ନେତ୍ର । ସେ ଚକ୍ଷୁ ବିନା ଯେପରି ଗୌର ଅବତାରର ପ୍ରକୃତ ରୂପ ସହିତ ପରିଚିତ ହେବାର ସମ୍ଭାବନା ସୁଦୂର-ପରାହତ !

ନିତ୍ୟାନନ୍ଦଙ୍କ ଜ୍ୟୋତିର ଦ୍ୟୁତିରେ ସେ ନିଜକୁ ନୂତନ ଭାବରେ ଆବିଷ୍କାର କରୁଛନ୍ତି । ତାଙ୍କ ଭିତରେ ଆଉ ଅଦ୍ୱୈତ ବୋଲି ସ୍ୱତନ୍ତ୍ର ପୁରୁଷ କେହି ନାହିଁ । ତାଙ୍କର ଅଦ୍ୱୈତତ୍ୱ ନିତ୍ୟାନନ୍ଦଙ୍କ ସହ ଏକାତ୍ମଭାବର, ଅଦ୍ୱୈତସ୍ଥିତିରୁହିଁ ଉଦ୍ଭୂତ । "ନିତ୍ୟାନନ୍ଦ ସହାଦ୍ୱୈତତ୍ତୋଽଦ୍ୱୈତ ନାମା ।"

ହରିଦାସଙ୍କର ଚିନ୍ତା ଦୂରୀଭୂତ ହୋଇଛି । ହରି-ପୁରଟ-ସୁନ୍ଦର-ଦ୍ୟୁତି-କଦମ୍ବ-ସନ୍ଦୀପିତ ଶ୍ରୀ ଶ୍ରୀ ଶଚୀନନ୍ଦନଙ୍କର ଅସୀମ ରସ ନିର୍ଯ୍ୟାସକୁ ସଂପୁଟିତ କରି ଅସହାୟ ଅଶକ୍ତ ଜୀବଠାରେ ପରିବେଷଣ କରିବାପାଇଁ ହରିଦାସଙ୍କ ପରିକଳ୍ପନା ଆଜି ପରିପୂର୍ତ୍ତି, ଭୂରିଦାତା ନିତ୍ୟାନନ୍ଦଙ୍କ ଆବିର୍ଭାବରେ । ଗୌର ଅବତାରର ଗୂଢ଼ ତତ୍ତ୍ୱ ଆଜି ନିଗୂଢ଼ ନିତ୍ୟାନନ୍ଦଙ୍କ ଶୁଭାଗମନରେ ଅଖିଳ ଜୀବନିବହର ବୋଧଗମ୍ୟ ହୋଇଛି । ସେଥିପାଇଁ ହରିଦାସ ପରିପୂର୍ଣ୍ଣତାର ଭାବରେ ଅଭିଭୂତ । ଅନୁଭୂତ ହେଉଛି ଜୀବନର ଅଶେଷ ସାର୍ଥକତା ।

* *
*

Source: Author, Digitized by PPRACHIN, SOA

ନିତ୍ୟାନନ୍ଦଙ୍କର ନବଦ୍ୱୀପ ଆଗମନରେ ମଞ୍ଚସଜ୍ଜା ସମ୍ପୂର୍ଣ୍ଣ । ଚିରବାଞ୍ଛିତ ମହାରାସ ବିଳାସର ଶେଷ ପରିଣତି ଗୌର ସୁନ୍ଦରଙ୍କର ସଂକୀର୍ତ୍ତନ-ରାସ-ଲୀଳା ଅଭିନୟ ନିମନ୍ତେ । ଲୀଳାସ୍ଥଳୀ ଶ୍ରୀବାସ ମନ୍ଦିର; ସମୟେ ସମୟେ ଚନ୍ଦ୍ରଶେଖର ନିଳୟ । କେବଳ ସମଧର୍ମୀ ପାର୍ଷଦବର୍ଗଙ୍କ ବ୍ୟତୀତ ଇତର ଜନଙ୍କର ପ୍ରବେଶ ନିଷେଧ । ପ୍ରବେଶ ମୂଲ୍ୟ କେବଳ ପ୍ରୀତି, ନାମରେ ପ୍ରୀତି, ନାମୀରେ ପ୍ରୀତି ।

ଅପୂର୍ବ ସେ କୀର୍ତ୍ତନ ବିଳାସ । ସେ ନର୍ତ୍ତନବିନ୍ୟାସ ଦର୍ଶନରେ ଦର୍ଶକର ଦର୍ଶନେନ୍ଦ୍ରିୟ ତାର ସ୍ୱୀୟ ଦୃଷ୍ଟିଶକ୍ତିକୁ ଅଯଥା ନିନ୍ଦା କରିବାରେ ବ୍ୟସ୍ତ । ଭୀଷଣ ଦ୍ୱନ୍ଦ୍ୱ ଲାଗିଛି ତାର ହୃଦକନ୍ଦରରେ । ନିଜର ବିଲୋପ କିମ୍ବା ବିଜୟ ମଧ୍ୟରୁ କେଉଁଟି ଶ୍ଳାଘ୍ୟ ସ୍ଥିର କରିବାରେ ଅକ୍ଷମ । ଦର୍ଶନରେ ତୃପ୍ତିର ଅବସାଦ ନାହିଁ । ଗୋଟିଏ ଦିଗରେ ଭୋଗର ଅସମର୍ଥତା, ଅନ୍ୟ ଦିଗରେ ଅପରିତୃପ୍ତ ଲାଳସା ।

ଅଭିନବ ସେ ସଂକୀର୍ତ୍ତନ ରାସ, କୀର୍ତ୍ତନବିହାରୀଙ୍କର । ହୃତ୍‌କର୍ଣ୍ଣ-ରସାୟନ ସେ ମର୍ମ ଭେଦୀ ସ୍ୱର କର୍ଣ୍ଣ କୁହରରେ ପ୍ରବେଶ ମାତ୍ରେ ଶ୍ରୁତିକ ବଧିର କରି ଅଧୀର କରିଦିଏ ନିରବଧି ହୃଦୟକୁ । ପାଷାଣ ପ୍ରାଣ ମଧ୍ୟ ଦ୍ରବୀଭୂତ ହୋଇ ଆଣିଦିଏ ଅସରା ଅଶ୍ରୁଧାରାର ପ୍ଲାବନ ।

ସେ କି ଆର୍ତ୍ତି ! ସେ କି କ୍ରନ୍ଦନ ! ବ୍ରଜପତି-ଦମ୍ପତି-ହୃଦୟ-ଆନନ୍ଦନ ନବଘନ ଶ୍ୟାମଙ୍କର ବିରହରେ ଅହରହ ସନ୍ତପ୍ତ । ଅଶ୍ରୁକମ୍ପପୁଲକ ସଙ୍ଗେ ସଙ୍ଗେ ପ୍ରଳୟ । ବାହ୍ୟ-ଜ୍ଞାନ ଶୂନ୍ୟ ଚୈତନ୍ୟହୀନ ଶ୍ରୀ ଗୌରାଙ୍ଗ । ମହାଯୋଗ ସମାଧିରୁ ମହତ୍ତର । ସବିକଳ୍ପ ନିର୍ବିକଳ୍ପର କଳ୍ପନାତୀତ ସେ ଭାବସମାଧି । ମହାଭାବପ୍ରକାଶଙ୍କର ।

ବେଦ ବିହିତ କର୍ମ, ଜ୍ଞାନ, ତପ, ଦାନ ଯଜ୍ଞ, ତର୍ପଣ, ମାର୍ଜନ ସମସ୍ତ ବିଧାନ ଆଜି ସମାହିତ ସେ ସମାଧିରେ । ନିଷ୍କାମ ବ୍ରତ ଆଜି ବିବ୍ରତ ହୋଇ ନୁହଁଛି, କୃଷ୍ଣାର୍ପିତ ନବଜାତ କାମର ନୟନାଭିରାମ ସୌମ୍ୟମୂର୍ତ୍ତି ଅବଲୋକନରେ ।

ଏ ନବ ବିଧାନରେ ଭବବ୍ୟାଧି କେବଳ ଉପଶମ ହୁଏ ନାହିଁ; ବିକାରର ନିରାକରଣ ଏ ନିଦାନର ଏକ ମାତ୍ର ଲକ୍ଷ୍ୟ ନୁହେଁ; ଉପଶମ ଓ ନିରାକରଣ ସଙ୍ଗେ ସଙ୍ଗେ ପ୍ରତିଷେଧନ ମଧ୍ୟ ସମାହିତ ହୋଇଯାଏ ଏକକାଳୀନ ।

ଏ ବିଧାନ ନାସ୍ତିବାଚକ ନୁହେଁ । କେବଳ ଭବ ରୋଗର ଜୀବାଣୁ ନାଶ କରିବା ତାର କାର୍ଯ୍ୟ ନୁହେଁ ! ସେ ସୃଷ୍ଟି କରେ ବ୍ୟାଧିର ବିକାର ପରିବର୍ତ୍ତେ ସୁସ୍ଥ ସବଳ ଶରୀରରେ ହର୍ଷ ପୁଲକାଦି ନାନା ବିଭାବ । ସେହି ବିଭାବର ପ୍ରଲୋଭନରେ ନର ଦେହ ଧାରଣ କରିବାକୁ ଅସାଧାରଣ ଅଭୀପ୍ସା ଜାଗେ ସ୍ୱର୍ଗବାସୀ ଅମରମାନଙ୍କ ମନରେ । କ୍ଷୁଣ୍ଣ ହୋଇଯାଏ, ଗୌଣ ହୋଇଯାଏ ଜ୍ଞାନୀ କର୍ମୀ-ସନ୍ନ୍ୟାସୀ ଯୋଗୀମାନଙ୍କର ବ୍ରହ୍ମାନନ୍ଦର ଉପଲବ୍ଧି, ଆତ୍ମାରାମର ଅନୁଭୂତି, ଯୋଗସିଦ୍ଧିର ବିଭୂତି ।

ମୁହୁର୍ମୁହୁ ଭାବର ପରିବର୍ତ୍ତନ ପରିଲକ୍ଷିତ ହୁଏ ଗୌରାଙ୍ଗ ଅଙ୍ଗରେ । ବିପରୀତ ରୀତି କ୍ଷଣ କ୍ଷଣକେ । କେତେବେଳେ ନିଜେ ଈଶ୍ୱର, ସାକ୍ଷାତ୍ ଭଗବାନ୍ ଭୂମିକାରେ ବିଷ୍ଣୁ ସିଂହାସନରେ ଉପବିଷ୍ଟ; କେତେବେଳେ ଅବା ଭଗବାନଙ୍କ ଅଭାବରେ ବିରହ-ଭାବ-ଦଗ୍ଧ

Source: Author, Digitized by PPRACHIN, SOA

ଭକ୍ତଭାବରେ ହୃଦୟ-ବିଦାର୍ଣ୍ଣକାରୀ କାତର କ୍ରନ୍ଦନରେ ଅସ୍ଥିର । କେତେବେଳେ ଉଦ୍ଦଣ୍ଡ ନର୍ତ୍ତନ, କେତେବେଳେ ପତନ ଓ ମୂର୍ଚ୍ଛା । କେତେବେଳେ ଉଚ୍ଚ ହାସ, ଅଟ୍ଟହାସ;କେତେବେଳେ କୁରରୀପ୍ରାୟ କରୁଣ କ୍ରନ୍ଦନ ତାର ସ୍ୱରରେ । କେତେବେଳେ କମ୍ପ ପୁଲକ, କେତେବେଳେ ସ୍ୱେଦ ସ୍ତମ୍ଭ । କେତେବେଳେ ପାର୍ଷଦଗଣ ମସ୍ତକୋପରି ପଦନ୍ୟାସ; କେତେବେଳେ ତୃଣାଦପି ସୁନୀଚ ଦୈନ୍ୟଭାବ ଅବଲମ୍ବନ କରି ପ୍ରଲମ୍ବିତ ପ୍ରଣାମ ପ୍ରାଣୀମାତ୍ରକେ ।

ଏକଦା ସ୍ୱାମୀପୁତ୍ର ପରିବାର ପରିହାର କରି ବେଣୁଧାରୀଙ୍କର ବଂଶୀସ୍ୱନର ଆକର୍ଷଣରେ ବୃନ୍ଦାରଣ୍ୟ ସାର୍ବଭୌମ ଭୂପତିଙ୍କ ସହ ନିକୁଞ୍ଜବିଳାସ ରାସରସରେ ବିଭୋର ଥିଲେ ଗୋପାଙ୍ଗନାଗଣ । ଆଜି ଯେପରି ସେହି ସୌଭାଗ୍ୟପୂର୍ଣ୍ଣ ଅବସରର ସ୍ମରଣରେଥି । ମିଳନଠାରୁ ମିଳନ ସ୍ମରଣରେ ଯେପରି ସୁଖର ଆଧିକ୍ୟ ।

ସେହି ସ୍ମରଣ ଉତ୍ସବରେ ଶ୍ରୀବାସ ଅଙ୍ଗନ ବୃନ୍ଦାରଣ୍ୟର ଶୋଭା ଧାରଣ କରିଛି । ଗୃହସଂସାର ଆତ୍ମୀୟସ୍ୱଜନ ବିସ୍ମୃତ ଭକ୍ତଗଣ ନୃତ୍ୟକୀର୍ତ୍ତନରେ ଆତ୍ମହରା । ଗୋଲକବିହାରୀଙ୍କର ଗୋପଲୀଳା ଆଜି ନବଦ୍ୱୀପରେ ଅଭିନୀତ । କଳାଦଳିତାଞ୍ଜନରେ ଅନୁରଞ୍ଜିତ ଦେହ ଏବେ ସୁବର୍ଣ୍ଣ ବର୍ଣ୍ଣାଭ, ସ୍ୱୀୟ ଆନନ୍ଦ ଆହ୍ଲାଦର ବିଦ୍ୟୁଦ୍ଦାମ ବିଳାସରେ । ଘନଶ୍ୟାମଙ୍କର । ସେ ଆଜି ତେଣୁ ଗୌରାଙ୍ଗ, ଗୌରବରଦେହ, ବରାଙ୍ଗ ଚନ୍ଦନାଙ୍ଗଦୀ । ନିକୁଞ୍ଜରାସ ଆଜି କୀର୍ତ୍ତନବିଳାସରେ ପରିସ୍ଫୁଟ ।

ପ୍ରଣୟ ମନ୍ତ୍ରରେ ଜୀବନ୍ୟାସ କରି କିଏ ଯେପରି ପ୍ରାଣବନ୍ତ କରିଦେଇଛି ପ୍ରେମ ରସରସାଣିତ ଏକ ସାରସନ ବିଗ୍ରହକୁ । ଅଗଣିତ ଭକ୍ତଗଣଙ୍କର ଜନ୍ମଜନ୍ମାନ୍ତର ଯାପିତ ଜୀବନରେ ଯୁଗଯୁଗ ଧରି ଜପୀକୃତ ନାମାବଳୀର ଭାବମୟ ଆବିର୍ଭାବ । ଦ୍ୱାପରରେ ସେ ଯୁଗଳ ମିଳନରସର ନିର୍ଯ୍ୟାସ ଯେପରି ଘନୀକୃତ ଧରି ମହାଭାବରେ ପରିଣତ ହୋଇଯାଇଛି ଆଜି ।

ରାତ୍ରିର ଶେଷ ଯାମ । ବୃନ୍ଦାବନ ନିଧୁବନରେ ବିଧୁମୁଖୀ ଶ୍ରୀରାଧା ଓ ନବଘନଶ୍ୟାମ ନିକୁଞ୍ଜବିଳାସରେ ବିଭୋର । ରସାଳସରେ ନିଦ୍ରାଗତ । ହଠାତ୍ ଚମକି ଉଠିଲେ—

"ଉଠ ଉଠ ପ୍ରାଣନାଥ କି ଦେଖିଲି ଅକସ୍ମାତ ରେ
ଏକ ଯୁବା ଗଉର ବରଣ,
କି ବା ତାର ରୂପ ଠାଣି କୋଟି କୋଟି କାମ ଜିଣି ହେ
ରସରାଜ ସେ ରସ-ସଦନ ।
ଅଶ୍ରୁ କମ୍ପ ପୁଲକାଦି ଭାବଭୂଷା ନିରବଧି ହେ
ନାଚେ ଗାଏ ମହାମତ୍ତ ହୋଇ
ନିରୁପମ ରୂପ ଦେଖି ତୃପ୍ତ ହେଲା ମୋର ଆଖି ହେ
ଦେଖି ତହିଁ ମନଯାଏ ଧାଇଁ ।"

ସେ କି କରୁଣ ବିଳାପ ବିଳାସିନୀଙ୍କର । ମନର ଆଜି ଏକି ବିପରୀତ ଗତି ! ସ୍ୱପ୍ନ ଦେଖି ଆଚମ୍ବିତା । ଶ୍ରୀମତୀ ରସମୟ ରସକୂପ ନବଜଳଧର ରୂପ ବୃନ୍ଦାବନବନ ବନଦେବତା ଶ୍ରୀକୃଷ୍ଣଙ୍କ ବ୍ୟତୀତ ମନ ଅନ୍ୟଠାରେ କେବେହେଲେ ଅର୍ପିତ ହୋଇ ନାହିଁ । ଆଜି ଏ ଗୌରାଙ୍ଗ ଗୋଟାଏ ପରପୁରୁଷ କିପରି ରସବତୀଙ୍କର ଚିତ୍ତ ଚୋରି କଲା ?

Source: Author, Digitized by PPRACHIN, SOA

କହୁଁ କହୁଁ ଚେତନା ହଜିଗଲା ଧନ୍ୟା ରାଧାରାଣୀଙ୍କର । ଦୁଃଖରେ, ଅବସାଦରେ, ବିଷାଦରେ । ମୂର୍ଚ୍ଛିତା ରାଜକିଶୋରୀ ବିଦଗ୍ଧ ମାଧବଙ୍କର ଅଙ୍କଶାୟିନୀ । ଫେରନ୍ତି ଫେରିଆସୁଛି ଘନଶ୍ୟାମଙ୍କର ଘନ ଘନ ଚୁମ୍ବନରେ ।

ଯେ ଗୌର ସ୍ୱରୂପ ଦେଖି ମନ
ମଜ୍ଜିଲା, ନୋହେ ସେ ଆନ କେବଳ ତୋହର ପ୍ରେମ
ମୋତେ ସଖି କରିବ ତେସନ ।
କେମନ୍ତ ତୋହର ପ୍ରେମା କି ଅବା ତୋ ମଧୁରିମା
କେସନେ ସେ ସୁଖେ ତୁ ବିଭୋର
ଏ ତିନ ବାଞ୍ଛିତ ଧନ ବ୍ରଜେ ନୋହିଲା ପୂରଣ
କି କରିବ ନ ମିଳିଲା ଓର ।
ଭାବ ମୁଁ ଦେଖିଲି ମନେ ତୋହର ସ୍ୱରୂପ ବିନେ
ଏ ବାସନା ପୂର୍ଣ୍ଣ କେଭେ ନୋହେ,
ତୋହ ଭାବ କାନ୍ତି ଧରି ତୋହ ପ୍ରେମ ଗୁରୁ କରି
ନଦୀୟାରେ ହୋଇବି ଉଦୟ ।
ସାଧିବି ମନରେ ସାଧ ବିତରିବି ମୁଁ ଅବାଧ
ଘରେ ଘରେ ବୁଲି ପ୍ରେମଧନ

ରାଧାନାଥଙ୍କର ଏ ବାଣୀ ସାମାନ୍ୟ ସାନ୍ତ୍ୱନା ବାକ୍ୟ ନୁହେଁ । ପୀତପଟ ଲମ୍ପଟ ନଟବରନାଗରଙ୍କର ଛଳବଚନ ନୁହେଁ । ସେ ଏକ ପ୍ରତିଜ୍ଞା । ଭବିଷ୍ୟତ ସମ୍ଭାବନାର ପ୍ରତିଶ୍ରୁତି । ନଦୀୟାର ଉଦୀୟମାନ ଗୌରାଙ୍ଗ ସେହି ଶ୍ୟାମସୁନ୍ଦରଙ୍କର ରୂପାନ୍ତର ମାତ୍ର ।

ବିଷଣ୍ଣା ରାଜକିଶୋରୀ ପ୍ରସନ୍ନ ହେଲେ ଏହି ନୂତନ ସତ୍ୟ ଉଦ୍‌ଘାଟନରେ । ଗୋଟାଏ ଆସନ୍ନ ବିପଦ ଯେପରି ଦୂରୀଭୂତ ହୋଇଗଲା । ବ୍ରଜେଶ୍ୱରୀଙ୍କ ଅନ୍ତରରୁ ମୁହୂର୍ତ୍ତି ମାତ୍ରକେ । ମାତ୍ର ପରକ୍ଷଣରେ ବିବଶା ଯୋଷାମଣିଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଲା ଅନ୍ୟ ଏକ ଆଶଙ୍କାରେ ।

ବୃନ୍ଦାବନ ଚନ୍ଦ୍ର କ'ଣ ବୃନ୍ଦାବନ ଛାଡ଼ି ଚାଲିଯିବେ ସତେ ! ଏ ସଂକେତରେ ଆତଙ୍କିତ ହୋଇପଡ଼ିଲେ ରାଧାରାଣୀ । ବ୍ରଜବିହାରୀଙ୍କର ଅଦର୍ଶନରେ ବ୍ରଜପୁରର ଗତି କ'ଣ ହେବ ? ଜଳଚ୍ୟୁତ ମୀନ, ମଣିହରା ଫଣୀ ପ୍ରାୟେ ବ୍ରଜବାସୀ ବଳୟୁ ଭଜିବେ ସିନା !

ଅଭିମାନିନୀ ରାଧାଙ୍କୁ ସେଦିନ ପ୍ରତିଶ୍ରୁତି ଦେଲେ ରାଧାନାଥ—
ଶୁଣ ଶୁଣ ସୁନ୍ଦରୀ ମୋର ଅଭିଳାଷ,
ବ୍ରଜପ୍ରେମ କରିବଇଁ ତହିଁ ମୁଁ ପ୍ରକାଶ ।
ବ୍ରଜ ପରିହରି ମୋର ନାହିଁ କାହିଁ ଠାବ,
ବ୍ରଜବିନେ ପ୍ରେମ କେଭେଁ ନ ହୁଅଇ ଲଭ ।
ଗୋପ ଗୋପାଳ ଯେତେକ ସବୁ ହୋଇ ମେଳ,
ନଦୀୟା ନଗରେ ଯାଇ କରିବୁଁ କେଳ ।

Source: Author, Digitized by PPRACHIN, SOA

ତୋର ମୋର ତନୁ ମିଳି ହେବ ଏକାକାର,
ଅବିରତ ହରିନାମ କରିବ ପ୍ରଚାର ।

ସେ ଦିନର ସେ ପ୍ରତିଶ୍ରୁତି ଆଜି ପ୍ରତିପାଳିତ ହେଉଛି ଗୌର ସ୍ୱରୂପରେ । ରାଇକାହ୍ନୁ ଏକାକୃତିରେ ଭୋଗ ଅତି ବିଚିତ୍ର । କେତେବେଳେ କିଶୋର । କେତେବେଳେ କିଶୋରୀ । ରାଇକାହ୍ନୁ, କାହ୍ନୁରାଇ, ବିପରୀତ ଭାବେ ଅବସ୍ଥିତି । କେତେବେଳେ ପ୍ରଭୁ, କେତେବେଳେ ଦାସ । କେତେବେଳେ ଭକ୍ତ, କେତେବେଳେ ଭଗବାନ୍ ।

କେବଳ ନବଦ୍ୱୀପ ପକ୍ଷରେ ନୁହେଁ, ନବଦ୍ୱୀପବାସୀଙ୍କ ପାଇଁ ନୁହେଁ, ସମଗ୍ର ମେଦିନୀର ମାନବ ଜାତି ପକ୍ଷରେ ଏକ ଶୁଭ ଦିବସ । କଲ୍ୟାଣକର ତିଥି । ପ୍ରେମାବତାର ଗୌରଚନ୍ଦ୍ରଙ୍କର ପ୍ରକୃତ ପକ୍ଷରେ ଅପ୍ରାକୃତ ପ୍ରେମ ପ୍ରକାଶର ଅବିସ୍ମରଣୀୟ ଅବକାଶ ।

ଶ୍ରୀବାସ-ନିବାସରେ ବହୁ ଭକ୍ତଙ୍କର ସମାବେଶ । କୃଷ୍ଣକଥା ପ୍ରସଙ୍ଗରେ ବିଭୋର ଗୌରାଙ୍ଗଙ୍କର ସହସା ଭାବର ପରିବର୍ତ୍ତନ ଦେଖାଗଲା । ବିଦ୍ୟୁତ୍ ବେଗରେ ଯାଇ ସେ ପୂଜାମଣ୍ଡପସ୍ଥ ବିଷ୍ଣୁ ବିମାନରେ ଉପବିଷ୍ଟ । ବଜ୍ରନିର୍ଘୋଷରେ ଘୋଷଣା କରୁଛନ୍ତି—

କଳିଯୁଗେ ମୁହିଁ କୃଷ୍ଣ, ମୁହିଁ ନାରାୟଣ,
ମୁହିଁ ସେହି ଭଗବାନ, ଦେବକୀ ନନ୍ଦନ ।

ଆଦେଶ ହେଲା ଭଗବାନ୍ ଶ୍ରୀ ଗୌରାଙ୍ଗଙ୍କର ଭକ୍ତମାନଙ୍କ ଉଦ୍ଦେଶରେ-'ନାମ ସଙ୍କୀର୍ତ୍ତନ କର' ।

ସଙ୍ଗେ ସଙ୍ଗେ ଗୀତବାଦ୍ୟ ହୁଳହୁଳି ଧ୍ୱନିରେ ଆକାଶ ମେଦିନୀ ପ୍ରକମ୍ପିତ ହେଲା । 'ଜୟ ଗୌରାଙ୍ଗ' ରବରେ ଶ୍ରୀବାସଭବନ ମୁଖରିତ ହୋଇଉଠିଲା । ଶତ ଶତ ପୂର୍ଣ୍ଣକୁମ୍ଭ ସୁବାସିତ ଗଙ୍ଗାଜଳରେ ଅଭିଷିକ୍ତ ଶ୍ରୀ ଗୌରାଙ୍ଗଙ୍କର ସ୍ୱଚ୍ଛ ନିର୍ମଳ ଅଙ୍ଗରୁ ଅପୂର୍ବ ଦିବ୍ୟ ଜ୍ୟୋତି ବିକୀର୍ଣ୍ଣ ହେବାର ଦେଖାଗଲା । ଦିବ୍ୟ ମାଲ୍ୟାମ୍ବରଧର ଦିବ୍ୟଗନ୍ଧାନୁଲେପନ ଚନ୍ଦନଚର୍ଚ୍ଚିତ କଳେବରର ନୈସର୍ଗିକ ଶୋଭା ଅବର୍ଣ୍ଣନୀୟ ।

ଶ୍ରୀଭଗବାନଙ୍କର ଏତାଦୃଶ ଅଭୂତପୂର୍ବ ଆବିର୍ଭାବ ସମ୍ବାଦ ଅବିଳମ୍ବେ ନବଦ୍ୱୀପରେ ସ୍ୱତଃ ପ୍ରଚାରିତ ହୋଇଗଲା । ଭଗବତ୍ ରୂପ ଦର୍ଶନ ପାଇଁ ବହୁ ଜନସମାଗମ ହେଲା ଶ୍ରୀବାସ-ଅଙ୍ଗନରେ । ନାନାରତ୍ନ ସୁବର୍ଣ୍ଣ ଆଦି ଦିବ୍ୟାଭରଣମାନ ଅସଂଖ୍ୟ ସଂଖ୍ୟାରେ ଅଜାଡ଼ି ହୋଇପଡ଼ିଲା ପାଦଦେଶରେ । ନାନା ଫଳପୁଷ୍ପ ବ୍ୟଞ୍ଜନ ନୈବେଦ୍ୟ ମନୋହାରୀ ଅର୍ପିତ ହେଲା ଶ୍ରୀଶ୍ରୀମୂର୍ତ୍ତିରେ ।

ଦୀର୍ଘ ସପ୍ତପ୍ରହରବ୍ୟାପୀ ଭଗବତ୍ ଆବେଶରେ, ଭଗବତ୍ ସ୍ୱରୂପରେ ଆବିଷ୍ଟ ହୋଇ ରହିଲେ ଗୌରହରି । ସେ କି ମନୋମୁଗ୍ଧକର ରୂପ ! ଧୂପ,ଦୀପ,ଅର୍ଘ୍ୟ, ପୁଷ୍ପ ନୈବେଦ୍ୟ ଆଦିରେ ନିବେଦିତ ପାଦପଦ୍ମ । ଅଶ୍ରୁବର୍ଷୀ ନିମିଳିତ ନୟନରେ ବିମୋହିତ ବିନତି ଜଣାଉ କରୁଛନ୍ତି ପ୍ରଭୁଙ୍କ ପୟରରେ, କେଣା କୋପୂର ପ୍ରାୟେ ଭାବମୁଗ୍ଧ ପାର୍ଷଦଗଣ । ଶେଷନାଗ ଅନନ୍ତଶକ୍ତିଧାରୀ ନିତ୍ୟାନନ୍ଦ ଛତ୍ରଧାରଣ କରିଛନ୍ତି ପ୍ରଭୁଙ୍କ ଆଦେଶରେ । ବ୍ୟଜନ ଚାଳନ କରୁଛନ୍ତି ଅଦ୍ୱୈତ ଶ୍ରୀବାସାଦି ଭକ୍ତବୃନ୍ଦ । ଅଭିଷେକ ସେବାନ୍ତେ ନୂତନ

Source: Author, Digitized by PPRACHIN, SOA

ବକ୍ଷରେ ସୁଶୋଭିତ କରି ସ୍ଥାପନ କରୁଛନ୍ତି ସୁସଜ୍ଜିତ ମଞ୍ଚୋପରି । ମାତା ଶଚୀଦେବୀ, ଶ୍ରୀବାସ ଗୃହିଣୀ ଦେବୀ ମାଳିନୀ ପ୍ରମୁଖ ମହିଳାଗଣ ନିମାଇଁଙ୍କର ଶିରୋପରି ଧାନ୍ୟଦୁର୍ବା ଅର୍ପଣାନ୍ତେ ପଞ୍ଚପ୍ରଦୀପରେ ଆରତି କ ବନ୍ଦନା କରି ଆନନ୍ଦରେ ଆତ୍ମହରା ।

ଏ କି ଅପୂର୍ବ ଦୃଶ୍ୟ ! ଶଚୀମାତା ବିଶ୍ୱାସ କରିପାରୁନାହାନ୍ତି ଆପଣାକୁ, ଆପଣାର ଚକ୍ଷୁକୁ । ସେ ବୁଝିପାରୁନାହାନ୍ତି ଏ ଆରତି କାହାର ! ସେ କି ସକରୁଣ ଅଥଚ ଦୀପ୍ତିମନ୍ତ ଦୃଷ୍ଟି ପୁତ୍ର ନିମାଇଁର । ସର୍ବଶକ୍ତିମାନ୍ ଏକ ପୁରୁଷ ଯେପରି ତାର ସମସ୍ତ ସାମର୍ଥ୍ୟକୁ ସାର୍ଥକ କରିବାକୁ ଉଦ୍ୟତ, ପତିତର ଉଦ୍ଧାର ପାଇଁ ।

ଏ ଯେ କରୁଣାକାଣ୍ଡ ଅବତାର । ସର୍ବଶ୍ରେଷ୍ଠ ଅବତାର । ଅବତାରୀ ଓ ଅବତାରର ସମନ୍ୱୟ ଅବତାର । ଶ୍ରୀଚୈତନ୍ୟ ଅବତାରରେ ଅବତାର ତତ୍ତ୍ୱର ଚରମ ବିକାଶ ।

କରୁଣାର ମୂର୍ତ୍ତିମନ୍ତ ଅବତାର । କରୁଣା ସତତ ସ୍ନେହଶୀଳ, ସ୍ନେହମୟୀ, ସ୍ନେହଧର୍ମୀ । ସ୍ନେହ ସ୍ୱଭାବତଃ ନିମ୍ନଗାମୀ । ଅବତରଣର ଧର୍ମ ଊର୍ଦ୍ଧ୍ୱରୁ ଅଧୋଗମନ । ସ୍ୱେଚ୍ଛାକୃତ ଅଧୋଗତି । ଅଧଃପତିତର ଉଦ୍ଧାର ପାଇଁ । ଊର୍ଦ୍ଧ୍ୱର ଅଧୋଗମନ ବିନା ଅଧଃ-ପତିତର ଉତ୍‌ଥାନ ଆଶା ସୁଦୂରପରାହତ । ତେଣୁ ଅବତାରର ଉଦ୍‌ଦୀପକ କରୁଣା । କରୁଣାମୟ ପ୍ରାଣରେ ହିଁ ଅବତରଣର ଅବତାରଣା ।

ଏହି ଅବତରଣର ସ୍ୱପ୍ନଦର୍ଶନରେ 'ନଦେ ନିମାଇଁ'ଙ୍କର ବିଶ୍ୱମ୍ଭର ନାମ ସାର୍ଥକ । ଅଯାଚିତ, ନିଜ କରୁଣାବଳରେ ବିଶ୍ୱବ୍ୟାପୀ ଭକ୍ତଗଣଙ୍କର ଅଭିଳଷିତ ବସ୍ତୁପ୍ରାପ୍ତି ହିଁ ବିଶେଷତ୍ୱ ଏ ଅବତାରରେ ।

ଜଣ ଜଣ କରି ଭକ୍ତଗଣଙ୍କୁ ଡାକି ଶ୍ରୀ ଗୌରାଙ୍ଗ ଅନୁରୋଧ କରୁଛନ୍ତି—"ବର ଭିକ୍ଷା କର । ଇଚ୍ଛାନୁରୂପେ ।"

ବିଶ୍ୱାସ ହେଉ ନାହିଁ ହଠାତ୍ । ନିମାଇଁ ପଣ୍ଡିତ କ'ଣ ପ୍ରକୃତରେ ଭଗବାନ୍ ? ସନ୍ଦେହ ଜାଗୁଛି କାହାରି କାହାରି ମନରେ ।

ଅନ୍ତର୍ଯ୍ୟାମୀ ପ୍ରଭୁ ଜାଣିପାରିଲେ ଭକ୍ତମନର ବ୍ୟାକୁଳତା । ହଠାତ୍ ଜନୈକ ଭକ୍ତ ପ୍ରତି ହେଲା ପ୍ରଶ୍ନ—"ମନେପଡ଼ୁଛି ତୋର ସେହି ଦୁରାରୋଗ୍ୟ ବ୍ୟାଧି କଥା ? ପୀଡ଼ାରେ ତୁ ଅତି କାତର ହୋଇ ଡାକିଲାବେଳେ ଜଣେ ବୈଦ୍ୟ ଆସି ସ୍ୱତଃ ତୋର ଚିକିତ୍ସା ଭାର ବହନ କଲେ । ତୁ ବ୍ୟାଧି ମୁକ୍ତ ହେଲୁ । କହିପାରିବୁ ସେ ବୈଦ୍ୟ କିଏ ? ମୁହିଁ—ମୁଁ ସେହି !"

ଭକ୍ତ ଜଣକ ଅଜସ୍ର ଅଶ୍ରୁବର୍ଷଣ କରି ପଦପ୍ରାନ୍ତରେ ଲୋଟି ହୋଇ ପଡ଼ିଲା । ତଟସ୍ଥ ଅନ୍ୟାନ୍ୟ ଭକ୍ତବୃନ୍ଦ ।

"ସେଦିନର ଗଙ୍ଗାରେ ପ୍ରବଳ ବନ୍ୟା । ନଦୀ ପାର ହେବାର ବାହକ ନାହିଁ । ଘାଟରେ ନାହିଁ ନୌକା । ହାତରେ ପାରି କଉଡ଼ିଟିଏ ମଧ୍ୟ ନାହିଁ । ଏକା ନୁହେଁ, ସମଗ୍ର ପରିବାର । ପବନ ଉପରେ ବାସ୍ତୁହରା ହୋଇ ଜୀବନମାନ ଘେନି ପଳାଇ ଯାଉଛନ୍ତି । ଅକସ୍ମାତ୍ ଗୋଟିଏ ନୌକାବାହୀ ନାଉରୀଟିଏ ଆସି ପଚାରିଲା—"ପାରି ହେବ ?" ସେଦିନର ଆକୁଳ ପ୍ରାର୍ଥନା ବାଜିଲା ମୋ ହୃଦୟରେ । ସେ ନାଉରୀକି ଚିହ୍ନିଲ ଏଥର ? ମୁହିଁ, ମୋତେ !"

Source: Author, Digitized by PPRACHIN, SOA

ମହାପ୍ରଭୁଙ୍କୁ ଚାହିଁଦେଲା ମାତ୍ରେ ଭାବବିହ୍ୱଳ ଭାବରେ ଢଳିପଡିଲା ଭୂମିତଳେ ସେ ଭକ୍ତ ।

"ଶ୍ରୀଧର ! ଶ୍ରୀଧର !" ମନେ ପଡିଗଲା ମହାପ୍ରଭୁଙ୍କର । ସଂଗେ ସଂଗେ ଭକ୍ତଗଣଙ୍କ ମଧ୍ୟରୁ ଜଣେ ଚାଲିଗଲେ ଶ୍ରୀଧରଙ୍କ ଅନ୍ୱେଷଣରେ । ଶ୍ରୀଧର ସେତେବେଳେ ନଗରପ୍ରାନ୍ତରେ ନିଜ ଦ୍ୱାର ସମ୍ମୁଖରେ ହରିନାମ କୀର୍ତ୍ତନରତ ।

"ମହାପ୍ରଭୁ ଖୋଜୁଛନ୍ତି ।"

"ମହାପ୍ରଭୁ, ମୋତେ ?"

"ହଁ ।"

ଶ୍ରୀଧର ଅଚେତନ । ଆନନ୍ଦରେ ବିହ୍ୱଳ ଶ୍ରୀଧର ।

ଶ୍ରୀଧରଙ୍କୁ ଦେଖିବାମାତ୍ରେ ମହାପ୍ରଭୁ ମହା ଉତ୍ସାହରେ ଡାକିଲେ ନିକଟକୁ । ଶ୍ରୀଧର ଅତି ଦରିଦ୍ର । ସେ ଚିରକାଳ କଳହ କରି ଆସିଛି ମହାପ୍ରଭୁଙ୍କ ସଙ୍ଗରେ । ଆଜି ତେଣୁ ସଂକୋଚ । ମହାପ୍ରଭୁ ଶ୍ରୀଧରଙ୍କୁ ଦେଖିବାମାତ୍ରେ ମଧୁର ସ୍ୱରରେ ସଂବୋଧନ କଲେ—"ଶ୍ରୀଧର, ବହୁଜନ୍ମ ଅତୀତ ହୋଇଛି ତୋର, ମୋର ଆରାଧନାରେ । ଏ ଜନ୍ମରେ ମୋର ଭୂରିଭୋଜନ କେବଳ ତୋର ଶ୍ରଦ୍ଧାଦତ୍ତ କଦଳୀପତ୍ରରେ, ତୋହରି ଭଣ୍ଡା ଓ ମଞ୍ଜାର ବ୍ୟଞ୍ଜନ ଦେନ ।"

ଶ୍ରୀଧର ନିର୍ବାକ୍ ହୋଇ ଉଭା ହୋଇ ରହିଛନ୍ତି ମହାପ୍ରଭୁଙ୍କ ଶ୍ରୀମୁଖକୁ ଚାହିଁ ।

"ମନେ ଅଛିତ ମୋର କଳହ କଥା ?" ମହାପ୍ରଭୁ ପଚାରୁଛନ୍ତି । "ସେ କଳହ ନିର୍ମଳ କଳହ, ପ୍ରୀତିର କଳହ । ସେ କଳହରେ ମୁଁ ଯେତେ ପ୍ରୀତି ଲଭେ କରେଁ, ପଣ୍ଡିତମାନଙ୍କର ପ୍ରବଚନରେ ତାର ଉଲାର୍ଦ୍ଧ ନ ଥାଏ ।"

ଶ୍ରୀଧର ଆଉ ଅଶ୍ରୁ ସଂବରଣ କରି ପାରିଲେ ନାହିଁ । କୃପାସିନ୍ଧୁ ପ୍ରଭୁ ସାନ୍ତ୍ୱନା ଦେଇ କହିଲେ—"ଶ୍ରୀଧର ବଡ଼ ଦରିଦ୍ର ତୁ । ତଥାପି ମୁଁ ତୋ ପ୍ରତି ବଡ଼ ନିଷ୍ଠୁର ଆଚରଣ କରିଛି । ଦୁଃଖ କର ନାହିଁ । ଏବେ ମୁଁ ସନ୍ତୁଷ୍ଟ । ଅଷ୍ଟସିଦ୍ଧି ଗ୍ରହଣ କର ।"

ଏ କି ରୂପ ? ଏ କାହାର ବାଣୀ ? ଶ୍ରୀଧରଙ୍କର ସମ୍ମୁଖରେ ଭାବ ବିଦେହ, ଗୌରବରଦେହ ବିଶ୍ୱମ୍ଭର ଆଉ ନାହାନ୍ତି । ଏ ଯେ ସେହି ଶାନ୍ତାକାର, ଭୁଜଗଶୟନ, ପଦ୍ମନାଭ ସୁରେଶ୍ୱର । ସମଗ୍ର ବିଶ୍ୱର ଆଧାର, ମେଘବର୍ଣ୍ଣ ଶୁଭାଙ୍ଗ ବିଷ୍ଣୁ । ତାମ୍ବୁଳ ସେବାରତା କମଳା । ପଞ୍ଚମୁଖରେ ପଞ୍ଚାନନ, ଚତୁର୍ମୁଖରେ ବ୍ରହ୍ମା ସ୍ତୁତି ପାଠରେ ବିଭୋର । ପୃଷ୍ଠଭାଗରେ ସହସ୍ରଶୀର୍ଷ ଅନନ୍ତ ଉପରିଂଶ ଛତ୍ର ଧାରଣ କରିଛନ୍ତି । ନାରଦ ଶୁକ ସନକାଦି ମୁନି ଋଷିଗଣ କରଯୋଡ ମହିମା ଗାନରେ ଉନ୍ମତ୍ତ । ଏ କି ଐଶ୍ୱର୍ଯ୍ୟ ! ଏ କି ମାଧୁର୍ଯ୍ୟ ! ଶ୍ରୀଧର ସଜ୍ଞାହୀନ ।

"ଶ୍ରୀଧର, ମୋର ସ୍ତୁତି ପାଠ କର ।"

Source: Author, Digitized by PPRACHIN, SOA

ମହାପ୍ରଭୁଙ୍କ ସଂବୋଧନରେ ସଂଜ୍ଞା ଫେରି ପାଇଛନ୍ତି ଶ୍ରୀଧର । "ପ୍ରଭୋ, ମୁଁ ମୂର୍ଖ, ମୁଁ ସ୍ତୁତି ପାଠରେ ଅକ୍ଷମ ।"

"ତୋର ବାକ୍ୟହିଁ କାବ୍ୟ; ମୋର ସ୍ତୁତି ।" ପୁଣି ପ୍ରବର୍ତ୍ତାଇଲେ ଶ୍ରୀ ଗୌରାଙ୍ଗ ।

ମୁଁ ଚିରଦିନ ପାଇଁ ତୋର ଦାରିଦ୍ର୍ୟ ଦୂର କରି ଦେବାକୁ ଚାହେଁ । ତୁ ଅଷ୍ଟସିଦ୍ଧି ପ୍ରାର୍ଥନା କର ।"

"ଶଠ ଶିରୋମଣି ହେ !" ଉତ୍ତର ଦେଲେ ଶ୍ରୀଧର । "ମୋତେ ଭୁଲାଇବାର ଚେଷ୍ଟା ବୃଥା । ଯେଉଁ ଚରଣାମ୍ବୁଜ ପାନ ଇଚ୍ଛି ପଞ୍ଚମୁଖ ଶିବ ବିଫଳମନୋରଥ, ବିଷଣ୍ଣ; ଯେଉଁ ପାଦ-କ୍ଷାଳନ-ଲାଳସା ଚରିତାର୍ଥ କରି ନ ପାରି ସୃଷ୍ଟି ପ୍ରବଣ ବ୍ରହ୍ମା ନିର୍ବେଦ; ସେ ଅମୂଲ୍ୟନିଧି ପାଇବାପରେ ଆଉ କ'ଣ କିଛି ପାଇବାର ଥାଏ ପ୍ରଭୋ !" ଶ୍ରୀଧର ଉତ୍ତର କଲେ ।

"ଶ୍ରୀଧର," ପ୍ରଭୁ ପୁଣି ଅନୁନୟ କଲେ—"ତୋର ବର ଗ୍ରହଣରେ ଇଚ୍ଛା ଥାଇ ନ ପାରେ; ମାତ୍ର ବରଦାନ ପାଇଁ ମୁଁ ପ୍ରସ୍ତୁତ । ମୋର ଆଶା କ'ଣ ପୂର୍ଣ୍ଣ ହେବ ନାହିଁ ?"

ଶ୍ରୀଧର ଭାବପ୍ରକାଶର ଭାଷା ଖୋଜି ପାଉ ନାହାନ୍ତି । ଏ କି ବିଚିତ୍ର ବରଦାତା ! ଅଯାଚିତ କୃପାର ଚରମ ଦୃଷ୍ଟାନ୍ତ !

"ନାଥ", ବହୁ କଷ୍ଟରେ ଶ୍ରୀଧର ବର ଭିକ୍ଷାକଲେ । କଣ୍ଠସ୍ୱର ପ୍ରକମ୍ପିତ, ଅସ୍ଥିର । "ଯଦି ଏକାନ୍ତ ବର ଦେବାକୁ ଚାହାନ୍ତି, ତେବେ ଏଇ ବର ଦିଅନ୍ତୁ ପ୍ରଭୋ, ଯେ ବାରମ୍ବାର କନ୍ଦଳ ସୃଷ୍ଟିକରି ମୋଠାରୁ କଦଳୀଭଣ୍ଡା ଓ ମଞ୍ଜା ଅପହରଣ କରିଛନ୍ତି, ଜନ୍ମଜନ୍ମାନ୍ତରରେ ଏକମାତ୍ର ସେହି ମୋର ନାଥ ହୁଅନ୍ତୁ । ଜନ୍ମେ ଜନ୍ମେ ମୁଁ ତାଙ୍କର ପଦସେବାକାରୀ ଦାସ ହୋଇ ରହେଁ । ଚିରଦିନ ସେ ମୋର ହୃଦୟପୁରେ ବିରାଜମାନ କରନ୍ତୁ !"

"ଧନ୍ୟ, ଧନ୍ୟ ଶ୍ରୀଧର," ପ୍ରଭୁ ଶ୍ରୀଧରର ବର ପ୍ରାର୍ଥନାରେ ମୁଗ୍ଧ ହୋଇ କହିଲେ—"ପ୍ରକୃତ ଭକ୍ତ ତୁ ଶ୍ରୀଧର । ଅନିତ୍ୟର ମୋହ ତୋତେ ସ୍ପର୍ଶ କରି ନାହିଁ, କରି ପାରିବ ନାହିଁ ।

ତା'ପରେ ପାଳି ପଡ଼ିଲା ମୁରାରି ଗୁପ୍ତଙ୍କର ।

ଆଜ୍ଞାମାତ୍ରେ ମୁରାରିଗୁପ୍ତ ମହାପ୍ରଭୁଙ୍କ ସମ୍ମୁଖରେ ଉଭା ।

"ମୁଁ ତମକୁ ବଡ ସୁଖ ପାଏଁ ମୁରାରି । ମୋର ଗୋଟିଏ ଅନୁରୋଧ ରଖିବ ? ତମେ ଆଧ୍ୟାତ୍ମ ଚର୍ଚ୍ଚା ଛାଡିଦିଅ । ପ୍ରେମ ଧର୍ମରେ ଦୀକ୍ଷିତ ହୁଅ । ଶ୍ରୀ ଅଦ୍ୱୈତାଚାର୍ଯ୍ୟ ତମର ଗୁରୁ ।"

ମୁରାରି ଚକ୍ଷୁରେ ପ୍ରଶ୍ନବାଚୀ ଦୃଷ୍ଟି । ଅଧ୍ୟାତ୍ମ ଚର୍ଚ୍ଚା କ'ଣ ଭଲ ନୁହେଁ ପ୍ରଭୁ ?" ପ୍ରଶ୍ନକଲେ ମୁରାରି ।

Source: Author, Digitized by PPRACHIN, SOA

"ଭଲ ମନ୍ଦ ମୁଁ ବୁଝେ ନାହିଁ । ସଚ୍ଚିଦାନନ୍ଦ ଘନ ପ୍ରେମମୟ ମୂର୍ତ୍ତି ପ୍ରାପ୍ତି ମନ୍ତେ ପ୍ରେମହିଁ ଏକମାତ୍ର ପନ୍ଥା ।"

ମୁରାରି ଚକିତ ହୋଇ ପଡ଼ିଲେ । ସେ ରାମଭକ୍ତ । ଚିରଦିନ ନବଦୁର୍ବାଦଳ-ଶ୍ୟାମ ନୟନାଭିରାମ ରାମଚନ୍ଦ୍ରଙ୍କର ଉପାସନା କରି ଆସିଛନ୍ତି । ମାତ୍ର ଏବେ ତାହାଙ୍କ କଜାଣି ପ୍ରାଣ ଗୌରଗତ ହେବାରେ ଲାଗିଛି । 'ଗୌର ବନ୍ଧୁନେ ନବଞ୍ଜେ ପରାଣେ ଗୌର କରିଛି ସାର', ଭାବରେ ସେ ବିଭୋର । ସେଦିନ ମହାପ୍ରଭୁଙ୍କର ଅଦର୍ଶନ ଆଶଙ୍କାରେ ଆତ୍ମହତ୍ୟା କରିବାପାଇଁ ତୀକ୍ଷ୍ଣ ଛୁରୀକା ପ୍ରସ୍ତୁତ କରି ଅତି ସଂଗୋପନରେ ସୁରକ୍ଷିତ କରି ରଖିଥିଲେ ମୁରାରି । ହଠାତ୍ ଅନ୍ତର୍ଯାମୀ ମହାପ୍ରଭୁ ଆସି ସେ ଛୁରୀକାକୁ ଆବିଷ୍କାର କରି ତାର ସମସ୍ତ ସଙ୍କଳ୍ପ ପଣ୍ଡ କରିଦେଲେ ।

"ଆତ୍ମହତ୍ୟା ମହାପାପ !"

ମହାପ୍ରଭୁଙ୍କର ସେଦିନର ବାଣୀ ବାରମ୍ବାର କିଏ ଯେପରି କାନ ପାଖରେ ଉଚ୍ଚାରଣ କରୁଛି ମୁରାରିଙ୍କର । ସେ ଶବ୍ଦ ମନ ଭିତରେ, ମସ୍ତିଷ୍କର କେଉଁ ଚିନ୍ତନ କେନ୍ଦ୍ରରେ ଯେପରି ଅତି ନିଷ୍ଠୁର ଭାବରେ ଆଘାତ କରିବାରେ ଲାଗିଛି ।

"ମୁରାରି, ମୋତେ ଚାହଁ ।" ମହାପ୍ରଭୁ ବଜ୍ରଗମ୍ଭୀର ସ୍ୱରରେ ଆଦେଶ କଲେ ।

ଏ କି ଅପରୂପ ଦୃଶ୍ୟ ! ମୁରାରିଗୁପ୍ତ ଅଭିଭୂତ ହୋଇ ପଡ଼ୁଛନ୍ତି । ତାଙ୍କର ଚିର ଆକାଙ୍କ୍ଷିତ ଦେବତା ଆଜି ସାକ୍ଷାତ ସମ୍ମୁଖରେ । ନିମାଇଁ, ଗୌରାଙ୍ଗ, ନିମାଇଁ ପଣ୍ଡିତ, ବିଶ୍ୱମ୍ଭର କାହାନ୍ତି, ଉଭାଇଗଲେ କୁଆଡ଼େ ? ଏ ଯେ କାକୁସ୍ଥ କରୁଣାକର ଗୁଣନିଧି ସେହି ବିପ୍ରପ୍ରିୟ ଧାର୍ମିକ ନୀଳଇନ୍ଦୀବରାନନ୍ଦ ଶ୍ୟାମଳ ଶାନ୍ତମୂର୍ତ୍ତି ରାଜୀବଲୋଚନ କୋଦଣ୍ଡଧର ରଘୁପତି ରାଘବ ନିଜେ ବିରାଜମାନ୍ । ବୀରାସନରେ ଆସୀନ । ବାମଦେଶରେ ପରମ ସୌଭାଗ୍ୟବତୀ ଲକ୍ଷ୍ମୀ ସ୍ୱରୂପିଣୀ ଜନକନନ୍ଦିନୀ ସୀତା । ଦକ୍ଷିଣରେ ରାମାନୁଜ ଗୁଣଧାମ ଲକ୍ଷ୍ମଣ । ଚତୁର୍ଦ୍ଦିଗରେ ବେଢ଼ି ରହିଛନ୍ତି ଅଗଣିତ ବାନରସେନା ।

ମୁରାରି ଅଯୋଧ୍ୟାର ଶୋଭା ଦେଖୁଁ ଦେଖୁଁ ମୂର୍ଚ୍ଛିତ ।

"ରେ ହନୁମାନ୍ !" ମହାପ୍ରଭୁ ବିଷ୍ଣୁମଣ୍ଡପରୁ ପୁଣି ସମ୍ବୋଧନ କରି କହିଲେ ମୁରାରିଙ୍କୁ "ନାରୀ ଅପହାରୀ ରାବଣ ତୋ ଲାଙ୍ଗୁଳରେ ଅଗ୍ନି ସଂଯୋଗ କରିବାରୁ, ସ୍ୱର୍ଣ୍ଣପୁରୀ ଲଙ୍କା ଜାଳି ଧୂଳିସାତ୍ କରିଦେବା କଥା ପାଶୋରି ଗଲୁଣି କି ?"

ଚୈତନ୍ୟ ଉଦୟ ହେଲା ପ୍ରଭୁଙ୍କର ତାର ସ୍ୱରରେ ମୁରାରିଙ୍କର ।

"ମୁରାରି, ଏବେ ତୁ ଇଚ୍ଛାନୁରୂପ ବର ପ୍ରାର୍ଥନା କର !" ମହାପ୍ରଭୁ ନିର୍ଦ୍ଦେଶ ଦେଲେ ।

"ପ୍ରଭୋ, ଜନ୍ମେ ଜନ୍ମେ ଦାସ ହୋଇ ତୋର ଶ୍ରୀଚରଣ ସେବା କରୁଥିବି ତୋର ଦାସଗଣ ଗହଣରେ କାଳାତିପାତ କରି," ମୁରାରି ପ୍ରାର୍ଥନା କଲେ । "ପ୍ରଭୁଦାସସମ୍ବନ୍ଧ-ରହିତ ସ୍ଥାନରେ ରହିବାର ଦୁର୍ଭାଗ୍ୟ ଯେପରି ନ ଘଟୁ କୌଣସି ଜୀବନରେ"—

Source: Author, Digitized by PPRACHIN, SOA

"ତଥାସ୍ତୁ" । ମହାପ୍ରଭୁ ମୁରାରିଙ୍କୁ ଆଶୀର୍ବାଦ କରୁଛନ୍ତି । ଜୟଧ୍ୱନି ଉଚ୍ଛୁଳି ଉଠୁଛି ଚତୁର୍ଦ୍ଦିଗରେ ।

ପୁଣି ଏକ ପରୀକ୍ଷା ।

"ମୁକୁନ୍ଦ ମୁଖ ମୁଁ ଦେଖିବାକୁ ଚାହେଁ ନାହିଁ ।" କୁପିତକଣ୍ଠରେ କହିଲେ ମହାପ୍ରଭୁ ।

"ମୁକୁନ୍ଦର କି ଅପରାଧ ପ୍ରଭୁ?" ପଚାରିଲେ ଶ୍ରୀ ଅଦ୍ୱୈତାଚାର୍ଯ୍ୟ ।

"ଏବେ ମଧ୍ୟ ସେ ପଣ୍ଡିତମାନଙ୍କର ତୁଣ୍ଡକଥାରେ ମୁଣ୍ଡ ଘୂରାଏ । କେତେବେଳେ କହେ ଜ୍ଞାନ ବଡ଼, କେତେବେଳେ ଭକ୍ତି । 'ସନ୍ଦେହରେ ପ୍ରାପ୍ତିର ସମ୍ଭାବନା ନାହିଁ ।"

ଦୂରରୁ ଥାଇ ନିର୍ଭୀକ ଭାବରେ ପ୍ରଶ୍ନକଲେ ମୁକୁନ୍ଦ । "ବେଶ୍ ଭଲ କଥା । ଏଥର ମୁଁ ଜାଣି ବଞ୍ଚିତ ହେଲି ସେ ସୁଖରୁ । ତା' ବୋଲି କ'ଣ କେବେ ହେଲେ ପାଇବି ନାହିଁ ତୋତେ ?"

"କୋଟି ଜନ୍ମ ପରେ !" ଉତ୍ତର ହେଲା ମହାପ୍ରଭୁଙ୍କର ।

ହଠାତ୍ ଲମ୍ଫ ଦେଇ ନୃତ୍ୟ ଆରମ୍ଭକଲେ ମୁକୁନ୍ଦ ମହା ଆନନ୍ଦରେ ।

"ପାଇବି, ପାଇବି, କୋଟିଜନ୍ମ ହେଉ, ଲକ୍ଷ କୋଟି ଜନ୍ମ ହେଉ—ମୁଁ ପାଇବି, ପାଇବି" ଚିତ୍କାର କରୁଥାନ୍ତି ବାରମ୍ବାର ମୁକୁନ୍ଦ ।

"ମୁକୁନ୍ଦ ! ମୁକୁନ୍ଦ !" ମହାପ୍ରଭୁ ପୁଣି ଡାକିଲେ ମୁକୁନ୍ଦଙ୍କୁ ।

ବହିର୍ଜଗରେ ନୃତ୍ୟରତ ମୁକୁନ୍ଦ । ପ୍ରଭୁ ଆଦେଶରେ ଉପସ୍ଥିତହେଲେ ଆସି ସମ୍ମୁଖରେ ।

ମୁକୁନ୍ଦ ପ୍ରତିମା ପ୍ରାୟ ଦଣ୍ଡାୟମାନ । ନିମାଇଁ ଆଉ ମୁକୁନ୍ଦ । ବାଲ୍ୟବନ୍ଧୁ । ଦୁହେଁ ଆଜି ନୂତନ ପରିବେଶରେ ନୂତନ ପରିପ୍ରେକ୍ଷୀରେ ପରସ୍ପରକୁ ଚାହିଁଛନ୍ତି । ଆଜି ଆଉ ଅଧ୍ୟାପକ ଗଙ୍ଗାଦାସଙ୍କ ବିଦ୍ୟା ନିକେତନ ନାହିଁ । ମୁକୁନ୍ଦ ଓ ବିଶ୍ୱମ୍ଭରଙ୍କ ମଧ୍ୟରେ ଶାସ୍ତ୍ରଯୁଦ୍ଧ ନାହିଁ । ଗୌର ଅଭିଷେକର ଲୀଳାଗାୟକ ଅତିପ୍ରିୟ ମୁକୁନ୍ଦ ଆଜି ମହାପ୍ରଭୁଙ୍କ ଆଗରେ ଯୋଡ଼ହସ୍ତରେ ବିଦ୍ୟମାନ ।

"ମୁକୁନ୍ଦ !"

କି ମଧୁମୟ ସମ୍ବୋଧନ । ଶବ୍ଦରେ ଯେପରି ପ୍ରାଣର ମୂର୍ଚ୍ଛନା ।

"ମୁକୁନ୍ଦ, ମୁଁ କ'ଣ କେବେ ବିମୁଖ ହୋଇ ପାରିବି ତୋ ପ୍ରତି ?" ନିଜର ସ୍ୱରୂପ ପ୍ରଦର୍ଶନ କରି କହିଲେ ମହାପ୍ରଭୁ । "ମୁଁ ତୋତେ ପରୀକ୍ଷା କରୁଥିଲି ।"

ପରୀକ୍ଷାରେ ଉତ୍ତୀର୍ଣ୍ଣ ଏବେ ମୁକୁନ୍ଦ । ମୁକୁନ୍ଦ ଏବେ ସୁଲଳିତ କଣ୍ଠରେ ବନ୍ଦନା କରିବାକୁ ଲାଗିଲେ ପ୍ରଭୁଙ୍କର ।

ଜଣ ଜଣ କରି ଗୌର ଚରଣାଶ୍ରିତ ଭକ୍ତଗଣ ବର ପ୍ରାର୍ଥନା କଲେ ବିଶ୍ୱମ୍ଭରଙ୍କ ଅନୁରୋଧ କ୍ରମେ । ରୋଗାରୋଗ୍ୟର ବର । ସୁଖ ଶାନ୍ତିର ବର । ପ୍ରେମ ଭକ୍ତିର ବର । ନିଜ ନିଜର ବାସନା ଅନୁସାରେ ବର ପ୍ରାର୍ଥନା ଜଣ ଜଣ କରି ଭକ୍ତଗଣଙ୍କର ।

Source: Author, Digitized by PPRACHIN, SOA

ଆଉ ହରିଦାସ ?

ଯବନ ଅସ୍ପୃଶ୍ୟ ଜ୍ଞାନରେ ହରିଦାସ ନିଜକୁ ସ୍ୱତନ୍ତ୍ର ରଖି ଅନତିଦୂରରେ ଅତ୍ୟନ୍ତ ବିନୀତ ଭଙ୍ଗୀରେ ଦଣ୍ଡାୟମାନ୍ । ମହାପ୍ରଭୁଙ୍କ ନିକଟକୁ ବର ପ୍ରାର୍ଥନା ପାଇଁ ଭିଡ଼ି ପଶି ପାରୁ ନାହାନ୍ତି । ନିର୍ବାକ୍ । ନୀରବ । ନିସ୍ପନ୍ଦ ।

ଏଥର ମନ୍ଦିର ମହମ୍ମଦଙ୍କ ନିକଟକୁ ଆସିବାକୁ ବାଧ ।

"ହରିଦାସ ! ଏବେ ମୋର ରୂପ ଦର୍ଶନ କର !"

ମହାପ୍ରଭୁ ଉଚ୍ଚସ୍ୱରରେ ହରିଦାସଙ୍କୁ ସମ୍ବୋଧନ କରି ଡାକୁଛନ୍ତି । ମନୁଷ୍ୟ ମନୁଷ୍ୟ ମଧ୍ୟରେ ସମସ୍ତ ଭେଦ ଦୂରୀକରଣର ପଣ କ'ଣ ହରିଦାସଙ୍କଠାରେ ସାର୍ଥକ ହେବାର ନୁହେଁ ? ନିର୍ବେଦ ହରିଦାସଙ୍କର ହୃଦ୍‌ବୋଧ କରିବା ପାଇଁ ମହାପ୍ରଭୁ ବାରମ୍ବାର ସମ୍ବୋଧନ କରୁଛନ୍ତି ।

"ହରିଦାସ, ଏହି ମୋର ରୂପ ଦର୍ଶନ କର ।"

ସେଦିନ ପାର୍ଥ ଧନୁର୍ଦ୍ଧରଙ୍କୁ ଯୋଗେଶ୍ୱର କୃଷ୍ଣ ଧୀମସ୍ୱରରେ କହିଲେ—

"ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶଃ
ନାନା ବିଧାନି ଦିବ୍ୟାନି ନାନା ବର୍ଣ୍ଣାକୃତୀନି ଚ" ।

କୁରୁକ୍ଷେତ୍ର । ଶିଷ୍ୟ ସଖା ଅର୍ଜ୍ଜୁନଙ୍କର ଅନୁରୋଧ କ୍ରମେ କହିଥିଲେ ଉଭୟ ସେନାମଧ୍ୟରେ ଭଗବାନ୍ ଶ୍ରୀକୃଷ୍ଣ—

ଦେଖ ପାର୍ଥ ରୂପ ମୋହର   ବହୁ ଶତ ସହସ୍ର ।
ନାନାବିଧ ଦିବ୍ୟ ଆକୃତି   ତଥା ବର୍ଣ୍ଣ ଅଜସ୍ର ।

କିନ୍ତୁ ଆଜି ଶିଷ୍ୟର ଅନୁରୋଧ ନାହିଁ, ଯାଚଞ୍ଚା ନାହିଁ । ଅଯାଚିତ କୃପା ଗୁରୁ-ରୂପୀ ଭଗବାନଙ୍କର ।

ସେଦିନର ରୂପ ବିଶ୍ୱରୂପ । ଆଜିର ରୂପ, ବିଶ୍ୱମ୍ଭର ରୂପ । ବହୁ ଗୁଣରେ ମହତ୍ତର, ମର୍ମସ୍ପର୍ଶୀ, ମର୍ମଭେଦୀ, ମର୍ମ ବିଦାରକ ।

ସେଦିନ କୁରୁକ୍ଷେତ୍ରରେ 'ସେନୟୋରୁଭୟୋର୍ମଧ୍ୟେ' ଅର୍ଜ୍ଜୁନ ଦେଖିଥିଲେ ଭଗବାନ୍ ଶ୍ରୀକୃଷ୍ଣଙ୍କର ସେ ଦିବ୍ୟରୂପ—ସର୍ବତ୍ର ପରିବ୍ୟାପ୍ତ, ବହୁ ବାହୁ, ବହୂଦର, ବହୁ ମୁଖ, ବହୁନେତ୍ର ବିଶିଷ୍ଟ, ଆଦ୍ୟନ୍ତହୀନ ଏକ ଅନନ୍ତ ଆକୃତି ମଧ୍ୟରେ ସ୍ଥୂଳଭାବରେ ଅବସ୍ଥିତ ସର୍ବାନ୍ ଦେବାନ୍, , ଭୂତବିଶେଷ ସଙ୍ଘାନ୍, ଦିବ୍ୟାନ୍ ଋଷିନ୍, ସର୍ବାନ୍ ଉରଗାନ୍, ଈଶଂ, କମଳ-ଆସନସ୍ଥ ବ୍ରାହ୍ମଣମ୍ ।

ତବ ଦେହେ ଦେବ ଦେଖେଁ ସର୍ବଦେବେ
                    ଭୂତ ଯେତେ ମର୍ତ୍ତ୍ୟେ ଅବା ସର୍ଗେ
କମଳ ଆସନ ବ୍ରହ୍ମା ଈଶ ସନେ
                    ଦିବ୍ୟ ଋଷି ବର୍ଗ, ସର୍ବ ଉରଗେ ।

Source: Author, Digitized by PPRACHIN, SOA

ଶ୍ରୀକୃଷ୍ଣଙ୍କର ଅଶେଷ ବିଭୂତିର ଏକ ବିରାଟ ପ୍ରଦର୍ଶନୀ । ପୁରୁଷୋତ୍ତମଙ୍କର ବିରାଟତ୍ୱର ଅଶେଷ ବିଭୂତି ପ୍ରକାଶ—ଏହି ଗୀତୋକ୍ତ ବିଶ୍ୱରୂପ ଦର୍ଶନ ଯୋଗ ।

ମାତ୍ର ବିଶ୍ୱମ୍ଭରଙ୍କର ଏହି ନିଃସ୍ୱ ରୂପରେ ଲେଶମାତ୍ର ବିଭୂତିର ଅଭିଭୂତି ନାହିଁ । ଏ ରୂପରେ କେବଳ ଅନୁଭୂତିର ତୀକ୍ଷ୍ଣତା । ଭାବଗ୍ରାହିତ୍ୱର ପ୍ରବଳତା ।

ବିଶ୍ୱରୂପଦର୍ଶନରେ ଦ୍ରଷ୍ଟାର ବିହ୍ୱଳତା, ବିଶ୍ୱମ୍ଭର ରୂପରେ ବିଦଗ୍ଧତା । ବିଶ୍ୱାନୁଭୂତିର ପ୍ରାଚୁର୍ଯ୍ୟ, ପ୍ରାଖର୍ଯ୍ୟରେ ବିଶ୍ୱରୂପ ଶ୍ରୀକୃଷ୍ଣହିଁ ଆଜି ବିଶ୍ୱମ୍ଭର ଗୌରାଙ୍ଗ ।

ବିଶ୍ୱର ସମସ୍ତ ସ୍ଥୂଳବସ୍ତୁ ଏକତ୍ର ଠୁଳ ହେବାର ଐଶ୍ୱର୍ଯ୍ୟ ପ୍ରକାଶନ ନିମନ୍ତେ ଅବକାଶ ନାହିଁ ଏ ଅବତାରରେ ।

ବିଶ୍ୱବାସୀଙ୍କର ହୃଦୟର ସମସ୍ତ ସୁଖ ଦୁଃଖକୁ ଅନ୍ତର୍ନିହିତ କରି ସେ ଆଜି ସୁଖେ ଦୁଃଖେ ସମକୃତା, ମହାସମାଧିରେ ବିଭୋର । ତେଣୁ ଏ ଲୀଳା ପ୍ରକାଶ ନୁହେଁ—ଲୀଳା ବିଳାସ ।

ହରିଦାସ ବିମୁଗ୍ଧ; ହୃଦୟ ସତେ ଯେପରି ଶତଧା-ବିଦୀର୍ଣ୍ଣ-ବିଶ୍ୱମ୍ଭର ରୂପଦର୍ଶନରେ ।

ସେଦିନ ମହାଭାରତରେ ପ୍ରବ୍ୟଥିତ, ବେପମାନ, କିରୀଟୀ, ବାରମ୍ବାର ନମସ୍କାର କରି ଭୀତତ୍ରସ୍ତ ଗଦ୍‌ଗଦ୍ କଣ୍ଠରେ କହିଥିଲେ—"ତେନୈବ ରୂପେଣ ଚତୁର୍ଭୁଜେନ ସହସ୍ରବାହୋ ଭବ ବିଶ୍ୱମୂର୍ତ୍ତେ ।"

ଦେଖିବାକୁ ଚାହେଁ ଶିରେ ତୋ କିରୀଟ
ପୂର୍ବପରି ଗଦା ଚକ୍ର ତୋ କରେ ।
ହେ ସହସ୍ର ବାହୁ, ଆହେ ବିଶ୍ୱମୂର୍ତ୍ତି
ଉଭା ହୁଅ ଚତୁର୍ଭୁଜ ରୂପରେ ॥ (ଗୀତା)

କିନ୍ତୁ ବିଶ୍ୱମ୍ଭରରୂପ-ଦର୍ଶନକାରୀ ହରିଦାସ ଆଜି ଭୀତ ନୁହଁନ୍ତି, ତ୍ରସ୍ତ ନୁହଁନ୍ତି, ପ୍ରକମ୍ପିତ ନୁହଁନ୍ତି ।

ହରିଦାସ ସ୍ତବ୍ଧ । ସ୍ତମ୍ଭୀଭୂତ । ଅପଲକ ନେତ୍ର । ଶ୍ୱାସପ୍ରଶ୍ୱାସ କ୍ରିୟା ରୁଦ୍ଧ । ଶରୀର ବିବର୍ଣ୍ଣ । ନିଷ୍ପ୍ରାଣଇବ ପ୍ରତୀୟମାନ ।

ଏ କୁରୁକ୍ଷେତ୍ର ନୁହେଁ, କର୍ମକ୍ଷେତ୍ର ନୁହେଁ, ଧର୍ମକ୍ଷେତ୍ର ନୁହେଁ, ପ୍ରେମ କ୍ଷେତ୍ର । ଏଠି ଦ୍ରଷ୍ଟା ଓ ଦର୍ଶନୀୟ ସମ୍ବନ୍ଧ ନାହିଁ । ଏଠି ଦର୍ଶନହିଁ ଅଦର୍ଶନ । ଏଠି କେବଳ ଅନୁଭୂତିର ବିନିମୟ । ପରସ୍ପର ଆଦାନ ପ୍ରଦାନ ।

ହରିଦାସ ଦେଖୁଛନ୍ତି ସ୍ୱଚକ୍ଷୁରେ । ଓଃ, କି ମର୍ମନ୍ତୁଦ ଦୃଶ୍ୟ । ଯବନ ବେତ୍ରାଘାତରେ କ୍ଷତବିକ୍ଷତ ଆହତ ଶରୀରର ଅସୁମାରି ଚିହ୍ନ ଗୌର ବିଶ୍ୱମ୍ଭରଙ୍କର ସମଗ୍ର ଗାତ୍ରରେ ମୁଦ୍ରାଙ୍କିତ ପ୍ରାୟେ ଭରି ରହିଛି । ସେଦିନ ସମାଧିସ୍ଥ ଅବସ୍ଥାରେ ଅନନୁଭୂତ ଅସଂଖ୍ୟ ଆଘାତର ଯାବତୀୟ ସଞ୍ଚିତ ଯନ୍ତ୍ରଣା ଆଜି ଯେପରି ସହସା ଏକକାଳୀନ ଏକତ୍ର

Source: Author, Digitized by PPRACHIN, SOA

ଭୋଗ ହେଲା ହରିଦାସଙ୍କ ଶରୀରରେ । "ହା କୃଷ୍ଣ ହା କୃଷ୍ଣ", ଉଚ୍ଚାରଣ କରି ହରିଦାସ ସଜ୍ଞାହୀନ ହୋଇ ପଡ଼ିଲେ ।

"ହରିଦାସ !" ମହାପ୍ରଭୁ ଅଚେତନ ହରିଦାସଙ୍କୁ ସଂବୋଧନ କରି କହୁଛନ୍ତି ଚୈତନ୍ୟ ମନ୍ତ୍ରରେ—

ମୋର ଏହି ଦେହଠାରୁ ବଳି ତୁମ୍ଭ ଦେହ ।
ତୋ' ଜାତିରେ ଜନ୍ମ ମୋର ନ କର ସନ୍ଦେହ ।।
ପାପିଷ୍ଠ ଯବନ ହାତେ ଯେ ଦୁଃଖ ତୁମରି ।
ବିଦାରି ଦେଉଛି ବୁଝୁ ସେ ସବୁ ସୁମରି ।।
ପ୍ରହାରି ବୁଲିଲେ ଯେବେ ନମତା ଉପେକ୍ଷି ।
ନଗରେ ନଗରେ ମୁହିଁ ତୋହ ଦୁଃଖ ଦେଖି ।।
ବୈକୁଣ୍ଠରୁ ଆସିଲଇଁ ମର୍ତ୍ତ୍ୟେ ଅବତରି ।
ସଂହାରିବି ବୋଲି ସର୍ବେ କରେ ଚକ୍ର ଧରି ।।
ତୁମ୍ଭେ କିନ୍ତୁ ସେ ସବୁରି ମାଗିଲ ମଙ୍ଗଳ ।
ପ୍ରାଣାନ୍ତକ ପ୍ରହାରେ ଯେ ନଟିଲ କଳବଳ ।।
ଜଣ ଜଣ ଘାତକର ମଙ୍ଗଳ ମନାସି ।
ନ ଗଣିଲ ଦୁଃଖ ବୋଲି ସହି ଦୁଃଖ ରାଶି ।।
ଚକ୍ର ଧାରଣ ମୋ ହେଲା ବୃଥା ତୋହ ଲାଗି ।
ସଭିଙ୍କର ଶୁଭ ଯେଣୁ ଥିଲ ତୁମ୍ଭେ ମାଗି ।।
ସେ ସଂକଳ୍ପ ତେଣୁ ନ ପାରିଲି କରି ଆନ ।
ତୋ ପ୍ରହାର ଦୁଃଖେ ହେଲା ବ୍ୟଥିତ ମୋ ପ୍ରାଣ ।।
ତୋର ଉତ୍ପୀଡ଼ନ ନିଜ ଅଙ୍ଗେ ନେଲି ବରି ।
ସେ ଚିହ୍ନ ବହୁଛି ସତ୍ୟ ସର୍ବାଙ୍ଗରେ ଭରି ।। (ଚୈ: ଭା:)

ଉଭୟେ ପରମ ଭକ୍ତ, ହରିଦାସ ଓ ଅର୍ଜୁନ । ଅନନ୍ୟା ଭକ୍ତି ବଳରେ ଉଭୟେ ଲାଭ କରିଛନ୍ତି ଭଗବତ୍ ସାକ୍ଷାତ୍କାର । ଭକ୍ତି ବ୍ୟତିରେକେ ସେ ରୂପ ଦର୍ଶନରେ କୌଣସି ବ୍ୟକ୍ତି ସମର୍ଥ ହେବା ଅସମ୍ଭବ ।

ନାହଂ ବେଦୈ ନ ତପସା ନ ଦାନେନ ନ ଚେଜ୍ୟୟା ।
ଶକ୍ୟ ଏବଂବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା । (ଗୀତା)

ଶ୍ରୀ ଭଗବାନ୍ ବିଶ୍ୱରୂପ ଦ୍ରଷ୍ଟା ଭୀତ ଅର୍ଜୁନଙ୍କୁ ପ୍ରକୃତିସ୍ଥ କରାଇ କହିଥିଲେ ସେହିପରି—

କଲ ଯା ଦର୍ଶନ ତେମନ୍ତେ ତିଳେ ନ ମିଳେ ଜନେ ।
ବେଦପାଠେ ତପଶ୍ଚରଣେ ଦାନେ ଯଜ୍ଞେ ପୂଜନେ ।। (ଗୀତା)

Source: Author, Digitized by PPRACHIN, SOA

ମାତ୍ର ଅର୍ଜ୍ଜୁନ ଥିଲେ ଭକ୍ତିକାମୀ । ଶ୍ରୀ ଭଗବାନଙ୍କର ଅଶେଷ ବିଭୂତି ବର୍ଣ୍ଣନା ଶୁଣି 'ଐଶ୍ୱର ଯୋଗ' ଦର୍ଶନରେ ଆକାଂକ୍ଷୀ ଅର୍ଜ୍ଜୁନ । ଚର୍ମଚକ୍ଷୁରେ ସେ ରୂପଦର୍ଶନ ବିଡ଼ମ୍ବନା ମାତ୍ର । ତେଣୁ ଭଗବାନ୍ ଅର୍ଜ୍ଜୁନଙ୍କୁ ଦେଲେ ଦିବ୍ୟ ଚକ୍ଷୁ ।

ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱ ଚକ୍ଷୁଷା
ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗ ମୈଶ୍ୱରମ୍ ।।

ଭଗବାନ୍ ନିଜେ ଜାଣିଥିଲେ—ଅର୍ଜ୍ଜୁନର ଅସାମର୍ଥ୍ୟ । ତେଣୁ ସେ ସ୍ୱତଃ ଭକ୍ତକୁ ଶକ୍ତି-ସମ୍ପନ୍ନ କରିବାର ଦାୟିତ୍ୱ ବହନ କରି କହିଥିଲେ—

ଦେଖି ନ ପାରିବ ସ୍ୱଚକ୍ଷେ ଦେଲି ଦିବ୍ୟ ନୟନ
ହେର ଏବେ ମୋର ଐଶ୍ୱର ଯୋଗ କର ଦର୍ଶନ । (ଗୀତା)

ମାତ୍ର ଏ ଦିବ୍ୟ ଚକ୍ଷୁ, ଏ ବିଶ୍ୱରୂପ ଦର୍ଶନର ପରିଣାମ କ'ଣ, ଲକ୍ଷଣ କ'ଣ, ଉଦ୍ଦେଶ୍ୟ କ'ଣ ?

ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂ ବିଧୋଽର୍ଜ୍ଜୁନ
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ । (ଗୀତା)

ସେ ଦିନ ଭଗବାନ୍ ନିଜେ ଘୋଷଣା କରିଗଲେ –

ପରନ୍ତପ ହେବୁ ଅନନ୍ୟା ଭକ୍ତିରେ ହିଁ ସମର୍ଥ
ମୋଠାରେ ପ୍ରବେଶ ଦର୍ଶନେ ଜାଣିବାରେ ମୋ ତତ୍ତ୍ୱ । (ଗୀତା)

ଭଗବତ୍ ଦର୍ଶନ, ଭଗବତ୍ ସତ୍ତ୍ୱରେ ପ୍ରବେଶ ଏବଂ ଭଗବତ୍ ବିଷୟକ ଜ୍ଞାନ ହିଁ ଅର୍ଜ୍ଜୁନର ଆବଶ୍ୟକ—ଅର୍ଜ୍ଜୁନର ଲକ୍ଷ୍ୟ ।

କିନ୍ତୁ ହରିଦାସଙ୍କର ଲକ୍ଷ୍ୟ ଭିନ୍ନ । ହରିଦାସ ଭଗବତ୍ ତତ୍ତ୍ୱ ସମ୍ବନ୍ଧରେ ଜ୍ଞାନ ଆହରଣ କରିବାକୁ କେବେ ହେଲେ ପ୍ରୟାସ କରି ନାହାନ୍ତି ଜୀବନରେ । ଭଗବାନଙ୍କଠାରେ ପ୍ରବେଶ କରିବାପାଇଁ ସାରୂପ୍ୟ, ସାଯୁଜ୍ୟ, ସାଲୋକ୍ୟ, ସାର୍ଷ୍ଟି, ସାମୀପ୍ୟ ଆଦି ମୁକ୍ତି ମଧ୍ୟ ଚାହିଁ ନାହାନ୍ତି । ଭଗବାନଙ୍କର ଦର୍ଶନ ଆକାଂକ୍ଷା ମଧ୍ୟ କରି ନାହାନ୍ତି ସେ । ଭିକ୍ଷା କରି ନାହାଁନ୍ତି ପ୍ରଭୁ ପାଦରେ ସେଥିପାଇଁ । କୋଦଣ୍ଡଧାରୀ ରାମଚନ୍ଦ୍ର କିମ୍ବା ବେଣୁପାଣି ଶ୍ରୀକୃଷ୍ଣ ସ୍ୱରୂପରେ ହରିଦାସଙ୍କ ସନ୍ଦେହ ମୋଚନ କରିବାର ପ୍ରୟୋଜନ ନ ଥିଲା ଶ୍ରୀଗୌରାଙ୍ଗଙ୍କର ।

ଯେଉଁଠି ଧନୁର୍ଦ୍ଧର ପାର୍ଥ ଓ ଯୋଗେଶ୍ୱର କୃଷ୍ଣ, ସେଠି ଶ୍ରୀ ବିଜୟ ଓ ଭୂତି । ତାହା ହିଁ ଥିଲା ଗୀତାର ନାୟକ ଅର୍ଜ୍ଜୁନଙ୍କର ସ୍ଥିର ଲକ୍ଷ୍ୟ, ଧ୍ରୁବାନୀତି ।

ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଦ୍ଧରଃ
ତତ୍ର ଶ୍ରୀ-ର୍ବିଜୟୋ ଭୂତିର୍ଧ୍ରୁବାନୀତି ମତିର୍ମମ ।।

ଗୀତାର ଉପସଂହାରରେ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ସମଗ୍ର ଗୀତାର ସାରତତ୍ତ୍ୱ ଏହି ଶ୍ଳୋକରେ ଲିପିବଦ୍ଧ କରିଗଲେ ।

ଯହିଁ ଯୋଗେଶ୍ୱର ଶ୍ରୀକୃଷ୍ଣ ପାର୍ଥ କୋଦଣ୍ଡ ହସ୍ତେ
ତହିଁ ଶ୍ରୀ ବିଜୟ ଭୂତି ଧ୍ରୁବାନୀତି ମୋ ମତେ ।।

Source: Author, Digitized by PPRACHIN, SOA

ହରିଦାସ ଶ୍ରୀହୀନ, ଦରିଦ୍ର ଜାଗତିକ ଦୃଷ୍ଟିରେ । ରାଜ୍ୟଜୟର ଆକାଂକ୍ଷା କଳ୍ପନାଶ୍ରିତ ହରିଦାସଙ୍କ ପକ୍ଷରେ । ଭୌତିକ ଭୁକ୍ତି ବା ପ୍ରଗତିର ପ୍ରୟୋଜନ ନାହିଁ ହରିଦାସଙ୍କର । କେବଳ ଧ୍ରୁବାମୀତର ଅଧିକାରୀ ସେ । ସେ ମୀତର ଲକ୍ଷ୍ୟ ମୋକ୍ଷ ନୁହେଁ । ହରିଦାସଙ୍କର ଏକମାତ୍ର କାମ୍ୟ ଭକ୍ତି—କେବଳ ଭକ୍ତି । ଭକ୍ତିହିଁ ତାଙ୍କର ସାଧ ଓ ସାଧନା । ମୋକ୍ଷ କାମନା ତାଙ୍କ ମତରେ 'କୈତବ ପ୍ରଧାନ' ହୀନକପଟତା ।

ଏକମାତ୍ର ହରିଦାସ ହିଁ ଏ ବିଶ୍ୱାମ୍ବର ରୂପଦର୍ଶନର ଅଧିକାରୀ । ଏ ରୂପଦର୍ଶନ ପାଇଁ ଦିବ୍ୟ ଚକ୍ଷୁର ଆବଶ୍ୟକତା ନ ଥାଏ । ପରମ ପୁରୁଷାର୍ଥ ପ୍ରେମ ଯାହା ଜୀବନର ଲକ୍ଷ୍ୟ, ଭକ୍ତି ହିଁ ତାହାର ଚକ୍ଷୁ, ତାହାର ଦର୍ଶନ, ସୁଦର୍ଶନ ।

ବିଶ୍ୱ ରୂପରେ ଐଶ୍ୱର୍ଯ୍ୟ ବିଶ୍ୱମ୍ଭର ରୂପରେ ମାଧୁର୍ଯ୍ୟ ।
ବିଶ୍ୱ ରୂପରେ ବ୍ୟାପ୍ତି ବିଶ୍ୱମ୍ଭର ରୂପରେ ସଂକ୍ଷିପ୍ତି ।
ବିଶ୍ୱରୂପରେ ବହିର୍ଦୃଷ୍ଟି ବିଶ୍ୱମ୍ଭର ରୂପରେ ଅନ୍ତରୀକ୍ଷଣ ।

ବିଶ୍ୱରୂପରେ ଭଗବାନଙ୍କର ବଶ ଭକ୍ତ । ବିଶ୍ୱମ୍ଭର ରୂପରେ ଭକ୍ତାଧୀନ ଭଗବାନ୍ ।

ଭକ୍ତ ଲାଗି ଭୁଞ୍ଜି କୃଷ୍ଣ ଜ୍ୱଳନ୍ତ ଅନଳେ
ସ୍ୱେଚ୍ଛାକୃତେ ହୁଅନ୍ତି ସେ ଭକ୍ତାଧୀନ ବଳେ ।

ହରିଦାସ ମୂର୍ଚ୍ଛିତ ନୁହନ୍ତି । ସମାଧିସ୍ଥ । ସମାଧି ଅବସ୍ଥାରେ ମଧ ସେହି ଭୋଗ ରାସ ରସ ଆସ୍ୱାଦନ । 'ହରେକୃଷ୍ଣ' ନାମ ଶୟନେ ସ୍ୱପନେ ଜାଗରଣରେ ଜପ ମାଧ୍ୟମରେ ଯୁଗଳରସ ଆସ୍ୱାଦନ ।

ମହାପ୍ରଭୁଙ୍କ ଆହ୍ୱାନରେ ଚୈତନ୍ୟ ଉଦୟ ହେଉଛି ହରିଦାସଙ୍କର; କିନ୍ତୁ ନୟନ ନଭସରେ ନବଘନର ରଭସ ସଙ୍ଗେ ଅସରନ୍ତି ଅଶ୍ରୁଧାର ବର୍ଷଣ ।

"ହରିଦାସ ! ବରଭିକ୍ଷା କର ।"

ହରିଦାସ ଏବେ ପ୍ରକୃତିସ୍ଥ । ମାତ୍ର ବାକ୍‌ଶକ୍ତିହୀନ । ଅଯାଚିତ ଭାବରେ ବର ପ୍ରଦାନ କରିବାକୁ ପ୍ରସ୍ତୁତ ନିଜେ ବାଞ୍ଛାକଳ୍ପତରୁ । ଆଜୀବନ ଚିନ୍ତାମଣିର ଶରଣାପନ୍ନ ହରିଦାସ । ନାମ ପ୍ରେମ ଛଡ଼ା, ନାମୀର କୃପା ବ୍ୟତୀତ ଅନ୍ୟ କିଛି କାମନା କରି ନାହାନ୍ତି । ଆଜି ସାକ୍ଷାତରେ ନାମୀର ଅପାର କରୁଣା ଲାଭ କଲା ପରେ ଅନ୍ୟ କେଉଁ ବର ସେ ପ୍ରାର୍ଥନା କରିବେ ? ବାଞ୍ଛାକଳ୍ପତରୁ ତଳେ ଥାଇ ଯେତେ ବରିଷ୍ଠ ହେଲେ ବି ପାର୍ଥିବ କାମନା ବାସ୍ତବିକ୍ କେତେ ତୁଚ୍ଛ ! ପ୍ରାର୍ଥନା-ଅସମର୍ଥ ହରିଦାସ ବହୁ ଆୟାସରେ ବ୍ୟକ୍ତ କରୁଛନ୍ତି ନିଜର ମନୋଭାବ ।

ବିଶ୍ୱମ୍ଭର ପ୍ରଭୁ ମୋର ଘେନ ପ୍ରଣିପାତ ।
ପାତକୀରେ କର କୃପା ଜଗତର ନାଥ ।।
ସର୍ବଜାତି ବହିଷ୍କୃତ ମୁଁ ଅଧମ ପ୍ରାଣୀ ।
ତୋ ମହିମା ପ୍ରଭୁ ମୁହିଁ ପାରେ କି ବଖାଣି ।।

Source: Author, Digitized by PPRACHIN, SOA

ଦେଖିଲେ ପାତକ ଲୋକେ ପରଶିଲେ ସ୍ନାନ ।
କି ବର୍ଣ୍ଣିବ ପ୍ରଭୁ ମୁହିଁ ତୋହର ଆଖ୍ୟାନ ॥ (ଚୈ. ଭା.)

ନିଜର ଦୈନ୍ୟ ପ୍ରକାଶ କରି ହରିଦାସ ବରଦାତା ମହାପ୍ରଭୁଙ୍କର ମନ ଅନ୍ୟ ଦିଗକୁ ଆକର୍ଷଣ କରିବାର ପ୍ରୟାସ ବ୍ୟର୍ଥ ହେଲା । ମହାପ୍ରଭୁ ଏଥର ଅଭୟବାଣୀ ଶୁଣାଇଲେ—

କହ କହ ହରିଦାସ ସବୁ ତୋହ ପାଇଁ
ତୋଠାରେ ଅଦେୟ ମୋର କିଛୁ ହେଲେ ନାହିଁ ॥

ହରିଦାସ କରପତ୍ର ଯୋଡ଼ି ଜଣାଉଛନ୍ତି—

ମୁହିଁ ଅଳ୍ପ ଭାଗ୍ୟ ପ୍ରଭୁ ବଡ଼ ମୋର ଆଶ ।
ତୋ ଚରଣେ ଭଜନ୍ତି ତୋ ଦାସ ଅନୁଦାସ ।
ତାଙ୍କ ଭୁକ୍ତ ଅବଶେଷ ହେଉ ମୋର ଗ୍ରାସ ॥
ସେଭକ ମାତ୍ର ଭୋଜନ ଜନମ ଜନମ
ସେହି ଅବଶେଷ ହେଉ ନିତ୍ୟାକୁଳ ଧର୍ମ ।

× ×

ଶଚୀର ନନ୍ଦନ ବାପ କୃପାକର ମୋରେ
କୁକୁର କରି ହେ ରଖ ମୋହେତ ଭକ୍ତ ଘରେ ॥

ଏକ ଦୁଃସାହସିକ ପ୍ରାର୍ଥନା । ପାର୍ଥିବ ପ୍ରାର୍ଥନା । ମାତ୍ର ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ । ଗୋଟିଏ ପ୍ରାର୍ଥନାରେ ଦୁଇଟି ଅଭୀଷ୍ଟ । ପ୍ରଥମରେ ଭକ୍ତର ମାହାତ୍ମ୍ୟ, ଭକ୍ତର ଦାସାନୁଦାସଙ୍କ ମହିମା ପ୍ରକାଶ । ଦ୍ୱିତୀୟରେ ଅଭିମାନ ଶୂନ୍ୟତାର ଭିକ୍ଷା । ପ୍ରଥମରେ ବିଶ୍ୱାସ ଦ୍ୱିତୀୟଟି ପ୍ରାର୍ଥନା । ବିଶ୍ୱାସ ବିନା ପ୍ରାର୍ଥନା ବ୍ୟର୍ଥ । କେବଳ ଶ୍ରୀ ଗୌରାଙ୍ଗ ନୁହନ୍ତି, ଗୌର ଭକ୍ତବୃନ୍ଦ ମଧ୍ୟ ନୁହନ୍ତି, ସେମାନଙ୍କର ଦାସ ଅନୁଦାସଙ୍କର ସଙ୍ଗସୁଖ ତୁଳନାରେ ସ୍ୱର୍ଗସୁଖ ଅତି ତୁଚ୍ଛ ହରିଦାସଙ୍କ ପକ୍ଷରେ । ପାର୍ଥିବ ଜଗତରେ ଅପାର୍ଥିବ ଆନନ୍ଦ ! ଭୌତିକ ଭିକ୍ଷାରେ ନୈସର୍ଗିକ ନିଧି । ହରିଦାସଙ୍କର ଅଭିମାନ ଶୂନ୍ୟତାର ଭିକ୍ଷା, ଭିକ୍ଷା ନୁହେଁ, ଗୌର ବଶୀକରଣ ମନ୍ତ୍ର ।

ହରିଦାସଙ୍କ ଭିକ୍ଷା ବାହ୍ୟ ଦୃଷ୍ଟିରୁ ଅତି ସାମାନ୍ୟ, ନଗଣ୍ୟ । ମାତ୍ର ଏହି ସାମାନ୍ୟତା ମଧ୍ୟରେ, ଅସୀମ, ଅସାମାନ୍ୟ ଅନୁପମ ଭୋଗର ବୀଜ ବପିତ ।

ହରିଦାସଙ୍କର ଭିକ୍ଷା ଭିକ୍ଷା ନୁହେଁ, ପରୀକ୍ଷା । ପ୍ରଭୁଙ୍କର ପ୍ରଭୁପଣର ପରୀକ୍ଷା । ପରୀକ୍ଷକ ହରିଦାସ ।

ଈଶ୍ୱରଙ୍କର ଈପ୍ସିତ ସତ୍ତ୍ୱରେ ଭଗବାନଙ୍କର ଭକ୍ତାଧୀନତାର ସଂଘର୍ଷ । ଏକ ସମୟରେ ଦୁଇଭାବର ପରିଚାଳ । ଅନନ୍ତ ଅନାଦି ସର୍ବବ୍ୟାପୀ, ସର୍ବଶକ୍ତିମାନ୍ , ଭଗବାନ୍ ସତେ ଯେପରି ଭକ୍ତଭୁକ୍ତାବଶେଷଭୋଗୀ ସ୍ଥାନଠାରୁ ମଧ୍ୟ ହୀନ । ଭକ୍ତାଧୀନତାରେ ବିଭୋର ଭଗବାନ୍ ଶ୍ରୀ ଗୌରାଙ୍ଗଙ୍କର ଅଯାଚିତ କୃପାବାରି ଅଜାଡ଼ି ହୋଇ ପଡ଼ିଲା ଅଜସ୍ର ଧାରରେ ହରିଦାସଙ୍କ ଉପରେ ।

Source: Author, Digitized by PPRACHIN, SOA

"..................ଶୁଣ ହରିଦାସ ।
ବିବିଦେକ ତୋହ ସଙ୍ଗେ କରେ ଯେହୁ ବାସ ।।
ତିଳାର୍ଦ୍ଧେକ ତୁମ୍ଭ ସଙ୍ଗେ ହେବ ଯା'ର କଥା ।
ଅବଶ୍ୟ ପାଇବ ମୋତେ ନୁହଇ ଅନ୍ୟଥା ।।
ମୋଠାବରେ ତା' ଶ୍ରଦ୍ଧା, ତୁମଠାରେ ଶ୍ରଦ୍ଧା ଯାର ।
ତୁମ୍ଭ ଶରୀରରେ ମୁହିଁ ଥାଏ ନିରନ୍ତର ।।
ତୋ ସମ ସେବକ ଯୋଗୁଁ ମୋ ଠାକୁର ପଣ ।
ଚିରକାଳ କରିଛୁ ମୋ ହୃଦୟୁ ବନ୍ଧନ ।।

ବରଦାନ ସଙ୍ଗେ ସଙ୍ଗେ ଝରଝର ଅଶ୍ରୁନିର୍ଝର ଝରି ପଡ଼ିଲା ଶ୍ରୀ ଗୌରାଙ୍ଗଙ୍କ ନୟନରୁ ।

ଏ କି ଅଯାଚିତ ବରଦାନ । ହରିଦାସ ଅଭିଭୂତ ଏ ଅପାର କରୁଣାର ଅଭିଷେକରେ ।

ହରିଦାସଙ୍କ ସଙ୍ଗେ ଯେ ବାସ କରିବାର ସୌଭାଗ୍ୟ ଲାଭ କରିବ, ତିଳାର୍ଦ୍ଧ ପ୍ରମାଣରେ ଯାହାର ହରିଦାସଙ୍କ ସହ ଆଳାପ ହେବ, ସେ ମହାପ୍ରଭୁଙ୍କୁ, ପରମେଶ୍ୱରଙ୍କୁ, ସାକ୍ଷାତ୍ ପରଂବ୍ରହ୍ମ, ପୁରୁଷୋତ୍ତମଙ୍କୁ ପ୍ରାପ୍ତହେବ । ଅବଶ୍ୟ ପ୍ରାପ୍ତହେବ । ପ୍ରତିଶ୍ରୁତି ମହାପ୍ରଭୁଙ୍କର । ଅନ୍ୟଥା ହେବାର ନୁହେଁ । ପୁଣି ହରିଦାସଙ୍କ ପ୍ରତି ଶ୍ରଦ୍ଧାର ଅର୍ଥ ମହାପ୍ରଭୁଙ୍କ ପ୍ରତି ଶ୍ରଦ୍ଧା । ଏହାହିଁ କ'ଣ ଥିଲା ପ୍ରାର୍ଥନା ହରିଦାସଙ୍କର ?

ଦାତା ଓ ଗ୍ରହୀତା-ଉଭୟଙ୍କର ଏକ ଅଭିନବମୟ ସ୍ୱଭାବ । ଭିକ୍ଷା ଓ ଦାନ ମଧ୍ୟରେ ବାହ୍ୟତଃ କୌଣସି ସାମଞ୍ଜସ୍ୟ ନାହିଁ । ହରିଦାସଙ୍କର ପ୍ରାର୍ଥନା ଭକ୍ତ ଉଚ୍ଛିଷ୍ଟ ଭୋଜୀ କୁକୁର ହେବାପାଇଁ । ଏ ପ୍ରାର୍ଥନାରେ ସ୍ୱାର୍ଥ ନ ଥିଲେ ବି ହେଁ ପ୍ରାର୍ଥୀ ହିଁ ପ୍ରଧାନ କର୍ତ୍ତା । ପ୍ରାର୍ଥନାର କୌଣସି ଅର୍ଥ ନାହିଁ । ନିରର୍ଥକ । ଦାନ ମଧ୍ୟ ବିଚିତ୍ର । ହରି ଦାସଙ୍କ ସଂସ୍ପର୍ଶମାତ୍ରେ ଭଗବତ୍ ପ୍ରାପ୍ତି । ଏ ବରଦାନରେ ଦାନ ଅଛି ମାତ୍ର ଗ୍ରହୀତା ନାହିଁ । ଗ୍ରହୀତାର ପ୍ରତ୍ୟକ୍ଷ ଲାଭ ନାହିଁ । ପରୋକ୍ଷରେ ପରୋପକାର ।

ମାତ୍ର ହରିଦାସଙ୍କ ପ୍ରାର୍ଥନା କ'ଣ ପୂର୍ଣ୍ଣ କରିବେ ନାହିଁ ଭକ୍ତ ବାଞ୍ଛାକଳ୍ପତରୁ ?

ହରିଦାସ ସେ ବରଲାଭ କରି ସାରିଛନ୍ତି । ଗୌର ଚରଣରେ ଆଶ୍ରୟ, ଗୌରଦର୍ଶନ ଗୌର ସେବାରେ ଅଧିକାର ଲାଭ ହିଁ ତାର ପ୍ରମାଣ । ତଥାପି ଆତ୍ମବିସ୍ମୃତ ହରିଦାସଙ୍କର ବର ଭିକ୍ଷା ବାହୁଲ୍ୟ ନୁହେଁ । ଅଭିମାନ ଶୂନ୍ୟତାର ସ୍ୱଭାବହିଁ ଅଧିକାର ବିସ୍ମୃତିର କାରଣ ।

ତୃଣାଦପି ସୁନୀଚ ଭାବ ହରିଦାସଙ୍କର ଶରୀରରେ ସତତ ସଂଲଗ୍ନ ଅଙ୍ଗଭୂଷା ସ୍ୱରୂପ । ଅଭିମାନଶୂନ୍ୟ କର୍ମନିଷ୍ଠ ନର ନିଜର ଅଧିକାର ପ୍ରତି ଅମନୋଯୋଗୀ ହେବା ସ୍ୱାଭାବିକ । ହରିଦାସ ତାର ନିଦର୍ଶନ ।

ହରିଦାସଙ୍କ ବରପ୍ରାପ୍ତିରେ ଆଜି ଯେପରି ଅଶ୍ରୁର ଉତ୍ସବ ପାଳିତ ହେଉଛି ଶ୍ରୀବାସ ଅଙ୍ଗନରେ ମହାପ୍ରଭୁଙ୍କର ଏ ଭୁବନ ମଙ୍ଗଳ ବରଦାନରେ ଭକ୍ତବୃନ୍ଦ ପ୍ରେମାନନ୍ଦରେ

Source: Author, Digitized by PPRACHIN, SOA

ନନ୍ଦନପୁର । ଏକେ ଏକେ ଭାବବିହ୍ୱଳ । ମାଟିରେ ଯେପରି ମାଟି ହୋଇ ମିଶି ଯାଉଛନ୍ତି ହରିଦାସ ଗୌରପ୍ରୀତିର ଗୁରୁଗୃହରେ । ସେହି ଭାରବହନରେ ଲୋଭ ସମ୍ବରଣ କରି ନ ପାରି ଧରଣୀ ଯେପରି କରୁଣାଭାବାନ୍ୱିତ ହରିଦାସଙ୍କୁ ବକ୍ଷରେ ଧାରଣ କରିବାକୁ ଅସାଧାରଣ ଭାବରେ ଆଗ୍ରହୀ ।

ହରିଦାସ, ଯବନ ହରିଦାସ । ବ୍ରାହ୍ମଣ ସନ୍ତାନ ନମାଇଁ ପଣ୍ଡିତଙ୍କର ଶ୍ରେଷ୍ଠ ଭକ୍ତ । ଆଜକୁ ପାଞ୍ଚଶହ ବର୍ଷ ତଳର କଥା । ଏହି ଦେଶରେ ଜାତିକୁଳ ପଣ୍ଡିତାଭିମାନୀ ବ୍ରାହ୍ମଣ କୁଳର ଅତ୍ୟାଚାର ଫଳରେ ସନାତନ ଧର୍ମର ଯେତେବେଳେ ଚରମ ଗ୍ଲାନି ଉପସ୍ଥିତ, ସ୍ପୃଶ୍ୟ ଅସ୍ପୃଶ୍ୟ ଭେଦକୁ ଆୟୁଧ କରି ବଳବାନ୍ ବ୍ୟକ୍ତି ଦୁର୍ବଳଙ୍କୁ ଶୋଷଣ କରିବା ଫଳରେ, ସମାଜରେ ବିଦ୍ରୋହ ବହ୍ନି ପ୍ରଜ୍ୱଳିତ ହୋଇ ଉଠୁଛି; ବିଦେଶୀର ଆକ୍ରମଣରୁ ଆତ୍ମରକ୍ଷାକରିବାର ସମସ୍ତ ଶକ୍ତି ଯେତେବେଳେ ଏହି ଭେଦଭିନ୍ନ ମହାଜାତି ହରାଇ ବସିଛି; ସେତିକିବେଳେ ଯବନ ହରିଦାସଙ୍କର ଜୀବନାଦର୍ଶ ହିଁ ଆଶାର ସଞ୍ଚାର କରିଥିଲା ପ୍ରତ୍ୟେକ ଚିନ୍ତାଶୀଳ ଦେଶବାସୀଙ୍କ ମନରେ ।

ହରି ଭକ୍ତି ହିଁ ସମସ୍ତ ପ୍ରକାର ସାମ୍ୟବାଦର ବୀଜମନ୍ତ୍ର । ହରିଭକ୍ତି ବିନା ସାମ୍ୟ ଯୋଗ ଅସମ୍ଭବ । ମାନସିକ ସାମ୍ୟ ଭାବ ବିନା ସମାଜରେ ସାମାନ୍ୟ ଓ ଅସାମାନ୍ୟ ମଧ୍ୟରେ ସମାନତା ସାଧନ ସୁଦୂର ପରାହତ । ଯା'ର ଭଗବତ୍ ବିଶ୍ୱାସ ନାହିଁ । ଏ ବିଶ୍ୱ-ଚରାଚର ସେହି ସ୍ରଷ୍ଟାର ଦାନ ଏବଂ ସେହି ସ୍ରଷ୍ଟାର ପ୍ରସାଦରେ ମାନବ ସୃଷ୍ଟି ବୋଲି ଯେ ସ୍ୱୀକାର ନ କରେ, ତା ପକ୍ଷରେ ସାମ୍ୟବାଦ ଏକ ଦିବା ସ୍ୱପ୍ନ ।

ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ଏହି ଐଶ୍ୱରିକ ସାମ୍ୟବାଦ ।

ସୃଷ୍ଟିର ଆଦିମକାଳରେ ଆର୍ଯ୍ୟାବର୍ତ୍ତରେ ଯେଉଁ ଦିନ ବେଦର ବୈଖରୀ ଧ୍ୱନି ନିର୍ମଳ ନଭମଣ୍ଡଳରେ ଶିହରଣ ଜଗାଇ ଥିଲା ସେତେବେଳେ ମଧ୍ୟ ଏହି ବାଣୀ ଏହି ଦେଶର ପୂର୍ବ ଋଷି ମୁନିମାନେ ଘୋଷଣା କରିଥିଲେ—

ଈଶାବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍
ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟଚିଦ୍ଧନମ୍ ।।

ଶୁକ୍ଳଯଜୁ ବେଦର ସେ ଏକ ପ୍ରାଣ ଆଲୋଡ଼ନକାରୀ ମନ୍ତ୍ର । ଉପନିଷଦର ଉପଦେଶ—

ଈଶ୍ୱର ସେ, ସର୍ବବ୍ୟାପୀ ସଦା,
ପରିଦୃଶ୍ୟମାନ ବିଶ୍ୱମୟ
ଅନ୍ୟ ଧନ, ନ କର ଗ୍ରହଣ,
ତ୍ୟାଗ ଫଳେ ଭୋଗ ନିଃସଂଶୟ ।

ତ୍ୟାଗରେ ହିଁ ଭୋଗ । ଧନମାନେ ସର୍ବବ୍ୟାପୀ ଈଶ୍ୱରଙ୍କର ହିଁ ଦାନ । ଧନ କାହାର ବ୍ୟକ୍ତିଗତ ସମ୍ପତ୍ତି ହୋଇ ନ ପାରେ । ଈଶ୍ୱର ବିଶ୍ୱାସ ବିନା ଏ ଭାବର ସମ୍ଭାବନା ନାହିଁ ।

ତ୍ୟାଗ ବିଶ୍ୱାସରୁ ଉଦ୍ଭବ । ସ୍ୱାର୍ଥପରତା ଅବିଶ୍ୱାସର ଜନକ । ଅବିଶ୍ୱାସ ଓ ସ୍ୱାର୍ଥପରତା ଈଶ୍ୱର ଭକ୍ତିର ଅନ୍ତରାୟ । ହରିଭକ୍ତିହୀନ ସାମ୍ୟବାଦର ଅନ୍ୟ ନାମ ସ୍ୱାର୍ଥବାଦ ।

Source: Author, Digitized by PPRACHIN, SOA

ସେ ଧ୍ୱନି ଏକ କୌଶଳ । ବୁଦ୍ଧିମାନ୍ ମନୁଷ୍ୟର ମନୁଷ୍ୟ ରକ୍ତ ଶୋଷଣ କରିବା ପାଇଁ ନବତନ ଉଦଭାବନ ।

ଆତ୍ମେନ୍ଦ୍ରିୟ ତୃପ୍ତି ପାଇଁ ଅଦମ୍ୟ ଲାଲସା ଯେଉଁ ସାମ୍ୟବାଦ ସ୍ଥାପନାର ଉଦ୍ୟମ ବିଡ଼ମ୍ବନା ମାତ୍ର । ନିଜର ଅଧିକ ଆରାମ ପାଇଁ ସାମଗ୍ରୀର ତଥା ଅନ୍ୟାନ୍ୟ ଉପକରଣ ଆହରଣ ଓ ସଂଗ୍ରହ, ସମୃଦ୍ଧି ନୁହେଁ, ଅଭିବୃଦ୍ଧି ନୁହେଁ, ପ୍ରଗତି ନୁହେଁ ନିଛକ ଦୁର୍ଗତି । ହରିଭକ୍ତି ହିଁ କେବଳ ପ୍ରଗତି ବା ସଦ୍‌ଗତିର ପନ୍ଥା ।

ଅହଂକାର ଦୂର ନ ହେଲେ ସାମ୍ୟ ମନୋଭାବ ମନୁଷ୍ୟ ପକ୍ଷରେ ଅସାଧ୍ୟ ଏବଂ ହରିଭକ୍ତି ବିନା ଅହଂକାର ବିଲୋପ ସାଧନ ଅସମ୍ଭବ ।

ସେ ସତ୍ୟଯୁଗର ଉପାଖ୍ୟାନ । ଉପାଖ୍ୟାନ ନୁହେଁ ଇତିହାସ । ଏହି ଭାରତର ସ୍ଥାପୟିତା, ଯାହାଙ୍କ ନାମ ଅନୁସାରେ ଆକୁମାରୀ ହିମାଳୟ ଏହି ଭୂଖଣ୍ଡର ନାମ ଭାରତବର୍ଷ, ତାଙ୍କର ଜୀବନ ଚରିତହିଁ ଭାରତର ଆଦର୍ଶ ।

ହରେରିଦଂ ବହନ୍ନେବୋ ନରେନ୍ଦ୍ରାଣାଂ ଶିଖାମଣିଃ
ଭିକ୍ଷାମଟନ୍ନରିପୁରେ ଶ୍ୱପାକ ମଭିବନ୍ଦତେ । (ଭକ୍ତିରସାମୃତ ସିନ୍ଧୁ)

ଭରତ ରାଜଚୂଡ଼ାମଣି । ହରିରେ ରତ ହେବା କ୍ଷଣି ।
ଅରି ଗୃହରେ ଭିକ୍ଷାକଲେ । ବନ୍ଦନା କଲେକ ଚଣ୍ଡାଳେ ।

ନରେନ୍ଦ୍ର ଶିରୋମଣି ରାଜର୍ଷି ଭରତଙ୍କର ଉପାଖ୍ୟାନ । ମହୈଶ୍ୱର୍ଯ୍ୟଶାଳୀ ପ୍ରବଳ ପରାକ୍ରାନ୍ତ ବଳବାନ୍, ସମ୍ରାଟ ହୋଇ ଚଣ୍ଡାଳର ବନ୍ଦନା, ନିରଭିମାନ ହୋଇ ଶତ୍ରୁଦ୍ୱାରରେ ଭିକ୍ଷାକରିବା ଦୃଷ୍ଟାନ୍ତ ପୃଥିବୀରେ ବିରଳ । ଏହା କେବଳ ସମ୍ଭବ ହୋଇ ପାରିଥିଲା ଅନ୍ତରରେ ଶ୍ରୀହରିଙ୍କ ପ୍ରତି ଐକାନ୍ତିକ ଭକ୍ତିଦ୍ୱାରା । ହରିଭଜନ ବିନା ମନର ବୈଷମ୍ୟ ଦୂରହୋଇ ନ ପାରେ । ଧର୍ମକୁ ଅଫିମ କହି ସାମ୍ୟବାଦ୍ ପ୍ରତିଷ୍ଠା ଏକ ଛଳନା ।

ସମୟକ୍ରମରେ ପରବର୍ତ୍ତୀ କାଳରେ ଏହି ଭାରତବର୍ଷରେ ଜଣେ ବିଷ୍ଣୁଭକ୍ତ ରାଜା ନିମିଙ୍କ ଯଜ୍ଞଶାଳାରେ ନବଯୋଗୀନ୍ଦ୍ର ଅଗ୍ରଣୀ କବି, ରାଜାଙ୍କୁ ଉପଦେଶ ଛନ୍ଦରେ କହିଥିଲେ—

ଖଂ ବାୟୁମଗ୍ନିଂ ସଲିଳଂ ମହୀଞ୍ଚ ଜ୍ୟୋତୀଂଷି ସତ୍ତ୍ୱାନି ଦିଶୋଦ୍ରୁମାଦୀନ୍
ସରିତ୍ ସମୁଦ୍ରାଂଶ୍ଚ ହରେ ଶରୀର ଯତ୍ କିଞ୍ଚ ଭୂତଂ ପ୍ରଣମେ ଦନନ୍ୟ ।
ସତେ ଯେପରି ଉପନିଷଦ୍ ମନ୍ତ୍ରର ସେ ଧ୍ୱନି ପ୍ରତିଧ୍ୱନିତ ହୋଇଉଠିଲା—

ଗଗନ ସମୀରଣ ଜ୍ୟୋତି । ଯେ ଅବା ସଲିଳ ଧରିତ୍ରୀ ॥
ନଦୀ ସରିତ ତରୁଗଣ । ପର୍ବତ ସ୍ଥାବର ଜଙ୍ଗମ ॥
ଏ ସବୁ କୃଷ୍ଣଙ୍କ ଶରୀର । ଜନ୍ତୁଙ୍କ ବାହ୍ୟ ଅଭ୍ୟନ୍ତର ॥
ନିଷ୍ଠେୟ ଜାଣି ଦୃଢ଼ ଚିତ୍ତେ । ପ୍ରମାଣ କରୁଥିବ ନିତ୍ୟେ ॥
ଅମୃତ ବିନୟ ବଚନ । କହି ତୋଷିବ ପ୍ରାଣୀମନ ॥
ଏ ଭାବେ ଲଭେ କୃଷ୍ଣ ପାଦ । ହରଇ ବିଷୟ ବିଷାଦ ॥
ଏ ଭାବେ ପୂର୍ବ ତପଫଳେ । ଜନ୍ମଇ ଭାରତ ମଣ୍ଡଳେ ॥ (ଭାଗବତ)

Source: Author, Digitized by PPRACHIN, SOA

ଭାରତୀୟ ସଂସ୍କୃତିରେ ଯେଉଁ ସାମ୍ୟବାଦ, ତାହା ଆଧୁନିକ ଧ୍ୱଂସସର୍ବସ୍ୱ ସାମ୍ୟବାଦ ପରିକଳ୍ପନାର ବହୁ ଊର୍ଦ୍ଧ୍ୱରେ । ଆଜିର ସାମ୍ୟବାଦ ସମ୍ପତ୍ତିର, ଧନର ସମବଣ୍ଟନ ପ୍ରୟାସୀ । ବ୍ୟକ୍ତି ତା'ର ଶକ୍ତି ଅନୁଯାୟୀ କର୍ମ କରିବ । ଆବଶ୍ୟକତା ଅନୁଯାୟୀ ମାତ୍ର ଭୋଗ କରିବ । ମାତ୍ର ଏ ଶକ୍ତି ସାମର୍ଥ୍ୟର ପରିମାପକ କିଏ ? ଆବଶ୍ୟକତାର ସୀମା ନିର୍ଦ୍ଧାରିତ ହେବ କିପରି ? ସେ ସମସ୍ୟା ଆଧୁନିକ ମାନବ ଚିନ୍ତନରେ ଏବେ ମଧ୍ୟ ଅସମାହିତ । କିନ୍ତୁ ସେଦିନ ଭାରତୀୟ ମନୀଷୀ ତାର ସମାଧାନ କରିଥିଲେ ।

ଭାରତର ମହାଦାର୍ଶନିକାର କ୍ରାନ୍ତଦର୍ଶୀ କବିଗୁରୁ ବେଦବ୍ୟାସ ତାଙ୍କର ସର୍ବଶ୍ରେଷ୍ଠ କୃତି ଶ୍ରୀମଦ୍ ଭାଗବତରେ ସମ୍ପତ୍ତିର ସଂଜ୍ଞା ନିରୂପଣ କରି କହିଗଲେ—

ଯାବତ୍ ଭ୍ରିୟେତେ ଜଠରଂ ତାବତ୍ ସତ୍ତ୍ୱ ହି ପ୍ରାଣିନାଂ
ଅଧିକଂ ଯୋଽଭିମନ୍ୟେତ ସ ସ୍ତେନ ଦଣ୍ଡମର୍ହତି ।

କେବଳ ଉଦର ଭରଣ ପାଇଁ ଯେତିକି ଆବଶ୍ୟକ ତାହାହିଁ ପ୍ରାଣୀର ସତ୍ତ୍ୱ । ତଦତିରିକ୍ତ ଅଧିକାର ସ୍ତେୟ ବୃତ୍ତି । ତେଣୁ ଦଣ୍ଡନୀୟ । ରାଜଦ୍ୱାରରେ ସେ ଚୋର ଦଣ୍ଡିତ ହେବା ଉଚିତ ।

ପୃଥିବୀରେ ଏପରି କୌଣସି ସାମ୍ୟବାଦୀ ତନ୍ତ୍ର ନାହିଁ ଯାହାର ଆଦର୍ଶ ଭାରତୀୟ ସାମ୍ୟବାଦର ସମକକ୍ଷ । ଭାରତୀୟ ସାମ୍ୟବାଦ ତ୍ୟାଗ ଉପରେ ପ୍ରତିଷ୍ଠିତ । ଧନୀର ତ୍ୟାଗ-ବଳରେ ହିଁ ସମାଜରୁ ବୈଷମ୍ୟ ଦୂର ହୋଇପାରେ । ଧନୀର ଧନକୁ ଅପହରଣ କରିବାରେ ବୈଷମ୍ୟ ଦୂର ହେବା ଅସମ୍ଭବ । କାରଣ ତ୍ୟାଗହୀନ ଅର୍ଥସଂଗ୍ରହ ସ୍ତେୟବୃତ୍ତି । ପାପହିଁ ସ୍ୱାର୍ଥପରର ଆହାର୍ଯ୍ୟ । ଶୁଣାଗଲା ସେଦିନ ଭଗବାନ୍ ଶ୍ରୀକୃଷ୍ଣଙ୍କର ମନ୍ତ୍ରବାଣୀ, ଶିଷ୍ୟ ଅର୍ଜୁନଙ୍କ ମାଧ୍ୟମରେ ।

ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ
ପରସ୍ପର ଭାବୟନ୍ତଃ ଶ୍ରେୟଃ ପରମବାପସ୍ୟଥ ।
ଇଷ୍ଟାନ୍ ଭୋଗାନ୍ ହି ବୋ ଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ ।
ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଙ୍କ୍ତେ ସ୍ତେନ ଏବ ସଃ ।
ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବ କିଲ୍ବିଷୈଃ
ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍ ।

ସମର୍ଥ ବ୍ୟକ୍ତି ଯାହା ଉପାର୍ଜନ କରିବ ତାର ଏକ ଅଂଶ ସାମାଜିକ ନ୍ୟାୟ ମାନରେ ନିଜର ଆବଶ୍ୟକତା ପାଇଁ ରଖି ଅବଶିଷ୍ଟ ସମାଜର ଅସମର୍ଥ ବ୍ୟକ୍ତିଙ୍କ ମଧ୍ୟରେ ବଣ୍ଟନ କରିବାର ଦାୟିତ୍ୱ କେବଳ ପରସ୍ପର ସୌହାର୍ଦ୍ଦ୍ୟ, ପରସ୍ପର ପ୍ରତି ସହାନୁଭୂତି ଦ୍ୱାରହିଁ ସମ୍ଭବ । ସମାଜରେ ଯେଉଁମାନେ ଶ୍ରେଷ୍ଠ, ବିଜ୍ଞ, ପଣ୍ଡିତ, ଧନବାନ୍, ବିଭବଶାଳୀ, ପ୍ରତିପତ୍ତିପନ୍ନ, ଯେଉଁ ଦେବୋପମ ବ୍ୟକ୍ତିମାନଙ୍କ ଆଚରଣକୁ ଆଦର୍ଶ କରି 'ଇତରଜନେ' ତତ୍ ଚରଣାଙ୍କିତ ପଥ ଅନୁସରଣ କରିଥାଆନ୍ତି, ସେମାନେ ଯେପରି ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ ଚିନ୍ତା କରିବେ ସେଥିପାଇଁ ସାଧାରଣ ଲୋକେ ମଧ୍ୟ ନିଜ କଥା ଚିନ୍ତା ନ କରି ଶ୍ରେଷ୍ଠ ଦେବୋପମ ବ୍ୟକ୍ତିମାନଙ୍କର କଲ୍ୟାଣ ପାଇଁ ଚିନ୍ତା କରିବା ବିଧେୟ । ଏହି ପରସ୍ପର ଭାବନା ହିଁ ଯଜ୍ଞ । ଆତ୍ମକାରଣରେ ଧନ ଆହରଣ ପାପ । ମହାପାପ ।

Source: Author, Digitized by PPRACHIN, SOA

ଭାବେ ସର୍ବେ ଦେବେ ବଢ଼ିଲେ   ଦେବେ ହେବେ ବରଦ,
ଭାବ ବନ୍ଧନମଧ୍ୟେ ଲଭିବ   ଶ୍ରେୟଃ ପରମ ପଦ ।   (ଗୀତା)

ଏହି ଭାବବନ୍ଧନମଧ୍ୟ କେବଳ ଜାଗତିକ ସୁଖ ଭୋଗର ସହାୟକ ନୁହେଁ । ଏହା ପରମ ପଦର ପ୍ରାପକ ମଧ୍ୟ ।

ଯଜ୍ଞେ ଆରାଧିତ ଏ ଦେବେ   ଦେବେ ଅଭୀଷ୍ଟ ବର ।
ନ ଦେଇ ନୈବେଦ୍ୟ ଭୋଗେ ଯେ   ସେହି ଅଟଇ ଚୋର ।   (ଗୀତା)

ସମାଜର ଶ୍ରେଷ୍ଠ ଦେବୋପମ ବ୍ୟକ୍ତି ଜନସାଧାରଣଙ୍କର ଅନୁଭୂତ ଆବଶ୍ୟକତା ତଥା ଅଭିଳଷିତ ସୁଖସ୍ୱାଚ୍ଛନ୍ଦ୍ୟ ଦାନ କରିବେ । ମାତ୍ର ସେମାନେ ଯେପରି ନିଜର ଜୀବନ ନିର୍ବାହ ସମ୍ବନ୍ଧରେ ଚିନ୍ତା ନ କରନ୍ତି ତାହା ଜନସାଧାରଣଙ୍କର ହିଁ ଦାୟିତ୍ୱ । ଶ୍ରେଷ୍ଠ ବ୍ୟକ୍ତିଙ୍କ ବିଷୟ ଚିନ୍ତା ନ କରି ଆତ୍ମକାରଣରେ ଯିଏ ଭୋଗକରେ, ସେ ଚୋର ।

ଯଜ୍ଞ ଅବଶେଷ ଭୋଜନ   ଅଟେ କଳୁଷ ନାଶୀ
ସ୍ୱାର୍ଥେ ପାକକରେ ଯେ ଜନ   ଭୁଞ୍ଜେ ସେ ପାପରାଶି ।   (ଗୀତା)

କର୍ତ୍ତବ୍ୟ ଜ୍ଞାନରେ ସ୍ୱାର୍ଥଚିନ୍ତା ଦ୍ୱାରା ପରିଚାଳିତ ନହୋଇ ଯାହା ନିବେଦନ କରାଯାଏ ; ତାହା ଯଜ୍ଞ । ଯେଉଁମାନେ ନିଜ ସ୍ୱାର୍ଥଚିନ୍ତନରେ ରତ, ସେ ଶ୍ରେଷ୍ଠ ହୁଅନ୍ତୁ ବା ଇତର ହୁଅନ୍ତୁ, ସେମାନେ ଚୋର ଏବଂ ପାପୀ । ସେମାନେ ସମାଜ ଦ୍ୱାରା ଅବଶ୍ୟ ଦଣ୍ଡମାନ୍ୟ ।

ନିଜ ସ୍ୱାର୍ଥପାଇଁ, ନିଜର ଇନ୍ଦ୍ରିୟଲାଳସା ଚରିତାର୍ଥ କରିବାପାଇଁ ଯେଉଁ ଦାବୀ, ଯେଉଁ ବିଦ୍ରୋହ, ତାହା ସାମ୍ୟବାଦ ନୁହେଁ—'କାମ୍ୟବାଦ' ।

ଆତ୍ମେନ୍ଦ୍ରିୟ ତୃପ୍ତି ବାଞ୍ଛା ତାରେ କହି କାମ
କୃଷ୍ଣ ସୁଖ ହେତୁ କର୍ମ ଧରେ ପ୍ରେମ ନାମ ।   (ଚୈ: ଚ:

ଭଗବତ୍ ଭକ୍ତି, ଭଗବାନଙ୍କ ପ୍ରତି ପ୍ରୀତି ବିନା ଭଗବାନଙ୍କ ସୃଷ୍ଟି ଏହି ଜୀବ ପ୍ରତି ଦୟା ତଥା ଯଥୋଚିତ ସମ୍ମାନ ପ୍ରଦର୍ଶନରେ କେହି ସମର୍ଥ ହୋଇ ନ ପାରେ ।

ଜୀବେ ମାନ୍ୟ ଦେବ ଜାଣି କୃଷ୍ଣ ଅଧିଷ୍ଠାନ ।   (ଚୈ: ଚ)

ଭଗବାନଙ୍କ ପ୍ରତି ଭକ୍ତି ଓ ବିଶ୍ୱାସ ବିନା ଜୀବେଦୟା ଅତି ଶଠତା—ମିଥ୍ୟାଚାର ।

ମହାପ୍ରଭୁ ଶ୍ରୀ ଗୌରାଙ୍ଗଙ୍କ ପ୍ରବର୍ତ୍ତିତ ଧର୍ମ ତେଣୁ କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ନୁହେଁ, ସାମାଜିକ, ନୈତିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ମଧ୍ୟ ଏକ ନୂତନ ଦିଗ୍‌ଦର୍ଶନ ଦେଇ ପାରିଥିଲା, ତାର ଅଭିନବତ୍ୱ ଓ ଉପଯୋଗିତା ପ୍ରମାଣିତ କରି । ସାମାଜିକ ଜୀବ ସମାଜରେ ଥାଇ, ସମାଜର ସେବାକରି ହରିଭକ୍ତି ସାଧନଦ୍ୱାରା ପରମପଦ ପ୍ରାପ୍ତ ହୋଇପାରେ । ଏ ପ୍ରତିଶ୍ରୁତି ଶ୍ରୀଗୌରାଙ୍ଗ ଅବତାର ହିଁ ବୈଶିଷ୍ଟ୍ୟ ।

Source: Author, Digitized by PPRACHIN, SOA

ନିରନ୍ତର ନିର୍ଜନ ଅରଣ୍ୟରେ ଯତିବ୍ରତ ସାଧନ ନିଷ୍ପ୍ରୟୋଜନ । ଗୃହଭୂବର୍ଣ୍ଣ୍ୟ-ବର୍ଜିତ କଳୟୁଗୀୟ ଆବର୍ଜନାମୟ ସମାଜ ମଧ୍ୟରେ କେବଳ ହରିଭଜନ ବଳରେ ହିଁ ପଦ୍ମଦଳରେ ଟଳ ଟଳ ଜଳବତ୍ ସ୍ୱଚ୍ଛ ନିର୍ମଳ ରହିବା ସମ୍ଭବ । ପ୍ରତ୍ୟେକ ଗୌରଭକ୍ତ ଗୌର ପରିକରଙ୍କର ଆଚରଣରେ ତାହା ପ୍ରମାଣିତ । ଐଶ୍ୱରିକ ରଙ୍ଗରେ ମନ ଥରେ ରଞ୍ଜିତ ହୋଇଗଲେ ଅନ୍ୟ ମନୋରଞ୍ଜକ ରଙ୍ଗ ଧରେ ନାହିଁ ସାଧକର ଚିତ୍ତରେ ।

ମାତ୍ର ଉପାୟ କ'ଣ ? ଈଶ୍ୱର ରଙ୍ଗରେ ଦୁର୍ନିଗ୍ରହ ଚଳଚଞ୍ଚଳ ମନକୁ ରଞ୍ଜିତ କରିବାର ସହଜ ସାଧନା କେଉଁଠି ? ଉପାୟ ସେଦିନ ନିର୍ଦ୍ଧାରିତ କରିଗଲେ ଭଗବାନ୍ ଶ୍ରୀକୃଷ୍ଣ ଦ୍ୱାପରରେ —

ଶନୈଃ ଶନୈଃ ରୂପରମେଦ୍ ବୁଦ୍ଧ୍ୟା ଧୃତି ଗୃହୀତୟା ।
ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍ ।।
ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍ ।
ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ ।।
ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।
ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ ।। (ଗୀତା)

ସେ ଧ୍ୟାନ ଯୋଗର ପନ୍ଥା । ଦୁର୍ନିଗ୍ରହ ମନକୁ ଆୟତ୍ତ କରିବାର ଧାରା ।

ନିବର୍ତ୍ତାଇ ମନ ବିଷୟୁଁ ଧୃତି ସହ ବୁଦ୍ଧିରେ,
ଚିନ୍ତା ନାହିଁ ହୁଏ ଆତ୍ମସ୍ଥ ସାଧି ଧୀରେ ସଧୀରେ ।
ମନ ଯେଉଁ ଯେଉଁ ବିଷୟେ ସଞ୍ଚରଇ ଚଞ୍ଚଳ,
ଅସ୍ଥିର ତାହାକୁ ସଂଯମି ଆତ୍ମବଶ ତୁ କର !
ରଜଗୁଣ-ଶୂନ୍ୟ ନିଷ୍ପାପ ଯୋଗୀ ପ୍ରଶାନ୍ତ ମନ,
ବ୍ରହ୍ମ ଭବାନ୍ୱିତ ହୋଇ ସେ ଲଭେ ସୁଖ ଉତ୍ତମ । (ଗୀତା)

ଏ ସାଧନାର ପଦ୍ଧତି ମଧ୍ୟ ନିର୍ଦ୍ଦେଶିତ ହେଲା, ସେହି ମହାଭାରତର ଯୁଦ୍ଧଭୂମିରେ—

ଏକାକୀ ନିର୍ଜନେ ନିବାସୀ ଯୋଗୀ ଅପରିଗ୍ରହୀ,
ସମାହିତ ଚିତ୍ତ ଆତ୍ମାରେ ମନେ ସଂଯମ ବହି ।
ନାତି-ଉଚ୍ଚ-ନୀଚ ଆସନ ଶୁଦ୍ଧ ବିବିକ୍ତ ସ୍ଥଳେ,
ସପାତିବ କୁଶ ଅଜିନ ଚେଳ କ୍ରମାନ୍ୱୟରେ ।
ସଂଯମିବ ଚିତ୍ତ-ଇନ୍ଦ୍ରିୟ- କ୍ରିୟା ଏକାଗ୍ର ମନେ,
ଆତ୍ମଶୁଦ୍ଧି ପାଇଁ ସାଧିବ ଯୋଗ ସେହି ଆସନେ ।
ରଖିବ ସଳଖେ ନିଶ୍ଚଳେ ଶିର ଗ୍ରୀବା ଶରୀର,
ଅନ୍ୟଦିଗେ ଦୃଷ୍ଟି ନ ଦେଇ ନାସା ଅଗ୍ରେ ସ୍ଥିର । (ଗୀତା)

ମାତ୍ର କଳି ଯୁଗରେ ଭୌତିକବାଦର ପ୍ରାବଲ୍ୟ ହେତୁ ନାନା ସଙ୍ଗ ପ୍ରସଙ୍ଗରେ ଯେତେବେଳେ ମନୁଷ୍ୟ ବିକ୍ଷିପ୍ତ ଚିତ୍ତ, ସେତେବେଳେ-ଯମ,- ନିୟମ, ଆସନ, ପ୍ରାଣାୟାମ,

Source: Author, Digitized by PPRACHIN, SOA

ପ୍ରତ୍ୟାହାର, ଧାରଣା, ଧ୍ୟାନ, ସାଧନା, ଜ୍ଞାନ, ସମାଧିସ୍ଥ ହେବା ଦୁଃସାଧ୍ୟ ନିଶ୍ଚୟ । ପ୍ରୟାଣ କାଳରେ ଅବିଚଳ ମନର ଭ୍ରୂମଧ୍ୟରେ ପ୍ରାଣବାୟୁକୁ ଧାରଣ କରି ପୁରୁଷର ଭଗବତ୍ ପ୍ରାପ୍ତି କଳିଯୁଗରେ କଳ୍ପନାତୀତ ।

ସନ୍ତାନ ପ୍ରତି ଦୟାପରବଶ ଭଗବାନଙ୍କର ଯୁଗୋପଯୋଗୀ ସହଜ ସାଧନ ତେଣୁ ପ୍ରଣାଳୀ ପ୍ରବର୍ତ୍ତିତ ହେଲା—

ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନଂ ।
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନମ୍ ॥

ବିଷ୍ଣୁଙ୍କର ଗୁଣ ଶ୍ରବଣ, କୀର୍ତ୍ତନ, ସତତ ବିଷ୍ଣୁ ସ୍ମରଣ ଓ ବିଷ୍ଣୁ ପାଦରେ ସେବା ଅର୍ପଣ ସଙ୍ଗେ ସଙ୍ଗେ ସଖା ବା ଦାସ ଭାବରେ ଅର୍ଚ୍ଚନା, ବନ୍ଦନା ସହ ଆତ୍ମସମର୍ପଣ ହିଁ ମନୁଷ୍ୟ ଜନ୍ମର ସାର୍ଥକତା । ଈଶ୍ୱର ଉପଲବ୍ଧି ପରମ ପୁରୁଷାର୍ଥ । ଏହାହିଁ ନବଦ୍ୱୀପର ନିମାଇଁ ପଣ୍ଡିତଙ୍କର ନୂତନ ଅନୁଶାସନ ।

ଏହି ନବଧା ପ୍ରକ୍ରିୟାର ପ୍ରକୃଷ୍ଟ ସାଧନ ଏକାଧାରରେ ଲୀଳାଭିନୟ—କୃଷ୍ଣ-ଲୀଳାଭିନୟ । ସେଦିନ ଆଦେଶ ହେଲା ନବଦ୍ୱୀପ-ପୁରନ୍ଦର ଶ୍ରୀ ଗୌରଚନ୍ଦ୍ରଙ୍କର—କୃଷ୍ଣଲୀଳାଭିନୟ ନିମନ୍ତେ । ଆନନ୍ଦ ଓ ଉତ୍ସାହରେ ଉଦ୍‌ବେଳିତ ଭକ୍ତବୃନ୍ଦ ।

ପ୍ରଯୋଜନା ଓ ଶ୍ରେଷ୍ଠାଂଶରେ ଶ୍ରୀଗୌରାଙ୍ଗ ସ୍ୱୟଂ । ବିଜ୍ଞାପିତ ହେଲା ନବଦ୍ୱୀପରେ, ଯଥାଡ଼ମ୍ବରରେ କୃଷ୍ଣଲୀଳାଭିନୟ ।

—ବିଜ୍ଞାପନ—

ଶ୍ରୀଶ୍ରୀକୃଷ୍ଣଲୀଳାକଥାମୃତ
ସ୍ଥାନ—ଚନ୍ଦ୍ରଶେଖର ନିଳୟ
ପ୍ରଯୋଜନା—ପଣ୍ଡିତ ବିଶ୍ୱମ୍ଭର ମିଶ୍ର
ମଞ୍ଚସଜ୍ଜା—ବାସୁଦେବାଚାର୍ଯ୍ୟ
ରୂପ ସଜ୍ଜା—ଗଦାଧର
ସଙ୍ଗୀତ—ମୁକୁନ୍ଦ
ଐକ୍ୟବାଦ୍ୟ ଓ ସ୍ୱର ସଂଯୋଜନା—ଚନ୍ଦ୍ରଶେଖର, ପୁଣ୍ଡରୀକ, ବିଦ୍ୟାନିଧି, ଶ୍ରୀବାସଙ୍କ ଦୁଇଭ୍ରାତା
ଶ୍ରେଷ୍ଠାଂଶରେ—ବିଶ୍ୱମ୍ଭର, ନିତ୍ୟାନନ୍ଦ, ଅଦ୍ୱୈତ ଓ ହରିଦାସ

—ଭୂମିକା—

ଶ୍ରୀକୃଷ୍ଣ—ଶ୍ରୀ ଅଦ୍ୱୈତାଚାର୍ଯ୍ୟ
ତସ୍ୟସଖା—ଶ୍ରୀ ଗଙ୍ଗାଦାସ ପଣ୍ଡିତ
ଲଳିତା—ଶ୍ରୀ ଗଦାଧର ପଣ୍ଡିତ
ତସ୍ୟ ଶିଷ୍ୟ—ଶ୍ରୀ ରମାଇ ପଣ୍ଡିତ

Source: Author, Digitized by PPRACHIN, SOA

ପ୍ରହରୀ—ମୁରାରି ଗୁପ୍ତ
ଜରଣୀ—ଶ୍ରୀ ନିତ୍ୟାନନ୍ଦ
କଟୁଆଳ—ଶ୍ରୀ ହରିଦାସ ଠାକୁର

—ପାତ୍ରପାତ୍ରୀଙ୍କର ପରିଚୟ—

ପଣ୍ଡିତ ଶ୍ରୀ ବିଶ୍ୱମ୍ଭର ମିଶ୍ର—ଓରଫ ନିମାଇଁ ପଣ୍ଡିତ, ପିତା—ଶ୍ରୀଳ ଜଗନ୍ନାଥ ମିଶ୍ର, ମାତା—ଶଚୀ ଦେବୀ, ଗ୍ରାମ—ନବଦ୍ୱୀପ, ଶ୍ରୀ ଗଙ୍ଗାଦାସ ପଣ୍ଡିତଙ୍କ ଛାତ୍ର, କାର୍ଯ୍ୟ—ଅଧ୍ୟାପନା, ଜନ୍ମ—୧୪୦୭ ଶକାବ୍ଦ, ଫାଲ୍‌ଗୁନ ପୂର୍ଣ୍ଣିମା ।

ଶ୍ରୀ ଶ୍ରୀ ନିତ୍ୟାନନ୍ଦ—ପୂର୍ବନାମ କୁବେର ଓଝା, ପିତା—ଶ୍ରୀଳ ହାଡ଼ାଇ ଓଝା ଓରଫ୍ ହାଡ଼ାଇ ପଣ୍ଡିତ, ମାତା—ଶ୍ରୀମତୀ ପଦ୍ମାବତୀ ଦେବୀ ଗ୍ରାମ—ବୀରଭୂମ ଜିଲ୍ଲା ଅନ୍ତର୍ଗତ ଏକଚକ୍ରା, କାର୍ଯ୍ୟ—ଅବଧୂତ ସନ୍ନ୍ୟାସୀ, ଜନ୍ମ—୧୩୯୫ ଶକାବ୍ଦ ମାଘ ଶୁକ୍ଳ ତ୍ରୟୋଦଶୀ ।

ଶ୍ରୀ ଅଦ୍ୱୈତ ଆଚାର୍ଯ୍ୟ—ଓରଫ କମଳାକ୍ଷ, ପିତା—ଶ୍ରୀଳ କୁବେର ପଣ୍ଡିତ, ଗ୍ରାମ—ଶ୍ରୀହଟ୍ଟ ଅନ୍ତର୍ଗତ ଲଉଡ଼, ଅଧୁନା ଶାନ୍ତିପୁର, ମାତା—ନାଭାଦେବୀ, ଜନ୍ମ—୧୩୫୫ ଶକାବ୍ଦ ମାଘ ଶୁକ୍ଳସପ୍ତମୀ, କାର୍ଯ୍ୟ—ଭକ୍ତିଶାସ୍ତ୍ର ଅଧ୍ୟୟନ ଓ ଅଧ୍ୟାପନା ।

ଶ୍ରୀ ଗଦାଧର ପଣ୍ଡିତ ଓରଫ ଗଦାଇ ପଣ୍ଡିତ, ପିତା—ଶ୍ରୀଳ ମାଧବ ମିଶ୍ର, ମାତା—ଶ୍ରୀମତୀ ରତ୍ନାବତୀ ଦେବୀ, ଗ୍ରାମ—ବେଲ୍‌ଟି ଅଧୁନା ନବଦ୍ୱୀପ (ମାତୁଳାଳୟ) କାର୍ଯ୍ୟ—ଅଧ୍ୟୟନ ଅଧ୍ୟାପନା, ଜନ୍ମ—୧୪୦୮ ଶକାବ୍ଦ ବୈଶାଖ ଅମାବାସ୍ୟା ।

ଶ୍ରୀ ଗଙ୍ଗାଦାସ ପଣ୍ଡିତ, ଗ୍ରାମ—ନବଦ୍ୱୀପ, ପଣ୍ଡିତ ବିଶ୍ୱମ୍ଭରଙ୍କର ଅଧ୍ୟାପକ ।

ଶ୍ରୀ ରାମାଇ ପଣ୍ଡିତ—ଶ୍ରୀବାସ ପଣ୍ଡିତଙ୍କ ଅନୁଜ

ଶ୍ରୀ ମୁରାରି ଗୁପ୍ତ, ଗ୍ରାମ—ଶ୍ରୀହଟ୍ଟ, ଅଧୁନା-ନବଦ୍ୱୀପ, ଶ୍ରୀ ବିଶ୍ୱମ୍ଭରଙ୍କର ସହାଧ୍ୟାୟୀ ।

ଶ୍ରୀ ହରିଦାସ ଠାକୁର, ପିତା—କାଜୀ ଖାନାଉଲ୍ଲା, ଗ୍ରାମ—ବୁଢ଼ନ୍ (ଖୁଲନା) ଜନ୍ମ—୧୩୭୨ ମାର୍ଗଶୀର ।

ସୁନ୍ଦର ପରିବେଶ । ଅଭିନୟ ରଜନୀ । ମଞ୍ଚସଜ୍ଜା । ନଟନଟୀମାନଙ୍କର ବେଶ-ବିନ୍ୟାସ, ପ୍ରସାଧନାଦି ପ୍ରୟୋଜନୀୟ ସମସ୍ତ ଆୟୋଜନ ସମାପ୍ତ । ଆରମ୍ଭରେ ପ୍ରାରମ୍ଭିକ ସଙ୍ଗୀତ । ସଙ୍ଗୀତ ସହ ସଙ୍ଗତ । ଗାୟକମାନେ ମଙ୍ଗଳାଚରଣ ଗାନ କରୁଛନ୍ତି—

ଜୟତି ଜନନିବାସୋ ଦେବକୀ ଜନ୍ମବାଦୋ
ଯଦୁବର ପରିଷତ୍ ସ୍ୱୈର୍ଦୋର୍ଭିରସ୍ୟନ୍ନଧର୍ମମ୍
ସ୍ଥିରଚର ବୃଜିନଘ୍ନଃ ସୁସ୍ମିତ ଶ୍ରୀମୁଖେନ
ବ୍ରଜପୁର ବନିତାନାଂ ବର୍ଦ୍ଧୟନ୍ କାମଦେବମ୍ । (ଶ୍ରୀମଦ୍ ଭଗବତ)

ଦେବକୀ ଗର୍ଭେ ଅବତରି । ଭୁଜେ ଧରଣୀ ଭାର ହରି ।।
ସ୍ଥାବର ଆଦି ଯେତେ ଜନ୍ମ । ଖଣ୍ଡିଲେ ହେଲେ ତାଙ୍କ ଭ୍ରମ ।।
ଶ୍ରୀମୁଖ ଚାହିଁ ଗୋପନାରୀ । କାମ ଅନଳକୁ ନିବାରି ।।

Source: Author, Digitized by PPRACHIN, SOA

ଅବ୍ୟବହିତ ପରେ ମୃଦଙ୍ଗମନ୍ଦିରାଦି ବାଦ୍ୟ ଯନ୍ତ୍ରର ସମାବେଶ । ସଙ୍ଗେ ସଙ୍ଗେ ସଙ୍କୀର୍ତ୍ତନର ପୁରଶ୍ଚରଣ ।

ହଠାତ୍ ଦର୍ଶକବୃନ୍ଦଙ୍କୁ ଚମତ୍କୃତ କରି ମଞ୍ଚ ଉପରେ ଉପନୀତ ଏକ କମ୍ବୁଦ୍ଧୃତ କମାକାର ବ୍ୟକ୍ତି । ଚିତ୍କାର କରି ଘୋଷଣା କରୁଛନ୍ତି ଅଭିନେତା—

"ସାଧୁ ସାବଧାନ ! ଫେରି କର ଅବଧାନ !
ନାଚିବେ ଲକ୍ଷ୍ମୀପଟ୍ଟରେ ଜଗତର ପ୍ରାଣ ।।"

ଦର୍ଶକ ମଣ୍ଡଳରୁ ଉଠିଲା ହରି ଧ୍ୱନିର କୋଳାହଳ । କିଏ ଏହି ଅଦ୍ଭୁତ ବେଶ-ଧାରୀ ବ୍ୟକ୍ତି ! ଆଶ୍ଚର୍ଯ୍ୟାନ୍ୱିତ ଦର୍ଶକବୃନ୍ଦ । ମୁଖମଣ୍ଡଳର ମୁଖ୍ୟଭାଗ ଆବୃତ କରି ଶୋଭା-ବର୍ଦ୍ଧନ କରୁଛି, ନାସିକାର ନିମ୍ନଦେଶରେ ନିଶ୍ରେଣୀବଦ୍ଧ ଗୁମ୍ଫ । ଧରିତ୍ରୀ ସମାନ୍ତରାଳରେ ଗତି କରୁଛି ବାମ ଦକ୍ଷିଣ ଦୁଇପାର୍ଶ୍ୱକୁ । ସ୍କନ୍ଧ ଦେଶରେ ସ୍ୱଚ୍ଛନ୍ଦରେ ସମାବିଷ୍ଟ ବୃହଦାକାର ଯଷ୍ଟି । ଦୁରନ୍ତ ରୂପ ଧାରଣ କରିଛି ନ୍ୟାୟଦଣ୍ଡର ପ୍ରତୀକ ରୂପେ ଶାନ୍ତି ଓ ଶୃଙ୍ଖଳାର ବାର୍ତ୍ତାବହ ଭାବରେ । କଣ୍ଠ ଦେଶରେ ମାଳା, ବକ୍ଷସ୍ଥଳୀର ଚରିତ୍ରସୂଚକ । ସୁବିନ୍ୟସ୍ତ ବସ୍ତ୍ର ଆଚ୍ଛାଦନରେ ଆବୃତ ମସ୍ତକ । ପକ୍ୱ କେଶର ଅଗ୍ରଭାଗ ଅଭିଜ୍ଞତାର ପ୍ରାଚୁର୍ଯ୍ୟ ପ୍ରମାଣ କରିବା ପାଇଁ ପ୍ରସ୍ତୁତ । ମକରକୃତି ସୁବର୍ଣ୍ଣ ନିର୍ମିତ କର୍ଣ୍ଣ କୁଣ୍ଡଳର ଦୋଳନରେ ଯେପରି ଉପହସିତ ମୀନକେତନ । ପୀତଧଟି ପଟ୍ଟବସ୍ତ୍ର ପରିଧାନରେ ପ୍ରକଟିତ ହେଉଛି ଅନୁଶାସନର ଗୁରୁ ମର୍ଯ୍ୟାଦା । ପଦୟୁଗରେ ପରିଶୋଭିତ ନୂପୁରର ନିକ୍କଣରେ ଯେପରି ଘୋଷିତ ହେଉଛି ପରିପାଟିକତାର ନିର୍ଭର ପ୍ରତିଶ୍ରୁତି ।

ଅଭିନେତା ଏବେ ଆଦେଶ କରୁଛନ୍ତି—

"କୃଷ୍ଣ ଭଜ ! କୃଷ୍ଣ ସେବ ! ବୋଲ କୃଷ୍ଣନାମ !"

କିଏ ତମେ ? ପ୍ରଶ୍ନ ହେଲା ଦର୍ଶକ ମଣ୍ଡଳୀରୁ ।

ଉତ୍ତର ଆସିଲା—

......ବୈକୁଣ୍ଠର ମୁହିଁ କଟୁଆଳ ।
କୃଷ୍ଣଙ୍କୁ ଜାଗ୍ରତ କରି ରଖେ ଚିରକାଳ ।।
ବୈକୁଣ୍ଠ ବିରଜ ପ୍ରଭୁ ବିରାଜନ୍ତି ଏଥି ।
ଲୁଟି ନିଅ ପ୍ରେମଭକ୍ତି ଯାର ଯେତେ ।। (ଚୈ. ଭା.)

କଟୁଆଳଙ୍କର ଗଦ୍‌ଗଦ୍ ବାକ୍ୟ । ବିଦଗ୍ଧ ହୃଦୟ । ପୁଲକିତ ଅଙ୍ଗ । କ୍ଷଣେ କ୍ଷଣେ ହୁଂକାର । କଟୁଆଳଙ୍କର ଅନୁବର୍ତ୍ତୀ ଅନ୍ୟ ଏକ ଅଭିନେତା ପ୍ରବେଶ କରୁ-ଛନ୍ତି ରଙ୍ଗମଣ୍ଡପରେ କପୂରକ୍ଷଣ ପରେ, ଧାଡ଼ ପଳିତ ଶ୍ମଶ୍ରୁ ଯେପରି ସଂସାର ବସ୍ତୁତର ସ୍ମାରକ । ସୁଲଳିତ ହରିଚନ୍ଦନ-ବିଲେପନ-ବିଲୋଳ-ଲପନରେ ଆତ୍ମସମର୍ପଣର ପଣ । ଦ୍ୱାଦଶତିଲକୋପରି ପରିଶୋଭିତ ହରିନାମାବଳି ଭକ୍ତିର ପ୍ରତୀକପଦ ପରି ମୁଦ୍ରିତ ହୋଇ ରହିଛି ସମଗ୍ର ଗାତ୍ରରେ । ପ୍ରେମର ବିଜୟ ବୈଜୟନ୍ତୀ ସତେ ଯେପରି ଉତ୍ତୋଳିତ ହୋଇଛି ବିସ୍ତାରିତ ଲଲାଟପଟଳରେ । ସ୍କନ୍ଧଦେଶରେ ସୁବିନ୍ୟସ୍ତ ବୀଣାର ସ୍ପନ୍ଦନ ।

Source: Author, Digitized by PPRACHIN, SOA

ଶ୍ରୀହସ୍ତରେ କୁଶ ଓ ଆସ୍ତେୟ ଅଭଂସ୍ତ ଆଶାଦଣ୍ଡ । ଗୁରୁଙ୍କର ପରଶୃଙ୍ଗୁକ ରୂପେ ପରଗୃରବ ଜନୈକ ଶିଷ୍ୟ ଅନୁସରଣ କରି ଚାଲିଛନ୍ତି, କରକମଳରେ କୁଶାସନ କମଣ୍ଡଳୁ ଧାରଣ କରି ।

ସର୍ବପ୍ରଥମେ ପୁଷ୍ପ ଚନ୍ଦନ ନେଇ ଯଥାବିଧି ଅଙ୍ଗନ ଉଦ୍ୟାନସ୍ଥ ରଙ୍ଗମଞ୍ଚ ଉଦ୍ଦେଶ୍ୟରେ ପୂଜାର୍ପଣ କରୁଛନ୍ତି ନବାଗତ ଅଭିନେତା । ପ୍ରାର୍ଥନା ଜଣାଉଛନ୍ତି, "ହେ ରଙ୍ଗଭୂମି, କୃପାକର, ଶ୍ରୀ ବୃନ୍ଦାବନର ରୂପ ଧାରଣ କର" !

ନର୍ଦ୍ଦିଷ୍ଟ ଆସନରେ ଉପବେଶନ କରି ହରିଗୁଣରେ ବିଭୋର ଏହି ଅଭିନେତା ସତେ ଯେପରି ସୂତ୍ରଧର ଏହି ଦୃଶ୍ୟକାବ୍ୟର ।

"କିଏ ତୁମେ" ? ପ୍ରଶ୍ନ ଉଠିଲା, "କି ଉଦ୍ଦେଶ୍ୟରେ ଉପସ୍ଥିତ ?"

"ନାରଦ ମୁଁ ।" ଉତ୍ତର ଦେଲେ ଉପବିଷ୍ଟ ଅଭିନେତା, "ମୁଁ ଗାୟୁକରନ୍ତି—

"ବଇକୁଣ୍ଠେ ଗଲି କୃଷ୍ଣ ଭେଟିବା ଆଶୟେ
ଶୁଣିଲି ସେ ନଦୀୟାରେ ହେଲେଣି ଉଦୟେ ।
ଶୂନ୍ୟ ମୁଁ ଦେଖିଲି ବଇକୁଣ୍ଠ ପୁରଦ୍ୱାର
ଗୃହିଣୀ ଗୃହସ୍ଥ ନାହିଁ, ନାହିଁ ପରିବାର ।
ଶୂନ୍ୟ ବଇକୁଣ୍ଠେ ରହି ନୋହେ ଧୈର୍ଯ୍ୟଧରି
ଆଇଲି ମୁଁ ଏଥି ଆପଣାର ଇଷ୍ଟ ସ୍ମରି ।
ଆଜିରେ ନାଚିବେ ପ୍ରଭୁ ଧରି ଲକ୍ଷ୍ମୀ ବେଶ
ଅତଏବ ଏ ସଭାରେ ମୋହର ପ୍ରବେଶ ।" (ଚୈ: ଭା:)

ନାରଦଙ୍କର ବେଶଭୂଷା ଓ କଥୋପକଥନରେ ଦର୍ଶକ ଭକ୍ତମଣ୍ଡଳୀରୁ ଉଚ୍ଛୁଳି ଉଠିଲା ଆନନ୍ଦ ଉଲ୍ଲାସର କଳରବ । ନାରଦ ଓ କହ୍ନାଆଲଙ୍କର ଅକୃତ୍ରିମ ସାଜସଜ୍ଜା ଦେଖି ସ୍ୱୟଂ ଶଚୀମାତା ବିସ୍ମିତା ।

ତେଣେ ନେପଥ୍ୟ ମଧ୍ୟ ଏକ ପୃଥକ୍ ରଙ୍ଗମଞ୍ଚରେ ପରିଣତ । ଗୌରାଙ୍ଗ ନିଜକୁ ଗୌରାଙ୍ଗୀ ସଜାଇବାରେ ବ୍ୟସ୍ତ । କନକ କାନ୍ତିଆ ନିମାଇଁ ପଣ୍ଡିତ ସ୍ୱର୍ଣ୍ଣାଭ ଲକ୍ଷ୍ମୀଭୂମିକାରେ ଅବତୀର୍ଣ୍ଣ ଅନ୍ତରାଳରେ । ବୈକୁଣ୍ଠର କହ୍ନାଆଲ ଏବଂ ନିଜେ ନାରଦ ଦୁହେଁ ସାଜ ନାଟକର ସୂତ୍ରଧର ସଦୃଶ ରଙ୍ଗମଞ୍ଚରେ ଘୋଷଣା କରି ସାରିଲେଣି । ଦର୍ଶକମଣ୍ଡଳୀ ଉତ୍କଣ୍ଠା ଆବେଗରେ ଅନାଇଁ ରହିଛନ୍ତି ଆଗମନ ପଥକୁ । ହଠାତ୍ ଗୌରହରି ରୁକ୍ମିଣୀ ଆବେଶରେ ଅଭିଭୂତ ନେପଥ୍ୟ । ସଙ୍ଗେ ସଙ୍ଗେ ଜାଗିଉଠିଲା ଦ୍ୱାରକା ଲୀଳାର ପୂର୍ବସ୍ମୃତି । ଏ କି ବିଚିତ୍ର ଆଚରଣ ଗୌରଚନ୍ଦ୍ରଙ୍କର । ପରିଚର୍ଯ୍ୟାରତ ବେଶକାରୀ ଓ ବାଦକଗଣ ସ୍ତମ୍ଭୀଭୂତ ।

ଶ୍ରୀକୃଷ୍ଣଙ୍କ ବିରହରେ ଅବିରତ ଅବାରିତ ବାରିବର୍ଷଣ କରୁଛନ୍ତି, ବିଦର୍ଭସୁତା ଭୂମିକାରେ ଶ୍ରୀ ଗୌରାଙ୍ଗ । ଲେଖି ଆରମ୍ଭିଲେ ନ୍ତ ବନାକାଳକ୍ଷେପରେ ମର୍ମବିଦାରକ ବିନୟପତ୍ର ଦ୍ୱାରକାପତି ଶ୍ରୀକୃଷ୍ଣଙ୍କ ସମୀପକୁ । କଜ୍ଜ୍ୱଳ ପୂରିତ ଛଳଛଳ ନୟନ ଯୁଗଳର ଜଳଧାରା ହିଁ ମସିରେ ପରିଣତ ହୋଇଛି ଏ ସ୍ଥଳରେ । କୋମଳ କର କମଳର ଅଙ୍ଗୁଳି କୋରକରେ ଅଙ୍କିତ ହେଉଛି ମର୍ମର ବାଣୀ । ଭୂପୃଷ୍ଠ ହିଁ ହୋଇଛି ଭୂର୍ଜପତ୍ର ।

Source: Author, Digitized by PPRACHIN, SOA

ଏଣେ ପ୍ରେକ୍ଷାଳୟରେ ଆନନ୍ଦ ସଞ୍ଚାର କରି ଆବିର୍ଭୂତ ହେଲେଣି ରଙ୍ଗମଞ୍ଚରେ 'ବଡ଼ ବୁଢ଼ୀ', ବୃଦ୍ଧା ଦାସୀ ଲଳିତା ଓ ସଖୀ ସୁଭଦ୍ରା ସହ । ଶ୍ରୀମତୀ ଲଳିତା ମନ୍ଦମନ୍ଥର ଗମନରେ ଅଗ୍ରସର ହେଉଛନ୍ତି ସଙ୍ଗିନୀ ସଖୀ ଅଙ୍ଗରେ ଶିରଧରି କୋମଳ ଶରୀରର ଅନନୁଭବ ଭାବ ଅର୍ପଣ କରି । କନକଟି କୁବ୍‌ଜା ଜରତୀ ବାମେତର କରରେ ଧାରଣ କରିଛନ୍ତି ସହାୟକ ଯଷ୍ଟି । ପକ୍ଷାନ୍ତରେ କଣ୍ଠଦେଶରେ ସୁଗନ୍ଧିତ ପୁଷ୍ପପେଟିକା ।

"କିଏ ତମେ ?"

ଗୁମ୍ଫକେଶରେ ଘର୍ଷଣ କରି ପୌରୁଷ ପ୍ରଦର୍ଶନ କଲେ ବୈକୁଣ୍ଠର କଣ୍ଟୁଆଳ ଦୁର୍ବଳା ଅବଳାମାନଙ୍କ ଆଗରେ ।

"ଆମେ ମଥୁରାଯାତ୍ରୀ ।" ଜରତୀ ଉତ୍ତର ଦେଲେ ।

"ଏ କାହାର ବନିତା ?" ଯୁବତୀ ଦୁହିଁଙ୍କ ଉଦ୍ଦେଶ୍ୟରେ ଅଙ୍ଗୁଳି ନିର୍ଦ୍ଦେଶ କରି ପଚାରିଲେ ବୈକୁଣ୍ଠର କଣ୍ଟୁଆଳ ନାରଦ ।

"ପ୍ରଶ୍ନର ଉଦ୍ଦେଶ୍ୟ ?"

ଜରତୀଙ୍କର ବିସ୍ମୟ ପରିବେଶରେ ବିରାଗରେ ପରିଣତ ନ ହେଉ ! ଭୟ ହେଲା କଣ୍ଟୁଆଳଙ୍କର । ପ୍ରସଙ୍ଗକୁ ଲଘୁ କରିବା ମାନସରେ ଈଷତ୍‌ହାସ୍ୟର ଆଶ୍ରୟ ନେଇ ନାରଦ ପଚାରିଲେ—"ଏ ପ୍ରଶ୍ନ କଣ ପ୍ରାସଙ୍ଗିକ ନୁହେଁ ?"

ଫଳପ୍ରସୂ ହେଲା ନାରଦଙ୍କର ଏତାଦୃଶ ପ୍ରଶ୍ନ । ବୃଦ୍ଧାଙ୍କ ଅଧରୋଷ୍ଠରେ ମଧୁସ୍ମିତ ହାସର ଛଟା ।

ଇତ୍ୟବସରରେ ଶ୍ରୀକୃଷ୍ଣଙ୍କର ଅପ୍ରତ୍ୟାଶିତ ପ୍ରବେଶ ମଞ୍ଚମଣ୍ଡପରେ । ସଙ୍ଗରେ ଜନୈକ ସଖା । ଶ୍ରୀକୃଷ୍ଣଙ୍କର ଆଜି ମଦନମୋହନ ବେଶ । ପରିଧାନ ପୀତାମ୍ବର । କରତଳେ ବେଣୁ । କରେ କଙ୍କଣ । ସର୍ବାଙ୍ଗ ହରିଚନ୍ଦନ ବିଲେପିତ । କସ୍ତୁରୀ ତିଳକରେ ଲଲାଟପଟଳ ପରିପୂର୍ଣ୍ଣ । ବକ୍ଷସ୍ଥଳେ କୌସ୍ତୁଭ । ଗଳଦେଶରେ ବୈଜୟନ୍ତୀମାଳା । ଚରଣକମଳରେ ବିଲୋଳ ନୂପୁରର ସୁମଧୁର ଝଙ୍କୃତି ।

ପୁରାଣ ଯୁଗର ଇତିକଥା । ଭସ୍ମବିଭୂଷିତ ବିରୂପାକ୍ଷ ମହେଶ, ଦେବ ଦେବ ମହାଦେବ ଧ୍ୟାନସ୍ଥ । ରଜତ ଗିରିନିଭ ଚାରୁଚନ୍ଦ୍ରବିଶୋଭିତ ଅବତଂଶ । ଭଙ୍ଗ ତରଙ୍ଗ ରଙ୍ଗରେ ରମଣୀୟା ଗଙ୍ଗା ଅବତରଣ କରୁଛନ୍ତି ଜଟାକଳାପରୁ । ଗଳବଲମ୍ବଲମ୍ବିତ ଭୁଜଙ୍ଗମାଳା ଶୁଭାଙ୍ଗରେ ବିଭୂଷିତ । ଦେବ ପ୍ରରୋଚନା ପ୍ରଣୋଦିତ କାମସଦନ ମଦନର ପଞ୍ଚଶର ପ୍ରୟୋଗରେ ବ୍ୟଥିତ ପ୍ରମଥିତ ପଶୁପତି । ତୃତୀୟ ନେତ୍ର ଉଦ୍‌ଗାରିତ କୋପାନଳରେ ଭସ୍ମୀଭୂତ ହେଲେ କନ୍ଦର୍ପ ମୁହୂର୍ତ୍ତକ ମଧ୍ୟରେ । କନ୍ଦର୍ପର ଏହି ଦର୍ପଗଞ୍ଜନ ଫଳରେ ଉଦୟ ହେଲା ତା'ର ପରମ ସୌଭାଗ୍ୟ । ପରିଣାମରେ ତାର ଅନଙ୍ଗ ନାମ ସାର୍ଥକ ହେଲା, ସର୍ବାଙ୍ଗରେ ସହଜବିହାରର ସୁଯୋଗ ଲାଭ କରି । ଅନଙ୍ଗର ମନ୍ମଥନାମକୁ ଅଧିକ ଶକ୍ତିଶାଳୀ କରି ଦେଲେ, ସମ୍ଭବତଃ ତାର ଦୁଃସାହସରେ ପ୍ରୀତହୋଇ ଆଶୁତୋଷ ଉମାପତି । ଶରୀରର ସୀମାବଦ୍ଧ ସୌନ୍ଦର୍ଯ୍ୟକୁ ଅତିକ୍ରମ କରି ଅତନୁ ହେଲା ଅସୀମ ଅପରି-କଳ୍ପନୀୟ ସୁଷମାର ଅଧିକାରୀ କାମପାଳଙ୍କ କୋପାନଳରେ । ମହାଯୋଗେଶ୍ୱର ଶିବ

Source: Author, Digitized by PPRACHIN, SOA

ଶମ୍ଭୁଙ୍କର ସେ ରୋଷ ଦ୍ୱେଷ ନୁହେଁ, ଆଶ୍ଳେଷ । କ୍ରୋଧ ନୁହେଁ, କୃପା । ସ୍ଥୂଳ ଶରୀର ପରିହାର କରି ସୂକ୍ଷ୍ମାତିସୂକ୍ଷ୍ମ ଏକ ଗୁଣବୋଧକ ଶକ୍ତିରୂପେ ସଞ୍ଚରିତ ହେଲା ମଦନ ସକଳ ଜୀବ ମଧ୍ୟରେ । ଜୀବର ମନୋରାଜ୍ୟରେ ହେଲା ଏକାଧିପତ୍ୟ ଅଧିକାର ମନସିଜର ।

କିନ୍ତୁ ଆଶୁତୋଷଙ୍କର ଏହି ଶକ୍ତି ସଞ୍ଚାର ଫଳରେ ଜୀବର ବିବର୍ତ୍ତନରେ ସୃଷ୍ଟି ହେଲା ବହୁ ବାଧାବିଘ୍ନ । କାମ ନାମ ସାର୍ଥକ କଲେ କାମଦେବ ପ୍ରାଣୀଙ୍କୁ ସ୍ୱାର୍ଥ-ସର୍ବସ୍ୱ କରି । ସୃଷ୍ଟି ଅବଶ୍ୟ ଅବ୍ୟାହତ ରହିଲା; କିନ୍ତୁ ସୃଷ୍ଟିର ବିକାଶ ଓ ପ୍ରଗତି ପଥରେ ଦୃଷ୍ଟ ହେଲା ଘୋର ଅନ୍ତରାୟ । ସ୍ୱାର୍ଥାନ୍ଧ ମାନବ ଘୂରି ବୁଲିଲା ତାର ସଙ୍କୀର୍ଣ୍ଣ ଅଭିଜ୍ଞତାର ଗଣ୍ଡି ମଧ୍ୟରେ । ସେ ବନ୍ଧନରୁ ନିଜକୁ ମୁକ୍ତ କରିବାର ଉପାୟ କ'ଣ ?

ଉପାୟ ତ୍ୟାଗ । ପ୍ରେମର ପ୍ରଥମ ସୋପାନ । ପରସ୍ପର ପରସ୍ପରର ପରିପୂରକ । ଗୋଟିଏ ଅନ୍ୟର ରୂପାୟନ ।

କାମକବଳରେ ଜଡ଼ୀଭୂତ ଜୀବ ହୃଦୟରେ ନୂତନ ଜୀବନ୍ୟାସ ଦେବାପାଇଁ ସେଦିନ ସ୍ୱୟଂ ଭଗବାନ୍ ନରରୂପ ଧାରଣ କରି ଅବତୀର୍ଣ୍ଣ ହେଲେ ବ୍ରଜପୁରୀରେ । ଦ୍ୱାପର ଯୁଗର ଶେଷ ପାଦରେ । ତରୁ, ଲତା, ଗୁଳ୍ମ, ନଦୀ, ପର୍ବତ, ବନ ପର୍ଯ୍ୟନ୍ତ କୃଷ୍ଣ ପ୍ରେମରେ ପ୍ରମତ୍ତ ହୋଇଥିଲେ ସେ ଦିନ ।

“କୃଷ୍ଣାଦନ୍ୟଃ କୋଽବା ଲତାସ୍ୱପି ପ୍ରେମଦା ଭବତି !”

କୃଷ୍ଣ ବିନା କାହାରି ଶକ୍ତି ନାହିଁ, ଲତାଠାରେ ମଧ୍ୟ ପ୍ରେମର ସ୍ପନ୍ଦନ ଜଗାଇ ପାରିବ !

ନନ୍ଦିତ ମଦନ ମଧ୍ୟ ସେଦିନ ବନ୍ଦିତ ହେଲା ବୃନ୍ଦାବନରେ । ବୃନ୍ଦାବନଚନ୍ଦ୍ର ବ୍ରଜେନ୍ଦ୍ରନନ୍ଦନଙ୍କର ସେହି ମଦନମୋହନ ବେଶ ଧାରଣ ଫଳରେ । ସେ ରୂପସନ୍ଦର୍ଶନରେ ମନ୍ମଥର ମନ ମଥିତ । ଶ୍ରୀକୃଷ୍ଣ ଚରଣରେ ଆତ୍ମସମର୍ପଣ ବିନା ଗତ୍ୟନ୍ତର ନ ଥିଲା ମଦନର । କୃଷ୍ଣାର୍ପିତ-କାମ ହିଁ ହେଲା ପ୍ରେମରେ ପରିଣତ ଅଗତ୍ୟା ।

ଦ୍ୱାପରର ସେହି ପ୍ରେମ ପରିବେଷଣ ଲୀଳା ସ୍ମରଣ କରାଇବାପାଇଁ ମଦନ-ମୋହନ ଭୂମିକାର ଅବତାରଣା କଳିଯୁଗରେ ।

ସେ କି ସୁନ୍ଦର ମନୋରମ ବେଶ ! ପାଦପଦ୍ମ-ନିବଦ୍ଧ ନୂପୁରର ନିକ୍ୱଣ ସତେ ଯେପରି ମୋହଗ୍ରସ୍ତ ମାନବ ମନକୁ ଆକର୍ଷଣ କରି ନେଉଛି ଭକ୍ତି ପଥର ସନ୍ଧାନରେ । ସଙ୍ଗେ ସଙ୍ଗେ ବାଜି ଉଠୁଛି ନିଧର ଅଧରରେ ମଧୁର ମୁରଲୀ । ରାଧାଧର-ସୁଧାପାନରତ ରସନାର ରସ-ଆସ୍ୱାଦନଜନିତ ଆନନ୍ଦରେ ଅଭିଭୂତ ସ୍ୱୟଂ ମଧୁରାଧିପତି । ସ୍ୱୀୟ ଅନୁଭୂତିକୁ ସର୍ବଭୂତରେ ବିତରଣ କରିବାମାନସରେ କରୁଣା-କାତର ହୋଇ ସତେ କି ସୃଷ୍ଟି କରୁଛନ୍ତି ସ୍ୱତଃସ୍ଫୂର୍ତ୍ତ ଏକ ଅଭିନବ ମୂର୍ତ୍ତ ସଙ୍ଗୀତ । ଅଖିଳ ବ୍ରହ୍ମାଣ୍ଡର ଅଧିପତି ଜୀବପ୍ରତି କୃପା ପରବଶ ହୋଇ ଯେପରି ଆଶ୍ରୟ ଦେଇଛନ୍ତି ସାମାନ୍ୟ ଖଣ୍ଡେ ବଂଶଦଣ୍ଡର, ବ୍ରଜବିହାରୀଙ୍କ ବିମ୍ବାଧରର ମୃଦୁ ସ୍ପର୍ଶରେ ସ୍ପନ୍ଦିତ କରକୋରକ-ନିବଦ୍ଧ ବଂଶୀର ଆଜି କି ସୌଭାଗ୍ୟ ସତେ !

ଜୟ ଧ୍ୱନିରେ ଆକାଶ ଅବନୀ ସ୍ପନ୍ଦିତ । ରଙ୍ଗମଞ୍ଚରେ ରଙ୍ଗାଧରଙ୍କର ବିଜୟ ମାନେ ଜଣେ ଜଣେ ଶ୍ରୀକୃଷ୍ଣଙ୍କ ଚରଣ କମଳରେ ପ୍ରଣିପାତ କରି କୃତକୃତ୍ୟ ହୋଇ

Source: Author, Digitized by PPRACHIN, SOA

ଯାଉଛନ୍ତି । ପ୍ରେକ୍ଷାଳୟପୂର୍ଣ୍ଣ ପ୍ରତୀକ୍ଷମାଣ ମହାନନ୍ଦମୟ ଭକ୍ତବୃନ୍ଦ । ବ୍ରହ୍ମାଣ୍ଡର ଆଦିମୂଳ ଯୋଗୀଋଷି ମୁନିମାନଙ୍କର ଅଗୋଚର-ଶିବବ୍ରହ୍ମାଦି-ବନ୍ଦିତ ପାଦପଦ୍ମ ଶ୍ରୀକୃଷ୍ଣ ସତେ ଯେପରି ସତ୍ୟ ସତ୍ୟ ଆବିର୍ଭୂତ ହୋଇଛନ୍ତି ଏଇ ମର୍ତ୍ତ୍ୟମଣ୍ଡଳରେ । ଅଭିନୟ ଅଭିନେତାର ଜ୍ଞାନ ନାହିଁ କାହାରି ମନରେ ।

ହଠାତ୍ କୃଷ୍ଣସଖା, ପୂର୍ବାଗତା ବୃଦ୍ଧାଙ୍କୁ ସମ୍ବୋଧନ କରି କହିଲେ—"ଅଦ୍ୟ ରାତ୍ର ଆପଣମାନଙ୍କର ଆଶ୍ରୟସ୍ଥଳ କେଉଁଠି ?"

ବୃଦ୍ଧା କ୍ରୁଦ୍ଧା ହୋଇଗଲେ ତତ୍‌କ୍ଷଣାତ୍ ଏତାଦୃଶ ଅଶୋଭନୀୟ ପ୍ରଶ୍ନରେ । ମାତ୍ର ସଙ୍ଗେ ସଙ୍ଗେ ଅନୁଭବ କରୁଛନ୍ତି କୃଷ୍ଣ ସଖାଙ୍କର ଉକ୍ତି । କୌତୁକ-ପ୍ରିୟତା ହେତୁ ହୁଏ ତ ହୋଇପାରେ । ତେଣୁ ସେ ନିଜ ପକ୍ଷରୁ ରସିକତା ପ୍ରଦର୍ଶନ କରି ଉତ୍ତର ଦେଲେ—"କ'ଣ ଆମ୍ଭମାନଙ୍କୁ ଆଶ୍ରୟ ଦେବା ପାଇଁ କୁଣ୍ଠାବୋଧ କରୁଛନ୍ତି ?"

ବୃଦ୍ଧାଙ୍କର ରସିକତା ପରିବେଷଣରେ ଲଳିତାଙ୍କ ଅଧରରେ ଫୁଟି ଉଠିଛି ମୃଦୁହାସ୍ୟରେଖା । ଏବେ କୃଷ୍ଣସଖା ହୋଇଛନ୍ତି କ୍ଷୁବ୍ଧ, କ୍ରୁଦ୍ଧ ।

"ବୟସାଧିକ୍ୟ ହେତୁ ହିତେ ବିପରୀତ ଦେଖୁଛନ୍ତି । ମୋ ବାକ୍ୟର କଦର୍ଥ କରିବାରୁ ମୁଁ ଦୁଃଖିତ ।"

"ଅଧିକ ବାକ୍ୟାଳାପ ନିଷ୍ପ୍ରୟୋଜନ ।" କହିଲେ କୃଷ୍ଣ ସଖା । ସେ ମଧ ଇତିମଧ୍ୟରେ କ୍ରୁଦ୍ଧ ହୋଇ ଉଠିଲେ ବୃଦ୍ଧାଙ୍କ ପରିହାସ ବାକ୍ୟରେ ।

ଏ ଉତ୍ତର ଅବାଞ୍ଛିତ ଅରସିକ ଉତ୍ତର । ବୃଦ୍ଧାଙ୍କର ବ୍ରଜନାରୀ ହେବାର ଗର୍ବ ଯେପରି ଆହତ । ସଙ୍ଗେ ସଙ୍ଗେ ନାନା ଆକ୍ଷେପ-ମୂଳକ ବକ୍ରୋକ୍ତି ନିକ୍ଷେପ କରିବାରେ ଲାଗିଲେ ସଖାଙ୍କ ଉଦ୍ଦେଶ୍ୟରେ ।

ଉଭୟଙ୍କ ମଧ୍ୟରେ ଘୋର କଳହର ସୂତ୍ରପାତ । ଶ୍ରୀକୃଷ୍ଣ ନିଜେ ମଧ୍ୟସ୍ଥତା କରି ସମାଧାନ କରୁଛନ୍ତି ।

···ଏତେ ବୟସରେ କିବା କାର୍ଯ୍ୟ
ମାତୃସମ ପରନାରୀ କିଁପା ଦିଅ ଲାଜ ?
ନୃତ୍ୟଗୀତ ପ୍ରିୟ ଅଟେ ମୋହର ଠାକୁର
ନାଚିଲେ ଏ ସ୍ଥାନେ ଧନ ପାଇବ ପ୍ରଚୁର ।।

ବୃଦ୍ଧାଙ୍କ କୋପାନଳ କିନ୍ତୁ ସହଜରେ ନିର୍ବାପିତ ହେବାର ନୁହେଁ । ଏଥର ତାଙ୍କର କଟୂକ୍ତିର ଶରବ୍ୟ ହେଲେ ସ୍ୱୟଂ ଶ୍ରୀକୃଷ୍ଣ । ନାନା ବାକ୍ୟବାଣରେ ଜର୍ଜରିତ କରିଦେଲେ ମଦନମୋହନଙ୍କୁ । ଶ୍ରୀକୃଷ୍ଣ ମଧ ମଧ୍ୟସ୍ଥତା ପରିହାର ପୂର୍ବକ ପକ୍ଷ ଆଶ୍ରୟ ନ କରି ରହିପାରିଲେ ନାହିଁ ।

କେବଳ ଏହି ରଙ୍ଗମଞ୍ଚରେ ନୁହେଁ, ନିତ୍ୟାନନ୍ଦ ଅଦ୍ୱୈତଙ୍କର କଳହ ବହୁ ସ୍ଥଳରେ ଅତି ପ୍ରୀତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି । ଆଜି ତାର ଅନ୍ୟଥା ହୋଇ ନାହିଁ । ରସିକ ଦର୍ଶକଗଣଙ୍କ ମଧ୍ୟରେ ହାସ୍ୟରୋଳ । ଘନ ଘନ ଜୟଧ୍ୱନିର ଉଚ୍ଚାର ।

Source: Author, Digitized by PPRACHIN, SOA

ସେହି ଧ୍ୱନିରୁ ଉତ୍ସାହ ଆହରଣ କରି ଲଳିତା ଲଳିତ ନୃତ୍ୟ ପରିବେଷଣରେ ତତ୍ପର ହୋଇପଡ଼ିଲେ । ମୁହୁର୍ମୁହୁ ଉଚ୍ଛ୍ୱସିତ ହରିବୋଲ ରବରେ ସତେ ଯେପରି ଅମୃତ ବର୍ଷିତ ହେବାକୁ ଲାଗିଲା, ଲଳିତାଙ୍କର ନୃତ୍ୟାବଲମ୍ବୀ ମଧୁର ସଙ୍ଗୀତର ତାଳେ ତାଳେ ।

ମୁହୁର୍ମୁହୁ ହରିବୋଲ ଧ୍ୱନି ନିଜେ ହରିପୁରିତ ସୁନ୍ଦରଙ୍କର ମଦନମୋହନ ବେଶ । ମଦନ-ମାଦନରେ ଆଜି ସ୍ଥାବର ଜଙ୍ଗମ ସତେ ଯେପରି ଉନ୍ମତ୍ତ ।

ଆଉ ରତି ? ପ୍ରାଣପତିଙ୍କର ଏ ସଦ୍‌ଗତି ଓ ସୌଭାଗ୍ୟ ଦେଖି ବଞ୍ଚିତା ରତିର ବାଞ୍ଛିତ ଆସନ ଆଜି ଯେପରି ଏହି ଗୌର ଅବତାରରେ ହିଁ ପରିପୂର୍ଣ୍ଣ । ରତି ଆଜି 'ନାମେ ରତି'ରେ ପରିଣତ । ନାମୀରେ ରତିପତି ମଦନର ବିଳାସ, ଆଉ ନାମରେ ପରିଣୀତା ପତ୍ନୀ ରତିର ବିହାର ।

ରତି ଓ ରତିପତିଙ୍କର ଏ ବେଗରେ ଭବର୍ଣ୍ଣବଙ୍କର ଚରମ ସଂବେଗ ।

ଦ୍ୱିତୀୟ ପ୍ରହର ଅତିକ୍ରମ କରି ତୃତୀୟ ପ୍ରହର ଉପନୀତ । ମଧୁମୟ ରଜନୀ । ଦୃଶ୍ୟ ତଥା ଅଭିନୟର ଚମତ୍କାରିତାର ଦର୍ଶକକୁଳ ମୁଗ୍ଧ । ସମ୍ମୋହିତ ।

ହଠାତ୍ ଏକ ଅପ୍ରତ୍ୟାଶିତ ଆକସ୍ମିକତାରେ ଚମତ୍କୃତ ଭକ୍ତ ସମାଜ । ରଙ୍ଗମଞ୍ଚ ଉପରେ କାହାର ଏ ସୁସଜ୍ଜ ତ୍ରିଭୁବନ ମୋହିନୀ ବେଶ ? ଏ ଯେ ସାକ୍ଷାତ୍ ଆଦ୍ୟାଶକ୍ତି ! ଦର୍ଶକ ମଣ୍ଡଳୀରୁ କିଏ ଜଣେ କହିଉଠିଲେ—"ଏ ଯେ ନଟବର ଗୌରଚନ୍ଦ୍ର ସ୍ୱୟଂ—ଆଦ୍ୟାଶକ୍ତି ଭୂମିକାରେ !"

ଦର୍ଶକ ଭକ୍ତବୃନ୍ଦ ସ୍ତମ୍ଭୀଭୂତ । ସ୍ୱୟଂ ରୂପ-ସଜ୍ଜାକାରୀ ଗଦାଧରଙ୍କର ମଧ୍ୟ ଅବୋଧ । ଏ ବେଶର ଅନ୍ତରାଳରେ କାହାର ଭୂମିକା ? ନାଟକର ପ୍ରାରମ୍ଭରେ ପ୍ରକଟିତ ଘୋଷଣା, ହରିଦାସଙ୍କ ନଟଉକ୍ତିରେ କାଳଙ୍କ ରଚନାକର ବିପର୍ଯ୍ୟସ୍ତ । ସମସ୍ତଙ୍କ ମନରେ ସେହି ପ୍ରଶ୍ନବାଚୀ ! "କାହାନ୍ତି ସେ ଲକ୍ଷ୍ମୀ, ଯାହାଙ୍କର ବିଜୟ-ଟେକ ବାରମ୍ବାର ଘୋଷଣାକରି" ନାରଦବେଶୀ ହରିଦାସ ସାବଧାନ କରିଦେଇଥିଲେ ଦର୍ଶକବୃନ୍ଦଙ୍କୁ ?'

ତେଣେ ନେପଥ୍ୟରେ ପ୍ରଯୋଜକ, ବେଶକାରୀ, ବାଦ୍ୟକାର, ଗାୟକ, ସମସ୍ତେ ବିସ୍ମିତ । ବେଶକାରୀ ଗଦାଧରଙ୍କ ବେଶସଜ୍ଜାର ସମସ୍ତ ପଦ୍ଧତିଙ୍କୁ ପଣ୍ଡକରି ଲକ୍ଷ୍ମୀପଟ ପରିବର୍ତ୍ତେ, ଯିଏ କ୍ଷଣକପୂର୍ବରୁ ନିଜକୁ ରୁକ୍ମଣୀ ରୂପରେ ନିରୂପିତକରି ପଦଲିଖନ ପରିପାଟିରେ ନେପଥ୍ୟର କକ୍ଷକୁ ମଞ୍ଚରେ ପରିଣତ କରିଦେଇଥିଲେ, ଅଭିନବ ନାଟ୍ୟକଳା-କୌଶଳ ଅବଲମ୍ବନଶୀଳ ସେ ଗୌରସୁନ୍ଦର କାହିଁ ଗଲେ ?

ଏ ଯେ ଅପରିକଳ୍ପନୀୟ ଅପ୍ରତ୍ୟାଶିତ ଅପ୍ସରାବନ୍ଦୀ ରୂପ !

ପଦାରବିନ୍ଦରେ ମନ୍ଦ ମନ୍ଦ ବିନ୍ୟାସ ଛନ୍ଦରେ ଛନ୍ଦାୟିତ ନୂପୁର ନିକ୍ୱଣ ଚନ୍ଦ୍ରଶେଖରପୁର ପ୍ରାଙ୍ଗଣସ୍ଥ ସମଗ୍ର ପ୍ରେକ୍ଷାଳୟକୁ ମନ୍ଦ୍ରିତ କରୁଛି । ମୁଖାରବିନ୍ଦରେ ମୁକ୍ତା ବିନିନ୍ଦିତ ବିନ୍ଦୁ ବିନ୍ଦୁ ଅଗଣିତ ସ୍ୱେଦ ମଧ୍ୟରେ ପ୍ରତିବିମ୍ବିତ ଗୋଟିଏ ଚନ୍ଦ୍ରର କୋଟିଏ ଚନ୍ଦ୍ରିକା । କୁଞ୍ଚିତ କେଶପାଶ-ବିଚ୍ୟୁତ ଦୋଳାୟିତ ଲୋଳ ଚୂର୍ଣ୍ଣକୁନ୍ତଳର ଅଳଙ୍କୃତ ଆଲିଙ୍ଗନରେ ପରିଶୋଭିତ ଲଲାଟପଟଳ । ନବୋଦିତ ବାଳାର୍କର ଅଗୋଚର ସୁସାଧିତ ପ୍ରସାଧନ ଗୋଟିଏ

Source: Author, Digitized by PPRACHIN, SOA

ସ୍ୱଚ୍ଛ ସିନ୍ଦୂର ବିନ୍ଦୁ ତା'ର ମଧ୍ୟସ୍ଥଳରେ । କଙ୍କଣବଳୟ-ବିଳସିତ ସୁବିନ୍ୟସ୍ତ ବ୍ୟସ୍ତ ଯୁଗ୍ମ-ହସ୍ତର ଇତସ୍ତତଃ ଚଳନଜନିତ ରୁଣୁଝୁଣୁ ଧ୍ୱନି ସହିତ ସମତାଳରେ ସଂଳାପ କରୁଛି କ୍ଷୀଣ-ମଧ୍ୟମାର କେଶରୀ କଟୀବନ୍ଧ-ନିବଦ୍ଧ କିଙ୍କିଣୀର କିଣି କିଣି । ସୁବିମଳ ମୁଖମଣ୍ଡଳରେ କମଳ ଭ୍ରମାକୁଳ ଭ୍ରମଣ-କ୍ରୀଡ଼ାପର, ଭ୍ରମରସମାକୁଳ ପୀଡ଼ାତୁର ବ୍ରୀଡ଼ା ସନ୍ଦର୍ଶନରେ ସନ୍ଦିଗ୍ଧଚିତ୍ତ ଦର୍ଶକବୃନ୍ଦ ସନ୍ଦିଗ୍ଧ ।

କିଏ ଏହି ମହୀୟସୀ ନାରୀ ? ଏ କ'ଣ ସତେ ନାରୀବେଶଧାରୀ ନଦୀୟା ବିନୋଦିଆ, କେଳିରସଉନ୍ମାଦିଆ, ଗୌରଚନ୍ଦ୍ର ? ତେବେ ନବଦ୍ୱୀପପୁରନ୍ଦରଙ୍କର ଏ ଅପରୂପ ବେଶ ସାଜିବାର ସାଧ କାହିଁକି ଆଜି ? ଦର୍ଶକବୃନ୍ଦଙ୍କର ନାନା ଅନୁମାନ ଘେନି କଥୋପକଥନରେ ହୃଦ୍‌ବୋଧ ହେଉ ନାହିଁ କାହାରି ।

କ୍ରମେ ନର୍ତ୍ତନ-ତତ୍ପର ଶ୍ରମକ୍ଲାନ୍ତ ଘର୍ମାକ୍ତ କଳେବର ଶ୍ରୀଗୌରାଙ୍ଗଙ୍କର ନୀବୀବନ୍ଧ ଶିଥିଳ ହୋଇପଡ଼ୁଛି । ଉଲ୍ଲସିତ ନୃତ୍ୟ ତଥା ଘନ ଘନ ପରିଘୂର୍ଣ୍ଣନକ୍ରମରେ ଷଟ୍‌ପଦ କୃଷ୍ଣ କେଶକଳାପମୁକ୍ତ ସୁବାସ କୁସୁମସ୍ତବକ ଚତୁର୍ଦ୍ଦିଗରେ ବିଚ୍ଛୁରିତ । ଦିବ୍ୟ ଅଙ୍ଗର କମନୀୟ ରଙ୍ଗପ୍ରଭା ବିକୀରଣରେ ପ୍ରାଙ୍ଗଣସ୍ଥ ରଙ୍ଗାଳୟର ଆଲୋକସଜ୍ଜା ଲଜ୍ଜିତ, ନିଷ୍ପ୍ରଭ ପ୍ରତୀୟମାନ । ଏ ଜଗଜ୍ଜନନୀ ମୂର୍ତ୍ତି ସତେ କ'ଣ ଗୌରଚନ୍ଦ୍ରଙ୍କର ? ସନ୍ଦେହ ଜାଗୁଛି ତଥାପି । ବହୁ ଦର୍ଶକଙ୍କ ମନରେ ସନ୍ଦେହ ।

ହରିଦାସ ବିଚାର କରୁଛନ୍ତି, ଏ କ'ଣ ଲକ୍ଷ୍ମୀ, ଯାହାଙ୍କର ଆଗମନବାର୍ତ୍ତା ସେ ନିଜେ ଘୋଷଣା କରିଥିଲେ ଅଭିନୟ ଆରମ୍ଭରେ ? କିନ୍ତୁ କାହିଁ, ଲକ୍ଷ୍ମୀଭାବାବେଶ ନିମନ୍ତେ ଆବଶ୍ୟକୀୟ ବେଶଭୂଷାର କୌଣସି ଆଭାସ ହିଁ ନାହିଁ ଏ ରୂପରେ । ତେବେ କ'ଣ ମାଧୁର୍ଯ୍ୟ ପୁରୁଷୋତ୍ତମ ପ୍ରଭୁ ଐଶ୍ୱର୍ଯ୍ୟଶାଳିନୀ କମଳାଙ୍କର ଅମର୍ଯ୍ୟାଦା ଆଶଙ୍କାକରି ରୂପାନ୍ତର ଗ୍ରହଣ କରିଛନ୍ତି ?

ଗଦାଧର ଭାବୁଛନ୍ତି, ଦ୍ୱାପରରେ ଦ୍ୱାରକାନିଳୟ-ନିବାସିନୀ ରୁକ୍ମିଣୀଙ୍କର ପଟ୍ଟପରିବର୍ତ୍ତନର କାରଣ କ'ଣ ତେବେ, ରାଧାଭାବବିଭାବିତ ଶ୍ରୀଅଙ୍ଗରେ ବିରୋଧାଭାସର ଆଶଙ୍କା ?

ଦର୍ଶକ ଜନସାଧାରଣ ଚିନ୍ତା କରୁଛନ୍ତି—ଜଗତର ପ୍ରୟୋଜନ ବ୍ୟତୀତ ଜଗନ୍ନାଥଙ୍କର ଆଉ କି ଉଦ୍ଦେଶ୍ୟ ଥାଇପାରେ ? ସମ୍ଭବତଃ ଲୀଳାଭିନୟ ଦର୍ଶନ ନିମନ୍ତେ ଅଧିକାରୀ ଅନଧିକାରୀ ଅଭେଦରେ ସମସ୍ତଙ୍କୁ ଅନୁମତି ଦେବା ଉଦ୍ଦେଶ୍ୟରେ ଆଦ୍ୟାଶକ୍ତି ମାତୃଭାବର ଉପାସନା ହିଁ ଏ କ୍ଷେତ୍ରରେ ସର୍ବାଦୌ ବିଧେୟ । ପ୍ରେମଭକ୍ତି ପ୍ରାପ୍ତି ପାଇଁ ଶକ୍ତିପୂଜା ଯେ ଅପରିହାର୍ଯ୍ୟ । ତେଣୁ ଏ ଅଭିନବ ଭୂମିକାରେ ଆବିର୍ଭୂତ ଶ୍ରୀଗୌରାଙ୍ଗ ।

ବିବୁଧବର୍ଗ ସିଦ୍ଧାନ୍ତ କରୁଛନ୍ତି, ଏ ସ୍ଥଳରେ ମାତୃପୂଜା ହିଁ 'ଅଭିଧେୟ', ଅଭିନୟ କେବଳ 'ଅନୁବାଦ' ମାତ୍ର ।

ବିଚିତ୍ରବେଶ-ମଞ୍ଜୁଳ ମହାପ୍ରଭୁଙ୍କର ଲୀଳା ଅତି ବିଚିତ୍ର । କେତେବେଳେ ଜରତୀ ବେଶବିନ୍ୟସ୍ତ ନିତ୍ୟାନନ୍ଦଙ୍କର କରଧାରଣକରି ମୋହିନୀ ବେଶରେ ମଧୁର ଭରତୀ

Source: Author, Digitized by PPRACHIN, SOA

ଶୁଣାଉଛନ୍ତି । ସଙ୍ଗେ ସଙ୍ଗେ ଲଳିତ ନର୍ତ୍ତନଭଙ୍ଗୀରେ ସ୍ୱୀୟ ମଧୁରିମାକୁ ମଧୁରତର କରି ଇଙ୍ଗିତ ଦେଉଛନ୍ତି—

ଅଧରଂ ମଧୁରଂ ବଦନଂ ମଧୁରଂ
ନୟନଂ ମଧୁରଂ ହସିତଂ ମଧୁରମ୍
ହୃଦୟଂ ମଧୁରଂ ଗମନଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରମ୍ ।।

ସମ୍ମୁଖରେ ପ୍ରଦୀପ ଧାରଣ କରିଛନ୍ତି ଶ୍ରୀମାନ୍ ପଣ୍ଡିତ ସ୍ୱୟଂ । କନ୍ଟୁଆଳ ହରିଦାସ ପ୍ରଭୁଙ୍କର ଅନୁଷ୍ଠିତ ଭୂମିକା ପ୍ରତି ସତର୍କ ରହି କେବଳ ମାତ୍ର 'ସାଧୁ ସାବଧାନ' କହି କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । ତେଣେ କ୍ଷଣେ କ୍ଷଣେ ପ୍ରଭୁଙ୍କର ଭାବ ପରିବର୍ତ୍ତନ ହେବାରେ ଲାଗିଛି ।

ହଠାତ୍ ପୁଣି ନିତ୍ୟାନନ୍ଦଙ୍କର ଅଦ୍ଭୁତ ଭାବରେ ଭାବବିହ୍ୱଳତା ଦେଖି ବାକ୍‌ସ୍ଫୂର୍ତ୍ତି ରହିତ ଉପସ୍ଥିତ ଦର୍ଶକବୃନ୍ଦ ! ପ୍ରେମାନନ୍ଦରେ ଅଧୀର ଅବଧୂତ-ଭାବମଧୁ ପାନକରି ବିଭୋର । ପଦଭରରେ ମହୀ ଯେପରି ଟଳଟଳ ହେଉଛି, ଗୌର ପ୍ରେମପୂରିସ ପୁରନ୍ଦର, ଗୋରାରସ ଗଠିତ କଳେବର, ନିତ୍ୟାନନ୍ଦ ଆଜି ଯେପରି ଅଖିଳ ଜୀବ ହୃଦୟ-ତମ-ବିନାଶନ ପୂର୍ଣ୍ଣଚନ୍ଦ୍ର ସମ ପ୍ରତିଭାତ । ଅଭିନୟ-ଉଦ୍ଦିଷ୍ଟ ସାଜସଜ୍ଜା ଦୂରୀଭୂତ ହୋଇଛି ଶ୍ରୀଅଙ୍ଗରୁ । ଆଜି ଯେପରି ନିତ୍ୟାନନ୍ଦ ସ୍ୱରୂପର ପୂର୍ଣ୍ଣତମ ପ୍ରକାଶ ।

ଗଜେନ୍ଦ୍ର ଗମନେ ଯାଏ   କରୁଣ ଗୃହାଣୀ ଚାହେଁ
ପଦଭରେ ମହୀ ଟଳମଳ,
ଗଜ ମତ୍ତ ସିଂହ ଜିଣି   କମ୍ପମାନ୍ ମେଦିନୀ
ପାଷଣ୍ଡିଏ ନିରେଖି ବିକଳ ।   (ମହାଜନ ପଦାବଳୀ)

କୃଷ୍ଣ ବେଶଧାରୀ ଆଚାର୍ଯ୍ୟଙ୍କର ମଧ ତଦ୍ରୂପ ଅବସ୍ଥା । ଦେହର ବହିର୍ବେଶଭୂଷା ବହିଷ୍କାର କରି ମୋହିନୀ ବେଶଧାରୀ ମହାପ୍ରଭୁଙ୍କ ପଦତଳେ ଲୁଣ୍ଠିତ ।

ଶ୍ରୀକୃଷ୍ଣ ଆଜି ରାଧାଭାବକାନ୍ତିଧାରୀ ଗୌରାଙ୍ଗ ଚରଣାଶ୍ରିତ । ଏ ଅଦ୍ଭୁତ ରହସ୍ୟମୟ ଅଭିନୟ ସ୍ମରଣ କରାଇ ଦେଉଛି ବୃନ୍ଦାବନ ନିଧୁବନରେ ଅଭିମାନିନୀ ଶ୍ରୀରାଧାଙ୍କର ଦୁର୍ଜୟମାନକାଳୀନ ଶ୍ରୀକୃଷ୍ଣଙ୍କର ଉକ୍ତି—

'ସ୍ମରଗରଳ ଖଣ୍ଡନଂ ମମଶିରସି ମଣ୍ଡନଂ, ରାଧେ, ଦେହି ପଦ-ପଲ୍ଲବମୁଦାରମ୍'

ମହାପ୍ରଭୁଙ୍କର ରୂପ ଓ ଭାବ ଦର୍ଶନରେ ଅନ୍ୟାନ୍ୟ ଅଭିନେତା ତଥା ଅଭିନୟ ଦ୍ରଷ୍ଟା ସମସ୍ତଙ୍କ ମନରେ ଜାଗ୍ରତ ହେଉଛି ମାତାର ସନ୍ତାନପ୍ରତି ନିଷ୍କପଟ ବାତ୍ସଲ୍ୟ । ମହାପ୍ରଭୁଙ୍କର ଏ ମାତୃରୂପରେ ଆଜି ଯେପରି ନିର୍ଭୟ ହୋଇ ଯାଉଛନ୍ତି ଭବପାରାବାରରେ ଭାସମାନ ସନ୍ତାନବର୍ଗ ।

ସମସ୍ତଙ୍କ ମନରେ ବିସ୍ମୟ ସର୍ଜନ କରି ମହାପ୍ରଭୁ ଧୀରେ ଧୀରେ ରଙ୍ଗସ୍ଥଳ ବର୍ଜନପୂର୍ବକ ଆଚାର୍ଯ୍ୟରତ୍ନଙ୍କର ନିର୍ଜନ ଇଷ୍ଟମନ୍ଦିରରେ ବିଦ୍ୟମାନ୍ । ଭକ୍ତଗଣ ସନ୍ତର୍ପଣରେ ଅନୁସରଣ କରୁଛନ୍ତି ମହାପ୍ରଭୁଙ୍କର ପଦାର୍ପିତ ସ୍ଥାନକୁ । ମହାପ୍ରଭୁ ହଠାତ୍

Source: Author, Digitized by PPRACHIN, SOA

ଆଶ୍ଚର୍ଯ୍ୟରନ୍ତୁ ଚନ୍ଦ୍ରଶେଖର ସେବିତ ଗୋପୀନାଥ ବିଗ୍ରହଙ୍କ ସିଂହାସନରେ ସମାସୀନ । ଆଦ୍ୟାଶକ୍ତି ଆବେଶ ପରିବର୍ତ୍ତେ ଏଥର ପୂର୍ବ ଘୋଷିତ ନିର୍ଦ୍ଦେଶ ଅନୁଯାୟୀ ବହୁଜନ ପ୍ରତ୍ୟାଶିତ ମହାଲକ୍ଷ୍ମୀ ଭାବରେ ଅଭିଭୂତ ମହାପ୍ରଭୁ । ଶ୍ରୀବିଗ୍ରହଙ୍କୁ ପାଦରେ ସାଗ୍ରହରେ ପର୍ଯ୍ୟଙ୍କରୁ ଆଣି ଧାରଣ କରିଛନ୍ତି ନିଜ ଅଙ୍କରେ । ଭକ୍ତଗଣ ସ୍ୱତଃ ସେ ରୂପଦର୍ଶନରେ: ଜଗଜ୍ଜନନୀଙ୍କର ସ୍ତୁତିପାଠ ଆରମ୍ଭ କରିଦେଲେ ।

“ନମସ୍ତେ ତୁ ମହାମାୟେ ଶ୍ରୀପୀଠେ ସୁରପୂଜିତେ
ଶଙ୍ଖଚକ୍ର ଗଦାହସ୍ତେ ମହାଲକ୍ଷ୍ମୀ ନମୋସ୍ତୁତେ ।”

ଆଉ ହରିଦାସ ?

ବୈକୁଣ୍ଠର କଣ୍ଟାଆଳ ଆଉ ନାହାନ୍ତି ହରିଦାସ । ସେ ଆବେଶର ଅବସାନ ଘଟିଛି । ନିଜର ସ୍ୱଭାବ-ସୁଲଭ ଦୈନ୍ୟ ପରିବେଷ୍ଟନ କରୁଛନ୍ତି । ସେହି ଐଶ୍ୱର୍ଯ୍ୟ-ପୂର୍ଣ୍ଣ ପରିବେଶରେ ପ୍ରବେଶ କରି, ସିଂହାସନଠାରୁ ବହୁ ଦୂରରେ, ଜନାନ୍ତିକରେ । ମାତୃ କୋଳରୁ ବିଚ୍ଛିନ୍ନ ଦୁଗ୍ଧପୋଷ୍ୟ ଶିଶୁପରି ଆକୁଳ କ୍ରନ୍ଦନ କରୁଛନ୍ତି । ନୟନରୁ ଅଜସ୍ର ଅଶ୍ରୁ ବର୍ଷିତ ହେବାରେ ଲାଗିଛି ।

ଦୈନ୍ୟହିଁ ଭକ୍ତର ପରମ ସୌଭାଗ୍ୟ । କ୍ରନ୍ଦନହିଁ ତାର ଚରମ ଭୋଗ !

ପୁତ୍ରବତ୍ସଳା ମାତା ରୂପରେ ଭକ୍ତବତ୍ସଳ ପ୍ରଭୁ ଆଜି ପ୍ରତି ଭକ୍ତ ପ୍ରାଣରେ ସନ୍ତାନଭାବ ସଞ୍ଚାର କରି ଦୃଷ୍ଟିରେ ନିରୀକ୍ଷଣ କରୁଛନ୍ତି । ପ୍ରତ୍ୟେକର ପ୍ରାଣ ମାତୃଭକ୍ତିରେ ପରିପୂର୍ଣ୍ଣ ।

ଆହା କି ସୌଭାଗ୍ୟ ହରିଦାସଙ୍କର ! ସର୍ବପ୍ରଥମ ହରିଦାସଙ୍କୁ କୋଳରେ ଧରି ସ୍ତନ୍ୟପାନ କରାଉଛନ୍ତି ମହାପ୍ରଭୁ ସ୍ନେହଶୀଳା ମାତାରୂପରେ ।

ହରିଦାସ ତଥାପି ନିଜର ଦୈନ୍ୟ ସମ୍ବରଣ କରିପାରୁ ନାହାନ୍ତି । ଏ ଚରମ ସୌଭାଗ୍ୟ ଲାଭକରି ମଧ୍ୟ । ସର୍ବାଧିକ ଦୁର୍ବଳ ସନ୍ତାନହିଁ ଜନନୀର ପ୍ରଥମ ଅଧିକାରୀ । ପୁତ୍ର କଦାଚିତ୍ କୁପୁତ୍ର ହୋଇପାରେ, ମାତା କଦାପି କୁମାତା ହେବାର ଦୃଷ୍ଟାନ୍ତ ନାହିଁ । ଦୈନ୍ୟହିଁ ଆଜି ହରିଦାସଙ୍କୁ ଅଗ୍ରମାନ୍ୟ କରିଛି ଭକ୍ତମଣ୍ଡଳୀରେ । ମହାପ୍ରଭୁଙ୍କର ପ୍ରିୟତମ ଭକ୍ତ ହରିଦାସଙ୍କର ସୌଭାଗ୍ୟରେ ଭାଗ୍ୟବାନ୍ ଉପସ୍ଥିତ ଭକ୍ତମଣ୍ଡଳୀ । ଏକେ ଏକେ ମହାପ୍ରଭୁଙ୍କର କୃପାଲାଭ କରି ଧନ୍ୟ ।

ଏକେ ଏକେ ଧରି ବିଶ୍ୱମ୍ଭର ମାତୃପ୍ରାଣ ।
କରିଲେ ପରମ ସ୍ନିଗ୍ଧ ହୃଦେ ସ୍ତନ୍ୟମାନ ।।
ଉଭୟ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟରେ ପରିପୂର୍ଣ୍ଣ ଗୌରହରି ।

ଐଶ୍ୱର୍ଯ୍ୟର ଭୂରି ନିଦର୍ଶନ ସତ୍ତ୍ୱେ ମାଧୁର୍ଯ୍ୟର ପ୍ରଚୁର ଅନୁଭୂତି ଲାଭକରି ମଧ୍ୟ ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କର କିନ୍ତୁ ସନ୍ଦେହାଛନ୍ନ । ଗୌରାଙ୍ଗ ଅବତାର ହେଇ ପାରନ୍ତି; ମାତ୍ର ସେହି କ'ଣ ତାଙ୍କର ଗଙ୍ଗାଜଳ ତୁଳସୀ ଦଳରେ ଆହୂତ ସ୍ୱୟଂ ବୈକୁଣ୍ଠନାଥ ?

ଏଣେ ଗୌର ନିତାଇ ଉଭୟଙ୍କର ମିଳିତ ନୃତ୍ୟର ଚମତ୍କାରିତାରେ ମୁଗ୍ଧ ଭକ୍ତବୃନ୍ଦ । ହଠାତ୍ ନିମାଇଁ ପଣ୍ଡିତଙ୍କର ହେଲା ଭଗବତ୍ ଆବେଶ । ନବଭାବରେ

Source: Author, Digitized by PPRACHIN, SOA

ଶ୍ରବାନ୍ନତ ଗୌରଚନ୍ଦ୍ର । "ନାଡ଼ା ନାଡ଼ା" ବୋଲି ଚିତ୍କାର କରି ଉଠିଲେ ।

"ନାଡ଼ା କିଏ ପ୍ରଭୁ ?" ପ୍ରଶ୍ନ କଲେ ଶ୍ରୀବାସ ।

"ଯିଏ ମୋତେ ବୈକୁଣ୍ଠରୁ ମର୍ତ୍ତ୍ୟମଣ୍ଡଳକୁ ଆଣିଛି । ନିତ୍ୟାନନ୍ଦ ଆଗମନରେ ମୋର ପୂର୍ଣ୍ଣ ଆନନ୍ଦ, ମାତ୍ର 'ନାଡ଼ା' ବିନେ ସେ ଆନନ୍ଦ ଭୋଗ୍ୟ ନୁହେଁ ।

"ସେ ଭାଗ୍ୟବାନ୍ କିଏ ପ୍ରଭୁ ?" ପୁଣି ପ୍ରଶ୍ନ କଲେ ଶ୍ରୀବାସ ।

"ଶ୍ରୀ ଅଦ୍ୱୈତାଚାର୍ଯ୍ୟ ।" ଉତ୍ତର ଦେଲେ ମହାପ୍ରଭୁ ।

ତଥାପି ସନ୍ଦେହ । ଶ୍ରୀବାସ ପଣ୍ଡିତଙ୍କ ଭାଇ ରାମାଇ ପଣ୍ଡିତ । ପ୍ରେରଣ କରିଛନ୍ତି ମହାପ୍ରଭୁ ଆଚାର୍ଯ୍ୟଙ୍କୁ ନେଇ ଆସିବା ପାଇଁ । ଶ୍ରୀ ଗୌରାଙ୍ଗଙ୍କ ଆଦେଶକୁ ଲଙ୍ଘନ କରିବାର ସାଧ ନାହିଁ ଶ୍ରୀ ଅଦ୍ୱୈତଙ୍କର । ଗୌରବାର୍ତ୍ତାର ବୈଦ୍ୟୁତିକ ସ୍ପନ୍ଦନ ସେ ପ୍ରତି ଅଙ୍ଗରେ ଅନୁଭବ କରିଛନ୍ତି । ସେ ଚୁମ୍ବକ ଆକର୍ଷଣରୁ ଅବ୍ୟାହତି ନାହିଁ ଅଦ୍ୱୈତାଚାର୍ଯ୍ୟଙ୍କର, ଲୌହ-କଠିନ ପ୍ରାଣ ହେଲେ ମଧ୍ୟ । ମାତ୍ର ଶ୍ରୀବାସ ଅଙ୍ଗନର ନାଟୁଆ ଗୌରାଙ୍ଗଙ୍କ ନିକଟକୁ ଯିବାର ସରଳମାର୍ଗ ପରିହାର କରି ସେ ନିଜକୁ ଲୁକ୍କାୟିତ କରି ରଖିଲେ ନନ୍ଦନ ଆଚାର୍ଯ୍ୟଙ୍କ ନିଳୟରେ । ସେହି ନବଦ୍ୱୀପରେ ।

କିନ୍ତୁ ଭାବ ଭରେ ଧୈର୍ଯ୍ୟବୃତ୍ତି ଧରି ନ ପାରି ରହି ପାରିଲେ ନାହିଁ ଅଦ୍ୱୈତାଚାର୍ଯ୍ୟଙ୍କର । ବିଷ୍ଣୁମଣ୍ଡପରୁ ଭଗବତ୍ ଆଦେଶରେ ଆବିଷ୍ଟ ଶ୍ରୀଗୌରାଙ୍ଗଙ୍କର ଆଦେଶ ହେଲା—"ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କୁ ଅବିଳମ୍ବେ ପୀଠ ସ୍ଥଳକୁ ନେଇ ଆସିବାପାଇଁ । ଶ୍ରୀ ଅଦ୍ୱୈତ ଆତ୍ମଗୋପନ କରିଛନ୍ତି ନନ୍ଦନନିଳୟରେ ।"

"ମୋତେ ପରୀକ୍ଷା କରିବାକୁ ଚାହେଁ ନାଡ଼ା ।" ହସିଲେ ମହାପ୍ରଭୁ ।

ଆଦେଶ ଶ୍ରବଣ ମାତ୍ରେ ଶ୍ରାବଣ ଧାରାରେ ଝରି ପଡ଼ିଲା ପ୍ରେମାଶ୍ରୁ ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କର । ସେ କି ଆନନ୍ଦ ! ମହାପ୍ରଭୁଙ୍କର ଆଦେଶ ଅଲଂଘନୀୟ । ଅଥୟ ପଦକ୍ଷେପରେ ଧାବମାନ୍ ହେଲେ ଶ୍ରୀ ଅଦ୍ୱୈତାଚାର୍ଯ୍ୟ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ନିବିଡ ସମ୍ବନ୍ଧର ବନ୍ଧନ । ତଥାପି ସନ୍ଦେହ । ସେ କେବଳ ଲୀଳାର ପରିପୋଷକ, ସ୍ନେହର ପ୍ରତିବିମ୍ବ ମାତ୍ର । ବିଷ୍ଣୁମଣ୍ଡପାସୀନ ଶ୍ରୀଗୌରଚନ୍ଦ୍ରଙ୍କର ଚରଣାରବିନ୍ଦରେ ସାଷ୍ଟାଙ୍ଗ ପ୍ରଣିପାତକରି ଶ୍ରୀ ଅଦ୍ୱୈତାଚାର୍ଯ୍ୟ ଦଣ୍ଡାୟମାନ । ମହାପ୍ରଭୁଙ୍କ ସମ୍ମୁଖରେ । ପରବର୍ତ୍ତୀ ଆଦେଶର ଅପେକ୍ଷା । ସଙ୍ଗରେ ପ୍ରାଣସଙ୍ଗିନୀ ସୀତାଦେବୀ ।

" ଅଦ୍ୱୈତ, ନାଡ଼ା !" ସମ୍ବୋଧନକରି କହିଲେ ମହାପ୍ରଭୁ—" ମନୋମତ ବର ପ୍ରାର୍ଥନା କର" !

"ବର" ? ଆଶ୍ଚର୍ଯ୍ୟବୋଧ କରୁଛନ୍ତି ଶ୍ରୀଅଦ୍ୱୈତାଚାର୍ଯ୍ୟ । ବରର ଆଉ କ'ଣ ପ୍ରୟୋଜନ ଥାଇପାରେ ? ସନ୍ଦେହବିଦୂରିତ ହୋଇଯାଇଛି ଶ୍ରୀଅଦ୍ୱୈତଙ୍କ ମନରୁ । ଆଜି ଯେପରି ଜୀଇବାର ସାର୍ଥକତା ଉପଲବ୍ଧି କରୁଛନ୍ତି ସର୍ବପ୍ରଥମ । ଜୀବନବ୍ୟାପୀ ଗଙ୍ଗାତୁଳସୀ ପୁରଶ୍ଚରଣପୂର୍ବକ ଆବାହନର ଫଳସ୍ୱରୂପ ଚିରବାଞ୍ଛିତ ସେହି ବରେଣ୍ୟଙ୍କ ଆବିର୍ଭାବ

Source: Author, Digitized by PPRACHIN, SOA

ପରେ ପୁଣି ବର ଭିକ୍ଷା ? ଯାହାକୁ ପାଇଲେ ଆଉ କିଛି ପାଇବାର ନ ଥାଏ, ସେହି ହିରଣ୍ୟ ଗର୍ଭଙ୍କ ପ୍ରାପ୍ତି ପରେ ଆଉ ଯାଚଜ୍ଞାର ଅବକାଶ କାହିଁ ? ଭାବୁଛନ୍ତି ଆଚାର୍ଯ୍ୟ ।

ମନେ ପଡ଼ିଗଲା ଅଦ୍ୱୈତାଚାର୍ଯ୍ୟଙ୍କର, ଶ୍ରୀଭଗବତ୍ ମୁଖନିଃସୃତ ବାଣୀ । କୁରୁକ୍ଷେତ୍ରରେ—

ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ

ସଖା ଅର୍ଜ୍ଜୁନଙ୍କ ଉଦ୍ଦେଶ୍ୟରେ ଉପଦେଶ—

ଯାହା ଲଭି ଅନ୍ୟ ଅଧିକ ଲାଭେ ଲାଭ ନ ମଣେ ।

ଶ୍ରୀଅଦ୍ୱୈତ ନିର୍ବାକ୍ ।

ହଠାତ୍ ଫୁଟିଉଠିଲା ଅଦ୍ୱୈତଙ୍କ ମନରେ ବୈଷ୍ଣବୋଚିତ ମନୋଭାବ । ସର୍ବସ୍ୱ ତ୍ୟାଗ କରି ସେ ଯେଉଁ ଅମୂଲ୍ୟନିଧି ପ୍ରାପ୍ତ ହେଉଛନ୍ତି ତାହା କ'ଣ ଏକାନ୍ତ ଆପଣାର ହୋଇ ରହିଯିବ ଚିରକାଳ ? ସେ କ'ଣ ଏତେ ସ୍ୱାର୍ଥପର ? ଉଦୟ ହେଲା ମନେହାଦାର ଏକ ଅପୂର୍ବ ଭାବ । ସଂଗେ ସଂଗେ କାକୁସ୍ଥ ଆଚାର୍ଯ୍ୟ କରଯୋଡ଼ିକରି କାତର କଣ୍ଠରେ କହିଲେ—

"ପ୍ରଭୁ ମୋର ଅନ୍ୟ ବରରେ ଆବଶ୍ୟକତା ନାହିଁ । ଏତିକିମାତ୍ର ଅଳି ପଦକମଳରେ—ଯେଉଁ ପ୍ରେମଭକ୍ତି ବିତରିତ ହେବ ଏ ଅବତାରରେ, ସେ ଅମୂଲ୍ୟନିଧିର ଅଧିକାରି ଯେପରି ସମସ୍ତଙ୍କୁ ପ୍ରାପ୍ତ ହୁଏ, ଉଚ, ନୀଚ, ପାପୀ, ତାପୀ, ସାଧୁସନ୍ଥ, ଧନୀଦରିଦ୍ର, ନାରୀପୁରୁଷ, ବାଳକବୃଦ୍ଧ ନିର୍ବିଶେଷରେ ।"

"ତଥାସ୍ତୁ" । ବରଦାନ କଲେ ମହାପ୍ରଭୁ ।

ସଂଗେ ସଂଗେ ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କ ଅଙ୍ଗରେ ଜାଗିଲା ବିପୁଳ ପୁଲକ । ସମଗ୍ର ଶରୀରର ପ୍ରତି ଶିରପ୍ରଶିରାରେ ଶୀତଳ ଶିହରଣ ।

ବହୁ ସାଧନା ଓ ଧ୍ୟାନର ଧନ ବଂଶୀବଦନଙ୍କ ପ୍ରତିମୂର୍ତ୍ତି ପ୍ରତିବଦଳରେ ତତ୍‌କ୍ଷଣାତ୍ ଜାଗିଉଠିଲା ଶଚୀସୁତ ଗୌରଚନ୍ଦ୍ରଙ୍କର ସୁଶୀତଳ କମନୀୟ ମୂର୍ତ୍ତି ଶ୍ରୀଅଦ୍ୱୈତଙ୍କ ସମ୍ମୁଖରେ ।

* * *

କ୍ଷେତ୍ର ପ୍ରସ୍ତୁତ, ପାତ୍ର ପ୍ରସ୍ତୁତ, ଯୁଗଧର୍ମ ସଂସ୍ଥାପନାର ଶୁଭମୁହୂର୍ତ୍ତ ସମାଗତ । ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କ ପ୍ରତି ମହାପ୍ରଭୁଙ୍କର ବରଦାନ ସେ ପଥ ପରିଷ୍କାର କରି ଦେଇଛି । ଆଉ ଚିନ୍ତା ନାହିଁ । ଭାବନା ନାହିଁ । କଳିହତ ଜୀବର ଆଜି ପରମସୌଭାଗ୍ୟ ଉଦୟ ।

କଳିଯୁଗ । ଘୋର କଳିକାଳ । ସ୍ୱେଚ୍ଛାଚାରୀ କଳିର ରାଜତ୍ୱ । ସୈ୍ୱରାଚାରୀ ବ୍ୟଭିଚାରୀ ହିଁ ଏ ଯୁଗର ରାଜା । କଳିରାଜ !

ଏ ରାଜତ୍ୱରେ ହିଂସା ଦୂର ହୁଏ ନାହିଁ । ହୋଇପାରେ ନାହିଁ । କାରଣ ରାଜାହିଁ ଏ ଯୁଗରେ ହିଂସ୍ରକ, ଶୋଷକ, ରାଜା କଦାଚିତ୍ ଉତ୍ପୀଡ଼ିକ ଥିଲେ ପୂର୍ବେ । ଶୋଷଣ

Source: Author, Digitized by PPRACHIN, SOA

କରୁଥିଲେ ପୂର୍ବ ପୂର୍ବ ଯୁଗମାନଙ୍କରେ । ମାତ୍ର ସେ ଶୋଷଣ, ସେ ଉତ୍ପୀଡ଼ନ ଥିଲା ପ୍ରତ୍ୟକ୍ଷ । ତାର ପ୍ରତିକାର, ପ୍ରତିବିଧାନ, ପ୍ରତିବାଦ ଥିଲା ସହଜ ଓ ସାଧ୍ୟ । କିନ୍ତୁ କଳିର ରାଜା ବା ଶାସକ ପ୍ରଜାମଙ୍ଗଳ ନାମରେ, ଜନକଲ୍ୟାଣ ଆଳରେ କରେ ଅପ୍ରତ୍ୟକ୍ଷ ଶୋଷଣ, ଅବୋଧ ଉତ୍ପୀଡ଼ନ । ଧର୍ମ ନାମରେ ଅଧର୍ମ, ବିଦ୍ୟା ନାମରେ ଅବିଦ୍ୟା, ବାଣିଜ୍ୟ ନାମରେ ଅସାଧୁତା, ଅହିଂସା ନାମରେ ହିଂସା ହିଁ ଏ ଯୁଗର ରାଜ-ପ୍ରକୃତି । ଘୋର କଳି !

ସେହି ଘୋର କଳିରେ ହିଁ ମହାପ୍ରଭୁ ଶ୍ରୀଗୌରାଙ୍ଗଙ୍କର ଅବତାର । ଯୁଗାବତାର ନୁହେଁ, ଅଂଶାବତାର ନୁହେଁ, କଳାବତାର ନୁହେଁ, ଗୁଣାବତାର ନୁହେଁ, ଶକ୍ତ୍ୟାବେଶ ଅବତାର ମଧ୍ୟ ନୁହେଁ, ଅବତାରୀଙ୍କର ଅବତାର ।

ଚତୁର୍ଦ୍ଦିଗରେ ହିଂସ୍ରତାର ଜୟ-ଜୟ-କାର । ଜାଗତିକ ସୁଖ ପାଇଁ ମନୁଷ୍ୟ ମନୁଷ୍ୟତାକୁ ଭୁଲି ପଶୁତ୍ୱ ବରଣ କରି ନେଇଛି । ଏ ଯୁଗରେ ନ୍ୟାୟ, ନୀତି, ଧର୍ମର ମୂଲ୍ୟରେ ସେ ଗୃହେଁ ଭୌତିକ ଭୂତି—ଲାଭ, ପୂଜା, ପ୍ରତିଷ୍ଠା ।

ଏହି ପ୍ରତିକୂଳ ପରିପ୍ରେକ୍ଷୀରେ ମହାପ୍ରଭୁ ଶ୍ରୀଗୌରାଙ୍ଗଙ୍କର ପ୍ରେମଭକ୍ତି ପରିପ୍ରଚାର ଏକ ଅଘଟଣ ଘଟଣା । ଅସମ୍ଭବ ସମ୍ଭାବନା । କହିବା ଅତ୍ୟୁକ୍ତି ନୁହେଁ । ଏହି ଦୁରୂହ କାର୍ଯ୍ୟ ସମ୍ପାଦନ ପାଇଁ ପ୍ରୟୋଜନ ପୂର୍ଣ୍ଣାବତାର ।

ପୂର୍ଣ୍ଣ ନୁହେଁ ପୂର୍ଣ୍ଣତମ ଅବତାର ଏହି ଗୌର ଅବତାର । ସଚ୍ଚିଦାନନ୍ଦଙ୍କର ପୂର୍ଣ୍ଣତମ ପରିପ୍ରକାଶ । ଭୂଲୋକରେ ଗୋଲୋକର ପରିବେଶ ।

ଭାରତଭୂମିରେ ଯେତେବେଳେ ଘୋର ସଙ୍କଟମୟ ସମୟ ଉପସ୍ଥିତ । ବେଦର କର୍ମକାଣ୍ଡ ନିହିତ ପଶୁଘାତକୁ ନିନ୍ଦାକରି ପୁରୁଷୋତ୍ତମରେ ସଦୟ ହୃଦୟ ପତିତ ଉଦ୍ଧାରଣ ପ୍ରବୁଦ୍ଧ ବୁଦ୍ଧ ବାମନମୂର୍ତ୍ତିଙ୍କର ଆବିର୍ଭାବ ସତ୍ତ୍ୱେ ସମାଜରୁ ହିଂସାର ପ୍ରାବଲ୍ୟ ହ୍ରାସ ପାଇ ନାହିଁ । ଉଚ୍ଚ, ନୀଚ, ଧନୀ, ନିର୍ଦ୍ଧନ, ଜାତି, ଅଜାତି, କୁଳୀନ ଇତର, ପଣ୍ଡିତ ମୂର୍ଖ ଭେଦରେ ଶତଧାଭିନ୍ନ ସମାଜ ଭ୍ରଷ୍ଟ, ଅଧଃପତିତ । ସଂହତିର ସଂହାର ଫଳରେ ସମାଜର ମେରୁଦଣ୍ଡ ଦୁର୍ବଳ, କୀଟଦଷ୍ଟ ।

ସାମାଜିକ, ରାଜନୈତିକ, ଆଧ୍ୟାତ୍ମିକ ତଥା ଅର୍ଥନୈତିକ କ୍ଷେତ୍ରରେ ଶ୍ରେଷ୍ଠ ମାନବର ଶୋଷଣଫଳରେ ସାଧାରଣ ଜନତା ଯେତେବେଳେ ଦୁର୍ବଳ, ଅସ୍ଥିକଙ୍କାଳସାର; ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ଆଚରଣକୁ ପ୍ରମାଣ ମନେକରି ତଦନୁବର୍ତ୍ତୀ ଇତରଲୋକେ ଯେତେବେଳେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ହିଁ ଜୀବନର ସାର୍ଥକତା ବୋଲି ଜ୍ଞାନ କରୁଛନ୍ତି; ସେଇ ଘନ ତମସାଚ୍ଛନ୍ନ ରଜନୀର ବୁକୁବିଦୀର୍ଣ୍ଣକରି ଉଦିତ ହେଲେ ନବଦ୍ୱୀପରେ ଉଦ୍ଦୀପ୍ତ ନବଭାନୁ ଗୌରକିଶୋର ଶ୍ରୀଗୌରାଙ୍ଗ ।

ସେ ଏକ ଅଜେୟ, ଅପ୍ରତିରୋଧ୍ୟ, ଅଭିନବ, ଅନାହତ ଶକ୍ତିର ସଞ୍ଚରଣ ପ୍ରତିପ୍ରାଣରେ ନବଦ୍ୱୀପରେ । ଶ୍ରୀଗୌରାଙ୍ଗଙ୍କର ଆବିର୍ଭାବ ଫଳରେ ।

ପାଞ୍ଚଶହ ବର୍ଷ ତଳର ଭାରତବର୍ଷ । ଏ ଦେଶରେ ଏକ ବୈପ୍ଳବିକ ଶକ୍ତିର ପ୍ଳାବନ । ଅଭୂତପୂର୍ବ ଆବିର୍ଭାବ ।

ହିଂସା ପ୍ରଣୋଦିତ ତରବାରିର ଜୟ ଜୟ ନୁହେଁ । ସ୍ନେହ ଓ ପ୍ରେମବଳରେ ବିଜୟହିଁ ପ୍ରକୃତ ବିଜୟ । ଏ ସତ୍ୟର ପରୀକ୍ଷା ସରିଥିଲା ବହୁ ଶତାବ୍ଦୀ ପୂର୍ବେ ଏଇ ଭାରତ ଭୂମିରେ । କଳିଙ୍ଗ ରାଷ୍ଟ୍ରରେ । ଆଜି ତାର ପ୍ରୟୋଗ ପର୍ବ ।

Source: Author, Digitized by PPRACHIN, SOA

ବହୁ ଶତାବ୍ଦୀ ଲୀନ ହୋଇଯାଇଛି ଅଜ୍ଞାତ ଗର୍ଭରେ । ଉପଯୁକ୍ତ ଅସ୍ତ୍ର ଅଭାବରେ ସେ ସତ୍ୟ, ସେ ଧର୍ମର ଗ୍ଳାନି ସର୍ବତ୍ର । ଆଜି ପ୍ରୟୋଗର ଅସ୍ତ୍ର ମଧ୍ୟ ଆବିଷ୍କୃତ ।

ଏ ବିଜୟ ଅଭିଯାନର ପ୍ରଧାନ ଅସ୍ତ୍ର—"ହରିନାମ" । ଆଡ଼ଣ ଓ ତାଡ଼ନ । ଆକ୍ରମଣ ଓ ପ୍ରତିରକ୍ଷା -ସେହି ହରିନାମ । ଏ ଏକ ଅଭିନବ ଅଭିଯାନ.... ..

ଏ ଅଭିଯାନରେ ଆକ୍ରମଣ ଆରମ୍ଭ ହୁଏ ଆପଣା ମନର ଆବିଳତା ମଳିନତା ବିରୋଧରେ । ସ୍ନେହ ଓ ପ୍ରେମରେ ଶତ୍ରୁଙ୍କୁ ଜୟ କରିବାପାଇଁ ଦୃଢ଼ତମ ବ୍ୟୂହ ରଚନା ନିଜର ଆତ୍ମଶୁଦ୍ଧି । ଏହାହିଁ ସର୍ବୋତ୍ତମ ଆତ୍ମରକ୍ଷା । ଚିତ୍ତଦର୍ପଣ ମାର୍ଜିତ ନ ହେଲେ ହୃଦକେଦାରରେ ସ୍ନେହ ଓ ପ୍ରେମ ଅଙ୍କୁରିତ ହୁଏ ନାହିଁ । ଚିତ୍ତଦର୍ପଣ ମାର୍ଜନର ଏକ ମାତ୍ର ଉପାୟ ହରିନାମ ।

ଚେତୋ ଦର୍ପଣ ମାର୍ଜନଂ ଭବମହାଦାବାଗ୍ନି ନିର୍ବାପନଂ ।
ଶ୍ରେୟଃ କୈରବ ଚନ୍ଦ୍ରିକା-ବିତରଣଂ ବିଦ୍ୟାବଧୂ ଜୀବନମ୍ ।।
ଆନନ୍ଦାମ୍ବୁଧି ବର୍ଦ୍ଧନଂ ପ୍ରତିପଦଂ ପୂର୍ଣ୍ଣାମୃତାସ୍ୱାଦନଂ ।
ସର୍ବାତ୍ମସ୍ନପନଂ ପରଂ ବିଜୟତେ ଶ୍ରୀକୃଷ୍ଣ ସଙ୍କୀର୍ତ୍ତନ ।। (ଶିକ୍ଷାଷ୍ଟକ)

ଏ ଯୁଦ୍ଧର ପ୍ରଧାନ ସେନାପତି ଗୌରଚନ୍ଦ୍ରଙ୍କର ସୈନ୍ୟସଜ୍ଜାର ସର୍ବପ୍ରଥମ ଶୃଙ୍ଖଳା—

କୃଷ୍ଣ ସଙ୍କୀର୍ତ୍ତନେ ପାପ ସଂସାର ନାଶନ ।
ଚିତ୍ତଶୁଦ୍ଧି ସର୍ବ ଭକ୍ତି-ସାଧନ ଉଦ୍‌ଗମ ।।
କୃଷ୍ଣ ପ୍ରେମୋଦ୍‌ଗମ ପ୍ରେମାମୃତ ଆସ୍ୱାଦନ ।
କୃଷ୍ଣପ୍ରାପ୍ତି ସେବାମୃତ ସମୁଦ୍ରେ ମଜ୍ଜନ ।।

ସେଦିନ ଆଦେଶ ହେଲା ପ୍ରଧାନ ସେନାପତିଙ୍କର ଅନ୍ୟ ଦୁଇ ମୁଖ୍ୟ ସେନାପତିଙ୍କ ପ୍ରତି—

ଶୁଣ ନିତ୍ୟାନନ୍ଦ ଶୁଣ ଶୁଣ ହରିଦାସ ।
କର ମୋର ଏହି ଆଜ୍ଞା ସର୍ବତ୍ର ପ୍ରକାଶ ।।
ଘରେ ଘରେ ପ୍ରତିଘରେ କର ଏହି ଭିକ୍ଷା ।
କୃଷ୍ଣ ଭଜ କୃଷ୍ଣ ବୋଲ କର କୃଷ୍ଣ ଶିକ୍ଷା ।।
ଏହା ବିନେ ଆନ ନ ବୋଲିବ ବୋଲାଇବ ।
ଦିବା ଅବସାନେ ଆସି ବାରତା କହିବ ।। (ଚୈ:ଭା:)

ସେ ଆଜ୍ଞା ଅବଲମ୍ବେ ପ୍ରତିପାଳିତ ହେଲା । ଶୃଙ୍ଖଳାବଦ୍ଧ ସେନାପତି ସଦୃଶ ଚତୁର୍ଦ୍ଦିଗରେ ପ୍ରଚାର କଲେ ନିତ୍ୟାନନ୍ଦ ଓ ହରିଦାସ—

" ବୋଲ କୃଷ୍ଣ କହ କୃଷ୍ଣ କର ହେ ଭଜନ,
କୃଷ୍ଣପ୍ରାଣ, କୃଷ୍ଣଧନ, କୃଷ୍ଣହିଁ ଜୀବନ,
ସେହି କୃଷ୍ଣ ବୋଲ ଭାଇ ହୋଇ ଏକ ମନ । (ଚୈ: ଭା:)

Source: Author, Digitized by PPRACHIN, SOA

ଏ ବିପ୍ଳବ ବାସ୍ତବିକ ଏକ ଅଭିନବମୟ ବିପ୍ଳବ । ଏ ବିପ୍ଳବରେ, ଏ ବିଦ୍ରୋହରେ ଧନର ଲୁଣ୍ଠନ ହୁଏ ନାହିଁ, ଲୁଣ୍ଠିତ ହୁଏ ମନ । ଏ ବିପ୍ଳବାନ୍ତିକ ପର୍ବରେ ବିଜେତାର ବଶ୍ୟତା ସ୍ୱୀକାର କରି ଜୀବନଭିକ୍ଷା କରେ ନାହିଁ ଜୀବିତ ବିଜିତ ବ୍ୟକ୍ତି; ଏ ବିଜୟରେ ବିଜୟୀହିଁ ଭିକ୍ଷାକରେ ପରାଜିତ ପକ୍ଷର ପ୍ରେମ—ଭଗବତ୍ ଭକ୍ତି—

ବୋଲ କୃଷ୍ଣ ଭଜ କୃଷ୍ଣ ଲହ କୃଷ୍ଣ ନାମ
କୃଷ୍ଣ ମାତା, କୃଷ୍ଣ ପିତା, କୃଷ୍ଣ ଧନ ପ୍ରାଣ ! (ଚୈ.ଭା:)

ମାତ୍ର ପ୍ରତ୍ୟେକ ବିପ୍ଳବ ସଙ୍ଗେ ସଙ୍ଗେ ଦେଖାଦିଏ ପ୍ରତିବିପ୍ଳବ । ଏ ପ୍ରେମପ୍ଲାବନରେ ମଧ୍ୟ ତାର ବ୍ୟତିକ୍ରମ ନାହିଁ । ବରଂ ଯେଉଁ ବିପ୍ଳବର ପ୍ରତିବିପ୍ଳବ ଯେତେ ପ୍ରବଳ, ସେ ବିପ୍ଳବର ପ୍ରାଧାନ୍ୟ ତଥା ପ୍ରୟୋଜନ ସେତିକି ସମଧିକ ବିବେଚିତ ହୁଏ । ପ୍ରତିବିପ୍ଳବ ବିନା ବିପ୍ଳବ ବିପ୍ଳବ ପଦ-ବାଚ୍ୟ ନୁହେଁ । ତାହା ପ୍ଲାବନ ନୁହେଁ ସ୍ରୋତ ମାତ୍ର ।

ଜଗାଇ ମାଧାଇ ଦୁଇଭାଇ । ସେ ପ୍ରତିବିପ୍ଳବର ପୁରୋଧା । ନବଦ୍ୱୀପରେ ।

ସମଗ୍ର ନଦୀୟା ଭୀତ ଏ ଦୁହିଁଙ୍କୁ ଦେଖି ।
କାଲେ ପୋଡ଼ିବେ କା ଘର ! ଏତେ ଅବିବେକୀ ।।
ଏପରି ନ ଥିବ ପାପ ନ କରନ୍ତି ଯାହା ।
ଚୋରି ନାରୀ ମଦ ମାଂସ ଯାହା ଇଚ୍ଛା ତାହା ।।
ବ୍ରାହ୍ମଣ କୁଳରେ ମହାପାପୀ ଦୁଇଭାଇ ।
ଠାକୁର ସେ ନବଦ୍ୱୀପେ ଜଗାଇ ମାଧାଇ ।।

ଜଗାଇ ମାଧାଇ ଦୁଇଭାଇ । ଏକ ପିତାମହର ଦୁଇ ପୌତ୍ର । ଜଗାଇ ଜ୍ୟେଷ୍ଠ, ମାଧାଇ କନିଷ୍ଠ । ଜଗାଇର ପିତା ଶୁଭାନନ୍ଦରାୟ ନବଦ୍ୱୀପର ରାଜା । କୁଳୀନ ବ୍ରାହ୍ମଣ । ଦେଶ ବିଦେଶରେ ଥିଲା ଖ୍ୟାତି, ପ୍ରତିପତ୍ତି । ପରମ ପଣ୍ଡିତ ସର୍ବଗୁଣାଧାର । ପୁତ୍ର ଜଗନ୍ନାଥର ପିତୃଦତ୍ତ ଶ୍ରଦ୍ଧାନାମ ଜଗାଇ । ଶୁଭାନନ୍ଦ ଜ୍ୟେଷ୍ଠ । କନିଷ୍ଠ ଜନାର୍ଦ୍ଦନର ପୁତ୍ର ମାଧବ ଓରଫ୍ ମାଧାଇ । ଉଭୟେ ରାଜକର୍ମଚାରୀ ।

ନ ଏଡ଼ନ୍ତି ଗୁର୍ବାଙ୍ଗନା ବ୍ରାହ୍ମଣୀ ଯବନୀ ।
ଗ୍ରହନ୍ତି ସକଳ କର୍ମ ସୁରାପ୍ରାପ୍ତି ଲାଗି ।।
ଦେବ ଗୁରୁ ଦ୍ୱିଜଠାରେ ହିଂସା ନିରନ୍ତର ।
ବାହାରିଲେ ବିନା ବଧ ନ ଫେରନ୍ତି ଘର ।।
ବହୁନାରୀ ଗୋବଧାଦି ଯେତେ ଶତ ଶତ ।
କଲାକୃତ୍ୟ ବର୍ଣ୍ଣିବାରେ କେବା ସାମରଥ ।।
ଗଙ୍ଗାକୂଳେ ଥାଇ ନ କରନ୍ତି ଗଙ୍ଗାସ୍ନାନ ।
ଜନମରୁ ନ ଜାଣନ୍ତି ପତ୍ନୀବନ୍ଧୁ ମାନ ।। (ଚୈ: ଭା:)

ହରିନାମ ଏକ ପରିହାସର ଶବ୍ଦ ହୋଇଥିଲା ନବଦ୍ୱୀପରେ । ମାତ୍ର ସେ ପରିସ୍ଥିତିର ସମ୍ପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ମିଳିଲା କେବଳ କେତୋଟି ଦିନ ମଧ୍ୟରେ ।

Source: Author, Digitized by PPRACHIN, SOA

ନିତ୍ୟାନନ୍ଦ ହରିଦାସଙ୍କ ନାମ ପ୍ରଚାର ଫଳରେ । ତଥାପି ସ୍ଥାନେ ସ୍ଥାନେ ପ୍ରତିକ୍ରିୟାର ଲେଲିହାନ ଜିହ୍ୱା । ବିସ୍ତାର କରି ଉଠିଲା ସେ ଜିହ୍ୱା ଲହ ଲହ ହୋଇ ।

ସ୍ୱୟଂ ଭଗବାନଙ୍କର ଅବତାର ଗୌରଚନ୍ଦ୍ରଙ୍କର ଆଜ୍ଞାବହ ନିତ୍ୟାନନ୍ଦ ଓ ହରିଦାସଙ୍କର ଭ୍ରୂକ୍ଷେପ ନାହିଁ । ଏକ ପାର୍ଶ୍ୱରେ ଅକ୍ରୋଧ ପରମାନନ୍ଦ, ନିଷ୍କଳୁଷ, ଅପାପବିଦ୍ଧ, ଶିଶୁସମସରଳ, ମାନାପମାନୟୋସ୍ତୁଲ୍ୟ, ତୁଲ୍ୟନିନ୍ଦାରିପକ୍ଷୟୋ, ପ୍ରଭୁ ନିତ୍ୟାନନ୍ଦ ଅବିରତ ପ୍ରେମାବେଶରେ ଆତ୍ମବିସ୍ମୃତ ଭାବରେ ଚାଲିଛନ୍ତି । ସଂଶିତ ବ୍ରତ, ନିର୍ବିଣ୍ଣଚେତା, ନିରତ ନିରଭିମାନ, ତୃଣାଦପି ସୁନୀଚ ଭାବାପନ୍ନ, ଦୈନ୍ୟର ପ୍ରତିମୂର୍ତ୍ତି ହରିଦାସ କେତେବେଳେ ସ୍ୱଗତ କେତେବେଳେ ବା ହରିନାମଉଚ୍ଚାରଣପର ଦରସ୍ଫୁଟ ଅଧରୋଷ୍ଠକୁ ମୃଦୁ ମୃଦୁ ସଂଚାଳନ କରି ଚାଲିଛନ୍ତି । ସମତାଳରେ । ଅନ୍ୟ ପାର୍ଶ୍ୱରେ ।

କି ମନୋରମ ସେ ଦୃଶ୍ୟ ! ସେହି ଦୃଶ୍ୟର ଆକର୍ଷଣରେ ବହୁଜନ ଚିତ୍ତ ମାର୍ଜିତ । ନାମପ୍ରତି ରୁଚି ସ୍ୱତଃ ପ୍ରକଟିତ । ତଥାପି ପ୍ରତିକ୍ରିୟା ସ୍ଥଳ ବିଶେଷରେ କଣ୍ଟପ୍ରକ୍ଷେପରେ ।

"ଭଣ୍ଡ ! ହରିନାମ ଏମାନଙ୍କର ଛଳନା ।" ଶୁଣିଲେ ନିତ୍ୟାନନ୍ଦ ଲୋକ ମୁଖରୁ । ଜଗାଇ ମାଧାଇଙ୍କର ମନ୍ତବ୍ୟ ।

"ନାମ କେବଳ ବାହ୍ୟିକ ପ୍ରଦର୍ଶନୀ ଦିନବେଳେ । ମାତ୍ର ରାତିରେ ଏମାନଙ୍କର ଚୌର୍ଯ୍ୟବୃତ୍ତି ।" ଶୁଣିଲେ ହରିଦାସ । କଟୂକ୍ତି ଦୁଇଭାଇଙ୍କର । ଗ୍ରାମବାସୀଙ୍କ ମୁଖରୁ ।

"ଭଣ୍ଡ ନିମାଇଁ ପଣ୍ଡିତ ଭ୍ରଷ୍ଟ କରିଛନ୍ତି ଏମାନଙ୍କୁ ।" ଉଭୟଙ୍କର କର୍ଣ୍ଣଗୋଚର ହେଲା ଏ ଆକ୍ଷେପ ।

ଅସହ୍ୟ ହୋଇ ପଡ଼ିଲା ଉଭୟଙ୍କ ପକ୍ଷରେ ମହାପ୍ରଭୁଙ୍କ ପ୍ରତି ଏ କଟୂକଟାକ୍ଷ ।

ତଥାପି କହି ଚାଲିଛନ୍ତି, ଗାଇ ଚାଲିଛନ୍ତି ଦୁହେଁ ଏକ ସଙ୍ଗେ—"ଭଜ କୃଷ୍ଣ, ଜପ କୃଷ୍ଣ, ଲହ କୃଷ୍ଣ ନାମ ।"

କିନ୍ତୁ ଚରମ ପ୍ରତିକ୍ରିୟାଶୀଳ ନରାଧମ ଜଗାଇ, ମାଧାଇଙ୍କ ପକ୍ଷରେ ତାହା ମଧ୍ୟ ଅସହ୍ୟ । ସେ ଦିନ ପଥ ମଧ୍ୟରେ ଦୈବାତ୍ ଉଭୟ ପକ୍ଷର ସାକ୍ଷାତ୍ । ଏକ ଦିଗରେ ଜଗାଇ ମାଧାଇ, ଅନ୍ୟ ଦିଗରେ ନିତ୍ୟାନନ୍ଦ ଓ ହରିଦାସ । ପ୍ରତିବିପ୍ଳବକୁ ବିପ୍ଳବାଭିମୁଖୀ କରିବାର ଦାୟିତ୍ୱ ଉଭୟଙ୍କର ।

ନିରପେକ୍ଷ ଲୋକେ ମଧ୍ୟ ସାବଧାନ କରାଇ ଦେଇଥିଲେ ଏ ଦୁହିଁଙ୍କର ଦୌରାତ୍ମ୍ୟଠାରୁ ନିଜକୁ ଦୂରେଇ ରଖିବା ପାଇଁ, ହରିଦାସ ଓ ନିତ୍ୟାନନ୍ଦଙ୍କୁ । ମାତ୍ର ପାପିଷ୍ଠ ପ୍ରତି ସର୍ବାଧିକ କୃପା ପ୍ରଦର୍ଶନ ହିଁ ମହାପ୍ରଭୁଙ୍କର ଆଦେଶ ।

ପତିତପାବନ ନିତ୍ୟାନନ୍ଦଙ୍କର ସ୍ୱଭାବଗତ ଆଚରଣ ପାପୀ ପ୍ରତି ସମଧିକ ଦୟା । ତେଣୁ ନିତ୍ୟାନନ୍ଦଙ୍କ ପ୍ରାଣରେ ଜାଗିଉଠିଲା ଜଗାଇ ମାଧାଇ ଉଦ୍ଧାରର ପଣ । ନଚେତ୍ ପରମ କରୁଣ ମହାପ୍ରଭୁଙ୍କ ପ୍ରେମାବତାର ଯେ ବ୍ୟର୍ଥ ହୋଇଯିବ ! ଅଧମତମ ପାଷାଣ୍ଡୀ ଜଗାଇ ମାଧାଇଙ୍କ ଉଦ୍ଧାର ବିନା ଯୁଗାବତାର ଧାରଣା ବୃଥା । ମାଦକ-ମତ୍ତ ମନକୁ ନାମାନନ୍ଦରେ ଉନ୍ମତ୍ତ କରିବାକୁ ପଡ଼ିବ । ଯାହାଙ୍କୁ ସ୍ପର୍ଶକଲେ ଗଙ୍ଗାସ୍ନାନ ବିଧେୟ ବୋଲି

Source: Author, Digitized by PPRACHIN, SOA

ବିବେଚିତ ହୁଏ, ତା'ର ଦର୍ଶନଠାରେ ଯଦି ଗଙ୍ଗାସ୍ନାନର ଫଳପ୍ରାପ୍ତି ନ ହୁଏ, ତେବେ ନିତ୍ୟାନନ୍ଦଙ୍କର ଚୈତନ୍ୟଦାସ ନାମ ମଧ୍ୟ ବ୍ୟର୍ଥ । ତେଣୁ ନିତ୍ୟାନନ୍ଦ ଓ ହରିଦାସଙ୍କର ମିଳନ ଏକ ସୁସଂଯୋଗ । ନିତ୍ୟାନନ୍ଦଙ୍କର ପୂର୍ବକଳ୍ପିତ ଯୋଜନା ।

ବହୁ ଦୂରରେ ଅଗ୍ରସର ହେଉଛନ୍ତି ଜଗାଇ ମାଧାଇ ନିତ୍ୟାନନ୍ଦ ଓ ହରିଦାସଙ୍କ ଉଦ୍ଦେଶ୍ୟରେ । ଭକ୍ତବୃନ୍ଦ ମହାନନ୍ଦରେ ହରିଧ୍ୱନି କରୁଛନ୍ତି । ଏହି ଦୁଷ୍ଟ ଦୁର୍ମଦ ନୃଶଂସ ବ୍ୟକ୍ତିଦ୍ୱୟଙ୍କର ଆକ୍ରମଣ ଆଶଙ୍କା ହରିଦାସ ଓ ନିତ୍ୟାନନ୍ଦଙ୍କ ପକ୍ଷରେ ଉପହାସ୍ୟ, ରହସ୍ୟର ବିଷୟ ହୋଇ ପଡ଼ିଲା ।

"ହରିଦାସ, ଏ ଦୁହିଙ୍କର ଉଦ୍ଧାର ଦାୟିତ୍ୱ ତମର ।" ହରିଦାସଙ୍କ ପ୍ରତି ନିତ୍ୟାନନ୍ଦଙ୍କର ସହାସ୍ୟ ଉକ୍ତି ।

"ସ୍ୱୟଂ ଅଭିନ୍ନ ଚୈତନ୍ୟତନୁ ନିତ୍ୟାନନ୍ଦଙ୍କ ଉପସ୍ଥିତି ସତ୍ତ୍ୱେ ?" ହରିଦାସଙ୍କ ପ୍ରତ୍ୟୁତ୍ତର ।

"ଯିଏ ଯବନ ପ୍ରହରୀମାନଙ୍କର ସହସ୍ର ପ୍ରହାର ହେତୁ କରି ଶତ୍ରୁମାନଙ୍କୁ ସୁଦର୍ଶନ ଚକ୍ରର ପ୍ରଚଣ୍ଡ ଦଣ୍ଡରୁ ମୁକ୍ତ କରିପାରେ, ସେହି ଅଭିଜ୍ଞ ବ୍ୟକ୍ତି ପକ୍ଷରେ ଏ ପ୍ରତିହିଂସ୍ରା ଶକ୍ତିର ସମ୍ମୁଖୀନ ହେବା ଅତ୍ୟନ୍ତ ସହଜ ସାଧ୍ୟ ।"

"ଶ୍ରୀପାଦ, ସେ ପ୍ରହାର ସହ୍ୟ ମୁଁ କରି ନାହିଁ,କରିଛନ୍ତି ମହାପ୍ରଭୁ । ଚକ୍ର ତାଙ୍କର, କ୍ଷମା ତାଙ୍କର । ସୁତରାଂ ଅଭିନ୍ନ ଚୈତନ୍ୟତନୁ ଗୌର-ବଶୀକରଣ ମନ୍ତ୍ରର ଆଜି ପରୀକ୍ଷା ପ୍ରାର୍ଥନୀୟ । ମୋହର ଯେତେକ କାର୍ଯ୍ୟ ନିତ୍ୟାନନ୍ଦ ଦ୍ୱାରା ଏ ଯେ ମହାପ୍ରଭୁଙ୍କର ସ୍ୱୀକାରୋକ୍ତି ।"

ହରିଦାସ ତମର କଥା କେବେ ଅନ୍ୟଥା ହୁଏ ନାହିଁ ମହାପ୍ରଭୁଙ୍କ ଠାରେ । ଏହା ମହାପ୍ରଭୁଙ୍କର କେବଳ ସ୍ୱମୁଖ ନିଃସୃତ ବାଣୀ । ବାଣୀ ନୁହେଁ, ସ୍ୱୀକୃତି, ପ୍ରତିଶ୍ରୁତି । ତମର ପ୍ରତ୍ୟେକ ପଦକ୍ଷେପରେ ମହାପ୍ରଭୁଙ୍କର ପ୍ରଚ୍ଛନ୍ନ ଇଚ୍ଛା ପ୍ରକଟିତ । ତେଣୁ ତମେହିଁ ଏହି ପାଷଣ୍ଡୀ ଭ୍ରାତାଦ୍ୱୟଙ୍କର ଉଦ୍ଧାର ନିମନ୍ତେ ଯୋଗ୍ୟତମ ସମର୍ଥ ପାତ୍ର ।" ନିତ୍ୟାନନ୍ଦ ମତବ୍ୟକ୍ତ କଲେ ।

ହରିଦାସ ଏଥର ନମ୍ର ସ୍ୱରରେ ନିତ୍ୟାନନ୍ଦଙ୍କୁ ହସି ହସି ଉତ୍ତର ଦେଲେ— "ଶ୍ରୀପାଦ, ଅନନ୍ତ ମହିମାପନ୍ନ ପ୍ରଭୁ ନିତ୍ୟାନନ୍ଦ ଏ ପାପକର୍ମା ଦୁହିଁଙ୍କର କଲ୍ୟାଣ କଳ୍ପନା କଲାମାତ୍ରେ ଏ ଦୁହିଁଙ୍କର ଉଦ୍ଧାର କାର୍ଯ୍ୟ ସଂପୂର୍ଣ୍ଣ । ମୋ ପାଇଁ ପାତ୍ର କାହିଁ ? କ୍ଷେତ୍ର କେଉଁଠି ? ପ୍ରବଞ୍ଚନା ବାକ୍ୟ ପରିହାର କର ପ୍ରଭୁ !"

ନିତ୍ୟାନନ୍ଦ ମହାନନ୍ଦରେ ହରିଦାସଙ୍କୁ ଆଲିଙ୍ଗନ କଲେ । ଆଶ୍ଳେଷରେ ହିଁ ଏ ପ୍ରୀତି କଳହର ଶେଷ ହେଲା । ଉଭୟେ ଏକ ସଙ୍ଗରେ ସମ୍ମୁଖୀନ ହେଲେ ଦୁଇ ପିଶାଚଙ୍କର । ଏ ଦୁଇ ପାଷାଣ୍ଡ ମଦ୍ୟପଙ୍କର ସମ୍ମୁଖୀନ ହେବା ଅର୍ଥ ମହା ବିପଦର ଆମନ୍ତ୍ରଣ ।

ତାହାହିଁ ହେଲା । ହରିନାମ ଗ୍ରହଣପାଇଁ ନିତ୍ୟାନନ୍ଦ ଓ ହରିଦାସଙ୍କ ନିବେଦନ ଶ୍ରବଣମାତ୍ରେ ସଙ୍ଗେ ସଙ୍ଗେ ଆଘାତ କରିବାକୁ ଉଦ୍ୟତ । କ୍ରୋଧାନ୍ଧ ମଦିରାମତ୍ତ ଭ୍ରାତାଦ୍ୱୟ ।

ଚତୁରତାର ସହିତ ସେଦିନ ନିତ୍ୟାନନ୍ଦ ଓ ହରିଦାସ ଦୁର୍ବୃତ୍ତଦ୍ୱୟଙ୍କ କବଳରୁ ନିଷ୍କୃତି ଲାଭକରି ପଳାଇ ଆସିଲେ । କେବଳ ମହାପ୍ରଭୁଙ୍କଠାରେ ନିବେଦନ କରିବାପାଇଁ ।

Source: Author, Digitized by PPRACHIN, SOA

"ପ୍ରଭୁ, କୃପାକରି ଏ ମହାପାପୀ ଦୁଇଭାଇଙ୍କୁ ଅଙ୍ଗୀକାର କରନ୍ତୁ । ସେମାନଙ୍କର ମତି ଗତି ପରିବର୍ତ୍ତିତ ହେଉ । ସେମାନେ ପରମଗତି ପ୍ରାପ୍ତ ହୁଅନ୍ତୁ ! ଏ ଅବତାରର ମହତ୍ତ୍ୱ ପ୍ରତିପାଦିତ ହେଉ !"

ରହସ୍ୟମୟ ଏ ନିବେଦନ ହରିଦାସ ଓ ନିତ୍ୟାନନ୍ଦଙ୍କର । ଅବୋଧ ଉଭୟଙ୍କର ଏତାଦୃଶ ଆଚରଣ । ଏକେ ଏକେ ଏକାକୀ କୋଟି କୋଟି ଜଗାଇ ମାଧାଇଙ୍କ ଉଦ୍ଧାର କରିବାର ଶକ୍ତିଧାରଣ କରି ମଧ ମହାପ୍ରଭୁଙ୍କର କୃପାର ଅପେକ୍ଷା କାହିଁକି ?

ହରିଦାସ ଓ ନିତ୍ୟାନନ୍ଦଙ୍କ ମହିମା ଭକ୍ତମାନଙ୍କୁ ଅବିଦିତ ନ ଥିଲା । ତେଣୁ ଅସାମର୍ଥ୍ୟର ଏତାଦୃଶ ଛଳନା ଅନାବଶ୍ୟକ । ସନ୍ଦେହ ଜାଗିଥିବ ଅନେକଙ୍କ ମନରେ ।

କିନ୍ତୁ ଶରତ୍ର ଆକାଶର ଭାସମାନ ଅଭ୍ରାଂଶବତ୍ ଉଭାଇ ଯାଇଥିବ ସେ ସନ୍ଦେହ ମୁହୂର୍ତ୍ତିକେ, ଅତି ସରଳ ସହଜ ସମାଧାନରେ । ଗୁରୁଗୁରୁଜନମାନଙ୍କ ଉପସ୍ଥିତିରେ ସାମର୍ଥ୍ୟ ପ୍ରକାଶର ପ୍ରୋଢ଼ି ଅସୌଜନ୍ୟର ନିଦର୍ଶନ । ସ୍ୱୟଂ ମହାପ୍ରଭୁ, ସଂକୀର୍ତ୍ତନର ଜନକ ଶ୍ରୀଗୌରାଙ୍ଗ ବିରାଜମାନ ଥିବା ଅବସ୍ଥାରେ ଜୀବଉଦ୍ଧାରଣ ରୂପୀ ଦୁରୂହ କାର୍ଯ୍ୟ ନିଜେ ନିଜେ ସଂପାଦନ କରିବାରେ ଯେଉଁ ପୌରୁଷର ପ୍ରଦର୍ଶନୀ, ତାହା ମହାପ୍ରଭୁଙ୍କ ପ୍ରତି ଅବଜ୍ଞା ସୂଚକ ହେବାର ଆଶଙ୍କା ହୁଏ ତ ଜାଗିଲା ଉଭୟଙ୍କ ମନରେ । କେବଳ ଗୁରୁଜନଙ୍କ ପ୍ରତି ଅବଜ୍ଞା ନୁହେଁ, ନିଜ ମଧ୍ୟରେ ଦୈନ୍ୟ ସହଚରୀ ଭକ୍ତିରାଣୀଙ୍କର ସପତ୍ନୀ ଅହଙ୍କାର ଓ ଅଭିମାନ ପ୍ରତି ସାବଧାନ ଥିଲେ ଉଭୟେ । ତେଣୁ ଜଗାଇ ମାଧାଇ ଉଦ୍ଧାରର ଗୌରବ ସ୍ୱୟଂ ପରମଗୁରୁ ଗୌରାଙ୍ଗଙ୍କ ହସ୍ତରେ ନ୍ୟସ୍ତ କରିବାହିଁ ସମୁଚିତ । ଏହି ବିଚାରରେ ସେହିପରି ଉଭୟଙ୍କୁ ପ୍ରତ୍ୟାବର୍ତ୍ତନର ସଂକଳ୍ପ ଆଣିଦେଲା ।

କିନ୍ତୁ ମହାପ୍ରଭୁ ସେ ବିଜୟର ଗୌରବର ଟୀକା ନିଜ ଲଲାଟରେ ନିଜେ ନିହିତ କରିବାକୁ କୁଣ୍ଠିତ । ଭକ୍ତର ଗୌରବରେ ହିଁ ଭଗବାନ୍ ଗର୍ବିତ । ଭକ୍ତ ହିଁ ଭଗବାନଙ୍କର ସର୍ବଶ୍ରେଷ୍ଠ ଐଶ୍ୱର୍ଯ୍ୟ । ମାଧୁର୍ଯ୍ୟ ହିଁ ଐଶ୍ୱର୍ଯ୍ୟର ଚରମ ବିକାଶ ।

ନିତ୍ୟାନନ୍ଦଙ୍କର କୃପାଦୃଷ୍ଟିରେ ଜଗାଇ ମାଧାଇଙ୍କର ଉଦ୍ଧାର କାର୍ଯ୍ୟ ସମାପ୍ତ । ପରବର୍ତ୍ତୀ ସମସ୍ତ ଘଟଣା ଆନୁଷଙ୍ଗିକ ମାତ୍ର । ମହାପ୍ରଭୁଙ୍କ ଅବତାରର କେବଳ ମାହାତ୍ମ୍ୟ ଘୋଷଣା ନିମନ୍ତେ ହୁଏ ତ ଉଦ୍ଧାର ଲୀଳାର ଅବଶିଷ୍ଟ ପର୍ଯ୍ୟାୟର ଆବଶ୍ୟକତା ।

ଅଦ୍ଭୁତ ନିତ୍ୟାନନ୍ଦ ମହିମା । ରସିକତାର ବଶବର୍ତ୍ତୀ ହୋଇ ରସିକ ପ୍ରବର ନିତ୍ୟାନନ୍ଦଙ୍କ ମହିମା ସେହିପରି ବର୍ଣ୍ଣନା କଲେ ହରିଦାସ । ଶ୍ରୀଅଦ୍ୱୈତାଚାର୍ଯ୍ୟଙ୍କୁ ସମ୍ବୋଧନ କରି । ଅଭିଯାନରୁ ପ୍ରତ୍ୟାବର୍ତ୍ତନ ପରେ ।

"ମହାତ୍ମନ, ଶ୍ରୀପାଦ ନିତ୍ୟାନନ୍ଦ ଗୋଟିଏ ଚପଳାନନ୍ଦ । ଏ ଚଞ୍ଚଳଚୂଡ଼ାମଣିଙ୍କ ସଙ୍ଗ, ସଙ୍ଗ ନୁହେଁ, ସଙ୍କଟ । ଏହାଙ୍କ ସହଯାତ୍ରାରେ ଦୁରବସ୍ଥାର ସୀମା ନାହିଁ ମୋର । ଏ ଅବଧୂତ ବଡ଼ ଅଦ୍ଭୁତ ଆଚାର୍ଯ୍ୟେ ! ମତି ଗତି ଅତି ବିଚିତ୍ର ଏହାଙ୍କର । କେତେବେଳେ ଜାହ୍ନବୀର ପ୍ରବଳ ସ୍ରୋତରେ ଲମ୍ଫ ପ୍ରଦାନକରି ପ୍ରକାଣ୍ଡ ଶରୀର ନରଗ୍ରାସୀ ନକ୍ରକୁ ଆକ୍ରମଣ କରିବାକୁ ଉଦ୍ୟତ । କୂଳରେ ଥାଇ ହାହାକାର କରିବା ମୋରବୃଥା । ସନ୍ତରଣରୁ କ୍ଷାନ୍ତ

Source: Author, Digitized by PPRACHIN, SOA

କରିବାର ଶକ୍ତି କାହାର ? ପୁଣି କେତେବେଳେ ବୃଷଭ ପୃଷ୍ଠରେ ଆରୋହଣ ପୂର୍ବକ ନୀଳକଣ୍ଠ ମହେଶ ଆବେଶରେ ପ୍ରବଳ ବେଗରେ ଧାବମାନ୍ । କେତେବେଳେ ଗୋଗୋଷ୍ଠରେ ବତ୍ସାବତ୍ ଚରନ୍ତି ଗାଭୀସ୍ତନ ପ୍ରସ୍ରବଣର ପୟଃ ପାନ କରି ଉନ୍ମତ୍ତ । କେତେବେଳେ ଶିଶୁମାନଙ୍କ ସହ ବାଲସୁଲଭ କଳହରେ ରତ । ଅଭିଭାବକମାନଙ୍କୁ ପ୍ରବୋଧ କରିବାର ଗୁରୁଦାୟିତ୍ୱ ଏହି ଅକିଞ୍ଚନ ଉପରେ ନ୍ୟସ୍ତକରି ବ୍ୟସ୍ତପଦରେ ଅନ୍ତର୍ଦ୍ଧାନ । କେତେବେଳେ ଅବା ଦୁଗ୍ଧବାହୀ ଗୋପାଳମାନଙ୍କଠାରୁ ବଳତ୍କାରରେ ପୂର୍ଣ୍ଣପାତ୍ର ଛିନ୍ନକରି ପଳାୟମାନ୍ । ଗୋପାଳଗଣ ଉପରେ ଶ୍ରୀପାଦଙ୍କ ପାର୍ଶ୍ୱ ସ୍ପର୍ଶ ନ କରି ଦୁର୍ବଳ ହରିଦାସ ଉପରେ ପ୍ରତିଶୋଧ ନେବାପାଇଁ ପ୍ରସ୍ତୁତ । ମୋର ବାରଣର କୌଣସି ମୂଲ୍ୟ ନାହିଁ ଆଚାର୍ଯ୍ୟ ! ପ୍ରତିବଦଳରେ ମୋର ପ୍ରାପ୍ୟ ଉଷ୍ମା ଆଉ କଟୂକ୍ତି । ଦୂଷଣବାକ୍ୟ ପ୍ରୟୋଗରେ ଅତ୍ୟନ୍ତ ପାରଙ୍ଗମ ଶ୍ରୀପାଦଙ୍କର ଶରବ୍ୟ ଆପଣ ଓ ମୁଁ ଉଭୟେ । ଏହାଙ୍କ ବୁଦ୍ଧିରେ ଆଜ ଦୁଇ ମଦ୍ୟପଙ୍କ କ୍ରୋଧର ମୃଗୟା ରୂପେ ବଧ ହେବାକୁ ବାଧ୍ୟ ହୋଇଥାନ୍ତ ମହାତ୍ମନ୍" ।

" ମଦ୍ୟପଙ୍କର ମଦ୍ୟପମାନଙ୍କ ସହ ମିଳନ ଯଥାର୍ଥ । ମଦମତ୍ତ ନିତ୍ୟାନନ୍ଦ ଅଚିରେ ଏହି ଦୁଇ ମଦ୍ୟପଙ୍କୁ ନିଜର ଦଳଭୁକ୍ତ କରିବାର ସୂଚନା ତମେ ଦେଲ ହରିଦାସ !"

ଉଦ୍ଦଣ୍ଡ ନର୍ତ୍ତନ କରିବାକୁ ଲାଗିଲେ ଶ୍ରୀ ଅଦ୍ୱୈତାଚାର୍ଯ୍ୟ । ଆନନ୍ଦରେ । ଜଗାଇ ମାଧାଇଙ୍କର ଅବଶ୍ୟମ୍ଭାବୀ ଉଦ୍ଧାରର ପରିକଳ୍ପନାରେ ।

କି ଆକର୍ଷଣୀ ଶକ୍ତି ସେ ସକରୁଣ ଦୃଷ୍ଟିର ! ସେହି ଆକର୍ଷଣରେ ଟାଣିହୋଇ ଆସିଲେ ଦୁଇ ଭାଇ ଗୌରଚରଣାଶ୍ରୟକୁ । ଥରୁଟିଏ ମାତ୍ର ଦୃଷ୍ଟିପାତ । ଯଥେଷ୍ଟ ।

ମଦମତ୍ତ ଦୁଇଭାଇ ଜଗାଇ ମାଧାଇ ଘଟଣାକ୍ରମେ ମହାପ୍ରଭୁଙ୍କ ସ୍ନାନଘାଟ ନିକଟରେ ଗୁଡ଼ଉଣୀ ସଜ୍ଜାକରି ବାସ କରିବାକୁ ଲାଗିଲେ । ମାତ୍ର କେତେଦିନ ପରେ । ଇତିମଧ୍ୟରେ ନିତ୍ୟାନନ୍ଦ କୃପାରେ ଗୌରଦର୍ଶନ ସ୍ୱତଃ ସମ୍ପନ୍ନ ହେଲା । ସେ ଲୀଳା ଅପୂର୍ବ । ଅବର୍ଣ୍ଣନୀୟ ।

ଗୌରଦର୍ଶନ ଲାଭରେ ଲୋଭ ବଢ଼ିଲା ଦୁଇଭାଇଙ୍କର ସଂକୀର୍ତ୍ତନ ଶ୍ରବଣ କରିବା ପାଇଁ । ସନ୍ଧ୍ୟା ଆଗମନରେ ଉଭୟେ ଯାଇଁ ଉଭା ଶ୍ରୀବାସ-ମନ୍ଦିର-ଦ୍ୱାର ଦେଶରେ ।

କିନ୍ତୁ ଦ୍ୱାର ରୁଦ୍ଧ । ଭକ୍ତ ବିନା ଇତର ଲୋକଙ୍କ ପ୍ରବେଶ ନିଷେଧ । ଅଭ୍ୟନ୍ତରରେ ନାମ ସଂକୀର୍ତ୍ତନ । ବାହାରେ ମାଦକତାର ଉନ୍ମାଦନାରେ ମୃଦଙ୍ଗର ତାଳେ ତାଳେ ନୃତ୍ୟମତ୍ତ ଜଗାଇ ମାଧାଇ । ଆପଣାର ଅଗୋଚରରେ । ଉଦ୍ଦେଶ୍ୟହୀନ ଭାବରେ । ସାରା ରାତି ନର୍ତ୍ତନରତ ।

ନିଶା ଅବସାନରେ ଉଷାର ଆଲୋକରେ ଉଜାଗରଅବସନ୍ନ ଦୁଇଭାଇ ନିମାଇଁ ପଣ୍ଡିତଙ୍କ ଦର୍ଶନମାତ୍ରେ କମ୍ପିତ କଣ୍ଠରେ ଅନୁରୋଧ ଜଣାଇଲେ—"ପଣ୍ଡିତେ !, ସୁନ୍ଦର ମଙ୍ଗଳଚଣ୍ଡୀ ସମ୍ପ୍ରଦାୟ ତମର । ନିମନ୍ତ୍ରଣ ରହିଲା । ଆମର ପ୍ରାସାଦକୁ ଶୁଭାଗମନ ହେଉ !"

Source: Author, Digitized by PPRACHIN, SOA

ଉତ୍ତରର ଅପେକ୍ଷା ନାହିଁ । ସଙ୍ଗେ ସଙ୍ଗେ ପ୍ରସ୍ଥାନ । ଉଭୟଙ୍କ ମୁଖରେ ପରିହାସର ମୃଦୁହାସ୍ୟ ।

ଅପରାହ୍ନରେ ରଚିତ ହେଲା ସଂକୀର୍ତ୍ତନର ଦୁର୍ଭେଦ୍ୟ ବ୍ୟୂହ । ଉଦ୍ଧାର ଲୀଳାର ଶେଷ ଦୃଶ୍ୟ ।

ବିଜୟ ଅଭିଯାନର ସେନାପତି ସ୍ୱୟଂ ଗୌରାଙ୍ଗ । ଅଗ୍ରଣୀ ନିତ୍ୟାନନ୍ଦ । ବ୍ୟୂହର ପ୍ରଥମ ଦ୍ୱାରର ରଥୀ । ପରେ ପରେ ଆଚାର୍ଯ୍ୟ ଅଦ୍ୱୈତ, ଠାକୁର ହରିଦାସ ଶ୍ରୀବାସ, ଶ୍ରୀ ଗଦାଧର, ମୁରାରି, ମୁକୁନ୍ଦ ନରହରି ପ୍ରଭୃତି କ୍ରମାନୁସାରେ ଚାଲିଛନ୍ତି । ଭକ୍ତବୃନ୍ଦ ଖୋଳ କରତାଳ ଶଂଖ ତୁରୀ ଭେରୀ ଧରି ନୃତ୍ୟ ସଂଗୀତ ସହ ସଂକୀର୍ତ୍ତନ ଶୋଭାଯାତ୍ରା କରିଛନ୍ତି ନବଦ୍ୱୀପ ପଥରେ । ନଦୀୟାର ପ୍ରଥମ ନଗର କୀର୍ତ୍ତନ ।

ସର୍ବଶେଷରେ ଶ୍ରୀ ଗୌରାଙ୍ଗ-ସଂକୀର୍ତ୍ତନର ପିତା । କି ମନୋରମ ସେ ଦୃଶ୍ୟ ! କୀର୍ତ୍ତନରତ ନର୍ତ୍ତନମତ୍ତ ଊର୍ଦ୍ଧ୍ୱବାହୁ ଗୌରସୁନ୍ଦର ।

ମୁକ୍ତାଲତାଞ୍ଚିତ କୁଞ୍ଚିତ ଚୂର୍ଣ୍ଣକୃଷ୍ଣକୁନ୍ତଳ ତଳେ ସବ୍ୟ ଶ୍ରବଣସୁନ୍ୟସ୍ତ ଚୂଡୁଶିଖଣ୍ଡକର ଶୋଭା । ସୁପ୍ତ ଶକୁନ ସଦୃଶ ଶ୍ରବାବରିତ ଆଭରଣ ସୁସଜ୍ଜ କୁସୁମସ୍ତବକାବତଂଶର ସୁବାସ । ଉଜ୍ଜ୍ୱଳ ଅର୍ଦ୍ଧେନ୍ଦୁ ବିନିନ୍ଦିତ ଭାଲତଟୋର୍ଦ୍ଧ୍ୱରେ କସ୍ତୁରୀତିଲକକଳିତ ଲଲାଟପଟଳର ଆଭା । କାମଶରାସନଶାସନଦକ୍ଷ ଭଙ୍ଗୁର ଭ୍ରୂଲତାର ବିଭଙ୍ଗ ସଙ୍ଗେ ସଙ୍ଗେ ତିଳ-ପ୍ରସୂନ-ପ୍ରଫୁଲ୍ଲ ସୁନ୍ୟସ୍ତ ନବାୟତନ ନାସିକାର ପାର୍ଶ୍ୱ-ବିସ୍ତାରିତ ରମଣୀୟ ମଣିମୟ କୁଣ୍ଡଳ ବିମଣ୍ଡିତ ଗଣ୍ଡମଣ୍ଡଳର ପ୍ରଭା । ଅବାରିତହରିନାମତତ୍ପର ସ୍ନେହସ୍ନିଗ୍ଧ ମଧୁର ଅଧର ଅଧଃସ୍ଥିତ ସଦ୍ୟଶୁକ୍ତିମୁକ୍ତମୁକ୍ତାବଳିରଦ୍ୟୁତି ଧିକ୍କାରଣକାରୀ ଦନ୍ତପନ୍ତିର କାନ୍ତି । ପ୍ରେମପ୍ରବାହାବଲୋକନ ସତତଶ୍ରବଣପର ଲୋତକ ପରିପୂର୍ଣ୍ଣ ଲୋଚନର ଚାହାଣୀ । ସର୍ବୋପରି ପର୍ବ ପର୍ବ ପର୍ବଶର୍ବରୀଶର ଗର୍ବ ଖର୍ବକାରୀ ବର୍ତ୍ତୁଳ ବଦନର ସୁଷମାଶ୍ରୀ । ବାଳପ୍ରବାଳପ୍ରବଳସୁବଳିତ ଉଦ୍ଦାମ ମୁକ୍ତାଦାମୋଜ୍ଜ୍ୱଳ ସୁବିସ୍ତାର ଦୃପ୍ତ ବକ୍ଷୋପରି କମ୍ବୁଗ୍ରୀବାର ବିଭବ । କଙ୍କଣାଙ୍ଗଦ-ବିଦ୍ୟୋତିତ, ଆଜାନୁଲମ୍ବିତ ଭୂଜାଗ୍ର ଅବସ୍ଥିତ ଯବଚକ୍ରାଙ୍କିତ ଆରକ୍ତକରତଳୋଜ୍ଜ୍ୱଳ ସ୍ୱର୍ଣ୍ଣମୁଦ୍ରାସୁଶୋଭିତ ଅଙ୍ଗୁଳିପଲ୍ଲବର ବିନ୍ୟାସ । ଚନ୍ଦନାଗୁରୁଚର୍ଚ୍ଚିତ ପୁଲକାଞ୍ଚିତବପୁରାଶ୍ରିତ କେଶରୀମଧ୍ୟ କୃଶୋଦର କେନ୍ଦ୍ରବିନ୍ଦୁ ସଦୃଶ ଶଂଖନାଭିମଣ୍ଡଳର ଗମ୍ଭୀରତା । ସତତ ଚିତ୍ତ ପ୍ରମୋଦକ ବିଚିତ୍ରଚିତ୍ର ବସନ ବିଭୂଷିତ କଟିର ନୃତ୍ୟ ଚଞ୍ଚଳତା । ସୁମଧୁର ନୂପୁର ଅଣୁରଣନପର ଧ୍ୱଜାଙ୍କୁଶ ବଜ୍ରାଙ୍କିତ ଅଲକ୍ତକ ଆରକ୍ତ ଅରୁଣରାଗ ରଞ୍ଜିତ ରାଜୀବଚରଣାଙ୍ଗୁଳିର ଶରଚ୍ଚନ୍ଦ୍ର ପ୍ରତିକାଶ ନଖରାଜିର ଉଜ୍ଜ୍ୱଳତା । କୋଟି-କନ୍ଦର୍ପ-ଲାବଣ୍ୟ-କେଳିକଳା-ମନୋରମ ସାକ୍ଷାତ୍ ଲୀଳାତନୁ ଶୃଙ୍ଗାର ବିଗ୍ରହ ଶ୍ରୀ ଗୌରାଙ୍ଗ ବିଜୟ କରିଛନ୍ତି, ନଦୀୟାର ରାଜା ଧନ ବିଭବଶାଳୀ ଜଗନ୍ନାଥ ଓ ମାଧବଙ୍କ ଗୃହ ସନ୍ନିଧିରେ ।

ଉଚ୍ଚ ସଂକୀର୍ତ୍ତନ ରୋଳରେ ନିଦ୍ରାଭଙ୍ଗ ହେଲା ମଦ୍ୟପାୟୀ ଉଭୟ ଭ୍ରାତାଙ୍କର । ପ୍ରହରୀମାନଙ୍କୁ ଆଜ୍ଞା ହେଲା ବାରଣ କରିବାପାଇଁ । ମାତ୍ର ନିବାରଣ ନିତ୍ୟାନନ୍ଦ ଅଧିକ ଉତ୍ସାହରେ ଅଗ୍ରସର ହେଲେ ପତିତ ଉଦ୍ଧାରଣ ମୂର୍ତ୍ତି ଧରି ମତ୍ତବାରଣ ଗତିରେ ।

Source: Author, Digitized by PPRACHIN, SOA

ହଠାତ୍ ଭଗ୍ନକଳସୀର ନିକ୍ଷିପ୍ତ ଅଂଶବିଶେଷରେ ନିତ୍ୟାନନ୍ଦଙ୍କ ଶିରରେ ଲାଗିଲା ଦାରୁଣ ଆଘାତ । ଦୁଷ୍କୃତ ଜଗାଇ ମାଧାଇଙ୍କର ଦୁଷ୍କୃତ । ନିର୍ଦ୍ରୋହଥିତ ଭ୍ରାତାଦ୍ୱୟ କ୍ରୋଧାନ୍ଧ ।

ଚୈତନ୍ୟ ଅଭିନ୍ନାତ୍ମା ନିତ୍ୟାନନ୍ଦ । ଝର ଝର ହୋଇ ଝର ପଡ଼ୁଛି ଆହତ ମସ୍ତକରୁ ଲୋହିତ ରକ୍ତ ସେଇ ଭଗ୍ନ କଳସୀ ଆଘାତରେ । ପ୍ରେମାନନ୍ଦ ନିତ୍ୟାନନ୍ଦ କିନ୍ତୁ ନିର୍ବେଦ । ଅଶ୍ରୁପୂର୍ଣ୍ଣ ସକରୁଣ ଦୃଷ୍ଟିରେ ଦୁଷ୍କୃତ ଦୁଇଭାଇଙ୍କୁ ସସ୍ନେହରେ ସଂବୋଧନ କରୁଛନ୍ତି । ବାରମ୍ବାର ସଂବୋଧନ କରୁଛନ୍ତି—" ବୋଲ ଭାଇ ହରି ହରି ବୋଲ !"—

" ଭଜ ଗୌରାଙ୍ଗ ଜପ ଗୌରାଙ୍ଗ ଲହ ଗୌରାଙ୍ଗ ନାମ ରେ
ଯେ ଜନ ଗୌରାଙ୍ଗ ଭଜେ ସେହି ମୋର ପ୍ରାଣ ରେ ।
ବୋଲ କୃଷ୍ଣ ଭଜ କୃଷ୍ଣ ଲହ କୃଷ୍ଣ ନାମ ରେ
କୃଷ୍ଣ ମାତା କୃଷ୍ଣ ପିତା କୃଷ୍ଣ ଧନ ପ୍ରାଣ ରେ ।"

ପାଷଣ୍ଡ ମାଧାଇର ନିର୍ମମ ପ୍ରାଣରେ ସାମାନ୍ୟ ସହାନୁଭୂତିର ସଞ୍ଚାର ପାଇଁ ଯେପରି ସ୍ଥାନ ନ ଥିଲା । ଅନ୍ୟ ଏକ ଭଗ୍ନକଳସୀ ଭୂମିରୁ ଉତ୍ତୋଳନକରି ପୁନର୍ବାର ନିତ୍ୟାନନ୍ଦଙ୍କୁ ଲକ୍ଷ କରି ନିକ୍ଷେପ କରିବାକୁ ଉଦ୍ୟତ । କିନ୍ତୁ ରକ୍ଷା କରିଦେଲା ଜଗାଇ ।

"ଛି, ଛି, ଭାଇ ବିଦେଶୀ ସନ୍ନ୍ୟାସୀକୁ ଆଘାତ କରିବା ଅନ୍ୟାୟ । " କହିଲା ମାଧାଇର ହାତକୁ ଧରି ।

କିନ୍ତୁ ନିତାଇ ଆନନ୍ଦରେ ବିଭୋର । ନାଚି ନାଚି ଗାଇ ଚାଲିଛନ୍ତି ନିତାଇ—
" ମାରିଛୁ ବୋଲି ସେ ଭଙ୍ଗା ମାଠିଆ
ତା' ବୋଲି ପ୍ରେମ କି ନ ହେବ ଦିଆ ।"

ହଠାତ୍ ଶବ୍ଦ ଶୁଭିଲା " ଚକ୍ର ! ଚକ୍ର !"

ପଛକୁ ଚାହିଁ ଦେଖିଲେ ନିତ୍ୟାନନ୍ଦ । ମହାପ୍ରଭୁଙ୍କର ଆବାହନ । ସୁଦର୍ଶନ-ଚକ୍ରର ଆବାହନ । ଦୁଷ୍କୃତର ବିନାଶ ସାଧନପାଇଁ ।

"ପ୍ରଭୁ, ପ୍ରଭୁ" ! କହି ଧାଇଁଗଲେ ତତ୍କ୍ଷଣାତ । ନତ ହୋଇ ପଡ଼ିଗଲେ ମହାପ୍ରଭୁଙ୍କର ପଦପ୍ରାନ୍ତରେ ।

ମହାପ୍ରଭୁ ଚାହିଁ ଦେଖିଲେ ଏକ କାରୁଣ୍ୟ ରସଘନ ମୂର୍ତ୍ତି । ଅକ୍ରୋଧ ପରମାନନ୍ଦ ନିତ୍ୟାନନ୍ଦ ସ୍ୱୟଂ !

"ପ୍ରଭୁ, ଏ ଅବତାରର ଉଦ୍ଦେଶ୍ୟ କ'ଣ ବ୍ୟର୍ଥ ହେବ ?" ପଚାରିଲେ ନିତ୍ୟାନନ୍ଦ ।

ମହାପ୍ରଭୁ ନିରୁତ୍ତର । ଈଶ୍ୱରତ୍ତ୍ୱ ଉଭାଇଗଲା କ୍ଷଣକେ ।

" କ୍ରୋଧ ପରିହର ପ୍ରଭୁ !" ନିତ୍ୟାନନ୍ଦ ପୁଣି ନିବେଦନ କଲେ । ଏମାନଙ୍କୁ ବଧ କରନ୍ତୁ ନାହିଁ ।ଏହି ଦୁଇଟି ଆବଦ୍ଧ ପ୍ରାଣ ମୋର ଭିକ୍ଷା । ବିଶେଷତଃ ଜଗାଇ ମୋତେ ରକ୍ଷାକରିଛି ଆକ୍ରମଣରୁ । ମୁଁ ତା ନିକଟରେ କୃତଜ୍ଞ । ସେ ନିର୍ଦ୍ଦୋଷ । "

Source: Author, Digitized by PPRACHIN, SOA

ପ୍ରେମ ପୁରୁଷୋତ୍ତମ ଏବେ ପ୍ରକୃତିସ୍ଥ । ଭକ୍ତଗଣ ଦର୍ଶନ କରୁଛନ୍ତି, ସେହି କାଳାନଳ ସନ୍ନିଭରୂପ ପଶ୍ଚାତରେ ହେମାଭ ଦିବ୍ୟଛବି ପ୍ରେମାଭିଧାନ ପରମପୁମର୍ଥ ଜଗନ୍ମଙ୍ଗଳ ମଙ୍ଗଳ ମହାପ୍ରେମ ରସପ୍ରଦ ମୂର୍ତ୍ତି ।

କି ଭାଗ୍ୟ ଜଗାଇର । ଶ୍ରୀବତ୍ସ-ଲାଞ୍ଛନ ପଦ ହୃଦୟ ମଣ୍ଡନ କରିଛି ଦୁର୍ବୃତ୍ତ ଜଗନ୍ନାଥର ।

"ମୁଁ ତୋର କିଣା ଜଗାଇ" ! ମହାପ୍ରଭୁ ଆଲିଙ୍ଗନ ଦାନକରି ସଂବୋଧନ କରୁଛନ୍ତି ଜଗାଇକୁ । ନିତ୍ୟାନନ୍ଦ ପ୍ରାଣର ରକ୍ଷାକାରୀ ଜଗନ୍ନାଥଙ୍କୁ " ବରଭିକ୍ଷା କର ଜଗନ୍ନାଥ ।"

ଅପ୍ରତ୍ୟାଶିତ ବରଦାନ ମହାପ୍ରଭୁଙ୍କର ।

ଜଗନ୍ନାଥ ନିରୁତ୍ତର । ସେ ଏବେ ଅନ୍ୟ ଏକ ରାଜ୍ୟରେ । ଆତ୍ମବିସ୍ମୃତ । ସୁଖାତିଶଯ୍ୟରେ ସଂଜ୍ଞାହୀନ ପ୍ରାୟ ନିର୍ବାକ, ନିସ୍ପନ୍ଦ ।

" ଶୁଣ ଜଗାଇ !" ମହାପ୍ରଭୁ ପୁନର୍ବାର କହୁଛନ୍ତି । "ଜୀବର ପରମ ପଦ ପଞ୍ଚମ ପୁରୁଷାର୍ଥ କୃଷ୍ଣ ପ୍ରେମ ତୋର ଲବ୍ଧ ହେଉ !"

କି ଅଯାଚିତ କୃପା ! ଯୋଗ, କ୍ଷେମ, ଉଭୟ ବହନ କରି କଲ୍ୟାଣ କଲେ ମହାପ୍ରଭୁ । ଯୁଗ ଯୁଗ ତପ ଯଜ୍ଞ ଫଳରେ ମୁନି ଋଷିଗଣ ଯାହା ଲାଭ କରିବାରେ ଅସମର୍ଥ, ଆଜି ଏକ ଦୁର୍ବୃତ୍ତ ନର-ପିଶାଚର ତାହା ସହଜ ଲବ୍ଧ ବସ୍ତୁ । କି ସୌଭାଗ୍ୟ !

ଜଗାଇ ମୂର୍ଚ୍ଛିତ । ମହାନନ୍ଦମୟ ହରିବୋଲ ଧ୍ୱନିରେ ଆକାଶ ମେଦିନୀ କମ୍ପମାନ କରୁଛନ୍ତି ଭକ୍ତବୃନ୍ଦ ।

" ଜଗାଇ, ଉଠ ! ମୋତେ ଦର୍ଶନ କର !"

ଜଗାଇ ଚେତନା ଲାଭ କରିବା ମାତ୍ରେ ପୁନରାୟ ମୂର୍ଚ୍ଛିତ ହୋଇ ପଡ଼ିଲେ ମହାପ୍ରଭୁଙ୍କର ଦିବ୍ୟ ରୂପ ଦର୍ଶନରେ । ନଟବର ଶ୍ରୀ ଗୌରାଙ୍ଗ ଏବେ ଶଂଖଚକ୍ରଗଦା ପଦ୍ମଧର ଚତୁର୍ଭୁଜ ମୂର୍ତ୍ତିରେ ବିରାଜମାନ । ଅଳ୍ପକ୍ଷଣପରେ ପୁନରାୟ ସଂଜ୍ଞା ଲାଭ କରି ଜଗାଇ ଦେଖିଲେ—କମଳାଲାଳିତ, ଶିବବ୍ରହ୍ମାଦିବାଞ୍ଛିତ, ଯୋଗିଜନସେବିତ, ପ୍ରଭୁଙ୍କର ପଦାରବିନ୍ଦ ଅର୍ପିତ ହୋଇଛି ବକ୍ଷସ୍ଥଳରେ । ଶରଣ ପାଇଁ ଏକାନ୍ତ ଆପଣାର କରି ହୃଦୟରେ ଧରି ରଖିବା ଉଦ୍ଦେଶ୍ୟରେ ଜଗାଇ ସେ ଅମୂଲ୍ୟନିଧିକୁ ପ୍ରଗାଢ଼ ଭାବରେ ଆବୃତ କରି ରଖିଲେ ସ୍ୱୀୟ କରତଳ ସମ୍ପୁଟରେ ।

ପାଷାଣ କଠୋର ମାଧାଇର ଏ କି କରୁଣ କାତରତା ! ଜଗାଇ ପ୍ରତି ମହାପ୍ରଭୁଙ୍କର ଏ କୃପା ଦର୍ଶନ କରି ଅନ୍ତର ତାର ପରିତାପାନଳରେ ଦଗ୍ଧ । ପାଦ ସ୍ପର୍ଶ କରି କାତର ନିବେଦନ ଜଣାଇଲା—

" ପ୍ରଭୁ, ଏ କି ପକ୍ଷପାତ ରୀତି ? ଉଭୟେ ଅପରାଧୀ । ତେବେ ଉଭୟେ ଅନୁଗ୍ରହର ପାତ୍ର । ମୋତେ ଏକାକୀ ନିଗୃହୀତ କରନ୍ତୁ ନାହିଁ ଦୟାମୟ !"

Source: Author, Digitized by PPRACHIN, SOA

ଆଦେଶ ହେଲା, ଆହତ ନିତ୍ୟାନନ୍ଦଙ୍କର ଶରଣାପନ୍ନ ହେବା ପାଇଁ ।

ମାଧାଇ ନିତ୍ୟାନନ୍ଦଙ୍କର ପାଦ ପଦ୍ମ ତଳେ ନିପତିତ ହେଲେ ତତ୍‌କ୍ଷଣାତ୍ ।

" ଶ୍ରୀ ପାଦ, ଆଶ୍ରିତ ଜନ ପ୍ରତି କୃପା ପ୍ରଦର୍ଶନ ବିଧେୟ ।" ନିର୍ଦ୍ଦେଶ ହେଲା ମହାପ୍ରଭୁଙ୍କର ନିତ୍ୟାନନ୍ଦଙ୍କ ପ୍ରତି ।

"ପ୍ରଭୋ, ମୋର କୌଣସି ଜନ୍ମରେ ହେଲେ ଯଦି ସତ୍କୃତ୍ ଆଚରିତ ସାମାନ୍ୟ ସୁକୃତ ଥାଏ ତେବେ ସେ ସମସ୍ତର ଅଧିକାରୀ ମାଧାଇ । ମୋ ଠାରେ ତାର ଲେଶ ମାତ୍ର ଅପରାଧ ନ ରହୁ ।" ଗାଢ଼ ଆଲିଙ୍ଗନରେ ଆବଦ୍ଧ କରି ରଖିଲେ ନିତ୍ୟାନନ୍ଦ ପ୍ରଣତ ମାଧାଇଙ୍କୁ ।

ସଂଗେ ସଂଗେ ଅଧିକାର ମିଳିଲା ଶ୍ରୀବାସ ଅଙ୍ଗନରେ ପ୍ରବେଶ କରି ରୁଦ୍ଧ ଦ୍ୱାର ନିଭୃତ ନିଳୟ ମଧ୍ୟରେ ନାମ ସଂକୀର୍ତ୍ତନ ଶ୍ରବଣର ।

ଏ କି ଅଦ୍‌ଭୁତ ପରିବର୍ତ୍ତନ ! ସଂକୀର୍ତ୍ତନ ଶ୍ରବଣରେ ଭାବବିହ୍ୱଳ ଦୁଇ ଭାଇଙ୍କର ସଂଜ୍ଞାହୀନ ଅବସ୍ଥା । ଚୈତନ୍ୟ ଉଦୟ ହେବା ମାତ୍ରେ, ଆରମ୍ଭ କରିଦେଲେ ପୂର୍ଣ୍ଣ ବ୍ରହ୍ମ ସାକ୍ଷାତ୍ ଭଗବାନ୍ ଶ୍ରୀ ଗୌରାଙ୍ଗ ପଦ କମଳରେ ସ୍ତୁତି, ସ୍ତବ ଓ ପ୍ରାର୍ଥନା ।

ବିପ୍ଳବର ପ୍ରତିକ୍ରିୟା ଏବେ କେତେକାଂଶରେ କାର୍ଯ୍ୟକ୍ଷମ । ପ୍ରତିକ୍ରିୟାଶୀଳ ଶକ୍ତି ତଥା ବ୍ୟକ୍ତି ଏବେ ବିପ୍ଳବାଭିମୁଖୀ । ଜଗାଇ ମାଧାଇ ଆଉ ଦୁର୍ବୃତ୍ତ 'ଜଗା ମାଧା' ନୁହନ୍ତି । ପଦସ୍ଥ ରାଜ କର୍ମଚାରୀ ନବଦ୍ୱୀପର ଶାସକ 'ଜଗନ୍ନାଥ ଓ ମାଧବ' ମଧ୍ୟ ନୁହନ୍ତି । ଉଭୟେ ମହା ମହିମ୍ନ ଭକ୍ତ ଶିରୋମଣି ପରମ ଭାଗବତ ରୂପେ ପରିଚିତ ହେଲେ । ପରବର୍ତ୍ତୀ ସଂସ୍କରଣ ଜଣାଇ ମାଧାଇଙ୍କର ।

ନିତ୍ୟାନନ୍ଦଙ୍କ ଅପାର ମହିମା । ଶ୍ରୀ ଗୌରାଙ୍ଗଙ୍କ କୃପା ଶକ୍ତିର ମୂର୍ତ୍ତି-ପ୍ରକାଶ ନିତ୍ୟାନନ୍ଦ । ନିଜ ମାଧୁରୀରେ ନିଜେ ମୁଗ୍ଧ ହେବାର ସ୍ୱଭାବ ଯେମିତି ଶ୍ରୀ ଗୌରାଙ୍ଗ ଆଜି ବିଦଗ୍ଧ ନିତ୍ୟାନନ୍ଦ ମହିମାରେ । ଯେପରି ନିତ୍ୟାନନ୍ଦ ମହିମା ଜଗତରେ ପ୍ରକାଶ କରିବା ଉଦ୍ଦେଶ୍ୟରେ ହିଁ ଏହି ଜଗାଇ ମାଧାଇ ଉଦ୍ଧାର ଲୀଳା । ଭଗବାନଙ୍କଠାରୁ ଭକ୍ତର ସ୍ଥାନ ଉଚ୍ଚ ପ୍ରମାଣ କରିବାପାଇଁ ଯେପରି ଜଗାଇ ମାଧାଇର ଉଦ୍ଧାର ପରିକଳ୍ପନା ଗୌରହରିଙ୍କର ।

ସେଦିନ ରାଘବ ଆଗରେ ଅତି ଆବେଗରେ ପ୍ରକାଶ କରିଥିଲେ ମହାପ୍ରଭୁ—

"ଶୁଣ ହେ ରାଘବ, ଗୋପ୍ୟ କହେଁ—ମୋର ପ୍ରିୟ
ନିତ୍ୟାନନ୍ଦ ବିନେ ମୋର ନାହିଁ କେ ଦ୍ୱିତୀୟ ।
ଏହି ନିତ୍ୟାନନ୍ଦ ମୋରେ କରାନ୍ତି ଯେମନ୍ତେ
କହିଲି ତୁମ୍ଭଙ୍କୁ ମୁହିଁ କରେଁ ସେହି ମତେ ।
ଭଲାଭଲେ କି ନିତ୍ୟାନନ୍ଦ ପ୍ରତି ଯାର ଦ୍ୱେଷ
ଯେତେ ସେ ଭଜିଲେ ମୋର ପ୍ରିୟ ନୋହେ ଲେଶ ।
ନିତ୍ୟାନନ୍ଦ ସ୍ୱରୂପେ ଯା' ପ୍ରୀତିର ଅନ୍ତରେ

Source: Author, Digitized by PPRACHIN, SOA

ସତ୍ୟ ସତ୍ୟ ମୋ ଠାରେ ତା' ପ୍ରୀତି କରନ୍ତରେ ।" (ଚୈ: ଚ:)

ନିତ୍ୟାନନ୍ଦ ହିଁ ଯେପରି ସାଧନ, ସାଧ୍ୟ ଶ୍ରୀଗୌରଚରଣାରବିନ୍ଦ । ନିଜ ମୁଖରେ ଦେଇଗଲେ ସେ ପ୍ରତିଶ୍ରୁତି ମହାପ୍ରଭୁ—

"ମୁଖେ ଖାଲି କହେ ଯେ ମୁଁ ନିତ୍ୟାନନ୍ଦ ଦାସ
ନିଶ୍ଚୟେ ଦେଖେ ସେ ମୋର ସ୍ୱରୂପ ପ୍ରକାଶ ।
ପାରି ହୋଇ ସଂସାରେ ସେ ଭକତି ସାଗରେ
ବୁଡିବାକୁ ଗୃହେଁ ଭଜ୍ ନିତାଇ ନାଗରେ ।"

ଗୌର ପାଦ ପଦ୍ମ ହିଁ କୃଷ୍ଣ ପ୍ରେମର ପ୍ରତୀକ । ସେଥିପାଇଁ ମହାପ୍ରଭୁ ତତ୍ତ୍ୱ ପ୍ରକାଶ କରିଗଲେ ନିଜେ, ଶ୍ରୀମୁଖ ନିସୃତ ବାଣୀ ପ୍ରଚ୍ଚାର କରି—

"ଗୋପୀ ଗଣେ ଯେଉଁ ପ୍ରେମ କହେ ଭାଗବତେ
ଏକା ନିତ୍ୟାନନ୍ଦଠାରୁ ମିଳେ ତା' ଜଗତେ ।

ନିତ୍ୟାନନ୍ଦ ପଦାଶ୍ରୟ ପାଇ ମଧ ମାଧାଇ ମନରେ ଗ୍ଲାନି । ସେ ଗୃହେଁ ପ୍ରାୟଶ୍ଚିତ । କୃତ ପାପର ପ୍ରାଶ୍ଚିତ ।

ଆଦେଶ ହେଲା ନିତ୍ୟାନନ୍ଦଙ୍କର— " ସେବା—ସେବା" । ସେବାହିଁ ସର୍ବଶ୍ରେଷ୍ଠ ପ୍ରାୟଶ୍ଚିତ । ସେବାହିଁ ପ୍ରକୃଷ୍ଟ ପାପ-ପ୍ରକ୍ଷାଳନ । ଅନୁତାପଜନିତ କ୍ଷମାପ୍ରାର୍ଥନାର ପ୍ରକାଶ୍ୟ ପ୍ରଖ୍ୟାପନ ଏହି ସେବା । ସେବା ଦେବାହିଁ ଅପରାଧର ଉତ୍କୃଷ୍ଟ କ୍ଷମାପନ ।

ଗଙ୍ଗାଘାଟ ବାଟରେ ବସି ସ୍ନାନାର୍ଥିମାନଙ୍କର ସେବା ତଥା ପ୍ରତ୍ୟହ ଦୁଇ ଲକ୍ଷ ନାମ ସଂଖ୍ୟାଜପ ହେଲା ମାଧାଇଙ୍କର ଅବଶିଷ୍ଟ ଜୀବନର ଦୈନନ୍ଦିନ କାର୍ଯ୍ୟ । ବିଶାଳ ହର୍ମ୍ୟ, ରମଣୀୟ ଉଦ୍ୟାନ, ବିପୁଳ ସମ୍ପତ୍ତି, ବିସ୍ମୃତିର ଗର୍ଭରେ । ଆଶ୍ରୟ ମାତ୍ର କ୍ଷୁଦ୍ର କୁଟୀରଟିଏ । ପତିତପାବନୀ ଜାହ୍ନବୀର ତୀର ଦେଶରେ । ମାଧାଇ ଏକାକୀ ।

*　　*　　*

ଜଗାଇ ମାଧାଇ ଉଦ୍ଧାର ପ୍ରତିବିପ୍ଳବର ଶେଷ ପର୍ଯ୍ୟାୟ ନୁହେଁ । ବିସ୍ତୃତିକାର ସୂଚନା ମାତ୍ର । ପ୍ରତିକ୍ରିୟାର ପ୍ରକୃତ ରୂପ ସେଦିନ ଦେଖା ଦେଲା ଶାସନ କ୍ଷେତ୍ରରେ । ଅନ୍ୟ ଏକ ଅସୁସ୍ଥ ବାତାବରଣରେ ।

କାଜୀଙ୍କର ଶାସନ କାଳ । ନବଦ୍ୱୀପର ଶାସନ କର୍ତ୍ତା ମୃଦ କାଜୀ । ଫତୁଆ ଜାରି ହେଲା କାଜୀଙ୍କ ଦପ୍ତରରୁ— " ସଂକୀର୍ତ୍ତନ ରାଜକାର୍ଯ୍ୟ ଅପରାଧ । ସଂକୀର୍ତ୍ତନକାରୀ ରାଜଦ୍ୱାରରେ ଦଣ୍ଡମାୟ ।"

ଗୌଡ଼େଶ୍ୱର ହୋସେନ୍ ଶାହାଙ୍କର ଦୌହିତ୍ର ମୃଦକାଜୀ । ନୈଷ୍ଠିକ ମୁସଲମାନ୍, ପ୍ରଜାପୀଡ଼ନ ତାଙ୍କ ସ୍ୱଭାବ ବିରୁଦ୍ଧ । ତଥାପି ଏତାଦୃଶ ଆଦେଶ ? ବିସ୍ମିତ କଲା ନବଦ୍ୱୀପବାସୀଙ୍କୁ । ଆତଙ୍କ ସୃଷ୍ଟି କଲା ସମଗ୍ର ନବଦ୍ୱୀପବାସୀ ପ୍ରଜା ପ୍ରାଣରେ ।

କାରଣ ହେଲେ ଦଳେ ପରଦ୍ୱେଷୀ ପଣ୍ଡିତମନ୍ୟ ନବଦ୍ୱୀପବାସୀ । ନିମାଇଁ ପଣ୍ଡିତ ହିନ୍ଦୁ ଧର୍ମ ନାଶ କରୁଛି । ଏହିମାନେ ହିଁ ଅଭିଯୋଗ କଲେ ରାଜ ଦ୍ୱାରରେ । ପରିଣାମରେ ରାଜକାର୍ଯ୍ୟ ଆଦେଶ । ସଂକୀର୍ତ୍ତନ ନିଷିଦ୍ଧ ।

Source: Author, Digitized by PPRACHIN, SOA

ସଂବାଦ ଶ୍ରୁତିଗୋଚର ହେଲା ମହାପ୍ରଭୁଙ୍କର । ମହାପ୍ରଭୁଙ୍କର ଗୁରୁଗମ୍ଭୀର ମୁଦ୍ରା । ମେଘାଚ୍ଛନ୍ନ ଆକାଶ । ବର୍ଷଣୋନ୍ମୁଖୀ ଜଳଦ ।

ପ୍ରଚଣ୍ଡ ହୁଙ୍କାରରେ ପ୍ରକମ୍ପିତ ହୋଇ ଉଠିଲା ଜଳ, ସ୍ଥଳ, ଆକାଶମଣ୍ଡଳ । ଥରହର ହୋଇ ଉଠିଲା ସମଗ୍ର ନଦୀୟା । ସେ ଗର୍ଜନର ତର୍ଜମାରେ ସ୍ତବ୍ଧ ତଟସ୍ଥ ଯେପରି ସମସ୍ତ ପ୍ରତିକ୍ରିୟାଶୀଳ ଶକ୍ତି । ମହାଭାରତର ପାଞ୍ଚଜନ୍ୟ ନିନାଦ । ସାବଧାନ କରି ଦେଲା ସେ ଧ୍ୱନି ନଦୀୟାର ଅସଂଖ୍ୟ ଭକ୍ତବୃନ୍ଦଙ୍କୁ । ଅପୂର୍ବ ଉତ୍ସାହ ଖେଳିଗଲା ପ୍ରତି ପ୍ରାଣରେ । ସମସ୍ତେ ଜାଗ୍ରତ । ପ୍ରାପ୍ୟ ବର ଅର୍ଜନ କରିବା ନିମନ୍ତେ । ମହାପ୍ରଭୁଙ୍କ ଅଙ୍ଗନରେ ଏକେ ଏକେ ଏକତ୍ରିତ । ଆଦେଶ ମାତ୍ର ଅପେକ୍ଷା ।

ପରଦିନ ସନ୍ଧ୍ୟା । ଫଗୁଆ ଜାରି ହେବାର ପରବର୍ତ୍ତୀ ଦିବସ । ହରି ଧ୍ୱନିର ପ୍ରତିଧ୍ୱନି ଉଠିଲା ନଭ ମଣ୍ଡଳରେ । ଆନ୍ଦୋଳିତ ହୋଇଗଲା ଗୁଳ୍ମ ଲତା ବୃକ୍ଷ ପାଦପର ପ୍ରତି ଛନ୍ଦ । ପ୍ରତି ପ୍ରାଣରେ ସ୍ପନ୍ଦନ । ନୂତନ ସ୍ପନ୍ଦନ ।

ନବଦ୍ୱୀପ ନଗର ଉଜ୍ଜ୍ୱଳ । ଆଲୋକ ରଶ୍ମିରେ ସମୁଜ୍ଜ୍ୱଳ । ସମବେତ ବିରାଟ ଜନତା ଗୌରାଙ୍ଗଙ୍କ ନିକଟରେ । ପ୍ରତ୍ୟେକଙ୍କ ହସ୍ତରେ ପ୍ରଜ୍ଜ୍ୱଳିତ ଦିହୁଡ଼ି ।

ସଂକୀର୍ତ୍ତନମୁଖର ଏକ ବିରାଟ ପଟୁଆର । ସୁରଧୁନୀ ତୀରେ ତୀରେ ଶୋଭାଯାତ୍ରାର କି ନୟନାଭିରାମ ଦୃଶ୍ୟ ! ସର୍ବାଗ୍ରେ ଶ୍ରୀ ଅଦ୍ୱୈତ । ତତ୍ ପଶ୍ଚାତ୍ ହରିଦାସ । ଉଭୟେ ବର୍ଷୀୟାନ୍ । ମାତ୍ର ଆଜି କେଉଁ ଏକ ଅପୂର୍ବ ପ୍ରେରଣାର ବଶବର୍ତ୍ତୀ ହୋଇ ପଦାତିକ ମାନଙ୍କ ବୟଃ-ପ୍ରହରଣ କରି । ଉଭୟଙ୍କର ଅନୁବର୍ତ୍ତୀ ବ୍ୟୂହରକ୍ଷୀ ସଦୃଶ ଶ୍ରୀବାସ ପଣ୍ଡିତଙ୍କର ଦଳ ଅକୁତୋଭୟ । ଅମିତ-ବିକ୍ରମ ।

ଗଦାଧର, ନିତ୍ୟାନନ୍ଦ ଦୃଢ଼ତାରେ ଅନୁଗାମୀ ରମଣୀକାରେ । ସତେ ଯେପରି ଗଜେନ୍ଦ୍ରଗମନ ନିତ୍ୟାନନ୍ଦଙ୍କର ପଦଭାରରେ ମହୀ ଆଜି ପ୍ରକୃତରେ ଟଳମଳ ହେଉଛି ।

ସମ୍ମୁଖରେ ଶାସକ ଚାନ୍ଦକାଜୀଙ୍କର ରାଜପ୍ରାସାଦ । ହଠାତ୍ ଶୋଭାଯାତ୍ରାର ଗତି ପ୍ରତିହତ ହେଲା ସ୍ୱତଃ ।

ପ୍ରାସାଦ ଅଭିମୁଖରେ ଶୋଭାଯାତ୍ରାର ବାର୍ତ୍ତା ଶ୍ରବଣମାତ୍ରେ ଭୟଭୀତ ସଂତ୍ରସ୍ତ ଚାନ୍ଦକାଜୀ ଆତ୍ମଗୋପନ କରିଛନ୍ତି ଅନ୍ତଃପୁରରେ । ପ୍ରଭୁ-ଆଜ୍ଞାପେକ୍ଷ ଅଗଣନ ସାବହିତ ସୈନ୍ୟ ସାମନ୍ତ ପରିବେଷ୍ଟିତ ଚାନ୍ଦକାଜୀ ନିରସ୍ତ୍ର ଏକ କୀର୍ତ୍ତନ ଶୋଭାଯାତ୍ରାର ସମ୍ମୁଖୀନ ହେବାକୁ ଅପ୍ରସ୍ତୁତ । ନିଜର ଅନ୍ୟାୟ ଆଦେଶ ହିଁ ଶାସକର ନୈତିକ ଶକ୍ତିକୁ ଦୁର୍ବଳ କରି ଦେଇଛି । ଗର୍ହିତ ଅନୁଶାସନର ପ୍ରତିବାଦ । ପ୍ରତିରୋଧ ସଂବାଦରେ କାଜୀଙ୍କର ହୃତ୍‌କମ୍ପ । ଅବଳାସୁଲଭ କାତରତାର ଆଶ୍ରୟ ନେଇ ଜୀବନ ରକ୍ଷାର ଉପାୟାନ୍ତର ଚିନ୍ତା କରୁଛନ୍ତି କାଜୀ ରାଣୀହଂସପୁରରେ ।

ଆଶ୍ୱସ୍ତ ହେଲେ କାଜୀ । ସମ୍ବାଦ ଆସିଲା କେବଳ ମାତ୍ର ସାକ୍ଷାତ୍, ପ୍ରାର୍ଥୀ ନବଦ୍ୱୀପର ନିମାଇଁ ପଣ୍ଡିତ । କୌଣସି ଉପଦ୍ରବର ଆଶଙ୍କା ନାହିଁ । ଗୌରହରିଙ୍କର ଅଭୟ-ବାଣୀ, ନିର୍ଭର ପ୍ରତିଶ୍ରୁତି । ଶତ୍ରୁପ୍ରତି ଆଘାତର କଳ୍ପନା ନଥାଏ ଅହିଂସ ସତ୍ୟାଗ୍ରହରେ ।

Source: Author, Digitized by PPRACHIN, SOA

ପାଞ୍ଚଶହ ବର୍ଷ ପୂର୍ବର ଭାରତ । ଦେଶରେ କେବଳ ରାଜନୈତିକ ପରାଧୀନତା ନୁହେଁ, ଧର୍ମ ଓ ବିଶ୍ୱାସର କଣ୍ଠରୋଧ ହୋଇଥିଲା ମଧ୍ୟ । ପ୍ରତିବାଦ ନିମନ୍ତେ ଏକାନ୍ତ ଅଶକ୍ତ ଭେଦଭିନ୍ନ ଭୂଖଣ୍ଡ । ସୁସଙ୍ଗଠିତ ସଶସ୍ତ୍ର ଅତ୍ୟାଚାରର ବିରୋଧରେ ଅହିଂସ୍ର ସଂଗ୍ରାମର ପ୍ରଥମ ପରିକଳ୍ପନା ଫଳପ୍ରସୂ ହୋଇଥିଲା ସେ ଦିନ ଶ୍ରୀ ଗୌରାଙ୍ଗଙ୍କ ନେତୃତ୍ୱରେ ।

ଏ କି ଚମତ୍କାରିତା ! ଏ କି ସ୍ୱର୍ଗ ! ମାତ୍ର କ୍ଷଣକ ବାର୍ତ୍ତାଳାପ । କଠିନ ଲୌହ, ତରଳ ସ୍ୱର୍ଣ୍ଣବରଣ ଧାରଣ କରିଛି । ନିର୍ମଳ ଚନ୍ଦ୍ରମଣ୍ଡଳ ପରି ଚାନ୍ଦ୍‌କାଜୀ ଆଜି ଗୌର-ସନ୍ନିଧିରେ ଦେଦୀପ୍ୟମାନ୍ । ଆନ୍ତରର ଅନନ୍ତ ମଳିନତା ବିଦୂରିତ ହୋଇ ଯାଇଛି । ପୟଗମ୍ବର ମହମ୍ମଦ୍‌ଙ୍କର ଜଣେ ନିଷ୍କପଟ ନିଷ୍ଠଶିଷ୍ୟ ରୂପେ ତାଙ୍କର ନୂତନ ପରିଚୟ ପାଇଛନ୍ତି ଉପସ୍ଥିତ ଜନତା । ଅନ୍ୟର ଧର୍ମ ପ୍ରତି ଅସୂୟାର ଗନ୍ଧ ନାହିଁ ଚାନ୍ଦ୍‌କାଜୀଙ୍କ ହୃଦୟରେ । ପୂର୍ବ ଆଜ୍ଞା ରହିତ ହେଲା ସଙ୍ଗେ ସଙ୍ଗେ । ନୂତନ ଆଦେଶ ବଳରେ ।

କାଜି ଚକ୍ଷୁରେ ଅଜସ୍ର ଅଶ୍ରୁର ଧାରା । ପାଷାଣ ହୃଦୟ ଦ୍ରବୀଭୂତ । କେବଳ ଗୌର ଦର୍ଶନରେ । ସ୍ପର୍ଶର ପ୍ରଶ୍ନ ନାହିଁ । ସେ ପରମ ସୌଭାଗ୍ୟ ଲାଭର ବହୁ ପୂର୍ବରୁ ।

........କାଜି ଦୁଇ ନେତ୍ରୁ ବହେ ନୀର
ପ୍ରଭୁଙ୍କ ଚରଣ ଛୁଇଁ କହେ ପ୍ରିୟ ଗିର ।
"ତୋ' ପ୍ରସାଦେ ପ୍ରଭୁ ମୋର ଘୁଞ୍ଚିଲା କୁମତି
ଏହି କୃପାକର ତୋହଠାରେ ରହୁ ମତି ।" (ଚୈ: ଚ:)

ନୂତନ ହୁକୁମନାମା ଜାରି ହେଲା । ନଦୀୟାରେ ନାମ ସଂକୀର୍ତ୍ତନ ଅବାଧ । ସଂକୀର୍ତ୍ତନରେ ସର୍ବଜନୀନ ଅଧିକାର । ପୂର୍ବାଦେଶ ପ୍ରତ୍ୟାହୃତ ।

କାଜୀ କହେ ମୋ ବଂଶରେ ଯେତେ ହେବେ ଜାତ
ମୋହ ଲୋକେ କୀର୍ତ୍ତନରେ ନ ଦେବେ କେ ହାତ । (ଚୈ: ଚ:)

ସର୍ବତ୍ର ଆନନ୍ଦର କଳରବ । ସର୍ବାଧିକ ଆନନ୍ଦ ଆଜି ହରିଦାସଙ୍କର । ସେ ଆଜି ବହୁ ପରିମାଣରେ ଆଶ୍ୱସ୍ତ ! ମହାନ୍ ଦାୟିତ୍ୱରୁ ମୁକ୍ତ । ଗୁରୁ କର୍ତ୍ତବ୍ୟବୋଧର ଭାର ଗୌରଚରଣରେ ଅର୍ପଣ କରିବାରେ ହିଁ ଯେପରି ହରିଦାସଙ୍କ ଜୀବନର ପରମ ସାର୍ଥକତା ।

ହରିଦାସଙ୍କ ସ୍ୱପ୍ନର ବିପ୍ଳବ ଆଜି ସଫଳ ହୋଇଛି ଚରମ ବାସ୍ତବତାରେ । ସେ କେବଳ କ୍ଷେତ୍ର ହିଁ ପ୍ରସ୍ତୁତ କରି ଆସିଛନ୍ତି ଆଜିଯାଏ । ରଣକ୍ଷେତ୍ର । ବିପ୍ଳବର କ୍ଷେତ୍ର । ବିପ୍ଳବର ସେହି ସମଗ୍ରତାର ଅଗ୍ରଭାଗରେ ମହାପ୍ରଭୁଙ୍କର ସାର୍ବଭୌମ ନେତୃତ୍ୱ । ସେଥିପାଇଁ ସର୍ବାଧିକ ଆଶ୍ୱସ୍ତିବୋଧ । ବିଭୁଦତ୍ତ ସମସ୍ତ ବିଭୂତି ଆଜି ଯେପରି ହରିଦାସ ଭୁରିଦାତା ମହାପ୍ରଭୁଙ୍କ ପଦାରବିନ୍ଦରେ ଅର୍ପଣ କରି କୃତ-କୃତ୍ୟ ହୋଇ ଯାଉଛନ୍ତି । ଉତ୍ସର୍ଗରେ ହିଁ ଯେପରି ସ୍ୱର୍ଗର ସନ୍ଧାନ । ହରିଦାସ ଆଜି ଯେପରି ଏକ ଅନୁଭୂତିର ପୁତ୍ତଳିକା ।

କ୍ରୀଡ଼ାର ପୁତ୍ତଳି ମୁହିଁ ପ୍ରଭୁ ଯେ ଭୂମିର
ନଚାଉଛ ଯେଉଁପରି ନାଚେଁ ସେହିପରି । (ଚୈ: ଚ:)

* * *

Source: Author, Digitized by PPRACHIN, SOA

ହରିଦାସଙ୍କ ମନରେ ଅନ୍ୟ ଏକ ପ୍ରଶ୍ନ । ଏକ ନୂତନ ପ୍ରଶ୍ନ । ସେ ପ୍ରଶ୍ନ ମଧ୍ୟ ସ୍ୱତଃ ସ୍ପର୍ଶ କରିଛି ମହାପ୍ରଭୁଙ୍କର ମନକୁ । ସଦ୍ୟ ହୃଦୟରେ ଉଦୟ ହୋଇଛି । ଏକକାଳୀନ ଉଭୟଙ୍କ ଚିତ୍ତରେ । ଦୟାଦ୍ରବ ପ୍ରାଣର ଅଭିଶାପ ଦୁଷ୍ଟାନ୍ତ—ଦୁଷ୍ଟାନ୍ତର ଅନ୍ତ ।

ଏକ ନୂତନ ପରିସ୍ଥିତି ସୃଷ୍ଟି ହୋଇଛି । ସେହି ପରିପ୍ରେକ୍ଷୀରେ ପ୍ରତି-କ୍ରିୟାର ସମ୍ମୁଖୀନ ହେବା ଏକ କଠିନ ପରୀକ୍ଷା । ଅଦ୍ୟାବଧି ବିପ୍ଳବର ଯାବତୀୟ ପ୍ରତିକୂଳ ପରିବେଷ୍ଟନୀଜନିତ ସମସ୍ତ ଜଟିଳତା ସମାହିତ ହୋଇଛି । କର୍ତ୍ତବ୍ୟ କର୍ମର ଅନୁଷଙ୍ଗରେ । ପ୍ରତିକ୍ରିୟା-ବିରୋଧୀ ପ୍ରକ୍ରିୟାରେ ପ୍ରତିବିପ୍ଳବକୁ ବିପ୍ଳବମୁଖୀ କରାଯାଇ ପାରିଛି । ଅତି ସହଜରେ ପ୍ରୀତିପୂର୍ଣ୍ଣ ବାତାବରଣରେ ।

ଅପରାଧୀର ଅପରାଧ ଅପସାରିତ ହୋଇଛି ମହାପ୍ରଭୁଙ୍କର ନାମ ସ୍ମରଣରେ । ବର୍ଶନ ମାନେ ଉନ୍ମୋଚିତ ହୋଇ ଯାଇଛି ଜନ୍ମ ଜନ୍ମାନ୍ତରର ନିରନ୍ତ୍ର ବନ୍ଧନ । ଉନ୍ମୁଖ ହୋଇ ଉଠିଛି ଅନ୍ୟାଭିଳାଷିତା-ଶୂନ୍ୟ ପ୍ରୀତିର ପ୍ରତ୍ୟାଶା । ଭଗବତ୍ ଭକ୍ତି ପ୍ରାପ୍ତି ପଥରେ ମର୍ମନ୍ତୁଦ ଆକୁଳତା ଯେମିତି । ଗୌର ଅବତାରରେ ପ୍ରତ୍ୟକ୍ଷ ପରୋକ୍ଷ ଉଭୟ ବିଧ ଉଦ୍ଦେଶ୍ୟ ଯେପରି ସାଧିତ ହୋଇ ଯାଉଛି ଅନାୟାସରେ, ସଙ୍ଗରେ, ପ୍ରସଙ୍ଗରେ । ମାତ୍ର ଏ ନୂତନ ପରିସ୍ଥିତି ଯେପରି ସମସ୍ତ ଯୋଜନାର ବହିର୍ଭୂତ ! ତାର ସମ୍ମୁଖୀନ ହେବା ଯେପରି ଏକ ଅସାଧ୍ୟ ସାଧନ ! ଉପଲବ୍ଧି କରୁଥିଲେ ହରିଦାସ ।

ଏ ପ୍ରତିକ୍ରିୟା ଅତି ସୂକ୍ଷ୍ମ । ସୂକ୍ଷ୍ମତମ ପ୍ରତିକ୍ରିୟା । ତେଣୁ ତାର ସମ୍ମୁଖୀନ ହେବାପାଇଁ ସୂକ୍ଷ୍ମତମ ଉପାୟ ଅବଲମ୍ବନ କରିବାର ଦାବି ଏଡ଼ିହେବାର ନୁହେଁ ।

'ସମସ୍ୟା ଅତି ଅପ୍ରତ୍ୟାଶିତ । ସମାଧାନ ଆୟାସସାଧ୍ୟ । ହଠାତ୍ ମହାପ୍ରଭୁଙ୍କର କର୍ଣ୍ଣଗୋଚର ହେଲା—ନବଦ୍ୱୀପର ଏକ ବନ୍ଦନ ବେଷ୍ଟନୀରେ ନିଷ୍ଠୁର କଟାକ୍ଷର କାହାଣୀ । ମହାପ୍ରଭୁଙ୍କ ପ୍ରତି । ଭ୍ରୂକ୍ଷେପ ନଥିଲା ମହାପ୍ରଭୁଙ୍କର ସେ ଦିଗକୁ । ନିଜେ ସେ ସମାଲୋଚନାର କେନ୍ଦ୍ରବିନ୍ଦୁ ହେବା ସତ୍ତ୍ୱେ । କିନ୍ତୁ ଅସ୍ଥିର ହେଲେ ମହାପ୍ରଭୁ, ଅନ୍ୟ ଏକ କୋଣରୁ । ଲକ୍ଷ କଲେ ହରିଦାସ । ମହାପ୍ରଭୁ, ଚିନ୍ତିତ । ବିଷର୍ଣ୍ଣ ।

ଗୌରକରୁଣାବାରିଧିରେ ସୃଷ୍ଟି ହେଲା ସେଦିନ ଉଚ୍ଛଳ ତରଙ୍ଗ । ଏ ଉଚ୍ଛ୍ୱାସ ଉଦୟର ନୁହେଁ ଅସ୍ତର । ସେ ଏକ ଅଲୌକିକ ଆଲୋଡ଼ନ । ସେ ତରଙ୍ଗର ଉଚ୍ଛଳତା ବେଳା ଲଙ୍ଘନ କରେ ନାହିଁ । ସେ ଉଚ୍ଛ୍ୱାସ ଅନ୍ତର୍ମୁଖୀ । ସେ ଉଦ୍‌ବେଳ ସୃଷ୍ଟି କରେ ସାଗର ଗର୍ଭରେ ପ୍ରଖର ସ୍ରୋତ । ସେ ଏକ ଅସ୍ୱାଭାବିକ ସ୍ୱଭାବର ପ୍ରବାହ ।

ଏ ପ୍ରତିବିପ୍ଳବର ପ୍ରତିକାର କ'ଣ ସ୍ୱୟଂ ଭଗବାନଙ୍କ ପକ୍ଷରେ ଅଭାବନୀୟ ! ଚିନ୍ତାକଲେ ହରିଦାସ । ଚିନ୍ତାକଲେ ଅନ୍ୟ ଏକ ବିପ୍ଳବୀ, ବୈପ୍ଳବିକ ମହାଯଜ୍ଞର ଆବାହକ, ସଂକଳ୍ପକ, ପାଷଣ୍ଡ୍ୟଘ୍ନ-ସଂସ୍କାରକ, ଶ୍ରୀ ଅଦ୍ୱୈତାଚାର୍ଯ୍ୟ ।

ସ୍ୱୟଂ ଭଗବାନ୍ ? ହଁ, ହଁ, ସ୍ୱୟଂ ଭଗବାନ ! ସନ୍ଦେହ ନାହିଁ ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କର । ବାରମ୍ବାର ସନ୍ଦେହ ଜାଗୁଛି, ବହୁବାର ସନ୍ଦେହ ଜନ୍ମିଛି ଶ୍ରୀଅଦ୍ୱୈତାଚାର୍ଯ୍ୟଙ୍କ ମନରେ ଶ୍ରୀ ଗୌରାଙ୍ଗଙ୍କର ଭଗବତ୍ତା ସମ୍ବନ୍ଧରେ । ବାରମ୍ବାର ବହୁବାର ସନ୍ଦେହ ମୋଚନ କରିଛନ୍ତି ଶ୍ରୀ ଗୌରାଙ୍ଗ । ପରିଶେଷରେ ସନ୍ଦେହର ଅବଶେଷ ରହି ଯାଇଛି । ଲୀଳାର ପରିପୋଷକତା ପାଇଁ । ଗୌରଲୀଳାର ପରିପୂର୍ଣ୍ଣ ପରିପ୍ରକାଶ ପାଇଁ

Source: Author, Digitized by PPRACHIN, SOA

ଯେଉଁ ସୂତ୍ରରୁ ସନ୍ଦେହ ଉଦ୍ରେକ ହୋଇଛି, ସେହି କ୍ଷେତ୍ରରେ ହିଁ ହୋଇ ଆସିଛି ତାର ନିରସନ ।

ମନାନ୍ତର ହୁଏ ଭକ୍ତ ଓ ଭଗବାନଙ୍କ ମଧ୍ୟରେ । ତାହା ମଧ୍ୟ ଏହି ଲୀଳାର ଅନୁକୂଳ ପରିବେଷ୍ଟନୀ ସୃଷ୍ଟି କରିବାପାଇଁ । ପରମ ଭକ୍ତ ଅଦ୍ୱୈତାଚାର୍ଯ୍ୟ ପରମ ଭାଗବତ । ଭଗବାନ୍ ଜ୍ଞାନରେ ଯାଆନ୍ତି ପାଦସ୍ପର୍ଶ କରି ପ୍ରମାଣ ଜଣାଇବାକୁ ନିମାଇଁ ପଣ୍ଡିତଙ୍କର ପଯୁରରେ । ନିମାଇ ପଣ୍ଡିତ କାନ୍ଦି କାନ୍ଦି ଅସ୍ଥିର । କେବଳ ଶ୍ରୀ ଅଦ୍ୱୈତଙ୍କର ଏତାଦୃଶ ଆଚରଣରୁ ନୁହେଁ, ଯେ କୌଣସି ମାନ୍ୟଗଣ୍ୟ ବୟସ୍କ ଗୁରୁ-ଗରିଆନ୍ ବ୍ୟକ୍ତିଙ୍କର ପାଦସ୍ପର୍ଶ କରିବାର ଉଦ୍ୟମରେ ମହାପ୍ରଭୁ ଅଧୀର । କରୁଣ କ୍ରନ୍ଦନ କରୁଛନ୍ତି ମହାପ୍ରଭୁ ଅପରାଧ ହେବା ଭୟରେ । କୃଷ୍ଣପ୍ରେମ କଣିକାରୁ ବଞ୍ଚିତ ହେବାର ଅମୂଳକ ଆଶଙ୍କା କରି । ତଥାପି ଶ୍ରୀ ଅଦ୍ୱୈତ୍ୟ ପଦଧୂଳି ଗ୍ରହଣରୁ କ୍ଷାନ୍ତ ହେବାକୁ ଅନିଚ୍ଛୁକ । ଅଭିମାନରେ ନବଦ୍ୱୀପ ତ୍ୟାଗକରି ଶାନ୍ତିପୁର ପ୍ରସ୍ଥାନ କଲେ ଶ୍ରୀ ଅଦ୍ୱୈତାଚାର୍ଯ୍ୟ ।

ପୁଣି ସନ୍ଦେହର ଉତ୍‌ଫଣ ଫଣୀ ଫଣା ଟେକ ଉଠ ବସିଲା ଶ୍ରୀ ଅଦ୍ୱୈତଙ୍କ ମନରେ । ନିମାଇଁ କଣ ପ୍ରକୃତରେ ଭଗବାନ୍ ? ଭଗବାନଙ୍କ ଅବତାର ? ପୁରୁଷୋତ୍ତମ ପରପ୍ରକାଶ ? ତେବେ ପଦରଜ ଦେବାରେ କୁଣ୍ଠାବୋଧ କାହିଁକି ?

ଦଯ୍ଯିତର ଉପେକ୍ଷାଜନିତ କେବଳ ମାନ ନୁହେଁ ନିଜ ଜ୍ଞାନର ଅଭିମାନ ମଧ୍ୟ ଆଶ୍ରୟ ନେଲା ଶ୍ରୀ ଅଦ୍ୱୈତଙ୍କ ମନରେ । ଅଧୀତ ଶାସ୍ତ୍ରରେ ଅନୁସନ୍ଧାନ ଚାଲିଲା । ସକଳ ଶାସ୍ତ୍ର ବେଦ ବେଦାନ୍ତର ଅତୀତ ଅସୀମ ଅନନ୍ତଙ୍କୁ ସୀମାବଦ୍ଧ ମନୁଷ୍ୟ ଜ୍ଞାନ ବୁଦ୍ଧିର କ୍ଷୁଦ୍ର ପରିସର ଭିତରେ ଆବଦ୍ଧ କରିବା ପାଇଁ ।

ଭକ୍ତର ମଧ୍ୟ ଭ୍ରାନ୍ତି ସମ୍ଭବ । ସେଦିନ ବ୍ରହ୍ମାଙ୍କର ମଧ୍ୟ ଭ୍ରାନ୍ତି ଜାଗିଲା ଶ୍ରୀକୃଷ୍ଣଙ୍କ ଭଗବତ୍ତ୍ୱରେ । ଧେନୁ, ବତ୍ସ, ଗୋପଗୋପାଳ ବାଳକମାନଙ୍କୁ ଅପହରଣ କରିନେବା ଫଳରେ ବ୍ରଜବାସୀମାନଙ୍କର ପୁତ୍ର ସୂତ୍ରରେ ଭଗବତ୍ ପ୍ରାପ୍ତିର ସୌଭାଗ୍ୟ ଘଟିଲା । ବିଚିତ୍ର ଲୀଳା ।

ପଦରଜ ବଞ୍ଚିତ ଅଦ୍ୱୈତଙ୍କର କେବଳ ହୃଦୟର ବ୍ୟଥା ନୁହେଁ, ବେଦଧ-ଶାସ୍ତ୍ରରେ ତାଙ୍କର ଅଧିକାର ଜନିତ ଉଷ୍ମାର ଉଷ୍ମତା ମଧ୍ୟ ଅବଦିତ ନୁହେଁ ମହାପ୍ରଭୁଙ୍କର ।

ଅବଦିତ ନୁହେଁ ଅଭିନ୍ନ ଚୈତନ୍ୟଭୂମି ନିତ୍ୟାନନ୍ଦଙ୍କର । ମହାପ୍ରଭୁ ଅଦ୍ୱୈତଙ୍କର ମାନଭଞ୍ଜନ ଅଭିନୟ ପାଇଁ ଶାନ୍ତିପୁର ଯାତ୍ରାକଲେ ତତ୍‌କ୍ଷଣାତ୍ । ସଙ୍ଗରେ ନିତ୍ୟାନନ୍ଦ । ପଥ ପ୍ରଦର୍ଶକ । ଶାନ୍ତିପୁର ଅଭିମୁଖରେ ଯାତ୍ରା । ପଥି ମଧ୍ୟରେ ହଠାତ୍ ଉପସ୍ଥିତ ଏକ ଗୃହସ୍ଥ-ସନ୍ନ୍ୟାସୀର କୁଟୀରରେ । ତ୍ରୁଟି ନାହିଁ ସପରିବାର ସନ୍ନ୍ୟାସୀଙ୍କର ଅତିଥି ସତ୍କାର, ଆଦର ଅଭ୍ୟର୍ଥନାରେ ।

"ଆନନ୍ଦ ! ଆନନ୍ଦ !"

ଆନନ୍ଦ ପରିବେଷଣର ଅନୁମତି ଭିକ୍ଷାକଲେ ଆତିଥେୟୀ ଗୃହସ୍ଥ ସନ୍ନ୍ୟାସୀ । ମହାଜ୍ଞାନୀ—ଜ୍ଞାନାଭିମାନୀ ସନ୍ନ୍ୟାସୀ ।

ଆନନ୍ଦର ଅର୍ଥ ଅବଦିତ ନ ଥିଲା ନିତ୍ୟାନନ୍ଦଙ୍କୁ ।

ନିତ୍ୟାନନ୍ଦଙ୍କର ଟୀକା ଶୁଣିବା ମାତ୍ରେ "ହରି, ହରି," ଉଚ୍ଚାରଣ କରି

Source: Author, Digitized by PPRACHIN, SOA

ମୁହୂର୍ତ୍ତିକେ ସ୍ଥାନତ୍ୟାଗ କଲେ ମହାପ୍ରଭୁ । ହୃଦୟରେ ଯେପରି ଦାରୁଣ ଯନ୍ତ୍ରଣା । ପ୍ରଶମନ କରିବାର ଉପାୟ କ'ଣ ?

ଅଦ୍ୱୈତ ମନ୍ଦିରରେ ପ୍ରବେଶ କରି ମହାପ୍ରଭୁ ଅପ୍ରତ୍ୟାଶିତ ଭାବରେ ଶ୍ରୀ ଅଦ୍ୱୈତଙ୍କୁ ଉଠାଇ ଧରିଛନ୍ତି ବକ୍ଷରେ । ଭକ୍ତିର ବାଧକ ସେ ଶବ୍ଦ ଶ୍ରବଣର ବ୍ୟଥା ଦୂର କରିବା ପାଇଁ ଭକ୍ତର ସ୍ପର୍ଶ ଛଡ଼ା ଯେପରି ଉପାୟାନ୍ତର ନାହିଁ । ମଦ ମଦ୍ୟ, ଉନ୍ମାଦକ ମଦ ହିଁ ଆନନ୍ଦ, ଜ୍ଞାନୀ ସନ୍ୟାସୀଙ୍କ ଭାଷାରେ । କେବଳ ପାନୀୟ ମଦ ନୁହେଁ—ଜ୍ଞାନର ମଦ ମଧ୍ୟ । ଉଭୟ ଭକ୍ତିର ବାଧକ । କେବଳ ଶ୍ରବଣ ନୁହେଁ, ସେ ଶବ୍ଦ ସୂଚିତ ବସ୍ତୁର ପ୍ରକୃତ ପ୍ରୟୋଗ ଦେଖି ମହାପ୍ରଭୁ ଯେପରି ବିଚଳିତ ।

"କହ ନାଡ଼ା ! ଆଉ ଜ୍ଞାନର ସ୍ପର୍ଦ୍ଧା କରିବୁ ?" ମହାପ୍ରଭୁ ବାରମ୍ବାର ସମ୍ବୋଧନ କରି କହୁଛନ୍ତି ଶ୍ରୀ ଅଦ୍ୱୈତଙ୍କୁ । "କହ ନାଡ଼ା, ଜ୍ଞାନଠାରୁ ବଡ଼ ଭକ୍ତି । କହ ! କୃଷ୍ଣପ୍ରେମ ପୁରୁଷାର୍ଥ ଚିନ୍ତାମଣି ।"

ଅଦ୍ୱୈତଙ୍କର ସମସ୍ତ ଅଭିମାନ, ମାନ ଅପସରି ଗଲା । ମୁହୂର୍ତ୍ତିକେ । ମୁକ୍ତ କଣ୍ଠରେ ସ୍ୱୀକାର କଲେ ସେ "ଭକ୍ତି ହିଁ ବଡ଼ । ନିଷ୍ଠିତରେ ନିର୍ବିବାଦରେ ଭକ୍ତି ହିଁ ଶ୍ରେୟ ।"

ନିମାଇଁ କେବଳ ଭଗବାନ୍ ନୁହନ୍ତି । ଭକ୍ତର ଭଗବାନ୍ । ସନ୍ଦେହର ଅବକାଶ ନାହିଁ, ଶ୍ରୀ ଅଦ୍ୱୈତଙ୍କ ମନରେ । ସେ ଦିନ ସେଥିପାଇଁ ବାଧ୍ୟକଲେ ଶ୍ରୀ ଅଦ୍ୱୈତ— "ପ୍ରଭୁ କୃପାକରି ମୋତେ ଭଗବତ୍ ବୈଭବ ପ୍ରଦର୍ଶନ କରିବା ହେଉ ।"

"ଭଗବତ୍ ସ୍ୱରୂପ ?" ପରିହାସର ଛଟା ମହାପ୍ରଭୁଙ୍କର ମୁଖଭଙ୍ଗୀରେ । "ଯିଏ ଭଗବତ୍ କରୁଣାର କଣାମାତ୍ର ପାଇବା ପାଇଁ ସାରାଜୀବନ ଆକୁଳ ଉତ୍କଣ୍ଠାରେ କଟାଇ ଆସିଛି, ତାଠାରେ ଭଗବତ୍ ସତ୍ତାର ଆଭାସ ମଧ୍ୟ ପାଇ ପାରିବ ନାହିଁ ଆଚାର୍ଯ୍ୟ ! ଏ ଆଶା ବୃଥା ।"

"ଛଳନା ଗୁଡ଼ ପ୍ରଭୁ" । ନିବେଦନ କଲେ ଆଚାର୍ଯ୍ୟ ଶ୍ରୀ ଅଦ୍ୱୈତ ।

ଛଳନା ? ସ୍ୱୟଂ ଭଗବାନଙ୍କର ଛଳନା ! ନିଜକୁ ସଦା ସର୍ବଦା ଘନାଭିଘାନ ନଗଣ୍ୟ ମାନବ ବ୍ୟତୀତ ଅନ୍ୟ ପରିଚୟ ଦେବାରେ ନିମାଇଁଙ୍କର କୁଣ୍ଠା କଣ ତେବେ ଛଳନା ?

ଛଳନା ନୁହେଁ; ସେ ଏକ ଆବରଣ ମାତ୍ର । ମେଘାଛନ୍ନ ଆକାଶ କ'ଣ ସୂର୍ଯ୍ୟର ଅପ୍ରକାଶ ପ୍ରମାଣ କରେ ?

"ଅର୍ଜୁନର ସୌଭାଗ୍ୟରେ ମୁଁ ଭାଗୀ ହେବାକୁ ଚାହେଁ । ମୋତେ ସେହି ବିଶ୍ୱରୂପ ପ୍ରଦର୍ଶନ କର ପ୍ରଭୁ !"

ଅଦ୍ୱୈତଙ୍କର କଣ୍ଠ ରୁଦ୍ଧ । ଚକ୍ଷୁ ନିମିଳିତ । ନିଜର ଅଜାଣତରେ ଧ୍ୟାନସ୍ଥ ହୋଇ ପଡ଼ିଲେ ଶ୍ରୀ ଅଦ୍ୱୈତ ।

Source: Author, Digitized by PPRACHIN, SOA

ଏ କି ଅପରୂପ ରୂପ ! ମାଧୁର୍ଯ୍ୟର ନିର୍ଯାସ ଏବେ ଐଶ୍ୱର୍ଯ୍ୟର ସମ୍ପୁଟରେ ସମ୍ପୁଟିତ । କୁରୁକ୍ଷେତ୍ରରେ ଚତୁର୍ଭୁଜ କୃଷ୍ଣଙ୍କର ସେହି ବିଶ୍ୱବ୍ୟାପୀ ବିଶ୍ୱରୂପ ଆଜି ବିଶ୍ୱମ୍ଭର ଶରୀରରେ । ଶ୍ରୀ ଅଦ୍ୱୈତ ଅର୍ଜ୍ଜୁନ ଭୂମିକାରେ ।

ପଶ୍ୟାମି ଦେବାଂସ୍ତବ ଦେବ ଦେହେ ସର୍ବାଂସ୍ତଥାଭୂତବିଶେଷସଂଘାନ୍
ବ୍ରହ୍ମାଣମୀଶଂ କମଳାସନସ୍ଥ ମୃଷିଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ।
ଅନେକ ବାହୂଦର ବକ୍ତ୍ର ନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତ ରୂପ ।।
ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ।।
କିରୀଟିନଂ ଗଦିନଂ ଚକ୍ରିଣଂ ଚ ତେଜୋରାଶି ସର୍ବତ ଦୀପ୍ତି ମନ୍ତଂ ।
ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷଂ ସମନ୍ତା- ଦ୍ଦୀପ୍ତାନଳାର୍କଦ୍ୟୁତିମପ୍ରମେୟମ୍ ।।
ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନଂ ।
ତ୍ୱମବ୍ୟୟଃ ଶାଶ୍ୱତ ଧର୍ମ ଗୋପ୍ତା ସନାତନସ୍ତ୍ୱଂ ପୁରୁଷୋମତୋ ମେ ।

ଶ୍ରୀ ଅଦ୍ୱୈତାଚାର୍ଯ୍ୟ ବାରମ୍ବାର ସ୍ତୁତି ପାଠ କରୁଛନ୍ତି—

ତବ ଦେହେ ସର୍ବ ଦେବେ ଦେଖେଁ ଦେବ ଭୂତ ଯେତେ ମର୍ତ୍ତ୍ୟ ଅବା ସରଗେ,
କମଳଆସନ ବ୍ରହ୍ମା ଈଶ ସନେ ଦିବ୍ୟଋଷି ବର୍ଗ ସର୍ବେ ଉରଗେ ।
ବହୁ ବାହୁ ବହୂଦର ମୁଖ ନେତ୍ର ସର୍ବତ୍ର ଦେଖେଁ ତୋ ଅନନ୍ତ ରୂପ,
ଦେଖେଁ ନାହିଁ କାହିଁ ଆଦି ମଧ୍ୟ ଅନ୍ତ ଏହି ବିଶ୍ୱରୂପ ହେ ବିଶ୍ୱଭୂପ ।
ଶୋଭେ ଗଦା ଚକ୍ର କିରୀଟ ସର୍ବତ୍ର ତେଜ ପୁଞ୍ଜବତ କି ଦୀପ୍ତିମନ୍ତ,
ନିରେଖି ନ ହୁଏ ଦେଖି ଅପ୍ରମେୟ ଅର୍କାନଳ ଦ୍ୟୁତି ପ୍ରାୟେ ଜ୍ୱଳନ୍ତ ।
"ଆଶ୍ଚର୍ଯ୍ୟ, ଆଶ୍ଚର୍ଯ୍ୟ !"

ଶ୍ରୀ ଗୌରାଙ୍ଗଙ୍କ ସମ୍ବୋଧନରେ ଆଚାର୍ଯ୍ୟ ସମ୍ବିତ୍ ଲାଭ କରୁଛନ୍ତି ।

ଏ କି ଦିବ୍ୟରୂପ ଶ୍ରୀ ଗୌରାଙ୍ଗଙ୍କର ! ପରମ ସୁନ୍ଦର ନବ-କିଶୋର ଗୌର-କିଶୋରଙ୍କର କି ଶାନ୍ତ ମଧୁର କମନୀୟ କାନ୍ତି ! ଅଧରର ମୃଦୁ ମୃଦୁ କମ୍ପନ ଅନ୍ତରାଳରେ ସ୍ମିତହାସ୍ୟର କି ଅପୂର୍ବ ଛଟା !

ବିଶ୍ୱମ୍ଭରଙ୍କର ଈଙ୍ଗିତରେ ସନ୍ଦେହର ଅବକାଶ ନାହିଁ । ଅଦ୍ୱୈତ ନିଃସନ୍ଦେହ ।

ହରିଦାସ, ଶ୍ରୀ ଅଦ୍ୱୈତ ଉଭୟେ ନିଶ୍ଚିନ୍ତ । ନିଶ୍ଚିତରୂପେ ଉଭୟେ ନିଷ୍ପତ୍ତି କରି ସାରିଥିଲେ, ଏ ନୂତନ ସମସ୍ୟାର ସମାଧାନ ଅବଶ୍ୟମ୍ଭାବୀ । ମାତ୍ର କି ଉପାୟରେ ? ଅନ୍ତରରେ ବେଳେ ବେଳେ ଏକ ଆତଙ୍କ ସୃଷ୍ଟି ହୁଏ । ଅକାରଣ ହୋଇଥାଉ ସେ ଆତଙ୍କ । ସାନ୍ତ୍ୱନା ଦିଅନ୍ତି ଆପେ ଆପଣା ମନକୁ ।

ତରବାରିର ଜୟ ଜୟ ନୁହେଁ, ଅସ୍ତ୍ର ଶସ୍ତ୍ରର ପରିଚାଳନରେ ମାନବିକତାର ହିଁ ପରାଜୟ । ଗୌର ଅବତାରରେ ତେଣୁ ନିତ୍ୟନୂତନ ଉଦ୍ଭାବନ । ହୃଦୟ ହୃଦୟର ବିନିମୟ । ହୃଦୟ ଦ୍ୱାରା ହୃଦୟର ଆକର୍ଷଣ । ପ୍ରେମର ଉପଦ୍ରବରେ ଦ୍ରବୀଭୂତ ହୁଏ

Source: Author, Digitized by PPRACHIN, SOA

ଅପରର ହୃଦୟ । ଜଗାଇ ମାଧାଇ, ଚାପାଲ, ଗୋପାଳଙ୍କ ଠାରୁ ଆରମ୍ଭକରି କାଜୀ ବିଜୟ ପର୍ଯ୍ୟନ୍ତ ସମସ୍ତ ଅଘଟଣ ଘଟଣାବଳୀର ପୃଷ୍ଠ ଭୂମିରେ ଏ ସତ୍ୟ ସୁପ୍ରତିଷ୍ଠିତ ।

ଏଇ ନାମଦ୍ୱେଷିମାନଙ୍କ ମନ ମୋହନର ଅମୋଘ ଅସ୍ତ୍ର ସେହି ନାମ ସଂକୀର୍ତ୍ତନ । ପ୍ରମାଣ କଲେ ଶ୍ରୀମନ୍ମହାପ୍ରଭୁ, ନିଜର ଆଚରଣରେ ନିଜେ ଦୃଷ୍ଟାନ୍ତ ହୋଇ । ନାମ ସଂକୀର୍ତ୍ତନ ହିଁ ପ୍ରତ୍ୟେକର ଚିତ୍ତ ଦର୍ପଣ ମାର୍ଜିତ କରିଛି—ଏକେ ଏକେ ସମସ୍ତଙ୍କର ।

ମାତ୍ର ନାମ ପ୍ରତି ଯାହାର ବିଦ୍ୱେଷ ନାହିଁ, ଅଥଚ ନାମୀପ୍ରତି ଅଶ୍ରଦ୍ଧା, ଅବହେଳା, ଅବଜ୍ଞା, ନାମର ତାତ୍ତ୍ୱିକ ଅବବୋଧର ଅଭାବହେତୁ ନାମୀ ପ୍ରତି ଅମର୍ଯ୍ୟାଦା, ନିଜର ଜ୍ଞାନ ଓ ପାଣ୍ଡିତ୍ୟର ଅହଙ୍କାରରେ ଯିଏ ଅନ୍ଧ, ଯିଏ ନାମ ନାମୀର ଅଭେଦତ୍ତ୍ୱ, ଭକ୍ତ ଓ ଭଗବାନ୍‌ଙ୍କ ଅଭିନ୍ନ ଅବସ୍ଥାନ ସମ୍ବନ୍ଧରେ ଅଜ୍ଞ, ତା'ର ଉଦ୍ଧାରର ଉପାୟ ?

ସମାଜରେ ଏହି ନୂତନ ପରିସ୍ଥିତିପ୍ରତି ନିମାଇଁ ପଣ୍ଡିତ ସଜାଗ । ଚିନ୍ତାକୁଳ ।

ପ୍ରେମର ବୀଜମନ୍ତ୍ର ତ୍ୟାଗ । ଚରମ ଆତ୍ମତ୍ୟାଗ ବିନା ଏହି ସଙ୍ଗ ଅପରାଧୀ-ମାନଙ୍କର ଉଦ୍ଧାରର ଉପାୟାନ୍ତର ନାହିଁ ।

ଅନବହିତ ନ ଥିଲେ ହରିଦାସ ଓ ଆଚାର୍ଯ୍ୟ ଉଭୟେ । ମାତ୍ର ସେ ତ୍ୟାଗର ଯାଗରେ ସର୍ବଶ୍ରେଷ୍ଠ ବଳି କିଏ ? ବ୍ୟଥାତୁର ହୋଇ ଚିନ୍ତାକରୁଥିଲେ ଦୁଇ ସଙ୍ଗୀ । ଅନୁମାନ ପରାଜୟ ସ୍ୱୀକାର କରୁଥିଲା ।

ପଣ୍ଡିତ ପଢ଼ୁଆମାନଙ୍କର ଅଦ୍‌ଭୁତ ଯୁକ୍ତି । ଧୀର ଗମ୍ଭୀର ଭାବରେ ସହ୍ୟ-କଲେ ମହାପ୍ରଭୁ ପ୍ରଥମେ ପ୍ରଥମେ । କ୍ରମେ କିନ୍ତୁ ଅସହ୍ୟ ହୋଇ ଉଠିଲା ସେ ଅବାନ୍ତର ସମାଲୋଚନା ।

ସେଦିନ ସାକ୍ଷାତ କରିବାକୁ ଆସିଥିଲେ ଆଗମବାଗୀଶ କୃଷ୍ଣାନନ୍ଦ । ସହପାଠୀ ଆଗମବାଗୀଶ । ସେହି ଏକା କଥା । ନିମାଇଁ ପଣ୍ଡିତ ଭକ୍ତ । ରାଧାଭାବ ବିଭାବିତ ପ୍ରେମଚଳ ଚଳ ମୁଖମଣ୍ଡଳ । ମାତ୍ର ଗୋପୀନାମ ଜପପ୍ରବଣତା ଅସୁନ୍ଦର ନିମାଇଁ ପଣ୍ଡିତପକ୍ଷରେ ।

"କୃଷ୍ଣନାମ-ଜପର ବିଧାନ ଅଛି । ଗୋପୀ ନାମ ଜପର ବିଧାନ ନାହିଁ । କୃଷ୍ଣ ନାମ ଜପକର ପଣ୍ଡିତ !" ଜ୍ଞାନାଭିମାନରେ ଉପଦେଶ ଦେଲେ ଆଗମ-ବାଗୀଶ ।

ବାହ୍ୟଜ୍ଞାନ ଶୂନ୍ୟ ନିମାଇଁ ପଣ୍ଡିତ । ରାଧାଭାବରେ ଦୁର୍ଜୟ ଅଭିମାନର ଆବେଶ । କର୍ଣ୍ଣକୁହରରେ ପ୍ରବେଶ କରୁନାହିଁ ବାଗୀଶଙ୍କ ବାକ୍ୟ । ବାରମ୍ବାର ତାର ସ୍ୱରରେ କହୁଛନ୍ତି ବାଗୀଶ—"କୃଷ୍ଣ କୃଷ୍ଣ ବୋଲ ପଣ୍ଡିତ ।"

ବହୁକ୍ଷଣ ପରେ ଶ୍ରୀରାଧାର ପ୍ରେମାକୁଳ ଦୃଷ୍ଟି ନିପତିତ ହେଲା ନିମାଇଁଙ୍କର । ଏ କିଏ ? ଚିହ୍ନି ମଧ୍ୟ ଚିହ୍ନି ହେଉନାହିଁ ସହପାଠୀକୁ । ସେହି ଆକୃତି ମାତ୍ର ପ୍ରକୃତି ଯେପରି ଭିନ୍ନ । ଏ କଣ ସେହି ବାଲ୍ୟକାଳର ସାଥୀ କୃଷ୍ଣାନନ୍ଦ ନୁହେଁ ? କଦାପି ନୁହେଁ । ଏ ନିଶ୍ଚୟ କୃଷ୍ଣଦୂତ । ରାଧାଭାବ ଭାବିତ ମହାପ୍ରଭୁ ରୋଷକଷାୟିତ ନେତ୍ରରେ ଗୃହୁଛନ୍ତି ବଧ୍ୟା-

Source: Author, Digitized by PPRACHIN, SOA

ବାଗୀଶଙ୍କୁ । ନା, ଆଉନା । ଆଉ ସେ ଭୁଲିବେ ନାହିଁ । ବଡ଼ ପରମାଦ କୃଷ୍ଣ ପ୍ରେମ । ସ୍ୱଭାବରେ ବନ୍ଧା ହୋଇନାହିଁ; ରାଧାର ଗୁଣ୍ଡା । ଚରମ ଆଘାତ ଦେଇ ପୁଣି ଗୃହପ୍ରେରଣ କରିଛନ୍ତି ଉତଲେଇ ହେବାପାଇଁ । ଛଳିଆ ! ସେ ଆଉ ଭୁଲିବେ ନାହିଁ କଦାପି ସେ ଗୃହୁଣୀରେ ।

"ଯାଅ, ଯାଅ, ଫେରିଯାଅ କୃଷ୍ଣଦୂତ ! କୃଷ୍ଣନାମ ମୋ କର୍ଣ୍ଣରେ ଆଉ ଶୁଣାଅ ନାହିଁ । ମୋର ପ୍ରିୟ ଆଳି, ସଖି ମଞ୍ଜରୀ, ଗୋପୀକାମାନେ ହିଁ ମୋର ଶ୍ରେୟ । ମୋର ପ୍ରାଣ । କୃଷ୍ଣ ନିଷ୍ଠୁର, କପଟୀ, ଲମ୍ପଟ ! ତା' ନାମ ଆଉ ମୁଁ ଏ ମୁହଁରେ ଧରିବାକୁ ଚାହେଁ ନାହିଁ ।"

ଦୁର୍ଜୟ ମାନିନୀ ରାଧା ଆବେଶରେ ମହାପ୍ରଭୁଙ୍କର ଏ ଭର୍ତ୍ସନା ଶୁଣି ଅଜ୍ଞ ଆଗମବାଗୀଶ ସ୍ୱୀୟ ଜ୍ଞାନର ଦମ୍ଭ ପ୍ରଦର୍ଶନ କଲେ—"କୃଷ୍ଣ ନାମ ପରିବର୍ତ୍ତେ ଗୋପୀନାମ ଜପ ଏକାନ୍ତ ଅଶାସ୍ତ୍ରୀୟ । ଗୋପୀ ନାମ ଛାଡ଼ି କୃଷ୍ଣ ଭଜନ କର !"

କ୍ରୋଧରେ ଆରକ୍ତ ନିମାଇଙ୍କର ନେତ୍ର । ତାଡନ ଉଦ୍ଦେଶ୍ୟରେ ସହସା ଏକ ବଂଶଦଣ୍ଡର ଆଶ୍ରୟ ନେବାର ଦେଖି ଭକ୍ତବୃନ୍ଦ ନିମାଇଙ୍କୁ ଶାନ୍ତ କଲେ । ମାତ୍ର ଆତ୍ମବିସ୍ମୃତ ପ୍ରେମାବିଷ୍ଟ ନିମାଇଙ୍କର ଭାବରୁ ସେ ଅରସିକ ତନ୍ତ୍ର-ସାଧକ ଆଗମବାଗୀଶ ରସ ଉପଲବ୍ଧି କରି ନପାରି ଲୋକାଳୟରେ ନିମାଇଙ୍କର ଧୃଷ୍ଟତା, ଅଶିଷ୍ଟାଚାର, ଜିଘାଂସା, ସମ୍ବନ୍ଧରେ ପ୍ରଚାର କରିବେଲେ । ଚାଲିଲା ଆଲୋଚନା ସମାଜରେ । ଉତ୍କ୍ଷିପ୍ତ ହୋଇ ଉଠିଲେ ଆଗମବାଗୀଶଙ୍କ ଅନୁରକ୍ତ ଶିଷ୍ୟବୃନ୍ଦ । ଅଶ୍ଳୀଳ ଅଭଦ୍ର ଭାଷାରେ ହେଲା ଗାଳି ବର୍ଷଣ ! ଷଡ଼ଯନ୍ତ୍ର ଚାଲିଲା ନିମାଇଙ୍କୁ ମୁଷ୍ଟି ପ୍ରୟୋଗ, ଯଷ୍ଟି ପ୍ରହାରରେ ଶିକ୍ଷା ଦେବାଲାଗି ।

ଆବେଶ ଅପସରି ଯାଇଛି । ଶ୍ରୀ ଗୌରାଙ୍ଗ ବସି ଚିନ୍ତା କରୁଛନ୍ତି । ଅଙ୍ଗ ଅବଶ । ନିଜର ଅଜ୍ଞାତ ଆଚରଣ ସମ୍ବନ୍ଧରେ ଅବଗତ ଶ୍ରୀ ଗୌରାଙ୍ଗ । ଅନୁତାପରେ ଜର୍ଜରିତ । ବୁକୁଭେଦ କରି ଉଠିଆସିଲା ଦୀର୍ଘଶ୍ୱାସ—

"କରିଲି ପିପ୍‌ପଳୀ ଖଣ୍ଡ କଫ ନିବାରଣ
ନ ହୋଇ ତା' ହେଲା ଏବେ କଫର କାରଣ—" (ଚୈ: ଚ:)

ଚିନ୍ତିତ ହୋଇ ପଡ଼ିଲେ ଶ୍ରୀ ଗୌରାଙ୍ଗ । ମର୍ମନ୍ତୁଦ ଯନ୍ତ୍ରଣା ।

ଯଥାର୍ଥ ସମାଲୋଚନା ଚାଲିଛି ଚତୁର୍ଦ୍ଦିଗରେ । ପଣ୍ଡିତମାନଙ୍କ ସଭାରେ ମଧ୍ୟ । ଆଗମବାଗୀଶଙ୍କୁ ହିଁ ସମର୍ଥନ କରୁଛନ୍ତି ଅଭକ୍ତ ଜ୍ଞାନୀ ପଣ୍ଡିତବର୍ଗ । ଗୋପୀନାମ ଜପ ଶାସ୍ତ୍ରଅସଂଗତ । ଏକମାତ୍ର କୃଷ୍ଣହିଁ ଆରାଧ୍ୟ, ଜାପ୍ୟ । ସମାଜରେ କୁସଂସ୍କାର ପ୍ରବର୍ତ୍ତକ ଏଇ ନିମାଇଁ ପଣ୍ଡିତ । ଅବତାରର ପ୍ରତାରଣାକରି, ଜଗତକୁ ମୋହାନ୍ଧକାରରେ ନିକ୍ଷେପ କରୁଛି ।

ଏ ଏକ ନୂତନ ପରିସ୍ଥିତି । ଏହାର ସମ୍ମୁଖୀନ ହେବାପାଇଁ ମହାପ୍ରଭୁ ଚିନ୍ତିତ । ଏହାର ଶୁଭପ୍ରଦ ସମାଧାନ ପାଇଁ ବ୍ୟାକୁଳ ।

Source: Author, Digitized by PPRACHIN, SOA

" ଶ୍ରୀପାଦ," ଏକାନ୍ତ ଅନ୍ତରଙ୍ଗ, ଗୌରବ ଭାବର ଆଶ୍ରୟ ପ୍ରଭୁ ନିତ୍ୟାନନ୍ଦଙ୍କୁ ଏକାନ୍ତରେ ସମ୍ବୋଧନ କରି କହୁଛନ୍ତି ମହାପ୍ରଭୁ— "ଶୁଣିବା ହେଉ ଶ୍ରୀପାଦ !"

ଆଶଙ୍କା ଓ ଆତଙ୍କରେ ଉତ୍କଣ୍ଠ ହୋଇ ରହିଲେ ଶ୍ରୀପାଦ ନିତ୍ୟାନନ୍ଦ । ଗମ୍ଭୀର ନିସ୍ତବ୍ଧ ମେଘ-ମେଦୁର ଆକାଶ । ବିଷାଦ-ବିଷଣ୍ଣ ବିଶ୍ୱମ୍ଭର ନିମାଇଁ ପଣ୍ଡିତ । ଶ୍ରୀମୁଖ ନିସୃତ ବାଣୀରେ ବଜ୍ରାହତ ହେବାର ଗୋଟାଏ ଅଜ୍ଞାତ ଆଶଙ୍କା, ଅବୋଧ ଆତଙ୍କ ନିତ୍ୟାନନ୍ଦଙ୍କ ମନରେ ।

" ଏତେ ଦିନ ଅତି ଆନନ୍ଦରେ କାଳାତିପାତ କରି ଆସିଲି ଆପଣମାନଙ୍କ ଗହଣରେ, ଆପଣମାନଙ୍କ ନିର୍ମଳ ସ୍ନେହର ପ୍ରବଳ ଆବେଗରେ ଅହରହ ଭାସମାନ ହୋଇ ହରିନାମ ସଂକୀର୍ତ୍ତନ ମଧ୍ୟରେ । ଅସ୍ୱୀକୃତ ହେବାର ସମ୍ଭାବନା ନ ରଖି କହି ପାରେଁ ଯେ ଆପଣମାନେ ମଧ୍ୟ ପରମ ତୃପ୍ତି ଲାଭ କରୁଥିଲେ ପରସ୍ପର ସାନ୍ନିଧ୍ୟରେ, ଭାବ ବିନିମୟରେ, କୀର୍ତ୍ତନାନନ୍ଦରେ, ଲୀଳାରସ ଆସ୍ୱାଦନରେ, ଇଷ୍ଟ ଗୋଷ୍ଠୀ ସହ ଆମୋଦରେ । ମନେ ହେଉଥିଲା ଜାଗତିକ ଜୀବର ଉଦ୍ଧାର ପାଇ ଏହାହିଁ ଯଥେଷ୍ଟ ! ମାତ୍ର ଭୁଲ୍ ହୋଇଗଲା, ଶ୍ରୀପାଦ ଭୁଲ୍ ହୋଇଗଲା । ଭ୍ରାନ୍ତ ! ଭ୍ରାନ୍ତ ! ଭ୍ରାନ୍ତି ! ଓଃ !"

ଲୁହରେ ଗ୍ରୀବାଯୁଗ୍ମ ବାନ୍ଧିବାରେ ଲାଗିଲେ ମହାପ୍ରଭୁ ।
ନିର୍ମମ, ନିଃସଙ୍ଗ, ସନ୍ନ୍ୟାସୀ ନିତ୍ୟାନନ୍ଦଙ୍କ ଚକ୍ଷୁରେ ମଧ୍ୟ ଲୋତକର ଘନଘଟା ।

"ମୋର ଏ ସୁଖ ଆନନ୍ଦ ମନେ ହୁଏ ଆଉ କାହାରି କାମ୍ୟ ହୋଇ ରହି ନାହିଁ । ମୋ ଚକ୍ଷୁର ଅଶ୍ରୁ, ଦୁଃଖ ଜର୍ଜରିତ ଅଶ୍ରୁଝରର ବର୍ଷଣ ବିନା ବୋଧହୁଏ ଜୀବ ହରିନାମ ଗ୍ରହଣ କରିବାକୁ କୁଣ୍ଠିତ ।"

" ପ୍ରଭୁ" ! ଚିତ୍କାର କରି ଉଠିଲେ ଶ୍ରୀପାଦ ନିତ୍ୟାନନ୍ଦ ।

" ମୋର ଏ ବୋଧ ସତ୍ୟ । ଏ ନୂତନ ପରିସ୍ଥିତି ସଂବନ୍ଧରେ ଆପଣ କ'ଣ ଅବଗତ ନାହାନ୍ତି ? ମୋର ବାହ୍ୟ ବିଳାସ ପଣ୍ଡିତମାନଙ୍କର ସହ୍ୟ ନୁହେଁ । ତେବେ କାହିଁକି ଏ ସଂସାର ସୁଖ ! ଆସିଥିଲି ଜୀବର ଉଦ୍ଧାର ପାଇଁ, ଜଗଜନର କଲ୍ୟାଣ ଉଦ୍ଦେଶରେ, ମାତ୍ର—"

ଆବେଗରୁଦ୍ଧ ଗଦ୍‌ଗଦ କଣ୍ଠରେ ନିତ୍ୟାନନ୍ଦ କହିଲେ—" କଣ କହିବାକୁ ଚାହୁଁଛନ୍ତି ପ୍ରଭୁ ? ମୋର ବୋଧର ଅଗମ୍ୟ " । ମନେ ମନେ ଯେପରି ଆପେ ଆପଣାକୁ କହିବାରେ ଲାଗିଥାନ୍ତି—" ମୁଁ ଚାହେଁ ନାହିଁ ବୁଝିବାକୁ—ଶୁଣିବା ମୋର ପ୍ରୟୋଜନର ବାହାରେ" ।

କିନ୍ତୁ ବୁଝିବାକୁ ଆଉ ବାକି ନ ଥିଲା କିଛି ନିତ୍ୟାନନ୍ଦଙ୍କର । ତାଙ୍କ ଆଖି ଆଗରେ ସ୍ପଷ୍ଟତର ହୋଇ ଉଠିଲା ଗୌରାଙ୍ଗଙ୍କର ଏକ ନିରାଡ଼ମ୍ବର ବେଶ । ଗୌର ସନ୍ନ୍ୟାସ ! ସ୍ତମ୍ଭିତ ହୋଇ ଉଠିଲା ନିତ୍ୟାନନ୍ଦଙ୍କ ପ୍ରାଣ । ସେ କି ଚମକ ! କ୍ଷଣକ ପାଇଁ

Source: Author, Digitized by PPRACHIN, SOA

ଯେପରି କ୍ଷଣିକା ଚପଳାର ଚମତ୍କାର ବିଦ୍ୟୁତ୍ ସ୍ପର୍ଶରେ ଶରଚ୍ଚନ୍ଦ୍ରସ୍ତ ବଦନମଣ୍ଡଳର ବିମଳ ଅମଳିନ କାନ୍ତି କାଳିମାକ୍ତ ହୋଇଗଲା ।

ମନେ ପଡ଼ିଗଲା ନିତ୍ୟାନନ୍ଦଙ୍କର ସେ ଦିନର ସେ ଶୋଚନୀୟ ଦୁର୍ଘଟଣା । ସତେ କଣ ସେ ଦୁଃସ୍ୱପ୍ନ ଆଜି ସତ୍ୟରେ ପରିଣତ ହୋଇଯିବ ! ନିଜେ ସୃଷ୍ଟିକର୍ତ୍ତାର ମଧ୍ୟ ନିଜ ସୃଷ୍ଟି ବିଧାନରୁ ଉଦ୍ଧାର ନାହିଁ । ବ୍ରାହ୍ମଣର ଅଭିଶାପ ଯେପରି ଅବ୍ୟର୍ଥ ।

ଗଙ୍ଗାଘାଟର । ଭକ୍ତ ଗୋଷ୍ଠୀସହ ଗୃହ ପ୍ରତ୍ୟାବର୍ତ୍ତନ କରୁଛନ୍ତି ଶ୍ରୀ ଗୌରାଙ୍ଗ ସ୍ନାନ ସମାପନାନ୍ତେ । ସହସା ଏକ କ୍ରୁଦ୍ଧ ସାଗ୍ନିକ ବ୍ରାହ୍ମଣ ସମ୍ମୁଖରେ ଦଣ୍ଡାୟମାନ ପଥରୁଦ୍ଧ କରି ।

"ନିମାଇଁ ପଣ୍ଡିତ" !

ଅନୁଦ୍ରିକ୍ତ ହେଲେହେଁ ବଜ୍ର ନିର୍ଘୋଷ କଣ୍ଠରେ ଅସ୍ୱାଭାବିକ ରୋଷକଷାୟିତ ଚକ୍ଷୁରୁ କ୍ରୋଧାଗ୍ନି ନିକ୍ଷେପ କରି ଆରମ୍ଭ କରିଦେଲା ବ୍ରାହ୍ମଣ—"ନିମାଇଁ ପଣ୍ଡିତ, ଦିନେ ନୁହେଁ ଅଟେ ନୁହେଁ, ଦୁଇ ଦୁଇ ଦିନ ତମେ 'ମୋତେ ଅପମାନିତ କରିଛ । ମୁଁ ତମର ସଂକୀର୍ତ୍ତନ ଶୁଣିବାକୁ ଦୁଇ ଦୁଇ ବାର ଶ୍ରୀବାସ ଦ୍ୱାରରୁ ପ୍ରତ୍ୟାଖ୍ୟାତ ହୋଇଛି । ମୁଁ ଯଦି ପ୍ରକୃତରେ ନୈଷ୍ଠିକ ବ୍ରାହ୍ମଣ ହୋଇଥାଏଁ, ମୁଁ ଏହି ଅଭିଶାପ ଦେଉଛି—'ତୋର ସଂସାର ସୁଖ ନଷ୍ଟ ହୋଇଯାଉ !'

ଆନନ୍ଦରେ ନାଚି ଉଠିଥିଲେ ସେଦିନ ନିମାଇଁ ପଣ୍ଡିତ ଏଇ ଅଭିଶାପ ପ୍ରଦାନକାରୀ ବ୍ରାହ୍ମଣଙ୍କୁ ସଭକ୍ତି କୃତଜ୍ଞତା ଜ୍ଞାପନ କରି । ମନେ ହେଲା, ସତେ ଯେପରି ଭଣ୍ଡ ବ୍ରାହ୍ମଣର ବ୍ୟର୍ଥ ଅଭିଶାପ ପ୍ରତି ସ୍ୱୟଂ ବିଶ୍ୱକର୍ତ୍ତା ବିଶ୍ୱମ୍ଭରଙ୍କର ଏ ଏକ ଉପହାସ ମାତ୍ର । ମାତ୍ର ତାହା ଯେ ଦିନେ ବାସ୍ତବରେ ପରିଣତ ହେବ, ସେ କଥା କେହି କଳ୍ପନା ମଧ୍ୟ କରିନଥିଲେ ସେଦିନ ।

ନିତ୍ୟାନନ୍ଦ ନିଜେ ସନ୍ନ୍ୟାସୀ । ସନ୍ନ୍ୟାସ ଜୀବନର କଠୋରତା ସଙ୍ଗେ ସଙ୍ଗେ ଶୁଷ୍କତା ସମ୍ବନ୍ଧରେ ସେ ସମ୍ପୂର୍ଣ୍ଣ ଅବଗତ । ନିଜେ ନିଜକୁ ସେ ନିର୍ମମତାର ଅଧୀନସ୍ଥ କରିବାକୁ କୁଣ୍ଠିତ ନୁହନ୍ତି । ବରଂ ମହାନନ୍ଦରେ ବରଣ କରିଛନ୍ତି ସେହି ସନ୍ନ୍ୟାସୀସୁଲଭ ନୀରସ କଠୋର ଜୀବନ । ମାତ୍ର ଗୌରକୋମଳ ଅଙ୍ଗରେ ତାର ସ୍ପର୍ଶମାତ୍ର ସହ୍ୟ କରିବାକୁ ସେ ପ୍ରସ୍ତୁତ ନୁହନ୍ତି । ଗୌରସୁଖ ସମ୍ପାଦନ ପାଇଁ ସେ ସମସ୍ତ କ୍ଲେଶ ସ୍ୱାଗତ କରିବାକୁ ଆଗ୍ରହୀ । ମାତ୍ର ଗୌର ଅଙ୍ଗରେ ସାମାନ୍ୟ ଆଘାତ ଅସହ୍ୟ ନିତ୍ୟାନନ୍ଦଙ୍କ ପକ୍ଷରେ ।

ଅନ୍ୟ ଦିଗରେ ଭକ୍ତଦ୍ୱେଷୀ ପଢ଼ୁଆ ପଣ୍ଡିତମାନଙ୍କର ଅପ୍ରମିତ କୁତ୍ସାରଟନା ଜନିତ ମହାପ୍ରଭୁଙ୍କ ମନରେ ଯେଉଁ ଆଘାତ, ତାହା ମଧ୍ୟ ନିତ୍ୟାନନ୍ଦଙ୍କ ପକ୍ଷରେ ଦୁଃସହ । ମହାପ୍ରଭୁଙ୍କ କର୍ଣ୍ଣଗୋଚର ହେବା ସଙ୍ଗେ ସଙ୍ଗେ ନିତ୍ୟାନନ୍ଦ ମଧ୍ୟ ଶୁଣିବାକୁ ପାଇଲେ ସେ ଅପପ୍ରଚାର—ସେ ଅନ୍ୟାୟ ଅପବାଦ—

......ଯେତେ ପଢ଼ୁଆ ପଣ୍ଡିତ
ନିନ୍ଦା ଆରମ୍ଭିଲେ ପ୍ରଭୁପ୍ରତି ଅପ୍ରମିତ ।
ଭ୍ରଷ୍ଟ କଲା ସାରଦେଶ ଏକା ଏ ନିମାଇଁ ।।
ବ୍ରାହ୍ମଣେ ଉଠାଏ ହାତ ଧର୍ମେ ଭୟ ନାହିଁ ।

Source: Author, Digitized by PPRACHIN, SOA

ପୁଣି ହାତ ଉଠାଇଲେ ମାରିବା ତାହାରେ;
କି ଗୁରୁ ମଣିଷ କିଏ କିବା କରିପାରେ । (ଚୈ: ଭା:)

ମାତ୍ର ଏହାର ପରିଣାମ କଣ ? ମହାପ୍ରଭୁଙ୍କୁ ମନୁଷ୍ୟ ମନେକଲେ ମଧ୍ୟ ପରମ ଭାଗବତ ଭକ୍ତ ଶିରୋମଣି ସେ । ତାଙ୍କ ପ୍ରତି କଟାକ୍ଷ ! ବୈଷ୍ଣବ ଅପରାଧରେ ଏମାନଙ୍କର ଅବଶ୍ୟମ୍ଭାବୀ ଘୋର ଦୁର୍ଗତି ସମ୍ବନ୍ଧରେ ମଧ୍ୟ ନିତ୍ୟାନନ୍ଦ ସାବହିତ ।

ପ୍ରଭୁଙ୍କୁ ଏମନ୍ତେ ନିନ୍ଦ ବୁଦ୍ଧି ହେଲା ନାଶ ।
ସୁପଠିତ ବିଦ୍ୟା କାରେ ନ ହେଲା ପ୍ରକାଶ ।
ତଥାପି ନୁହନ୍ତି ନମ୍ର ଦାମ୍ଭିକ ପଣ୍ଡିତେ ।
ଯାହା ତାହା ନିନ୍ଦା ହାସ୍ୟ କଲେ ଅପ୍ରମିତେ । (ଚୈ: ଭା)

ପ୍ରଭୁ ଅତ୍ୟନ୍ତ ଚିନ୍ତାକୁଳ । ଲକ୍ଷ କଲେ ନିତ୍ୟାନନ୍ଦ । ହୃଦୟଙ୍ଗମ କଲେ ଭକ୍ତ ବୃନ୍ଦ, ହରିଦାସ ଶ୍ରୀ ଅଦ୍ୱୈତ ।

ଯେତେ ଅଧ୍ୟାପକ ଯେତେ ତାଙ୍କ ଶିଷ୍ୟଗଣ
ଧର୍ମୀ କର୍ମୀ ତପୋ ନିଷ୍ଠ ନିନ୍ଦୁକ ଦୁର୍ଜନ ।
ମୋହ ଅପରାଧୁଁ ମୁକ୍ତ ଲଭି ଭକ୍ତି ଧନ ।
ପାଇବାରେ ମୋହ ବିନୁ ନ ହେବ ଭାଜନ ।
ଆସିଲି ମୁଁ ନିସ୍ତାରଣେ ହେଲା ବିପରୀତ ।
ଏ ଦୁର୍ଜନମାନଙ୍କର କେହ୍ନେ ହେବ ହିତ ।
ପ୍ରଥମେ ପ୍ରଣମି ମୋତେ ହେବ ପାପ କ୍ଷୟ ।
ତେବେ ସେନାଇଲେ ସିନା ଭକତି ଉଦୟ ।
ମୋ ନିନ୍ଦୁକେ ମୋତେ ନ କରନ୍ତି ନମସ୍କାର ।
ସେ ସବୁ ଜୀବେ ଅବଶ୍ୟ କରିବି ନିସ୍ତାର । (ଚୈ: ଭା:)

କି ଅଟଳ ପ୍ରତିଜ୍ଞା ! ଶରଣାଗତ ଭକ୍ତମାନଙ୍କର ଉଦ୍ଧାର ପାଇଁ ନୁହେଁ; ଦୁର୍ବୃତ୍ତ ଦୁଷ୍କୃତ ପାପୀତାପୀଙ୍କର ପରିତ୍ରାଣ ପାଇଁ ନୁହେଁ; ଏ ପ୍ରତିଜ୍ଞା ପ୍ରତିପକ୍ଷର କଲ୍ୟାଣ ସାଧନ ପାଇଁ; ଶତ୍ରୁର ମଙ୍ଗଳ ବିଧାନ ନିମନ୍ତେ; ନିନ୍ଦୁକ, ଦୁର୍ଜନ, ଭକ୍ତଦ୍ୱେଷିମାନଙ୍କର ଉଦ୍ଧାର ଉଦ୍ଦେଶ୍ୟରେ । ମର୍ତ୍ତ୍ୟ ଜଗତରେ ଏ ପ୍ରକାର ପରମ ସହୃଦୟତା ବାସ୍ତବରେ ବିରଳ । ଅପୂର୍ବ, ଅସମ୍ଭବ ଏତାଦୃଶ କରୁଣାସିନ୍ଧୁ ଅବତାର ହୋଇନାହିଁ ଆଉ ହେବାର ନୋହେ ।

ଅପରାଧୀ ଏମାନେ । ଘୋର ଅପରାଧୀ । ନିନ୍ଦୁକ ଦୁର୍ଜନ । ବୈଷ୍ଣବ-ଅପରାଧରେ ଅପରାଧୀ । କୃଷ୍ଣନାମ ଗ୍ରହଣ କରି ମଧ୍ୟ ବଞ୍ଚିତ ଏମାନେ, ପରମ ପୁରୁଷାର୍ଥ ପ୍ରେମଧନରୁ ।

ବାରେକ ଶ୍ରୀକୃଷ୍ଣ ନାମ ଯେତେ ପାପ ହରେ,
ପାପୀ ହୋଇ ପାପ ସେତେ କରିହିଁ ନପାରେ ।

Source: Author, Digitized by PPRACHIN, SOA

ଏମନ୍ତ ଶ୍ରୀକୃଷ୍ଣ ନାମ ନେଲେ ବହୁବାର,
ତଥାପି ନହେଲେ ପ୍ରେମ ବହେ ଅଶ୍ରୁଧାର ।
ଜାଣ ତାର ଅପରାଧ ରହିଛି ପ୍ରଚୁର,
କୃଷ୍ଣ ପ୍ରେମ ବୀଜ ତହିଁ ନହୁଏ ଅଙ୍କୁର । (ଚୈ: ଚ.)

କିନ୍ତୁ ଏ ଅପରାଧ ଖଣ୍ଡନର ଉପାୟ ? ହରିଦାସ ଚିନ୍ତା କରୁଛନ୍ତି । ଉପାୟ ଅତି ସରଳ ଓ ସହଜ । ନିତାଇ, ଚୈତନ୍ୟ ନାମ ଏସବୁ ବିଚାରର ଅପେକ୍ଷା କରେନାହିଁ । ମାତ୍ର ନିତାଇଚୈତନ୍ୟବିମୁଖୀ ଲୋକପକ୍ଷରେ ଏ ଉପସର୍ଗର ଅପନୋଦନ ପାଇଁ କ'ଣ ଉପାୟାନ୍ତର ନାହିଁ ? ମହାପ୍ରଭୁଙ୍କର ଚରମ ତ୍ୟାଗ ହିଁ କ'ଣ ଏହାର ଏକମାତ୍ର ପ୍ରତିକାର ?

ସନ୍ନ୍ୟାସ ! ସନ୍ନ୍ୟାସ ଗ୍ରହଣ କରିବେ ମହାପ୍ରଭୁ ? ଏହାହିଁ କଣ ପ୍ରତିବିଧାନ ?

ନିତ୍ୟାନନ୍ଦ ଓ ଗୌରଚନ୍ଦ୍ରଙ୍କ ମଧ୍ୟରେ ଏକାନ୍ତରେ ସେ ପରାମର୍ଶର ସୂଚନା ପାଇଲେ ହରିଦାସ ସର୍ବପ୍ରଥମ । ଅନୁମାନହିଁ ତାଙ୍କର ସତ୍ୟ ହେଲା । ସେ ଦିନ, ମାତ୍ର କେତେଦିନ ପୂର୍ବେ କି ଦୁର୍ଯୋଗରେ ନବଦ୍ୱୀପରେ ଉପସ୍ଥିତ ହେଲେ ସନ୍ନ୍ୟାସୀ କେଶବ ଭାରତୀ । କାଟୋୟାର ଅଧିବାସୀ । ସାଧନା କୁଟୀର ତାଙ୍କର କାଟୋୟାରେ ।

ମହାପ୍ରଭୁ ସେତେବେଳେ ଭାବାବେଶରେ । ଭାରତୀଙ୍କୁ ଦେଖିବା ମାତ୍ରେ ସମ୍ବୋଧନ କରି ବସିଲେ—"ଅକ୍ରୂର, ନା—ନା, ମୁଁ ବଞ୍ଚିପାରିବି ନାହିଁ ଅକ୍ରୂର !! କୃଷ୍ଣବିନା ମୁହୂର୍ତ୍ତେ ମଧ୍ୟ ଜୀବନ ଧାରଣ ଅସମ୍ଭବ । ଫେରିଯାଅ ଫେରିଯାଅ କଂସଦୂତ ! କୃଷ୍ଣଙ୍କୁ ମଥୁରା ନେଇଯିବା କଥା କହନାହିଁ ମୋତେ ।"

ଅଶ୍ରୁ-ଅମ୍ବୁଧିର ଭିତରେ ନେତ୍ର ନିମିଳିତ ।

ଭାରତୀ ସେହି ଆକୁଳ ଆପ୍ଲୁତ ନେତ୍ର ବିଷଣ୍ଣ ବଦନର ଦିବ୍ୟକାନ୍ତିକୁ ସଚକିତ ନୟନରେ ଚାହିଁ ରହିଛନ୍ତି । ଏହି ଜ୍ୟୋତିର୍ମୟ ପୁରୁଷ କିଏ ? ତରଳ ସ୍ୱର୍ଣ୍ଣାଚଳବର୍ଣ୍ଣ କାନ୍ତି । ସ୍ୱେଦସ୍ତମ୍ଭକମ୍ପାଶ୍ରୁପୁଲକବିମଣ୍ଡିତ ଗାତ୍ର । ହର୍ଷୋନ୍ମାଦୋନ୍ମତ୍ତ ଲାସ୍ୟ । ଏ ରୂପ କଣ ଭୂଲୋକର ନା ଗୋଲକର ?

ସ୍ତମ୍ଭୀଭୂତ ଭାରତୀ । ହରିଦାସ ପ୍ରଭୃତି ଭକ୍ତବୃନ୍ଦ କେଶବଭାରତୀଙ୍କର ଭାବ ଅବଲୋକନରେ ଅନୁଭବ କରୁଛନ୍ତି ଅପାର ଆନନ୍ଦ ।

ପ୍ରକୃତିସ୍ଥ ଗୌରାଙ୍ଗଙ୍କର ପ୍ରଣତି ଜଣାଣରେ ଆଶୀର୍ବାଦ କଲେ ଭାରତୀ । "ଶ୍ରୀକୃଷ୍ଣଙ୍କଠାରେ ମତି ରହୁ !"

ସେ ଆଶୀର୍ବାଦ ଯେପରି ଆଶୀର୍ବାଦ ନୁହେଁ, ଅଭିଶାପ । ସେହି ଆଶୀର୍ବାଦହିଁ ଯେପରି ଶ୍ରୀଗୌର ସନ୍ନ୍ୟାସର ସମ୍ମୋହନ ! ମନେକଲେ ହରିଦାସ ।

ନିମାଇଁ ପଣ୍ଡିତଙ୍କ ଗୃହରେ ହିଁ ଭିକ୍ଷାଶ୍ରୟ କଲେ କେଶବଭାରତୀ । ଅତି ଆନନ୍ଦର କଥା । ଶଚୀମାତାଙ୍କର ଆଦର ଅଭ୍ୟର୍ଥନାରେ ଅଭାବ ନଥିଲା । ତ୍ରୁଟି ନଥିଲା । ମାତ୍ର ସେଦିନ ମଧ୍ୟ ଅନ୍ୟମାନଙ୍କ ପରି ଆତଙ୍କିତ ହୋଇ ପଡ଼ିଥିବେ ଶଚୀମାତା । ଆଈ !

ଆତଙ୍କିତ ହୋଇ ପଡ଼ିଥିଲେ ହରିଦାସ । ସନ୍ନ୍ୟାସୀ ସହିତ ସଂଗୋପନରେ ସେ କି ସଂଳାପ ? ସେ ବାର୍ତ୍ତାଳାପ ପୁଣି ଲୋକଲୋଚନର ଅନ୍ତରାଳରେ । ଲକ୍ଷ୍ୟ କରିଥିଲେ ହରିଦାସ । ସେଦିନର ଆଶଙ୍କା ଆଜି ସତ୍ୟ ହେବାକୁ ଯାଉଛି ।

Source: Author, Digitized by PPRACHIN, SOA

ଭାରତୀୟ ସଂସ୍କୃତିରେ ସେତେବେଳେ ସନ୍ନ୍ୟାସର ସ୍ଥାନ ସର୍ବୋପରି । ଗୃହ ଆଶ୍ରମର ଶେଷ ପର୍ଯ୍ୟାୟ ଯତିବ୍ରତ । ବର୍ଣ୍ଣାଶ୍ରମର ମାଳିନ୍ୟ ପରେ ମଧ୍ୟ ଶଙ୍କର, ରାମାନୁଜ, ମଧ୍ୱାଚାର୍ଯ୍ୟ ପ୍ରଭୃତି ମହାପୁରୁଷମାନଙ୍କର ଜୀବନାଦର୍ଶରେ ତାହାହିଁ ପ୍ରମାଣିତ । ସେଥିପାଇଁ ସନ୍ନ୍ୟାସୀ ସର୍ବଜନନମସ୍ୟ । ସନ୍ନ୍ୟାସୀର ନିନ୍ଦା ମହାପାପ । ହିନ୍ଦୁମାନେ ବିଶ୍ୱାସ କରନ୍ତି । ତେଣୁ ସନ୍ନ୍ୟାସୀ ହେବା ବରଂ ଶ୍ରେୟସ୍କର । ନିନ୍ଦା କଟାକ୍ଷର ପ୍ରଶ୍ନ ନ ଥିବ । ସାମାଜିକ ପ୍ରଥାନୁସାରେ ବାଧ୍ୟ ହୋଇ ସନ୍ନ୍ୟାସୀ ଶ୍ରୀ ଗୌରାଙ୍ଗଙ୍କର ପଦ୍ମରେ ପ୍ରଣିପାତ କରିବେ ସମସ୍ତେ । ତାହାହିଁ ଅପରାଧ କ୍ଷାଳନର ସର୍ବୋତ୍ତମ ଉପାୟ ।

ମହାପ୍ରଭୁ ସ୍ଥିର କଲେ ସେ ସନ୍ନ୍ୟାସ ଗ୍ରହଣ କରିବେ ।

ମୋତେ ନିନ୍ଦା କରି କରେ ନାହିଁ ନମସ୍କାର
ଏ ସବୁ ଜୀବେ ଅବଶ୍ୟ କରିବି ଉଦ୍ଧାର ।।
ତେଣୁ ମୁଁ ଅବଶ୍ୟ ହେବି ସାକ୍ଷାତେ ସନ୍ନ୍ୟାସୀ ।
ସନ୍ନ୍ୟାସୀ ଜ୍ଞାନେ ସକଳେ ପ୍ରଣମିବେ ଆସି ।।
ପ୍ରଣିପାତେ ଏ ସବୁର ଅପରାଧ କ୍ଷୟ ।
କରିବି ନିର୍ମଳ ହୃଦେ ଭକତି ଉଦୟ ।।
ତେବେ ଯାଇ ଏ ପାଷଣ୍ଡୀ ହୋଇବେ ନିସ୍ତାର ।
ଉପାୟ ଅନ୍ତର ନାହିଁ ଏହି ଯୁକ୍ତି ସାର ।। (ଚୈ.ଚ)

"ପ୍ରଭୁ, ତେବେ କ'ଣ ଆପଣ ବାସ୍ତବରେ ସନ୍ନ୍ୟାସ ଗ୍ରହଣ କରିବେ ?" ପଚାରିଲେ ନିତ୍ୟାନନ୍ଦ ।

"ମୁଁ ତାହାହିଁ ସ୍ଥିର କରିଛି ଶ୍ରୀପାଦ" ଦୃଢ ଗମ୍ଭୀର କଣ୍ଠରେ ଉତ୍ତର ଦେଲେ ମହାପ୍ରଭୁ ।

ନିତ୍ୟାନନ୍ଦ କାତର କ୍ରନ୍ଦନରେ ଅନ୍ଧ, ଅଧୀର ।

"ଶୁଣ ଶ୍ରୀପାଦ," ମହାପ୍ରଭୁ ଅତି ଧୀର କଣ୍ଠରେ ସାନ୍ତ୍ୱନାର ବାଣୀ ଶୁଣାଇଲେ—"ଅଶ୍ରୁଜଳ ହିଁ ସର୍ବଶ୍ରେଷ୍ଠ ତର୍ପଣ । କ୍ରନ୍ଦନ ବିନା ଦୟାମୟର ସନ୍ଧାନ ମିଳେ ନାହିଁ । ସମସ୍ତଙ୍କୁ କନ୍ଦାଇବାକୁ ହେଲେ ପ୍ରଥମେ ନିଜେ କାନ୍ଦିବାକୁ ହେବ ।

"କିନ୍ତୁ ପ୍ରଭୁ, ଆପଣ ଯେ······ଆପଣ ଯେ···" ବାକ୍ୟ ସ୍ଫୁରିଲା ନାହିଁ ନିତ୍ୟାନନ୍ଦଙ୍କର ।

"ମୁଁ ଜାଣେ, ସମସ୍ତେ କାନ୍ଦିବେ । ମୋତେ ଛାଡ଼ି ଆପଣମାନଙ୍କର ସାହଚର୍ଯ୍ୟ କଷ୍ଟ ସୁନିଶ୍ଚିତ । ଆପଣମାନେ ନୁହନ୍ତି, ମୋର ବୃଦ୍ଧା, ପୁତ୍ରଗତପ୍ରାଣା, ପତିହୀନା ମାତା, ମୋର ସଂସାର ଅନଭିଜ୍ଞ ବାଳିକା କୋମଳମତି ବିଷ୍ଣୁପ୍ରିୟା—ସମସ୍ତେ—ସମସ୍ତେ···"

ମହାପ୍ରଭୁ କାନ୍ଦିବାରେ ଲାଗିଲେ । କ୍ଷଣକପରେ ଅଶ୍ରୁ ସମ୍ବରଣ କରି କହିଲେ——"ମାତ୍ର ଉପାୟ କଣ ଶ୍ରୀପାଦ ? ମୁଁ ଜୀବ ଉଦ୍ଧାର କରିବାକୁ ଆସିଛି । ସେହି ସାଧୁ କାର୍ଯ୍ୟରେ, ମୋର ସହାୟକ କେବଳ ଆପଣମାନେ । ଆମେ ସମସ୍ତେ କାନ୍ଦିବା ।

Source: Author, Digitized by PPRACHIN, SOA

ଆପଣମାନେ ମୋର ଯେଉଁ ସ୍ୱାଭାବିକ ରୂପ ଦେଖି ଆନନ୍ଦ ଲାଭ କରୁଥିଲେ ଜୀବ ଉଦ୍ଧାର ବ୍ରତରେ ତାହା ଅନ୍ତର୍ହିତ । ଜୀବ ଦୁଃଖ ଅଶ୍ରୁ । ଆନନ୍ଦ ନୁହେଁ । ଆପଣମାନଙ୍କ ଅଶ୍ରୁ ମୋର ବିଚ୍ଛେଦରେ; ମୋର ଅଶ୍ରୁ ଆପଣମାନଙ୍କ ଦୁଃଖରେ । ଏ କେବଳ ଅଶ୍ରୁର ବିନିମୟ । ଅଶ୍ରୁର ଉତ୍ସବ । ଜୀବକୁ ଶିବରେ ପରିଣତ କରିବାକୁ ହେବ ଶ୍ରୀପାଦ, ଅବଲମ୍ବନ କରିବାକୁ ହେବ । ସାକ୍ଷୀ ଏଇ ସୂର୍ଯ୍ୟ—ଶିରୋପରି ଏଇ ଭାସ୍କର, ସତ୍ୟର ପ୍ରକାଶ ! ମୁଁ ସନ୍ନ୍ୟାସ ଗ୍ରହଣ କରିବି କେବଳ ଜୀବର କଲ୍ୟାଣ ପାଇଁ । ଅନ୍ୟ କୌଣସି କାରଣ ନାହିଁ । ଜୀବର ତୃପ୍ତିରେ ହିଁ ମୋର ତୃପ୍ତି । ପରମ ତୃପ୍ତି ।

ସହଜେ ସର୍ବଦା ବାଳକସୁଲଭସ୍ୱଭାବ ନିତ୍ୟାନନ୍ଦଙ୍କର । ପିତୃହୀନ ଅରକ୍ଷ ସନ୍ତାନ ଭଳି କାନ୍ଦିବାକୁ ଲାଗିଲେ । ସେ କି କ୍ରନ୍ଦନ ! ବଜ୍ରର ନିର୍ମମ, ନିଷ୍ଠୁର, କଠୋର ହୃଦୟ ଯେପରି ତରଳି ପଡ଼ୁଛି ।

"ଶ୍ରୀପାଦ", ମହାପ୍ରଭୁ ସାନ୍ତ୍ୱନା ଦେଲେ ।" ତମେ ସ୍ଥିର ନ ହେଲେ ସବୁ ବିଫଳ ହୋଇଯିବ । ତମେ, ଅଦ୍ୱୈତ । ଶ୍ରୀବାସ, ହରିଦାସ, ମୋର ବଳ । ତୁମ୍ଭେମାନେ ହିଁ ମୋର ଶକ୍ତି । ଶକ୍ତି ଓ ଶକ୍ତିମାନ୍ ମଧ୍ୟରେ କଣ ବିଚ୍ଛେଦ ସମ୍ଭବ ? ବିଚ୍ଛେଦ କେବଳ ଲୌକିକ ।"

" କିନ୍ତୁ ପ୍ରଭୁ, ବୃଦ୍ଧା ଜନନୀ, କିଶୋରୀ ବଧୂ ?"

" ତୁମ୍ଭେମାନେ ହିଁ ସେ ଦୁହିଁଙ୍କର ସାନ୍ତ୍ୱନାର କେନ୍ଦ୍ର ।"

"ପାରିବୁଁ ନାହିଁ, ପ୍ରଭୁ, ପାରିବୁ ନାହିଁ । ଏକାନ୍ତ ଅକ୍ଷମ ଆମ୍ଭେମାନେ ।"

" ଶ୍ରୀପାଦ ଏହି ଜୀବ ଉଦ୍ଧାର ଅଭିଯାନରେ ସେହି ଅବିରତ ଯନ୍ତ୍ରଣା ହିଁ ମୋର ପାଥେୟ । ସେହି ଆତୁର ଆର୍ତ୍ତନାଦରେ ହିଁ ଉଚ୍ଚାରିତ ହେବ ଭଗବାନଙ୍କର ମନ୍ତ୍ରମୟୀ ଶକ୍ତି 'ହରିନାମ' । ସେହି ମନ୍ତ୍ର ଉଚ୍ଚାରଣ ଦ୍ୱାରା ହିଁ ମନୁଷ୍ୟ ମନୁଷ୍ୟ ମଧ୍ୟରେ ସାମ୍ୟ ପ୍ରତିଷ୍ଠିତ ହେବ । ଭେଦ ବିଦୂରିତ ହେବ ।"

ନିତ୍ୟାନନ୍ଦ ଆପତ୍ତି କରିବା ପାଇଁ ଅନୁରୂପ ଭାଷା ପାଉ ନାହାନ୍ତି ।

କିନ୍ତୁ ଶ୍ରୀବାସ ଅଙ୍ଗନ ରୋଦନ ପରିଣତ ହେଲା ନିରଙ୍କୁଶ ଏକ ବିଦର୍ଭ ଭୂମିରେ । ଘନୀଭୂତ ହୋଇ ଆସିଲା ସର୍ବଗ୍ରାସୀ ଏକ ବିବର୍ଣ୍ଣ ଶର୍ବରୀ । ଗର୍ଭରେ ତାର ଅତି କରୁଣ ହୃଦୟବିଦୀର୍ଣ୍ଣକାରୀ କ୍ରନ୍ଦନର ବିଷର୍ଣ୍ଣ ପଦ । କେବଳ ଅଶ୍ରୁ । ଅଶ୍ରୁ ! ଅଜସ୍ର ବର୍ଷା ! ଅଶ୍ରୁ ନୁହେଁ, ଅଶ୍ରୁ କେବଳ ଛଳ । ସେ ଯେ ଅଶେଷ ପ୍ରେମର ପ୍ରବାହ । ଭକ୍ତ ଓ ଭଗବାନ ଉଭୟଙ୍କର ହୃଦୟର ସଂଘର୍ଷ । ନା-ନା-ସେ ଏକ ଅଗ୍ନିର ପ୍ରବାହ । ବିରହ ଓ ବିଚ୍ଛେଦର ଦାବାନଳ ।

ବିକଶିତ ଶତଦଳ- ଜ୍ୟୋତି-ବିସ୍ତାରୀ ନେତ୍ର । ଅବିରତ ବିଗଳିତ ହେଉଛି ଶତ ସହସ୍ର ଧାରରେ ପ୍ରେମାଶ୍ରୁ । ଶତଧା ବିଦୀର୍ଣ୍ଣ ଭକ୍ତହୃଦୟର ଅସହ୍ୟ ଯନ୍ତ୍ରଣା ଯେପରି ଆର୍ତ୍ତନାଦ କରି ଉଠୁଛି ଭଗବାନଙ୍କ ଅନ୍ତରରେ !

" ମୁଁ ନିଜେ ନିଜେ ଆତ୍ମଠାରୁ ବାହାରେ । ଅହରହ ସେହି ବଂଶୀ ସ୍ୱନ ମୋତେ ଅସ୍ଥିର କରୁଛି । କୃଷ୍ଣ ବିନା ପ୍ରାଣ, ଜଳ ବିହୁନେ ମୀନ ସଦୃଶ । ତିଷ୍ଠିବା ଅସମ୍ଭବ ।

Source: Author, Digitized by PPRACHIN, SOA

ଅସମ୍ଭବ ଶ୍ରୀପାଦ । ମୋତେ ଗୁଡ ଦଅ, ଗୁଡ଼ ଦଅ ! କାହାନ୍ତି ସେ କୃଷ୍ଣ ? ମୁଁ ତାଙ୍କୁ ଖୋଜି ବାହାର କରିବି । ମୁଁ ଯିବି । ମୋତେ ଗୁଡ ଦଅ ଶ୍ରୀପାଦ ।

ମହାପ୍ରଭୁଙ୍କର ସେ କି କାତର ପ୍ରାର୍ଥନା !

"କିନ୍ତୁ ଗତି କଣ ହେବ ଆମ୍ଭମାନଙ୍କର ?" ଭକ୍ତଗଣ ଯଥାର୍ଥରେ ପ୍ରଶ୍ନ କଲେ ।

"କୃଷ୍ଣ ଯେ ସମସ୍ତଙ୍କର । କୃଷ୍ଣଙ୍କୁ ପାଇଲେ ମୁଁ କଣ କେବଳ ମୋର କରି ରଖିବି ? ମୋର ଅର୍ଜିତ ଧନରେ ତମ ସମସ୍ତଙ୍କର ଅଧିକାର ସାବ୍ୟସ୍ତ ।" ଉତ୍ତର ଦେଲେ ମହାପ୍ରଭୁ ।

"ପ୍ରଭୁ, ତମେଇ ଆମର କୃଷ୍ଣ । ଜଳ ବିହୁନେ ମୀନ । ନିମାଇଁ ବିନେ ନବଦ୍ୱୀପବାସୀ ।" ଶ୍ରୀବାସ ପ୍ରତ୍ୟୁତ୍ତର କଲେ ।" ଆପଣ ଶ୍ରୀକୃଷ୍ଣଙ୍କୁ ଧରି ଫେରନ୍ତୁ । ଭଗବାନ୍ କରନ୍ତୁ । କିନ୍ତୁ ସେ ଅମୂଲ୍ୟନିଧିର ଅଧିକାରୀ ହେବାକୁ ନବଦ୍ୱୀପରେ କେହି ନଥିବେ ।"

"ପ୍ରଭୁ । ଏଇ ମରଣାନ୍ତକ ଆଘାତ ଦେବା ପାଇଁ କ'ଣ ସେଦିନ ମୋର ପ୍ରାଣ ରକ୍ଷା କରିଥିଲେ ?" କୋହ ଉଠିଲା ମୁରାରିର ହୃଦକନ୍ଦରରୁ ।

ମୁରାରି ଅପଲକ ନେତ୍ରରେ ଚାହିଁ ରହିଲେ ମହାପ୍ରଭୁଙ୍କୁ । ମନେ ପଡ଼ିଗଲା ବାଲ୍ୟାବସ୍ଥାରେ ବାଳକ ନିମାଇଁଙ୍କର ସେ ମଧୁର କ୍ରୀଡ଼ାକୌତୁକ । ସେଦିନ ମୁରାରିଙ୍କ ମନରେ ଯେଉଁ କୌତୂହଳ ଜାଗି ଥିଲା ଆଜି ତାର ସମାଧାନ ମିଳିଛି । ମୁରାରିଙ୍କର ମହା ଆନନ୍ଦ । ସେତେବେଳେ ମୁରାରିର ସ୍କନ୍ଧଦେଶରେ ନିମାଇଁ ପଣ୍ଡିତ । ଚତୁର୍ଭୁଜମୂର୍ତ୍ତି ! ମୁରାରି ମହା ଆନନ୍ଦରେ ନିମାଇଁଙ୍କ ଭାର ବହନ କରି ଅକ୍ଲେଶରେ ଅଙ୍ଗନ ପରିକ୍ରମା କରିଥିଲେ, ନିଜକୁ ଗରୁଡ଼ ଜ୍ଞାନ କରି । ସେଦିନ, ସେହି ନିମାଇ ପୁଣି ଶ୍ରୀବାସ ଅଙ୍ଗନରେ ବରାହ-ଅବତାର ଶ୍ଳୋକରେ ଅନୁପ୍ରାଣିତ ହୋଇ ମୁରାରିଙ୍କ ଘରେ ସାକ୍ଷାତ୍ ବରାହ ମୂର୍ତ୍ତିରେ ଉଭାହୋଇଥିଲେ ଦିନେ ।

ଗୋଟି ଗୋଟି ହୋଇ ଅତୀତର ବହୁ ଆଲୌକିକ କାହାଣୀ ମନେ ପଡ଼ି ଯାଉଥାଏ ମୁରାରିଙ୍କର । ଶ୍ରୀବାସ ନିବାସରେ ନବଦୂର୍ବାଦଳ ଶ୍ୟାମ କୋଦଣ୍ଡଧାରୀ ରାମଚନ୍ଦ୍ରଙ୍କର ରୂପ ଦର୍ଶନ କରିଥିଲେ ମୁରାରି ଏ ସେହି ଗୌରାଙ୍ଗ । ମୁରାରିପ୍ରଦତ୍ତ ଘୃତାନ୍ନ-ଭୋଜନଜନିତ ଅଜୀର୍ଣ୍ଣର ନିରାକରଣ, ମୁରାରି ଗୁପ୍ତ ଦତ୍ତ କେବଳ ଜଳପାନ ଫଳରେ । ମୁରାରିଗୁପ୍ତ ବୈଦ୍ୟ ।

ଅତୀତର ସ୍ମରଣରେ ଅସମ୍ଭାଳ ମୁରାରି । ମହାପ୍ରଭୁ ଶତ ଚେଷ୍ଟା ସତ୍ତ୍ୱେ ମୁରାରିଙ୍କୁ ବୋଧ କରିବାରେ ଅସମର୍ଥ ।

"ପ୍ରଭୁ, ଛଳନା କରି ଭୁଲାଇବାର ପ୍ରୟାସ ପରିହାର କର । ତୁମେ କୃଷ୍ଣ । ତୁମେ ସ୍ୱୟଂ ଭଗବାନ, ବ୍ରହ୍ମ, ପରମାତ୍ମା । କୃଷ୍ଣଙ୍କର ଅଶେଷ ଅବତାର ମୁଁ ତମରି ଭିତରେ ଦର୍ଶନ କରି ପାରୁଛି । କୃଷ୍ଣଅନ୍ୱେଷଣ ତମର ଛଳନା ମାତ୍ର । ଆମ୍ଭମାନଙ୍କୁ

Source: Author, Digitized by PPRACHIN, SOA

ନିର୍ମମ ଦାରୁଣ ଆଘାତ ଦେଇ ହତ୍ୟା କରିବାହିଁ ତମର ଏକମାତ୍ର ଉଦ୍ଦେଶ୍ୟ ।" ମୁରାରିଙ୍କର ଆକ୍ଷେପ ମର୍ମନ୍ତୁଦ ।

"ମୁରାରି, ମୁରାରି" ! ଦୁଇ ବାହୁ ପ୍ରସାରଣ କରି ଜଡ଼ାଇ ଧରିଲେ ମହାପ୍ରଭୁ ମୁରାରିଙ୍କୁ ନିଜ ବୁକୁ ମଧ୍ୟରେ । "ଧୈର୍ଯ୍ୟ ଧର ! ମୁଁ ଓ ଅଦ୍ୱୈତ ଅଭିନ୍ନ । ମୋର ଅଭାବରେ ଅଦ୍ୱୈତହିଁ ତମର ଆଶ୍ରୟସ୍ଥଳ ।"

ଅଦ୍ୱୈତ ଓ ଶ୍ରୀ ଗୌରାଙ୍ଗ ଏକ— । ପୁଣି ନିତ୍ୟାନନ୍ଦ ଓ ଶ୍ରୀ ଅଦ୍ୱୈତ ଅଭିନ୍ନ । ତେଣୁ ଅଦ୍ୱୈତ ନାମଧାରଣ ଆଚାର୍ଯ୍ୟଙ୍କର । ପୁଣି ନିତ୍ୟାନନ୍ଦ ଗୌରହରିଙ୍କର ଏକାତ୍ମତା । ଯେଉଁ ବସ୍ତୁ ଅନ୍ୟ ଏକ ବସ୍ତୁ ସହ ସମାନ ସେ ଦୁହେଁ ପରସ୍ପର ସମାନ । ଏ ଯେପରି ଏକ ଜ୍ୟାମିତିକ ସୂତ୍ରର ପ୍ରମାଣ ।" ତେବେ କଣ ମୋର ପ୍ରଭୁ ସାକ୍ଷାତ୍ ଶ୍ରୀକୃଷ୍ଣ ନୁହନ୍ତି" ? ହଠାତ୍ ଶୋକଦଗ୍ଧ ମୁରାରି ମନରେ ଏକ କୌତୁହଳ ସୃଷ୍ଟି । ଅନ୍ତର୍ଯ୍ୟାମୀ ପ୍ରଭୁ ସଙ୍ଗେ ସଂଗେ ପ୍ରଶ୍ନ କରିଛନ୍ତି ମୁରାରିଙ୍କୁ ।

ମୁରାରି, ମୋ ମନରେ ସହସା ଏକ ପ୍ରଶ୍ନ ଜାଗିଛି । ସମାଧାନ କରି ଦେବ ଭାଇ !"

" ପ୍ରଶ୍ନ ? ଆପଣଙ୍କର ପୁଣି ପ୍ରଶ୍ନ ? ଆଉ ତାର ସମାଧାନ କରିବ ମୁରାରି ? ବିସ୍ମିତ ମୁରାରି ମୁଖରେ ପରିହାସ ।

" ପାରିବ, ମୁରାରି ।" ମହାପ୍ରଭୁ ଉତ୍ତର ଦେଲେ । "ସେଇଥିପାଇଁ ତ ତୁମକୁ ମୋର ଏ ପ୍ରଶ୍ନ । ଶୁଣ ମୁରାରି, ମୁଁ ଦେଖିଛି ଏକ ଅଦ୍ଭୁତ ସ୍ୱପ୍ନ । ମୋର ପ୍ରଶ୍ନ ସେହି ସ୍ୱପ୍ନ ଉପରେ ଆଧାରିତ" ।

"କି ସ୍ୱପ୍ନ ପ୍ରଭୁ" ! ମୁରାରି ଆଗ୍ରହରେ ଉଦ୍‌ଗ୍ରୀବ ହୋଇ ରହିଲେ । ଉତ୍ତର ଅପେକ୍ଷାରେ ।

"ମୁଁ ସ୍ୱପ୍ନ ଦେଖିଛି"—ପ୍ରଭୁ ଉତ୍ତର ଦେଲେ । "କିଏ ମୋତେ ଜଣେ କହୁଛି "ତୁଇ ସେ" ! ଗଦ୍ ଗଦ୍ କଣ୍ଠରେ ଅଶ୍ରୁପୂର୍ଣ୍ଣ ନୟନରେ ଚାହିଁ ରହିଲେ ମହାପ୍ରଭୁ । "ମୁରାରି, 'ମୁଁ' ଯଦି 'ସେ' ହୁଏଁ, ତେବେ ସେହି ପ୍ରେମମୟଙ୍କ ପ୍ରେମସୁଧାର ସ୍ୱାଦ ପାଇବ କପରି ? 'ମୁଁ' ଯଦି 'ସେ' ହୁଏଁ; ତେବେ ଏ ଜୀବନରେ ଆଉ କି ସୁଖ ମୁରାରି ?"

ବାକ୍‌ସ୍ଫୁର୍ତ୍ତି ଅବରୁଦ୍ଧ । ଉତ୍କଣ୍ଠିତ ଶୋକୋଚ୍ଛ୍ୱାସ । ସତେ ଯେପରି ବିରହଦଗ୍ଧ । ଶ୍ରୀମତୀ ରାଧିକା ଭୂମିକାରେ ଅବତୀର୍ଣ୍ଣ ପ୍ରଭୁ । ଅଙ୍ଗରେ ଅଷ୍ଟ ସାତ୍ତ୍ୱିକ ।

ଏଇ ମୁରାରି ପଣ୍ଡିତ । ମୁରାରି ବୈଦ୍ୟ । ରୋଗବ୍ୟାଧି ଓ ଭବବ୍ୟାଧି ଉଭୟ କ୍ଷୟ ହୁଏ ମୁରାରିଙ୍କ ଚିକିତ୍ସାରେ ।

ଚିକିତ୍ସା କରନ୍ତି ଯାରେ ହୋଇଣ ସଦୟ
ଦେହରୋଗ ଭବରୋଗ ହୁଏ ତାର କ୍ଷୟ । (ଚୈ: ଚ:)

ଅବଲମ୍ବେ ଉତ୍ତର ଦେଲେ ମୁରାରି । "ପ୍ରଭୁ, ଶୋକ ସମ୍ବରଣ କର । ସ୍ୱପ୍ନର 'ସେ' ସ୍ଥାନରେ 'ସେ'ର ଷଷ୍ଠୀ ବିଭକ୍ତି ପ୍ରୟୋଗ କରିନେଲେ ସମସ୍ୟାର ସହଜ ସମାଧାନ ହୋଇଯିବ । 'ସେ' ଆପଣ ନହୋଇ ଆପଣ 'ତାର' ହୋଇଯିବେ ।"

Source: Author, Digitized by PPRACHIN, SOA

“ସାଧୁ ! ସାଧୁ ! ମୁରାରି !” ମହାପ୍ରଭୁ ଆନନ୍ଦରେ ଆତ୍ମହରା । “ମୁଁ” ତାର ମୁଁ ତାର” କହି ପ୍ରେମରେ ବିଭୋର ।

ବିଭକ୍ତି ହିଁ ବିଗତ ଭକ୍ତି ଜାଗତିକ ବ୍ୟାପାରରେ । ‘ମୁଁ’ ଠାରୁ ‘ମୋର’ ଅଧିକ ମୋହର କାରଣ । ପାରମାର୍ଥିକ କ୍ଷେତ୍ରରେ ଏଇ ବିଭକ୍ତି ହିଁ ହୋଇଯାଏ ବିଶେଷ ଭକ୍ତି ।

ମଧୁ ମଧୁର ସତ୍ୟ । ମାତ୍ର ସେ ମଧୁରତା ଆସ୍ୱାଦନରେ ନିଜେ ଅସମର୍ଥ । ତେଣୁ ମଧୁ ହେବାଠାରୁ ମଧୁର ସ୍ୱାଦ ଲାଳସାହିଁ ଜୀବର କାମ୍ୟ ।

କିନ୍ତୁ ମହାପ୍ରଭୁ ମଧୁ ହୁଅନ୍ତୁ ବା ମଧୁରତାର ସ୍ୱାଦୁଗ୍ରାହୀ ହୁଅନ୍ତୁ ସେଥିରେ ନବଦ୍ୱୀପବାସୀ ଗୌର ଭକ୍ତବୃନ୍ଦଙ୍କର କି ଯାଏ ! ଏକେ ଏକେ ପ୍ରତ୍ୟେକେ ଶ୍ରୀଚରଣରେ ଅନ୍ତରର ବେଦନା ନିବେଦନ କଲେ । ମହାପ୍ରଭୁଙ୍କର ଦୃଢ଼ ସଙ୍କଳ୍ପର ବିକଳ୍ପ ପ୍ରସ୍ତାବ ଦେଇ । ହରିଦାସ, ମୁକୁନ୍ଦ, ଗଦାଧର ପ୍ରଭୃତି ସମସ୍ତେ ।

ମହାପ୍ରଭୁଙ୍କ ସାଧ୍ୟାତୀତ ସମସ୍ତଙ୍କର ବାଧ୍ୟବାଧକତାକୁ ଏଡ଼ି ଦେଇଯିବା । କିନ୍ତୁ ଯିବାକୁ ହିଁ ହେବ । ତେଣେ ପୀତପଟ୍ଟ ଶଠ ଶିରୋମଣି ଶ୍ରୀକୃଷ୍ଣ ଯେ ପୁନଃ ପୁନଃ ବଂଶୀ ସ୍ୱନରେ ଡାକି ଲୁଚି ଯାଉଛନ୍ତି । ସେ ଯେ ନିରୁପାୟ । ଅତି ଆବେଗଭରା କଣ୍ଠରେ କହିଲେ ପ୍ରଭୁ,—

“ଏ ଦେହ ମୋର ନୁହେଁ, ତମର । କିନ୍ତୁ ମୋତେ ଯଦି ଛାଡ଼ି ନ ଦିଅ, ମୁଁ ଯଦି ସେହି ନବନୀରଦନିନ୍ଦିତ-କାନ୍ତିଧର, ମୁରଲୀକରଙ୍କ ସନ୍ଧାନ ନ ପାଏଁ ତେବେ ଦେହ ଧାରଣ ମୋ ପକ୍ଷରେ ଅସମ୍ଭବ । ତମେ ସବୁ ଯଦି ମୋର ମଙ୍ଗଳକାମନା କର, ତମେ ଯଦି ଚାହଁ ଯେ ଏ ଦେହ ଧରି ମୁଁ ରହେଁ ତେବେ ମୋତେ ଛାଡ଼ିଦିଅ ।

ସମସ୍ତେ ନିର୍ବାକ । ବାରିଜ ନେତ୍ରରେ ଅବାରିତ ବାରି ।

ମହାପ୍ରଭୁଙ୍କର ସମସ୍ତ ସାନ୍ତ୍ୱନା ଯେପରି ସମସ୍ତଙ୍କ ପକ୍ଷରେ ଏକ ଅବୋଧ ଭାଷା । ପରିଶେଷରେ ମହାପ୍ରଭୁ ପ୍ରବୋଧ କଲେ—କାହାରିକି ଛାଡ଼ି ଯିବାର ନିଷ୍ଠୁରତା କଣ ମୋ ପକ୍ଷରେ ସମ୍ଭବ ? ମୁଁ ତମର, ନିରନ୍ତର ତମ ଅନ୍ତରର, ସତତ ତମର ନିକଟତମ । ମନ ପ୍ରାଣ ଦେଇ କୃଷ୍ଣ ଭଜନ କଲେ ପ୍ରତି ମୁହୂର୍ତ୍ତ ମୋର ସାନ୍ନିଧ ଲାଭ ହେବ । ଏ ମୋର ପ୍ରତିଶ୍ରୁତି । ମୋତେ ଯିବାକୁ ଦିଅ ଭାଇମାନେ । ହେଇଟି ପୁଣି ସେହି ସ୍ୱନ । ମୁହୁର୍ମୁହୁ ପ୍ରତି ମୁହୂର୍ତ୍ତ । ମୁଁ ଯେ ଅସ୍ଥିର । ମୁଁ ଯେ ଅଜ୍ଞାନ । ମୋତେ ଛାଡ଼ିଦିଅ, ଛାଡ଼ିଦିଅ ଭାଇ ।”

କହୁ କହୁ ବେଦନାବିଦ୍ଧ ହୋଇ ଭୂଲୁଣ୍ଠିତ ହେବାର ଉପକ୍ରମ କଲେ ପ୍ରଭୁ । ଧରି ପକାଇଲେ ନିତ୍ୟାନନ୍ଦ । ଅନନ୍ତଶକ୍ତିସମ୍ପନ୍ନ ନିତ୍ୟାନନ୍ଦ । ଧରଣୀଧର ନିତ୍ୟାନନ୍ଦ । ଧରଣୀଧର ବିନା ବିଶ୍ୱମ୍ଭରଙ୍କୁ ଧରିବାର ଶକ୍ତି କାହାର ?

ନୀରବତା ଭଙ୍ଗକରି ଶ୍ରୀବାସହିଁ ପ୍ରଥମେ ଆରମ୍ଭ କଲେ ସମସ୍ତଙ୍କ ପକ୍ଷରୁ, ‘ପ୍ରଭୁ, ତମର ଇଚ୍ଛା ପୂର୍ଣ୍ଣହେଉ । ତମର ଆନନ୍ଦ ପାଇଁ ଆମେ ଦୁର୍ବିସହ ବିରହଯନ୍ତ୍ରଣା ଭୋଗ କରିବାକୁ ପ୍ରସ୍ତୁତ । ମାତ୍ର ଏତିକି ଖାଲି ଅଳି—ଆମେ ଯେତେବେଳେ ଚାହିଁବୁ, ତମର ଏହି

Source: Author, Digitized by PPRACHIN, SOA

ଅଶେଷରସସମ୍ପାଣିତ ହସହସ ବଦନଟି ଦେଖିବାକୁ ପାଇବୁ ଯେପରି ।

"ତଥାସ୍ତୁ । ସ୍ୱୀକୃତ ଦେଲେ ମହାପ୍ରଭୁ ।

ସାମାନ୍ୟ ସ୍ୱୀକୃତ ନୁହେଁ । ଦୃଢ ପ୍ରତିଶ୍ରୁତି । କେବଳ ପ୍ରତିଶ୍ରୁତି ନୁହେଁ ଈଶିତ୍ୱର ପୂର୍ଣ୍ଣ ପ୍ରକାଶ ।

କିନ୍ତୁ ସେ ଈଶିତ୍ୱର ପ୍ରଭାବ, ଯେଉଁଠି ଅଭାବ, ଯେଉଁଠି ଅଫଳପ୍ରସୂ, ପରାଜୟର ଗ୍ଲାନିରେ ମ୍ଳାନ ସେଠି କରୁଥାଯୁ, ନିମାଇଁ ମର୍ମାହତ, ମୁହ୍ୟମାନ ।

ଶଚୀ ମାତାଙ୍କ ସମ୍ମୁଖରେ ନିମାଇଁ । ସମସ୍ତ ଈଶିତ୍ୱର ସ୍ୱାଭାବିକ ଅବସାନ ଘଟିଛି ।

ସେଠି କେବଳ ସ୍ନେହ ଆଉ ଶ୍ରଦ୍ଧାର ପରିଚାଳ । ଏକ ପକ୍ଷରେ ମାତୃସ୍ନେହ, ଅନ୍ୟ ପକ୍ଷରେ ପୁତ୍ରର ଭକ୍ତି । ଉଭୟେ ଉଭୟଙ୍କ ଭକ୍ତି ଗ୍ରହଣ କଲାମାତ୍ରେ ଉଭୟଙ୍କ ନେତ୍ରପଥରୁ ଅଶ୍ରୁ ଯେପରି ଶ୍ରୁତିର ଗିରିକନ୍ଦର ଭେଦ କରି ଝରି ପଡୁଛି ନିର୍ଝର ପ୍ରାୟ ।

ଶେଷରେ ସେଇ ପ୍ରତିଶ୍ରୁତି । ସେଇ ସାନ୍ତ୍ୱନା ଆଶ୍ୱାସନା, ସେଇ ଏକ ପ୍ରବୋଧନା । ମାତା, ବଧୂ ଉଭୟଙ୍କ ପକ୍ଷରେ ସେଇ ଏକ ମାତ୍ର ପ୍ରତିକାର । ବିରହ ବ୍ୟାଧିର ପ୍ରତିଷେଧକ—"କୃଷ୍ଣ ଉପାସନା, କୃଷ୍ଣଭକ୍ତି ।"

"କୃଷ୍ଣ ସେବା ! କୃଷ୍ଣ ସେବା କର ମା, ମୋ ଅଭାବରେ । ଉଭୟେ ।"

"କିନ୍ତୁ ବିଷ୍ଣୁପ୍ରିୟା ଯେ ବାଳିକା ! ତା ପକ୍ଷରେ"—ସନ୍ଦେହ ପ୍ରକାଶ କଲେ ଶଚୀମାତା । "ସେ ତମରି ସେବା କରି ସାନ୍ତ୍ୱନା ପାଇବ ମା ! ତମେଇ ତାର ଭଗବତୀ ।

ଶଚୀମାତା ବିହ୍ୱଳ ନେତ୍ରରେ ଗ୍ୱହିଁଛନ୍ତି ପୁତ୍ରକୁ । ଦୃଢ଼ ପ୍ରତ୍ୟୟ ଯେପରି କେଉଁଠି ଆତ୍ମଗୋପନ କରି ରହିଛି ନିମାଇଁର ମୁଖରେ । ନିମାଇଁ ନିଷ୍ଠୁର ନୁହେଁ । ଦେବୋପମ ପିତାର ଉପଯୁକ୍ତ ପୁତ୍ର ନିମାଇଁ । ନିମାଇଁ ଏକା ତାଙ୍କର ଭରସାର ସ୍ଥଳ ।

"ସେହି ସେବାଦ୍ୱାରା ହିଁ ଦୁହେଁ ନିଜ ନିଜ ଅନ୍ତରରେ ମୋତେ ଦେଖିପାରିବ । ସଦା ସର୍ବଦା ଯେତେବେଳେ ଇଚ୍ଛା ସେତେବେଳେ । ଆଉ ତମ ଦୁହିଁଙ୍କର ପ୍ରାଣର ଆକର୍ଷଣ ହିଁ ମୂର୍ତ୍ତି ପରିଗ୍ରହ କରିବ ଅହରହ ମୋ ଅଭ୍ୟନ୍ତରରେ ।"

"ନିମାଇଁ ! ନିମାଇଁ : ବାପଧନ !" କାନ୍ଦି ଉଠିଲେ ଶଚୀମାତା ।

"ମା, ମା, ଦୁଃଖ କାହିଁକି ? କାନ୍ଦିବାର କଣ ଅଛି ? ଏତ ବିଚ୍ଛେଦ ନୁହେଁ । ଅଖଣ୍ଡ ମିଳନ ।"

ଏ କଣ ନିମାଇଁର କଥା ? ନିମାଇଁ ବୃଦ୍ଧା ମାତା ଯୁବତୀ ବଧୂକୁ ତ୍ୟାଗ କରି ସନ୍ନ୍ୟାସୀ ହୋଇ ଚାଲିଯିବ ? କାନ୍ଦିବାର କିଛି ନାହିଁ ? ଶଚୀମାତା ସଚକିତ ନୟନରେ ଗ୍ୱହୁଁଛନ୍ତି ନିମାଇଁଙ୍କୁ । ନିମାଇଁର ଏ ଯେପରି ଏକ ନୂତନ ପରିଚୟ ।

ବୁଝି ପାରିଲେ ଅନ୍ତର୍ଯ୍ୟାମୀ ସ୍ନେହଶୀଳା ମାତୃ ମନର ଭାବ ।

"ମା" ପୁଣି ପ୍ରବୋଧ ଦେଲେ ନିମାଇଁ—"ମୁଁ ଯଦି ଆତ୍ମତୃପ୍ତି ପାଇଁ ତୁମ୍ଭ ଦୁହିଁଙ୍କୁ ତ୍ୟାଗ କରୁଥାନ୍ତି, ତେବେ ସେ ସ୍ୱାର୍ଥର ରାକ୍ଷସ ଉତ୍ପୀଡ଼ନ କରିବାର ଅବକାଶ

Source: Author, Digitized by PPRACHIN, SOA

ପାଆନ୍ତା, ତୁମ ଦୁହିଁଙ୍କୁ ! ମାତ୍ର ଏ ତ୍ୟାଗ ଯେ ପରାର୍ଥେ । ଜୀବର କଲ୍ୟାଣ ପାଇଁ ଏ ତ୍ୟାଗ-ଯାଗରେ ଏକା ମୋର ନୁହେଁ, କୋଟି କୋଟି ଜୀବନର ଅଖଣ୍ଡ ଆହୁତି ଆବଶ୍ୟକ । ଫଳରେ ଜଗତର ମଙ୍ଗଳ ବିଧାନ ଆବଶ୍ୟମ୍ଭାବୀ ।

"ଜୀବର କଲ୍ୟାଣ ? ସେ ସୃଷ୍ଟିରୁ କଣ ତୋର ମାତା ଓ ବଧୂ ବହିର୍ଭୂତ ?"

ନିରୁପାୟ ନିମାଇଁ । ଏ ସ୍ନେହର ସଂଗ୍ରାମରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ।

"ମା," ଅତି ବିନମ୍ର ସ୍ୱରରେ ସଂବୋଧନ କରି ବୋଧ ଦେଲେ ନିମାଇଁ । "ଯଦି ମୁଁ ସ୍ୱ ଆୟତ୍ତରେ ଥାଆନ୍ତି, ତେବେ ତୋର ଯନ୍ତ୍ରଣା କଦାପି ସହ୍ୟ କରି ପାରି ନଥାନ୍ତି ମା ! କିନ୍ତୁ ସେଇ ଶିଖଣ୍ଡଚୂଳିଆ, ପୀତଦୁକୁଳିଆ ଯମୁନାକୂଳିଆର ମୁରଲୀନାଦ ଯେ ମୋତେ ଉନ୍ମାଦ କରୁଛି ମା ! ତଥାପି, ତଥାପି, ମୋର ଯେତେ କଷ୍ଟ ହେଉ, ଯେତେ ଯନ୍ତ୍ରଣା ହେଉ, ଯେତେ ଅକଲ୍ୟାଣ ଆସିବାର ଆସୁ, ମୋ ମା'କୁ ଏପରି ଦୟନୀୟ ଅବସ୍ଥାରେ ଛାଡ଼ି ମୁଁ କେଉଁଠିକି ଯାଇ ପାରିବି ନାହିଁ । ପାଦମେକଂ ନ ଗଚ୍ଛାମି ।"

ସ୍ନେହର ଆନ୍ତରିକତାରେ ପରାଜୟହିଁ ହୋଇଯାଏ ଗୌରବର ଟୀକା । ନିମାଇଁର ଏ ଆତ୍ମସମର୍ପଣ ହିଁ ସେଦିନ ଆମନ୍ତ୍ରଣ କରି ଆଣିଲା ମାତୃସ୍ନେହର ଚରମ ବିକାଶ ।

"ଯେଉଁଥିରେ ତୋର କଷ୍ଟ, ତୋର ଦୁଃଖ ଯନ୍ତ୍ରଣା, ତୋର ଅମଙ୍ଗଳ ସେ ପରିସ୍ଥିତି ମୁଁ ସୃଷ୍ଟି ହେବାକୁ ଦେବି ନାହିଁ । ନିମାଇଁ, ନା, ନା; ମା ହୋଇ ମୁଁ କଦାପି ତାହା କରିପାରିବି ନାହିଁ । ମୁଁ ସ୍ୱଚ୍ଛନ୍ଦରେ ଅନୁମତି ଦେଉଛି, ତୁ ସନ୍ନ୍ୟାସ ଗ୍ରହଣ କର । ତୋର ସୁଖରେ ହିଁ ମୋର ସୁଖ ।"

ଆଉ ବିଷ୍ଣୁପ୍ରିୟା ?

ମୂକ ବିଷ୍ଣୁପ୍ରିୟା ଆଜି ମୁଖର । ମୁଖର ନିମାଇଁ, ପଣ୍ଡିତ, ଦେବତା । ଆଜି ମୂକ ମମତାର ତରଳତା ଯେପରି କରୁଣାର ଶୀତଳତାରେ ଜମାଟ ବାନ୍ଧି କଠୋର କଠିଣ ପାଲଟି ଯାଇଛି ।

"ସନ୍ନ୍ୟାସ ଅର୍ଥ ସଂସାର ତ୍ୟାଗ । ସ୍ତ୍ରୀ ପୁତ୍ରର ମାୟା ବର୍ଜନ । ଦେଶ ତ୍ୟାଗ ନୁହେଁ । ନବଦ୍ୱୀପ ତ୍ୟାଗ ନୁହେଁ ତ ? ତା ଯଦି ହୁଏ ତେବେ ବିଷ୍ଣୁପ୍ରିୟା ପିତ୍ରାଳୟକୁ ଯିବାକୁ ପ୍ରସ୍ତୁତ । ଆତ୍ମହତ୍ୟା କରିବାକୁ ପ୍ରସ୍ତୁତ । ବିଷ୍ଣୁପ୍ରିୟା ପାଇଁ ନବଦ୍ୱୀପ ବର୍ଜନର ଆବଶ୍ୟକତା ନାହିଁ । ନବଦ୍ୱୀପବାସୀ ମଧ୍ୟ ଜୀବପର୍ଯ୍ୟାୟଭୁକ୍ତ । ଜୀବ କଲ୍ୟାଣ ପାଇଁ ଆପଣାର ପରିବାରକୁ ବଳି ଦେବାର ଅଧିକାର ଥାଇ ପାରେ, ମାତ୍ର ନବଦ୍ୱୀପବାସୀଙ୍କୁ ବିସର୍ଜନ ଦେବାର ଅଧିକାର କିଏ ଦେଲା ପ୍ରଭୋ ?"

ନିମାଇଁ ନିରୁତ୍ତର । କୋମଳମତି ବାଳିକାର ବାକ୍ୟ ଆଜି ବଜ୍ର କଠୋର । ଅଭିମାନରେ ଆହତ । ନବ ପରିଣୀତା ଜାୟା, ବିରହର ଆଶଙ୍କାରେ ବିଧୁରା ବଧୂ ।

Source: Author, Digitized by PPRACHIN, SOA

ଏ ଆକ୍ରମଣର ଆଡ଼ଶାସ୍ତ୍ର ଏ କ୍ଷେତ୍ରରେ ସ୍ୱତନ୍ତ୍ର ନୁହେଁ । ଏକା କଥା । ସମସ୍ୟାର ସମାନ ସମାଧାନ । ମାତାଙ୍କ ନିକଟରେ ସେ ଜଟିଳ ପ୍ରଶ୍ନର ଯେଉଁ ସରଳ ସିଦ୍ଧାନ୍ତ ସ୍ଥୀ ସମ୍ପ ଖରେ ମଧ୍ୟ ତାହାର ଏକ ନୂତନ ସଂସ୍କରଣ ।

'ପ୍ରିୟେ, ମୋତେ ବୃନ୍ଦାବନ ଯିବାକୁ ଅନୁମତି ଦିଅ ! ନଚେତ୍ ମୋର ଅକଲ୍ୟାଣ ହେବ । ଯାହା ପାଇଁ ଜୀବନ ଉତ୍ସର୍ଗ କରିବାକୁ ପ୍ରସ୍ତୁତ, ତାର ଅମଙ୍ଗଳ କି'ନି ତମେ କେବେ ଚିନ୍ତା କରି ପାରିବ ପ୍ରିୟେ !"

ଅମଙ୍ଗଳ ହେବ ? ଗୌର ସନ୍ନ୍ୟାସ ବିନା ଗୌରାଙ୍ଗଙ୍କର ଅକଲ୍ୟାଣ ! ହଠାତ୍ ଏହାର ଗୂଢ଼ ଅର୍ଥ ବୁଝିବାକୁ ଅସମର୍ଥ ଅଳ୍ପବୟସ୍କ ବାଳିକା !

"ସତେ କଣ ସନ୍ନ୍ୟାସ ବିନା ତମର ସର୍ବନାଶ ହେବ ? ମୋତେ ପରୀକ୍ଷା କରୁ ନାହଁ ତ ?" ବିଷ୍ଣୁପ୍ରିୟା ପ୍ରଶ୍ନ କଲେ । ଅତି କାତର, ଆତୁର ସ୍ୱରରେ ।

" ଛଳନା ନୁହେଁ, ସତ୍ୟ—ନିଗୂଢ଼ ସତ୍ୟ ।"

ତମର ମଙ୍ଗଳରେ ହିଁ ମୋର ମଙ୍ଗଳ । ତମର ଇଚ୍ଛା ପୂର୍ଣ୍ଣ ହେଉ ।

ଅନୁମତି ଦେବାମାତ୍ରେ ତଳେ ଲୋଟି ହୋଇ ପଡ଼ିଲେ ବିଷ୍ଣୁପ୍ରିୟା । ଚେତନା ଲୁପ୍ତ ପ୍ରାୟ । ଭୁଜବନ୍ଧନର ଆଶ୍ରୟ ଦେଇ ଶ୍ରୀ ଗୌରାଙ୍ଗ ସସ୍ନେହ ସମ୍ବୋଧନ କଲେ "ପ୍ରିୟେ !"

ଅଶ୍ରୁସିକ୍ତ ଉଭୟ ନୟନରୁ ଅମଳିନ ସ୍ୱଚ୍ଛ ପ୍ରଭା ବିକୀର୍ଣ୍ଣ ହେଉଛି ଚତୁର୍ଦ୍ଦିଗରେ । ସେ ଦିବ୍ୟ-ତେଜୋପୁଞ୍ଜ ଯେପରି ଆକାଶର ସ୍ତରେ ସ୍ତରେ ଉଦ୍ଭାସିତ ହୋଇଯାଉଛି, ଯୁଗ ଯୁଗକୁ ତ୍ୟାଗର ମହିମାମନ୍ତ୍ର ପ୍ରଚାର କରିବା ପାଇଁ ।

" ଗୋଟିଏ ମାତ୍ର ଭିକ୍ଷା ." ବିଷ୍ଣୁପ୍ରିୟା କ୍ରମେ ପ୍ରକୃତିସ୍ଥ ହୋଇ କହିଲେ ।

" କି ଭିକ୍ଷା ?" ପ୍ରଶ୍ନ କଲେ ଶ୍ରୀ ଗୌରାଙ୍ଗ ।

" ତମର ଅନ୍ତରରେ ଦାସୀର ସ୍ଥାନ ଯେପରି ଚିରକାଳ ଅମ୍ଳାନ ହୋଇ ରହେ । ଆଉ-ଆଉ-" ଆଉ ମୋର ଚିତ୍ତ ଯେପରି ଅବିରତ ତମର ଧ୍ୟାନରେ ନିମଜ୍ଜିତ ହୋଇ ରହେ ।"

ଢଳି ପଡ଼ିଲେ ବିଷ୍ଣୁପ୍ରିୟା ଶ୍ରୀ ଗୌରାଙ୍ଗ କୋଳରେ ।

" ପ୍ରିୟା, ପ୍ରିୟା" ଭିଡ଼ି ଧରିଲେ ଶ୍ରୀ ଗୌରାଙ୍ଗ ବକ୍ଷଦେଶରେ ବିଷ୍ଣୁପ୍ରିୟାଙ୍କୁ ।

ମିଳନରେ ଆଜି ଅସହ୍ୟ ବିରହ ।

"କିନ୍ତୁ ବିରହ ହିଁ ମିଳନକୁ ଗଭୀରତର କରି ଦିଏ ପ୍ରିୟେ !" ସ୍ନେହଜଡ଼ିତ ସ୍ୱର ମହାପ୍ରଭୁଙ୍କର । "ପ୍ରାଣେ ପ୍ରାଣେ ପ୍ରତିକ୍ଷଣ ମୋର ସ୍ପର୍ଶ ପାଇବ ପ୍ରିୟେ । ମୋତେ ଲଭି କରିବ ଅହରହ ଏହି ବିରହର ଦାଉ ଭିତରେ । ଶ୍ରୁତିଗୋଚର ହେବ ସୁଶୀତଳ ମିଳନରେ ଛନ୍ଦ ।"

* * *

Source: Author, Digitized by PPRACHIN, SOA

ସେ ନିଦାରୁଣ ମୁହୂର୍ତ୍ତକୁ ଆତଙ୍କରେ ଅନାଇ ରହିଲେ ସମସ୍ତେ । ମାତ୍ର ଭଗବାନ୍ କୃପାସିନ୍ଧୁ, କରୁଣାମୟ । ସମଗ୍ର ନବଦ୍ୱୀପବାସୀଙ୍କ ଭାଲପଟରେ ଏତେ ବଡ଼ ନିର୍ମମ ଦଣ୍ଡ ଲିହି ଦେବାକୁ ଗୌରହରି ଯେପରି ଅସମର୍ଥ । ମାତା, ବଧୂ, ବନ୍ଧୁଙ୍କର ଅନୁରୋଧ ସମ୍ଭବତଃ ଏଡ଼ିବାର ନୁହେଁ ଶ୍ରୀ ଗୌରାଙ୍ଗଙ୍କ ପକ୍ଷରେ । ସାମୟିକ ବିରତି ନୁହେଁ; ମନେ ହେଲା ସତେ ଯେପରି ସେମାନଙ୍କର ଅନ୍ତରର ନିରନ୍ତର ନିର୍ଯାତନା ଅନ୍ତର୍ଯାମୀ ପ୍ରଭୁ ଅନୁଭବ କରି ଚିରଦିନ ପାଇଁ ସନ୍ନ୍ୟାସ ହେବାର ସଂକଳ୍ପ ପରିହାର କଲେ । କ୍ରମେ କ୍ରମେ ନଦୀୟାବାସୀଙ୍କ ମନରୁ ଯେପରି ସେ ବିଭୀଷିକା ଲିଭି ଲିଭି ଆସୁଛି ।

ହଠାତ୍ ଦେଖାଗଲା ଏକ ଅପ୍ରତ୍ୟାଶିତ ପଟ୍ଟପରିବର୍ତ୍ତନ ।

ଜୀବକଲ୍ୟାଣର ସେ ଏକ ଶୁଭ ମୁହୂର୍ତ୍ତ । ଗଭୀର ରାତି । ନିର୍ଜନ ସରଣୀ । ନୀରବ, ନିସ୍ପନ୍ଦ ଧରଣୀ । ଯାମିନୀର ଚତୁର୍ଥ-ଯାମ । ଗାଢ଼ ନିଦ୍ରାଭିଭୂତା ବିଷ୍ଣୁପ୍ରିୟା । ସ୍ୱାମୀର ଅଭୟ ବକ୍ଷ ସୁହାଗିନୀର ପକ୍ଷରେ ରକ୍ଷା-କବଚ । ମାତ୍ର କେତେକ୍ଷଣ ପୂର୍ବେ ଏହି ନିଭୃତ କକ୍ଷଟି କୁଞ୍ଜକୁଟୀରକୁ ନିନ୍ଦାକରି ରସରସର ଏକ ରସାନ୍ୱିତ ପରିବେଶ ପରିବେଷଣରେ ଥିଲା ଆତ୍ମବିଭୋର । ସେ ସ୍ପନ୍ଦନର ଅବଶେଷ ଏବେ ବି ଯେପରି ଜାଗିରହିଛି ବାତାବରଣରେ ଇତସ୍ତତଃ ହୋଇ ।

ବିଷ୍ଣୁପ୍ରିୟା ଓ ଶ୍ରୀଗୌରାଙ୍ଗ । ଅବର୍ଣ୍ଣନୀୟ ରୂପ ଉଭୟଙ୍କର । ବିଷ୍ଣୁପ୍ରିୟାଙ୍କର ଶ୍ରୀଗୌରାଙ୍ଗ । ଶ୍ରୀ ଗୌରାଙ୍ଗଙ୍କର ବିଷ୍ଣୁପ୍ରିୟା । ସାଧମତେ ପ୍ରସାଧନ ସୁସମ୍ପନ୍ନ । ସୋହାଗିନୀ ବିଷ୍ଣୁପ୍ରିୟା । ଶ୍ରୀ ଗୌରାଙ୍ଗଙ୍କର ସାଧମତେ ସଜାଇଛନ୍ତି ନିଜକୁ । ଏଣେ ବିଷ୍ଣୁପ୍ରିୟାଙ୍କର ଭାବ ଅନୁରୂପ ବିଭୂଷଣରେ ସୁଶୋଭିତ ଶ୍ରୀ ଗୌରାଙ୍ଗ । ପ୍ରିୟା ଅଙ୍ଗରେ ପ୍ରିୟର ଛଟା । ପ୍ରିୟ ଅଙ୍ଗରେ ପ୍ରିୟାର ଲାବଣ୍ୟ ।

କିନ୍ତୁ ପର ମୁହୂର୍ତ୍ତରେ ଏ କି ଦୃଶ୍ୟ ? କିଏ ରଚିଲା ସମକ୍ଷରେ ଘୋଟି ଆସିଲା ଘନ ଅନ୍ଧକାରର ଅବଗୁଣ୍ଠିତ ବଳୟ । ପାର୍ଶ୍ୱ ଉପାଧାନକୁ ନିଜ ସ୍ଥାନରେ ସଂସ୍ଥାପନକରି ଉନ୍ନିଦ୍ର ନିମାଇଁ ପ୍ରିୟା ଅଙ୍ଗସଙ୍ଗରୁ ମୁକ୍ତକରି ନେଉଛନ୍ତି ନିଜକୁ, ଧୀରେ ଧୀରେ ନିଃଶବ୍ଦରେ ଗୋଟିଏ ମାତ୍ର ଚୁମ୍ବନ ପ୍ରିୟାର ନିଷ୍କଳଙ୍କ ନିର୍ମଳ ଚନ୍ଦ୍ର ବଦନରେ । ସେଇ ଶେଷ ।

ଏକ ବିରାଟ ଚରିତ୍ରର ଶେଷ ସ୍ୱର୍ଗ । ଏକ ମହାନ୍ ଉପାଖ୍ୟାନର ଶେଷ ପର୍ଯ୍ୟାୟ । ଶେଷ ହୋଇ ମଧ୍ୟ ଅଶେଷ । ଶେଷରେ ହିଁ ଆରମ୍ଭ । ଶେଷର ଆରମ୍ଭ ।

ତା' ପରେ ସତର୍କ ପଦକ୍ଷେପ । ଦେହଳୀ-ମୁକ୍ତ ଦ୍ୱାର ନିକଟରେ ନିଃଶବ୍ଦ ଅନୁମତି ପ୍ରାର୍ଥନା । କେତେ ଅଜ୍ଞାତ ଆଘାତ ସହିଛି ଏ ଦେହଳୀ । କୃତଜ୍ଞତାରେ ମସ୍ତକ ନତ ହେଲା ପ୍ରଭୁଙ୍କର ।

ଭକ୍ତିଭରେ ଅବନତ କଲେ ମସ୍ତକ ସ୍ୱର୍ଗତ ପିତା ଓ ନିଦ୍ରାଗତା ମାତାଙ୍କ ଉଦ୍ଦେଶ୍ୟରେ ଭଗବାନ୍ ଶ୍ରୀ ଗୌରାଙ୍ଗ ।

ତା' ପରେ ?

ତା' ପରେ ବିଦାୟ ।

Source: Author, Digitized by PPRACHIN, SOA

ବିଦାୟ କେବଳ ଜନନୀ ଗର୍ଭଧାରିଣୀଠାରୁ ନୁହେଁ, ବିଦାୟ ନବଦ୍ୱୀପ ଧରଣୀ ଠାରୁ ; ଜନ୍ମଭୂମି, ବାଲ୍ୟ କୈଶୋରର ଲୀଳାଭୂମି, ସଙ୍କୀର୍ତ୍ତନ-ରସର ରଙ୍ଗଭୂମିଠାରୁ । ବିଦାୟ ଏହି ପ୍ରାଣର ପ୍ରିୟତମ ପରିଚିତ ଭୂମିର ନଦୀ-ପୁଷ୍କରିଣୀ, ପତ୍ର-ପାଦପ, ଗୁଳ୍ମ ଲତା, ରଜରେଣୁ ସମସ୍ତଙ୍କଠାରୁ ।

ସେ ଏକ ଦାରୁଣ ବିଚ୍ଛେଦ । ଗୋଟିଏ ଶୀତକାଳର କରୁଣ ରାତ୍ରିର ନିସ୍ତବ୍ଧତାହିଁ ତାର ଏକମାତ୍ର ସମବେଦନଶୀଳ ସାକ୍ଷୀ ।

ଜନମାନବ ଶୂନ୍ୟ ଜନପଦର ଜନପଥ । ବିଦାୟ ସମ୍ଭାଷଣ ଦେବାପାଇଁ ଯେପରି ଅପେକ୍ଷା କରି ରହିଥିଲା କାଟୋୟା ଅଭିମୁଖୀ ପଥପ୍ରାନ୍ତରେ କଳକଳନାଦିନୀ ସ୍ୱଚ୍ଛସଲିଳା ଗଙ୍ଗା । ସନ୍ତରଣପର ନିମାଇଁଙ୍କୁ ବକ୍ଷରେ ଧାରଣ କରି ସେ ଯେପରି ଉଚ୍ଛଳ ତରଳତର ଜଳପ୍ଲାବନ ଛଳରେ ଅଶେଷ ଆଶ୍ଳେଷରେ ଗୌରକଳେବରକୁ ଆପ୍ଲୁତ କରି ମଧ୍ୟ ଅତୃପ୍ତ । ମାତୃକୋଳର ଏକ ବିକଳ୍ପ କଳ୍ପନା ।

ଗଙ୍ଗାର ରୂପ ଆଜି କେବଳ ତରଳ ନୁହେଁ; ବିରଳ ଉତ୍ତରଳ । ନବଦ୍ୱୀପାଗମ ପ୍ରକାରକୁସୁମମୋଦବଳୟା, ସୁଖାର୍ଥୀବଳ-ଚନତଟା, ଗୌରହରି-ଚରଣରେଣୁରେ ରଞ୍ଜିତ ତନୁ । ଭୂମୂଳ ହରିସଙ୍କୀର୍ତ୍ତନ-ରସୋଲ୍ଲାସୀ, ଊର୍ମିମାଳାନିର୍ମଳା, ମାହାତ୍ମ୍ୟମୋହିତ ଶିବ-ବ୍ରହ୍ମାଦିମହିତ ମହାମାୟା, ଅଘନିକରଭଞ୍ଜନାଜଳକଣା ଅଙ୍ଗା. ଗଙ୍ଗା ଆଜି ଯେପରି ଅଧୀର ଧରଣୀର ଅଶ୍ରୁଧାରାରେ ଧୈର୍ଯ୍ୟହରା ପ୍ରବାହ ମାତ୍ର ।

ଅଦୂରରୁ ଭାସି ଆସୁଛି ନିଶାର ନିସ୍ତବ୍ଧତା ଭେଦକରି ସତେ ଯେପରି କାହା ନଧର ଅଧରର ମଧୁ ମୁରଲୀସ୍ୱନ, ସୁଦୂର ବୃନ୍ଦାବନର ସ୍ମୃତି ଜଗାଇ ।

*　　　*　　　*

ପରଦିନ ପ୍ରତ୍ୟୁଷ । ନବଦ୍ୱୀପ ନିର୍ବେଦ । ବିଦ୍ୟୁତ୍ ବେଗରେ ସମ୍ବାଦ ଦାବାଗ୍ନି ଖେଳିଗଲା ନବଦ୍ୱୀପରେ । ବହିଗଲା ଉଦ୍‌ବେଗର ଗୋଟାଏ ଉଷ୍ଣ, ତପ୍ତ ପ୍ରବାହ ବାୟୁରେ, ବାତାବରଣରେ ।

ସମ୍ବିତ୍-ଶୂନ୍ୟା ବିଷ୍ଣୁପ୍ରିୟା । ଆହାର-ନିଦ୍ରା-ପରିତ୍ୟକ୍ତା ବିରହ-ବିଧୁରା ବିଷ୍ଣୁପ୍ରିୟା ।

ଯଦବଧି ଶ୍ରୀ ଗୌରାଙ୍ଗ ଛାଡ଼ିଲେ ନଦୀୟା ।
ତଦବଧି ଆହାର ଛାଡ଼ିଲେ ବିଷ୍ଣୁପ୍ରିୟା । (ଚୈ: ଚ:)

ମ୍ଲାନା, ମଳିନା, ବିସ୍ରସ୍ତ-ବସନା, ସନ୍ନ୍ୟସ୍ତ-ଆଭରଣା, ବିପର୍ଯ୍ୟସ୍ତ-ଭୂଷଣ-ଲୁଣ୍ଠିତ, କୁସୁମ ପ୍ରାୟ ମ୍ରିୟମାଣା ବିଷ୍ଣୁପ୍ରିୟା ।

ଶଚୀମାତା ସଂଜ୍ଞାହୀନା । ହାହାକାର ଯେପରି ପଞ୍ଜର ଭେଦକରି ବାୟୁମଣ୍ଡଳକୁ ଖଣ୍ଡ ବିଖଣ୍ଡ କରି ଦେଉଛି । ଜୀବନ ଥାଇ ମଧ୍ୟ ନିର୍ଜୀବ । ଜୀବ ଯାଉ ନାହିଁ କାନ୍ଦା ରହୁ ନାହିଁ । ସାଙ୍ଘାତିକ ଅବସ୍ଥା । ସ୍ନେହ ଲାଳିତ, ସୁକୋମଳ ନିମାଇଁର ପରିତ୍ୟକ୍ତ ବ୍ୟବହୃତ

Source: Author, Digitized by PPRACHIN, SOA

ସାମଗ୍ରୀ ଉତ୍ପାଦିତ ତମ୍ପ୍ରାପ୍ତ ଦଂଶନ କରୁଛନ୍ତି ଅନ୍ତରାତ୍ମାକୁ—ଏକେ ଏକେ ଚକ୍ଷୁଗୋଚର ହେବା ମାତ୍ରେ ।

ଅଙ୍ଗୁରୀ ଅଙ୍ଗଦ ବଳା ଗୌରଚନ୍ଦ୍ର କଣ୍ଠମାଳା
ସୁପାରି ପଲଙ୍କ ସୁନାଦୋଳା

ସବୁତ ରହିଛି ପଡ଼ି ଯାଇଛି ନିମାଇଁ ଛାଡ଼ି
କିଂଠ ମୋର ପ୍ରାଣ ଯା' ନ ଗଲା । (ମହାଜନ ପଦ)

ନିତ୍ୟାନନ୍ଦ, ଶ୍ରୀବାସ, ମୁକୁନ୍ଦ, ସାଧୁ ବାସୁଘୋଷ ପ୍ରଭୃତି ବହୁ ଭକ୍ତବୃନ୍ଦ ଏକତ୍ରିତ ଗୌରପରିତ୍ୟକ୍ତ ଶୂନ୍ୟ ମନ୍ଦିରର ଅଙ୍ଗନରେ ।

କେବଳ ଅନୁପସ୍ଥିତ ହରିଦାସ । ମୁକୁନ୍ଦ ବିଶ୍ୱାସ କରିପାରୁ ନାହାନ୍ତି । ପ୍ରଭୁ ସେମାନଙ୍କୁ ତ୍ୟାଗ କରିବା କଣ ସତ୍ୟ ?

ପ୍ରଭୁହୀନ ନବଦ୍ୱୀପ ବାସ ଅସମ୍ଭବ, ବାସୁଘୋଷଙ୍କ ମତରେ ।

ଆଚାର୍ଯ୍ୟ ରତ୍ନ ଚନ୍ଦ୍ରଶେଖର, ବକ୍ରେଶ୍ୱର, ଦାମୋଦରଙ୍କ ସହ ନିତ୍ୟାନନ୍ଦ ଯାଉଛନ୍ତି ମହାପ୍ରଭୁଙ୍କ ସନ୍ଧାନରେ ।

ଆଉ ହରିଦାସ ?

ହରିଦାସ ଅନୁପସ୍ଥିତ । ଭକ୍ତ ସମାବେଶରେ ତାଙ୍କର ଅନୁପସ୍ଥିତିହିଁ ଆଣି ଦେଇଛି ତାଙ୍କର ପ୍ରାଧାନ୍ୟ । ତାଙ୍କର ସ୍ୱାତନ୍ତ୍ର୍ୟ ।

ହରିଦାସ ନିକାଞ୍ଚନରେ ଅତି ନିଷ୍କିଞ୍ଚନ ଭାବରେ ଯୁଥଚ୍ୟୁତ ହରିଣୀ ପରି ଅହରହ ଅଶ୍ରୁବାରି ବର୍ଷଣ କରିବାରେ ହିଁ ବ୍ୟସ୍ତ ।

ହରେକୃଷ୍ଣ ନାମ ଉଚ୍ଚାରଣ କଲାବେଳେ କୃଷ୍ଣ-ହରି ପ୍ରାଣ ହାହାକାର କରି ଉଠୁଛି । ଅବିଶ୍ରାନ୍ତ କ୍ରନ୍ଦନ ହିଁ ପ୍ରାଣର ଏକମାତ୍ର ବିଶ୍ରାମାଗାର । ସାନ୍ତ୍ୱନାର ଧାମ । କାନ୍ଦିବା ପାଇଁ ଯେପରି ପ୍ରାଣର ଧାରଣ । କ୍ରନ୍ଦନ ବିନା ଯେପରି ପ୍ରାଣ ଧାରଣ ଅସମ୍ଭବ । ଦୁଃଖର ଉପଭୋଗ ବିରହର ଯାତନା ଯେପରି ଏକାନ୍ତରେ ହିଁ ପରମଭୋଗ୍ୟ ।

ମହାପ୍ରଭୁ ନବଦ୍ୱୀପ ପରିତ୍ୟାଗ କରି କାଟୋୟାରେ । ସମ୍ବାଦ ପାଇଲେ ହରିଦାସ ।

କାହିଁକି ? କି ଉଦ୍ଦେଶ୍ୟ ?

ହରିଦାସ ସ୍ତବ୍ଧ । ଶଙ୍କାକୁଳ, ଅତନ୍ଦ୍ର ।

ଅନୁମାନ ଅଭ୍ରାନ୍ତ ହରିଦାସଙ୍କର । ପରବର୍ତ୍ତୀ ସମ୍ବାଦ ଆସିଲା, ମହାପ୍ରଭୁ ସନ୍ନ୍ୟାସ ଗ୍ରହଣ କରିଛନ୍ତି ।

ସନ୍ନ୍ୟାସ ଗ୍ରହଣ କରି ସାରିଛନ୍ତି ?

ମୁଦ୍ରିତ ଚକ୍ଷୁ । ଗମ୍ଭୀର ମୁଖମଣ୍ଡଳ । ସ୍ତବ୍ଧ ସ୍ତମ୍ଭିତ ସର୍ବାଙ୍ଗ ।

Source: Author, Digitized by PPRACHIN, SOA

ନିତ୍ୟାନନ୍ଦ, ଆଚାର୍ଯ୍ୟ ରତ୍ନ, ବକ୍ରେଶ୍ୱର ଦାମୋଦରଙ୍କ ଉପସ୍ଥିତିରେ ସମ୍ଭବ ହେଲା ଏ ସନ୍ନ୍ୟାସ—ନଦୀୟାବାସୀଙ୍କର ଏ ସର୍ବନାଶ ? ହରିଦାସଙ୍କ ଚିନ୍ତାର ବହିର୍ଭୂତ କଥା । କଥା ନୁହେଁ, କାହାଣୀ ।

ସ୍ୱୟଂ ଗୁରୁ କେଶବଭାରତୀ ପ୍ରଥମରେ ଦୀକ୍ଷିତ କରିବାକୁ ଅପ୍ରସ୍ତୁତ ଥିଲେ ମଧ୍ୟ ନିମାଇଙ୍କର ଅନୁରୋଧ ଏଡ଼ିଦେବା ତାଙ୍କର ସାଧ୍ୟାତୀତ ହୋଇ ପଡ଼ିଲା ।

ନିମାଇ-ରୂପମୁଗ୍ଧ ନିକଟବର୍ତ୍ତୀ ଗ୍ରାମର ବହୁ ନରନାରୀଙ୍କର ବାରଣ ମଧ୍ୟ ବ୍ୟର୍ଥ ହୋଇଛି ।

ପରିଶେଷରେ ନାପିତ ମଧ୍ୟ ମୁଣ୍ଡନ କାର୍ଯ୍ୟରେ ଅସାମର୍ଥ୍ୟ ପ୍ରକାଶ କଲେ । କିନ୍ତୁ—କିନ୍ତୁ—

କିନ୍ତୁ, କିନ୍ତୁ ? ସେ ଶିରୀଷ କୋମଳତନୁର କୁଞ୍ଚିତ କୃଷ୍ଣ ଶିରବରଣ କେଶଦାମକୁ ନିରାଭରଣ କରିବା ପାଇଁ ନାପିତର କର କ'ଣ ନିଷ୍ପ୍ରାଣ ହେଲା ନାହିଁ ? ତାର ହୃଦୟ କଣ ପ୍ରସ୍ତରରେ ନିର୍ମିତ ? ତାର ମୁଷ୍ଟି ସୃଷ୍ଟିର ବିଲକ୍ଷଣ ? ତାର ଚକ୍ଷୁର ପୁତ୍ତଳି କଣ ନିର୍ବେଦ ?

"ହା ପ୍ରଭୁ !" ବୋଲି ଅତି ମର୍ମଭେଦୀ ଟୋଗାଟାଏ କାତର ଚିତ୍କାର ଶୁଭିଲା । ଚତୁର୍ଦ୍ଦିଗରେ ହୃଦୟବିଦାରକ ଆବେଗମୟ କମ୍ପନ । ହରିଦାସ ମୂର୍ଚ୍ଛିତ ।

"ହରିଦାସ, ହରିଦାସ !"

ହରିଦାସ ଚମକି ପଡ଼ିଲେ ଏ ସମ୍ବୋଧନରେ । ମହାପ୍ରଭୁ ନୁହନ୍ତି ତ ?

"ମହାପ୍ରଭୁ ଶାନ୍ତିପୁରରେ ।"କିଏ ଜଣେ ସମ୍ବାଦ ଦେଲା । ବାରମ୍ବାର କହିଲା—

"ହଁ, ହଁ, ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ ଶାନ୍ତିପୁରରେ ।"

ଏହି ସମ୍ବାଦଟିକ ଦେବା ହିଁ ଯେପରି ଆଗନ୍ତୁକଙ୍କର ଥିଲା ଏକମାତ୍ର ଅଭିପ୍ରାୟ । ଅନ୍ୟ ପ୍ରଶ୍ନର ଅପେକ୍ଷା ନ କରି ସେ ପ୍ରସ୍ଥାନ କରିଛନ୍ତି ।

"ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ ? ଶ୍ରୀ ଗୌରଙ୍ଗ ଆଜି ତେବେ ଶ୍ରୀକୃଷ୍ଣ ଚୈତନ୍ୟ ?"

ଅଗୋଚର ରହିଲା ନାହିଁ ହରିଦାସଙ୍କର ଶ୍ରୀ ଗୌରାଙ୍ଗଙ୍କ ସନ୍ନ୍ୟାସୀ ନାମ । ଆହା ! କି ସୁନ୍ଦର ନାମ !

ଜୀବର ଚୈତନ୍ୟ-ଉଦୟକାରୀ ଯୁଗାବତାର ଶ୍ରୀ ଗୌର ଗୋବିନ୍ଦଙ୍କର ନାମାନ୍ତର ଦଣ୍ଡମାନଙ୍କେ ତୁଣ୍ଡରେ ତାଣ୍ଡବ ଆରମ୍ଭ କରିଦେଲେ । ଏହି ସଂଯୁକ୍ତ ଯୋଗାରୂଢ଼ ଶବ୍ଦ ଯେପରି ନୂତନ ଏକ ସମ୍ବନ୍ଧର ବନ୍ଧନରେ ସମାସ ସମ୍ପନ୍ନ ଏକ ନ୍ୟସ୍ତପଦ । ଚେତନଶୀଳତାର ଏକ ଆକର୍ଷଣୀ ଶକ୍ତି । ସମାଜର ଘୋର ସନ୍ଧିକ୍ଷଣରେ ସଂପୂଜିତ ଏକ ଗୁହ୍ୟମାନ ମନ୍ତ୍ର !

ମାତ୍ର ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ ପୁଣି ଶାନ୍ତିପୁରରେ ? କାହିଁକି ? କି ଉଦ୍ଦେଶ୍ୟରେ ? ଏହା କଣ ସମ୍ଭବ ? ପୂର୍ବାଶ୍ରମ ନଦୀୟା ନିକଟସ୍ଥ ଶାନ୍ତିପୁରକୁ ନବୀନ ସନ୍ନ୍ୟାସୀ ଶ୍ରୀକୃଷ୍ଣ ଚୈତନ୍ୟଙ୍କର ପ୍ରତ୍ୟାବର୍ତ୍ତନ କାଳ୍ପନିକ ନୁହେଁ ତ ? ନା-ନା-ବୃନ୍ଦାବନ

Source: Author, Digitized by PPRACHIN, SOA

ଯାତ୍ରୀ ମହାପ୍ରଭୁଙ୍କୁ ବିପରୀତ ପଥରେ ପଦଯାତ୍ରା କରାଇବା କୌଶଳ ହରିଦାସଙ୍କ ପ୍ରତି ପ୍ରଭୁ ନିତ୍ୟାନନ୍ଦଙ୍କର ଅଶେଷ କୃପାର ନିଦର୍ଶନ ନୁହେଁ କି ?

ନାଚି ଉଠିଲେ ହରିଦାସ ।

ଏକା ହରିଦାସ ନୁହନ୍ତି । ନଦିଆବାସୀ ଆବାଳବୃଦ୍ଧବନିତା । ଅବିଶ୍ୱାସର ଅବକାଶ ନାହିଁ । ଛୁଟିଲେ ସମସ୍ତେ । ଏକେ ଏକେ । ନବଦ୍ୱୀପ ପୁରବାସୀ ପୁରୁଷନାରୀ ବୃଦ୍ଧବାଳକ ଶାନ୍ତିପୁର ଅଭିମୁଖରେ । ପଛରେ ପଡ଼ି ରହିଲା ତୁଚ୍ଛ ଘର ସଂସାର । ପାଶୋର ହେଲା ଖାଦ୍ୟପେୟ । ଅବହେଳିତ ହେଲା ଧର୍ମ କର୍ମ ଯଜନ ଯାଜନ ।

ଊର୍ଦ୍ଧ୍ୱଶ୍ୱାସ ଗଳଦ୍ ଘର୍ମ ସକଳ ଜନତା । ନବଦ୍ୱୀପ ପୁରନ୍ଦର ଗୌରସୁନ୍ଦର ନବୀନ ସନ୍ନ୍ୟାସୀ ଶ୍ରୀକୃଷ୍ଣ ଚୈତନ୍ୟଙ୍କର ସାକ୍ଷାତ୍ । ଅନ୍ଧ ଯେପରି ଚକ୍ଷୁଷ୍ମାନ୍ ହୋଇଛି ଆଜି ।

ଏ ପ୍ରତ୍ୟାବର୍ତ୍ତନ ନିତ୍ୟାନନ୍ଦଙ୍କର କୌଶଳ ଜନେ ହିଁ ସମ୍ଭବ ହୋଇଛି । ମହାପ୍ରଭୁଙ୍କର ଇଚ୍ଛାକୃତ ନୁହେଁ । ଶଚୀମାତାଙ୍କଠାରେ ନିତ୍ୟାନନ୍ଦଙ୍କ ପ୍ରତିଶ୍ରୁତିର ପରିପୂର୍ତ୍ତି । ଜାଣି ପାରିଲେ ଶୁଣି ପାରିଲେ, ହରିଦାସ ।

ଶୁଣିପାରିଲେ ହରିଦାସ ମହାପ୍ରଭୁଙ୍କର ଶାନ୍ତିପୁର ପ୍ରତ୍ୟାବର୍ତ୍ତନ ଶଚୀମାତାଙ୍କର ଦାରୁଣ ଦୁଃଖର ଅପନୋଦନାର୍ଥେ । ମାତ୍ର ଜାଣିପାରିଲେ ସେ ଭକ୍ତର ବଚନ ରକ୍ଷାହିଁ ଏ ପ୍ରତ୍ୟାବର୍ତ୍ତନର ପ୍ରକୃତ ଉଦ୍ଦେଶ୍ୟ । ଭକ୍ତ ନିତ୍ୟାନନ୍ଦଙ୍କର ବଚନ ଅନ୍ୟଥା ହେବାର ନୁହେଁ ।

ତଥାପି ଯେପରି ଗୂଢ଼ତର ଲକ୍ଷ ସାଧିତ ହେଲା ମହାପ୍ରଭୁଙ୍କର ସନ୍ନ୍ୟାସୋତ୍ତର ଏ ପ୍ରତ୍ୟାବର୍ତ୍ତନର ପ୍ରବର୍ତ୍ତକ ନିତ୍ୟାନନ୍ଦଙ୍କର । ସନ୍ନ୍ୟାସ ଧର୍ମର ଏ ଯେପରି ଏକ ନୂତନ ପର୍ଯ୍ୟାପ୍ତ । ପର୍ଯ୍ୟାପ୍ତ ନୁହେଁ, ନୂତନ ଦିଗ୍ ଦର୍ଶନ । ସନ୍ନ୍ୟାସ ବିନା ଈଶ୍ୱର ଉପାସନା, ଈଶ୍ୱର ସାନ୍ନିଧ୍ୟ ଅସମ୍ଭବ, ଏ ଏକ ଅକାରଣ ଭ୍ରମପୂର୍ଣ୍ଣ ଧର୍ମ-ଧାରଣା । ପକ୍ଷପାତ ବିଶ୍ୱାସ ମୂଳରେ ପ୍ରଥମ କୁଠାରଘାତ ହେଲା ସେଦିନ ଜଣେ ଅବଧୂତ ସନ୍ନ୍ୟାସୀ ପ୍ରଭୁ ନିତ୍ୟାନନ୍ଦ କର୍ତ୍ତୃକ । ହରିଦାସ ଉପଲବ୍ଧି କଲେ ।

* * *

“ପ୍ରଭୁ ! ପ୍ରଭୁ !”

ସେତିକି । ଯେଉଁ ଦୁଇଟି ବର୍ଣ୍ଣ ଉଚ୍ଚାରଣ କରି ବିବର୍ଣ୍ଣ ହରିଦାସ ଚୈତନ୍ୟ-ଶୂନ୍ୟ । ଶ୍ରୀକୃଷ୍ଣ ଚୈତନ୍ୟ ସନ୍ନିଧାନରେ ହରିଦାସ ।

“ହରିଦାସ !”

ମହାପ୍ରଭୁଙ୍କର ସମ୍ବୋଧନରେ ହରିଦାସ ସଂଜ୍ଞା ଫେରି ପାଇଛନ୍ତି । ସଙ୍ଗେ ସଙ୍ଗେ ମହାପ୍ରଭୁଙ୍କର ପଦ ପ୍ରାନ୍ତରେ ପଡ଼ି ବାଳ-ସୁଲଭ ସରଳତାର ନିଦର୍ଶନ ତରଳ ଆର୍ତ୍ତିରେ କେବଳ ‘ପ୍ରଭୁ, ପ୍ରଭୁ’ ବୋଲି ଚିତ୍କାର କରୁଛନ୍ତି ।

Source: Author, Digitized by PPRACHIN, SOA

କାହିଁ ସେହି କୁଞ୍ଚିତ କୁନ୍ତଳ ବୃନ୍ଦ-ଚକ୍‌କଣ ଚକୁର ! ଏ ଯେ ଅନ୍ତରଙ୍ଗ ଶିକ୍ତ ପରିଚ୍ଛେଦ ! ଯେପରି ଧନ ଶ୍ରୀନ କାଙ୍ଗାଳ ହରିଦାସଙ୍କର ଗୁପ୍ତନିଧି ଆଜି ଅପହୃତ, ଲୁଣ୍ଠିତ ।

ହରିଦାସଙ୍କର ବିକଳ ଅବସ୍ଥା ଦେଖି ମହାପ୍ରଭୁଙ୍କର ଆକୁଳ କ୍ରନ୍ଦନ ଏକ ଅଭିନବ ଦୃଶ୍ୟ ସୃଷ୍ଟି କରିଛି । ଉଭୟଙ୍କର ନେତ୍ର ଯେପରି ଉଭୟଙ୍କର ଅଶ୍ରୁବର୍ଷଣକୁ ଆକର୍ଷଣ କରୁଛି ।

"ହାୟ ! ମୁଁ ଯଦି ହରିଦାସ ହୋଇ ପାରନ୍ତି ।"

ସିନ୍ଧୁକୂଳରେ, ବକୁଳ ମୂଳରେ ଶଯ୍ୟାଶାୟୀ ଅସମର୍ଥ ହରିଦାସଙ୍କର ଇଷ୍ଟନିଷ୍ଠା ଦେଖି ମହାପ୍ରଭୁଙ୍କର ମନରେ ଯେ ସର୍ବପ୍ରଥମ ଏ ସାଧ ଜାଗିଲା ତାହାନୁହେଁ, ସେଦିନ ଗୌରସନ୍ନ୍ୟାସର ଅବ୍ୟବହିତ ପରେ, ଶାନ୍ତିପୁରରେ ମଧ୍ୟ ହରିଦାସଙ୍କ ସୌଭାଗ୍ୟରେ ଭାଗୀ ହେବା ପାଇଁ ଭାବିଥିଲେ ଶ୍ରୀ ଚୈତନ୍ୟ ।

ଏମନ୍ତ ମୋ ଭାଗ୍ୟ କବା ହେବ କେତେ ଦିନେ,
ପଡ଼ି ମୁଁ କାନ୍ଦିବି ଜଗନ୍ନାଥ ଶ୍ରୀଚରଣେ ।
କହିବି କାତର ବାଣୀ ପଦାମ୍ବୁଜ ପାଇଁ,
ସଫଳ କରିବି ଆଖି ଶ୍ରୀମୁଖକୁ ଚାହିଁ । (ଚୈ: ଭା:)

ହରିଦାସ ଚୈତନ୍ୟ ପଦତଳେ ଲୁଣ୍ଠିତ । ଶ୍ରୀ ଚୈତନ୍ୟ ଜଗନ୍ନାଥ ପଦ ପ୍ରାନ୍ତରେ ଏହି ଆତ୍ମ ନିବେଦନ ସ୍ୱପ୍ନ ଦେଖି ଅଧୀର, ଆକୁଳ ।

ହରିଦାସ କିନ୍ତୁ ଚୈତନ୍ୟଗତ ପ୍ରାଣ । ଚୈତନ୍ୟ ପଦାରବିନ୍ଦରେ ନିବେଦନ କରୁଛନ୍ତି ହରିଦାସ ।

"ତୁମ୍ଭେ ଗଲେ ନୀଳାଚଳ ମୋହର କି ଗତି
ନୀଳାଚଳ ଯିବାକୁ ମୋ ନାହିଁ ତ ଶକତି ।
ଏ ଅଧମ ନ ପାଇଲେ ତୋହ ଦରଶନ
କେମନ୍ତେ ଧରିବ ଏଛି ପାପିଷ୍ଠ ଜୀବନ ।" (ଚୈ: ଭା:)

ଭକ୍ତବତ୍ସଳ ଶ୍ରୀକୃଷ୍ଣ ଚୈତନ୍ୟ ହରିଦାସଙ୍କ ଦୁଃଖରେ ଦ୍ରବୀଭୂତ ।
ତୋ ଲାଗି କରିବି ଜଗନ୍ନାଥେ ନିବେଦନ
ନେବନ ଯିବା ପାଇଁ ପୁଣି ଶ୍ରୀପୁରୁଷୋତ୍ତମ
............କର ତୁମ୍ଭେ ଦୈନ୍ୟ ସମ୍ବରଣ
ତୋହର ଦୈନ୍ୟରେ ମୋର ବ୍ୟାକୁଳିତ ମନ ।" (ଚୈ. ଭା.)

ଦୈନ୍ୟ ? ହରିଦାସ ବିଚାରୁଛନ୍ତି । ଦୈନ୍ୟ କାହାଠାରେ ଶୋଭାଯାଏ ? ଧନର ଦୈନ୍ୟ, ଧନତା ନୀଚତାର ନିଦର୍ଶନ । କିନ୍ତୁ ମହତ୍ତ୍ୱର ଦୈନ୍ୟ ମହାନତା । ପ୍ରଭୁ ଆଜି ଭକ୍ତାଧୀନ ହୋଇ ଭକ୍ତର ମହିମା କୀର୍ତ୍ତନରେ ତତ୍ପର, ଏହାହିଁ ପ୍ରଭୁଭିର ପ୍ରକୃତ ପରିଚୟ ।

Source: Author, Digitized by PPRACHIN, SOA

ଭକ୍ତାବତାର ଭଗବାନ୍ ଶ୍ରୀକୃଷ୍ଣ ଚୈତନ୍ୟଙ୍କର ଦୈନ୍ୟହିଁ ଦୀନବନ୍ଧୁ ନାମର ସାର୍ଥକ ପ୍ରମାଣ । ଦୀନବନ୍ଧୁ ନୁହଁନ୍ତି ଦୈନ୍ୟବନ୍ଧୁ ।

କିନ୍ତୁ ସାନ୍ତ୍ୱନାବାକ୍ୟରେ ହରିଦାସଙ୍କର ହୃଦ୍‌ବୋଧ ହେଲା ନାହିଁ । ଅବଶେଷରେ ଆଜ୍ଞାପାଳକ ଶିଷ୍ୟ ସଦୃଶ ନିର୍ନିମେଷ ନେତ୍ରରେ ଅନାଇଁ ରହିଲେ ଗୌରସୁନ୍ଦର ଶ୍ରୀକୃଷ୍ଣଚୈତନ୍ୟଙ୍କୁ । ଦେଶତ୍ୟାଗ କରି ଚାଲିଯାଉଛନ୍ତି ଛାତିର ପ୍ରାଣ ନୟନର ତାରା ଗୌରଚନ୍ଦ୍ର । ପ୍ରଣତି ଜଣାଉଛନ୍ତି ହରିଦାସ ଅଭ୍ୟାସ ବଶତଃ । କର୍ତ୍ତବ୍ୟର ଅନୁରୋଧରେହିଁ ଅଭ୍ୟାସର ଦାସ ହେଲାପରି ହରିଦାସ ଚାହିଁରହିଛନ୍ତି ଶ୍ରୀ ଗୌରାଙ୍ଗଙ୍କ ଗନ୍ତବ୍ୟପଥକୁ ଶବ ପ୍ରତିମା ପ୍ରାୟେ । ପ୍ରସ୍ତର ବକ୍ଷରୁ ଝର୍ଝର ନିର୍ଝର ଝରି ପଡ଼ିଲା ପରି ବହିଯାଉଥାଏ । ଅଜସ୍ର ଅବାରିତ ଅଶ୍ରୁବାରି ।

* * *

ଦିନ ପରେ ଦିନ ମାସ ପରେ ମାସ, ବର୍ଷ ପରେ ବର୍ଷ ବିତିଗଲା । ମାତ୍ର କାହିଁ ? ପ୍ରଭୁଙ୍କର ନିର୍ଦ୍ଦେଶ ଆସିଲା ନାହିଁ । ହରିଦାସଙ୍କ ହୃଦ୍‌ଦେଶରେ ଦାରୁଣ ଆଘାତ । ପ୍ରତି-ପ୍ରାତଃରେ ଶଯ୍ୟାବର୍ଜନ କଲା ମାତ୍ରେ ହରିଦାସଙ୍କ ମନରେ ପ୍ରଥମ ପ୍ରଶ୍ନ ଉଠେ—ଆଉ କେତେ ଦିନ ପ୍ରଭୁ ?

ଶ୍ରୀ ଅଦ୍ୱୈତାଚାର୍ଯ୍ୟ ସଂବାଦ ପାଇଲେ । ମହାପ୍ରଭୁ ଶ୍ରୀକ୍ଷେତ୍ରରେ । ଦାକ୍ଷିଣାତ୍ୟ ବିଜୟ ପରିସମାପ୍ତ । ପ୍ରତ୍ୟାବର୍ତ୍ତନ କରିଛନ୍ତି ପୁରୁଷୋତ୍ତମକୁ ।

ଦାକ୍ଷିଣାତ୍ୟ ପର୍ଯ୍ୟଟନର ସମସ୍ତ ସଂବାଦ ଅବିକଳ ଭାବରେ ପ୍ରବେଶ କରେ ଗୌରରସ-ଆଗ୍ରହୀ ନବଦ୍ୱୀପର ପ୍ରତି ନାରୀ ପୁରୁଷର କର୍ଣ୍ଣପଥ ଦେଇ ହୃଦୟ କନ୍ଦରରେ । ସେ ତୀର୍ଥାଟନ ନୁହେଁ—ପ୍ରବ୍ରଜ୍ୟା ନୁହେଁ, ପରିବ୍ରାଜକତା ନୁହେଁ—ସେ ଏକ ଅପୂର୍ବ ବିଜୟର ଗାଥା ।

ସେ ବିଜୟ ପ୍ରେମର ବିଜୟ । ସେ ବିଜୟ ଧର୍ମର ବିଜୟ । ସେ ବିଜୟ ପ୍ରାଣର ବିଜୟ । ମର୍ମର ବିଜୟ ।

ମହାପ୍ରଭୁଙ୍କ ଦର୍ଶନ ପ୍ରଭାବରେ ଦକ୍ଷିଣାତ୍ୟର ବହୁଜ୍ଞାନୀ, କର୍ମୀ, ପାଷଣ୍ଡ ବୈଷ୍ଣବ ମତ ଅବଲମ୍ବନ କରିବାର ସଂବାଦରେ ଅଦ୍ୱୈତାଚାର୍ଯ୍ୟ ଆନନ୍ଦରେ ବିଭୋର ଅଦ୍ୱୈତଙ୍କ କୃଷ୍ଣପୂଜାର ପରମ ସାର୍ଥକତା । ମହାପ୍ରଭୁଙ୍କ ମହିମାରେ ଅଦ୍ୱୈତଙ୍କର ଆନନ୍ଦ-ଅମ୍ବୁଧି ଉଦ୍‌ବେଳିତ ।

ସିଦ୍ଧବଟରେ ଅବିରାମ ରାମନାମ । ରଟନପର ସେ ଏକ ପରମ ବୈଷ୍ଣବ ବିପ୍ର । ଶୁଣିଲେ ଅଦ୍ୱୈତାଚାର୍ଯ୍ୟ । ମହାପ୍ରଭୁଙ୍କ ଦର୍ଶନ ପରଠାରୁ ଅବିରତ କୃଷ୍ଣ ନାମାମୃତ ପାନ କରିବାପାଇଁ ସନ୍ତୁଷ୍ଟ । ଦକ୍ଷିଣାତ୍ୟରେ ।

Source: Author, Digitized by PPRACHIN, SOA

ପଥ ମଧ୍ୟରେ ଭେଟ କଲେ ଜଣେ ବୌଦ୍ଧାଚାର୍ଯ୍ୟ । ସଦଳବଳ । ସେହି ଦାକ୍ଷିଣାତ୍ୟରେ । ଅନ୍ତରରେ ହଳାହଳ । ମହାପ୍ରଭୁଙ୍କ ଦ୍ୱାରା ଯୁକ୍ତିରେ ପରାଜିତ ଆଚାର୍ଯ୍ୟଙ୍କର କୁମନ୍ତ୍ରଣାକ୍ରମେ ପରିବେଷିତ ହେଲା, ବିଷ୍ଣୁପ୍ରସାଦ ନାମରେ ଅପବିତ୍ର ଅନ୍ନ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ । ହଠାତ୍ ଏକ ମହାକାୟ ପକ୍ଷୀ ଆସି ପ୍ରସାଦପାତ୍ର ସହ ସମସ୍ତ ବ୍ୟଞ୍ଜନ ନେଇ ଆକାଶ ମାର୍ଗରେ ଉଡ଼ିଗଲା ଆକସ୍ମିକ ଭାବରେ । ଅନେକ ମଧ୍ୟ ଅନ୍ନ ବିକ୍ଷିପ୍ତ ହେଲା ବୌଦ୍ଧଗଣଙ୍କ ଶିରୋପରି । ବୌଦ୍ଧାଚାର୍ଯ୍ୟ ଆହତ, ମୂର୍ଚ୍ଛିତ, ପାତ୍ରର ଉର୍ଦ୍ଧ୍ୱକ ପାତ ହେତୁ । ବୌଦ୍ଧଗଣଙ୍କର ହାହାକାରରେ ଦ୍ରବୀଭୂତ ମହାପ୍ରଭୁ ଉପଦେଶ ଦେଲେ ଆଚାର୍ଯ୍ୟଙ୍କ କର୍ଣ୍ଣରେ କୃଷ୍ଣନାମ ଉଚ୍ଚାରଣ କରିବା ପାଇଁ । ଅଦ୍ଭୁତ ! କୃଷ୍ଣନାମ ଆଚାର୍ଯ୍ୟଙ୍କ କର୍ଣ୍ଣରେ ପ୍ରବେଶ ମାତ୍ରେ ଆଚାର୍ଯ୍ୟ ସଂଜ୍ଞାଲାଭ କଲେ ।

ଆହୁରି ବଚନ ବୋଧ ହେଲା ଶ୍ରୀଅଦ୍ୱୈତାଚାର୍ଯ୍ୟଙ୍କୁ ଭଣ୍ଡସାଧୁ ବଧର କୃତ ଅପରାଧର ପ୍ରାୟଶ୍ଚିତ କାହାଣୀ । ମହାପ୍ରଭୁଙ୍କର ସଙ୍ଗୀ କୃଷ୍ଣଦାସ ବ୍ରାହ୍ମଣ । ସ୍ତ୍ରୀ ଧନଦ୍ୱାରା ପ୍ରଲୁବ୍ଧ କରିବାର ପ୍ରୟାସ କଲେ ଶ୍ରୀଭଣ୍ଡସାଧୁ । ମହାପ୍ରଭୁଙ୍କ ସବିନୟ ପ୍ରତିବାଦ ହେତୁ କ୍ରୁଦ୍ଧ ଭଣ୍ଡସାଧୁ ମହାପ୍ରଭୁଙ୍କୁ ସଶସ୍ତ୍ର ଆକ୍ରମଣ କରିବାକୁ ଉଦ୍ୟତ । ମାତ୍ର ନିଜ ଅସ୍ତ୍ରରେ ନିଜେ ଆହତ ମୃତପ୍ରାୟ ହେବାର ଅବସ୍ଥାଦେଖି ଆଶ୍ଚର୍ଯ୍ୟାନ୍ୱିତ ଜନପଦର ଅସଂଖ୍ୟ ଜନତା । ଦାକ୍ଷିଣାତ୍ୟରେ ।

ପ୍ରଭୁଙ୍କର ପୁଣି ନୂତନ ନାମକରଣ । ଶୁଣିଲେ ଅଦ୍ୱୈତାଚାର୍ଯ୍ୟ । ହରିଦାସଙ୍କୁ ମଧ୍ୟ ଅବିଦିତ ରହିଲା ନାହିଁ ସେ କଥା । ଦ୍ୱିଜ ବାସୁଦେବ କୁଷ୍ଠ ବ୍ୟାଧିଗ୍ରସ୍ତ । ଦାକ୍ଷିଣାତ୍ୟରେ କୂର୍ମପୀଠରେ । ବହୁ କଷ୍ଟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଉପସ୍ଥିତ । 'ମାତ୍ର ପ୍ରଭୁ କୂର୍ମ ଅନୁଗ୍ରହ କରି ଚାଲିଯାଇଛନ୍ତି ଅଳ୍ପକ୍ଷଣ ପୂର୍ବରୁ । ବାସୁଦେବଙ୍କର ସେ କି ଆର୍ତ୍ତି ! ମୂର୍ଚ୍ଛିତ ବାସୁଦେବ । ମାତ୍ର କି ଅଦ୍ଭୁତ ଆଚରଣ ଅନ୍ତର୍ଯ୍ୟାମୀଙ୍କର ! ସଚେତ ବାସୁଦେବ ସମ୍ମୁଖରେ ସାକ୍ଷାତ୍ ଭଗବାନ୍ ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ '! ଫେରି ଆସିଛନ୍ତି ପ୍ରଭୁ ଭକ୍ତର ଆର୍ତ୍ତିରେ କାତର ଆର୍ତ୍ତତ୍ରାଣ ।

ବାସୁଦେବ ଆଉ ବ୍ୟାଧିଗ୍ରସ୍ତ ନୁହନ୍ତି । ସଂସାରର ଦୁଃଖ ଶୋକରେ ଅକାତର ବାସୁଦେବ । ଅହରହ କୃଷ୍ଣନାମ ପ୍ରେମରେ ବିଭୋର । ବାସୁଦେବଙ୍କ ସୌଭାଗ୍ୟ ଗାଥା ଶ୍ରବଣରେ ଉଲ୍ଲସିତ ଉଭୟେ । ହରିଦାସ ଓ ଶ୍ରୀଅଦ୍ୱୈତ । ବାସୁଦେବଙ୍କର ମୁକ୍ତିଦାତା । ପ୍ରଭୁଙ୍କର ନୂତନ ନାମ ।

"ହରିଦାସ" !

ହଠାତ୍ ସଂବୋଧନ କଲେ ଶ୍ରୀ ଅଦ୍ୱୈତ ।

"ଶୁଣିଲଣି ହରିଦାସ" ? ବାକ୍ୟ ଶକ୍ତିହୀନ, ଭାବର ପ୍ରକାଶ ନିମନ୍ତେ ।

ହରିଦାସ ଚାହିଁଛନ୍ତି । ଶ୍ରୀ ଅଦ୍ୱୈତଙ୍କ ଗଣ୍ଡଦେଶ ସିକ୍ତକରି ଆନନ୍ଦାଶ୍ରୁର ଅବାରିତ ଧାରା ।

"ବିଶାଖା, ବିଶାଖା" !

ବହୁ କଷ୍ଟରେ ଦୁଇଟି ଶବ୍ଦ ମାତ୍ର ଉଚ୍ଚାରଣ କଲେ ଶ୍ରୀ ଅଦ୍ୱୈତ ।

Source: Author, Digitized by PPRACHIN, SOA

ଗୋଦାବରୀ ତୀର । ତଟ ନିକଟରେ ସଦ୍ୟସ୍ନାତ ଧ୍ୟାନସ୍ଥ ମହାପ୍ରଭୁ । ଯମୁନା ପୁଳିନ ସ୍ମୃତି ମାନସପଟରେ । ତାହାର କିଛି-ଦୂରରେ ଜଳ ସନ୍ନିକଟରେ କୃଷ୍ଣନାମ କୀର୍ତ୍ତନରତ । ମହାପ୍ରଭୁ ଶ୍ରୀକୃଷ୍ଣଚୈତନ୍ୟ ।

ହଠାତ୍ ବାଦ୍ୟର ଶବ୍ଦ । ବହୁ ବୈଦିକ ବ୍ରାହ୍ମଣ ସମଭିବ୍ୟାହାରରେ ଆସୁଛନ୍ତି ଉତ୍କଳର ରାଜପ୍ରତିନିଧି ରାଜା ରାମାନନ୍ଦରାୟ ।

ରାଜା ରାମାନନ୍ଦ ରାୟ ! ପଲକପାତ ମାତ୍ରେ ମହାପ୍ରଭୁଙ୍କ ହୃଦ୍‌ବୋଧ ହେଲା—ଏ ସେହି । ପ୍ରତିପାଦିତ ହେଲା ସାର୍ବଭୌମଙ୍କ ସଂକେତର ଯଥାର୍ଥତା । ଶତ ସୂର୍ଯ୍ୟର କାନ୍ତି । ମୁହୁର୍ମୁହୁ ପୁଲକିତ ପ୍ରକାଣ୍ଡ ଦେହ କାଣ୍ଡ । ପଦ୍ମପଲାଶଲୋଚନ । କି କମନୀୟ ମୂର୍ତ୍ତି !

ବିଧିବଦ୍ଧ ଭାବରେ ସ୍ନାନ ସମାପନାନ୍ତେ ରାମାନନ୍ଦ ଅରୁଣାମ୍ବର ପରିଧାନ କରି ଦଣ୍ଡବତ୍ ପ୍ରଣାମ ଜଣାଉଛନ୍ତି ଉପସ୍ଥିତ ଅପୂର୍ବ ସନ୍ନ୍ୟାସୀଙ୍କର ସନ୍ନିଧିରେ ।

"ଉଠ ରାଜା !" ସମ୍ବୋଧନ କଲେ ମହାପ୍ରଭୁ ।

···ପ୍ରଭୁ କହେ, "ଉଠ, କହ କୃଷ୍ଣ କୃଷ୍ଣ !"
ଆଲିଙ୍ଗି ତାହାରେ ପ୍ରଭୁ ହୃଦୟ ସନ୍ତୁଷ୍ଟ ।   ଚୈ ଚ

"ରାୟ ରାମାନନ୍ଦ ? ଆପଣ ସେଇ ରାମାନନ୍ଦ ରାୟ" ? ପ୍ରଶ୍ନ କଲେ ପ୍ରଭୁ ।

"ମୁହିଁ ସେହି ଶୂଦ୍ରଦାସ—ଅତିମନ୍ଦ, ରାୟ ରାମାନନ୍ଦ ।" ଉତ୍ତର ଦେଲେ ରାୟ-ରାମାନନ୍ଦ ।

ତହୁଁ ପ୍ରଭୁ କଲେ ତାଙ୍କର ଦୃଢ଼ ଆଲିଙ୍ଗନ,
ପ୍ରେମାବେଶେ ପ୍ରଭୁ ଭୃତ୍ୟ ଦୁହେଁ ଅଚେତନ ।
ସ୍ୱାଭାବିକ ପ୍ରେମ ଉଦେ ଦୁଇ ହୃଦୟରେ,
ପଡ଼ନ୍ତି ଆଲିଙ୍ଗି ପରସ୍ପରେ ଭୂମିପରେ ।
ସ୍ତମ୍ଭ, ସ୍ୱେଦ, ଅଶ୍ରୁ, କମ୍ପ, ପୁଲକ ବୈବର୍ଣ୍ଣ୍ୟ ।
ଦୁଇ ମୁଖୁଁ ଶୁଭେ ଗଦ ଗଦ 'କୃଷ୍ଣ' ବର୍ଣ୍ଣ   (ଚୈ: ଚ:)

"ରାୟ ରାମାନନ୍ଦ ନୁହଁନ୍ତି—ବିଶାଖା ! ବିଶାଖା" କହିଲେ ଶ୍ରୀ ଅଦ୍ୱୈତ ।

ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲେ ହରିଦାସ ।

"ହରିଦାସ !" ଅଦ୍ୱୈତଙ୍କର ଡାକ ବଡ଼ ଗମ୍ଭୀର । ହରିଦାସ ପ୍ରକୃତିସ୍ଥ ହେଲେ ସେ ଡାକ ଶୁଣି !

"ଶୁଣ ହରିଦାସ ! ମହାପ୍ରଭୁଙ୍କର ଆବିର୍ଭାବ ସାର୍ଥକ ହେଲା ରାୟ ରାମାନନ୍ଦଙ୍କ ଆବିଷ୍କାରରେ । ଭକ୍ତବାତ୍ସଲ୍ୟର ଚରମ ପରିପ୍ରକାଶ । କେବଳ ମହାରାସବିଳାସ ନୁହେଁ ......"

"ତେବେ କଣ ମହାରାସବିଳାସର ପରିଣତି ?" ପଚାରିଲେ ହରିଦାସ ।

"ହଁ", ଉତ୍ତର ଦେଲେ ଶ୍ରୀ ଅଦ୍ୱୈତ; "ସେତ ରାମାନନ୍ଦଙ୍କ ମୁଖନିସୃତବାଣୀ । ମହାରାସବିଳାସର ଚରମ ପରିଣତି ନଟରାଜ ଶ୍ରୀ ଗୌରାଙ୍ଗଙ୍କ ଆଗରେ ସେଇ ଅପୂର୍ବ ଅଶ୍ରୁତ ଲୀଳାରସର ନିଗୂଢ଼ ତତ୍ତ୍ୱ ଓ ତଥ୍ୟ ପ୍ରକାଶ କଲେ କିଏ ଜାଣ ? ରାୟ ରାମାନନ୍ଦ ।"

Source: Author, Digitized by PPRACHIN, SOA

ଉଭୟେ ନୀରବ ।

ନୀରବତା ଭଙ୍ଗ କରି ପୁଣି କହିବାକୁ ଲାଗିଲେ ଶ୍ରୀଅଦ୍ୱୈତ—" ଗୌର ଅବତାରର ବୈଶିଷ୍ଟ୍ୟ ବୁଝିଲ ହରିଦାସ ? ପୂର୍ଣ୍ଣ ବ୍ରହ୍ମ ଶ୍ରୀକୃଷ୍ଣ ଭକ୍ତିର ସିଦ୍ଧାନ୍ତ ଗାଇଥିଲେ ଶିଷ୍ୟ ସଖା ଅର୍ଜୁନ ଓ ବନ୍ଧୁ ଉଦ୍ଧବଙ୍କ ଆଗରେ । ମାତ୍ର ପୂର୍ଣ୍ଣ ପୁରୁଷୋତ୍ତମ ପୂର୍ଣ୍ଣତମ ମହାଭାବ ପ୍ରକାଶରେ ଶିଷ୍ୟ ଭକ୍ତ ମୁଖରୁ ତତ୍ତ୍ୱ ଶୁଣିଛନ୍ତି, ଭଗବାନ୍ ସ୍ୱୟଂ ।

ପ୍ରଭୁ କହେ - "ପଢ଼ ଶ୍ଳୋକ—ସାଧ୍ୟର ନିର୍ଣ୍ଣୟ,
"ସ୍ୱଧର୍ମାଚରଣେ ବିଷ୍ଣୁ ଭକ୍ତି" କହେ ରାୟ ।
ପ୍ରଭୁ କହେ—"ଏ ତ ବାହ୍ୟ, ଆଗେ କହ ଆର ?"
ରାୟ କହେ—"କୃଷ୍ଣ କର୍ମାର୍ପଣ ସାଧ୍ୟ ସାର ।"
ପ୍ରଭୁ କହେ—"ଏ ଯେ ବାହ୍ୟ ଆଗେ କହ ଆର ?"
"ସ୍ୱଧର୍ମର ତ୍ୟାଗ" ରାୟ କହେ— "ସାଧ୍ୟ ସାର ।"

" ବାହ୍ୟ-ବାହ୍ୟ-ବାହ୍ୟ !" ମହାପ୍ରଭୁ କହି ଚାଲିଛନ୍ତି । ସବୁ ବାହ୍ୟ ! ଗୋଟି ଗୋଟି କରି ସୋପାନ ପରେ ସୋପାନର ନିର୍ଦ୍ଦେଶ ଦେଇ ଯାଉଛନ୍ତି ଭକ୍ତ ରାମାନନ୍ଦ ।

ସ୍ୱଧର୍ମ ତ୍ୟାଗ । ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ !

ତାହା ମଧ୍ୟ ବାହ୍ୟ । ସ୍ୱୟଂ ଭଗବାନଙ୍କର ବାକ୍ୟ । ଗୀତାର ସର୍ବସାର ବାଣୀ । ସର୍ବ ଧର୍ମ ତ୍ୟାଗ କରି ମାମେକଂ ଶରଣଂ ବ୍ରଜ ! ମୋର ଶରଣାପନ୍ନ ହୁଅ !

ତାହା ମଧ୍ୟ ବାହ୍ୟ ?

ବାହ୍ୟ ! ବାହ୍ୟ !! ବାହ୍ୟ !!!

କେବଳ ଏକ ମାତ୍ର ପ୍ରତିଜ୍ଞା ଥିଲା ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ଭକ୍ତ ପ୍ରତି "ଅହଂ ତ୍ୱାଂ ସର୍ବପାପେଭ୍ୟୋଃ ମୋକ୍ଷୟିଷ୍ୟାମି ମା ଶୁଚଃ ! ମୁଁ ତୋତେ ସକଳ ପାପରୁ ମୁକ୍ତ କରିବ !"

ପାପରୁ ମୁକ୍ତ ହେବା କ'ଣ ମନୁଷ୍ୟର ଚରମ ଲକ୍ଷ୍ୟ ? ନା—ନା—କଦାପି ନୁହେଁ । ସେ ତ ବାହ୍ୟ । ଅତି ବାହ୍ୟକ । ତା'ପରେ କ'ଣ ?

ରାୟ କହେ—"ଜ୍ଞାନ-ମିଶ୍ରା ଭକ୍ତି ସାଧ୍ୟ ସାର"
ପ୍ରଭୁ କହେ—"ବାହ୍ୟ—ବାହ୍ୟ—ତାହା ମଧ୍ୟ ବାହ୍ୟ—ତା' ପରେ !"
ରାୟ କହେ—"ଜ୍ଞାନ ମିଶ୍ରା ଭକ୍ତିହିଁ ସାଧ୍ୟ ସାର—ଶ୍ରେୟସ୍କର ସାଧ୍ୟ ।"

ପଡ଼ିଗଲା ଏକ ବିରାଟ ଛେଦ । ମହାପ୍ରଭୁଙ୍କ ପ୍ରଶ୍ନରେ ଏକ 'ଫାଙ୍କ' । ସଙ୍ଗୀତର ସମ-ପୂର୍ବ ବିରତି ।

ଜ୍ଞାନ ମିଶ୍ରା ଭକ୍ତି ବାହ୍ୟ ନୁହେଁ ତାହା ସାଧ୍ୟ, ଅବଶ୍ୟ ସାଧ୍ୟ । ମାତ୍ର ତାହା ଚରମ ନୁହେଁ ।

ପ୍ରଭୁ କହେ—"ସମ୍ଭବ ଏ; ଆଗେ କହ ଆର ?"
ରାୟ କହେ—"ଜ୍ଞାନ । ଶୂନ୍ୟା ଭକ୍ତି ସାଧ୍ୟ ସାର ।"

Source: Author, Digitized by PPRACHIN, SOA

ସମ୍ଭବ । ସମ୍ଭବ । ଜ୍ଞାନ ଶୂନ୍ୟା ଭକ୍ତି ସାଧ୍ୟ । ବାହ୍ୟ ନୁହେଁ । ମାତ୍ର ମାତ୍ର···
ମାତ୍ର ତଦୁପରି ଶ୍ରେୟସ୍କର ସାଧ୍ୟ କ'ଣ ?
ରାୟ କହେ—"ପ୍ରେମ ଭକ୍ତି ସର୍ବ ସାଧ୍ୟ ସାର ।"

ପ୍ରେମ ଭକ୍ତି ମଧ୍ୟ ସମ୍ଭବ । "ତା' ପରେ ? ତାପରେ ଦାସ୍ୟ ଭକ୍ତି । ତା' ପରେ ସଖ୍ୟ ।" ଉତ୍ତର ଦେଲେ ରାମାନନ୍ଦ ।

ଆଉ ଏକ ପରିଚ୍ଛେଦ । ବ୍ୟବଚ୍ଛେଦ । ବ୍ୟବଧାନ ମହାପ୍ରଭୁଙ୍କ ପ୍ରଶ୍ନରେ ।

ସଖ୍ୟ ଭକ୍ତି ? ସଖ୍ୟ ଭକ୍ତି ବାହ୍ୟ ନୁହେଁ ଗୁହ୍ୟ । ଅନ୍ତରର । ଅଭ୍ୟନ୍ତରର । କେବଳ ସମ୍ଭବ ନୁହେଁ । ଏହାର ସମ୍ଭାବନା ସର୍ବୋତ୍ତମ । ମାତ୍ର···ମାତ୍ର···ଚରମ ନୁହେଁ ।

ପ୍ରଭୁ କହେ—"ଏହୋତ୍ତମ ଆଗେ କହ ତାର ।"
ରାୟ କହେ—"ବାତ୍ସଲ୍ୟ ପ୍ରେମ—ସର୍ବ ସାଧ୍ୟ ସାର ।"
ପ୍ରଭୁ କହେ—"ଏ ଉତ୍ତମ ଆଗେ କହ ତାର ।"
ରାୟ କହେ—"କାନ୍ତା ପ୍ରେମ ସର୍ବ ସାଧ୍ୟ ସାର ।"

କିନ୍ତୁ ଯାର ଯେଉଁ ଭାବ ସେଇ ସର୍ବୋତ୍ତମ । ତଟସ୍ଥ ବିଚାରରେ ଏହା 'ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, କାନ୍ତା ପ୍ରେମ ନାମରେ ନାମିତ—ପ୍ରେମ ଭକ୍ତିର ତର ତମ ମାତ୍ର ।

ନା—ନା—ତା'ପରେ ସମ୍ଭବତଃ ଆଉ କିଛି ହୋଇ ପାରେନା । କିନ୍ତୁ ପ୍ରଭୁଙ୍କର ପ୍ରଶ୍ନ—ଏହା ସାଧ୍ୟାବଧି ସାଧ୍ୟର ଶେଷ ସୀମା—ଚରମ । ତଥାପି ଯଦି ତା' ପରେ ଆଉ କିଛି ଥାଏ !

ଆଉ କିଛି ନାହିଁ । 'ଆଉ କିଛି ଅଛି କି, ବୋଲି ପ୍ରଶ୍ନ କରିବାର ବ୍ୟକ୍ତି ପୃଥିବୀରେ କେହି ଜନ୍ମ ଲାଭ କରିଥିବାର ରାମାନନ୍ଦଙ୍କୁ ଜଣା ନାହିଁ ।

ରାୟ ରାମାନନ୍ଦ ଚିନ୍ତିତ । ସମ୍ଭବତଃ ଅହଂ ଅହର ଗର୍ଜନରେ ମ୍ରିୟମାଣ । 'ମୁଁ ଜାଣେ ନାହିଁ' ଏ ଚିନ୍ତା ମୂଳରେ ଅହଂ ଆବର୍ତ୍ତ ।

ପୁଣି ଜାଗୁଛି ମନରେ—

ରାୟ କହେ—"ମୁହିଁ ନଟ ତୁମେ ସୂତ୍ରଧର,
ଯେମନ୍ତେ ନଚାଅ ସେଇମନ୍ତେ ନାଚିବାର ।
ମୋର ଜିହ୍ୱା ବୀଣା ଯନ୍ତ୍ର ତୁ'ମ ବୀଣାଧାରୀ,
ତୁମ୍ଭ ମନେ ଉଠେ ଯାହା ଥାଏ ମୁଁ ଉଚ୍ଚାରି ।"

ଫଗେ ଫଗେ ସ୍ମରଣ ହେଲା—

"ତା ମଧ୍ୟରେ ରାଧା ପ୍ରେମ ସାଧ୍ୟ ଶିରୋମଣି,
ଯା ମହିମା ସର୍ବଶାସ୍ତ୍ର ଅଛନ୍ତି ବଖାଣି ।" (ଚୈ: ଚ:)

ତଥାପି ପ୍ରଭୁ ଅତୃପ୍ତ—

ପ୍ରଭୁ କହେ—"କହ ଆଗେ ଶୁଣି ସୁଖାପ୍ଳୁତ
ଅପୂର୍ବ ଅମୃତ ନଦୀ ତୋ ମୁଖୁଁ ନିଃସୃତ ।" (ଚୈ: ଚ:)

Source: Author, Digitized by PPRACHIN, SOA

ତା' ପରେ କେବଳ କାବ୍ୟ—

ବୃନ୍ଦାବନରେ ରାସକ୍ରୀଡ଼ା । ବସନ୍ତ ବିଳାସ । ଗୋପୀ ଗୋଟିକେ କୃଷ୍ଣ ଗୋଟିଏ । ଶ୍ରୀ କୃଷ୍ଣଙ୍କର ମହାଭାବ ପ୍ରକାଶ । ଦ୍ରଷ୍ଟା ସ୍ୱୟଂ ଶ୍ରୀରାଧା । ସନ୍ନିକଟସ୍ଥ ସମମୂର୍ତ୍ତି ସମ୍ପନ୍ନ ଏକାଧିକ ଶ୍ରୀକୃଷ୍ଣଙ୍କର ଲୀଳା ବିଳାସ ।

ସେ ସମ୍ବନ୍ଧରେ ଅନବହିତ ଶ୍ରୀମତୀ ।

ପ୍ରେମ ବିହ୍ୱଳା ଶ୍ରୀରାଧାଙ୍କର ଦୃଷ୍ଟି ପଡ଼ିଲା କ୍ଷଣକ ପୂର୍ବେ ଗୋପୀମାନଙ୍କ ସହ ବିହାରପ୍ରବଣ ପୀତପଟ୍ଟ ଲମ୍ପଟ ଶ୍ରୀକୃଷ୍ଣ ସନ୍ନିକଟସ୍ଥ ଅନ୍ୟ ଅନ୍ୟ ଗୋପୀମାନଙ୍କ ପରି ସାଧାରଣ ନାୟିକା ଜ୍ଞାନ କରିଛନ୍ତି ଶ୍ରୀରାଧାଙ୍କୁ । ଜାଗିଲା ଅଭିମାନ । ସ୍ୱଭାବ କୁଟିଳ ପ୍ରେମର ହେଲା ବିକଶିତ—ବାମତା । ରାସ ମଣ୍ଡଳ ତ୍ୟାଗ କରି ଚାଲି ଗଲେ ରାସେଶ୍ୱରୀ । କେବଳ ଶ୍ରୀମତୀଙ୍କ ପ୍ରେମ ପାଶରେ ଶୃଙ୍ଖଳିତ, ଶ୍ରୀମତୀଙ୍କ ପ୍ରୀତିରେ ଆବଦ୍ଧ ହୋଇ ଶ୍ରୀକୃଷ୍ଣଙ୍କର ରାସ ମାନସ, ଲୀଳା ବାସନା । ଶ୍ରୀମତୀଙ୍କ ଅଭାବରେ ଗୋପୀମଣ୍ଡଳୀଙ୍କୁ ଘେନି ରାସ ବିଳାସ ଯେ ଅପୂର୍ଣ୍ଣ ! ଶ୍ରୀରାଧାଙ୍କ ଅବର୍ତ୍ତମାନରେ ବାଧାଗ୍ରସ୍ତ । ବହୁ ଅନ୍ୱେଷଣପରେ ରାଧାପ୍ରାପ୍ତିରେ ବିଫଳମନୋରଥ, ମନ୍ମଥମନମନ୍ଥନ ଗୋପୀଜନସହ ଯୁଗପତ୍ ରାସ ବିଳାସରେ ଅତୃପ୍ତକାମ ବ୍ରଜେନ୍ଦ୍ର ନନ୍ଦନ ଯମୁନା ପୁଳିନସ୍ଥ ଏକ ନିଭୃତ ନିର୍ଜ୍ଜନ ନିକୁଞ୍ଜରେ ବସି ରାଧାରସ ମାନସରେ ଖିନ୍ନ, ବିଷଣ୍ଣ, ବିଳପିତ ।

"ଆଚାର୍ଯ୍ୟ !" ହରିଦାସ ପ୍ରଶ୍ନ କଲେ; "ମାତ୍ର ରାଧାକୃଷ୍ଣଙ୍କର ପରିଚୟ ବିନା ସେବା ଓ ସେବକର ନିର୍ଣ୍ଣୟ କ'ଣ ସମ୍ଭବ ?"

ସସ୍ମିତ ହାସ୍ୟାଧର ଆଚାର୍ଯ୍ୟ ଏ ପ୍ରଶ୍ନରେ ଯେପରି ପରିତୃପ୍ତ । ଉତ୍ତର ଦେଲେ— "ରାୟ ରାମାନନ୍ଦ ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱର ନିଗୂଢ଼ ତଥ୍ୟ ଜଗଜ୍ଜୀବମାନଙ୍କ ପରିତୃପ୍ତି ପାଇଁ ପରିବେଷଣ କରି ଯାଇଛନ୍ତି, ମହାପ୍ରଭୁଙ୍କ ପ୍ରଶ୍ନର ଉତ୍ତର ଛଳରେ ।"

"ଈଶ୍ୱର ପରମ କୃଷ୍ଣ ସ୍ୱୟଂ ଭଗବାନ୍
ସର୍ବ ଅବତାରୀ ସର୍ବ କାରଣ ପ୍ରଧାନ ।
ସତ୍ ଚିତ୍ ଆନନ୍ଦ ତନୁ ବ୍ରଜେନ୍ଦ୍ର ନନ୍ଦନ
ସର୍ବୈଶ୍ୱର୍ଯ୍ୟ ସର୍ବ ଶକ୍ତି ସର୍ବ ରସ ପୂର୍ଣ୍ଣ । (ଚୈ : ଚ:)

"ଆଉ ଶ୍ରୀରାଧା ?" ପ୍ରଶ୍ନ କଲେ ହରିଦାସ ।

"ଶ୍ରୀକୃଷ୍ଣଙ୍କର ସ୍ୱରୂପ ଶକ୍ତି—ବହିରଙ୍ଗା ଶକ୍ତି ନୁହେଁ; ତଟସ୍ଥା—ଜୀବଶକ୍ତି ମଧ୍ୟ ନୁହେଁ; ଅନ୍ତରଙ୍ଗା ଚିତ୍ ଶକ୍ତିର ଅନ୍ୟତମା 'ହ୍ଲାଦିନୀ' ଶକ୍ତି ସ୍ୱରୂପା ଶ୍ରୀରାଧା ।"

"ଆହ୍ଲାଦିନୀ ନାମେ କୃଷ୍ଣ ହ୍ଲାଦ ଦାନ କରେ
ନିଜ ସୁଖ ଆସ୍ୱାଦନ୍ତି ସେହି ଶକ୍ତି ବଳେ ।"

ରାଧେ ରାଧେ କହି ହରିଦାସ ଉଦ୍ଦଣ୍ଡ ନୃତ୍ୟ କରିବାରେ ଲାଗିଲେ ।

* * *

Source: Author, Digitized by PPRACHIN, SOA

ସମ୍ବାଦ ପ୍ରଚାରିତ ହୋଇଗଲା ବିଦ୍ୟୁତ୍ ବେଗରେ ସମଗ୍ର ନବଦ୍ୱୀପ ବ୍ୟାପି । ମହାପ୍ରଭୁ ପୁରୁଷୋତ୍ତମରେ । ଅଦ୍ୱୈତ ମନ୍ଦିରରେ ଉପଗତ ଭକ୍ତବୃନ୍ଦ । ଏକେ ଏକେ । ପ୍ରସ୍ତାବ ହେଲା ପୁରୁଷୋତ୍ତମ ଯାତ୍ରାର—ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କ ନେତୃତ୍ୱରେ ।

"ଏ ଅଧମ କଣ ପ୍ରଭୁ ଦର୍ଶନର ଅଧିକାରୀ ହେବାର ଯୋଗ୍ୟ ?" ପ୍ରଶ୍ନକଲେ ହରିଦାସ । ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କ ପଦତଳେ ଭୂଲୁଣ୍ଠିତ ହରିଦାସ ।

ଶ୍ରୀ ଅଦ୍ୱୈତ ନିରୁତ୍ତର । ଏ ପ୍ରଶ୍ନର ଯଥାର୍ଥ ଉତ୍ତର ଯେପରି ଶ୍ରୀଅଦ୍ୱୈତାଚାର୍ଯ୍ୟଙ୍କ ବୁଦ୍ଧିର ଅଗୋଚର ।

ଈଶ୍ୱର ଦର୍ଶନର ଅଧିକାରମାନଙ୍କର ବହୁ ଊର୍ଦ୍ଧ୍ୱରେ ଶ୍ରୀ ହରିଦାସ । କର୍ମିଜ୍ଞାନିମାନଙ୍କ ପକ୍ଷରେ ଈଶ୍ୱରଦର୍ଶନ ଅଧିକାର କାମ୍ୟ । ମାତ୍ର ଈଶ୍ୱରଦର୍ଶନର ଅଧିକାରୀ ହୋଇ ମଧ୍ୟ ଭକ୍ତ ହରିଦାସ ତୃଣାଦପି ସୁନୀଚ ଭାବରେ ଏକ ଅକାରଣ ହୀନମନ୍ୟତା କାରଣବଶତଃ ସେ ଅଧିକାର ସମ୍ବନ୍ଧରେ ସନ୍ଦିହାନ୍ । ସେ ସନ୍ଦେହ ଦୂରକରିବାକୁ ଶ୍ରୀ ଅଦ୍ୱୈତ ଯେପରି ଅକ୍ଷମ । ସେ ସନ୍ଦେହ କେବଳ ବିରହଜ୍ୱାଳା ମଧ୍ୟରେ, ମିଳନ କଳ୍ପନାର ମାଙ୍ଗଳିକରେ ହିଁ ନିରସନ ହେବା ସମ୍ଭବ । ମାତ୍ର ହରିଦାସଙ୍କୁ ଏକା ନବଦ୍ୱୀପରେ ଆବଦ୍ଧ କରି ରଖିବାର ନିର୍ମମତା ମଧ୍ୟ ଶ୍ରୀ ଅଦ୍ୱୈତଙ୍କ ଅଭିପ୍ରାୟର ଅଜ୍ଞାତ ।

"ହରିଦାସ !" ଶ୍ରୀ ଅଦ୍ୱୈତ ଉତ୍ତର ଦେଲେ ପରିଶେଷରେ—"ହରିଦାସ ଈଶ୍ୱର ଦର୍ଶନରେ ଅନଧିକାରୀ ହୋଇ ପାରନ୍ତି; ମାତ୍ର ହରିଦାସଙ୍କୁ ସଙ୍ଗାର୍ଥ ରୂପେ ନ ପାଇଲେ କମଳାକ୍ଷଙ୍କର ଈଶ୍ୱରଦର୍ଶନ ବିଡ଼ମ୍ବନା—ନୀଳାଚଳ ଯାତ୍ରା ଅସମ୍ଭବ ।"

ଯାତ୍ରା ନୁହେଁ, ସେ ଏକ ତରଙ୍ଗ । ଜୀବନ୍ତ ମନୁଷ୍ୟର ମସ୍ତକମାଳା ଯେମିତି ତରଳ ତରଙ୍ଗ ଛୁଟିଛି ନୀଳାଚଳ ଅଭିମୁଖରେ । ନବଦ୍ୱୀପ ବାହାରେ ।

ଅଭ୍ୟନ୍ତରରେ ଛଳ ଛଳ ଉଚ୍ଛଳ ଉଜ୍ଜ୍ୱଳ ଆନନ୍ଦ ଉଦଧିର ଗଭୀରତମ ପ୍ରଦେଶରୁ ଛୁଟି ଆସୁଛି ନିରବଧି ବିଭଙ୍ଗଭଙ୍ଗରେ ତୁଙ୍ଗ ଲହରୀମାଳା, ଉପର୍ଯ୍ୟୁପରି, ଗୌରାଙ୍ଗ ପ୍ରେମ ସିନ୍ଧୁର ବେଳାଭୂମିରେ ଅଜାଡ଼ି ହୋଇ ପ୍ରଣିପାତ କରିବାର ଆଗ୍ରହ ଯେମିତି ।

ଅନତିଦୂରରେ ଶ୍ରୀକ୍ଷେତ୍ର । ବଡ଼ଦେଉଳର ନୀଳଚକ୍ର ଉପରେ ଉଡ଼ୁଛି ନାନା ରଙ୍ଗର ପତାକା, ପତିତପାବନ-ବାନା । ପ୍ରଣିପାତ କରି ଗୁଡ଼ଣୀ ବାନ୍ଧିଲେ ଭକ୍ତଗଣ । ପ୍ରତ୍ୟୁଷରୁ ନିତ୍ୟକୃତ୍ୟ ସମାପନାନ୍ତେ ସାଗ୍ରହରେ ଛୁଟିଲେ ଗୌର ପ୍ରେମ ସିନ୍ଧୁରେ ଅବଗାହନ କରିବା ପାଇଁ ।

ବଡ଼ଦାଣ୍ଡର ଶରଧାବାଲି । ଗଡ଼ିଗଲେ ଭୂଇଁରେ ପଡ଼ି ଭକ୍ତଗଣ । ପୁଣି ଅଣନିଶ୍ୱାସୀ ହୋଇ ଛୁଟିଛନ୍ତି ଗୌର ଅନୁସନ୍ଧାନରେ । କିନ୍ତୁ ହରିଦାସ ? ହରିଦାସ ବସିରହିଛନ୍ତି ବଡ଼ ଦାଣ୍ଡରେ ।

ନୀଳାଚଳ ପୁରରେ ବହୁ ବୈରାଗୀ ସନ୍ନ୍ୟାସୀଙ୍କର ଚଳାଚଳ । ତେଣେ ନବଦ୍ୱୀପବାସୀ ଜଣେ ଜଣେ ପୁଛା କରୁଛନ୍ତି—

ସତେ କି ହେ କେହି ଦେଖିଅଛ କାହିଁ
(ଶ୍ରୀକୃଷ୍ଣ) ଚୈତନ୍ୟ କହି ପାରେ,

Source: Author, Digitized by PPRACHIN, SOA

ହୋଇଛୁ କି ଭେଟ ଶ୍ରୀକ୍ଷେତ୍ର ନିକଟ
କହ ହେଲେ ମୋତେ ବାରେ ।
ତା'ର) ତରୁଣ ବୟସ ତନୁ ଭାବେ ବଶ
ଜିଣି ତରଳ କାଞ୍ଚନ,
ହରେକୃଷ୍ଣ ନାମ ଘୋଷେ ଅବିରାମ
ନୟନୁଁ ନୀର ଘନ ଘନ ।
କେବେ ଅବା ହସେ କେବେ ବା କାନ୍ଦେ ସେ
ଅଛଟେ ପଡ଼େ କଚାଡ଼ି
ଶିମୂଳ କଣ୍ଟକ ସମ କି ପୁଲକ
ସୁନା ଦେଲେ ଧାଡ଼ି ଧାଡ଼ି ।
ନୀଳାଚଳବାସୀ କହୁଛନ୍ତି ଆସି
(ତା'ର) ବସନ୍ତ ସମୁଦ୍ର ତଟ,
ସେ ନିଜେ ସାକ୍ଷାତ ବିଜେ ଜଗନ୍ନାଥ
କେ କହିବ ନିରଘଟ ।
(ତା'ର) ସେ ଯେ ରୂପଗୁଣ ସେ ନଟକୀର୍ତ୍ତନ
ସେ ପ୍ରେମ ବିକାର ଦେଖି,
ମଦନ ହୁଏ ସତେ ତା ଚରଣ ଗତେ
ପରଶ ଦେବ କି ବିକି ?
ଆସି ନୀଳାଚଳେ କେଉଁ ଭାଗ୍ୟଫଳେ
ଦେଖିଲି ଚରଣ ତା'ର
ପ୍ରେମ ଦାସ ଭଣି ଶୋଭା ଗୁଣମଣି
ସବୁର ପରାଣ ସାର । (ମହାଜନ ପଦ)

ଭକ୍ତଗଣ ଛୁଟିଗଲେ ପ୍ରଭୁଙ୍କ ନିକଟକୁ ସେ ସଂବାଦ ପାଇ ।
ଆଉ ହରିଦାସ ?

ହରିଦାସ ବସି ପଡ଼ିଲେ ମଠ ମଧ୍ୟରେ । ଧୀର ମଧୁର ନାମ ସଂକୀର୍ତ୍ତନରେ ବିଭୋର ।

"ଠାକୁରେ" ! ସ୍ନେହଭାଜନ ଜନମାନେ ନିବେଦନ କରୁଛନ୍ତି ।
"ହରିଦାସ" ଗୁରୁଜନମାନେ ଆଦେଶ କରୁଛନ୍ତି ।
"ହରିଦାସ !" ଅଦ୍ୱୈତ ସଂବୋଧନ କରୁଛନ୍ତି ।

ହରିଦାସଙ୍କର ଏକମାତ୍ର ଉତ୍ତର—"ମୁଁ ଅସ୍ପୃଶ୍ୟ । ମୋ ସ୍ପର୍ଶରେ କ୍ଷେତ୍ରବାସୀ ସାଧୁମାନଙ୍କର ଗାତ୍ର ଅପବିତ୍ର ହେବ ନାହିଁ ତ ?"

ଶ୍ରୀ ଅଦ୍ୱୈତ ବିସ୍ମିତ ହେଲେ ନାହିଁ ହରିଦାସଙ୍କ ଉକ୍ତିରେ । ଏ ପରିସ୍ଥିତି ଅନନୁମେୟ ନ ଥିଲା ଶ୍ରୀ ଅଦ୍ୱୈତଙ୍କର । ଏ ଅତି ପୁରାତନ ପ୍ରଶ୍ନ । ହରିଦାସଙ୍କର ଦୈନ୍ୟ । ଏହାର ସମାଧାନ କରିବାକୁ କେବଳ ଶ୍ରୀ ଚୈତନ୍ୟ ହିଁ ସମର୍ଥ ।

Source: Author, Digitized by PPRACHIN, SOA

"ପ୍ରଭୁ ଜାଣନ୍ତି, ସେ ନିଶ୍ଚୟ ଏହାର ଯଥାଯଥ ବ୍ୟବସ୍ଥା କରିବେ।" ଅଗତ୍ୟା ଉତ୍ତର ଦେଲେ ଶ୍ରୀ ଅଦ୍ୱୈତ।

ଚାଲିଗଲେ ଶ୍ରୀ ଅଦ୍ୱୈତ ଶ୍ରୀକୃଷ୍ଣ ଚୈତନ୍ୟଙ୍କୁ ଭେଟିବା ପାଇଁ। ସଙ୍ଗତରେ ଚତୁଃଶତ ସଂଖ୍ୟକ ନବଦ୍ୱୀପବାସୀ।

ହରିଦାସ ଏକାକୀ। ଭକ୍ତପଦାନୁଗତ ଧୂଳିଧୂସରରେ ବିଭୂଷିତ ଅଙ୍ଗ। ମୁଖରୁ ସଞ୍ଚାରିତ ହେଉଛି ମଧୁମୟ ମହାମନ୍ତ୍ର। ନିଜକୁ ବଞ୍ଚିତ କରି ସେ ନୀପପରି ବାଞ୍ଛିତରୁ ନିକଟତର ହୋଇଯାଉଛନ୍ତି। ହରିଦାସ ଏକାକୀ। ପରିହାର କରି ଚାଲିଯାଉଛନ୍ତି ବାଧ ହୋଇ ସମାଗତ ଭକ୍ତବୃନ୍ଦ।

ଏକେ ଏକେ ଚତୁଃଶତ ନଦୀୟାବାସୀ, ଶ୍ରୀଖଣ୍ଡର ଭକ୍ତବୃନ୍ଦ, କାଞ୍ଚନପଲ୍ଲୀର ସେନ୍ ଶିବାନନ୍ଦ, କୁଲୀନ ଗ୍ରାମର ଗୁଣରାଜ୍ ଖାଁ। ଓ ସତ୍ୟରାଜ ଖାଁ, ତଥା ଶଙ୍କର ଓ ବକ୍ରେଶ୍ୱର ପଣ୍ଡିତ।

ହରିଦାସ ଚାହିଁଛନ୍ତି। ଗୌର ଦର୍ଶନର ସମ୍ଭାବନାରେ କି ଅପାର ଆନନ୍ଦ।

ଏଇ ସେନ୍ ଶିବାନନ୍ଦ—ଜାତି ପ୍ରାଣଧନ ଯା'ର ଗୋରା ପଦଦ୍ୱନ୍ଦ୍ୱ। ଆଜି ଆନନ୍ଦରେ ବିଭୋର। ବ୍ରଜଲୀଳାର ଖାଁଟି ଦୂତୀ। କି ଭାଗ୍ୟବାନ୍! ପ୍ରଣାମ କଲେ ହରିଦାସ ସେନ୍ ଶିବାନନ୍ଦଙ୍କ ଉଦ୍ଦେଶରେ।

ପୁଣି ସତ୍ୟରାଜ। ସତ୍ୟରାଜ ଖାଁ। ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କଲେ ହରିଦାସଙ୍କର। ହରିଦାସଙ୍କ ମୁଖରେ ସ୍ମିତହାସ୍ୟ। ଆନନ୍ଦର ଆଭାସ। ନିଜର କୃପାପାତ୍ର ଏଇ ଭକ୍ତର ଭାଗ୍ୟରେ। ଏ ଲୀଳାର ସତ୍ୟରାଜ, ବ୍ରଜଲୀଳାର ସୁକଣ୍ଠୀ। ସ୍ମରଣମାତ୍ରେ ହରିଦାସଙ୍କ ଅଙ୍ଗରେ ପୁଲକ।

ଆଉ ଗୁଣରାଜ ? ଆନନ୍ଦରେ ବିଦାୟ ଦେଲେ ହରିଦାସ। 'ଶ୍ରୀକୃଷ୍ଣ ବିଜୟ' ଗ୍ରନ୍ଥର ରଚୟିତା। ମନେ ପଡ଼ିଗଲା ଶ୍ରୀକୃଷ୍ଣ ବିଜୟର ସେହି ବାରମ୍ବାର ଉଦ୍ଧୃତ ପଙ୍କ୍ତି 'ନନ୍ଦ ନନ୍ଦନ କୃଷ୍ଣ ମୋର ପ୍ରାଣନାଥ!' ଏହି ଅପୂର୍ବ ବାକ୍ୟରେ ହିଁ ମହାପ୍ରଭୁ ଖାଁ ବଂଶଙ୍କ ଠାରେ ନିଜକୁ ବିକ୍ରୟ କରିଦେଲେ। ନିଜ ମୁଖରେ ସ୍ୱୀକାର କରିଛନ୍ତି ଶ୍ରୀକୃଷ୍ଣ ଚୈତନ୍ୟ।

ଶଙ୍କର ମଧ୍ୟ ପ୍ରଣାମ କରି ଚାଲିଗଲେ ହରିଦାସଙ୍କ ପଦାଙ୍କରେ। ପରେ ପରେ ବକ୍ରେଶ୍ୱର ପଣ୍ଡିତ। ପ୍ରଣାମ କଲେ ଉଭୟେ ଉଭୟଙ୍କୁ। ହରିଦାସ ଓ ବକ୍ରେଶ୍ୱର।

କି ଅଦ୍ଭୁତ ଏହି ବକ୍ରେଶ୍ୱର। ସଙ୍ଗେ ସଙ୍ଗେ ସ୍ମୃତିପଟରେ ଖେଳିଗଲା ମହାପ୍ରଭୁଙ୍କ ନଦୀୟା ବିଳାସର ସଙ୍ଗୀ, କୀର୍ତ୍ତନରସ ପରିକର ଏହି ପଣ୍ଡିତଙ୍କର ସ୍ୱଭାବ। ପୂର୍ବଲୀଳାରେ କି ଅଦ୍ଭୁତ ଭୂମିକା। ଉଭୟ ଅନିରୁଦ୍ଧ ଓ ଶଶିରେଖା। ସେଦିନ ଚବିଶପ୍ରହରବ୍ୟାପୀ ତାଙ୍କର ନୃତ୍ୟକୀର୍ତ୍ତନ ଦେଖି ହରିଦାସ ଅବାକ୍। କି ଅଦ୍ଭୁତ ଶକ୍ତି! ଚୈତନ୍ୟ ପ୍ରେମର କି ଅପୂର୍ବ ପ୍ରକାଶ! ଅଲୌକିକୀ ଶକ୍ତି!

Source: Author, Digitized by PPRACHIN, SOA

ମହାପ୍ରଭୁଙ୍କର କର୍ଣ୍ଣଗୋଚରେ ହେଲା ଉତ୍ଫୁଲ୍ଲ ସଂଖ୍ୟକ ନୀଳାଚଳବାସୀ ପ୍ରାଣ-ଗୌରାଙ୍ଗଙ୍କୁ ଭେଟିବାପାଇଁ ବହୁ ଦୂର ଦୁର୍ଗମପଥ ଅତିକ୍ରମ କରି ଧାଇଁ ଆସୁଛନ୍ତି ପଦ-ବ୍ରଜରେ । ନିଦ୍ରାହାର ପରିହାର କରି । ଛୁଟିଗଲେ ମହାପ୍ରଭୁ ପାଦଗୁଡ଼ି ଆଣିବାପାଇଁ ରାଜପଥ ଅଭିମୁଖରେ ।

ସେ କି ହୃଦୟ ଆକର୍ଷକ ଦୃଶ୍ୟ ! ଭକ୍ତ ଓ ଭଗବାନଙ୍କର ମିଳନ । ଅପ୍ରତ୍ୟାଶିତ ମିଳନ । ଅନାସ୍ୱାଦିତ ମଧୁରତା, ଅଖଣ୍ଡ ଅମିୟର ଆସ୍ୱାଦନ ।

କାଶୀମିଶ୍ରାଳୟରେ ନବଦ୍ୱୀପାଗତ ଭକ୍ତବୃନ୍ଦଙ୍କର ସମାବେଶ । ସ୍ୱହସ୍ତରେ ଅର୍ପଣ କରୁଛନ୍ତି ପ୍ରସାଦୀ ମାଲ୍ୟ ଚନ୍ଦନ ଏକେ ଏକେ ପ୍ରତ୍ୟେକ ଅଙ୍ଗରେ ବନ୍ଦନୀୟ ମହାପ୍ରଭୁ ।

ଭଗବାନ୍‌ଙ୍କର ଗୁଣକୀର୍ତ୍ତନରେ ସତତ ମୁଖରିତ ଶ୍ରୀବୈଷ୍ଣବ ଆଜି ଭକ୍ତଗୁଣଗାନ ପ୍ରବଣ ମହାପ୍ରଭୁଙ୍କ ବାଣୀରେ 'ପ୍ରାଣପ୍ରାଚୁର୍ଯ୍ୟ ଲାଭକରିଛି ଯେପରି ।

ଭକ୍ତ ଗୁଣ କୀର୍ତ୍ତନ ପ୍ରସଙ୍ଗ କ୍ରମେ ଏକେ ଏକେ ଆଲିଙ୍ଗନ କରୁଛନ୍ତି ପ୍ରଭୁ ପ୍ରତ୍ୟେକଙ୍କୁ । ସେ ଆଶ୍ଳେଷରେ ଅଶେଷ ଦୁଃଖତାପ ଯେପରି ନିରସନ ହୋଇ ଯାଉଛି ପ୍ରତି ପ୍ରାଣରୁ ।

ମାତ୍ର ମୁରାରି ?

ମହାପ୍ରଭୁ ଜିଜ୍ଞାସା କରୁଛନ୍ତି । ଅନୁପସ୍ଥିତ ମୁରାରି ଗୁପ୍ତ । ଭକ୍ତମଣ୍ଡଳରେ ଅଦୃଶ୍ୟ । ତ୍ରେତାଯୁଗର ଭକ୍ତ ହନୁମନ୍ତ ମୁରାରି । ହୃଦୟଚିରି ସେ ଦେଖାଇଥିଲେ ସୀତା ରାମ ମୂର୍ତ୍ତି । ଆଜି ସେ ମହାପ୍ରଭୁଙ୍କ ଅଙ୍ଗନରେ ଅନୁପସ୍ଥିତ ।

"ମୁରାରି ?" ପ୍ରଶ୍ନକଲେ ମହାପ୍ରଭୁ । !

ମୁରାରି ଆସିଥିଲେ ଅନ୍ୟ ଅନ୍ୟ ଭକ୍ତଗଣ ଗହଣରେ ନବଦ୍ୱୀପରୁ ସତ୍ୟ; ମାତ୍ର କେଉଁଠି ହଜିଗଲେ ମୁହୂର୍ତ୍ତିକ ପୂର୍ବରୁ ।

ଅନ୍ୱେଷଣ ପରେ ଆବିଷ୍କୃତ ହେଲେ ଭକ୍ତ ମୁରାରି ।

ବାହାରେ, କାଶୀମିଶ୍ରାଳୟ ବହିର୍ଦ୍ଦେଶରେ; ଦନ୍ତେ ତୃଣ ଧାରଣ କରି ମୁରାରି ପ୍ରଲମ୍ବିତ । ଅଶ୍ରୁଜଳରେ ସିକ୍ତ ଭକ୍ତ ଭୂମି ।

"ଆଉ ହରିଦାସ ?"

ବାରମ୍ବାର ପ୍ରଶ୍ନକରୁଛନ୍ତି ମହାପ୍ରଭୁ । "ହରିଦାସ, ହରିଦାସ କାହିଁ ?" ମୁରାରିଙ୍କୁ ଆଲିଙ୍ଗନ କରି ଯେପରି ହରିଦାସର ଅଭାବ ଦ୍ୱିଗୁଣିତ ହୋଇଗଲା ସଙ୍ଗେ ସଙ୍ଗେ ।

"ଠାକୁରେ, ମହାପ୍ରଭୁ ଆପଣଙ୍କ ଅପେକ୍ଷାରେ, ଅନାଷାରେ ।" ନିବେଦନ କଲେ ଭକ୍ତଗଣ । ହରିଦାସଙ୍କ ନିକଟରେ ।

ପଥପ୍ରାନ୍ତରେ ମହାପ୍ରଭୁଙ୍କ ଉଦ୍ଦେଶରେ ପ୍ରଣିପାତ ଜଣାଇ ପଡ଼ିଛନ୍ତି ହରିଦାସ । ହରିଦାସଙ୍କର ପୂର୍ବୋକ୍ତିର ପୁନରାବୃତ୍ତି । ସେ ଅସ୍ପୃଶ୍ୟ । ମହାପ୍ରଭୁଙ୍କ ମନ୍ଦିରରେ ପ୍ରବେଶ

Source: Author, Digitized by PPRACHIN, SOA

କରିବାର ଅଧିକାରରୁ ବଞ୍ଚିତ ସେ । ଏତଦ୍ ବ୍ୟତୀତ ଶ୍ରୀକ୍ଷେତ୍ର ଯେ ନବବୃନ୍ଦାବନ ! ମର୍ତ୍ତ୍ୟ ବୈକୁଣ୍ଠରେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ଆବିର୍ଭାବ । କ୍ଷେତ୍ରବାସୀ ସେବକମାନେ ସେବା ଉଦ୍ଦେଶରେ ଗମନାଗମନ କାଳରେ ହରିଦାସଙ୍କ ଛାୟାପାତ ମାତ୍ରେ, ଅପବିତ୍ର ହେବାର ଆଶଙ୍କା ରହିଛି । ସେହି ଘୋର ଅପରାଧକୁ ସ୍ୱୀକାର କରିବା ପାଇଁ ସେ ପ୍ରସ୍ତୁତ ନୁହନ୍ତି । ହରିଦାସ କହିଲେ—

"......ମୁହିଁ ନୀଚ ଜାତି ଛାର,
ମନ୍ଦିରପାଶେ ଯିବାକୁ ନାହିଁ ଅଧିକାର ।
ଜଗନ୍ନାଥ ସେବକଙ୍କ ନ ପଡ଼ିବ ଛାଇ,
ଏମନ୍ତ ସ୍ଥାନରେ ଇଚ୍ଛା ରହିବାର ପାଇଁ ।
କାହିଁ ନିଭୃତ ଟୋଟାରେ ସ୍ଥାନ ଗୃହିହାତ
ପାଇଲେ କରନ୍ତି ପଡ଼ି କାଳ ଅତିପାତ ।" (ଚୈ: ଚ)

ଶୁଣିଥିଲେ ମହାପ୍ରଭୁ ଏହି ବ୍ୟଥାଭରା ଦୈନ୍ୟୋକ୍ତି । ମହାପ୍ରଭୁଙ୍କର ଅପାର ଆନନ୍ଦ । ବୈଷ୍ଣବୋଚିତ ଆଚରଣ ହରିଦାସଙ୍କର । ସୁପ୍ରତିଷ୍ଠିତ ଧର୍ମର ବିରଳ ଆଦର୍ଶ ହରିଦାସ ।

ଗୌଡ଼ାଗତ ଭକ୍ତମାନଙ୍କର ଖାଦ୍ୟପେୟ ତଥା ବିଶ୍ରାମର ବ୍ୟବସ୍ଥା ସମାହିତ ହେଲା । ପ୍ରଭୁଙ୍କର ନିର୍ଦ୍ଦେଶରେ । ତଥାପି ମହାପ୍ରଭୁ ନିଶ୍ଚିନ୍ତ ନୁହନ୍ତି । ହରିଦାସଙ୍କର ଦୀନବେଶ ଓ ଦୈନ୍ୟ ଆଚରଣ ବିଚଳିତ କରୁଛି ଅହରହ । ସଙ୍ଗେ ସଙ୍ଗେ କାଶୀମିଶ୍ରାଳୟରୁ ବହିର୍ଭୂତ ହେଲେ ପ୍ରଭୁ ।

"ହରିଦାସ ! ହରିଦାସ !"

ରାଜପଥ । ପଥପ୍ରାନ୍ତରେ ବଡ଼ଦାଣ୍ଡରେ ପଡ଼ିରହିଛନ୍ତି ହରିଦାସ । ସମ୍ମୁଖରେ ମହାପ୍ରଭୁ । ଚିର ଆରାଧିତ ଦେବତା । ଆତପର ରୁଦ୍ରତାପରେ ଆକାତର ଅବସ୍ଥାନ ।

ଏ କାହାର ସ୍ୱର ?

ଚମକି ପଡ଼ିଲେ ହରିଦାସ ।

ଏ କାହାର ସମ୍ବୋଧନ ! ସ୍ୱପ୍ନ ନା ସତ୍ୟ ? ସ୍ୱପ୍ନହିଁ ଯେପରି ସତ୍ୟ ପ୍ରତୀତ ହେଉଛି । ସତ୍ୟରେ ଯେପରି ସ୍ୱପ୍ନର ନିର୍ବିଘ୍ନ ବିଳାସ । ସତ୍ୟର ପ୍ରଶାନ୍ତି ନୁହେଁ; ସତ୍ୟରେ ହିଁ ପରିଣତ ହୋଇଛି ବହୁ ଦିନର ସ୍ୱପ୍ନ । ସ୍ୱପ୍ନ କେବଳ ବାସ୍ତବ ସତ୍ୟରେ ରୂପାୟିତ ହେଉନାହିଁ, ସେହି ରୂପାୟନ ଭିତରେ ସ୍ୱପ୍ନରେ ସତ୍ୟ ପ୍ରତ୍ୟୟଜନିତ ଆନନ୍ଦ ସହିତ ଯେପରି ମିଶି ମିଶି ଯାଉଛି ।

"ପ୍ରଭୁ ହେ !"

ପଦତଳେ ଲୋଟି ହୋଇ ପଡ଼ୁଛନ୍ତି ହରିଦାସ । ଏ ଭୂଲୁଣ୍ଠନ ନୁହେଁ ହରିଦାସଙ୍କର; ଏ ଲୁଣ୍ଠନ ପ୍ରେମର ଅକାତର, ଅଜ୍ଞାନ, ଅବାଧ୍ୟର, ଅନବଗୁଣ୍ଠିତ, ଅକୁଣ୍ଠିତ ଲୁଣ୍ଠନ । ଏ ଅନବଦ୍ୟ ଅଚିନ୍ତ୍ୟଚରିତ ଲୁଣ୍ଠନ ପ୍ରଣାଳୀରେ ଅପହରଣର ସାବଧାନତା ନାହିଁ, ସଙ୍କୋଚ ନାହିଁ; ଅଯାଚିତ ଆତ୍ମସମର୍ପଣରେ ହିଁ ଏ ଅମୂଲ୍ୟ ପଦାର୍ଥର ଲୁଣ୍ଠନ ସମ୍ଭବ ।

Source: Author, Digitized by PPRACHIN, SOA

ସେ ସମର୍ପଣ ଚିର, ଅକ୍ଷୟ, ଅମର୍ତ୍ତ୍ୟ, ଅସର୍ତ୍ତ, ସତତ ସମୃଦ୍ଧିଶାଳୀ, ସମ୍ପୂର୍ଣ୍ଣ । ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।

ଏତେ କଷ୍ଟ ସହିଲେ ପ୍ରଭୁ ଛାର ସେବକ ପାଇଁ ?. ଚିନ୍ତାରେ ହରିଦାସଙ୍କର ଚକ୍ଷୁ ଉଚ୍ଛଳ, ବର୍ଷଣପର ।

ନା-ନା-ହରିଦାସଙ୍କର ଅଶ୍ରୁବର୍ଷଣ ନୁହେଁ—ଆତ୍ମଉତ୍ସର୍ଗର ଅର୍ଘ୍ୟ । ସେ ଅର୍ଘ୍ୟର ଗ୍ରହଣ ପାଣିରେ ନୁହେଁ, ହୃଏ ହୃଦୟରେ—ପଯୁଃରେ । ଆର୍ତ୍ତିର ପାଣିରେ ।

ପ୍ରଭୁ ମଧ୍ୟ ଅଶ୍ରୁ ବର୍ଷଣ କରୁଛନ୍ତି ଭୃତ୍ୟକୁ ହୃଦୟରେ ଧାରଣ କରି । ପ୍ରଭୁ ଯେପରି ଆଜି ବିବ୍ରତ ଭୃତ୍ୟର ନିଭୃତ ନିର୍ଭରତାରେ ଆଶ୍ରିତ ! ପ୍ରଭୁଙ୍କ ଆଜି ପରାଜୟ ମାନିଛି ଭୃତ୍ୟଭିର ପ୍ରଭୁତ ପ୍ରାଚୁର୍ଯ୍ୟ ସନ୍ନିଧିରେ । ହରିଦାସ ନିଜକୁ ବିନ୍ୟସ୍ତ କରି ଦେଇଛନ୍ତି ଶ୍ରୀବତ୍ସଲାଞ୍ଛନଙ୍କର ବକ୍ଷସ୍ଥଳରେ ।

ମହାପ୍ରଭୁ ଯେପରି ଭକ୍ତ ଅଶ୍ରୁର ପ୍ରତିଦାନପର କମଳ ନୟନ ଯୁଗଳର ସ୍ୱାଭାବିକ କର୍ମ ସଂପାଦନ ଜନିତ ଗୌରବ ବରଣ କରିବାର ଅଧିକାରକୁ ସମ୍ବରଣ କରି ଗଲେଦ୍-ଘର୍ମ । ହରିଦାସଙ୍କ ଆଚରଣରେ.ସେତିକି ଆଶ୍ୱସ୍ତ, ଆପଣାର ସ୍ୱଭାବ ସଂଯମରେ ସେତିକି କ୍ଲାନ୍ତ ।

ହରିଦାସ ବିହ୍ୱଳ, ଅପୂର୍ବ ଭାବରେ ବିଭାବିତ, ଭକ୍ତ ପ୍ରତି ଭଗବାନଙ୍କର ଅଯାଚିତ ଅଭାବିତ କୃପାର ନିଦର୍ଶନରେ । ଅସମ୍ଭାଳ ସେ ଭାବୋଚ୍ଛ୍ୱାସ । ଧୈର୍ଯ୍ୟର ସମସ୍ତ ବନ୍ଧ ଅତିକ୍ରମ କରି ଅମିତ ବିକ୍ରମ ପ୍ରଦର୍ଶନରେ ବ୍ୟତିବ୍ୟସ୍ତ ସେ ଉଚ୍ଛ୍ୱାସ— ଅଭୟ ହୃଦୟରେ ଆଶ୍ରୟ ଲାଭ ସଦ୍ୟେ ।

ଭାବର ଉଚ୍ଛ୍ୱାସ ନୁହେଁ; ଉଚ୍ଛ୍ୱାସର ଭାବ । ତେଣୁ ଉଚ୍ଛୃଙ୍ଖଳ । ସେହି ଆବେଗର ପ୍ରବଳ ବେଗ ଆଗରେ ବିରହ ଜନିତ ଅନ୍ତରର ଯାବତୀୟ ଜ୍ୱାଳା ଯନ୍ତ୍ରଣା ବିଧୌତ ହୋଇ ଯାଉଛି । ହରିଦାସଙ୍କର ଅଶ୍ରୁ ତାର ପ୍ରତିଶ୍ରୁତି ।

ପ୍ରେମାବେଶେ ବିକଳ କ୍ରନ୍ଦନ ପୁନଃ ପୁନଃ
ପ୍ରଭୁ ଗୁଣ ସ୍ତୁତି ଭୃତ୍ୟ, ଭୃତ୍ୟ ପ୍ରଭୁ ଗୁଣ । (ଚୈ: ଚ:)

ହରିଦାସଙ୍କର କାତର ପ୍ରାର୍ଥନା ପ୍ରଭୁଙ୍କର ପାଦ ପଦ୍ମରେ —"ପ୍ରଭୁ ଏ ଅସ୍ପୃଶ୍ୟକୁ ସ୍ପର୍ଶ କରନ୍ତୁ ନାହିଁ !" ମାତ୍ର ବିଫଳ, ସମସ୍ତ ନିବେଦନ ବିଫଳ । ସେ ବାଧା ବାଲି ବନ୍ଧ ପ୍ରାୟ ଭାସି ଚାଲି ଗଲା । ସେ ଅସ୍ପୃଶ୍ୟ, ନୀଚ କୁଳୋଦ୍‌ଭବ ଯବନ, ଅଧମ, ପତିତ ପାମର । ବାରମ୍ବାର ନିବେଦନ କରିଛନ୍ତି ହରିଦାସ । ମାତ୍ର ଗୌରହରି ବଧିର ହରିଦାସଙ୍କ ଉକ୍ତି ପ୍ରତି । ଗାଢ଼ରୁ ଗାଢ଼ତର ନିବିଡ଼ରୁ ନିବିଡ଼ତର ଆଶ୍ଳେଷରେ ଉତ୍ତର ଦେଉଛନ୍ତି ମହାପ୍ରଭୁ ସେ ଅନବଦ୍ୟ ଦୈନ୍ୟ ନିବେଦନର । ଦୀନବନ୍ଧୁଙ୍କର ହୃଦୟ ପରିପୂର୍ଣ୍ଣ । ତା'ର ପରିଚୟର ପରିଭାଷା ସ୍ଫୁରିତ ହେଉଛି ଅଧରୋଷ୍ଠରୁ—

···ସ୍ପର୍ଶ କରେଁ ପୂତ ହେବା ପାଇଁ
ତୋହର ପବିତ୍ର ଧର୍ମ ମୋହଠାରେ ନାହିଁ । (ଚୈ: ଭା:)

Source: Author, Digitized by PPRACHIN, SOA

ଏ ବାକ୍ୟ ନୁହେଁ; କାବ୍ୟ । ପ୍ରଶସ୍ତିର ସୂଚକ ନୁହେଁ; ଭକ୍ତିର ଓ ଆଶ୍ରୟର ପରିପୋଷକ ଉକ୍ତି । ସ୍ତାବକତା ନୁହେଁ; ଭାବୁକତା ।

କିନ୍ତୁ ସେ ସାଟଲ୍ଲ ଉଚ୍ଛ୍ୱସିତ ପ୍ରଶଂସା ହରିଦାସଙ୍କ ହୃଦୟରେ ଶେଳସମ ବିଦ୍ଧ କରି ଅଶେଷ କ୍ଲେଶର କାରଣ ହୋଇ ଗଲା ସତେ କି! ଅଯୋଗ୍ୟ ଭୃତ୍ୟ ପ୍ରତି ଅନୁଚିତ ଉଚ୍ଚ ପ୍ରଶସ୍ତି ଶ୍ଳେଷୋକ୍ତି ବିଶେଷ ଜ୍ଞାନକରି ହରିଦାସ ବ୍ୟଥିତ । ସଙ୍ଗେ ସଙ୍ଗେ ବ୍ରହ୍ମାଦିଦେବଦୁର୍ଲଭ ପଦ ହୃଦୟରେ ଅର୍ପିତ ହେବାର ସୌଭାଗ୍ୟ ଲାଭ କରି ଅଲଭ୍ୟ ଆନନ୍ଦରେ କ୍ରନ୍ଦନ କରିବା ଛଡ଼ା ଅପର ଉପାୟାନ୍ତର ନଥିଲା ହରିଦାସଙ୍କ ପକ୍ଷରେ । ଅଶ୍ରୁହିଁ ଯେପରି ତାଙ୍କର ରକ୍ଷା କବଚ । ଅଯୋଗ୍ୟର ପ୍ରଶସ୍ତି ଭର୍ତ୍ସନାର ନାମାନ୍ତର ମାତ୍ର । ବରଂ ତାହା ଶ୍ଳାଘ୍ୟ ହରିଦାସଙ୍କ ପକ୍ଷରେ । ମାତ୍ର ମହାପ୍ରଭୁ ଯଦି ହରିଦାସଙ୍କୁ ବାଳକ ଜ୍ଞାନରେ ଛଳ ଆଶ୍ୱାସନା ଦେଇ ପରିଶେଷରେ ବର୍ଜନ କରନ୍ତି ! ଆଶଙ୍କାରେ ହରିଦାସ ଆହତ-ହୃଦୟ, ମ୍ରିୟମାଣ ।

ଏ ସମସ୍ତ ସାଧାରଣ ସନ୍ଦେହ ହରିଦାସଙ୍କ ମନରେ ଜାତ ହେବା ଅସାଧାରଣ ହେଲେହେଁ, ମହାପ୍ରଭୁଙ୍କର ଏ ସ୍ନେହ ସମ୍ଭାଷଣ ହରିଦାସଙ୍କର ଭୃତ୍ୟାଭିମାନରେ ପ୍ରଭୂତ ଆଘାତ ଦେଲା, ତାଙ୍କର ଅଜ୍ଞାତରେ ।

ଆଶ୍ୱସ୍ତ ହେଲେ ହରିଦାସ ମହାପ୍ରଭୁଙ୍କର ନିର୍ଦ୍ଦେଶ ଶୁଣି । ସମସ୍ତ ଆଶଙ୍କା ଦୂରୀଭୂତ ହୋଇଗଲା କ୍ଷଣକରେ । ଗମ୍ଭୀର ସମୀପବର୍ତ୍ତୀ ମହାପ୍ରଭୁଙ୍କର ନିବାସସ୍ଥଳୀ କାଶୀ ମିଶ୍ରାଳୟ ସଂଲଗ୍ନ ପୁଷ୍ପୋଦ୍ୟାନରେ ନିରୂପିତ ହେଲା ହରିଦାସଙ୍କ ଆଶ୍ରୟ ସ୍ଥାନ । ନିର୍ମିତ ହେଲା କାଶୀମିଶ୍ରଙ୍କ ଆଦେଶରେ କ୍ଷୁଦ୍ର ଗୋଟିଏ ଭଜନ କୁଟୀର, ମହାପ୍ରଭୁଙ୍କର ଅଭିପ୍ରାୟ ମତେ । ନିଷ୍କିଞ୍ଚନ ହରିଦାସଙ୍କର ନିକାଞ୍ଚନ ବାସସ୍ଥାନ ।

କ୍ଷୁଦ୍ର ଗୋଟିଏ ଭଜନ କୁଟୀର । ନିଷ୍କିଞ୍ଚନ ହରିଦାସଙ୍କର ନିକାଞ୍ଚନ ବାସସ୍ଥାନ । ଅନିକେତ ସନ୍ନ୍ୟାସୀଙ୍କର ନିରିବିଳି ନିକେତନ । ପ୍ରଭୁ ଓ ଭୃତ୍ୟଙ୍କର ନିତ୍ୟ ମିଳନ ନିମନ୍ତେ ନିଭୃତ ସଂକେତ ସ୍ଥଳ ।

ମହାପ୍ରଭୁଙ୍କର ପ୍ରୟୋଜନ । କାଶୀ ମିଶ୍ର ତେଣୁ ନିର୍ମାଣ କରିଛନ୍ତି ଗୋଟିଏ କ୍ଷୁଦ୍ର କୁଟୀର । ମାତ୍ର ତାହା ମହାପ୍ରଭୁଙ୍କର ନୁହେଁ, ହରିଦାସଙ୍କର ହିଁ ପ୍ରକୃତ ପ୍ରୟୋଜନ । ମହାପ୍ରଭୁଙ୍କର ପ୍ରୟୋଜନ ହିଁ ହରିଦାସଙ୍କର ପ୍ରୟୋଜନ । ମହା ଭାଗ୍ୟବନ୍ତ ପୁରୁଷ ହରିଦାସ । ମୁଗ୍ଧ ହେଲେ କାଶୀ ମିଶ୍ର ।

କି ଅପରୂପ କାନ୍ତି ଏହି ମହା ମହିମ ସଦାଶୟ ମହାତ୍ମା ପୁରୁଷ ହରିଦାସଙ୍କର । ଆଶ୍ରିତ ଓ ଆଶ୍ରୟ ସମସ୍ତ ବ୍ୟବଧାନ ଯେପରି ଅପସାରିତ ହୋଇଗଲା ମୁହୂର୍ତ୍ତକେ କାଶୀ ମିଶ୍ରଙ୍କ ଦୃଷ୍ଟିରେ । ମହାପ୍ରଭୁଙ୍କର ପ୍ରୟୋଜନହିଁ ହରିଦାସଙ୍କ ପ୍ରୟୋଜନ ।

"ମତ୍ ସଙ୍ଗାତ୍ ମାମୁପାଗତଃ", ଏ ଭଗବଦୁକ୍ତିର ସତ୍ୟତା ପ୍ରତିପନ୍ନ । ହରିଦାସଙ୍କ ନିବାସ ହିଁ ମହାପ୍ରଭୁଙ୍କର ଅଧିବାସ । ପ୍ରେମର ଅଧିବାସ ।

"ଏହି ସ୍ଥାନେ ରହି କର ନାମ ସଂକୀର୍ତ୍ତନ,
ପ୍ରତ୍ୟହ ଆସି ତୁମ୍ଭଙ୍କୁ କରିବି ଦର୍ଶନ ।
ମନ୍ଦିରର ଚକ୍ର ଦେଖି କରହେ ପ୍ରଣାମ,
ମିଳିବ ତୁମ୍ଭଙ୍କୁ ଏହିଠାରେ ପ୍ରସାଦାନ୍ନ ।"

Source: Author, Digitized by PPRACHIN, SOA

ମହାପ୍ରଭୁଙ୍କ ବାକ୍ୟରେ ହରିଦାସ ଆଶ୍ୱସ୍ତ । ଭଜନ-ସାଧନ-ଅଭ୍ୟସ୍ତ ଜୀବନ ପକ୍ଷରେ ଅଧିକ ସୌଭାଗ୍ୟର ବିଷୟ ଆଉ କ'ଣ ହୋଇ ପାରେ ?

ଭଜନ ମଧ୍ୟରେ ଶ୍ରେଷ୍ଠ ନବ ବିଧା ଭକ୍ତି
କୃଷ୍ଣ ପ୍ରେମ ପ୍ରାପ୍ତି ଅର୍ଥେ ଧରେ ମହାଶକ୍ତି ।
ତନ୍ମଧ୍ୟରେ ସର୍ବଶ୍ରେଷ୍ଠ ନାମ ସଙ୍କୀର୍ତ୍ତନ
ଅପରାଧହୀନ ନାମେ ମିଳେ ପ୍ରେମ ଧନ । (ଚୈ: ଚ.)

ଭକ୍ତି ଧର୍ମର ଅନୁଶାସନ । ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି ହରିଦାସ । ପ୍ରତ୍ୟହ ତିନି ଲକ୍ଷ ନାମ ସଂକୀର୍ତ୍ତନ । ଆଶ୍ଚର୍ଯ୍ୟ ! ଭକ୍ତପ୍ରବର ଚୈତନ୍ୟ ଅବତାରର ମୁଖ୍ୟ ଲକ୍ଷ ପରିପୂରଣ କରି ମଧ୍ୟ ଅତୃପ୍ତ ହରିଦାସ ସର୍ବଦା ଗୋଟିଏ ଅପୂର୍ଣ୍ଣ ଅଭାବ ଅନୁଭବ କରୁଛନ୍ତି ।

ଅଭାବ ? ହଁ ଅଭାବ ! ମନେ ପଡ଼ି ଯାଉଛି । ମହାପ୍ରଭୁଙ୍କର ସେ ବାଣୀ । ବାଣୀ ନୁହେଁ—ବଚନ—ପ୍ରତିଜ୍ଞା !

"ପୃଥିବୀ ଭିତରେ ଯେତେ ନଗରାଦି ଗ୍ରାମ
ସର୍ବତ୍ର ପ୍ରଚାର ହେବ, ହେବ ମୋର ନାମ ।" (ଚୈ . ଚ.)

ହରିଦାସ ସତତ ଚିନ୍ତାକୁଳ । ସେଦିନ କେବେ ହେବ ପ୍ରଭୋ ! ନାମରେ ସର୍ବ ଶକ୍ତି ନିଜେ ଅର୍ପିତ କରି ମଧ୍ୟ ସେ ଶୁଭଦିବସର ସ୍ୱାଗତିକା ଶୁଭୁ ନାହିଁ କାହିଁକି ?

ସ୍ୱୟଂ-ସମର୍ଥ ନାମ କ'ଣ ତେବେ ଯାହା ପାଖରେ ବନ୍ଦୀ ରହେ ? ପାପୀ ପୁଣ୍ୟାତ୍ମା ନିର୍ବିଶେଷରେ ନାମ କଣ ପ୍ରତି ହୃଦୟରେ ପ୍ରବେଶ ପାଇଁ ପଥ ସନ୍ଧାନରେ ଅସମର୍ଥ ? କେବଳ ଅପରାଧହୀନହିଁ ଯଦି ପ୍ରେମଧନର ଅଧିକାରୀ, ଅପରାଧ ଅପନୋଦନର ଉପାୟ କଣ ?

ନାମର ସର୍ବଶକ୍ତିମତ୍ତାରେ ପାଣ୍ଡିତ୍ୟାଭିମାନୀଙ୍କର ଯେଉଁ ଅକାରଣ ସନ୍ଦେହ ତା'ର ଦୂରୀକରଣ ହେବ କିପରି ? ନାମ ଅବିଶ୍ୱାସ-ଜନିତ ଅପରାଧ-ନିରସନର ପନ୍ଥା କେଉଁଠି ? ନାମରେ ଅର୍ଥବାଦ, ଅର୍ଥଆରୋପ, ନାମକୁ କେନ୍ଦ୍ରକରି ନାନା କୁତର୍କର ସମ୍ମୁଖୀନ ହେବା କଣ ଅସମ୍ଭବ ? ସେଥିପାଇଁ ଭକ୍ତି-ଧର୍ମ ପରିବେଷଣ ପ୍ରଣାଳୀରେ ନୂତନତ୍ୱର ପ୍ରୟୋଜନୀୟତା ଅତି ସ୍ପଷ୍ଟ । ଭକ୍ତିଧର୍ମର ତାତ୍ତ୍ୱିକ ଦିଗ ଯେପରି ଅଦ୍ୟାପି ହିରଣ୍ମୟ ପାତ୍ରରେ ପିହିତମୁଖ ହୋଇ ପଡ଼ିରହିଛି । ତାର ଉନ୍ମୋଚନ ପାଇଁ ସମର୍ଥ ସାଧକର ଆବିର୍ଭାବ ହିଁ ଏକାନ୍ତ ଆବଶ୍ୟକ । ଏ ଅଭାବ ଅନୁଭୂତ ହେଉଛି, ଅନୁକ୍ଷଣେ ହରିଦାସଙ୍କ ଚିତ୍ତରେ ।

ମହାପ୍ରଭୁଙ୍କ ପାଦପଦ୍ମ ସ୍ମରଣକରି ହରିଦାସ ସଦାସର୍ବଦା ପ୍ରାର୍ଥନା କରୁଛନ୍ତି—"ପ୍ରଭୁ ! ସର୍ବତ୍ର ତବ ନାମର ପ୍ରଚାର ପାଇଁ ଏକାକୀ ମୁଁ ଅସମର୍ଥ । ଅଧିକ ଶକ୍ତିଶାଳୀ ଅସ୍ତ୍ର ଧାରଣ କରନ୍ତୁ ପ୍ରଭୋ ! ଅନ୍ୟଥା ତବ ଅବତାରର ପୂର୍ଣ୍ଣ ପ୍ରକାଶ ଅସମ୍ଭବ ।

ହରିନାମ ପ୍ରଚାର ଦ୍ୱାରା ସମାଜରେ ଏକ ମହାବିପ୍ଳବର ପ୍ଲାବନ ସମ୍ଭବ ହୋଇଛି ନିଃସନ୍ଦେହରେ । ତାର ପ୍ରବାହକୁ ଅବାଧ ଓ କ୍ଷିପ୍ରତର କରିବାପାଇଁ ପ୍ରୟୋଜନୀୟ ପର୍ଜନ୍ୟ ସୃଷ୍ଟିର ଶକ୍ତି ଏକା ସେହି ନବଦ୍ୱୀପ-ପୁରନ୍ଦର ହିଁ ଧାରଣ କରି ପାରନ୍ତି । ନିର୍ମଳ

Source: Author, Digitized by PPRACHIN, SOA

ନାମ ସଂକୀର୍ତ୍ତନ ବ୍ୟତୀତ, ତାର ତାତ୍ତ୍ୱିକ ବିଚାର ଓ ତତ୍ତ୍ୱ ବ୍ୟାଖ୍ୟାନ ବିନା, ଜ୍ଞାନମାର୍ଗୀ ବିଦ୍ୟାବାଗୀଶମାନଙ୍କର ହୃଦ୍‌ବୋଧ ହେବା ଯେ କଠିନ ।

ପୂର୍ବାଚାର୍ଯ୍ୟମାନଙ୍କ ପ୍ରଦର୍ଶିତ ପଥର ବ୍ୟତିକ୍ରମ ନୁହେଁ; ସେ ଏକ ଅନ୍ତରଙ୍ଗ ସାଧନ ପ୍ରଣାଳୀ ମାତ୍ର – ମାନବଜୀବନର ସାର୍ଥକତା ପ୍ରତିପାଦନ ପାଇଁ ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟଙ୍କର ପ୍ରଦର୍ଶିତ ପନ୍ଥା ପରମ୍ପରାର ପ୍ରତ୍ୟବାୟ ନୁହେଁ—ନୂତନ ପର୍ଯ୍ୟାୟ ବିଶେଷ । ସେ ପଥର ବିଭିନ୍ନ ଶକ୍ତି ସ୍ୱରୂପ ଜୀବତତ୍ତ୍ୱ, ଜୀବ ଓ ଶିବତତ୍ତ୍ୱର ସମ୍ବନ୍ଧ, ଜୀବର ଅଭିଧେୟ ଓ ପ୍ରୟୋଜନାଦି ସମସ୍ତ ତଥ୍ୟର ପରିପ୍ରକାଶ ନ ହେଲେ ପୃଥିବୀରେ ସର୍ବତ୍ର ମହାପ୍ରଭୁଙ୍କର ନାମ ପ୍ରଚାର ହେବ କିପରି ?

ହରିଦାସଙ୍କର ସାଧ । ବାସନା ତଥା ବିଶ୍ୱାସ । ମହାପ୍ରଭୁଙ୍କର ଶ୍ରୀ ମୁଖନିସୃତ ବାକ୍ୟ ସତ୍ୟ ହେବହିଁ ହେବ । ମହାପ୍ରଭୁଙ୍କର ନାମହିଁ ପ୍ରଚାରିତ ହେବ ସର୍ବତ୍ର । ସର୍ବତ୍ର ଶ୍ରୀକୃଷ୍ଣ ଚୈତନ୍ୟ ନାମର ଗୁଞ୍ଜରଣ ଉଠିବ, ପୃଥିବୀବ୍ୟାପୀ । ଆଲ୍ଲା ବା ପୟଗମ୍ବର ମହମ୍ମଦ ନୁହନ୍ତି, ପରମ ପିତା ପରମେଶ୍ୱର ବା ପ୍ରଭୁପୁତ୍ର ଯିଶୁଖ୍ରୀଷ୍ଟ ନୁହନ୍ତି, ଆତ୍ମା, ବ୍ରହ୍ମ ବା ଭଗବାନ୍ ନୁହନ୍ତି, ଶିବନୁହନ୍ତି, ଶକ୍ତିନୁହନ୍ତି; ସମସ୍ତେ ତ୍ରାଣକର୍ତ୍ତା, ମୁକ୍ତିଦାତା, ନିର୍ବାଣ ନିୟନ୍ତା ହୋଇପାରନ୍ତି, ସେ ସମସ୍ତଙ୍କର ନାମ ସର୍ବତ୍ର ପ୍ରଚାରିତ ହେବାରେ ଆପତ୍ତି ନାହିଁ; ଦ୍ୱେଷ ନାହିଁ; ମାତ୍ର ଶ୍ରୀ ଗୌରାଙ୍ଗଙ୍କର ଶ୍ରୀକୃଷ୍ଣ ଚୈତନ୍ୟ ନାମର ପ୍ରଚାର ହିଁ ହରିଦାସଙ୍କର କାମ୍ୟ । ଚେତନା ଓ ଆକର୍ଷଣର ସମନ୍ୱୟ ନାମ । ପ୍ରେମର ପ୍ରତୀକ ନାମ । ଇହପର କାଳର ଗତି ପ୍ରାଣପତିର ନାମ ।

ତାଙ୍କ ସାରାଜୀବନରେ ସାଧିତ ସିଦ୍ଧମନ୍ତ୍ର ହରେକୃଷ୍ଣ ମହାମନ୍ତ୍ର ସର୍ବଧର୍ମସମାନଭିତ୍ତିକୁ ଗ୍ରହଣକରି ମଧ୍ୟ ହରେକୃଷ୍ଣ ନାମ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହେବାର କାରଣ, ଏହି ମନ୍ତ୍ର ମାଧ୍ୟମରେ ହିଁ ସେ ରାଧାକୃଷ୍ଣ ମିଳିତତନୁ ଶ୍ରୀକୃଷ୍ଣ ଚୈତନ୍ୟଙ୍କୁ ଲାଭକରିଛନ୍ତି । ସନାତନ ଧର୍ମର ପରମ୍ପରା କ୍ରମେ, ବିଶ୍ୱର ସମଗ୍ର ଦାର୍ଶନିକ ତତ୍ତ୍ୱର ଆଖଣ୍ଡଳ କ୍ରମ ବିକାଶ ସୂତ୍ରରେ ଆଧ୍ୟାତ୍ମିକ ଚିନ୍ତନର ମୌଳିକମଣ୍ଡନ ଗୌରହରି ଶ୍ରୀକୃଷ୍ଣ ଚୈତନ୍ୟଙ୍କର 'ଅଚିନ୍ତ୍ୟ ଭେଦା-ଭେଦ' ତତ୍ତ୍ୱର ସରସତା ଓ ସାରବତ୍ତା ଏହି ନାମବଳରେ ହିଁ ପ୍ରତିପାଦିତ ହେବ ।

ଅଟଳ ବିଶ୍ୱାସ ହରିଦାସଙ୍କର । ଗୌରନାମର ପ୍ରଚାର ସଙ୍ଗେ ସଙ୍ଗେ ଗୌର 'ବଶୀକରଣମନ୍ତ୍ର ଅଭିନ୍ନଚୈତନ୍ୟତନୁ ନିତ୍ୟାନନ୍ଦରାମଙ୍କର ନାମାଶ୍ରୟ ମଧ୍ୟ ପ୍ରୟୋଜନ । ବାରେ ମାତ୍ର କୃଷ୍ଣନାମ ଗ୍ରହଣରେ ଯେତେ ପାପକ୍ଷୟ ହୁଏ , ସେହି ପରିମାଣରେ ପାପରେ ପ୍ରବୃତ୍ତ ହେବା ପାତକୀର ସାଧ୍ୟାତୀତ । ଅବିଦିତ ନାହିଁ ହରିଦାସଙ୍କୁ ଏ ସତ୍ୟ । ବହୁବାର କୃଷ୍ଣନାମ ଗ୍ରହଣପରେ ଯଦି ପ୍ରେମ ଉଦ୍‌ଭବ ନ ହୁଏ, ଅଶ୍ରୁବାରି ନ ବହେ, ତେବେ କୃଷ୍ଣନାମ ବୀଜର ଅଙ୍କୁର ଉଦ୍‌ଗମ ନ ହେବାର କାରଣ—'ଅପରାଧ'—ପ୍ରଚୁର ଅପରାଧ ନାମକାରୀର । କିନ୍ତୁ—

ନିତାଇ ଚୈତନ୍ୟ ନାମେ ନାହିଁ ଏ ବିଚାର,
ନାମ ମାତ୍ରେ ପ୍ରେମୋଦୟ ବହେ ଅଶ୍ରୁଧାର ।

ନିତ୍ୟାନନ୍ଦ ଆଶ୍ରୟରେ ମନସିଜମନମୋହନ ହୃଦୟ ଆନନ୍ଦନ ଗୌରାଙ୍ଗଙ୍କ ପ୍ରାପ୍ତି । ରସରସିକଲାସିନୀ ରାଧା ଓ ଗୋପୀଜନବଲ୍ଲଭ ଶ୍ରୀକୃଷ୍ଣଙ୍କର ମିଳନ ରୂପ ମାଧୁରୀର

Source: Author, Digitized by PPRACHIN, SOA

ପ୍ରତୀକ ଗୌର ନାମ । ଏହି ଗୌରନାମହିଁ ସିଦ୍ଧି । ପରମ ସିଦ୍ଧି । ମହାସମାଧିସ୍ଥିର ତ୍ରିଂଶଦ୍ ‘ହରେକୃଷ୍ଣ’ ମହାମନ୍ତ୍ରର ପରିଣାମ ଯେପରି ନାମାନ୍ତରିତ ହୋଇଛି ଶ୍ରୀକୃଷ୍ଣ ଚୈତନ୍ୟ ନାମରେ । ଏ ସତ୍ୟକୁ ପ୍ରତିପାଦିତ କରିବାର ବ୍ରତ ଘେନି ଯେପରି ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି ହରିଦାସ । କିନ୍ତୁ ସେ ନାମର ପ୍ରଚାର ଆଖଣ୍ଡଳ ଭୂବନ ମଣ୍ଡଳରେ କେବେ ପ୍ରସାରିତ ହେବ ? ହରିଦାସଙ୍କ ସଂଖ୍ୟା ଜପରେ ଯେତିକି ପ୍ରତିଷ୍ଫୁରିତ ହେଉଛି ସେ ସତ୍ୟ, ସେତିକି ବ୍ୟାକୁଳତା ପ୍ରକାଶ ପାଉଛି ହରିଦାସଙ୍କର, ସର୍ବତ୍ର ଗୌର ନାମର ଆଶୁ ପ୍ରଚାର ପାଇଁ । ଆକୁଳ ପ୍ରାଣରେ ବେଳେ ବେଳେ ସେ ଚିତ୍କାର କରି ଉଠନ୍ତି ଅତି ପ୍ରତ୍ୟୁଷରୁ ଉଠି ଶଯ୍ୟା ତ୍ୟାଗ କଲା ମାତ୍ରେ—

“ଗୌର ଗୌର ଗୌର ଗୌର ଗୌର ଗୌର ଗୌର ହେ !
ଗୌର ଗୌର ଗୌର ଗୌର ଗୌର ଗୌର ଗୌର ହେ !
ଗୌର ଗୌର ଗୌର ଗୌର ଗୌର ଗୌର ରକ୍ଷମାମ୍ !
ଗୌର ଗୌର ଗୌର ଗୌର ଗୌର ଗୌର ପାହିମାମ୍ !

ଆଜି ଯେପରି ସେ ବ୍ୟାକୁଳତାର ସମ୍ୟକ ଅବସାନ ଘଟିଛି । ଗୌର ମହିମାର ଅନ୍ୟ ଏକ ନିଦର୍ଶନ ଏ ସଂଘଟନ । ହରିଦାସଙ୍କର ଅଭିପ୍ସିତ ଦୁର୍ଲଭ ବସ୍ତୁ ଆଜି ଲବ୍ଧ ହୋଇଛି । ସ୍ୱପ୍ନ ସତ୍ୟ ହୋଇଛି । କଳ୍ପନା ରୂପ ପାଇଛି, ସ୍ୱଳ୍ପ ପ୍ରାର୍ଥନା ବଳରେ ।

କୁଟୀର ଦ୍ୱାରରେ ଆଶ୍ରୟ-ପ୍ରାର୍ଥୀ ଶ୍ରୀଳ ରୂପ ଗୋସ୍ୱାମୀ । ପ୍ରାର୍ଥନା ନୁହେଁ, ଆଦେଶ । ମହାପ୍ରଭୁଙ୍କର ଆଦେଶ । ହରିଦାସଙ୍କ ପ୍ରାର୍ଥନା ପ୍ରେମରେ ରସାଣିତ ହୋଇ ମହାପ୍ରଭୁଙ୍କ ଆଦେଶରେ ପରିଣତ ! ଏକାକୀ ଶ୍ରୀରୂପ ନୁହନ୍ତି, ଶ୍ରୀ ସନାତନ ମଧ୍ୟ ସେହି ଦୀନ କାଙ୍ଗାଳ ଅଭିମାନଶୂନ୍ୟ ହରିଦାସଙ୍କ ସଙ୍ଗଲାଭ ଦ୍ୱାରା ନିଜକୁ ଧନ୍ୟ କରିବା ପାଇଁ ଉପସ୍ଥିତ ହେଲେ ଅବ୍ୟବହିତ କାଳପରେ । ସେହି ପ୍ରାର୍ଥନା ବଳରେ । ସେହି ଆଦେଶ ଫଳରେ ।

ଉଭୟେ ବୈଷ୍ଣବୀୟ ତତ୍ତ୍ୱରେ ବିଶାରଦ ସାମନ୍ତ । ରୂପ ଓ ସନାତନ । ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱର ପରିପୋଷକ ଷଡ଼୍ ଗୋସ୍ୱାମୀଙ୍କ ମଧ୍ୟରେ ଅନ୍ୟତମ । କେବଳ ବୈଷ୍ଣବ ତତ୍ତ୍ୱଦର୍ଶୀ ନୁହନ୍ତି, ରାଧାକୃଷ୍ଣଲୀଳାରସ ଆସ୍ୱାଦନ ଅଭିଜ୍ଞ, ରସବିଳାସର ସହାୟକ ଦୁଇଟି ବିଗ୍ରହ ।

ରୂପ ଓ ସନାତନ । ସତେ ଯେପରି ପ୍ରେମର ଦୁଇଟି ପାର୍ଶ୍ୱ, ରୂପ ଓ ରାଗ । ଜଣେ ରୂପର ରାଗ ଓ ଅନ୍ୟଜଣକ ରାଗର ସ୍ୱରୂପ । ନଦୀୟା ଲୀଳାରେ ଅବତୀର୍ଣ୍ଣ ଦୁଇଟି ସେବା ବିଗ୍ରହ ।

ଦୁଇ ମୁଖ୍ୟ ମଞ୍ଜରୀ ବ୍ରଜ ଲୀଳାର । ଗୋଟିଏ ଅଙ୍ଗର ହାବ ଓ ଭାବ ମଧ୍ୟରେ ପ୍ରତିଫଳିତ ଶ୍ରୀ ରାଧାଙ୍କର ରୂପ । ଅନ୍ୟ ଅଙ୍ଗ ଶ୍ରୀ ରାଧାଗୋବିନ୍ଦ ଯୁଗଳ ଉଜ୍ଜ୍ୱଳରସ ବିଳାସର ବିଗ୍ରହରେ ପ୍ରଭାବିତ । ଶ୍ରୀ ରାଧା ପ୍ରାଣତୁଲ୍ୟା, ସେବାସମର୍ପିତପ୍ରାଣା, ମଧୁର ରସକଥା-ଚାତୁରୀ ଚିରଦକ୍ଷା ରୂପ ମଞ୍ଜରୀ ଓ ବିଳାସ ମଞ୍ଜରୀ ଆଜି ରୂପ ପରିଗ୍ରହ କରି ଆସିଛନ୍ତି ଲୀଳାରେ ସର୍ବାର୍ଥସିଦ୍ଧି ବ୍ୟକ୍ତିର ଭୂମିକା ଘେନି । ବ୍ୟକ୍ତି ନୁହନ୍ତି, ଦୁଇଟି ଅଭିବ୍ୟକ୍ତି ଗୌରଙ୍କ, ଗୌର କେଳିଭୂମିକୁ ଆଶ୍ରୟ କରି ।

Source: Author, Digitized by PPRACHIN, SOA

ଗୌର ମନୋବୃତ୍ତିର ନିଗୂଢ଼ତମ ରୂପ ଶ୍ରୀରୂପ ଗୋସ୍ୱାମୀ ।
ସେହି ସ୍ଥାୟୀ ଭାବର ଉଦ୍‌ଘାଟକ ଏକ ସଞ୍ଚାରୀ ଭାବ 'ସନାତନ' ।

ପ୍ରବଳ ପ୍ରତାପୀ ଗୌଡ଼େଶ୍ୱର ହୁସେନ ଶାହାଙ୍କର ମୁଖ୍ୟ ସଚିବ ଥିଲେ ସନାତନ—ସ୍ୱରାଷ୍ଟ୍ର ଓ ସମର ବିଭାଗର ଦାୟିତ୍ୱରେ । ଅଧସ୍ତନ ଉପ-ସଚିବ ଶ୍ରୀରୂପ ତାଙ୍କର କନିଷ୍ଠ ଭ୍ରାତା । ବିପୁଳ ବିଭବ ଓ କ୍ଷମତାର ଅଧିକାରୀ ଦୁଇ ଭ୍ରାତା ସମାଜରେ ମାନ୍ୟଗଣ୍ୟ ଓ ଶଂସିତ—କେବଳ ସୁଶାସକ ହିସାବରେ ନୁହନ୍ତି, ପରମଭାଗବତ ଏହିଦୁଇ ମହାପୁରୁଷଙ୍କର ବିଦ୍‌ବତ୍ତା ତଥା ମହାନୁଭବତାର ପ୍ରସିଦ୍ଧି ପାଇଁ ମଧ୍ୟ ।

ସେଦିନ କି ସୁଦିନ । ମହାଭାଗ୍ୟ ଉଦୟର ପୂର୍ବାଭାଷ ଦୁଇ ଭାଇଙ୍କ ଜୀବନରେ ବୃନ୍ଦାବନ ଯାତ୍ରା ବ୍ୟପଦେଶରେ ମହାପ୍ରଭୁ ସ୍ୱୟଂ ଉପସ୍ଥିତ ଗ୍ରାମ ରାମକେଳୀରେ ।

ରୂପ ସନାତନଙ୍କର ବାସସ୍ଥଳୀ ଗ୍ରାମ ରାମକେଳୀ । ଅତିରମଣୀୟ ମନୋରମ ସ୍ଥାନ । ମହାପ୍ରଭୁଙ୍କ ଆଗମନ ଉପଲକ୍ଷରେ ଲକ୍ଷ ଲକ୍ଷ ଜନ ସମାଗମ । ଲୋକେ ଲୋକାରଣ୍ୟ । ଗୌର ଦର୍ଶନ ଲାଲସା ଯେଣୁ ନିରଳସ, ଅକଳନ ଜନତାର ଭିଡ଼ ଭେଦ କରିବା ଏକ କଠିନ ବ୍ୟାପାର, ରୂପ ସନାତନଙ୍କ ପକ୍ଷରେ ।

କିଏ ଏହି ଯାତ୍ରୀ ? କେଉଁ ଦେଶରୁ ଯାତ୍ରା ? ଲକ୍ଷ କେତେ ଦୂର ? ଅକଳନ ଅଗଣିତ ଜନତା ଏହାଙ୍କୁ ଅନୁସରଣ କରିବାର କାରଣ କ'ଣ ହୋଇପାରେ ? ପ୍ରଶ୍ନ କରୁଛନ୍ତି ଗୌଡ଼ରାଜ ହୁସେନ ଶାହା । ମନ୍ତ୍ରୀ କେଶବ ଛତ୍ରୀଙ୍କର ଉତ୍ତରରେ ତୃପ୍ତ ହୋଇପାରି ନାହାନ୍ତି ଗୌଡ଼େଶ୍ୱର ।

"ଜନାବ୍ ଏ ସନ୍ନ୍ୟାସୀ ନୁହନ୍ତି, ନରରୂପୀ ନାରାୟଣ ।"

ଉତ୍ତର ଦେଲେ ଦୁଇ ସଚିବ—ସନ୍ତୋଷ ଓ ଅମର । ଦୁଇଭାଇ । ସହୋଦର । ବ୍ରାହ୍ମଣ ସନ୍ତାନ । ଦାକ୍ଷିଣାତ୍ୟରୁ ବିତାଡ଼ିତ ହୋଇ ଶରଣାଗତ ହୋଇଛନ୍ତି ବଙ୍ଗରାଜ୍ୟରେ ହୁସେନ୍‌ଶାହଙ୍କ ନିକଟରେ । ନିଜର ବିଦ୍ୟାବୁଦ୍ଧି ବଳରେ ଅଶେଷ ପ୍ରତିପତ୍ତିଶାଳୀ ଦୁଇଭାଇ ଖଣ୍ଡମଣ୍ଡଳରେ । ସନ୍ତୋଷ ଓ ଅମର । ଦବିର ଖାସ୍ ଓ ସାକର ମଲ୍ଲିକ । ରାଜଦତ୍ତ ଉପାଧି ତାଙ୍କର ।

"ଶୁଣ ସାକର ମଲ୍ଲିକ !"

ଆଦେଶ ଦେଲେ ରାଜା ହୁସେନ୍ ଶାହା । ଦୃଷ୍ଟି ପଡ଼ୁଛି ସେହି ଦୀର୍ଘ ଅବୟବବିଶିଷ୍ଟ ରାଜପଥଗାମୀ ସନ୍ନ୍ୟାସୀଙ୍କ ଉପରେ ଉଚ୍ଚ ଅଟ୍ଟାଳିକା ଉପରୁ । ଗୌଡ଼ ରାଜଧାନୀର ପ୍ରାନ୍ତଭାଗରେ । ଗଙ୍ଗାଘାଟରେ ଘାଟରେ ଭକ୍ତଗଣ ପରିବେଷ୍ଟିତ ନବୀନ ସନ୍ନ୍ୟାସୀଙ୍କର ଏ କି ଆକର୍ଷଣ ! ଅସଂଖ୍ୟ ଅଗଣିତ ନରନାରୀ ଧାଇଁଛନ୍ତି ଚତୁର୍ଦ୍ଦିଗରୁ ଦର୍ଶନ ଆଶାରେ । ଚତୁର୍ଦ୍ଦିଗରେ ହରିଧ୍ୱନିର କୋଳାହଳ । ଲକ୍ଷ୍ୟ ନାହିଁ ସନ୍ନ୍ୟାସୀଙ୍କର କେଉଁ ଦିଗକୁ । ଭ୍ରୂକ୍ଷେପ ନାହିଁ ଜନସମାଗମ ପ୍ରତି । ଆପଣା ଭୂଲମ୍ବଣରେ ଆପେ ବିଭୋର ।

"ଶୁଣ ସାକର ମଲ୍ଲିକ, ଶୁଣ ଦବିର ଖାସ ! ଏ ସନ୍ନ୍ୟାସୀ ହିନ୍ଦୁ ହେଲେ ହେଁ ସ୍ୱଚ୍ଛନ୍ଦରେ ଭ୍ରମଣ କରିବେ ମୋ ରାଜ୍ୟରେ । ଅବାଧଗତି ହେବ ସନ୍ନ୍ୟାସୀଙ୍କର ।"

"ଜାହାଁପନାଙ୍କର ଜୟ ହେଉ ।"

Source: Author, Digitized by PPRACHIN, SOA

ବିଦାୟ ନେଲେ ଦବିର ଖାସ ଓ ସାକର ମଲ୍ଲିକ । ସଙ୍ଗେ ସଙ୍ଗେ ଜାରି ହେଲା ଆଦେଶ କୋତୁଆଲ୍ ଘଷ୍ଟା ପ୍ରତି ।

ତଥାପି—ତଥାପି—ଏହି ଉତ୍ସବ ମୁଖର ନଗରର ଉପକଣ୍ଠରେ ମହାପ୍ରଭୁଙ୍କର ଗୁଣ୍ଡିଣୀଠାରୁ ବହୁ ଦୂରରେ ରୂପ ଓ ସନାତନ । ଦବିର ଖାସ୍ ଓ ସାକର ମଲ୍ଲିକ । ସନ୍ତୋଷ ଅମର ।

ମାତ୍ର ଆଗ୍ରହାତିଶଯ୍ୟ ଦ୍ୱିଗୁଣିତ ହେଉଛି ଉଭୟଙ୍କର । ଉଭୟେ ଉଚ୍ଚପଦସ୍ଥ ରାଜକର୍ମଚାରୀ । ଚଳ କର୍ମର ଦାୟିତ୍ୱ ଅବାଞ୍ଛିତ ପ୍ରତିବନ୍ଧକ ହୋଇ ପଥରୋଧ କରୁଛି । ସମୟ ଅତିକ୍ରମରେ ଅସ୍ଥିର ତାଙ୍କ ବୁଦ୍ଧି ।

ଅବଶେଷରେ ଉପସ୍ଥିତ ହେଲା . ଅଶେଷ ପ୍ରତିଶ୍ରୁତିପୂର୍ଣ୍ଣ ସେହି ବହୁ ପ୍ରତ୍ୟାଶିତ ଅପୂର୍ବ ମୁହୂର୍ତ୍ତ । ଏକ ସୁବର୍ଣ୍ଣ ସୁଯୋଗ । ଅନବଦ୍ୟ ସଂଯୋଗ । ସଂଭବ ହେଲା ମଣିକାଞ୍ଚନର ମିଳନ । ନିକାଞ୍ଚନରେ । ସଂଗୋପନରେ । କି ରୋମାଞ୍ଚକର !

ଗଭୀର ରାତି । ଜନମାନବ ଶୂନ୍ୟ ଜନପଦ । ଶଙ୍କିତ ପଦକ୍ଷେପ । ନିର୍ଜନତାର ବକ୍ଷରେ ଚମକ । ଗତି କରୁଛନ୍ତି ଦୁଇ ଭାଇ, ସନ୍ତୋଷ ଓ ଅମର । ରୂପ ଓ ସନାତନ । ସନ୍ତର୍ପଣରେ, ସଂଭ୍ରମରେ । ମହାପ୍ରଭୁଙ୍କୁ ଭେଟିବା ପାଇଁ ।

ଅଦୃଶ୍ୟ ହୋଇଗଲା ବିଶାଳ ବିଭବ ଅପ୍ରତିଦ୍ୱନ୍ଦୀ ପ୍ରତିପତ୍ତିର ସମସ୍ତ ଅଭିମାନ ପ୍ରଭୁଙ୍କ ଦର୍ଶନ ମାତ୍ରେ । ପାଦପଦ୍ମରେ ସମର୍ପିତ ହୋଇ ଗଲା ଦୁଇଟି ମହନୀୟ ଜୀବନ । ସୁର-ନର-ମୁନି-ଜନସ୍ପୃହଣୀୟ ସେ ଏକ ସଂକଳ୍ପିତ ଉତ୍ସର୍ଗ । କୃଷ୍ଣଲୀଳାମୃତ ଆସ୍ୱାଦନ ଲାଳସୀ, ଚିରପିପାସୁ ଆତ୍ମାର ଉତ୍ସର୍ଗ ।

ସଂଗେ ସଂଗେ ଅଶ୍ରୁତପୂର୍ବ ଅଶ୍ରୁର ଉତ୍ସର୍ଗର ପର୍ବ । ଉତ୍ସର୍ଗର ଉତ୍ସବ । ଉତ୍ସବରଂ ବିଳାସ । ସ୍ୱର୍ଗୀୟ ବିଳାସ ।

ଗଳଦ୍‌ବସ୍ତ୍ର । ଦୀନବେଶ । ସାଷ୍ଟାଙ୍ଗେ ଭୂମିଷ୍ଠ ଦୁଇ ଭାଇ ମହାପ୍ରଭୁଙ୍କର ଚରଣ ସରୋଜରେ । ଆଶ୍ରୟ ଆଶାରେ । ପ୍ରସ୍ତୁତ ଦୁହେଁ । ସର୍ବସ୍ୱ ତ୍ୟାଗ କରି କୌପୀନବନ୍ତ ହୋଇ ପ୍ରଭୁଙ୍କର ସେବା କରିବା ପାଇଁ ପ୍ରସ୍ତୁତ ଉଭୟେ ।

ଦୁଇଟି ଅପୂର୍ବ ଜୀବନ । ବ୍ରାହ୍ମଣ ସନ୍ତାନ ହେଲେହେଁ ଯବନର ପଦସ୍ଥ, ଉଚ୍ଚ ପଦସ୍ଥ ରାଜ କର୍ମଚାରୀ । ରାଜାର ଆଜ୍ଞାବହ, ବିଶ୍ୱସ୍ତ ଭୃତ୍ୟ ରାଜକୀୟ ଅନ୍ୟାୟ ଅତ୍ୟାଚାରର ସହଯୋଗୀ, ମାତ୍ର ମନ ଅନ୍ୟସ୍ଥ ।

କରୁଣାର୍ଦ୍ର ନେତ୍ରରେ ଚାହିଁଲେ ମହାପ୍ରଭୁ ପଦ-ପରିଚିତ ସେହି ପୁରାତନ ଭ୍ରାତାଦ୍ୱୟଙ୍କୁ ।

" ଆଶ୍ୱସ୍ତ ହୁଅ, ଦବିର, ସାକର ! କୃଷ୍ଣ କୃପାମୟଙ୍କ କୃପା ଅଚିରେ ଲବ୍ଧ ହେବ ।"

ଆଶ୍ୱସ୍ତ ହେଲେ ସସ୍ତକାତର ଦୁଇ ଭ୍ରାତା । ରୂପ ଓ ସନାତନ । ମହାପ୍ରଭୁଙ୍କର ଦତ୍ତନାମ ସେଇ ଶୁଭ ଅବସରରେ । ଯଥାକ୍ରମେ ସନ୍ତୋଷ ଓ ଅମରଙ୍କର । ରାତିର ଶେଷ

Source: Author, Digitized by PPRACHIN, SOA

ଯାମ । ଆରମ୍ଭ ବଦାୟୁର ପର୍ବ । ଶର୍ବରୀର ସର୍ବ ଶରୀରରେ ଯେପରି ଶିହରଣ । କ୍ଷଣକ ପୂର୍ବର ପୁଲକାଶ୍ରୁ ଉଷ୍ମ ହୋଇ ଉଠିଲା । ହୃଦୟସ୍ଥ ବଦାରକ ବିରହଶଙ୍କାକୁଳ ପ୍ରାଣର ଆକ୍ଷେପ ନିବେଦନ ସହ ।

"କନ୍ତୁ ପ୍ରଭୁ !" ବିନତ କଲେ ସନାତନ ପରିଶେଷରେ—
ଏଥୁଁ ଯାନ୍ତୁ ଚଳ ପ୍ରଭୁ ନାହିଁ ଏଥେ କାର୍ଯ୍ୟ ।
କରନ୍ତୁ ପଛକେ ଭକ୍ତ ଯେତେ ଗୌଡ଼ ରାଜ ।
ତଥାପି ଯବନ ଜାତି ନାହିଁ ତ ପ୍ରତୀତ ।
(ପୁଣି) ଏ ସଂଘଟ୍ଟ ତୀର୍ଥାଟନେ ଭଲ ନୁହେଁ ରୀତ ।।
ବୃନ୍ଦାବନ ଯାତ୍ରାର ଏ ନୁହେଁ ପରିପାଟି ।
ସଂଗେ ଯା'ର ଯାଉଛନ୍ତି ଲୋକ ଲକ୍ଷ କୋଟି ।।
ଯଦ୍ୟପି ବସ୍ତୁତଃ ପ୍ରଭୁ ନାହିଁ ତବ ଭୟ ।
ତଥାପି ଲୌକିକ ଲୀଳା ଲୋକ ଚେଷ୍ଟାମୟ ।। (ଚୈ : ଚ)

ଯଥାର୍ଥ ସନାତନଙ୍କର ପରାମର୍ଶ । ତେଣୁ ଗ୍ରାହ୍ୟ । ବୃନ୍ଦାବନ ଦିବ୍ୟଧାମ । ଗୁପ୍ତ ଲୀଳା ସ୍ଥଳରେ ପ୍ରବେଶ ଏକାନ୍ତରେ ହେବାକୁଁ ବାଞ୍ଛନୀୟ । କୋଳାହଳ ମଧ୍ୟରେ ଲୀଳାରସ ଆସ୍ୱାଦନ ଅସ୍ୱାଭାବିକ ।

ବ୍ୟାହତ ହେଲା ବୃନ୍ଦାବନ ଯାତ୍ରା । ଫେରି ଆସିଲେ ପ୍ରଭୁ ଶାନ୍ତିପୁରସ୍ଥ ଶ୍ରୀ ଅଦ୍ୱୈତ ମନ୍ଦିରକୁ । ସେ ଥର ।

ଆନନ୍ଦର ସୀମା ନାହିଁ ଶ୍ରୀ ଅଦ୍ୱୈତ ଆଚାର୍ଯ୍ୟଙ୍କର । ବୃନ୍ଦାବନ ଅଭିମୁଖେ ଯାତ୍ରା କାଳରେ କୃପାଳୁ ପ୍ରଭୁଙ୍କର ପଦରଜ ପଡ଼ିଥିଲା ଅଦ୍ୱୈତ ଭବନରେ । ମାତ୍ର ଅତି ଅଳ୍ପକ୍ଷଣ ପାଇଁ । ଅତୃପ୍ତ ସେ ପିପାସା । ଆଜି ଯେପରି ମନସାଧ ପୂର୍ଣ୍ଣ ହୋଇଛି ଶ୍ରୀ ଅଦ୍ୱୈତଙ୍କର । ମହାପ୍ରଭୁଙ୍କର ପୁନରାଗମନରେ ।

ଛୁଟି ଆସିଲେ ସମ୍ବାଦ ପାଇ ନବଦ୍ୱୀପର ଆବାଳବୃଦ୍ଧବନିତା । ଛୁଟି ଆସିଲେ ଶଚୀ ଦେବୀ ହାଦୋଳାରେ ।

ଆଉ ବିଷ୍ଣୁପ୍ରିୟା ?

ଅମୂଲ୍ୟ ସମ୍ପଦର ଅଧିକାରିଣୀ ବିଷ୍ଣୁପ୍ରିୟା । ବିଷ୍ଣୁପ୍ରିୟାଙ୍କ ଅନ୍ତର ବାହାର ଗୌରାଙ୍ଗମୟ । ଗୌରାଙ୍ଗ ଆଜି ବନ୍ଦୀ ବିଷ୍ଣୁପ୍ରିୟାଙ୍କ ଅନ୍ତରରେ । ବିଷ୍ଣୁପ୍ରିୟା ଆଜି ବନ୍ଦୀ ଗୌରାଙ୍ଗଙ୍କର ପାଦୁକା କାଷ୍ଠରେ ।

ସେଦିନ ବୃନ୍ଦାବନ ଯାତ୍ରୀ ସନ୍ନ୍ୟାସୀ ଶ୍ରୀକୃଷ୍ଣ ଚୈତନ୍ୟ ସନ୍ନ୍ୟାସବିଧିମତେ ବାରେକ ଜନ୍ମଭୂମି ଦର୍ଶନର କର୍ତ୍ତବ୍ୟ ପାଳନ କରି ନବଦ୍ୱୀପ ପଥରେ ଅଗ୍ରସର ହେଉଥାନ୍ତି ମଦମତ୍ତ ମାତଙ୍ଗବତ୍ ଧୀର ମନ୍ଥର ଗତିରେ । ପଥପାର୍ଶ୍ୱସ୍ଥ ପ୍ରତି ଲୀଳାସ୍ଥଳୀ, ଗୁଳ୍ମଲତା, ବୃକ୍ଷପାଦପ, କୁଟୀର ଅଟ୍ଟାଳିକା ଯେପରି ଅନ୍ତରର ସମ୍ଭାଷଣ ଜଣାଉଛନ୍ତି ଏକେ ଏକେ, ଗୌର ଦୃଷ୍ଟିପଥାରୂଢ଼ ହୋଇ । ହଠାତ୍ ଜଣେ ଯୁବତୀ, ଆଲୁଳାୟିତ କୁନ୍ତଳା, ଜନପଦ-ବଧୂ, ପଥରୋଧ କରି ଭୂତଳ ଆଶ୍ରୟ କରିଛି, ସମ୍ମୁଖରେ ।

Source: Author, Digitized by PPRACHIN, SOA

"କିଏ ତୁମେ କଲ୍ୟାଣି ?" ପ୍ରଶ୍ନକଲେ ପ୍ରଭୁ ।

ଆନତ ଚକ୍ଷୁ । ଅଜସ୍ର ଅଶ୍ରୁଧାରରେ ସିକ୍ତ ଗଣ୍ଡ । ଈଷତ୍ ମସ୍ତକ ଉତ୍ତୋଳନ କରି ଦୃଷ୍ଟି ନିକ୍ଷେପ କରୁଛନ୍ତି ମହାପ୍ରଭୁଙ୍କ ପଦ ପଙ୍କଜ ଉପରେ । ଅବିରାମ ନେତ୍ରନୀରର ପ୍ଳାବନ ସତ୍ତ୍ୱେ ବିରହବିଧୂର ବେଦନାର୍ତ୍ତ ବଦନ ତାପତପ୍ତ କୁସୁମ କଳିକାପ୍ରାୟ ମ୍ଳାନ ମଳିନ ।

"ମୁଁ ଦାସୀ ବିଷ୍ଣୁପ୍ରିୟା ।"

ବିଷ୍ଣୁପ୍ରିୟା ? ଚମକି ପଡ଼ିଲେ ମହାପ୍ରଭୁ । "ବିଷ୍ଣୁ ପ୍ରିୟା, ଆଜିଠାରୁ କୃଷ୍ଣପ୍ରିୟା ତମେ । ସେ ନାମ ସାର୍ଥକ ହେଉ ।" ଆଶୀର୍ବାଦ କଲେ ମହାପ୍ରଭୁ ।

"ମୋର କୃଷ୍ଣ ବିଷ୍ଣୁ ସବୁ······ସବୁ······"

ବାକ୍ୟ ରୁଦ୍ଧ ହୋଇଗଲା । କଣ୍ଠ ଗଦ୍‌ଗଦ ବିଷ୍ଣୁପ୍ରିୟାଙ୍କର ।

"ସାଧ୍ୱି !" ଶାନ୍ତ ପ୍ରଭୁଙ୍କର ବାକ୍ୟ ମଧ୍ୟ ବାଷ୍ପାକୁଳ । "ମୋର ଏହି କାଷ୍ଠ ପାଦୁକା ନେଇ ପୂଜାକର, ଶାନ୍ତି ମିଳିବ ।"

"ଶାନ୍ତି ମିଳିବ ?" ଆନନ୍ଦରେ ବିଭୋର ବିଷ୍ଣୁପ୍ରିୟା । ଗୌରାଙ୍ଗ ବିନା କ'ଣ ବିଷ୍ଣୁ ପ୍ରିୟାଙ୍କର ଶାନ୍ତି ସମ୍ଭବ ଏ ଜୀବନରେ ? ଅବିଦିତ ନୁହେଁ ଶ୍ରୀ ଗୌରାଙ୍ଗଙ୍କୁ ବିଷ୍ଣୁ-ପ୍ରିୟାଙ୍କର ଅନ୍ତର ।

ଏଇ ପାଦୁକାର ସେବାରେ ହିଁ ଗୌର ପ୍ରାପ୍ତି । ପ୍ରାପ୍ତିଜନିତ ଶାନ୍ତି ।

ଚାଲିଗଲେ ଶ୍ରୀ ଗୌରାଙ୍ଗ ବୃନ୍ଦାବନ ପଥରେ । ପାଦୁକା ଉତ୍ତୋଳନ କଲେ ବିଷ୍ଣୁ ପ୍ରିୟା ପ୍ରାଣର ପ୍ରାଚୁର୍ଯ୍ୟରେ । ତତୋଽଧିକ ପ୍ରାପ୍ତିର ପ୍ରୟୋଜନ ନାହିଁ ଗୌରପ୍ରିୟା ବିଷ୍ଣୁପ୍ରିୟାଙ୍କର ।

"ମା ମୋତେ ବୃନ୍ଦାବନ ଯିବାର ଅନୁମତି ମିଳିବ ନାହିଁ ?"

ନିବେଦନ କଲେ ସ୍ନେହଶୀଳା ଜନନୀ ନିକଟରେ ଅଲୌକିକ ପୁତ୍ର ଶ୍ରୀଗୌରାଙ୍ଗ ।

ଗତ କେତେ ଦିନ ପ୍ରାଣଭରି ସୁପକ୍ୱ ବ୍ୟଞ୍ଜନ ରନ୍ଧନ ପରିବେଷଣ କରି ତୃପ୍ତିରେ ପରିତୃପ୍ତା ମାତା ଅନାୟାସେ ଅନୁମତି ପ୍ରଦାନ କଲେ—"ଆଶା ତୋର ପୂର୍ଣ୍ଣ ହେଉ ନିମାଇଁ !"

"ଗଦାଧର, ତୋ ମନରେ ଦୁଃଖ ଦେଇ ମୁଁ ବୃନ୍ଦାବନ ଯାତ୍ରାକଲି । ତେଣୁ ବିଫଳ ହେଲା ସେ ଯାତ୍ରା ।"

ନୀଳାଚଳକୁ ଫେରି ଆସିଛନ୍ତି ମହାପ୍ରଭୁ । ମନେ ପଡ଼ିଲା ଗଦାଧରଙ୍କର ମାସ କେତେ ମାସ ପୂର୍ବର କଥା । ସେଦିନ ଜ୍ୟୋସ୍ନାମୟୀ ରଜନୀରେ ନଗରବିଧୌତା ଶତଧାଭୂଲା ପାର ହୋଇ ବୃନ୍ଦାବନ ଯାତ୍ରା କରିଥିଲେ ମହାପ୍ରଭୁ । ଅସ୍ୱୀକୃତ ହେଲା ଗଦାଧରଙ୍କର

Source: Author, Digitized by PPRACHIN, SOA

ସମସ୍ତ ଆକୁତି, ଅଳି, ଅର୍ଦ୍ଦଳି । ମହାପ୍ରଭୁଙ୍କର ସହଯାତ୍ରୀ ହେବାର ବାସନା ବିଫଳ ହେବାରେ ଗଦାଧରଙ୍କର ଅଶେଷ ଦୁଃଖ ।

ସେ ଦୁଃଖ ଆଘାତ ଦେଇଛି ମହାପ୍ରଭୁଙ୍କ ଅନ୍ତରରେ । ନିର୍ବିକାର ପରଂବ୍ରହ୍ମଙ୍କର ହୃଦୟପୁରରେ ଆଘାତ ! ସେ ଆଘାତ କେବଳ ଭକ୍ତ ପ୍ରାଣରେ ଆଘାତର ପ୍ରତିଘାତ ମାତ୍ର ।

"ବୃନ୍ଦାବନ ? ପ୍ରଭୁ ଯେଉଁଠାରେ ବିଦ୍ୟମାନ, ସେହି ତ ବୃନ୍ଦାବନ ।" ଉତ୍ତର ଦେଲେ ଗଦାଧର । "ଏ ବୃନ୍ଦାବନ ଯାତ୍ରା କେବଳ ଲୋକଶିକ୍ଷାର୍ଥେ ।"

ସେ ଯାତ୍ରା କିନ୍ତୁ ବିଫଳ ହେଲା କେବଳ ଗଦାଧରଙ୍କ ଦୁଃଖ ଲାଗି । ମହାପ୍ରଭୁଙ୍କର ମତ ।

ମାତ୍ର ବୃନ୍ଦାବନ ଯାତ୍ରାର ଲାଳସା ଦିନୁ ଦିନୁ ବଢ଼ିବାରେ ଲାଗିଲା । ଅଧୈର୍ଯ୍ୟ ମହାପ୍ରଭୁ ବ୍ୟକ୍ତ କଲେ ସ୍ୱରୂପ ଦାମୋଦରଙ୍କଠାରେ "ଆଉ ମୁହୂର୍ତ୍ତେ ମଧ ସ୍ଥିର ରହି ପାରିବି ନାହିଁ ସ୍ୱରୂପ ! ମୋର ବୃନ୍ଦାବନ ଯାତ୍ରାର ବ୍ୟବସ୍ଥା କର !" ଛଳଛଳ ଚକ୍ଷୁ । ଗଦ୍‌ଗଦ ବଚନ । ଘର୍ଘଶ୍ୱାସ । ବିରହର ଦାରୁଣ ଜ୍ୱାଳା ଅନ୍ତରରେ ।

ଶୁଭ ବିଜୟା ଦଶମୀ ତିଥି । ଯାତ୍ରାରମ୍ଭ କଲେ ମହାପ୍ରଭୁ ଝାଡ଼ଖଣ୍ଡ ପଥରେ । ବୃନ୍ଦାବନ ଅଭିମୁଖରେ । ସଙ୍ଗରେ ବଳଭଦ୍ର ଭଟ୍ଟାଚାର୍ଯ୍ୟ । ଆଉ ଭୃତ୍ୟ କୃଷ୍ଣଦାସ । ଭଟ୍ଟାଚାର୍ଯ୍ୟଙ୍କ ଭୃତ୍ୟ ।

ବନ୍ୟଫଳମୂଳ ଆହାର । ନିର୍ଝରିଣୀ ସୁଶୀତଳ ଜଳ ହିଁ ପାନୀୟ । ନିର୍ବିକାର, ନିରୁଦ୍ବେଗ, ନିର୍ଭୟ ଚିତ୍ତରେ ଅଗ୍ରସର ହେଉଛନ୍ତି ଏକାକୀ ନିର୍ଜନ ଅରଣ୍ୟ ପଥରେ । କେତେବେଳେ ଜଳପାନରତ କେଳି ପ୍ରମତ୍ତ ହସ୍ତୀ ଯୂଥର ମୁଖନିସୃତ ବୃଂହଣ, କେତେ-ବେଳେ ଅବା ସଶାବକ ବ୍ୟାଘ୍ର ଯୁଗଳର ହିଂସ୍ର କଟାକ୍ଷ ସଂଗେ ସଂଗେ ବଜ୍ର ଗର୍ଜନ । ବିଷଧର ସର୍ପ-ହିଂସ୍ର ଶ୍ୱାପଦ-ସଂକୁଳ ଘନ ଅରଣ୍ୟାନୀ । ବଳଭଦ୍ର ଆର୍ତ୍ତନାଦ କରି ଉଠୁଛନ୍ତି; କିନ୍ତୁ ମହାପ୍ରଭୁଙ୍କର ଧାନ ନାହିଁ ଏହି ପ୍ରାକୃତିକ ବ୍ୟୂହ୍ୟାତ ପ୍ରତି । ଆଖି ଆଗରେ ନାଚି ଉଠୁଛି ବୃନ୍ଦାରଣ୍ୟ ବିପିନ ବିହାରୀ ନନ୍ଦୀଶ୍ୱରପୁର ପୁରଟ ପଟାମ୍ବର ନବଘନ ଶ୍ୟାମଙ୍କର ନଟବର ମୂର୍ତ୍ତି ।

ବ୍ୟାଘ୍ର, ଭଲ୍ଲୁକ, ମୃଗଶଶକ, ଖାଦ୍ୟ ଖାଦକ, ଅରଣ୍ୟର ପଶୁ ପକ୍ଷୀ ଚାହିଁଛନ୍ତି, ଉଜ୍ଜ୍ୱଳ ବରଣ ସେହି ଗୌରବର ଦେହ, ନିରବଧି ଭାବରେ ବିଦେହ, ଭାବ ବିକାରରେ ଗଦ୍‌ଗଦ-ଅନ୍ତର ବ୍ୟକ୍ତିଟିକୁ । ଅଶ୍ରୁଜଳ ବିଗଳିତ, ଅରୁଣ କମଳ-ଦଳ-ଲୋଚନ, ଆଜାନୁଲମ୍ବିତ ବାହୁ । ଅରୁଣ ଅମ୍ବର ଧର ଗାତ୍ର, ତ୍ରିଭୁବନ ପାବନ ପଦ୍ମପାଦ । ସୁଶୀତଳ ଚନ୍ଦ୍ରବିନିନ୍ଦିତ ଆସ୍ୟ, କମ୍ପିତ ବିମ୍ବାଧରରେ, "କୃଷ୍ଣ କହ, କୃଷ୍ଣ କହ", ଗଦ୍‌ଗଦ ବାକ୍ୟୋଚ୍ଚାରଣ । ମନ୍ଦ ମନ୍ଥର ଗତିରେ ଚାଲିଛନ୍ତି । ସେ କି ଅପୂର୍ବ ନୃତ୍ୟ ବିଳାସ ! ଖର୍ତ୍ତନ ଓ ନର୍ତ୍ତନ ଏକତ୍ର ।

"କୃଷ୍ଣ କୃଷ୍ଣ" କହି ନାଚି ଉଠିଲେ ପଥପାର୍ଶ୍ୱସ୍ଥ ଯାବତୀୟ ବଣ୍ୟଜନ୍ତୁ ।
ବିପିନେ ଏକ ବ୍ୟାଘ୍ର ପଥେ କରିଛି ଶୟନ
ଆବେଶେ ଲାଗିଲା ତହିଁ ପ୍ରଭୁଙ୍କ ଚରଣ ।

Source: Author, Digitized by PPRACHIN, SOA

ପ୍ରଭୁ କହେ 'କୃଷ୍ଣ କୃଷ୍ଣ', ବ୍ୟାଘ୍ର ଉଠି ପଡ଼
ନାଚିଲ ସେ କୃଷ୍ଣ କୃଷ୍ଣ ବୋଲ ଗୁଡ଼ ରଡ଼ ।
ଆନ ଦିବସେକେ ପ୍ରଭୁ କରେ ନଦୀ ସ୍ନାନ,
କରୁ ଥାନ୍ତି ହସ୍ତୀଯୂଥ ତହିଁ ଜଳ ପାନ ।
ପ୍ରଭୁ ଜଳ କୃତ୍ୟ ଦେଖି ହସ୍ତୀ ଆସେ ଛୁଟି,
କୃଷ୍ଣ କହ ବୋଲି ପ୍ରଭୁ ଜଳ ଦେଲେ ଗୁଟି ।
ସେହି ଜଳବିନ୍ଦୁ କଣା ଯାର ଦେହେ ଲାଗେ,
କୃଷ୍ଣ କୃଷ୍ଣ ବୋଲି ପ୍ରେମେ ନାଚେ ଗାଏ ଆଗେ ।
କେବା ଭୂମେ ପଡ଼େ କେବା କରଇ ଚିତ୍କାର,
ଦେଖି ଭଟ୍ଟାଚାର୍ଯ୍ୟ ମନେହୁଏ ଚମତ୍କାର ।
ଯାଉଁ ଯାଉଁ ପ୍ରଭୁ ପଥେ ଉଚ୍ଚ ସଂକୀର୍ତ୍ତନ,
ସୁମଧୁର କଣ୍ଠ ଶୁଣି ଆସେ ମୃଗୀଗଣ ।
ବାମ ଦକ୍ଷିଣରୁ ଧ୍ୱନି ଶୁଣି ପ୍ରଭୁ ସଂଗେ,
ଯାଆନ୍ତି ତା ଅଙ୍ଗ ପୋଛୁ ଶ୍ଳୋକ ପଢ଼େ ରଙ୍ଗେ ।

ଧନ୍ୟ ମୃଢ ମତି ଏ ହରିଣୀ ପନ୍ତି
ଶୁଣି କୃଷ୍ଣ ବଂଶୀ ସ୍ୱନେ ।
କୃଷ୍ଣସାରପତି ସହ ପୂଜୁଛନ୍ତି
ପ୍ରଣୟ ଅବଲୋକନେ ।।

ଏ କାଳେ ମିଳିଲେ ତହିଁ ବ୍ୟାଘ୍ର ପାଞ୍ଚ ସାତେ
ବ୍ୟାଘ୍ର ମୃଗ ମିଳି ଚଳିଛନ୍ତି ପ୍ରଭୁ ସାଥେ ।
କୃଷ୍ଣ କୃଷ୍ଣ କହ କହୁଥାନ୍ତି ଯେବେ ପ୍ରଭୁ
କୃଷ୍ଣ କହି ବ୍ୟାଘ୍ର ମୃଗ ନାଚୁଥାନ୍ତି ସବୁ ।
ନାଚି କାନ୍ଦି ବ୍ୟାଘ୍ର ଗଣ ମୃଗୀ ଗଣ ସଂଗେ
ବଳଭଦ୍ର ଦେଖୁଥାନ୍ତି ସେ ଅପୂର୍ବ ରଂଗେ ।
ବ୍ୟାଘ୍ର ମୃଗ ଅନ୍ୟ ଅନ୍ୟେ କରେ ଆଲିଙ୍ଗନ
ମୁଖେ ମୁଖ ଦେଇ କରେ ଅନ୍ୟୋନ୍ୟ ଚୁମ୍ବନ । (ଚୈ: ଚ:)

ଝାଡ଼ଖଣ୍ଡ ନୁହେଁ ଦଣ୍ଡକାରଣ୍ୟ । କଳି ନୁହେଁ, କଳିପୂର୍ବ ଦ୍ୱାପର ନୁହେଁ, ଦ୍ୱାପର ପୂର୍ବ ତ୍ରେତା ଯୁଗର ଆଖ୍ୟାୟିକା । ଆଜି ମଧ୍ୟ ସ୍ମରଣଥିବ ଏହି ନିର୍ଜନ ଘନ ବନରାଜିର ତ୍ରେତା ଯୁଗୀୟ ସେ କମନୀୟ କାହାଣୀ । ପ୍ରଚାରିତ ହୋଇ ଯାଇଥିବ ସେଦିନ ଚତୁର୍ଦ୍ଦିଗରେ । ଦଣ୍ଡକାରଣ୍ୟରୁ ଝାଡ଼ଖଣ୍ଡ ଯାଏ । ଦକ୍ଷିଣରୁ ଉତ୍ତର, ପଶ୍ଚିମରୁ ପୂର୍ବ ଯାଏଁ ପତ୍ର ମର୍ମରରେ ସେ ବାର୍ତ୍ତା ସଂମର୍ପିତ ହୋଇଥିବ । ଆଜି ତେଣୁ ବିସ୍ଫାରିତ ନୟନରେ ଚାହିଁଛନ୍ତି । ଏ ଅଲୌକିକ ଚମତ୍କାରିତା ଦର୍ଶନ କରି, ତରୁଲତା ଗୁଳ୍ମ ରାଜି ।

Source: Author, Digitized by PPRACHIN, SOA

ସେତାର ଘଟଣା ପରମ୍ପରାକ୍ରମେ ଶୁଣି ଆସିଛନ୍ତି ସେହିକାଳର ତରୁପାଦପ-ମାନଙ୍କର ବଂଶଧର । ଏବେ କଳିଯୁଗରେ ସ୍ୱଚକ୍ଷୁରେ ଦର୍ଶନ କରିବାର ସୌଭାଗ୍ୟ ଘଟିଛି କେବଳ ନୁହେଁ, ଉପଭୋଗ କରୁଛନ୍ତି ଆପ୍ରାଣ, ଉନ୍ମତ୍ତ ହୋଇ ଯାଇଛନ୍ତି ନାମ ରସ ପାନ କରି । ଦ୍ରବୀଭୂତ ହୋଇ ଯାଉଛି ଦାରୁ ଗଠିତ ଅବୟବ ।

ଶ୍ରୀରାମଚନ୍ଦ୍ର ଯାଉଥିଲେ ସେହିକାଳ ଦଣ୍ଡକାରଣ୍ୟରେ । ସଙ୍ଗରେ ପତିବ୍ରତାପତ୍ନୀ ସତୀ ସୀତା । ଆଉ ଆଜ୍ଞାବହ ଅନୁଜ ଲକ୍ଷ୍ମଣ । ଶ୍ୱାପଦ ସଂକୁଳ ପଥ ! ସୀତାଙ୍କର ଭୟ ଅପସାରଣ ପାଇଁ ଧନୁରେ ଟଙ୍କାର ଦେଉଛନ୍ତି ମୂର୍ତ୍ତି ବ୍ରହ୍ମ ରାମଚନ୍ଦ୍ର । ସେ ସ୍ୱରର ଝଙ୍କାରରେ ପ୍ରମାଦ ଗଣୁଛନ୍ତି ବ୍ୟାଘ୍ର ଭଲ୍ଲୁକ ଶାର୍ଦ୍ଦୁଳାଦି ହିଂସ୍ର ପଶୁବର୍ଗ । ପଳାଇ ଯାଉଛନ୍ତି ପ୍ରାଣ ଭୟରେ ନବପଦ ଦୂର ଆଶ୍ରୟ ସ୍ଥଳକୁ ।

କିନ୍ତୁ ଆଜି ?

ଆଜି ରାମଚନ୍ଦ୍ର ନାହାନ୍ତି । ଦଣ୍ଡକାରଣ୍ୟ ନୁହେଁ ଏ ବନଭୂମି । ଯୁଗ ପରେ ଯୁଗ ବିତି ଯାଇଛି । ମାତ୍ର ହିଂସ୍ର ଶ୍ୱାପଦସଂକୁଳ ହୋଇରହିଛି ଏ ଅରଣ୍ୟାନୀ ବନସ୍ତ ।

ରାମଚନ୍ଦ୍ର ଯାଉ ନାହାନ୍ତି ଆଜି ଘନ ଜଙ୍ଗଲ ଭେଦ କରି ପଦ କୁଡ଼ିଆ ବାନ୍ଧିବା ପାଇଁ । ଚାଲିଛନ୍ତି ଶ୍ରୀ ଗୌରାଙ୍ଗ । ନବୀନ ସନ୍ନ୍ୟାସୀ । ଶ୍ରୀକୃଷ୍ଣ ଚୈତନ୍ୟ । କୋଦଣ୍ଡ ନାହିଁ । ଅଛି କମଣ୍ଡଳୁ । ଧନୁର ଟଙ୍କାର ନାହିଁ । ଅଛି ହରିବୋଲ ଧ୍ୱନିର ପ୍ରତିଧ୍ୱନି । ଭୟଭୀତ ନୁହନ୍ତି ଅରଣ୍ୟବାସୀ ଜନ୍ତୁକୁଳ । ପ୍ରେମରେ ନୃତ୍ୟ କରୁଛନ୍ତି ମନୁଷ୍ୟ ସ୍ୱରରେ ସ୍ୱର ମିଳାଇ ।

ମନୁଷ୍ୟ ନୁହେଁ । ସାକ୍ଷାତ୍ ଈଶ୍ୱର । ମୂକକୁ ବାଚାଳ କରେ ଯେଉଁ ଈଶ୍ୱର ପଶୁକୁ ମନୁଷ୍ୟର ଭାଷା ଦିଏ ଯେଉଁ ଅଘଟନ ଘଟନ ପଟିୟସୀ ଶକ୍ତିସମ୍ପନ୍ନ ଈଶ୍ୱର, ସେହି ଈଶ୍ୱର । ସେଇ ଭଗବାନ, ପରଂବ୍ରହ୍ମ, ପରମାତ୍ମା ।

ତେଣେ ମହାପ୍ରଭୁଙ୍କ ସହ ପୁନର୍ମିଳନ ପାଇଁ ଆକୁଳ ଅଧୀର ଦୁଇଭାଇ ରୂପ ଓ ସନାତନ । ମହାପ୍ରଭୁଙ୍କର ରାମକେଳିତ୍ୟାଗହିଁ ଉଭୟ ରୂପ ଓ ସନାତନଙ୍କର ସଂସାର ତ୍ୟାଗ ପର୍ଯ୍ୟାୟର ଉପକ୍ରମଣିକା । ଗୌର ବିରହ ଦାବାନଳରେ ଦଗ୍ଧ ଉଭୟେ । ସତତ ସନ୍ତପ୍ତ ଚିତ୍ତ । କୃଷ୍ଣ ମନ୍ତ୍ର ପୁରଶ୍ଚରଣ କରି ଅହର୍ନିଶ ଗୌର ଗୁଣ କୀର୍ତ୍ତନରେ ରତ ଦୁଇ ଭ୍ରାତା । ବିଳପିତ ଆତ୍ମା । କ୍ଷୁବ୍ଧ, ଶାନ୍ତ ଅନ୍ତର । ଗୌରଚରଣ ପ୍ରାପ୍ତିର କାମନା ଯେନ ସର୍ବଦା ଜାଗ୍ରତ ଚିତ୍ତ ।

ଧୈର୍ଯ୍ୟଧାରଣ ଅସମ୍ଭବ ଶ୍ରୀରୂପଙ୍କ ପକ୍ଷରେ । ରାଜକାର୍ଯ୍ୟରୁ ଅବ୍ୟାହତି ବ୍ୟତିରେକେ ଗୌର ସାନ୍ନିଧ୍ୟ ଲାଭ ସୁଦୂର ପରାହତ । କର୍ମ ବନ୍ଧ ଛିନ୍ନ ନହେଲେ ଗୌରମଙ୍ଗଳ ସୂତ୍ରର ମନ୍ତ୍ର ଉଚ୍ଚାରଣ ବ୍ୟର୍ଥ । ତେଣୁ ବିଳମ୍ବେନ ଅଲମ୍ ।

ହଠାତ୍ ରାମକେଳିର ସମସ୍ତ ଆରାମ ଅନାୟାସରେ ପରିହାର କରି କୃତ-ସଂକଳ୍ପ ଶ୍ରୀରୂପ ବୃନ୍ଦାବନ ବାହୁଡ଼ା ଶ୍ରୀକୃଷ୍ଣ ଚୈତନ୍ୟଙ୍କ ଚରଣାଶ୍ରୟ ପାଇଁ ପ୍ରୟାସ କଲେ ସର୍ବଜନ ଅଲକ୍ଷିତରେ ।

Source: Author, Digitized by PPRACHIN, SOA

ଝାଡ଼ଖଣ୍ଡ ପଥ ଅତିକ୍ରମ କରି ମହାପ୍ରଭୁ ପ୍ରବେଶ କଲେ ମଧୁର ଶ୍ରୀ ବୃନ୍ଦାବନ ଧାମରେ । ଶୁଣିବାକୁ ପାଇଲେ ଦୁଇ ଭାଇ । ଅପୂର୍ବ ସେ ଲୀଳା ! ଅବର୍ଣ୍ଣନୀୟ ସେ ଲୀଳାର ମାଧୁରୀ । ମହାପ୍ରଭୁଙ୍କର ବୃନ୍ଦାବନ ପରିକ୍ରମା ।

ରାଧାଭାବରେ ପୂର୍ଣ୍ଣ ବିଭାବିତ ଶ୍ରୀଗୌରାଙ୍ଗ । ମଧୁବନ, ଭାଣ୍ଡୀରବନ, ତାଳବନ, ନବବୃନ୍ଦାବନ, ଚତୁର୍ଦ୍ଦିଗରେ ଘୂରି ବୁଲୁଛନ୍ତି, ଅନୁକ୍ଷଣ ସେହି ରସମୟ ରସଘନ ମଧୁର ମୂରତି ବୃନ୍ଦାବନ ଚନ୍ଦ୍ରଙ୍କ ଅନ୍ୱେଷଣରେ । କ୍ଷଣେ କ୍ଷଣେ ଶ୍ରୀରାଧାଙ୍କର ପୂର୍ବରାଗ ଅଭିସାର । ମିଳନ, ବିରହ ମଧ୍ୟରେ ଅନୁଭୂତ ହେଉଛି ଉତ୍ତମା ନାୟିକାର ନାନାବିଧ ଭାବ ବିଭାବ । କେତେବେଳେ ସ୍ୱାଧୀନ-ଭର୍ତ୍ତୃକା, ଅଭିସାରିକା ବାସକସଜ୍ଜା, ପ୍ରୋଷିତ-ଭର୍ତ୍ତୃକା; ବିରହ ଉତ୍କଣ୍ଠିତା, ବିପ୍ରଲବ୍ଧା । କେତେବେଳେ ଅବା ଖଣ୍ଡିତା, କଳହାନ୍ତରିତା ।

କେତେବେଳେ ରାସୋତ୍ସବ ବିଳାସିନୀ, ରତ୍ନାଳଙ୍କାର ଶୋଭିତା, କୁସୁମାର୍ଚ୍ଚିତ-ବିଗ୍ରହା, ପରମାନନ୍ଦ ସ୍ୱରୂପିଣୀ କୃଷ୍ଣପ୍ରାଣାଧିକେ ହା ରାଧିକେ ବୋଲି ଚିତ୍କାର; କେତେ ବେଳେ ରାଧାଧର-ସୁଧାପାନଶାଳୀ, ବ୍ରଜଯୁବତୀ-ମୌଳିମାଳିକା-ପରିବେଷ୍ଟିତ ବେଣୁ-ବାଦ୍ୟ ବିନୋଦନ ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ଦେଖି 'ହା କୃଷ୍ଣ' ବୋଲି ମୂର୍ଚ୍ଛା । କେତେ-ବେଳେ ଗଙ୍ଗାଦି-ତୀର୍ଥ-ପରିସେବିତ-ପାଦପଦ୍ମ । ରାଧାମୁକୁନ୍ଦମୁଦିତା ଯମୁନାକୁ ବନ୍ଦନା କରୁଛନ୍ତି ; କେତେବେଳେ ଅଚ୍ୟୁତହସ୍ତପଙ୍କଜଚ୍ୟୁତ-ଫଳ-ମୂଳ-କନ୍ଦର-ପରିପୂର୍ଣ୍ଣ ଗୋବର୍ଦ୍ଧନ ଗିରିକନ୍ଦର ପରିକ୍ରମା, କେତେବେଳେ ପୁଣି ଶ୍ରୀରାଧାପ୍ରାଣତୁଲ୍ୟା, ମଧୁରସ-କଥା-ଗୃହଭୂମି-ଚିତ୍ରଦକ୍ଷା, ରାଧିକାନନ୍ଦ-ଯତ୍ନଶୀଳା ବ୍ରଜଯୁବତୀ-କରପଲ୍ଲବସ୍ପର୍ଶାବିଭୂତା ରାଧାକୃଷ୍ଣ ନିତ୍ୟ କେଳି ରଚନାଧାରା ରାଧାକୁଣ୍ଡରେ ସ୍ନାନ ବିଭୋର, କେତେବେଳେ ଦୁଷ୍ଟ ଅରିଷ୍ଟ ବଧ ଦୋଷ ପ୍ରକ୍ଷାଳକ, କୃଷ୍ଣ ପାଦ-ପଦ୍ମ-ସ୍ପର୍ଶସ୍ଫୀତ ମକରନ୍ଦବିତରଣପର-ରାଧାଲିଙ୍ଗନ-ସୌଭାଗ୍ୟସୁଖ-ସମ୍ଭୋଗ-ଗାଢ ଶ୍ୟାମକୁଣ୍ଡରେ ଅବଗାହନ କରି ଆନନ୍ଦ ଉଲ୍ଲାସରେ ଉନ୍ମତ୍ତ, କେତେବେଳେ ଅବା ଶ୍ରୀକୃଷ୍ଣଲୀଳାବ୍ଧିତରଙ୍ଗମଗ୍ନା ଭକ୍ତବିତାନହେତୁ, ଅଖିଳବିଶ୍ୱବନ୍ଦ୍ୟା, ରାଧେଶ-କେଳି-ପ୍ରଭୂତା-ବିନୋଦ-ବିନ୍ୟାସ-ବିଜ୍ଞା ବ୍ରଜବନିତା ପୌର୍ଣ୍ଣମାସୀଙ୍କ ସ୍ମରଣରେ ଆକୁଳ ଆକୁତି; କେତେବେଳେ ପୁଣି ମୁରାରିବିହାରାରଣ୍ୟା-ଧିକାରିଣୀ ଶ୍ରୁତିସ୍ମୃତି-ଅଗୋଚରା ବୃନ୍ଦାଦେବୀଙ୍କଠାରେ କାତର ପ୍ରାର୍ଥନା ।

ସେ କି ମର୍ମନ୍ତୁଦ କ୍ରନ୍ଦନ ! ସେ କି ହୃଦୟ-ବିଦାରକ ଆର୍ତ୍ତିକାତର ଦୃଶ୍ୟ ! କ୍ଷଣେ ମୂର୍ଚ୍ଛା କ୍ଷଣେ ସଚେତନ ଶ୍ରୀ ଚୈତନ୍ୟ । ହଠାତ୍ ମନେ ଜାଗି ଉଠିଲା ମାତୃ ଆଜ୍ଞା ପାଳନ ଜନିତ ନୀଳାଚଳ ବାସର ସ୍ମୃତି । ସେ ଯେ ଅପରିହାର୍ଯ୍ୟ ! କ୍ଷଣକ ମଧ୍ୟରେ ଦ୍ୱାରିକାଧିପତି ବାସୁଦେବଙ୍କର ରାଧାକୃଷ୍ଣ-ରାସରସ-ଶ୍ରବଣ-ବିହ୍ୱଳ ହସ୍ତପଦ ସଙ୍କୁଚିତ କମଠ ମୂର୍ତ୍ତି ନୀଳାଚଳ ବିହାରୀ ଜଗନ୍ନାଥଙ୍କର କଳାଶ୍ରୀମୁଖ ଭାସି ଆସିଲା ନୟନ ପଥରେ । ଥରେ ଥରେ ଚିତ୍କାର କରି ଉଠୁଛନ୍ତି—

"ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବନ୍ତୁ ମେ"

Source: Author, Digitized by PPRACHIN, SOA

ସେହି ଭାବାବେଶରେ ପ୍ରଭୁ ଉପସ୍ଥିତ ପ୍ରୟାଗରେ । ପୁରୁଷୋତ୍ତମ ପ୍ରତ୍ୟାବର୍ତ୍ତନ ପଥରେ ।

ପ୍ରୟାଗରେ ହିଁ ଗଙ୍ଗା ଯମୁନାର ମିଳନ । ମହାପ୍ରଭୁ ଓ ଶ୍ରୀରୂପଙ୍କର ଶ୍ରେଷ୍ଠ ସେହି ସଙ୍ଗମ ସ୍ଥଳରେ । ସେ ଏକ ମହାମିଳନର ମହୋତ୍ସବ ! ଦାତା ଶ୍ରୀଗୌରାଙ୍ଗ, ଭୋକ୍ତା ଶ୍ରୀରୂପ ନିଜେ ।

ଗୌରମୁଖାରବିନ୍ଦନିସୃତ ଅଧରାମୃତ ପାନର ପରମ ସୌଭାଗ୍ୟ—କୃଷ୍ଣତତ୍ତ୍ୱ, ଭକ୍ତିତତ୍ତ୍ୱ, ରସତତ୍ତ୍ୱର ସିଦ୍ଧାନ୍ତ ଶ୍ରବଣର ସୁଯୋଗ ଲଭିଲେ ଶ୍ରୀରୂପଙ୍କର । କେବଳ ଲୀଳାରସର ସାର ବସ୍ତୁ ଓ ପ୍ରେମ ଭକ୍ତିର ପରିଶିଷ୍ଟ ସମ୍ବନ୍ଧରେ ସମସ୍ତ ତତ୍ତ୍ୱ ଶିକ୍ଷାଲାଭର ସୁଯୋଗ ଯେ ଘଟିଲା ତାହା ନୁହେଁ; ସଙ୍ଗେ ସଙ୍ଗେ ଗୌରଶକ୍ତିର ଫଳ ସ୍ୱରୂପ ଶ୍ରୀରୂପଙ୍କର ଜୀବନ ନାଟକର ପଟପରିବର୍ତ୍ତନ ଘଟିଲା ଅନାୟାସରେ ।

ଆଖି ଆଗରେ ଝଲସି ଉଠିଲା ସୁବୃହତ୍ ଏକ ବିରାଟ ବ୍ରହ୍ମାଣ୍ଡ, ଅନନ୍ତ ଜୀବ ସୃଷ୍ଟି । କେଶାଗ୍ରର ଶତଭାଗରୁ ଶତାଂଶ ପରିମିତ ସୂକ୍ଷ୍ମାତିସୂକ୍ଷ୍ମ ଏହି ଜୀବର ସ୍ୱରୂପ । ସ୍ଥାବର ଜଙ୍ଗମ ଭେଦରେ ତାହା ପୁଣି ଦ୍ୱିବିଧ । ସ୍ଥାବର ଜଡ଼ ଓ ନିଶ୍ଚେଷ୍ଟ । ଜଙ୍ଗମରେ ହିଁ ଜୀବର ସଞ୍ଚାର ସ୍ଥଳଚର ଜଳଚର ବିଭେଦରେ । ସ୍ଥଳଚର ଅଗଣନ, ଅସଂଖ୍ୟ । ମନୁଷ୍ୟ ଅତି ମୁଷ୍ଟିମେୟ—ମନୁଷ୍ୟେତର ସ୍ଥଳଚରମାନଙ୍କର ତୁଳନାରେ । ଭିନ୍ନ ମତାବଲମ୍ବୀ ମ୍ଳେଚ୍ଛ, ପୁଲିନ ବୌଦ୍ଧ ଶବର ବ୍ୟତିରେକେ କେବଳ ବେଦନିଷ୍ଠ ପୁରୁଷଙ୍କ ମଧ୍ୟରୁ ଅର୍ଦ୍ଧେକ, ମୁଖରେ ମାତ୍ର ବେଦକୁ ସ୍ୱୀକାର କରି ବେଦ ନିଷିଦ୍ଧ ପାପକର୍ମରେ ଲିପ୍ତ । ଅବଶିଷ୍ଟ ବେଦଧର୍ମାନୁସାରୀ ଧର୍ମାଚରଣମାନଙ୍କ ମଧ୍ୟରେ ଅଧିକାଂଶ କର୍ମନିଷ୍ଠ । କର୍ମକାଣ୍ଡ ପରାକାଷ୍ଠା-ପରାୟଣ ବ୍ୟକ୍ତିମାନଙ୍କ ମଧ୍ୟରେ ପୁଣି ପ୍ରକୃତ ଜ୍ଞାନୀ କୋଟିକରେ ଗୋଟିଏ । କୋଟି ସଂଖ୍ୟକ ଜ୍ଞାନୀ ମଧ୍ୟରେ କ୍ୱଚିତ୍ କୌଣସି ଏକ ପୁରୁଷ ମୁକ୍ତ । କୋଟିଏ ମୁକ୍ତରେ ଗୋଟିଏ କୃଷ୍ଣଭକ୍ତ । ଅତି ଦୁର୍ଲଭ ।

କୃଷ୍ଣ-ଭକ୍ତ ! କୃଷ୍ଣଭକ୍ତ !!

ଶତ ସହସ୍ର ବାର ପ୍ରଣାମ କରୁଛନ୍ତି ଶ୍ରୀରୂପ । କି ପ୍ରଶାନ୍ତମୂର୍ତ୍ତି ! ଭୁକ୍ତି-ମୁକ୍ତି ସିଦ୍ଧିକାମୀ ଅଶାନ୍ତାତ୍ମାମାନଙ୍କଠାରୁ ବହୁଦୂରରେ ।

ଭ୍ରାନ୍ତ ଜୀବର ଏ ବ୍ରହ୍ମାଣ୍ଡ ପରିକ୍ରମା ଯେପରି ଅଶେଷ । ଅନନ୍ତକାଳ ବ୍ୟାପୀ । ବାରମ୍ବାର ଆତଯାତ ହେଉଛନ୍ତି । ପୁନରପି ଜନନଂ, ପୁନରପି ମରଣଂ' ପୁନରପି ଜନନୀ ଜଠରେ ଶୟନମ୍ ।

ସେହି ଅସଂଖ୍ୟ, ଅଗଣନ, ଅକଳନ ଜୀବସୃଷ୍ଟିରେ ଶ୍ରୀରୂପହିଁ 'ଯେପରି ହଠାତ୍ ଅକସ୍ମାତ୍ ଗୋଟିଏ ଅପୂର୍ବ ପ୍ରବାଳ ପରିପୂର୍ଣ୍ଣ ଲାବଣ୍ୟମୟ ତରୁଣବଲ୍ଲୀର ଛାୟାତଳେ ବିଦ୍ୟମାନ୍ । ନିକଟରେ ଶ୍ରୀମନ୍ମହାପ୍ରଭୁ । ନଧର ଅଧରରେ ଅବିରସରଣୀୟ ସ୍ମିତ । ମହାଭାରତର ଶ୍ରୀକୃଷ୍ଣଙ୍କ ପ୍ରତି ଅର୍ଜ୍ଜୁନଙ୍କର ସମ୍ବୋଧନ କଥା ମନେ ପଡ଼ିଗଲା ଶ୍ରୀରୂପଙ୍କର । ମାତ୍ର କାତରକଣ୍ଠରେ ନୁହେଁ, ମହୋଲ୍ଲାସରେ କହିଉଠିଲେ ଶ୍ରୀରୂପ—"ଶିଷ୍ୟସ୍ତେହଂ ସାଧି ମାଂ ତ୍ୱାଂ ପ୍ରପନ୍ନମ୍ ।"

Source: Author, Digitized by PPRACHIN, SOA

ମହାପ୍ରଭୁ ଅଶେଷ ସମ୍ଭାବନା ଗର୍ଭକ ସେହି ଲତାର ଗୋଟିଏ ବୀଜଆଣି ଦେଉଛନ୍ତି ଶ୍ରୀରୂପଙ୍କ କରକମଳରେ । ଶ୍ରୀରୂପଙ୍କୁ ଶିକ୍ଷା ଦେଉଛନ୍ତି ମହାପ୍ରଭୁ । ଶ୍ରୀରୂପ କେବଳ ଶୁଣୁ ନାହାନ୍ତି, ତାଙ୍କ ନେତ୍ର ସମ୍ମୁଖରେ ଚଳଚିତ୍ର ପରି ଖେଳିଯାଉଛି ଗୋଟିଏ ସୁଖାନ୍ତ ନାଟକର ନାନା ଦୃଶ୍ୟ ଦୃଶ୍ୟାନ୍ତର ।

ଧୀରେ ଧୀରେ ଶ୍ରୀରୂପ ଅତି ଯତ୍ନ ସହକାରେ ସେବୀଜ ବପନ କରୁଛନ୍ତି ନିଜ ହୃଦକେଦାରରେ । ମହାପ୍ରଭୁଙ୍କ ଆଦେଶ ମତେ । ଶ୍ରୀରୂପ ଏବେ ପରମଗୁରୁ ଶ୍ରୀକୃଷ୍ଣ ଚୈତନ୍ୟ-ଚରଣାଶ୍ରିତ ଏକ ମାଳାକାର— ମାଳ୍ୟକ ମାଳୀ ।

ସେ ବୀଜରୁ ସମ୍ଭୂତ ହେଉଛି ଅନ୍ୟ ଏକ ସମରୂପ-ସମ୍ପନ୍ନ କୋମଳ ଲତିକା । ଏ କି ଅଦ୍ଭୁତ ଅଘଟନ ଘଟଣା ! ମୁହୂର୍ତ୍ତିକ ମଧ୍ୟରେ ଅଭିବୃଦ୍ଧି ସେ ଲତା ବିସ୍ତାରିତ ହେଉଛି ଚତୁର୍ଦ୍ଦିଗରେ, ଶ୍ରୀରୂପଙ୍କର କୃଷ୍ଣନାମ କୀର୍ତ୍ତନ କୃଷ୍ଣ ନାମ ଶ୍ରବଣ ଜଳ ସେଚନ ଫଳରେ । ତାର ସୁବିସ୍ତାର କାଣ୍ଡଶାଖା କ୍ଷଣକେ ବ୍ରହ୍ମାଣ୍ଡ-ବ୍ରହ୍ମଲୋକ ଭେଦ କରି ବିରଜା ପରି ପାରରେ ପରବ୍ୟୋମଙ୍କୁ ସ୍ପର୍ଶ କରୁଛି ।

ଅଦୂରରେ ଏକ ବିଶାଳକାୟ ମଦମତ୍ତ ଦନ୍ତାବଳ ଅଗ୍ରସର ହେଉଛି ଶ୍ରୀରୂପଙ୍କ ଅଭିମୁଖରେ । ଶ୍ରୀରୂପ ଭୟଭୀତ । "ପ୍ରଭୁ ! ପ୍ରଭୁ !" ବୋଲି ଚିତ୍କାର କରି ଉଠୁଛନ୍ତି ।

"ମା ଭୈଃ ମା ଭୈଃ" । ଆଶ୍ୱାସନା ଦେଉଛନ୍ତି ମହାପ୍ରଭୁ ।

"କିଏ ଏହି ହସ୍ତୀ ? ତାର କି ଅଧିକାର ଏ ରାଜ୍ୟରେ ?"

"ଏ ଯେ ବୈଷ୍ଣବ ଅପରାଧ ! ସାକ୍ଷାତ୍ ବୈଷ୍ଣବ ଅପରାଧରୂପୀ ମତ୍ତହସ୍ତୀ !"

ସାଧୁ ବୈଷ୍ଣବ ନିନ୍ଦା, ଶ୍ରୀଗୁରୁଙ୍କଠାରେ ମନୁଷ୍ୟ ବୁଦ୍ଧି, ବେଦାଦି ଶାସ୍ତ୍ର ପ୍ରତି ଅବମାନନା, ନାମରେ ଅର୍ଥବାଦ, ନାମର କୁବ୍ୟାଖ୍ୟା, ଭକ୍ତ ଶିବ ଓ ଭଗବାନଙ୍କର ଅବଜ୍ଞା ତଥା ଭେଦ ବୁଦ୍ଧି, ନାମଦ୍ୱାରା ପାପକ୍ଷୟ ହେବା ବିଷୟରେ ଅବିଶ୍ୱାସ ଜନିତ ପୁନଃ ପାପାଚରଣ, ନାମ ପ୍ରତି ଅନାସ୍ଥା ପ୍ରକାଶ କରି ଅନ୍ୟ ସାଧନାରେ ପ୍ରବୃତ୍ତି, ଅଶ୍ରଦ୍ଧ ବ୍ୟକ୍ତି-ଠାରେ ନାମୋପଦେଶ; ନାମ ମାହାତ୍ମ୍ୟରେ ବିଶ୍ୱାସ ପ୍ରଭୃତି—ହସ୍ତୀର ପଦ-କର-ଦନ୍ତ ଆଦି ଅଙ୍ଗ ଉପାଙ୍ଗ ।

"ପ୍ରଭୁ ! ପ୍ରଭୁ" ! ଭୟଭୀତଚିତ୍ତ ଶ୍ରୀରୂପ ହୃଦୟରେ ଜଡ଼ିତ କରି ଧରି ରଖୁଛନ୍ତି ମହାପ୍ରଭୁଙ୍କର ପାଦପଦ୍ମକୁ । କ୍ରନ୍ଦନପର ଶରଣାଗତ ଶ୍ରୀରୂପ ।

"ସାଧୁ, ସାଧୁ"ମହାପ୍ରଭୁ ସାହସ ଦେଉଛନ୍ତି— "ଧୈର୍ଯ୍ୟ ଧର ! ସେ ଅତି ଦୁର୍ବଳ ଜୀବ ବଳବାନ୍ ଗୁରୁକୃଷ୍ଣ ଚରଣାଶ୍ରିତ ବ୍ୟକ୍ତି ସମକ୍ଷରେ । ଭୟ ନାହିଁ—ଯୋଗ କ୍ଷେମ ବହାମ୍ୟହମ୍ ।"

ଶ୍ରୀରୂପ ଆଶ୍ୱସ୍ତ । ମାତ୍ର ଏ କ'ଣ ? ଏ କି ଅପସୃଷ୍ଟି ? ଶ୍ରୀରୂପଙ୍କ ଅଲକ୍ଷିତରେ ଲତା ଅଙ୍ଗରେ ଅସଂଖ୍ୟ ଉପଶାଖା । ଶ୍ରୀରୂପଙ୍କର ଅସାବଧାନତାର ସୁଯୋଗ ନେଇ । ବୃଦ୍ଧି ରହିଛନ୍ତି । ଶଙ୍କିତ ଶ୍ରୀରୂପ । ମହାପ୍ରଭୁଙ୍କର ଶ୍ରୀମୁଖ ଉପରେ ପ୍ରଶ୍ନକାରୀ ଦୃଷ୍ଟି ନିକ୍ଷେପ କରି ।

Source: Author, Digitized by PPRACHIN, SOA

ଭକ୍ତି ମୁକ୍ତି ବାଞ୍ଛା, ଲାଭ ପୂଜା ପ୍ରତିଷ୍ଠା ପୁଣି ନିଷିଦ୍ଧାଚାର, ଗୋଟି ଗୋଟି କରି ଚିହ୍ନାଇ ଦେଉଛନ୍ତି ମହାପ୍ରଭୁ । ଲତା ଅଙ୍ଗରେ ଏହି ଅବାଞ୍ଛିତ ଉପଶାଖା ଗୁଡ଼ିକ ମୂଳ ଶାଖାର ଅଭିବୃଦ୍ଧିରେ ଘୋର ଅନ୍ତରାୟ ।

"ଛେଦନ କର, ଛେଦନ କର, ଶ୍ରୀରୂପ । ନିର୍ମମ ଭାବରେ, ସତର୍କତାର ସହିତ !" ନିର୍ଦ୍ଦେଶ ଦେଉଛନ୍ତି ମହାପ୍ରଭୁ !

କୁଠାରାଘାତ ମାତ୍ରେ ଆକ୍ଷେପରେ ଉପଶାଖାଗୁଡ଼ିକ କାଣ୍ଡଚ୍ୟୁତ ହୋଇ ପଡ଼ୁଛନ୍ତି । ମଳକମାନଙ୍କ ପରିବେଷ୍ଟନ ଭେଦ କରି ସେ ଲତା ଏକ ଦିବ୍ୟ ଧାମରେ ଉପନୀତ । ଅପୂର୍ବ ଏକ ବିଶାଳ ବିସ୍ତୃତ ସୁଶୀତଳ ଛାୟା-ବିତରଣଶୀଳ ଦ୍ରୁମର ଅବୟବରେ ସେ ଲତା ବିଜଡ଼ିତ ହୋଇ ଯାଉଛି, ତତ୍‌କ୍ଷଣାତ୍, ଅତି ଆକର୍ଷଣ ଭାବରେ । ଗୋଟାଏ ସ୍ୱପ୍ନିଳ ଆନନ୍ଦର ଆମେଜ୍‌ରେ ଶ୍ରୀରୂପ ଆତ୍ମହରା ।

ସେ ଯେ କଳ୍ପତରୁ । କୃଷ୍ଣ ପଦାରବିନ୍ଦ । ପରିଚୟ ପାଇବା ମାତ୍ରେ ଶ୍ରୀରୂପ ସ୍ତବ୍ଧ ମୁଗ୍ଧ ।

ମାଳାକାର ଶ୍ରୀରୂପ ଏବେ ପ୍ରାପ୍ତ ହୋଇଛନ୍ତି କଳ୍ପବୃକ୍ଷର ସେବା । ପରିତୃପ୍ତ ମାଳାକାର । ଅନ୍ୟାଭିଳାଷିତା ଶୂନ୍ୟ । ନିରବଚ୍ଛିନ୍ନ ସେବକ ରୂପରେ ଆବିଷ୍ଟ ।

"ଶ୍ରୀରୂପ । ଏହାର ନାମ ଭକ୍ତିଲତା ।" ସୂଚାଇ ଦେଲେ ମହାପ୍ରଭୁ ।

"ଏ ଯେଉଁ ସୁନ୍ଦର ସୁସ୍ୱାଦୁଯୁକ୍ତ ଫଳ ?" ପ୍ରଶ୍ନ କରୁଛନ୍ତି ଶ୍ରୀରୂପ ।

"ପ୍ରେମ !" ମହାପ୍ରଭୁ ଉତ୍ତର ଦେଲେ,—"ଶୁଣ ଶ୍ରୀରୂପ, ଏ ଫଳର ବୀଜ ଶୁଦ୍ଧାଭକ୍ତି ।"

"ଶୁଦ୍ଧାଭକ୍ତି" ? ପ୍ରଶ୍ନ ଉଠୁଛି ଶ୍ରୀରୂପଙ୍କ ମନରେ । "ଭକ୍ତି ଶୁଦ୍ଧ ହେବାର ଉପାୟ ?"

ଅନ୍ତର୍ଯ୍ୟାମୀ ମହାପ୍ରଭୁ ଉତ୍ତର ଦେଉଛନ୍ତି—

"ଅନ୍ୟ ବାଞ୍ଛା ଅନ୍ୟ ପୂଜା ଛାଡ଼ି ଜ୍ଞାନ କର୍ମ
ଆନୁକୂଲ୍ୟେ ସର୍ବେନ୍ଦ୍ରିୟେ କୃଷ୍ଣାନୁଶୀଳନ ।" (ଚୈ: ଚ:)

କୃଷ୍ଣାନୁଶୀଳନ ? ଅଷ୍ଟାଙ୍ଗ ଯୋଗଲବ୍ଧ ଅଣିମାଦି ସିଦ୍ଧିବାଞ୍ଛା ଦୂର କରି ସର୍ବେଶ୍ୱର ବୁଦ୍ଧିରେ କୃଷ୍ଣଭିନ୍ନ ଅନ୍ୟ. ଦେବତାଙ୍କ ପୂଜା ବର୍ଜନ ପୂର୍ବକ, ନିର୍ବିଶେଷ ବ୍ରହ୍ମାନୁଭବପ୍ରଦ ଜ୍ଞାନମାର୍ଗ ପରିହାର କରି ସମସ୍ତ ପ୍ରତିକୂଳ- ପରିସ୍ଥିତି ପରିତ୍ୟାଗ କରି, କେବଳ ଅନୁକୂଳ ଭାବଧେନ ଦ୍ୱାରା ସହିତ. ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ମନ ଦ୍ୱାରା ଶ୍ରୀକୃଷ୍ଣଙ୍କର ରୂପଗୁଣ ଲୀଳାଦି ଚର୍ଚ୍ଚାହିଁ କୃଷ୍ଣାନୁଶୀଳନ—ଶୁଦ୍ଧାଭକ୍ତିର ବୀଜ । ଭକ୍ତିର ଲକ୍ଷଣ, ପୁଣି ଭକ୍ତିର ସାଧନ, ବୁଝିପାରିଲେ ଶ୍ରୀରୂପ । ବୋଧଗମ୍ୟ ହୋଇଗଲା ସମସ୍ତ ବିଷୟ ତତ୍‌କ୍ଷଣାତ ।

ସାଧନଭକ୍ତିରୁହିଁ ରତିର ଉଦୟ । ଉତ୍ତମ ଭକ୍ତିକୁ ଏକାଙ୍ଗରେ କିମ୍ବା ଅନେକାଙ୍ଗରେ ସାଧନା କରୁ କରୁ, ରତିର ଉଦୟ । କୃଷ୍ଣ ସେବାରେ ରତ. ହେବାରେ ରତିର ଉତ୍ପତ୍ତି । ଏହି ରତିର ଗାଢ଼ତର ପରିପକ୍ୱ ଅବସ୍ଥା ହିଁ 'ପ୍ରେମ'।

Source: Author, Digitized by PPRACHIN, SOA

ତା ପରେ, ତାପରେ ? ମନରେ ପ୍ରଶ୍ନ ଜାଗିଲା ଶ୍ରୀ ରୂପଙ୍କର । ଗାଢ଼ତର ରତିର ନାମାନ୍ତର ଏହି ପ୍ରେମରେ ଏକ-ରସଭାର ଆଶଙ୍କା ନାହିଁତ ? ସେ ପ୍ରେମ ପ୍ରାପ୍ତିରେ ତୃପ୍ତିର ଅବସାଦ ଆସିଲେ ଭଗବତ୍ ପ୍ରସାଦରୁ ବଞ୍ଚିତ ହେବାର ଭୟ ନାହିଁ ତ ଜୀବର ?

" ନା, ନା, ସେ ପ୍ରେମରେ—ସେହି ଗାଢ଼ତମ ରତିରେ ବିରତି ନାହିଁ । କ୍ରମବର୍ଦ୍ଧମାନ ସେ ରତି । ଇକ୍ଷୁବୀଜ, ଇକ୍ଷୁଦଣ୍ଡ, ଇକ୍ଷୁରସ ଉପରେ ଘନସାର ଖଣ୍ଡ, ଖଣ୍ଡର ଘନଭୂତ ପ୍ରସ୍ତୁତ ଶର୍କରା, ଶର୍କରାର ସ୍ୱଚ୍ଛତର ଆକୃତି ସୀତା, ମିଶ୍ରି, ଉତ୍ତମ ମିଶ୍ରି, ରୂପାନ୍ତର ପରି ଏହି ପ୍ରେମର ଉତ୍ତରୋତ୍ତର ପରିଣତି, ସ୍ନେହ, ମାନ, ପ୍ରଣୟ, ରାଗ, ଅନୁରାଗ, ଭାବ, ମହାଭାବ, ମଦନାକ୍ଷ ମହାଭାବ ଓ ମୋହନାକ୍ଷ ମହାଭାବ ।" ଉତ୍ତର ଦେଲେ ମହାପ୍ରଭୁ, ଶ୍ରୀରୂପଙ୍କ ସନ୍ଦେହ ମୋଚନ କରି ।

ତଥାପି ଆଶଙ୍କା ଦୂରୀଭୂତ ହେଲା ନାହିଁ ଶ୍ରୀରୂପଙ୍କର । ପୁଣି ଜାଗି ଉଠିଲା ମନରେ ସେହି ପୁରାତନ ପ୍ରଶ୍ନ । ଏହି ଗାଢ଼ ରତି କଣ ପ୍ରେମର ଚରମ ? ସେହି କଣ ସାଧନାର ଶେଷ ପରିଣତି ?

"ନା, ନା", ମହାପ୍ରଭୁ ଉତ୍ତର ଦେଉଛନ୍ତି । ଉତ୍ତର ନୁହେଁ ବ୍ୟାଖ୍ୟା —"ଏ ଯେ ସ୍ଥାୟୀଭାବ, ଶ୍ରୀରୂପ ! ଏହାହିଁ ମୂଳ ବସ୍ତୁ । ଏହାହିଁ ଅଯୁମାରମ୍ଭ । କୃଷ୍ଣ ଭକ୍ତିରସାମୃତର ଆସ୍ୱାଦନ ପାଇଁ ଏହି ସ୍ଥାୟୀ ଭାବ ସହିତ ନାନା ବିଭାବ, ଅନୁଭାବ, ସାତ୍ତ୍ୱିକଭାବ, ବ୍ୟଭିଚାରୀଭାବରେ ଅମଳିନ ମିଳନ ଆବଶ୍ୟକ । ଦଧି, ସୀତା, ଘୃତ, ମରିଚ ଓ କର୍ପୂର ମିଳିତ ନ ହେଲେ, ରସାଳ ଆସ୍ୱାଦନର ପ୍ରକୃତ ସ୍ୱାଦ ମିଳିବା ଅସମ୍ଭବ ।"

" କିନ୍ତୁ ସୃଷ୍ଟି ଯେ ଅତି ବିଚିତ୍ର ପ୍ରଭୁ ! ଏହି ବୈଚିତ୍ର୍ୟହିଁ ବୈଶିଷ୍ଟ୍ୟ ସୃଷ୍ଟି-କର୍ତ୍ତାର ।" ପ୍ରକାଶ କଲେ ଶ୍ରୀରୂପ—"ସ୍ୱଭାବ ଓ ପ୍ରକୃତିଗତ ଭେଦ ଦ୍ୱାରା ବିଭିନ୍ନ ଭକ୍ତ ଗଣଙ୍କର ଭୋଗ କଣ ତେବେ ଏକ ? ସମସ୍ତଙ୍କର ରସ ଆସ୍ୱାଦନରେ କ'ଣ ସାମ୍ୟ ବିଦ୍ୟମାନ ?"

ମହାପ୍ରଭୁ ପ୍ରୀତ । ଶ୍ରୀରୂପଙ୍କର ଯଥାର୍ଥ ପ୍ରଶ୍ନରେ । ଅଧରରେ ସ୍ମିତହାସ୍ୟ ଶ୍ରୀରୂପଙ୍କୁ ବିସ୍ମିତ କରି ଉତ୍ତର ଦେଉଛନ୍ତି—"ଭକ୍ତ ଭେଦରେ ରତି ଭେଦ ରହିବା ସ୍ୱାଭାବିକ । ଶାନ୍ତ, ଦାସ୍ୟ, ବାତ୍ସଲ୍ୟ, ମଧୁର ରସଭେଦରେ ରସ ବିଭିନ୍ନ ।"

ମନେ ପଡ଼ିଗଲା ଶ୍ରୀରୂପଙ୍କର ପୂର୍ବ ପ୍ରତିଶ୍ରୁତି ଶ୍ରୀକୃଷ୍ଣଙ୍କର—

ଯେ ଯଥା ମାଂ ପ୍ରପଦ୍ୟନ୍ତେ
ତାଂ ସ୍ତଥୈବ ଭଜାମ୍ୟହମ୍
ମମ ବର୍ତ୍ମାନୁବର୍ତ୍ତନ୍ତେ
ମନୁଷ୍ୟାଃ ପାର୍ଥ ସର୍ବଶଃ ।

ପ୍ରତିଶ୍ରୁତି, ଭଗବାନ୍ ଶ୍ରୀକୃଷ୍ଣଙ୍କର ସଖା ଅର୍ଜୁନଙ୍କ ଠାରେ ।

ଯେ ମୋତେ ଯେମନ୍ତେ ଆରାଧେ ତାକୁ ଭଜେ ତେମନ୍ତେ,

Source: Author, Digitized by PPRACHIN, SOA

ସର୍ବଶବେ ଅନୁବର୍ତ୍ତନ୍ତ ପାର୍ଥ ନରେ ମୋ ପଥେ । (ଗୀତା)

ସେ ଦିନ ଶ୍ରୀରୂପଙ୍କ ଆଗରେ ଉଦ୍‌ଭାସିତ ହୋଇ ଗଲା ଏକ ନୂତନ ଜଗତ୍ । ମାନସ ଚକ୍ଷୁରେ ସେ ଦର୍ଶନ କରୁଛନ୍ତି ଏକାଧିକ ଭକ୍ତ ମହାପୁରୁଷମାନଙ୍କର ଆବିର୍ଭାବ । ରସଲାଳସୀ, ସାଧକ ଯେମିତି ସେ ଯେପରି ସର୍ବବିଧ ରସାସ୍ୱାଦନ କରିବାକୁ ଅସ୍ଥିର ।

"କିଏ ?" ପଚାରୁଛନ୍ତି ଶ୍ରୀରୂପ । ଧ୍ୟାନମଗ୍ନ ଶ୍ରୀରୂପ ।

"ଚିହ୍ନିପାରୁ ନାହଁ ଶ୍ରୀରୂପ ? ଶ୍ରୀମଦ୍ ଭାଗବତ ବର୍ଣ୍ଣିତ ନିମିରାଜାଙ୍କ ସମ୍ମୁଖରେ ଦେଖି ନ ଥିଲ ଆମ୍ଭମାନଙ୍କୁ । ଆମେ ସେହି ନବ ଯୋଗେନ୍ଦ୍ର ।"

"ଆଉ ସେମାନେ ?"

"ସେମାନେ ସନକାଦି ଋଷିବର୍ଗ ।"

କୃତାର୍ଥ ହେଲି, ଆପଣମାନଙ୍କର କୃପା-ପ୍ରଦର୍ଶନ ଦର୍ଶନରେ ।

ପ୍ରଣତି ନିବେଦନ କରି ଅନ୍ତର୍ଦ୍ଧାନ ହୋଇ ଯାଉଛନ୍ତି ଏକେ ଏକେ ନବଯୋଗେନ୍ଦ୍ର ଓ ସନକାଦି ଋଷିବର୍ଗ । ଅନନ୍ତ ଆକାଶରେ ଶବ୍ଦର ତରଙ୍ଗ ପରି । ମନେ ହେଲା ଯେପରି ଭଗବାନଙ୍କର କେବଳ ସ୍ୱରୂପ ଦର୍ଶନ ସ୍ୱରୂପ ଜ୍ଞାନରେ ହିଁ ଆତ୍ମହରା ଋଷିବର୍ଗ ।

ପରମୁହୂର୍ତ୍ତରେ ପବନର ହିଲ୍ଲୋଳରେ ଭାସି ଆସିଲା ଆଉ ଏକ ପବିତ୍ରତର ମୂର୍ତ୍ତି । ବିଜେ କଲେ ସ୍ୱୟଂ ପବନ ସୁତ ହନୁମାନ୍ । କୌପୀନବନ୍ତ, ବଳିଷ୍ଠ ବପୁ, ବିଶାଳ ବକ୍ଷ, ନିଜର ପ୍ରଭୁଙ୍କୁ ଧାରଣ କରିବା ପାଇଁ ପ୍ରଶସ୍ତ ନର ଅବୟବ, ବଦନର ଗଠନ ବାନରାକୃତି ।

ପ୍ରଣିପାତ କରି ଜଣାଉଛନ୍ତି ଶ୍ରୀରୂପ । "କେଉଁ ଭକ୍ତିବଳରେ ସହଜଲଭ୍ୟ ହୁଏ ସେହି ଶ୍ରେୟପଦ ପ୍ରଭୁ ?"

ହସୁଛନ୍ତି ହନୁମାନ୍ । ଆତ୍ମବିସ୍ମୃତ ଶ୍ରୀରୂପଙ୍କ ପ୍ରଶ୍ନରେ । "ଅନ୍ତରର ଅନ୍ତରତମ ପ୍ରଦେଶରେ ସେହି ଶ୍ରେୟ ପଦ ସନ୍ନିହିତ କରି ଏ ପ୍ରଶ୍ନ ପଚାରିବାର ଉଦ୍ଦେଶ୍ୟ ? ମୋହପରି ମନୁଷ୍ୟେତର ପ୍ରାଣୀ ପକ୍ଷରେ ଏ ପ୍ରଶ୍ନର ଉତ୍ତର ଦେବା ସମ୍ଭବ ନୁହେଁ ।"

"କୃପା କରନ୍ତୁ ପ୍ରଭୁ !" ସକାତର ନିବେଦନ ଜଣାଉଛନ୍ତି ଶ୍ରୀରୂପ ।

"ମୋର ମନେହୁଏ, ମନୁଷ୍ୟର ଆତ୍ମଅଭିମାନ ଏଇ ବୁଦ୍ଧି ଆଉ ଅହଂକାରକୁ ପରିହାର କରି, ସେହି ପରମପଦ ପରମେଶ୍ୱରଙ୍କ ଦାସତ୍ୱ ସ୍ୱୀକାର କରିବା ହିଁ ଶ୍ରେୟ ପ୍ରାପ୍ତିର ଏକମାତ୍ର ଉପାୟ । ନିର୍ବିଚାରରେ ଆଜ୍ଞାପାଳନ ହିଁ ଦାସତ୍ୱ ।" ଉଭାଇଗଲେ ପବନସୁତ ପବନର ହିଲ୍ଲୋଳରେ । ସତେ ଯେପରି ଆକାଶର ଶବ୍ଦସହ ପବନର ସ୍ପର୍ଶମଧ୍ୟରେ ବିଲୀନ ହୋଇଗଲେ ବୀର ହନୁମାନ୍ । ସେ କେବଳ ରୂପଦର୍ଶନରେ ମୁଗ୍ଧ ନୁହନ୍ତି ସନକାଦି ଋଷିବର୍ଗଙ୍କ ପରି । ସେହି ରୂପର ସେବାରେ ହିଁ ଯେପରି ସେ ଆତ୍ମବିସ୍ମୃତ ।

ଅକସ୍ମାତ୍ ଅସୀମ ତେଜପୁଞ୍ଜ ମଧ୍ୟରୁ ପ୍ରକାଶମାନ ହେଲେ କୃଷ୍ଣସଖା ଶ୍ରୀଦାମ ସୁବଳାଦି ଗୋପବାଳକବୃନ୍ଦ ଦର୍ଶନରେ ଆତ୍ମହରା ଶ୍ରୀରୂପ । କାହାନ୍ତି, ସେ ମୁରଲୀ-ପାଣି ? ପ୍ରଶ୍ନ କରୁଛନ୍ତି ଶ୍ରୀରୂପ ।

Source: Author, Digitized by PPRACHIN, SOA

"ଏ ଅଭିନୟ କାହିଁକି ଶ୍ରୀରୂପ ?" ଶ୍ରୀରୂପଙ୍କର ଏ ପ୍ରଶ୍ନରେ କୁତୁହଳୀ କୃଷ୍ଣସଖାଗଣ ବିସ୍ମିତ ହେଉଛନ୍ତି । "ଉତ୍ତରୀୟର ଅଞ୍ଚଳରେ ସଂଚିତ ରତ୍ନକୁ ଅନ୍ୟତ୍ର ଅନ୍ୱେଷଣ ନିଷ୍ପ୍ରୟୋଜନ ।"

ପ୍ରବେଶର ପରମୁହୂର୍ତ୍ତରେ ହିଁ ପ୍ରସ୍ଥାନ । ଶ୍ରୀରୂପଙ୍କ ନୟନରେ ଛଳ ଛଳ ଅଶ୍ରୁଜଳ—କୃଷ୍ଣସଖାଗଣଙ୍କର କି ନିଷ୍ଠୁର ବ୍ୟବହାର ! ଶ୍ରୀକୃଷ୍ଣଙ୍କର ରୂପଦର୍ଶନ ଲାଭ କରି କୃଷ୍ଣ ସେବାର ସୁଯୋଗ ପାଉଥିବା ସଙ୍ଗେ ସଙ୍ଗେ ମମତାର ଆଧିକ୍ୟରେ ତାଡ଼ନା ଓ ଭର୍ତ୍ସନା ମଧ୍ୟ ଦେଇ, ଅଗୌରବ ଓ ଅସଙ୍କୋଚ ବୋଧରେ ହିଁ ସୁଖର ସନ୍ଧାନ ପାଇଛନ୍ତି ଏମାନେ; ମନେ ହେଲା ଶ୍ରୀରୂପଙ୍କର । ବ୍ୟୋମରୁ ଶବ୍ଦ, ମରୁତରୁ ସ୍ପର୍ଶ ଆହରଣ କରି, ତେଜ ପୁଞ୍ଜରେ ଉଦ୍ଭାସିତ ରୂପମଧ୍ୟରେ ସତେ ଯେପରି ଉଭାଇ ଯାଉଛନ୍ତି ପକ୍ଷୀପାତମାନଙ୍କ ଶ୍ରୀରୂପଙ୍କ ସମକ୍ଷରେ ଏହି କୃଷ୍ଣସଖାଗଣ । ଅବାକ୍ ହୋଇ ରହିଁ ରହିଲେ ଶ୍ରୀରୂପ ।

ପରମୁହୂର୍ତ୍ତରେ ଆବିର୍ଭୂତ ହେଲେ ଶ୍ରୀରୂପଙ୍କ ସମ୍ମୁଖରେ ଦେବକୀ ବସୁଦେବ ନନ୍ଦ ଓ ଯଶୋଦା, ଶ୍ରୀକୃଷ୍ଣଙ୍କର ମାତା ଓ ପିତା । ସଙ୍କୁଚିତ ହୋଇ ଉଠିଲେ ଶ୍ରୀରୂପ । ସତେ ଯେପରି ଅମୃତର ଅମ୍ବୁଧି ମଧ୍ୟରୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଏକତ୍ର ଆବିର୍ଭାବ । ପ୍ରଣତି ଜଣାଣ ମାତ୍ରେ ପ୍ରଶ୍ନ କରୁଛନ୍ତି ନନ୍ଦ ଓ ଯଶୋଦା—

"ଦେଖିଛ, ଦେଖିଛ ତୁମ୍ଭେ, ମୟୂରଚୂଳିଆ, ପୀତଦୁକୁଳିଆ, କଜ୍ୱଳକାଳିଆ ବାଳକଟିଏ ? ଗୋ-ଗୋଷ୍ଠର ପଛେ ପଛେ ନନ୍ଦନ ଠାଣିରେ ଯାଉଁ ଯାଉଁ କାହିଁ ଉଭେଇଗଲା !"

"ଏଇ ଯେ ହେ'ଟି ଶୁଭୁଛି, ଘଣ୍ଟି ଘାଘୁଡ଼ି ରବ । ବାପା ବାପା !" କହି ଉନ୍ମତ୍ତପ୍ରାୟ ଛୁଟି ଗଲେ ପରକ୍ଷଣରେ ନନ୍ଦ ଓ ଯଶୋଦା, ପଛେ ପଛେ ଦେବକୀ ଓ ବସୁଦେବ । ବିସ୍ମିତ, ସ୍ତମ୍ଭୀଭୂତ ଶ୍ରୀରୂପ, ବାଳକ ସୁଲଭ କୋମଳ ପ୍ରାଣ ଯେମିତି କାନ୍ଦି ଉଠିଲେ । ଏ କି ବାତ୍ସଲ୍ୟ ମମତା !! ତେବେ କଣ ଶ୍ରୀକୃଷ୍ଣଙ୍କର ପୂର୍ଣ୍ଣ ଦର୍ଶନ ଲାଭ କରି ନାହାନ୍ତି ଏମାନେ ? ସ୍ୱୟଂ ଭଗବାନଙ୍କର ଦର୍ଶନ ପରେ,ଅଭାବର ସ୍ୱଭାବ ଯେମିତି ଏ କି ବିଚିତ୍ର ଭାବ ପ୍ରକାଶ !! ତେବେ କଣ ଶ୍ରୀକୃଷ୍ଣଙ୍କର ମୁଖ ଗହ୍ୱରରେ ସୁବିସ୍ତାର ବ୍ରହ୍ମାଣ୍ଡର ସଂକ୍ଷିପ୍ତ ପରି-ପ୍ରକାଶ ଦେଖି ନାହାନ୍ତି ଯଶୋଦା ? ଦେଖିନାହାନ୍ତି ବସୁଦେବ ବାସୁଦେବଙ୍କର ଚତୁର୍ଭୁଜମୂର୍ତ୍ତି କାରାଗାରର ଅନ୍ଧକୂପ ମଧ୍ୟରେ ? କୃଷ୍ଣ ସେବାର ସୁବର୍ଣ୍ଣ ସୁଯୋଗରେ ଅସୀମ ଆନନ୍ଦ ଲାଭକରି ମଧ୍ୟ ଅଦ୍ୟାପି ପରିତୃପ୍ତି ଆସି ନାହିଁ ? ବକା, ଶକଟା, ପୁତନାର ପ୍ରାଣନେବା ପରେ ଗିରିଧାରୀଙ୍କୁ ଭର୍ତ୍ସନା ଓ ତାଡ଼ନ କରିବା ସମ୍ଭବ ହୋଇ ପାରିଲା ନନ୍ଦ ଯଶୋଦାଙ୍କ ପକ୍ଷରେ କିପରି ? କ୍ଷଣ କାଳପାଇଁ ନିଜକୁ ପାଳକ ଜ୍ଞାନ କରି ସମ୍ମୁଖରେ ଦେଖୁଛନ୍ତି ଶ୍ରୀରୂପ ପାଳ୍ୟ ଗୋପାଳବାଳକ ସ୍ୱୟଂ ଶ୍ରୀକୃଷ୍ଣ ବିଦ୍ୟମାନ୍ । ଆନନ୍ଦ ସାଗରରେ ନିମଜ୍ଜିତ ହୋଇ ଯାଉଛନ୍ତି କ୍ଷଣକ ପାଇଁ ଶ୍ରୀରୂପ ।

ତା ପରେ, ତାପରେ—

ତା'ପରେ ସେ କି ଅପରୂପ ରୂପ ଦର୍ଶନ ! ଦିବ୍ୟ ଆଲୋକପୁଞ୍ଜ ମଧ୍ୟରେ ସତେ ଯେପରି ଗୋଲକ, ମର୍ତ୍ତ୍ୟପ୍ରତି ଆକୃଷ୍ଟ ହୋଇ ବୃନ୍ଦାବନରେ ନିଜର ସମସ୍ତ ବିଭବ ଅଜାଡ଼ି ଦେଉଛି ! ପୃଥିବୀର ଆଜି ଏ କି ଦିବ୍ୟ ଗନ୍ଧ ? ଶବ୍ଦ, ସ୍ପର୍ଶ, ରୂପ ରସ ଗନ୍ଧରେ ପରିପୂର୍ଣ୍ଣ ଏହି

Source: Author, Digitized by PPRACHIN, SOA

ରସ। । ମଧୁର ରସ ଆସ୍ୱାଦନର ଉପଯୁକ୍ତ କ୍ଷେତ୍ରରେ ପରିଣତ ହୋଇ ଯାଇଛି ଏହି ଧରାଧାମ । କୃଷ୍ଣ ସେବାରେ ନିରବଚ୍ଛିନ୍ନ ନିମଗ୍ନ । ବ୍ରଜାଙ୍ଗନାଗଣଙ୍କର ଗହଣରେ ବିରାଜମାନ ନବଘନ ଶ୍ୟାମ ପଦ୍ମରାଗମଣିମାଳାର ମଧ୍ୟବନ୍ଦ୍ୟସ୍ଥିତ ଇନ୍ଦ୍ରନୀଳମଣି ସଦୃଶ । ସେ କି ନିଷ୍ଠା ସେ କି ସେବା-ପରିପୂର୍ଣ୍ଣତା, ସଙ୍କୋଚହୀନ ଉତ୍କୃଷ୍ଟ ମମତାରେ ପରିପୂର୍ଣ୍ଣ କାନ୍ତାଭାବାପନ୍ନ ବ୍ରଜବାଳାଙ୍କର ।

କ୍ଷଣକପାଇଁ ଶ୍ରୀରୂପ ଯେପରି ନିଜର ସ୍ୱରୂପ ଦର୍ଶନ କରି ଚମତ୍କୃତ । "ହା କୃଷ୍ଣ" ବୋଲି ଚିତ୍କାର କରି ଉଠୁଛନ୍ତି । ପରମୁହୂର୍ତ୍ତରେ ପ୍ରକୃତିସ୍ଥ ହୋଇ ଦେଖୁଛନ୍ତି ସମ୍ମୁଖରେ ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ । ଯେପରି ମଧୁରରସର ସାକ୍ଷାତ୍ ମୂର୍ତ୍ତି ବିଗ୍ରହ ।

ମାତ୍ର ସେହି ଭାବନିଧିଙ୍କର ଏ କି ଅନଭିବ୍ୟକ୍ତ ଅଭିବ୍ୟକ୍ତି ? ଲବଣୀ କୋମଳ ହୃଦୟ କିପରି ବଜ୍ରକଠୋର ହୋଇପାରେ ମୁହୂର୍ତ୍ତକ ମଧ୍ୟରେ ? ଶ୍ରୀରୂପଙ୍କ ଜୀବନର ଚରମ ସୌଭାଗ୍ୟରୂପୀ ପୂର୍ଣ୍ଣଚନ୍ଦ୍ର ଉଦୟ ହେବା ମାତ୍ରେ, ରାହୁଗ୍ରସ୍ତ ହୋଇ ପଡ଼ିଲା କାହିଁକି କଳ୍ପନାତୀତ ଭାବରେ ? ବିସ୍ମିତ ହେଉଛନ୍ତି ଶ୍ରୀରୂପ ।

ମହାପ୍ରଭୁଙ୍କର ଆଦେଶ । ବୃନ୍ଦାବନ ଯାତ୍ରା କରିବାକୁ ହେବ ଶ୍ରୀରୂପଙ୍କୁ ଅବିଳମ୍ବେ ।

ଏ ଆଦେଶ ନୁହେଁ, ଦଣ୍ଡ । ଏକମାତ୍ର ଗୌର ସଙ୍ଗ ଓ ସାନିଧ୍ୟ ସୁଖ ଭୋଗ ଲାଳସାରେ ଯିଏ ସଂସାରର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗକରି ଦୀନ ପର୍ଯ୍ୟଟକ ବେଶ ଧାରଣ କରିଥିଲେ, ସେ ସୁଖରୁ ଆଜି ସେ ହେବ ବଞ୍ଚିତ, ଗୌର ଆଦେଶରେ ? ଗୋପନରେ ଅଶ୍ରୁ ବର୍ଷଣ କଲେ ଶ୍ରୀରୂପ ।

ଏଭଳି ଆଚରଣ କେବଳ ଲୋକୋତ୍ତର-ଚେତା ଶ୍ରୀଚୈତନ୍ୟଙ୍କ ପକ୍ଷରେ ସମ୍ଭବ—

ବଜ୍ରାଦପି କଠୋରାଣି ମୃଦୁନି କୁସୁମାଦପି
ଲୋକୋତ୍ତରାଣାଂ ଚେତାଂସି କୋ ହି ବିଜ୍ଞାତୁମୀଶ୍ୱର ।

ଶ୍ରୀରୂପ ବ୍ୟଥିତ । ମାତ୍ର ରସଭୂପ ମହାପ୍ରଭୁଙ୍କ ପ୍ରତି ଯେପରି ପ୍ରଗାଢ଼ତର ହୋଇ ଉଠିଲା ଏ ଆଦେଶ ଫଳରେ । 'ଯଥା ତଥା ବା ବିଦଧାତୁ ଲମ୍ପଟ ମତ୍ପ୍ରାଣନାଥସ୍ତୁ ସଏବ ନାପରଃ ।'

ଆସନ୍ନ ବିରହ ଯନ୍ତ୍ରଣାଠାରୁ ଅଧିକ ମର୍ମନ୍ତୁଦ ହୁଅନ୍ତା ମହାପ୍ରଭୁଙ୍କ ଆଜ୍ଞା ଲଙ୍ଘନ । ଗୌର-ପ୍ରାଣରେ ସାମାନ୍ୟ ଆଘାତ ଅସହ୍ୟ ହୋଇ ପଡ଼ନ୍ତା ଶ୍ରୀରୂପଙ୍କ ପକ୍ଷରେ । ଗୌର ଆଜ୍ଞାପାଳନ କେବଳ କର୍ତ୍ତବ୍ୟର ପ୍ରଶ୍ନ ନୁହେଁ । ଗୌର ସୁଖ ସଂପାଦନରେ ବ୍ରତୀ ପକ୍ଷରେ ଏହା ଯେପରି ଏକ ଅପରିହାର୍ଯ୍ୟ ଅଙ୍ଗ । ଗୌର ସଙ୍ଗସୁଖରୁ ବଞ୍ଚିତ ହେବାର ଦାରୁଣ ଦୁଃଖ ବରଣ ବରଂ ଶ୍ରେୟସ୍କର । ଶ୍ରୀରୂପଙ୍କ ବିଚାରରେ କଷ୍ଟ ବିନା ଇଷ୍ଟ ସାଧନ ଅସମ୍ଭବ । ଅନୁସଙ୍ଗରେ ହୁଏ ତ ଶ୍ରୀରୂପଙ୍କର ଅଜ୍ଞାତରେ ସଂସାର କ୍ଲିଷ୍ଟ ଜୀବର ଉଦ୍ଧାରହିଁ ଏ ଯାତ୍ରାର ନିଗୂଢ଼ ଉଦ୍ଦେଶ୍ୟ ।

Source: Author, Digitized by PPRACHIN, SOA

ବୃନ୍ଦାବନ କେବଳ କୃଷ୍ଣଲୀଳାଭିନୟର ବିଳାସ ମଞ୍ଚ ନୁହେଁ ; ଏବେ ଗୌର ପଦାଙ୍କିତ ଭୂମି । ବୃନ୍ଦାବନର ପଥପ୍ରାନ୍ତରେ ଗୌରସ୍ମୃତି ବିଭୋର ଶ୍ରୀରୂପ । ସେହି ବିହ୍ୱଳତା ହିଁ ଗୌରଗତ ପ୍ରାଣର ସରସତା । ଗୌରସ୍ମୃତିରେ ହୃଦୟର ତରଳତାହିଁ ଶକ୍ତି ଦେଲା ଶ୍ରୀରୂପଙ୍କୁ ବୃନ୍ଦାବନରେ ଅସମ୍ଭବକୁ ସମ୍ଭବ କରିବାପାଇଁ । ବୃନ୍ଦାବନରେ ଲୁପ୍ତତୀର୍ଥର ଉଦ୍ଧାର ସଙ୍ଗେ ସଙ୍ଗେ ଭକ୍ତିଶାସ୍ତ୍ର ପ୍ରଣୟନ ବ୍ରତ ମଧ୍ୟରେ ସେ ଯେପରି ଗୌରାଦେଶ ପାଳନ ସଙ୍ଗେ ସଙ୍ଗେ ପ୍ରଭୁ ଓ ପ୍ରଭୁର ଆଦେଶ ମଧ୍ୟରେ ଐକ୍ୟ ବୋଧ କରି ଭୋଗ କରୁଥିଲେ ଗୌର ସାନ୍ନିଧ ।

ତଥାପି ପ୍ରକଟମୂର୍ତ୍ତି ସାକ୍ଷାତ୍ ଭଗବାନଙ୍କ ଅବର୍ତ୍ତମାନରେ ଅଧିକକାଳ ଶ୍ରୀବୃନ୍ଦାବନର ଜୀବନ ଯାପନ ସୁଖକର ବୋଧହେଲା ନାହିଁ ବୋଧହୁଏ । ଯେପରି ଗୌର ଦର୍ଶନ ସୂତ୍ରରେ ଆବଶ୍ୟକୀୟ ଅଧିକ ପ୍ରେରଣା ସଂଗ୍ରହ କରିବା ଥିଲା ଶ୍ରୀରୂପଙ୍କର ଶ୍ରୀକ୍ଷେତ୍ର ଯିବାର ଉଦ୍ଦେଶ୍ୟ । ଅଥବା ନିର୍ଦ୍ଦିଷ୍ଟ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ମହାପ୍ରଭୁଙ୍କୁ ଅବହିତ, କରିବା ଶ୍ରୀରୂପଙ୍କ ଶ୍ରୀ କ୍ଷେତ୍ର ଆଗମନର ହେତୁ ।

ମାତ୍ର ମୁଖ୍ୟ ଆଭିମୁଖ୍ୟ କଳାଶ୍ରୀମୁଖ ଜଗନ୍ନାଥ କୃପାବଳରେ ଗୌର ଦର୍ଶନ, ଗୌର ପଦପଙ୍କଜରେ ଆତ୍ମନିବେଦନ ।

ସେହି ସୂତ୍ରରେ ବ୍ରଜଲୀଳା ଓ ପୁରଲୀଳା ଉଭୟ ଏକତ୍ର ରଚନା କରିବାର ଔଚିତ୍ୟ ସଂବନ୍ଧରେ ସନ୍ଦେହ ମଧ୍ୟ ଗୌର ଉପଦେଶରେ ଦୂର କରିବାର ଅଭିଳାଷ ପୂର୍ଣ୍ଣ ହେଲା ଶ୍ରୀକ୍ଷେତ୍ରରେ । ସତ୍ୟଭାମା ଦେବୀଙ୍କର ପରାମର୍ଶ ପାଳନ କରିବାର ଅସମର୍ଥତା ଜନିତ ଖେଦ ମଧ୍ୟ ପ୍ରଶମିତ ହେଲା ଗୌର ସନ୍ନିଧାନରେ—ଗୌରମୁଖନିଃସୃତ ସମଭାବାପନ୍ନ ଉପଦେଶରେ ।

ଅତି ଦୀନ ହୀନ କାଙ୍ଗାଳବେଶରେ ଗୌଡ଼ାଧୀଶ ହୁସେନ୍ ଖାଁଙ୍କର ଜଣେ ମୁଖ୍ୟ ଅମାତ୍ୟ ଅବସ୍ଥାନ କଲେ, ଅଜ୍ଞାତ ଅପରିଚିତ ଅବସ୍ଥାରେ ଯବନ ହରିଦାସଙ୍କର ଭଜନ କୁଟୀର ମଧ୍ୟରେ ।

ହରିଦାସଙ୍କ ଭଜନ କୁଟୀରରେ ଏବେ ଦୈନ୍ୟରପ୍ରତିଯୋଗିତା—ଦୈନ୍ୟ ଧନ ପ୍ରତିଦ୍ୱନ୍ଦ୍ୱୀ ହରିଦାସ ଓ ଶ୍ରୀରୂପ । ନିଜଗ୍ଳାନି କହିବାରେ, ଲୁଣ୍ଠି ହୋଇଯିବାରେ, ଲୋଟିହୋଇ ପଡ଼ିବାରେ, ପରସ୍ପର ପଦପ୍ରାନ୍ତରେ କେହି ଯେପରି ପରାଜୟ ମାନିନେବାକୁ ପ୍ରସ୍ତୁତ ନୁହନ୍ତି । ତୃଣଠାରୁ ନ୍ୟୂନ ହେବାର ଆଗ୍ରହରେ ଉଭୟଙ୍କର ଅବସ୍ଥା ସପ୍ତତଳ ପାତାଳରେ ପ୍ରବେଶ କରିବାପାଇଁ ମଧ୍ୟ ଯେପରି ପ୍ରସ୍ତୁତ । ତେଣୁ ବାଧକ ପୃଥିବୀଠାରେ ଉଭୟ ଯେପରି ପୃଥକ୍ ପୃଥକ୍ ଭାବରେ ପ୍ରାର୍ଥନା କରୁଛନ୍ତି ସାଷ୍ଟାଙ୍ଗ ପ୍ରଣିପାତ କରି ।

ଗାଢ଼ ପ୍ରେମାଲିଙ୍ଗନରେ ଆବଦ୍ଧ ଦୁଇ ପ୍ରେମାବତାରଙ୍କର ଆଶୁ ପରିଚୟ ପ୍ରଦାନ କରୁଛି ଉଭୟଙ୍କ ନେତ୍ର ନିଃସୃତ ଅଶ୍ରୁଜଳ । ଗୌରାଶ୍ରିତ ବ୍ୟକ୍ତିର ଶ୍ରେଷ୍ଠ ପରିଚୟ ଏକା

Source: Author, Digitized by PPRACHIN, SOA

ସେହି ଅଶ୍ରୁବାରି । ଉଭୟେ ଉଭୟଙ୍କ କୁଶଳ ବାର୍ତ୍ତା ଜିଜ୍ଞାସା କରିବାର ଲୌକିକତା ଭିତରେ ଫୁଟି ଉଠୁଛି ସ୍ନେହସିକ୍ତ ହୃଦୟର ଭାଷା ।

ଏ ପ୍ରତିଯୋଗିତାର ମୀମାଂସକ ସ୍ୱୟଂ ଶ୍ରୀ ଗୌରାଙ୍ଗ । ଉପଳଭୋଗ କାଳୀନ ବେଶ ଦର୍ଶନାନ୍ତେ ଶ୍ରୀ ଗୌରାଙ୍ଗ ହରିଦାସଙ୍କୁ ସାକ୍ଷାତ୍ ଦେବା ଛଳରେ ସାକ୍ଷାତ କରିବାକୁ ଆସି ସେଦିନ ଘୋଷଣା କଲେ, ଉଭୟଙ୍କର ବିଜୟବାର୍ତ୍ତା, ଉଭୟଙ୍କୁ ସମଭାବରେ ନିବିଡ଼ ଆଲିଙ୍ଗନ ଦେଇ ।

ଶ୍ରୀ ଗୁଣ୍ଡିଚା ଯାତ୍ରା ଶେଷ ହୋଇ ଯାଇଛି । ଜଗନ୍ନାଥେ ବାହୁଡ଼ା ବିଜେ କରି ଶ୍ରୀ ମନ୍ଦିରରେ ପ୍ରବେଶ କରି ସାରିଛନ୍ତି ସେ ବର୍ଷ । ଚାତୁର୍ମାସ୍ୟା ପରେ ଗୌଡ଼ାଗତ ବୈଷ୍ଣବଗଣ ପ୍ରତ୍ୟାବର୍ତ୍ତନ କରିଛନ୍ତି ସ୍ୱଦେଶକୁ । ଶ୍ରୀରୂପ କେବଳ ଏକ ବ୍ୟତିକ୍ରମ । ସେ ଏକ ବିରାଟ ନାଟକ ରଚନାରେ ନିବିଷ୍ଟ, ସେହି କୁଟୀର ମଧ୍ୟରେ । ନିକଟରେ ହରିଦାସ । ଆସନରେ ସମାସୀନ । ମନ୍ଦ ମନ୍ଦ ଅଙ୍ଗୁଳି ଚାଳନା କରୁଛନ୍ତି ଜପାମାଳା ଧରି । ସତେ ଯେପରି ରଚନା ପାଇଁ ବତାର ଏକ ଭାବାତ୍ମକ ପରିସର ସୃଷ୍ଟି କରି କିଏ କୁହୁକିନୀ ଏକାଗ୍ର କରି ଦେଇଛି ହରିଦାସଙ୍କୁ ।

"ରୂପ !"

ଚମକି ପଡ଼ିଲେ ରୂପ କାହାର ସସ୍ନେହ ସମ୍ବୋଧନରେ । ସମ୍ମୁଖରେ ସ୍ୱୟଂ ମହାପ୍ରଭୁ । ଅନାଇ ରହିଲେ ରୂପ ମହାପ୍ରଭୁଙ୍କର ନୟନାଭିରାମ ରୂପକୁ ସସମ୍ଭ୍ରମେ ।

ବାଳଗୋପାଳଙ୍କ ଲବଣୀ ଚୋରିର ଅଭିନବ ଅଭିନୟ ମା ଯଶୋଦାଙ୍କ ଆଗରେ । ଖସି ପଡ଼ିଲା ରୂପଙ୍କ ହାତରୁ ସ୍ୱହସ୍ତ ଲିଖିତ ପୋଥି ।

"ଏ କି ନୂତନ ଅପରୂପ ସୃଷ୍ଟି ତୁମର ରୂପ ?" ପଚାରିଲେ ମହାପ୍ରଭୁ । ପୋଥିଟି ସଙ୍ଗେ ସଙ୍ଗେ ସ୍ଥାନ ପାଇଲା ମହା ପ୍ରଭୁଙ୍କର ଶ୍ରୀଭୁଜରେ । ମହାପ୍ରଭୁ ଆବିଷ୍ଟ, ମୁଗ୍ଧ ! ପନେ ପନେ ସ୍ୱଚ୍ଛନ୍ଦିତ ମୁକ୍ତାବିନିନ୍ଦୀ ଅକ୍ଷର ପଙ୍କ୍ତିରେ ପଲକପାତମାନେ ମହାପ୍ରଭୁ ଭାବାବିଷ୍ଟ ହୋଇ ପଡ଼ିଲେ, ସେହି ଅପୂର୍ବ ସୃଷ୍ଟି ଉପରେ ଦୃଷ୍ଟି ଦେଇ ।

ରୂପ ଗୋସ୍ୱାମୀ ରଚିତ ବିଦଗ୍ଧ ମାଧବ ନାଟକର ସେହି ପ୍ରସିଦ୍ଧ ଶ୍ଳୋକ -

"ତୁଣ୍ଡେ ତାଣ୍ଡବିନୀଂ ରତିଂ ବିତନୁତେ ତୁଣ୍ଡାବଳୀଂ ଲବ୍ଧୟେ
କର୍ଣ୍ଣକ୍ରୋଡ଼ କଡ଼ମ୍ବିନୀଂ ଘଟୟତେ କର୍ଣ୍ଣାର୍ବୁଦେଭ୍ୟଃ ସ୍ପୃହାମ୍
ଚେତଃ ପ୍ରାଙ୍ଗଣ ସଂଗିନୀ ବିଜୟତେ ସର୍ବେନ୍ଦ୍ରିୟାଣାଂକୃତିଂ
ନୋ ଜାନେ ଜନିତା କିୟଦ୍ଭିରମୃତୈଃ କୃଷ୍ଣେତି ବର୍ଣ୍ଣ ଦ୍ୱୟୀ ।"

ନାନ୍ଦୀ ମୁଖୀଙ୍କ ପ୍ରତି ପୌର୍ଣ୍ଣମାସୀଙ୍କର ଉକ୍ତି—

କୃଷ୍ଣ ବର୍ଣ୍ଣ ଦ୍ୱୟ ଅମୃତୁଁ ଉଦୟ
ତୁଣ୍ଡେ କଲେ ନୃତ୍ୟ ଥରେ
ଶତ ଶତ ତୁଣ୍ଡ ହେବା ପାଇଁ ରୁଣ୍ଡ
ଆରତି ବଢ଼େ ଶତରେ ।

Source: Author, Digitized by PPRACHIN, SOA

କର୍ଣ୍ଣ କୁହରରେ ଯେବେ ବା ସଞ୍ଚରେ
କର୍ଣ୍ଣାନ୍ତରେ ଦୁଇ ବର୍ଣ୍ଣ
ଅର୍ବୁଦ ଅର୍ବୁଦ ଇଚ୍ଛେ ଅଭିବୃଦ୍ଧ
ହେବାପାଇଁ ଏହି କର୍ଣ୍ଣ ।
ଚିତ୍ତ ପ୍ରାଙ୍ଗଣରେ ସେ ବର୍ଣ୍ଣ ସଙ୍ଗରେ
ସର୍ବେନ୍ଦ୍ରିୟ ପରାଜିତ -
କୃଷ୍ଣ ବର୍ଣ୍ଣ ଦ୍ୱୟ କି ଅମୃତ ମୟ
କହ କହ ପ୍ରାଣ ମିତ ।"

ମହାପ୍ରଭୁ ପାଠ କରୁଛନ୍ତି । ବାରମ୍ବାର । ଆବୃତ୍ତି କରିବାରେ ଲାଗିଛନ୍ତି ସେହି ଏକାକ ଶ୍ଳୋକକୁ । ତତଷଣେ ପ୍ରେମାବେଶରେ ନୃତ୍ୟ ଆରମ୍ଭ କରିଦେଲେଣି ହରିଦାସ । ମହାପ୍ରଭୁଙ୍କ ମୁଖନିଃସୃତ ସେହି ଶ୍ଳୋକ ଆବୃତ୍ତିରେ ପାଳିଧରି ତାଳ ଦେଇ ଯେପରି ଶତମୁଖ ସେ ।

ମହାପ୍ରଭୁ ବାସ୍ତବିକ ସ୍ତମ୍ଭିତ । ସ୍ୱୀୟ ମନୋଭାବ ଯେପରି ଆଜି ଶ୍ଳୋକରୂପ ଧରି ନିଜକୁ ମୁଗ୍ଧ କରିବା ମାନସରେ ସମ୍ମୁଖରେ ବିରାଜମାନ ।

"ଶାସ୍ତ୍ର ତଥା ସାଧୁମୁଖରେ କୃଷ୍ଣ ନାମ ମହିମା ଅନେକ ଶୁଣିଛି । କିନ୍ତୁ ଏ ଶ୍ଳୋକରେ ନାମ ମାଧୁର୍ଯ୍ୟ ଯେପରି ଅଭିବ୍ୟକ୍ତ ହୋଇଛି, କେଉଁଠି ହେଲେ ଏପରି ପରିପ୍ରକାଶ ଶୁଣିବାର ସୌଭାଗ୍ୟ ହୋଇନାହିଁ ମୋର—ଶାସ୍ତ୍ରାନ୍ତରରେ କିମ୍ବା ସାଧୁମୁଖରେ ଏଥି ପୂର୍ବରୁ ।"

ଏକାକୃତ ହୋଇଗଲେ ଶ୍ରୀକୃଷ୍ଣ ଚୈତନ୍ୟ ଓ ଚୈତନ୍ୟ ମନୋଭାବ ସ୍ଥାପକ ଶ୍ରୀରୂପ ଗୋସ୍ୱାମୀ । ମହାପ୍ରଭୁଙ୍କର ନିବିଡ଼ ଆଲିଙ୍ଗନ ପାଶରେ ଆବଦ୍ଧ ଶ୍ରୀରୂପ ଗୋସ୍ୱାମୀ ।

ଆଜି ଗୌରବତାର ଯେପରି ସାର୍ଥକ । ଏ ସାର୍ଥକତା ଯେପରି ଅପେକ୍ଷା କରି ରହିଥିଲା ଶ୍ରୀରୂପଙ୍କର ଏହି କାବ୍ୟିକ ରୂପଦାନକୁ ।

ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ ଯେପରି କେବଳ ଧର୍ମ ସଂସ୍ଥାପକ ନୁହନ୍ତି; ଗୋଟାଏ ଅଚିନ୍ତ୍ୟ, ଅକଳ୍ପନୀୟ, ଚିର ଅନର୍ପିତ ସମାପ୍ତିହୀନ ରସାତ୍ମକ କାବ୍ୟର ଆତ୍ମା ।

ବୈଷ୍ଣବ ଧର୍ମର ସୁବିସ୍ତୃତ କାୟାରେ ଏହି କାବ୍ୟିକ ଆତ୍ମାର ପ୍ରବେଶ ଫଳରେ ସେଦିନ ଯେପରି ବୈଷ୍ଣବ ଧର୍ମ ପରିଣତ ହେଲା ଏକ କାବ୍ୟିକ ଧର୍ମରେ । ବୈଷ୍ଣବ ଧର୍ମ କାବ୍ୟର ମର୍ମରେ ଗଢ଼ା । ଶ୍ରୀକୃଷ୍ଣଲୀଳା ରସ ଆସ୍ୱାଦନ ପାଇଁ ସାଳଙ୍କାର ରସାତ୍ମକ କାବ୍ୟର ବିକାଶରେ ସେ ଧର୍ମ ପରିପୁଷ୍ଟ । କାବ୍ୟ ହିଁ ତାର ପ୍ରାଣ ।

ତେଣୁ ଅତୁଳନୀୟ ଏ ଧର୍ମ ମଣ୍ଡଳରେ ଅଗଣିତ କାବ୍ୟ ନାଟକ ସାହିତ୍ୟ ମାଧ୍ୟମରେ ସମ୍ଭବ ହେଲା ସେଦିନ ଭକ୍ତି ସିଦ୍ଧାନ୍ତ ଆକରର ଅଭ୍ୟନ୍ତରରୁ ହୀରା ନୀଳା ବୈଦୁର୍ଯ୍ୟର ଆହରଣ ।

Source: Author, Digitized by PPRACHIN, SOA

ଗୋଟାଏ ଜୀବନର ସାଧନ ଲୁଚିହିଁ ଶ୍ରୀରୂପଙ୍କର ଏ କାବ୍ୟ—ଦୃଶ୍ୟକାବ୍ୟ । ଚରମ ତ୍ୟାଗର ଫଳସ୍ୱରୂପ ଚରମ ସୌଭାଗ୍ୟ ଭୋଗର ଅନୁଭୂତି ପ୍ରସୂତ ଏ ଅନବଦ୍ୟ କୃତି । ଜୀବନ ଜୀବନ ଧରି ବୃନ୍ଦାବନରେ ନିର୍ଜନ ବାସ କରି ଅତି ଦୀନ ହୀନ ଭାବରେ କାଳ-ଯାପନର ଫଳ, ଅସାଧ୍ୟ ସାଧନାର ପରିଣତି ଏବଂ ଅସାଧାରଣ ସିଦ୍ଧି ।

ଅତି ଅନୁରାଗ ମନେ ଶ୍ରୀରୂପ ଶ୍ରୀବୃନ୍ଦାବନେ
ରହିଲେ ପ୍ରେମେ ସତତ ଉଲ୍ଲାସ,
ଫଳ ମୂଳ ମାଧୁକରୀ ବିପ୍ରଗୃହେ ଭିକ୍ଷାକରି
କେବେ ଭୁଞ୍ଜେ କେବେ ଉପବାସ ।
ଶ୍ରୀଚୈତନ୍ୟ ଆଜ୍ଞାଧାରୀ ଶ୍ରୀ ଭାଗବତ ବିଚାରି
ଯେତେ ଭକ୍ତି ସିଦ୍ଧାନ୍ତର ଖଣି,
କରି ତାହା ଉତ୍ତୋଳନ ନିଜ ଗ୍ରନ୍ଥ ପ୍ରକରଣ
ଦେଲେ ଜୀବେ ପ୍ରେମ ଚିନ୍ତାମଣି ।
ରାଧାକୃଷ୍ଣ ରସ କେଳି ନାଟ୍ୟ ଗୀତ ପଦାବଳି
ଶୁଦ୍ଧ ପରକୀୟା ମତ ଧୀରେ,
ଆସ୍ୱାଦି ଶ୍ରୀ ଚଇତନ୍ୟ- ମହିମା ହୋଇଲେ ଧନ୍ୟ
ସେ ମାଧୁରୀ ସ୍ଥାପିଲେ କ୍ଷିତିରେ । (ରାଧାବଲ୍ଲଭ)
ଛିଣ୍ଡାକନ୍ଥା ବହିର୍ବାସ ମାଳିକ ରହିଛି ପାଶ
ତରୁତଳେ ବିଶ୍ରାମ ଶୟନ,
ଦିବା ନିଶି ଅବିରାମ ଜପି ରାଧାକୃଷ୍ଣ ନାମ
ଭାବଭୋଳେ କି ନୃତ୍ୟକୀର୍ତ୍ତନ !
ଅତି ସୁକୋମଳ ଶରୀ ପ୍ରେମେ ନାଚେ ମଉଆଳି
କି କହିବ ହୋଇ ଏକ ମୁଖ,
ଅଧମ ପାମର ଗଣେ କୃପା ବିହି ନିଜ ଗୁଣେ
ପତିତ ଦୁଃଖିତ ଯେତେ ଲୋକ । ନରହରି ।

ଶ୍ରୀରୂପଙ୍କର ସେ ତ୍ୟାଗ-ମହିମ କମନୀୟ ରୂପ କେଡ଼େ ମନୋମୁଗ୍ଧକର ସତେ ! ଅନ୍ୟ ଦିଗରେ ଅବିରାମ ନାମପ୍ରେମଶବଳିତ ଶରୀରର ଦିବ୍ୟ କାନ୍ତି କି ରମଣୀୟ ହରିଦାସଙ୍କର । ନିର୍ନିମେଷ ନୟନରେ ଚାହିଁଛନ୍ତି କ୍ଷଣ କ୍ଷଣକେ ଗୋଟିକ ପରେ ଗୋଟିଏ ରସାପ୍ଳୁତ ମୂର୍ତ୍ତି ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ ।

ଦୁଇଟି ମାର୍ଜିତ ଦର୍ପଣ ସମ୍ମୁଖରେ । ଗୋଟିକରେ ପ୍ରତିଫଳିତ ନିଜର ସ୍ୱରୂପ, ଅନ୍ୟଟିରେ ସ୍ୱଭାବ ।

ଶ୍ରୀରୂପ ଗୋସ୍ୱାମୀ, ଆଜି ଯେପରି ଗୌରମନୋବୃତ୍ତିକୁ ହୃଦୟରେ ଧାରଣ କରି ଭାବ ଉତ୍ତରଳ ଭାବରେ ନବବୃନ୍ଦାବନ ନୀଳାଚଳ ବିହାରୀ ।

ଗୌର ନିଗୂଢ଼ ମନୋବୃତ୍ତି ।
ଶ୍ରୀରୂପ ରୂପେ ଧରେ ମୂରତି ।।

Source: Author, Digitized by PPRACHIN, SOA

ଯୁଗଳ ଉଜ୍ଜ୍ୱଳରସ, ଉନ୍ନତ ଉଜ୍ଜ୍ୱଳରସ ରହସ୍ୟ ଶ୍ରୀରୂପଙ୍କ ବ୍ୟତୀତ ସାଧ୍ୟ କାହାର ପରିବେଷଣ କରିବ ରସ ଗବେଷକ ଜଗତ୍ ସମକ୍ଷରେ ! ରାଗମାର୍ଗରେ ଉପାସନା, ରାଗମାର୍ଗରେ ଯୁଗଳ ସେବା ପ୍ରାପ୍ତିର ଧାରା ପ୍ରବର୍ତ୍ତନ ପାଇଁ ଯେପରି ଶ୍ରୀରୂପଙ୍କର ଏଇ ନବରୂପଧାରଣ, ହରିଦାସଙ୍କ ଅବଧାରଣାରେ ।

କେବଳ ଗୌର ମନୋବୃତ୍ତି ଆବୃତ୍ତି କରିବାକୁ ନୁହେଁ, ଗୌର ଅବତାରର ନିଗୂଢ଼ ରହସ୍ୟ ଉଦ୍‌ଘାଟକ ତ୍ୟାଗର ଏହି ମୂର୍ତ୍ତିମନ୍ତ ପୁରୁଷ ଆଜି ହରିଦାସଙ୍କ କୁଟୀର ଆଶ୍ରୟ କରିଛନ୍ତି, ସତେ ଯେପରି ହରିଦାସଙ୍କ ମୁଖ ମୁକୁରରୁ ନିକୁଞ୍ଜ ଭୋଗ ମାଧୁରୀ ଚିହ୍ନମୟ ଗୌର ମୁଖମଣ୍ଡଳର ସେହି ପ୍ରତିଫଳନ ଅବଲୋକନ କରି, ତାର ସକ୍ଷ ଅନୁଭୂତ ଓ ସୁତୀକ୍ଷ୍ଣ ଅଭିଜ୍ଞତାକୁ ଗ୍ରନ୍ଥସ୍ଥ କରିବା ପାଇଁ ।

ଶ୍ରୀ ରୂପହିଁ ସେଦିନ ନିଜେ ଅନୁଭବ କଲେ—

ଶ୍ରୀ ରାଧାୟାଃ ପ୍ରଣୟ ମହିମା କୀଦୃଶୋ ବା ନୟୈ ବା
ସ୍ୱାଦ୍ୟୋ ଯେନାଦ୍ଭୁତ ମଧୁରିମା କୀଦୃଶୋ ବା ମଦୀୟଃ
ସୌଖ୍ୟଂ ଚାସ୍ୟାମଦନୁଭବତଃ କୀଦୃଶଂ ବେତି ଲୋଭାତ୍
ତଦ୍ଭାବାଢ୍ୟଃ ସମଜନି ଶଚୀ-ଗର୍ଭ ସିନ୍ଧୌ ହରୀନ୍ଦୁଃ ।

ସଂପୂର୍ଣ୍ଣ ନୂତନ ଆବିଷ୍କାର ଶ୍ରୀରୂପଙ୍କର-ଗୌରାବତାରର ନିଗୂଢ଼ତମ ରହସ୍ୟ ଉଦ୍‌ଘାଟନ ।

କେମନ୍ତେ ସେ ଶ୍ରୀ ରାଧାର ପ୍ରଣୟ ମହିମାସାର
ସେ ମାଧୁରୀ ଭୋଗ କି ପ୍ରକାରେ
କି ସୁଖ ପାଏ ସେ ଭୋଗେ, କୃଷ୍ଣ ଶଶୀ ସେହି ଲୋଭେ
ଉଦେ ଶଚୀ ଗର୍ଭ ପାରାବାରେ ।

ଇହ ଜଗତରେ ପ୍ରତ୍ୟେକ ଜୀବକର ପ୍ରୟୋଜନ—ରାଧାକୃଷ୍ଣ ମଧୁର ମିଳନର ପ୍ରତିଫଳନ ଅନ୍ତରେ ଓ ବାହାରେ । ତା'ର ସ୍ପର୍ଶ ସ୍ପଷ୍ଟ ଭାବରେ ପ୍ରତୀୟମାନ ହେଲା ଶ୍ରୀରୂପଙ୍କର କବି ମାନସରେ ସେଦିନ । ତେଣୁ ସେ ଜୀବର ଅବଶ୍ୟ-କର୍ତ୍ତବ୍ୟ-ସାଧନ ପ୍ରଣାଳୀ ନିର୍ଦ୍ଧାରଣ କରିଗଲେ ଶାସ୍ତ୍ରାନୁଗତ ସିଦ୍ଧାନ୍ତ ଉପସ୍ଥାପନ କରି ।

ପ୍ରତିପାଦ୍ୟ ବସ୍ତୁ ଓ ପ୍ରତିପାଦକ ବସ୍ତୁ ମଧ୍ୟରେ ଶ୍ରୀରୂପ ଯେପରି ଏକ ସଂଯୋଜକ ଅବ୍ୟୟ ! ପ୍ରୟୋଜନ ଓ ଅଭିଧେୟ ମଧ୍ୟରେ ସ୍ୱତଃ ନିରୂପିତ ଏକ ସମ୍ବନ୍ଧ ସେ ।

ଅନ୍ତର୍ଯ୍ୟାମୀ ପ୍ରଭୁ ଜାଣିଲେ ଭକ୍ତର ଅଭିଳାଷ । ନିଜ ମନୋବୃତ୍ତିର ପ୍ରତିକୃତି ଶ୍ରୀରୂପଙ୍କର ସ୍ୱରୂପରେ ସେ ଲାଳସା, ସେ ଲକ୍ଷ ଅଲକ୍ଷିତ ହୋଇ ରହିପାରେନା ଶ୍ରୀଚୈତନ୍ୟଙ୍କର ଚେତନାରେ । ସେହି ଚୈତନ୍ୟମୟ ଚୈତନ୍ୟଙ୍କର ଚୈତ୍ୟ ମୂର୍ତ୍ତି ସତତ ଅନ୍ତରରେ ସ୍ଫୁରଣ ହେବାର ପ୍ରବଳ ବାସନା ଯେଣୁ ସେ ଅହର୍ନିଶ ପ୍ରାର୍ଥନା କରି-ଛନ୍ତି ଅନ୍ତର୍ଗତରେ—ମହାପ୍ରଭୁଙ୍କର ଚରଣ ସରୋଜରେ—

ଅନର୍ପିତଚରୀଂ ଚିରାତ୍ କରୁଣାୟାବତୀର୍ଣ୍ଣ କଲୌ
ସମର୍ପୟିତୁମୁନ୍ନତୋଜ୍ଜ୍ୱଳ ରସାଂ ସ୍ୱଭକ୍ତି ଶ୍ରିୟମ୍

Source: Author, Digitized by PPRACHIN, SOA

ହରିପୁରଟ ସୁନ୍ଦର ଦ୍ୟୁତି କଦମ୍ବ ସନ୍ଦୀପିତଃ
ସଦା ହୃଦୟ କନ୍ଦରେ ସ୍ଫୁରତୁ ବଃ ଶଚୀନନ୍ଦନ ।

ବାରମ୍ବାର ପ୍ରାର୍ଥନା କରୁଛନ୍ତି ଶ୍ରୀରୂପ—

ଉନ୍ନତ ଉଜ୍ଜ୍ୱଳ ରସ ସାରଘନ
ଚିର ଅନର୍ପିତ ଧନ,
ଥିଲା ଅଦ୍ୟାବଧି ନିଜ ଭକ୍ତ ଶିଷ୍ୟ
କରିବାରେ ସମର୍ପଣ ।
କଳିରେ କରୁଣା କରି ଅବତରି
ହରି କନକ ବରଣ,
ସ୍ଫୁରନ୍ତୁ ସକଳ ହୃଦୟ କନ୍ଦରେ
ସଦା ଶ୍ରୀଶଚୀନନ୍ଦନ ।

ଶ୍ରୀରୂପଙ୍କର ଏ ନିଃସ୍ୱାର୍ଥପର ପ୍ରାର୍ଥନା । କେବଳ ନିଜ ହୃଦୟରେ ନୁହେଁ ସର୍ବଜନ ହୃଦୟ କନ୍ଦରେ ଶ୍ରୀ ଶ୍ରୀ ଶଚୀନନ୍ଦନ ଆବିର୍ଭୂତ ହେବାର ପ୍ରାର୍ଥନା ।

ମହାପ୍ରଭୁଙ୍କର ପ୍ରତିଶ୍ରୁତି—ସ୍ୱନାମ ପ୍ରଚରିତ ହେବ ପୃଥିବୀ ମଧ୍ୟରେ ସମସ୍ତ ନଗରାଦି ଗ୍ରାମରେ ।

ମାତ୍ର ଶ୍ରୀରୂପଙ୍କର ପ୍ରତ୍ୟାଶା ସେ ପ୍ରତିଶ୍ରୁତିର ବହୁ ଉର୍ଦ୍ଧ୍ୱରେ । ସେ ଏକ ବିରାଟ ପରିକଳ୍ପନା । କେବଳ ନାମର ପ୍ରଚାର ତାଙ୍କର ଏକମାତ୍ର କାମ୍ୟ ନୁହେଁ । ସେ ଚୁହାଁନ୍ତି ଉଚ୍ଚନୀଚ, ମୂର୍ଖ ପଣ୍ଡିତ, କୁଳୀନ, ଅନ୍ତ୍ୟଜ, ଧନୀ, ଦରିଦ୍ର ନିର୍ବିଶେଷରେ ପ୍ରତିପ୍ରାଣରେ ପ୍ରଭୁଙ୍କର ସ୍ଫୂର୍ତ୍ତି ।

ନଗର ଓ ଗ୍ରାମରେ, ନାମ ପ୍ରଚାରରେ ମହାପ୍ରଭୁଙ୍କ ମହିମାସହ ପ୍ରଚାରକ ଭକ୍ତ ମହିମାର ଅପରିହାର୍ଯ୍ୟ ପ୍ରକାଶ । ସେ ଆନାୟାସ କ୍ରିୟା ଅବଶ୍ୟ କର୍ତ୍ତବ୍ୟ । ମାତ୍ର ସେତିକରେ ସନ୍ତୁଷ୍ଟ ନୁହନ୍ତି ଶ୍ରୀରୂପ । ଭକ୍ତର ଭଗବାନଙ୍କ ପ୍ରତି କର୍ତ୍ତବ୍ୟ ସଙ୍ଗେ ସଙ୍ଗେ ଭଗବାନଙ୍କର ଭକ୍ତ ପ୍ରତି କରୁଣାର ନିଦର୍ଶନ ଏକାନ୍ତ ଆବଶ୍ୟକ ।

ମହାପ୍ରଭୁ ସେଦିନ ହରିଦାସଙ୍କୁ ପ୍ରଶ୍ନ କଲେ—"ହରିଦାସ, କଳିରେ ଯବନ ସ୍ୱଭାବର ହିଁ ପ୍ରାବଲ୍ୟ । ଗୋ ବ୍ରାହ୍ମଣ ହିଂସକ ସେହି ନିରୀହ ଦୁରାଚାରଙ୍କ ଉଦ୍ଧାରର ଉପାୟ କଣ ?"

"ପ୍ରଭୋ ! ସେମାନେ 'ହାରାମ' ଶବ୍ଦ ଉଚ୍ଚାରଣ କରନ୍ତି । ସେମାନଙ୍କ ଉଦ୍ଧାର ନିମନ୍ତେ ଚିନ୍ତା ନାହିଁ । ନାମାଭାସରେ ହିଁ ମୁକ୍ତି ।"

ଦ୍ରଂଷ୍ଟ୍ରି ଦ୍ରଂଷ୍ଟ୍ରାହତୋ ମ୍ଲେଚ୍ଛହାରାମେତି ପୁନଃ
ଉକ୍ତ୍ୱାପି ମୁକ୍ତିମାପ୍ନୋତି କିଂ ପୁନଃ ଶ୍ରଦ୍ଧୟା ଗୃଣାନ୍ । (ନୃସିଂହ ପୁରାଣ)

ମ୍ଲେଚ୍ଛ ମୁଖରେ 'ହାରାମ' ଶବ୍ଦ ନିସୃତ ହେବାମାତ୍ରେ ମୁକ୍ତି । ଶ୍ରଦ୍ଧାସହିତ ରାମନାମ ଉଚ୍ଚାରଣର ଫଳ ଅବର୍ଣ୍ଣନୀୟ । ପଦ୍ମ ପୁରାଣରେ ମଧ୍ୟ ଏହାର ପ୍ରମାଣ ବିଦ୍ୟମାନ । ହରିନାମହିଁ ଜୀବର ଏକମାତ୍ର ପରିତ୍ରାଣ । ଶୁଦ୍ଧ ହେଉ ଅଶୁଦ୍ଧ ହେଉ ବା ସାଂକେତିକ ମାତ୍ର ହେଉ ମାନସପଟରେ ତାର ଉଦୟ, ରସନାରେ ତାର ଉଚ୍ଚାରଣ ହିଁ ଯଥେଷ୍ଟ ।

Source: Author, Digitized by PPRACHIN, SOA

ଇଷ୍ଟଗୋଷ୍ଠୀ ଛଳରେ ରଙ୍ଗଭଙ୍ଗୀ-ନିପୁଣ ଶ୍ରୀଗୌରାଙ୍ଗଙ୍କର ଏ ପ୍ରଶ୍ନ ଯେପରି ହରିଦାସଙ୍କ ମହତ୍ତ୍ୱ ପ୍ରକାଶ ସଙ୍ଗେ ସଙ୍ଗେ ଭଗବାନ୍‌ଙ୍କର ଭଗବତ୍ତାର ପ୍ରମାଣ ଦେବା ନିମନ୍ତେ ଉଦ୍ଦିଷ୍ଟ ।

ହରିଦାସ ପଣ୍ଡିତ ନୁହନ୍ତି । କେବଳ ନାମ ବଳରେ ସେ ଜ୍ଞାନାଲୋକ ଲାଭ କରିଛନ୍ତି ।

ମୁଁ ଯାକୁ ହୁଅଇ ସଦୟ
ଜ୍ଞାନ ତା ହୃଦୟେ ଉଦୟ । (ଭାଗବତ)

ମହାପ୍ରଭୁଙ୍କର ପରୀକ୍ଷା ଯେପରି ସରିବାର ନୋହେଁ । ପୁଣି ପ୍ରଶ୍ନ ହେଲା—

"ହରିଦାସ, ନାମାଭାସରେ ମନୁଷ୍ୟର ମୁକ୍ତି ପ୍ରମାଣିତ ହେଲା । ଅନ୍ୟ ଜୀବ ମାନଙ୍କର କି ଗତି ?"

"ଉଚ୍ଚ ନାମସଂକୀର୍ତ୍ତନ ହିଁ ସ୍ଥାବର ଜଙ୍ଗମର ମୁକ୍ତିର ହେତୁ ।" କହିଲେ ହରିଦାସ ।

"ପ୍ରମାଣ ?" ପ୍ରଶ୍ନ କଲେ ମହାପ୍ରଭୁ ।

ବୃନ୍ଦାବନ ଯାତ୍ରାକାଳରେ ବ୍ୟାଘ୍ର ଭଲ୍ଲୁକ ମୃଗ ଆଦି ପଶୁ ତଥା ମୟୂରାଦି ପକ୍ଷୀଗଣ ପ୍ରଭୁଙ୍କର ନାମ ସଂକୀର୍ତ୍ତନ ସ୍ୱର ସହିତ ସ୍ୱର ମିଳାଇ ଗାନ କରିବାର ପ୍ରମାଣ ଶ୍ରୀପାଦ ବଳଭଦ୍ର ଭଟ୍ଟାଚାର୍ଯ୍ୟ ଦେଇପାରିବେ । ସ୍ଥାବର ପ୍ରତିଧ୍ୱନି ଛଳରେ ମଧୁର ହରିନାମ କୀର୍ତ୍ତନ କରନ୍ତି । ଗରୁଡ଼ ସ୍ତମ୍ଭ ନିକଟରେ ପ୍ରଭୁଙ୍କର ପାଦପଦ୍ମର ମୁଦ୍ରାଠାରୁ ଅଧିକ ବଳବତ୍ତର ପ୍ରମାଣର କ'ଣ ଆବଶ୍ୟକତା ଅଛି ପ୍ରଭୁ ?"

ମହାପ୍ରଭୁ ନୀରବ । ଗୌରବଜନିତ ଲଜ୍ଜା ତାଙ୍କର ଅସ୍ଥିମଜ୍ଜା ଯେପରି ଭେଦ କରି ଯାଇଛି ।

ହରିଦାସ ମହାପ୍ରଭୁଙ୍କ ଅନ୍ତରର ଭାବ ବୁଝି ବକ୍ତବ୍ୟରେ ପୁନର୍ବାର ଯୋଗ କରି କହିଲେ—"ପ୍ରଭୋ, କଳିଜୀବର ଉଦ୍ଧାର ନ ହୋଇ ଅନ୍ୟଗତି କଣ ଅଛି ? ପ୍ରଭୁ ଯେ ଅଙ୍ଗୀକାର କରିଛନ୍ତି ।"

"ଅଙ୍ଗୀକାର ?" ପ୍ରଭୁ ଏଥର ପ୍ରଶ୍ନ କଲେ ।

"ହଁ ପ୍ରଭୋ, ବାସୁଦେବ ଦତ୍ତଙ୍କ ପ୍ରାର୍ଥନା ଆପଣ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପରମ ଭାଗବତ ବୈଷ୍ଣବ ଚୂଡ଼ାମଣି ଶ୍ରୀପାଦ ଦତ୍ତଙ୍କର ପାର୍ଥନା କଣ ଭୁଲିଗଲେ ପ୍ରଭୋ ! ସକଳଜୀବର ପାପଭାର ସେ ନିଜେ ବହନ କରିବାର ବର ଭିକ୍ଷା କରିଥିଲେ । ପ୍ରଭୁ ତାଙ୍କର ପ୍ରାର୍ଥନା ପୂର୍ତ୍ତି କରିବାକୁ ଯାଇଁ ତାଙ୍କୁ ସେ ଦାୟିତ୍ୱ ଦେବା ପରିବର୍ତ୍ତେ ଜଗଜ୍ଜୀବର ଉଦ୍ଧାର କାର୍ଯ୍ୟ ନିଜେ ବହନ କରିବାର ପ୍ରତିଶ୍ରୁତି ଦେଇ ନାହାନ୍ତି ?"

ଆଲୋଚନାର ଗତି ପରିବର୍ତ୍ତନ କରି ମହାପ୍ରଭୁ କହିଲେ—"ହରିଦାସ, ତେବେ ତ ସଂସାର ଜୀବଶୂନ୍ୟ ହୋଇଯିବ । ବ୍ରହ୍ମାଣ୍ଡ ରହିବ କିପରି ?"

Source: Author, Digitized by PPRACHIN, SOA

"ପ୍ରଭୋ !" ହରିଦାସ ଉତ୍ତର ଦେଲେ—"ସୂକ୍ଷ୍ମ ଜୀବଗଣ କ୍ରମେ ବିକାଶୋନ୍ମୁଖୀ ହୋଇ ନୂତନ ଉନ୍ନତ ଜୀବନ ଦ୍ୱାରା ସୃଷ୍ଟି ପୂର୍ଣ୍ଣ କରିବେ । ଆପଣଙ୍କର ଲୀଳା ଅବଲୀଳା-କ୍ରମେ ରକ୍ଷା ହେବ ।"

ମହାପ୍ରଭୁ ମୁଗ୍ଧ ହରିଦାସଙ୍କ ବ୍ୟାଖ୍ୟାନରେ । ରୂପଙ୍କର କାବ୍ୟମାନସର ସନ୍ଧାନରେ ପ୍ରଭୁ ଯେପରି ଚମତ୍କୃତ ହୋଇଥିଲେ, ହରିଦାସଙ୍କର ତତ୍ତ୍ୱ ନିରୂପଣରେ ମଧ୍ୟ ତଦ୍ରୂପ ଉଚ୍ଛ୍ୱସିତ ହୋଇଉଠିଲେ । ଶତ ମୁଖରେ ହରିଦାସଙ୍କ ଗୁଣକୀର୍ତ୍ତନ କରିବାରେ ଲାଗିଲେ ଭକ୍ତ ମଣ୍ଡଳୀସମୀପରେ ।

ତଥାପି ହରିଦାସଙ୍କ ମନରେ ବାରମ୍ବାର ପ୍ରଶ୍ନ ଉଠିଲା—"ମୁକ୍ତ—ଜୀବମାନଙ୍କର ମୋକ୍ଷ, ବହୁ ପୁରାତନ କଳ୍ପନା । ମୁକ୍ତିରେ ବିକାଶର ସମ୍ଭାବନା ନାହିଁ । ତେଣୁ ଅଶେଷ ସମ୍ଭାବନା-ପୂର୍ଣ୍ଣ ରାଧାକୃଷ୍ଣ ମିଳନ ମାଧୁରୀର ଉପଲବ୍ଧିପାଇଁ ରସବିଳାସର ଚରମ ପରିଣତି ଶଚୀନନ୍ଦନ ଶ୍ରୀକୃଷ୍ଣଚୈତନ୍ୟଙ୍କର ସ୍ମରଣ ପ୍ରତି ଜୀବ ହୃଦୟରେ ହେବ କପରି ?"

ଶ୍ରୀରୂପଙ୍କ ମନରେ ମଧ୍ୟ ସେଇ ପ୍ରଶ୍ନ ।
ତାର ଉତ୍ତର ଦେଲେ ସନାତନ ।
ସନାତନଙ୍କର ନୀଳାଚଳ ପ୍ରବେଶ ମହାପ୍ରଭୁଙ୍କର ଉଦ୍ଦିଷ୍ଟ ।

ଗୌଡ଼ାଧିପତିଙ୍କର ବିଶାରଦ ସଚିବ 'ଦବିରଖାସ' ଆଜି ଛିନ୍ନବସ୍ତ୍ର ପରିହିତ ଦୀନ କାଙ୍ଗାଳ ବେଶରେ ଧାଇଁ ଆସିଛନ୍ତି ଶଚୀନନ୍ଦନଙ୍କ ଦର୍ଶନ ଲାଳସାରେ ସୁଦୂର ପଥ ଅତିକ୍ରମ କରି ବୃନ୍ଦାବନରୁ ନୀଳାଚଳ ଯାଏ; ହୃଦୟରେ ଅହରହ ସେହି ଆନନ୍ଦ ଲୀଳାମୟ ବିଗ୍ରହ ହେମାଭ ଦିବ୍ୟ ସୁନ୍ଦର ଛବି ମହାପ୍ରେମରସପ୍ରଦ ଚୈତନ୍ୟ ଚନ୍ଦ୍ରଙ୍କର ସ୍ଫୂର୍ତ୍ତି ।

କିନ୍ତୁ ନୀଳାଚଳର ପ୍ରତି ପୁରରେ ଯାଇ ପ୍ରଶ୍ନ କରୁଛନ୍ତି ସନାତନ—'ଠାକୁର ହରିଦାସ ? ଠାକୁର ହରିଦାସ କେଉଁଠି ?"

ଦ୍ରଷ୍ଟା ସନାତନ ଓ ଦୃଶ୍ୟ ଶ୍ରୀ ଚୈତନ୍ୟଙ୍କ ମଧ୍ୟରେ ହରିଦାସହିଁ ଯେପରି ଦର୍ଶନ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ହରିଦାସ ଯେପରି ଭଜନ—ମୂର୍ତ୍ତିମନ୍ତ ଭଜନ—ଭଜନର ନିଷ୍ଠା !

ସେ ଅନେକ ଦିନର କଥା । ସବୁ ଅଦର୍ଶନ ହୋଇ ଯାଇଛି । ବାଦଶାହାଙ୍କର ବିଖ୍ୟାତ ବଙ୍ଗ ଭଣ୍ଡାରିଙ୍କର ସମସ୍ତବିତ୍ତ, ବିଭବ, ଆଧି ଆଧିପତ୍ୟ ଲୋପ ପାଇ ଯାଇଛି । ଅଗାଧ ସମୁଦ୍ରୋପମ ପଦସମ୍ପଦ ଗୋଷ୍ପଦରେ ପରିଣତ ହୋଇ ଯାଇଛି । ସବୁ ଆଜି ଅଦର୍ଶନ ରାମକେଳିରେ ମହାପ୍ରଭୁଙ୍କର ଦର୍ଶନ ପରଠାରୁ ଗୋଟି ଗୋଟି ହୋଇ, ସୂର୍ଯ୍ୟୋଦୟରେ ନକ୍ଷତ୍ରମଣ୍ଡଳ ପରି ।

ତାର ପ୍ରଥମ ପରିଣାମ ନିନ୍ଦିତ ବନ୍ଦୀ ଜୀବନ ଯାପନ । ଉତ୍କଳ ଆକ୍ରମଣ ପାଇଁ ପ୍ରସ୍ତୁତ କରିବା ଲାଗି ହେଲା ହୁସେନ ଶାହଙ୍କର ଆଦେଶ । ଅସାମର୍ଥ୍ୟ ପ୍ରକାଶ କଲେ ଦବୀର ଖାସ୍ । ମହାପ୍ରଭୁଙ୍କର ଲୀଳା ଭୂମି ନୀଳାଚଳ ଆକ୍ରମଣ ଅସମ୍ଭବ ତାଙ୍କ ପକ୍ଷରେ । ଅସ୍ୱୀକାର କଲେ ରାଜାଦେଶ ପାଳନ କରିବାକୁ । ସଂଗେ ସଂଗେ ଆଦେଶ ହେଲା—"ବନ୍ଦୀକର !"

Source: Author, Digitized by PPRACHIN, SOA

ସେହି ବନ୍ଦୀ ଜୀବନହିଁ ସନାତନଙ୍କର ସୌଭାଗ୍ୟ ଉଦୟନପୂର୍ବ ଊଷା କାଳ । ଅହର୍ନିଶ ଶ୍ରୀମଦ୍ ଭାଗବତ ପାଠ, ନିଭୃତ ନାମ ସଂକୀର୍ତ୍ତନ ପାଇଁ ଯଥେଷ୍ଟ ଅବସର ମିଳିଲା ଏହି ପ୍ରଶସ୍ତ ନିର୍ଜନ କାରାମଧ୍ୟରେ । ବିଷାଦ ନାହିଁ—ଅବସାଦ ନାହିଁ—ଅହର୍ନିଶ ହରେ କୃଷ୍ଣ କୀର୍ତ୍ତନ ସଂଗେ ସଂଗେ ଲୀଳାରସ ଆସ୍ୱାଦନରେ ଉନ୍ମତ୍ତ ସନାତନ

ହଦେ ସଂବାଦ ଆସିଲା, ଅତି ଶୁଭ ସମ୍ବାଦ, ଶ୍ରୀରୂପଙ୍କଠାରୁ । ବିଚଳିତ ହୋଇ ପଡ଼ିଲେ ସନାତନ । ନିଜର ଦୁର୍ଭାଗ୍ୟ ସ୍ମରଣ କରି । ଶ୍ରୀରୂପ କେବଳ ରାଜକାର୍ଯ୍ୟ ବର୍ଜନ କରି ନାହାନ୍ତି; ଏବେ ବ୍ରଜ ବାହୁଡ଼ା ଗୌରହରିଙ୍କର ପଦାଶ୍ରିତ ହୋଇଛନ୍ତି ପ୍ରୟାଗରେ । ସେ ସୌଭାଗ୍ୟରୁ ବଞ୍ଚିତ ସନାତନ । ବନ୍ଦୀଶାଳାର ଅନ୍ଧ କୂପ ମଧ୍ୟରେ ସେ କି ବ୍ୟାକୁଳ ବିଳାପ ସନାତନଙ୍କର ?

ମୋହ କର୍ମ ଫଳ ଦୋଷ   ହସ୍ତ ପଦ ଗଳ ଦେଶ
ବନ୍ଧଶାଳେ ବାନ୍ଧିଛୁ ଆକଟେ,
ଆପଣା କରୁଣା ପାଶେ   ଦୃଢ଼େ ଧରି କେଶ ବାରେ
ଟାଣି ନିଅ ଚରଣ ନିକଟେ ।
ପଶ୍ଚାତେ ଅଗାଧ ଜଳ   ଦୁଇ ପାଶେ ଦାବାନଳ
ସମ୍ମୁଖେ ସନ୍ଧିଲ ବ୍ୟାଧ ବାଣ,
କାତର ହରିଣୀ ଡାକେ   ପଡି ଘୋର ଦୁର୍ବିପାକେ
ଏବେ ହେଲେ କର ପରିତ୍ରାଣ ।   (ମହାଜନ ପଦ)

ସନାତନଙ୍କର ସେ କାତର କ୍ରନ୍ଦନ ସ୍ପନ୍ଦନ ଜଗାଇଲା ଶଚୀନନ୍ଦନଙ୍କର ହୃଦୟ କନ୍ଦରରେ ଶହ ଶହ କ୍ରୋଶ ଦୂରରେ ଥାଇ ମଧ୍ୟ । ବାର୍ତ୍ତା ଗଲା କାରାଗୃହକୁ ସଙ୍ଗୋପନରେ । ପ୍ରେରକ ହେଲେ ସ୍ୱରୂପ । ମହାପ୍ରଭୁଙ୍କର ହିଁ ପ୍ରେରଣା ।

"ଯ—ରୀ, ର—ଳା, ଇ—ରଂ, ନ—ୟୁ ।"

ସନାତନ ପାଠ କଲେ ସେହି ସାଙ୍କେତିକ ବାର୍ତ୍ତାକୁ

ଯଦୁପତେ କ୍ୱ ଗତା ମଥୁରାପୁରୀ, ରଘୁପତେ କ୍ୱ ଗତୋତ୍ତରକୋଶଳ ?
ଇତି ବିଚିନ୍ତ୍ୟ କୁରୁସ୍ୱ ମନସ୍ଥିରଂ, ନଶ୍ୱରଂ ଜଗଦିତ୍ୟବଧାରୟୁ ।

ଜଗତ୍ ନଶ୍ୱର । ଯଦୁପତିଙ୍କର ମଥୁରା ଆଜି ନାହିଁ କିମ୍ବା ରଘୁପତିଙ୍କର ଉତ୍ତର କୋଶଳ ଅଯୋଧ୍ୟା ଆଉ ନାହିଁ । ଶ୍ଳୋକ ସୂଚିତ ଏହି ସୂଚନାରେ ଦୂର ହୋଇଗଲା ସନାତନଙ୍କର ସମସ୍ତ ଅନୁଶୋଚନା । ଶ୍ରୀରୂପଙ୍କର ମନ୍ତ୍ରଣା କେବଳ ନୁହେଁ, ଏ ଯେ ମହାପ୍ରଭୁଙ୍କର ଆମନ୍ତ୍ରଣ । ଆମନ୍ତ୍ରଣ ହିଁ ବନ୍ଧନ ମୋଚନ ମନ୍ତ୍ର ସନାତନଙ୍କ ପକ୍ଷରେ । ସୁଦୃଢ଼ ସଂସାର ବନ୍ଧନକୁ ଛିନ୍ନ କରିବାର ଅବ୍ୟର୍ଥ ଶକ୍ତି ଏ ମନ୍ତ୍ରର । କାରାର ଲୌହକପାଟ ତ ଅତି ତୁଚ୍ଛ, ନଗଣ୍ୟ, ସଂସାର ବନ୍ଧନ ତୁଳନାରେ ।

ସେ ଏକ ଅସାଧ ସାଧନା । ଉଭୟ ବନ୍ଧନରୁ ମୁକ୍ତ । ସନାତନ କିନ୍ତୁ ସ୍ପଷ୍ଟ ଦେଖି ପାରିଲେ ଏହି ଦୃଢ଼ ନିଗଡ଼ ଦ୍ୱୟକୁ ଛିନ୍ନ ନ କଲେ ଗୌର ପଦାରବିନ୍ଦରେ ଅଭିନିବେଶ ଅସମ୍ଭବ ।

Source: Author, Digitized by PPRACHIN, SOA

ସନାତନ ଅସ୍ଥିର । କିନ୍ତୁ ଦୃଢ଼ପରିକର । ମୃତ୍ୟୁର ଭୟ ନାହିଁ । ଜୀବନର ଭରସା ନାହିଁ । କାରାଗାରରୁ ପଳାୟନ ପଥରେ ଯାବତୀୟ ବିପଦକୁ ପଦଦଳିତ କରି ସେ ନିଜର ମୁକ୍ତି ନିଜେ ସମ୍ପାଦନ କଲେ ରାତ୍ରିର ନିବିଡ଼ ଅନ୍ଧକାର ମଧ୍ୟରେ । କାରାଗାରର ଦୁର୍ଭେଦ୍ୟ ପ୍ରାଚୀର, ସଂସାରର ଅଭେଦ୍ୟ ଅଚ୍ଛେଦ୍ୟ ବନ୍ଧନ ତୃଣସମ ତୁଚ୍ଛ ହୋଇଗଲା ମୁହୂର୍ତ୍ତକ ମଧ୍ୟରେ । ଯେ ଥରେ ଗୌର ଦୃଷ୍ଟି ପାଶରେ ଛନ୍ଦି ହେବାର ସୌଭାଗ୍ୟ ଲାଭ କରିଛି, ଅନ୍ୟ ବନ୍ଧନ ତା ପକ୍ଷରେ କୁସୁମ ଦାମରୁ ମଧ୍ୟ କୋମଳତର ।

କାଶୀଧାମ । ବାରାଣସୀରେ ଅବସ୍ଥାନ କରୁଛନ୍ତି କନକ-ବରଣ-ଗୌର, ସର୍ବ ଚିତ୍ତୈକ ଚୋର, ସୁର ନରବରେଣ୍ୟ ଶ୍ରୀକୃଷ୍ଣ-ଚୈତନ୍ୟ । ଚନ୍ଦ୍ରଶେଖରଙ୍କର ଆନନ୍ଦ-ମୟ ମନ୍ଦିରରେ । ଦ୍ୱାର ଦେଶରେ ଉପବିଷ୍ଟ ଜଣେ ଦରବେଶ ।

ତେଣେ ଅନ୍ତଃପୁରରେ ଅନ୍ତର୍ଯ୍ୟାମୀ ଗୌର ସୁନ୍ଦରଙ୍କ ଅନ୍ତରସିନ୍ଧୁରେ ଉଦ୍‌ବେଳିତ ହେଲା ଭାବତରଙ୍ଗ । ଅସ୍ଥିରତା ଲକ୍ଷିତ ହେଉଛି ଅତର୍କିତରେ । କିଏ ଆସି ସମ୍ବାଦ ଦେଲା—ଦ୍ୱାର ଦେଶରେ ଜଣେ ଚୀରବେଶୀ ଦର୍‌ବେଶ । ଫକୀର ।

ମାତ୍ର କାହାନ୍ତି ସେ ଦରବେଶ ? ଭକ୍ତଗଣଙ୍କ ମନରେ ଆଗ୍ରହ ।

ଯଥୋଚିତ ସ୍ୱାଗତ ସମ୍ଭାଷଣ ଜଣାଣ ହେଲା ମହାପ୍ରଭୁଙ୍କ ନିର୍ଦ୍ଦେଶରେ । ଗୃହ ଅଭ୍ୟନ୍ତରକୁ ଅଣାଗଲେ ଭକ୍ତବୃନ୍ଦଙ୍କ ଅପରିଚିତ ସେଇ ଦରବେଶ । କିଏ ଏହି ଛିନ୍ନ ବସ୍ତ୍ର ଜୀର୍ଣ୍ଣାବୟବ ପୁରୁଷ ? ବିସ୍ମୟାଭିଭୂତ ଉପସ୍ଥିତ ଜନତା । ଦୃଷ୍ଟି ପାତ୍ର ମାନେ ଧାଇଁଗଲେ ମହାପ୍ରଭୁ ପାଛୋଟି ଆଣିବାକୁ ସେ ଦରବେଶଙ୍କୁ । ଏ ଯେ ସନାତନ !

ଏ କଣ ସନାତନ ? ଆଶ୍ଚର୍ଯ୍ୟ ବୋଧ କରୁଛନ୍ତି ମହାପ୍ରଭୁ । ସନାତନ ସଙ୍କୁଚିତ ।

ଛିଣ୍ଡା ଲୁଗା ଦେହେ ମଳି   ବସି, ନଖ କେଶ ବଢ଼ି
ମାଡ଼ିପଡ଼େ ଯିବାକୁ ନିକଟେ,
ଦୁଇ ଗୁଚ୍ଛ ତୃଣ ଆଣି   ଗୋଟିଏ ଦନ୍ତରେ ଟାଣି
ଶ୍ରୀଗୌରାଙ୍ଗ ପଦ ପ୍ରାନ୍ତେ ଲୋଟେ ।

ଅଙ୍ଗନରେ ମହାପ୍ରଭୁ ଓ ସନାତନ । ଆବେଗରେ ଆଲିଙ୍ଗନ କରୁଛନ୍ତି ଶ୍ରୀଗୌରାଙ୍ଗ । ମାତ୍ର ସନାତନ ସଙ୍କୁଚିତ ।

"ମୋତେ ଛୁଅଁନ୍ତୁ ନାହିଁ ଛୁଅନ୍ତୁ ନାହିଁ ପ୍ରଭୁ !" ଚିତ୍କାର କରି ଉଠିଲେ ସନାତନ ।

ଦରବେଶ ରୂପ ଦେଖି   ପ୍ରଭୁଙ୍କ ସଜଳ ଆଖି
ଦୁ' ଭୁଜ ପ୍ରସାରି ଆସେ ଧାଇଁ,
ପ୍ରଭୁ କୋଳେ ସନାତନ,   କାତରେ ବୋଲେ ବଚନ
ଏ ଅଧମେ ସ୍ପର୍ଶ କାହିଁ ପାଇଁ ?
ଅସ୍ପୃଶ୍ୟ ପାମର ହୀନ   ଦୁରାଚାର ମନ୍ଦ ହୀନ
ନୀଚ ସଙ୍ଗେ ନୀଚ ବ୍ୟବହାର

Source: Author, Digitized by PPRACHIN, SOA

ଏମନ୍ତ ପାମର ଜନେ ସ୍ପର୍ଶ କର କା କାରଣେ
ଯୋଗ୍ୟ ନୁହେଁ ତୋର ସ୍ପର୍ଶିବାର ।

ଅନିଦ୍ରା, ଅନଶନ, ପଥଶ୍ରାନ୍ତିଜନିତ ଦୁର୍ବଳ ଦୁଃସ୍ଥ ଶରୀର ସନାତନଙ୍କର । ମାତ୍ର ସେ ଶରୀର ସ୍ପର୍ଶରେ ପ୍ରଭୁ ପ୍ରେମାବିଷ୍ଟ । ସନାତନଙ୍କର ମଧ୍ୟ ଅବସ୍ଥା ତଦ୍ରୂପ । ଉଭୟ ନେତ୍ରରୁ ଅଶ୍ରୁଧାର ଅବାଧ—ଅଗାଧ । ଚନ୍ଦ୍ରଶେଖର ଚମତ୍କୃତ ।

କି ଭାଗ୍ୟ ସନାତନଙ୍କର ? ପ୍ରଭୁ ଶ୍ରୀହସ୍ତରେ ସନାତନଙ୍କର ଅଙ୍ଗ ସମ୍ମାର୍ଜନ କରୁଛନ୍ତି । କିନ୍ତୁ ସନାତନ ଲଜ୍ଜାରେ ସଂକୋଚରେ ମ୍ରିୟମାଣ ।

ଶ୍ରୀ ହସ୍ତେ କରନ୍ତି ପ୍ରଭୁ ଅଙ୍ଗ ସମ୍ମାର୍ଜନ
ସେ କହନ୍ତି ପ୍ରଭୁ ମୋତେ ନ କର ସ୍ପର୍ଶନ ।
ପ୍ରଭୁ କହେ ପବିତ୍ର ହେବାକୁ ସ୍ପର୍ଶ କରେଁ
କରିପାର ଶୁଦ୍ଧ ଏ ବ୍ରହ୍ମାଣ୍ଡ ଭକ୍ତିବଳେ । (ଚୈ: ଚ:)

ସାମାନ୍ୟ ଖଣ୍ଡେ ଭୋଟ କମ୍ବଳ । ପ୍ରଭୁ ବାରମ୍ବାର ଚାହୁଁଛନ୍ତି ସନାତନଙ୍କ ଅଙ୍ଗରେ ଗୋଟାଏ ଭୋଟ କମ୍ବଳ । କାଶୀବାସୀ ତପନ ମିଶ୍ରଙ୍କର ଦତ୍ତ ନୂତନ ବସନ ଗ୍ରହଣ ନ କରି ଜୀର୍ଣ୍ଣ ପୁରାତନ ବସ୍ତ୍ରପ୍ରସ୍ତୁତ କୌପୀନ ବହିର୍ବାସରେ ଯା'ର ସନ୍ତୋଷ, କାଶୀବାସ ଶେଷ ପର୍ଯ୍ୟନ୍ତ ଏକମାତ୍ର ମହାରାଷ୍ଟ୍ରୀୟ ବ୍ରାହ୍ମଣ ଘରେ ଏକତ୍ର ଭିକ୍ଷାଗ୍ରହଣର ନିମନ୍ତ୍ରଣ ଉପେକ୍ଷା କରି ଯିଏ ମାଧୁକରୀରେ ଉଦର ଭରଣ କରିପାରେ, ଯାହାର ବୈରାଗ୍ୟରେ ମହାପ୍ରଭୁଙ୍କର ଅପାର ଆନନ୍ଦ, ତା ଅଙ୍ଗରେ ସାମନ୍ୟ ଖଣ୍ଡେ ଭୋଟକମ୍ବଳ ପ୍ରତି ମହାପ୍ରଭୁଙ୍କର ଏ ଚକିତ ଚାହାଁଣୀ କାହିଁକି ? ସେ ଦୃଷ୍ଟିରେ ଯେପରି ଏକ ପ୍ରଚ୍ଛନ୍ନ ବାଚୀ ସଂକେତ ।

ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଚକ୍ଷୁଚକ୍ଷୁର ଭାଷା ଓ ଭାବର ବିନିମୟ । ଭାଷାର ସଂକେତରେ ଭାବର ଅଭୁଲା ପ୍ରଭାବ, ଅଲକ୍ଷ ମୁଦ୍ରା ।

ସାମାନ୍ୟ ଖଣ୍ଡେ ଭୋଟ କମ୍ବଳ । ଯିଏ ବିପୁଳ ଐଶ୍ୱର୍ଯ୍ୟ ବିଶାଳ ସ୍ୱାର୍ଥ ଓ ସାମର୍ଥ୍ୟକୁ ଉତ୍ସର୍ଗ କରି କାଶୀଧାମରେ ଆଜି ଭିକ୍ଷାଶୀ, ତା ପକ୍ଷରେ ସାମାନ୍ୟ ଖଣ୍ଡେ ଭୋଟ କମ୍ବଳ ବ୍ୟବହାର କଣ ସଦାଚାରର ବ୍ୟତିକ୍ରମ ? ଗର୍ହିତ ଅପରାଧ ?

ସାମାନ୍ୟ ହେଲେହେଁ ରୋଗର ଶେଷ ପରିଶେଷରେ ବିଷମ ହୋଇପାରେ । ନଗଣ୍ୟ ହେଲେହେଁ ବିଷୟାସକ୍ତି କୃଷ୍ଣ ପ୍ରାପ୍ତିର ପରମ ବାଧକ ।

ବିଷୟାସକ୍ତ ଯାର ଚିତ୍ତ
ସେ ମୋର ଭଜନୁଁ ବଞ୍ଚିତ । (ଭାଗବତ)

ଦୃଷ୍ଟିଭଙ୍ଗୀ ହିଁ ଯଥେଷ୍ଟ । ମହାପ୍ରଭୁଙ୍କର ନିର୍ବାକ୍ ନିର୍ଦ୍ଦେଶ ସନାତନଙ୍କର ଅବୋଧ ନୁହେଁ ।

ଗୌରବର୍ଜ୍ୟରେ ସେ ଯେପରି ଏକ ପ୍ରଚଳିତ ଧାରା । ଭାଷା ଯେପରି ଭାବପ୍ରକାଶରେ ଅସମର୍ଥ ! ତାର ପରିସର ଯେପରି ଅତି ସଙ୍କୀର୍ଣ୍ଣ, ସୀମାବଦ୍ଧ । ଆଭାସରେ ହିଁ ଭାବର ଅବାଧ ଆବେଗ ।

Source: Author, Digitized by PPRACHIN, SOA

ଭାଷାର ସ୍ଥୂଳତାକୁ ସରଳ, ତରଳ, ଓ ସ୍ୱାଦ୍ୟ କରିବା ପାଇଁ ସାଳଙ୍କାର ସାହିତ୍ୟର ସୃଷ୍ଟି । ତଥାପି ଯେପରି ତାର ସୀମା ନିର୍ଧାର୍ଯ୍ୟ । ନିରବଧି ଧାରଣାର ଧାରଣ ପାଇଁ ଅକ୍ଷମ, ଅସମର୍ଥ । କଣ୍ଠ, ତାଲୁ, ଦନ୍ତ, ଜିହ୍ୱା, ନାସା ଓ ମୂର୍ଦ୍ଧାର ସ୍ଥୂଳ ପ୍ରସ୍ରବଣ ଯେପରି ଭାବର ମାଧୁର୍ଯ୍ୟ ସହ ଶ୍ରବଣର ଦ୍ୱାର ଭେଦ କରି ମର୍ମକୁ ସ୍ପର୍ଶ କରିବାର ଧୈର୍ଯ୍ୟ ଧାରଣ କରେ ନାହିଁ, ମାତ୍ର ଚକ୍ଷୁର ଚକ୍ଷୁ ସହ ଯେଉଁ ବିଭାଷିତ ଭାବ ବିନିମୟ ଦୃଷ୍ଟିର ଭଙ୍ଗୀରେ, ଚାହାଣିର ଠାଣିରେ ସେ ବଡ ପ୍ରାଣସ୍ପର୍ଶୀ । ଭାବବାହୀ ଭାଷାର ସାମର୍ଥ୍ୟ ଅଭାବରେ ଶ୍ରବଣଶୀଳର ମନୋଭାବକୁ ସ୍ପଷ୍ଟତର, କ୍ଷିପ୍ରତର ଭାବରେ ହୃଦୟଙ୍ଗମ କରାଇବା ପାଇଁ ସର୍ବଶ୍ରେଷ୍ଠ ବାହାକ ଏଇ ଚକ୍ଷୁର ସଂଚଳନ ।

ମହାପ୍ରଭୁଙ୍କର ଦୃଷ୍ଟିପାତ ହିଁ ସୃଷ୍ଟି କଲା ସେଦିନ ସନାତନଙ୍କ ମାନସ ପଟରେ ଚୈତନ୍ୟ ମନୋଭାବର ସମୁଜ୍ଜ୍ୱଳ ପ୍ରତିଛବି । ଆଲୋକ ଚିତ୍ରର ପ୍ରତିଫଳନ ପରି ।

ପ୍ରକୃତିରେ ସେ ଏକ ଅପ୍ରକାଶ୍ୟ ଭାଷା, ସ୍ୱରହୀନ, ଶବ୍ଦହୀନ ବୈଖରୀ । ହାବ ନାହିଁ, ହେଲା ନାହିଁ; ବେଶ ନାହିଁ, ବିନ୍ୟାସ ନାହିଁ, ବ୍ୟାକରଣ ନାହିଁ ପ୍ରକରଣ ନାହିଁ, ଅଛି କେବଳ ଏକ ଛଟା । ଭାବର ଭୋଗରେ ଶାଣିତ ଓ ରସାଣିତ ଏକ କଟାକ୍ଷ । ନିର୍ବାହକଭାବରେ ମନରାଜ୍ୟରେ ହିଁ ସେ ସୃଷ୍ଟି କରେ ଭାଷାର ଅଗୋଚର ଉଲ୍ଲୋଳ । ଦର୍ପଣରେ ପ୍ରତିବିମ୍ବ ଅର୍ପିତ ହେଲା ପରି ତାର ଭୋଗ ପୁଣି ହୁଏ ବିପରୀତ ଗତିରେ ।

ଶେଷ ସମ୍ବଳ ମାତ୍ର ଭୋଟ କମ୍ବଳ ଖଣ୍ଡିକ ବୈଷ୍ଣବ କରକମଳରେ ଅର୍ପଣ କଲାପରେ ଯାଇଁ ଆରମ୍ଭ ହେଲା ପରମ ଭୋଗ ସନାତନଙ୍କର ।

ଗୌରଅବତାରର ଏହାହିଁ ରୀତି । ବିପରୀତ ରୀତିରେ ତାର ଗତି । ଗୌର-କରୁଣାସିନ୍ଧୁର ସେ ଉଜ୍ଜ୍ୱଳ ତରଙ୍ଗର ଅନ୍ତରାକର୍ଷିଣୀ ଗତି । ପ୍ରାପ୍ତ ବସ୍ତୁକୁ ସେ କୂଳରେ ଫିଙ୍ଗି ଦିଏ ନାହିଁ । ତାର ପ୍ରବାହ ଅନ୍ତର୍ଗାମୀ । ଗୌରକୃପାକଟାକ୍ଷରେ ନିଃଶେଷ ହୋଇଯାଏ ଭୋଗ ବାସନାର ଲେଶ ଶେଷାବଶେଷ ।

ଭୋଗ ଶେଷ ଲେଶ ଥିଲେ
ଗୌର ପ୍ରାପ୍ତି ନାହିଁ ଛଳେ;
ଛଳେ ଛଳେ ନ ଭଜିଲେ
ସହଜେ କି ଗୌର ମିଳେ ! (ମ: ପ:)

ଏହାର ବିପରୀତ କ୍ରମ ମଧ୍ୟ ସତ୍ୟ । ଗୌରଦର୍ଶନ ବିଷୟରେ ରସଭୋଗ-ଲାଳସାର ଅବଶେଷ ମଧ୍ୟ ଶେଷ ହୋଇଯାଏ ।

ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ
ରସ ବର୍ଜଂ ରସୋପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତନ୍ତେ । (ଗୀତା)

ସାଧକ ସଖା ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କର ସାନ୍ତ୍ୱନା ବାକ୍ୟ—
ଯେତେ ନିରାହାରୀ ହେଲେହେଁ ରହେ ରସାବଶେଷ
ପରମ ଦର୍ଶନ ମିଳିଲେ ହୁଏ ତାହା ନିଃଶେଷ ।

Source: Author, Digitized by PPRACHIN, SOA

କଳକଳ ଷଡ଼ାଶ୍ରୁ, ସାକ୍ଷାତ୍ ଭଗବାନ୍ ପରଂବ୍ରହ୍ମ ରୂପୀ ଶ୍ରୀକୃଷ୍ଣଚୈତନ୍ୟଙ୍କର ଦର୍ଶନ ଜୀବନର ସମସ୍ତ କାମନା ବାସନାର ଶେଷ । ଚରମ ଉଦ୍ବେଗ । ପରମ ପ୍ରାପ୍ତି । ତା’ପରେ ଆଉ ପାଇବାର କଣ କିଛି ଥାଇ ପାରେ ମନୁଷ୍ୟର ? ଚାହିଁବାର କିଛି ଆଉ ଥାଇପାରେ ଜୀବର ? ଦେହାଧ୍ୟାସ ନାହିଁ ସନାତନଙ୍କର ।

ଛିଣ୍ଡା କନ୍ଥା ନଣ୍ଡା ମୁଣ୍ଡ ପିନ୍ଧା ବହିର୍ବାସରେ
କେହି ପୁଛିଲେ କହେ ମୁଁ ଚୈତନ୍ୟ ଦାସରେ । (ମ. ପ୍ର:)

ବିଚିତ୍ର ଚୈତନ୍ୟଙ୍କ ! ବାହ୍ୟତଃ ବଡ଼ ନିର୍ମମ । ଗୃହକ କାଷ୍ଠ ପର ଗୌର ସ୍ୱରୂପରେ ପ୍ରୀତି । ସେ ଅତି ଯନ୍ତ୍ରଣାଦାୟୀ । ଗୌର ପ୍ରେମୋନ୍ମତ୍ତ ବ୍ୟକ୍ତିର ଯେପରି ପଥର ଭିଖାରୀ ହେବାରେହିଁ ପରମ ଉଦ୍ବେଗ । ଗୌର ପ୍ରେମର ପ୍ରଥମ ପୁରସ୍କାର ଏଇ ନିଷ୍କିଞ୍ଚନ ବୃତ୍ତି । ତାହାହିଁ ଗୌରଭକ୍ତର ତିଳକ । ଗୌରଭକ୍ତର ସର୍ବୋତ୍ତମ ପରିଚୟ ।

ସେହି ନିଷ୍କିଞ୍ଚନ ଭକ୍ତ ସନାତନ ଓ ଭଗବାନ ଶ୍ରୀକୃଷ୍ଣଚୈତନ୍ୟଙ୍କର ମିଳନ ସାମାନ୍ୟ ମିଳନ ନୁହେଁ; ଭାରତର ଆଧ୍ୟାତ୍ମ ଇତିହାସରେ, ଦାର୍ଶନିକ ପରମ୍ପରାରେ ସେ ଏକ ନୂତନ ଦିଗ୍ ଦର୍ଶନ, ନୂତନ ପୁରାତନର ସମନ୍ୱୟ । ଅଦେୟ ନାହିଁ କିଛି ନିଷ୍କିଞ୍ଚନଠାରେ ଭୂରିଦାତା ଗୌରାଙ୍ଗଙ୍କର । ଅଯାଚିତ କୃପାକାରୀ ରସରାଜ ଶ୍ରୀ ଗୌରାଙ୍ଗ ଯେପରି ଉଦ୍‌ଗ୍ରୀବ ସନାତନଙ୍କର ବାସନା ପୂର୍ଣ୍ଣ କରିବାକୁ ।

ମାତ୍ର ସନାତନଙ୍କର ଭିକ୍ଷା ଅପାର୍ଥିବ । ସେ ଭିକ୍ଷାରେ ଭିକ୍ଷୁକର ଭିକ୍ଷାଥାଳି କେବଳ ପୂର୍ଣ୍ଣ ହୁଏ ନାହିଁ, ବିଶ୍ୱବ୍ରହ୍ମାଣ୍ଡସ୍ଥିତ ତୃଷିତ ଜିଜ୍ଞାସୁ ପ୍ରାଣର ଅନିର୍ବାଣ ଆକାଂକ୍ଷା ନିର୍ବାପିତ ହୁଏ; ମୀମାଂସିତ ହୋଇଯାଏ ଜୀବନର ଜଟିଳତମ ପ୍ରଶ୍ନ ସେଇ ଭିକ୍ଷା ଦାନରେ ।

‘ ମୁଁ କିଏ ? ”

ଉତ୍ତର ଚାହିଁଲେ ସନାତନ । ଏହାହିଁ ଭକ୍ତର ପ୍ରାଥମିକ ପିପାସା । ଜ୍ଞାନ ପିପାସା ।

“ ମୁଁ ତ୍ରିତାପରେ ବ୍ୟାହତ କାହିଁକି ?—କି ଅପରାଧରେ ?”

ଅବୋଧ ଶିଶୁ ଯେପରି ଭୟ ବିହ୍ୱଳ ହୋଇ ପ୍ରଶ୍ନ କରୁଛି । ସନାତନ ଚାହିଁ ରହିଛନ୍ତି ଶ୍ରୀଗୌରାଙ୍ଗଙ୍କ ମୁଖମଣ୍ଡଳକୁ ।

“ ମୋର କର୍ତ୍ତବ୍ୟ କଣ ?”

ସେ ଆଉ ଏକ ପ୍ରଶ୍ନ ! ସେ ଗୋଟିଏ ପ୍ରଶ୍ନର ଅନୁସଙ୍ଗ ମାତ୍ର ।

ତା ପରେ—ତାପରେ ? ମହାପ୍ରଭୁ ଚାହିଁ ରହିଛନ୍ତି ସନାତନଙ୍କର ଶ୍ରୀମୁଖକୁ ପରବର୍ତ୍ତୀ ପ୍ରଶ୍ନ ଶୁଣିବା ଆଶାରେ । ଅଧରରେ ସ୍ମିତ ।

“ ସାଧ୍ୟ କଣ ? ସିଦ୍ଧିଲାଭର ପ୍ରସିଦ୍ଧ ସାଧନ କଣ ? କା ପନ୍ଥା ?”

ଏ ପ୍ରଶ୍ନ ପ୍ରଶ୍ନ ନୁହେଁ—ଏହା ଏକ ଉତ୍ତରଉଦ୍ରେକକାରୀ ବାକ୍ୟପ୍ରକରଣ । ସେ ପ୍ରଶ୍ନ ଯେପରି ମହାପ୍ରଭୁଙ୍କର ହୃଦୟୋତ୍‌ଥିତ ବାଣୀ ସନାତନଙ୍କ ମୁଖରେ ।

Source: Author, Digitized by PPRACHIN, SOA

"ଜୀବନିତ୍ୟ କୃଷ୍ଣ ଦାସ" । ମହାପ୍ରଭୁ ଉତ୍ତର ଦେଉଛନ୍ତି । ନୟନ ମୁଦ୍ରିତ ହୋଇ ଆସୁଛି ସନାତନଙ୍କର । ଅଭ୍ୟନ୍ତରରେ ଏକ ପ୍ରଚଣ୍ଡ ଆଲୋଡ଼ନ । ଘୋର ଅନ୍ଧକାର ମଧ୍ୟରେ ସେ କି ଅପୂର୍ବ ଜ୍ୟୋତି ! ସେ ଆଲୋଡ଼ନରେ କି ଅପାର ଆନନ୍ଦ ! ନୂତନ ଏକ ପୃଥିବୀ ଯେପରି ଉଦ୍‌ଘାଟିତ ହୋଇ ଉଠୁଛି ଆପଣାର ଘଟ ମଧ୍ୟରେ । ନିଜର ଏ ନୂତନ ପରିଚୟରେ ସେ କି ଗୌରବ । ଯେପରି ସମଗ୍ର ଜୀବନର, ଜନ୍ମଜନ୍ମାନ୍ତରର ଏକ ପ୍ରକାଣ୍ଡ ଦାୟିତ୍ୱବୋଧ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ୁଛି । ଗୋଟାଏ ଉଚ୍ଚ ମଞ୍ଚ ଉପରୁ ଖସି ପଡ଼ୁଛି ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଅଭିମାନର ଉଦ୍ଧତ ଶୃଙ୍ଗାର ।

କିଏ ସେ କୃଷ୍ଣ—କେଉଁଠି ସେ କୃଷ୍ଣ ?

ସନାତନଙ୍କ ପ୍ରାଣରେ ସେ କି ଆର୍ତ୍ତି ! ସେ କେବଳ ଜିଜ୍ଞାସୁ ନୁହେଁ, ସେ କେବଳ ପରମାର୍ଥର ଅର୍ଥାର୍ଥୀ ନୁହନ୍ତି, କେବଳ ଜାଣିବାର ଅଭିପ୍ସାରେ ଉନ୍ମତ୍ତ ନୁହନ୍ତି । ସନାତନ ! ଏକାଧାର ଆର୍ତ୍ତି ଜିଜ୍ଞାସା, ଅର୍ଥାର୍ଥ ଓ ଜ୍ଞାନର ସମାବେଶ ସନାତନଙ୍କର ଅନ୍ତରରେ ।

ସେ କୃଷ୍ଣ କଣ ମତ୍ସ୍ୟ-କୂର୍ମ-ବରାହାଦି ଅବତାର ସଦୃଶ ଅବତାରବିଶେଷ ? ଅଥବା ଅଦ୍ୱୟଜ୍ଞାନ ତତ୍ତ୍ୱପୁରୁଷପୁରାଣଜ୍ଞାନୀର ଜ୍ଞାନନିଷ୍ଠ ପରଂବ୍ରହ୍ମ ? କିମ୍ବା ଯୋଗୀର ଧ୍ୟାନଗମ୍ୟ ପରମାତ୍ମା ? ନା ନା, ସନାତନଙ୍କର କୃଷ୍ଣ ବ୍ରହ୍ମ ନୁହନ୍ତି, ଆତ୍ମା ନୁହନ୍ତି, ସେ ଯେ ଅନାଦି ଆଦି-ଗୋବିନ୍ଦ-ସର୍ବ-କାରଣ-କାରଣ ସଚ୍ଚିଦାନନ୍ଦବିଗ୍ରହ ଗୋଲୋକବିହାରୀ ପରମେଶ୍ୱର ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ—ସର୍ବ ଅବତାରର ଅବତାରୀ ।

ସନାତନ ଦେଖୁଛନ୍ତି ମହାପ୍ରଭୁଙ୍କର ଏକ ନୂତନ ରୂପ । ମହାପ୍ରଭୁ ଆଉ ମହାପ୍ରଭୁ ହୋଇ ନାହାନ୍ତି । ପ୍ରତିଦଳରେ ଉଭା ହୋଇଛନ୍ତି ନବକିଶୋର ନଟବର ଗୋପବେଶେ ବେଣୁକର ତ୍ରିଭଙ୍ଗିଭଙ୍ଗିମ ଠାଣିରେ ।

ସେଇ ଦ୍ୱିଭୁଜାକୃତି ମୂର୍ତ୍ତି ମଧ୍ୟରେ ଧୀରେ ଧୀରେ ପ୍ରବେଶ କରୁଛନ୍ତି ବହୁ ଅବତାର । ବହୁ ରୂପ—ପ୍ରାଭବ ବିଳାସ ଓ ବିଳାସ ବୈଭବ ।

ସ୍ୱାଂଶରେ ସଂକର୍ଷଣାଦି ପୁରୁଷାବତାର, ମତ୍ସ୍ୟାଦି ଲୀଳାବତାର, ତଥା ଗୁଣାବତାର, ଯୁଗାବତାର, ମନ୍ୱନ୍ତରାବତାର, ଶକ୍ତ୍ୟାବେଶ ଅବତାର । ବିବିଧ ବିଳାସରେ, ବିଳାସ ବୈଭବରେ ଲୀନ ହୋଇ ଯାଉଛନ୍ତି ଏକେ ଏକେ ।

" ପରିଚୟ ପାଇଲୁ ଶ୍ରୀରୂପ ? ଯାହାଙ୍କ ଇଚ୍ଛାଶକ୍ତି ହିଁ କାରଣାର୍ଣ୍ଣବରେ ମହତ୍ ସୃଷ୍ଟା, ଜ୍ଞାନଶକ୍ତି ହିଁ ଗର୍ଭୋଦକରେ ବିଶ୍ୱ ବ୍ରହ୍ମାଣ୍ଡ ରୂପରେ ବିଦ୍ୟମାନ, ସ୍ୱୀୟ କ୍ରିୟାଶକ୍ତି ବଳରେ ଯେ କ୍ଷୀରୋଦକରେ ସର୍ବଭୂତ ଅନ୍ତର୍ଗତ ବିରଜା-ପରବ୍ୟୋମର ଊର୍ଦ୍ଧ୍ୱରେ ତାର ବିପରୀତ ଦିଗରେ ଅବସ୍ଥିତ ମାୟାକୁ ଅତିକ୍ରମ କରି ଗୋଲୋକରେ ଯାହାର ନିତ୍ୟ ବିଳାସ, ଏ ସେହି ଶ୍ରୀକୃଷ୍ଣ ।

ମହାପ୍ରଭୁଙ୍କ ମୁଖରେ ଶ୍ରୀକୃଷ୍ଣ ଭଗବାନଙ୍କର ଗୂଢ଼ତତ୍ତ୍ୱ । ନିଜ ମୁଖରେ ନିଜର ପ୍ରଶସ୍ତି । ଶୁଣୁଛନ୍ତି ସନାତନ । ସର୍ବକାରଣ-କାରଣ ଶ୍ରୀକୃଷ୍ଣଙ୍କ ସ୍ଥାନରେ ଗୁରୁ ରୂପେ ବିରାଜମାନ ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ ।

Source: Author, Digitized by PPRACHIN, SOA

ସେହି ଶ୍ରୀକୃଷ୍ଣ ହିଁ ଜୀବର ସମ୍ବନ୍ଧ । ଜୀବର ଆଦି ବୀଜ । ଦାସ, ସଖା, ପୁତ୍ର ସ୍ୱାମୀର ସମ୍ବନ୍ଧରେ ବନ୍ଧା । ପ୍ରୟୋଜନ-କୃଷ୍ଣ ପ୍ରେମ । ଜୀବର ଚରମ ଲକ୍ଷ ପରମ ପଦ କୃଷ୍ଣ ପ୍ରେମ । କୃଷ୍ଣ ନୁହନ୍ତି କୃଷ୍ଣ ପ୍ରେମ ହିଁ ପ୍ରୟୋଜନ । ତାର ଅଭିଧେୟ ଭକ୍ତି । ଭକ୍ତି ହିଁ ସାଧନା....ସାଧ୍ୟ କୃଷ୍ଣପ୍ରେମ ।

କୃଷ୍ଣ, କୃଷ୍ଣଭକ୍ତି, କୃଷ୍ଣ ପ୍ରେମ---ସମ୍ବନ୍ଧ, ଅଭିଧେୟ, ପ୍ରୟୋଜନ । ଶ୍ରୀକୃଷ୍ଣ ହିଁ ମୂଳବସ୍ତୁ । ଜୀବର ପ୍ରାପ୍ୟ । ପ୍ରାପ୍ତିର ଉପାୟ କୃଷ୍ଣଭକ୍ତି । ଭକ୍ତିର ଫଳ ପ୍ରେମ ।

ତେବେ ନିତ୍ୟ କୃଷ୍ଣଦାସ ଏହି ଜୀବ ସନ୍ତପ୍ତ କାହିଁକି ? ତ୍ରିତାପରେ ଦଗ୍ଧ କାହିଁକି ? ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ ଦୁଃଖରେ ମ୍ରିୟମାଣ କାହିଁକି ? ଜ୍ୱର ଶୂଳାଦି ଶାରୀରିକ ବ୍ୟାଧି, କାମ କ୍ରୋଧାଦିଜନିତ ମନସ୍ତାପ, ମୃଗ ପଶୁ ମନୁଷ୍ୟାଦିଜନିତ ଖେଦ, ଶୀତ ଉଷ୍ଣ ବଜ୍ରପାତାଦିଜନିତ ତାପରେ ଜର୍ଜରିତ କାହିଁକି ?

କୃଷ୍ଣ ଭୁଲି ଅନାଦି ସେ ଜୀବ ବହିର୍ମୁଖ
ତେଣୁ ମାୟା ଦିଏ ତାକୁ ସଂସାରର ଦୁଃଖ,

କୃଷ୍ଣ ବହିର୍ମୁଖତା ହିଁ ଜୀବରଦୁର୍ଭାଗ୍ୟ । କୃଷ୍ଣ ବିସ୍ମରଣ ଦୋଷରେ ଦୁଷ୍ଟ ଏହି ଜୀବ ତେଣୁ ମାୟାର ଦଣ୍ଡରେ ଆହତ । ତ୍ରିତାପରେ ତାପିତ ।

ସେହି ଦୋଷେ ପିଶାଚୀ ମାୟା ଦିଏ ଦଣ୍ଡ,
ତ୍ରିତାପରେ ମାରେ ଜାଳି କରି ଲଣ୍ଡ ଭଣ୍ଡ । (ଚୈ: ଚ.)

ଉପାୟ ? ଉପାୟ କଣ ସେ ମାୟାପିଶାଚୀର, କବଳରୁ ମୁକ୍ତି ପାଇବା ପାଇଁ ? ସାଧୁ ସଙ୍ଗ ! ସାଧୁ ସଙ୍ଗ !! ସାଧୁ ସଙ୍ଗ !!!

ଭ୍ରମୁଁ ଭ୍ରମୁଁ ଯଦି କେହି ସାଧୁ ସଙ୍ଗ ପାଏ,
ତାଙ୍କ ଉପଦେଶ ମନ୍ତ୍ରେ ପିଶାଚୀ ପଳାଏ । (ଚୈ.ଚ)

ଠିକ୍ ସେହି କଥା କୁହାଇଥିଲେ ବ୍ୟାସଦେବ ଶ୍ରୀକୃଷ୍ଣଙ୍କ ମୁଖରେ

" ଏ ଜୀବ ସାଧୁ ସଙ୍ଗ ବିନୁ
ଲଭି ନ ପାରେ ମୋର ତନୁ । " (ଭଗବତ)

ସାଧୁ ସଙ୍ଗ, ସାଧୁ ସଙ୍ଗ, ସାଧୁ ସଙ୍ଗହିଁ କେବଳମ୍ । 'ହରେ ନାମ' ନାମ ଭଜନ ସେହି ସାଧୁ ସଙ୍ଗର ପରିଣାମ ମାତ୍ର । ସାଧୁସଙ୍ଗାପେକ୍ଷୀ ନାମ ଭଜନ । ଶାସ୍ତ୍ର ଓ ସାଧୁ ସଙ୍ଗ ବିନା ଉପାୟାନ୍ତର ନାହିଁ ।

ମାୟାମୁଗ୍ଧ ଜୀବେ ନାହିଁ ସ୍ୱତଃ କୃଷ୍ଣ ଜ୍ଞାନ,
ଜୀବେ କୃପା କଲେ କୃଷ୍ଣ ବେଦାଦି ପୁରାଣ ।
କୃଷ୍ଣୋନ୍ମୁଖୀ ହେଲେ ସାଧୁ ଶାସ୍ତ୍ର କୃପା ବଳେ,
ମାୟା ଛାଡି ଯାଏ ତାଳି ଏ ଜୀବ ନିସ୍ତରେ ଚୈ: ଚ

ସାଧୁ ସଙ୍ଗ ! ସାଧୁ ସଙ୍ଗ ! ସାଧୁ ସଙ୍ଗହି କେବଳମ୍ !!

Source: Author, Digitized by PPRACHIN, SOA

ଭ୍ରମୁଁ ଭ୍ରମୁଁ ସଂସାର କ ଭାଗ୍ୟେ କେହ୍ନ ତରେ,
ନଦୀ ପ୍ରବାହରେ ଯଥା କାଷ୍ଠ ଲାଗେ ତୀରେ ।
କେଉଁ ଭାଗ୍ୟେ କେ ସଂସାର କ୍ଷୟୋନ୍ମୁଖୀ ହୋଇ
ସାଧୁସଙ୍ଗ ହେଲେ କୃଷ୍ଣେ ରତି ଉପୁଜଇ ।
ମହତ୍ କୃପା ବିନା ଭକ୍ତି ନ ହୁଏ ଉଦୟ,
କୃଷ୍ଣ ଭକ୍ତି ଦୂରେ ଥାଉ ଭବ ନୋହେ କ୍ଷୟ । (ଚୈ. ଚ)

ବାରମ୍ବାର କହୁଛନ୍ତି ମହାପ୍ରଭୁ ସର୍ବଶାସ୍ତ୍ରର ସର୍ବଶ୍ରେଷ୍ଠ ଉପଦେଶ,-'ସାଧୁସଙ୍ଗ ।

ସାଧୁସଙ୍ଗ ସାଧୁସଙ୍ଗ କହେ ସର୍ବ ଶାସ୍ତ୍ର
ସର୍ବସିଦ୍ଧି ସାଧୁସଙ୍ଗ ହେଲେ ଲବ ମାତ୍ର ।
କୃଷ୍ଣ ଭକ୍ତି ଜନ୍ମମୂଳ କରେ ସାଧୁ ସଙ୍ଗ
କୃଷ୍ଣ ପ୍ରେମ ଜନ୍ମେ ତହିଁ ପୁଣି ମୁଖ୍ୟ ଅଙ୍ଗ । (ଚୈ: ଚ.)

ସେହି ସାଧୁସଙ୍ଗ ଓ ଶାସ୍ତ୍ରର ଏକତ୍ର ସମାବେଶ ଶ୍ରୀଗୁରୁ ଅନ୍ତର୍ଯ୍ୟାମୀ ରୂପରେ । ସେହି ଅନ୍ତର୍ଯ୍ୟାମୀଙ୍କର ଆନୁଗତ୍ୟ ହିଁ ଶ୍ରେଷ୍ଠ ସାଧନା ।

କୃଷ୍ଣ କଲେ କୃପା କେଉଁ ଭାଗ୍ୟବାନ୍ ଜନେ,
ଅନ୍ତର୍ଯ୍ୟାମୀ ଗୁରୁ ରୂପ ଶିଖାନ୍ତି ଆପଣେ । ((ଚୈ. ଚ.)

× ×

ଶାସ୍ତ୍ର ଗୁରୁ ଆତ୍ମା ରୂପେ ନିଜକୁ ଗୋଚର
କଲେ ଜୀବ ମଣେ କୃଷ୍ଣ ପ୍ରଭୁ ଯାତା ମୋର ।

× ×

ଗୁରୁ ମାତା ଗୁରୁ ପିତା ସେହି ଗୁରୁ ପତି
ଗୁରୁ ବିନା ଏ ସଂସାରେ ନାହିଁ ଅନ୍ୟ ଗତି (ଗୁରୁ ବନ୍ଦନା)

ଗୁରୁ ହିଁ ସାକ୍ଷାତ୍ ଭଗବାନ୍ । ସେଥିପାଇଁ ଶ୍ରୀମଦ ଭାଗବତରେ ଶ୍ରୀକୃଷ୍ଣ କହିଥିଲେ. ସେଦିନ—'ଆଚାର୍ଯ୍ୟଂ ମାଂ ବିଜାନୀୟାତ୍ । ମୁଁ ତୋରଆଚାର୍ଯ୍ୟ ।

" ଆଚାର୍ଯ୍ୟଙ୍କୁ ସେବାରେ ତୁଷ୍ଟ କର ! ପରିପ୍ରଶ୍ନଦ୍ୱାରା ସଂଶୟ ମୋଚନ କର ! ଏହାହିଁ ଭକ୍ତି ଲଭର ଏକମାତ୍ର ଉପାୟ । ଶୁଭାରମ୍ଭ । ଶସ୍ୟର ରୂପ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଗୁରୁପୂଜା ଶ୍ରୀକୃଷ୍ଣଙ୍କର ବାଣୀ

ତହୁଁ କୃଷ୍ଣ ଭଜ କରେ ଶ୍ରୀଗୁରୁ ସେବନ
ମାୟାଜାଲ ଛୁଟେ, ପାଏ ଶ୍ରୀକୃଷ୍ଣ ଚରଣ ।। (ଚୈ: ଚ:)

ଶ୍ରୀକୃଷ୍ଣ ଚରଣରେ ଭକ୍ତି ହିଁ ଜୀବର ଅଭିଧେୟ ।

କୃଷ୍ଣଭକ୍ତି ଅଭିଧେୟ ଅଟଇ ପ୍ରଧାନ ।
ଭକ୍ତି ମୁଖ ନିରୀକ୍ଷକ କର୍ମ ଯୋଗ ଜ୍ଞାନ ।।
ସେ ସବୁ ସାଧନେ ମିଳେ ଅତି ତୁଚ୍ଛ ଫଳ ।।
କୃଷ୍ଣ ଭକ୍ତି ବିନେ ନ ପାରେ ସେ ଦେଇ ବଳ ।। (ଚୈ: ଚ.)

Source: Author, Digitized by PPRACHIN, SOA

କର୍ମରେ ନୁହେଁ, ଜ୍ଞାନରେ ନୁହେଁ, ଯୋଗରେ ନୁହେଁ, କେବଳ ଭକ୍ତି—କେବଳ ଭକ୍ତି ହିଁ ଶ୍ରେଷ୍ଠ ମନୁଷ୍ୟ ଜୀବନର । "ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ! !" ଯୋଗ ଜ୍ଞାନ କର୍ମ ତପ ଯାଗ ଯଜ୍ଞ ସର୍ବ ଧର୍ମ ବର୍ଜନ କରି ମୋର ଶରଣାପନ୍ନ ହୁଅ ! ଦୃଢ଼ ସ୍ୱରରେ ନିର୍ଭର ପ୍ରତିଶ୍ରୁତି ଦେଇଗଲେ ଶ୍ରୀକୃଷ୍ଣ ଭଗବାନ୍ ପାର୍ଥ ଧନୁର୍ଧରଙ୍କୁ ।

ଯେ ବୋଲେ ମୁଁ କୃଷ୍ଣ ତୋର ହେଲି ଥରେ ହେଲେ,
କରନ୍ତି ମାୟାବନ୍ଧନୁ କୃଷ୍ଣ ପାର ହେଲେ ।।

ଏହି ଏକାନ୍ତ ଶରଣାପନ୍ନ ଅନ୍ୟାଭିଳଷିତ ଶୂନ୍ୟାବସ୍ଥା ହିଁ ଭକ୍ତି । ଇଷ୍ଟେ ଗାଢ଼ ନିଷ୍ଠା, ଇଷ୍ଟେ ଆବିଷ୍ଟତା ହିଁ ସେ ଭକ୍ତିର ଲକ୍ଷଣ । ସ୍ୱରୂପ ଓ ତଟସ୍ଥ ଲକ୍ଷଣ ।

ଶ୍ରବଣ କୀର୍ତ୍ତନ ପୂଜା ସ୍ମରଣ ବନ୍ଦନ,
ପରିଚର୍ଯ୍ୟା ଦାସ୍ୟ ସଖ୍ୟ ଆତ୍ମନିବେଦନ । (ଚୈ ଚ)

ଭକ୍ତିର ନବବିଧ ଅଭିବ୍ୟକ୍ତି ।

ସାଧୁ ସଙ୍ଗ ଭଗବନ୍ତ ଶ୍ରବଣ କୀର୍ତ୍ତନ,
ଶ୍ରଦ୍ଧାରେ ମଥୁରାବାସ ଶ୍ରୀମୂର୍ତ୍ତି ସେବନ ।। (ଚୈ. ଚ.)

ଭକ୍ତିର ପଞ୍ଚାଙ୍ଗ, ବୈଧୀ ଓ ରାଗାନୁଗା ଭେଦରେ । ଶାସ୍ତ୍ରନିର୍ଦ୍ଦେଶନିୟମେ ଭକ୍ତିର ଯାଜନ ବୈଧୀ । ନାନା ବିଧିବିଧାନ ସାଧନ ଭକ୍ତିର ବିବିଧ ଅଙ୍ଗ । ସାଧକର କଷ୍ଟ ସାଧ୍ୟ । ବହୁ ସାଧନ-ସାପେକ୍ଷ ।

ଆଉ ରାଗାନୁଗା ? ଯମ,ନିୟମ ଧ୍ୟାନ ଧାରଣା, ଜ୍ଞାନ ଓ ବୈରାଗ୍ୟ ରାଗାନୁଗାଭକ୍ତି-ଯାଜନ ଅନୁଚର ।

ବିଧି ମାର୍ଗ ଗୁଢ଼ ଭଜେ ଶ୍ରୀକୃଷ୍ଣ ଚରଣ,
ନ ବଳାଏ ତା' ନିଷିଦ୍ଧ ପାପାଚରେ ମନ ।
ଅହିଂସା ନିୟମ ଆଦି ବୁଲେ ଭକ୍ତ ସଂଗ,
ଜ୍ଞାନ ବଇରାଗ୍ୟ କେବେଁ ନୁହେଁ ଭକ୍ତି ଅଙ୍ଗ ।

ରାଗାନୁଗା ଭକ୍ତି ଅପୂର୍ବ । ବ୍ରଜବାସିମାନଙ୍କର ଭକ୍ତି ହିଁ ରାଗାନୁଗା । ସମ୍ବନ୍ଧରେ ବନ୍ଧା ଭଗବାନ୍ ଶ୍ରୀକୃଷ୍ଣ । ଦାସ, ସଖା, ପୁତ୍ର, ସ୍ୱାମୀର ସଂବନ୍ଧ । ଭକ୍ତର ଅଧୀନ ଭଗବାନ ଶ୍ରୀକୃଷ୍ଣଙ୍କର ସ୍ୱତନ୍ତ୍ର ଦୁଇ ଅବତାର ବାଲ୍ୟ ଓ ପୌଗଣ୍ଡ ଶ୍ରୀକୃଷ୍ଣଙ୍କର ଦୁଇ ଅବସ୍ଥା ନୁହେଁ—ଦୁଇ ଅବତାର ।

ପୌଗଣ୍ଡ ହିଁ ରାଗାନୁଗା ଭକ୍ତିର ଆଧାର । ତାର ଅଧିକାରିଣୀ ବ୍ରଜବାଳାଗଣ ।

ହରି ଭକ୍ତି ମଧ୍ୟେ ପ୍ରେମ-ଭକ୍ତି ଅଟେ ସାର,
ସେ ଭକ୍ତି ଅଟଇ କୋଠ ଗୋପୀମାନଙ୍କର । (ରହସ୍ୟମଞ୍ଜରୀ)

Source: Author, Digitized by PPRACHIN, SOA

ଭକ୍ତିର ଚରମ ବିକାଶ ପ୍ରେମ । ପ୍ରେମଭକ୍ତିର ଚରମ ଅଭିବ୍ୟକ୍ତି ରାଗାନୁଗାରେ ?

ଶ୍ରଦ୍ଧା ଦେବା ଯଦି କେଉଁ ଜୀବଭାଗ୍ୟେ ଥାଏ,
ତେବେ ସେହି ଜୀବ କାଳେ ସାଧୁ ସଂଗ ପାଏ
ସାଧୁ ସଙ୍ଗେ ହୁଏ ତେବେ ଶ୍ରବଣ କୀର୍ତ୍ତନ,
ସାଧନ ଭକ୍ତିରେ ସର୍ବାନର୍ଥ ନିବର୍ତ୍ତନ ।
ଅନର୍ଥ ନିବୃତ୍ତି ହେଲେ ଭକ୍ତି ନିଷ୍ଠା ମିଳେ,
ନିଷ୍ଠାରୁ ରୁଚି ହୁଅଇ ଶ୍ରବଣ ଆଦିରେ,
ରୁଚି ଦିଏ ଭକ୍ତି ପ୍ରତି ଆସକ୍ତି ପ୍ରଚୁର
ଆସକ୍ତିରୁ ଜନ୍ମେ ଚିତ୍ତେ କୃଷ୍ଣେ ପ୍ରୀତ୍ୟଙ୍କୁର ।

ସେଇ ଭାବ, କୃଷ୍ଣ ପ୍ରୀତି କ୍ରମେ ଗାଢ଼ ହୁଏ । ଗାଢ଼ତରୁ ଗାଢ଼ତର ହୁଏ । ପ୍ରୀତି ପ୍ରେମରେ ପରିଣତ ହୁଏ, ପରିମାଣରେ—ସର୍ବଶେଷରେ ।

ପ୍ରେମର ବୃଦ୍ଧି ଗାଢ଼ତରର ଅବସ୍ଥା । ସ୍ନେହ, ମାନ, ପ୍ରଣୟ, ରାଗ, ଅନୁରାଗ, ଭାବ—ପରିଶେଷରେ ମହାଭାବ ।

ଏହାହିଁ ପ୍ରେମପ୍ରୟୋଜନ—ପଞ୍ଚମ ପୁରୁଷାର୍ଥ—ଧର୍ମ, ଅର୍ଥ, କାମ, ମୋକ୍ଷର ଊର୍ଦ୍ଧ୍ୱରେ ।

କିନ୍ତୁ ଏ କି ଦୁର୍ବିପାକ ! ହଠାତ୍ ଆଦେଶ ହେଲା ମହାପ୍ରଭୁଙ୍କର—

"ଯାଅ ତୁମ୍ଭେ କର ଭକ୍ତି ଶାସ୍ତ୍ରର ଉଦ୍ଧାର,
ମଥୁରାର ତୀର୍ଥ ତଥା କରିବ ଉଦ୍ଧାର,
ବୃନ୍ଦାବନେ କୃଷ୍ଣ ସେବା ବୈଷ୍ଣବ ଆଚାର,
ଭକ୍ତି ସ୍ମୃତି ଶାସ୍ତ୍ର ଲେଖି କରିବ ପ୍ରଚାର ।"

ବହୁ ଦୁଃଖଲବ୍ଧ ଧନ ହରାଇବାରେ ବ୍ୟଥା ଦୁର୍ବିସହ । କେବଳ ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧାଙ୍କର ଦଶ ଦଶା ମର୍ମନ୍ତୁଦ—ଦୁଃଖଦ । ରାଧାକୃଷ୍ଣ ମିଳିତ ଗୌର-ବିରହ ଯନ୍ତ୍ରଣା । ବର୍ଣ୍ଣନାତୀତ । କାବ୍ୟ ବାକ୍ୟହୀନ ହୋଇଯାଏ ।

ମାତ୍ର ସେହି ଯନ୍ତ୍ରଣାହିଁ ଗୌରବଶୀକରଣ ମନ୍ତ୍ର । ସେହି ଅଶ୍ରୁହିଁ ଗୌରପ୍ରାପ୍ତିର ଅଭିଧେୟ । ସେହି ବିରହହିଁ ମିଳନର ଲକ୍ଷଣ ! ଗୌର ରାଜ୍ୟର ରୀତି ବିପରୀତ । ସବୁଠି ସବୁ କ୍ଷେତ୍ରରେ ।

ସନାତନ ନିରୁପାୟ । ଗୌର ଉପଦେଶ ଶିରୋଧାର୍ଯ୍ୟ । ମନର ସମସ୍ତ ଆବେଗକୁ ସଂଯମିତ କରି ସନାତନ ବିଦାୟ ନେଲେ ସେହି ପଦ୍ମପଳାଶଲୋଚନଙ୍କ ଚରଣ କମଳରୁ । ଉଦ୍ଦେଶ୍ୟ—

ଭକ୍ତ ଭକ୍ତି କୃଷ୍ଣ ପ୍ରେମ ତତ୍ତ୍ୱର ନିର୍ଦ୍ଧାର,
ବୈଷ୍ଣବ କୃତ୍ୟ ଆଦର ବୈଷ୍ଣବ ଆଚାର !

Source: Author, Digitized by PPRACHIN, SOA

କୃଷ୍ଣ ଭକ୍ତି କୃଷ୍ଣପ୍ରେମ ସେବା ପ୍ରବର୍ତ୍ତନ ।
ଲୁପ୍ତ ତୀର୍ଥୋଦ୍ଧାର ତଥା ବୈରାଗ୍ୟ ଶିକ୍ଷଣ ॥ [ଚୈ. ଚ.]

ରୂପ ଓ ସନାତନ । ଜଣକ ପରେ ଜଣେ ପ୍ରେରିତ ହେଲେ ବୃନ୍ଦାବନ ଧାମକୁ । ବୃନ୍ଦାବନ ଓ ରୂପ ସନାତନ ଅଭିନ୍ନ । ଏହି ଦୁଇ ଭାଇଙ୍କର ତପୋବଳରହିଁ ବୃନ୍ଦାବନର ମହିମା । ଚରାଚର ଜଗତର ଅଗୋଚର ଏହି ରାଧାକୃଷ୍ଣ ଯୁଗଳ ମିଳନରେ ଲୀଳାସ୍ଥଳୀ ବୃନ୍ଦାବନର ଆବିଷ୍କର୍ତ୍ତା ଏଇ ଦୁଇ ମହାତ୍ମା ବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସନାତନ ଆତ୍ମବିସ୍ମୃତ । ଭାବବିଭୋର । ଯୁଗଳମିଳନ ଧାମ ବୃନ୍ଦାବନର ରଜ ମସ୍ତକରେ ଦେବା ମାତ୍ରେ ଭକ୍ତିବିହ୍ୱଳ । ଗୋବିନ୍ଦ-ସୁନ୍ଦର-ବଧୂ-ଅଭିନନ୍ଦିତ ବୃନ୍ଦାବନ । ନନ୍ଦତନୟ-ପଦାରବିନ୍ଦଚଳିତ ଆନନ୍ଦ-କନ୍ଦ ବୃନ୍ଦାବନ କି ମନୋରମ !

ଆତ୍ମ-ବିଭୋର ସନାତନ । ସ୍ନାନାହାର ବିବର୍ଜିତ । ବୃନ୍ଦାବନର ଲୁପ୍ତ ବୈଭବ ଉଦ୍ଧାର କାର୍ଯ୍ୟରେ ଉନ୍ମତ୍ତ । କ୍ଷଣେ କ୍ଷଣେ ଅନୁଭୂତ ହେଉଛି ଏକ ବିଚିତ୍ର ଆବେଶ । ବିସ୍ମୃତିର ଅନ୍ଧକାର ଗର୍ଭରୁ କିଏ ଯେପରି ଅତି ପୁରାତନ ପରିଚିତ ଏକ ସଂଚିତ ଗୁପ୍ତନିଧି କରପୃଷ୍ଠରେ ସମର୍ପଣ କରି ଦେଉଛି । ସେ ଦିନ ବିଦାୟ ପୂର୍ବରୁ କାଶୀତୀର୍ଥ ଉପକଣ୍ଠରେ ମହାପ୍ରଭୁଙ୍କର ଅଯାଚିତ କୃପାର ଦାନ, ନାମ ମାଧୁରୀର ଆସ୍ୱାଦନ ପାଇଁ ଆଜି ଯେପରି କିଏ ଅଭିନବ ପ୍ରେସନ୍ଦେଶ ଦାନ କରି ଗଲା ସନାତନଙ୍କୁ ।

ତଥାପି ଯେପରି ପୂର୍ଣ୍ଣ ହୋଇ ପାରୁ ନାହିଁ ମନର ସାଧ । ଏକ ସ୍ୱୟଂସଂପୂର୍ଣ୍ଣ ଆନନ୍ଦାନୁଭୂତି ମଧ୍ୟ ଅପୂର୍ଣ୍ଣତାର ଅବବୋଧ । ପ୍ରଭୁଦତ୍ତ ପରିପୂର୍ଣ୍ଣତା ସହ, କୃପାକୃତାର୍ଥ୍ୟା, ଅଖିଳ-ବିଶ୍ୱବନ୍ଦ୍ୟା, ଶ୍ରୀକୃଷ୍ଣଲୀଳାବିଧିତରଙ୍ଗମଗ୍ନ ପୌର୍ଣ୍ଣମାସୀଙ୍କ ପୂର୍ଣ୍ଣକୃପା ପ୍ରାପ୍ତି ପରେ ମଧ୍ୟ ଯେପରି ରସାନୁଭୂତି ପିପାସାର ଅନ୍ତ ନାହିଁ ।

ଏମନ୍ତ ଏ ରସ ଖଣିର ସ୍ୱଭାବ,
ପୂର୍ଣ୍ଣ ପ୍ରାପ୍ତି ସତ୍ତ୍ୱେ ମଣନ୍ତି ଅଭାବ । (ମ. ପ.)

ପୁଣି ଗୌରଦାସ ଗୌରପରିକରଙ୍କର ମଧ୍ୟ ସ୍ୱଭାବ ବିଚିତ୍ର—ବିଚିତ୍ର କଣ୍ଠମଣି-ନ୍ୟାୟ ।

ଗୌର ଦାସ ଗୌର ପରିକରର ସ୍ୱଭାବ,
ପାଇ ନ ପାଇଲା ଭଳି ଭାବନ୍ତି ଅଭାବ । (ମ. ପ.)

—ନାନା ଲୁପ୍ତ ତୀର୍ଥ ଉଦ୍ଧାର କରି ମଧ୍ୟ ସନାତନ ଉପଲବ୍ଧି କରୁଛନ୍ତି—ସବୁ ଯେପରି ଅସଂପୂର୍ଣ୍ଣ । ଗୌର ପଦାର୍ପଣ ବିନା ଏହାର ପ୍ରାମାଣିକତା ସନ୍ଦେହରେ ସମାଚ୍ଛନ୍ନ ।

ଏକେ ଗୌର ବିରହ, ଦୁଜେ ଗୌର ବିଜୟର ପ୍ରତ୍ୟୋଜନୀୟତା ସନାତନଙ୍କୁ ଅସ୍ଥିର ଅଧୈର୍ଯ୍ୟ କରି ଦେଇଛି । ପ୍ରାଣର ପ୍ରାଣ ପ୍ରିୟତମ ସୋଦର ଶ୍ରୀରୂପଙ୍କର ସଙ୍ଗଲାଭ କରି ମଧ୍ୟ ଗୌରବିରହବିଦଗ୍ଧ ପ୍ରାଣର ଜ୍ୱାଳା ଉପଶମ ହୋଇ ନାହିଁ । ବରଂ ଉଭୟ ହୃଦୟର ବିରହ ବହ୍ନି ଏକାକାର ହୋଇ ହୁତାଶନ ପରି ଦଗ୍ଧ କରିବାରେ ଲାଗିଛି ଉଭୟ ପ୍ରାଣକୁ ଦ୍ୱିଗୁଣ ପରିମାଣରେ ।

Source: Author, Digitized by PPRACHIN, SOA

କାହାନ୍ତି ସେ ପ୍ରଭୁ ?

କୃଷ୍ଣଲୀଳାର ଗୁପ୍ତସ୍ଥାନମାନଙ୍କରେ ପ୍ରବେଶ ମାତ୍ରେ ସନାତନଙ୍କର ପ୍ରାଣ ହାହାକାର କରି ଉଠୁଛି ।

କାହାନ୍ତି ସେ ପ୍ରଭୁ ? ଯାହାଙ୍କର ଉପଦେଶରେ ସେଦିନ ସେ କାଶୀଧାମରୁ ଯୁଗପତ୍ ହର୍ଷ ଓ ବିଷାଦ ମଧ୍ୟରେ ବିଦାୟ ଘେନ ବୃନ୍ଦାବନ ଯାତ୍ରାକଲେ ?

ହର୍ଷ—ପ୍ରଭୁଙ୍କର ସୁଖ ସମ୍ପାଦନରେ ସମର୍ଥ ହେବାର ସୁଯୋଗ ଲାଭ କରି ।

ବିଷାଦ—ଅଚ୍ୟୁତଙ୍କର ସଙ୍ଗ-ଚ୍ୟୁତିଜନିତ ।

କେବେ କାନ୍ଦେ କେବେ ହସେ କେବେ ପ୍ରେମାନନ୍ଦେ ଭାସେ
କେବେ ଭିକ୍ଷା କେବେ ଉପହାସ,
ଛିଣ୍ଡାକନ୍ଥା ନଣ୍ଡା ମୁଣ୍ଡ କୃଷ୍ଣ ଗୁଣ ଗାଏ ତୁଣ୍ଡ
ପରିଧାନ ଛିନ୍ନ ବହିର୍ବାସ ।
ଗୋସାଇଁ ଶ୍ରୀ ସନାତନ ପ୍ରବେଶିଲେ ବୃନ୍ଦାବନ
ରୂପ ସଙ୍ଗେ ଭେଟ ଉପକଣ୍ଠେ
ଧର୍ମ ନେତ୍ର ଅଶ୍ରୁ ଢାଳ ପଦେ ହୋଇ ନିଉଛୁଳ
କହେ ରୂପ ଗଦଗଦ କଣ୍ଠେ ।
ଦୁହେଁ ରୂପ ସନାତନ ଗାଇ ଗୌର ଗୁଣମାନ
ହା ନାଥ, ହା ନାଥ ଆର୍ତ୍ତନାଦେ,
ବ୍ରଜପୁରେ ଘରେ ଘରେ ମାଧୁକରୀ ଭିକ୍ଷାକରେ
ଦିନା କେତେ କଟିଲା ଉନ୍ମାଦେ ।
ତାହା ଛାଡ଼ି କୁଞ୍ଜେ କୁଞ୍ଜେ ଭିକ୍ଷାକରି ପୁଞ୍ଜେ ପୁଞ୍ଜେ
ଫଳମୂଳ କରନ୍ତି ଭକ୍ଷଣ,
ଉଚ୍ଚସ୍ୱରେ ଆର୍ତ୍ତନାଦେ ରାଧାକୃଷ୍ଣ ବୋଲି କାନ୍ଦେ
ବିରହେ ଉଚ୍ଛନ୍ନ କ୍ଷଣ କ୍ଷଣ ।
ଦିନା କେତେ ଅନ୍ତର୍ମନା ଛପନଦଣ୍ଡ ଭାବନା
ଚାରି ଦଣ୍ଡ ଆଶ୍ରା ବୃକ୍ଷ ତଳ,
ସ୍ୱପ୍ନଦେଖେ ରାଧାକୃଷ୍ଣ ନାମ ଗାନେ ସଦା ତୁଷ୍ଟ
ତିଳେ ମାତ୍ର ନାହିଁ ଅବସର ।
ଛାଡ଼ି ସକଳ ବିଳାସ ଶେଷେ ତରୁତଳେ ବାସ
ଏକ ଦୁଇ ଦିନ ଉପବାସ,
(ଯାର) ସରୁ ଲୁଗା ଶଯ୍ୟା କାଟେ ଏବେ ସେ ଧୂଳିରେ ଲୋଟେ
କଣ୍ଟକତ କେବେ କେଉଁ ପାଶ । (ରାଧାବଲ୍ଲଭ)

ସେହି ସନାତନ ଆଜ ଧାଇଁ ଆସିଛନ୍ତି ମର୍ତ୍ତ୍ୟ-ବୈକୁଣ୍ଠ ପୁରୀଧାମକୁ; ପ୍ରଭୁଙ୍କ ଦର୍ଶନ ସଙ୍ଗେ ସଙ୍ଗେ ଅବଧାନରେ ବୃନ୍ଦାବନ ପ୍ରସଙ୍ଗ ନିବେଦନ କରିବାପାଇଁ ।

Source: Author, Digitized by PPRACHIN, SOA

କିନ୍ତୁ ନୀଳାଚଳ ପ୍ରବେଶ ମାତ୍ରେ, ସନାତନ ସର୍ବପ୍ରଥମ ଅନ୍ୱେଷଣ କରୁଛନ୍ତି ହରିଦାସଙ୍କ ଭଜନ କୁଟୀର । କ୍ଷେତ୍ର-ପତି ନୀଳାଚଳପତିଙ୍କ ଦର୍ଶନ ଦୂରର କଥା ଯାହାଙ୍କ ଦର୍ଶନପାଇଁ ଏଇ ଦୀର୍ଘ-ପଥର ଶ୍ରାନ୍ତି ଓ କ୍ଳାନ୍ତି, ସେହି ଶ୍ରୀକୃଷ୍ଣଚୈତନ୍ୟଙ୍କର ଅବସ୍ଥାନ ପ୍ରଶ୍ନ ସେପରି ପ୍ରଥମ ପର୍ଯ୍ୟାୟରୁହିଁ ସୂଚିତରୁ ବହିଭୂତ ।

ଧାମରେ ଯେପରି ନାମ ନାମୀର ସାନ୍ନିଧ୍ୟ ନାମକାରୀର ନୈକଟ୍ୟ ବ୍ୟତିରେକେ ଅସମ୍ଭବ । ଗୌର ରାଜ୍ୟର ଚରିତ୍ର ବିଚିତ୍ର । ବଡ଼ଦାଣ୍ଡ, ବଡ଼ଦେଉଳ, ଅତିକ୍ରମି ଗଲେଣି ସନାତନ । ପଥ-ପ୍ରାନ୍ତରେ ପ୍ରତି ପଥିକଙ୍କୁ ପ୍ରଶ୍ନ କରୁଛନ୍ତି । ପୁଣି ଅଗ୍ରସର ହେଉଛନ୍ତି କାଶୀ ମିଶ୍ରଙ୍କ ଗୃହସଂଲଗ୍ନ ଉଦ୍ୟାନ ଅଭିମୁଖରେ ।

ସିନ୍ଧୂତଟସ୍ଥ ହରିଦାସଙ୍କ ଭଜନକୁଟୀର । ସିଦ୍ଧବକୁଳ ବୃକ୍ଷର ସ୍ନିଗ୍ଧ ଛାୟା । ହରିଦାସ ଓ ରୂପଙ୍କର ପଦାଙ୍କିତ ଭୂମି । ଏବେ ସନାତନଙ୍କର ଆଗମନରେ ତ୍ରିବେଣୀସଙ୍ଗମର ସୌଭାଗ୍ୟ ଲଭ କରିଛି । ତଦୁପରି କରୁଣାସିନ୍ଧୁ ଗୌର ପାଦସ୍ପର୍ଶ ପାଇ ନିତ୍ୟ-ସନାତନ ପବିତ୍ର ପ୍ରେମପ୍ରବାହରେ ଉଦ୍ଭାସିତ ।

ହରିଦାସ, ରୂପ ଓ ସନାତନ ।
ଗୌର ଗୋବିନ୍ଦଙ୍କର ନେତ୍ରାରବିନ୍ଦ—ତିନେତ୍ର ।
ନାମ ଓ ପ୍ରେମର ଏକତ୍ର ସମାବେଶ ହରିଦାସ,
ରୂପ ତାର ଆଖ୍ୟାୟିକା ।
ଆଖ୍ୟାନର ବ୍ୟାଖ୍ୟା ସନାତନ ।

ହରିଦାସ ସନାତନଙ୍କର ସାକ୍ଷାତ୍, ଏକ ଆକସ୍ମିକ ସଂଯୋଗ । ବସ୍ତୁଯୁଗଳର ସ୍ମରଣିକା । ଉଭୟେ ଉଭୟଙ୍କର ବନ୍ଦନାରେ ଅଭିନନ୍ଦିତ ପରିଚିତ ମାତ୍ରେ ।

ସନାତନ ଦେଖୁଛନ୍ତି, ହରିଦାସ ଯେପରି ସମଗ୍ର ଭକ୍ତିତତ୍ତ୍ୱର ଏକ ସଠିକ ଉଦାହରଣ ।

ହରିଦାସଙ୍କ ଚକ୍ଷୁରେ ସନାତନ ଯେପରି ନାମ ରସର ପରିପୂର୍ଣ୍ଣ ଆସ୍ୱାଦନ ନିମନ୍ତେ ଗୋଟିଏ ରସାଣିତ ରସନା ।

* * *

ପରଦିନ ।

ଉଭୟଙ୍କ ସାକ୍ଷାତରେ ମହାପ୍ରଭୁ ସ୍ୱୟଂ ସ୍ୱତେଜେ । ସେହି ପୁଣ୍ୟଭୂମିର ପବିତ୍ରତା ଯେପରି ଏକ ଅକ୍ଷୟ ବ୍ରତରେ ଦୀକ୍ଷିତ ହୋଇ ଯାଉଛି ମହାପ୍ରଭୁଙ୍କର ପାଦସ୍ପର୍ଶରେ ।

"ସନାତନ !"

ଆଶ୍ଚର୍ଯ୍ୟାନ୍ୱିତ ମହାପ୍ରଭୁ । ସନାତନଙ୍କର ଏ କି ଦୁରବସ୍ଥା !

ସମସ୍ତ ଶରୀର କଣ୍ଡୁମୟ । ରସ ରକ୍ତରେ ପରିପୂର୍ଣ୍ଣ । ମାତ୍ର ଭ୍ରୂକ୍ଷେପ ନାହିଁ ନମଅଙ୍କେ । ମହାପ୍ରଭୁଙ୍କର ଘୃଣା ନାହିଁ ତିଳାର୍ଦ୍ଧେ ମାତ୍ର । ସନାତନଙ୍କର ବାରଣ ସତ୍ତ୍ୱେ ସର୍ବକାରଣ କାରଣ ଶ୍ରୀଚୈତନ୍ୟ ବାହୁ ପ୍ରସାରଣ କରି କୋଳରେ ଆଶ୍ରୟ ଦେଉଛନ୍ତି

Source: Author, Digitized by PPRACHIN, SOA

ଚରଣାଶ୍ରିତ ସନାତନଙ୍କୁ, ଧରଣୀ ବକ୍ଷରୁ ଉତ୍ତୋଳନ କରି । ହରିଦାସ ଗୃହିଁ ରହିଛନ୍ତି ଅବାକ୍ ହୋଇ ।

ପ୍ରତ୍ୟହ ଦର୍ଶନ ଦିଅନ୍ତି ମହାପ୍ରଭୁ, ସିଦ୍ଧ ବକୁଳ ତଳେ ସନାତନଙ୍କୁ । ସନାତନଙ୍କର ପରମ ଆନନ୍ଦ । ମହାପ୍ରଭୁ ଆସନ୍ତି ହରିଦାସଙ୍କ ଉଦ୍ଦେଶ୍ୟରେ । ନିତ୍ୟ ନୈମିତ୍ତିକ କାର୍ଯ୍ୟକ୍ରମରେ । ଅନାୟାସରେ ହୁଏ ସନାତନଙ୍କ ସାନ୍ନିଧ୍ୟ ।

ସନାତନ ମଧ୍ୟ ହରିଦାସଙ୍କ ବ୍ରତରେ ବ୍ରତୀ । ଯବନର ଦାସତ୍ୱ ସ୍ୱୀକାର କରିବା ହେତୁ ନିଜକୁ ଅଧମ ପତିତ ଜ୍ଞାନରେ ଶ୍ରୀମନ୍ଦିର ସନ୍ନିକଟସ୍ଥ ସ୍ଥାନ ମଧ୍ୟ ଅଗମ୍ୟ ସନାତନଙ୍କ ପକ୍ଷରେ । ଗୁପ୍ତାପାତରେ ଜଗନ୍ନାଥ ସେବକମାନେ ଅପବିତ୍ର ହେବାର ଆଶଙ୍କା ।

ତେଣୁ ଅଚଳ ଭଗବାନ୍ ସଚଳ ମୂର୍ତ୍ତି ଧରି ଆସନ୍ତି ହରିଦାସଙ୍କ ସହ ସନାତନଙ୍କୁ ମଧ୍ୟ ସାକ୍ଷାତ ଦେବାପାଇଁ ।

ପରାଜୟ ସ୍ୱୀକାର କରନ୍ତି ଭଗବାନ୍ ଭକ୍ତ ସହିତ ପ୍ରେମପକ୍ଷପାତରେ । ଭକ୍ତ ଭଗବାନ୍‌ଙ୍କ ନିକଟକୁ ନ ଗଲେ, ଶ୍ରୀବତ୍ସଲାଞ୍ଛନ ଭଗବାନ୍ ଭକ୍ତ ନିକଟକୁ ଧାଇଁ ଆସନ୍ତି ।

ମହାପରାକ୍ରମଶାଳୀ ଅଗଣିତ ଅକ୍ଷୌହିଣୀ ସୈନ୍ୟବଳ ଦୈନ୍ୟର ଶକ୍ତି ତୁଳନାରେ ନଗଣ୍ୟ । ସର୍ବୈଶ୍ୱର୍ଯ୍ୟସମ୍ପନ୍ନ ଭଗବାନଙ୍କର ବିକାରହୀନ ହୃଦୟକୁ ତରଳ କରିଦିଏ ଭକ୍ତର ଲଳିତ କଳିତ କରୁଣ ଗୀତି । ସନାତନଙ୍କ ନିକଟରେ ଚୈତନ୍ୟ ସତେ ଯେପରି କଣା କଙ୍କର । ଗୌରରାଜ୍ୟରେ ବିପରୀତ ରୀତିର ଅନ୍ୟ ଏକ ଉଦାହରଣ ।

ହଠାତ୍ ଦିନେ ମହାପ୍ରଭୁ ସମ୍ବୋଧନ କଲେ,ସନାତନଙ୍କୁ ନୁହେଁ, ହରିଦାସଙ୍କୁ । "ହରିଦାସ" !

"ଭକ୍ତ ବିନେ ଆନେ କୃଷ୍ଣ ପ୍ରାପ୍ତି ନୋହେ ଛଳେ"
ନ ମିଳଇ ଦେହ ତ୍ୟାଗେ, ଭଜନେହିଁ ମିଳେ ।
ଦେହତ୍ୟାଗ ଆଦି ତମ ଗୁଣର ଧରମ ।
ତମ ରଜ ଧର୍ମେ କୃଷ୍ଣ ନ ମିଳେ ଚରମ ।।" (ଚୈ: ଚ:)

ସନାତନ ସ୍ତମ୍ଭୀଭୂତ ମହାପ୍ରଭୁଙ୍କର ଏ ସମ୍ଭାଷଣରେ । ତଟସ୍ଥ ହୋଇ ଗୃହିଁ-ରହିଲେ, ମହାପ୍ରଭୁଙ୍କର ଶ୍ରୀମୁଖରେ ବିଚିତ୍ର ଏକ ମୁଦ୍ରା, କ୍ରୋଧ, କାରୁଣ୍ୟ ତଥା ରହସ୍ୟର ଏକତ୍ର ସମାବେଶ ।

ସେ ସମ୍ବୋଧନ ହରିଦାସଙ୍କୁ ନୁହେଁ । ସେ ଉକ୍ତି ସନାତନଙ୍କ ପ୍ରତି ଉଦ୍ଦିଷ୍ଟ । ଭକ୍ତର ଏକାନ୍ତ ବିଗ୍ରହ, ଶ୍ରୀକାନ୍ତଙ୍କର କରୁଣାବାରିଧିରେ ସଞ୍ଚାର କରିଛି ଉତ୍ତାଳ ତରଙ୍ଗ । ଅନ୍ତର୍ଯ୍ୟାମୀ ପ୍ରଭୁଙ୍କର ଅଗୋଚର ନାହିଁ କିଛି ।

ନୀଳାଚଳ ପ୍ରବେଶାବଧି ସନାତନଙ୍କର ମନ ଅତ୍ୟନ୍ତ ବିଷଣ୍ଣ । ଶରୀର ବିବର୍ଣ୍ଣ ଝାଡ଼ଖଣ୍ଡ ପଥରେ ଆଗମନ କାଳରେ ଅନଶନ, ଅର୍ଦ୍ଧାଶନ, ସ୍ନାନପାନାଦିରେ ଅଶୁଦ୍ଧ ଜଳ ସେବନ ଫଳରେ ସମସ୍ତ ଗାତ୍ର ବ୍ୟାଧିଗ୍ରସ୍ତ । କଣ୍ଡୁକ୍ଷତରୁ ନିର୍ଗତ ହେଉଛି ଗଳିତ ରସ । ସେହି ପୂତିଗନ୍ଧମୟ ସ୍ପର୍ଶଅଯୋଗ୍ୟ ଗାତ୍ରକୁ ଆଲିଙ୍ଗନ କରିବେ ମହାପ୍ରଭୁ ?

Source: Author, Digitized by PPRACHIN, SOA

ଅସହ୍ୟ ସନାତନଙ୍କ ପକ୍ଷରେ । ମାତ୍ର ମହାପ୍ରଭୁ ବାରମ୍ବାର ଆଲିଙ୍ଗନ କରିବାକୁ ବ୍ୟଗ୍ର । ମହାପ୍ରଭୁ ବିକାରହୀନ ହୋଇ ପାରନ୍ତି, ମାତ୍ର ସନାତନଙ୍କ ପକ୍ଷରେ ଏହା ଘୋର ଦୁର୍ଯୋଗ । ନିତାନ୍ତ କଦର୍ଯ୍ୟ ଏ ଦୁର୍ଘଟଣାକୁ ବାରମ୍ବାର ପୁନରାବୃତ୍ତ ହେବାକୁ ଦେବା ସନାତନଙ୍କ ପକ୍ଷରେ ଅତ୍ୟନ୍ତ ଗର୍ହିତ ଅପରାଧ । ଅଗତ୍ୟା ଅନନ୍ୟୋପାୟ ସନାତନଙ୍କର ଶେଷ ସିଦ୍ଧାନ୍ତ— ଆତ୍ମହତ୍ୟା । ଦେହାବସାନରେହିଁ ଏ ଅପ୍ରୀତିକର ପରିସ୍ଥିତିର ସରଳ ସମାଧାନ, ସନାତନଙ୍କ ବିଚାରରେ ।

ଏକେ ଅସ୍ପୃଶ୍ୟ, ଦୁଜେ ଅସାର ଅନିତ୍ୟ ଶରୀର । ଜଗନ୍ନାଥ ଦର୍ଶନରେ ଅଶକ୍ତ । ଦୁର୍ଗତ ବ୍ୟାଧିଗ୍ରସ୍ତ ଶରୀରରେ ମହାପ୍ରଭୁଙ୍କ ସାନ୍ନିଧ୍ୟ, ସାଧମତେ ସାଧମତେ ଲାଭ କରିବା ଅସମ୍ଭବ ତାଙ୍କ ପକ୍ଷରେ । ସମ୍ଭବ ହେଲେ ମଧ୍ୟ ସ୍ପୃହଣୀୟ ନୁହେଁ ତାଙ୍କ ବିଚାରରେ । ତେଣୁ ଶରୀରପାତ ହିଁ ସମ୍ମାନୀୟ କର୍ତ୍ତବ୍ୟ । ସ୍ଥିର କଲେ ସନାତନ । ଆଗାମୀ ଗୁଣ୍ଡିଚା ବିଜେ କାଳ ଜଗନ୍ନାଥଙ୍କ ରଥଚକ୍ର ତଳେ, ପ୍ରାଣପାତ ପାଇଁ ଶ୍ରେଷ୍ଠ ଅବସର । ସମସ୍ତ ତାପ ଏବଂ ଅପରାଧରୁ ପରିତ୍ରାଣ ପାଇବାର ସର୍ବୋତ୍ତମ ଉପାୟ ।

ଭକ୍ତଗଣ ପରିବେଷ୍ଟିତ ନାଚୁଆ ମୂରତି, ନଟନାଗର ଗୌରବମୁଖାରବିନ୍ଦରେ ନେତ୍ରଭୃଙ୍ଗ ନିବଦ୍ଧ କରି ଭକ୍ତ ପଦରଜୋଜ୍ଜ୍ୱଳ ବଡ଼ଦାଣ୍ଡରେ ଦେହତ୍ୟାଗଠାରୁ ବଳି ସୌଭାଗ୍ୟ ଆଉ କଣ ହୋଇପାରେ ? ରଥାଗ୍ରରେ ଦେହପାତ, କୃଷ୍ଣପ୍ରାପ୍ତିର ଶ୍ରେଷ୍ଠ ଉପାୟ ।

ଅନ୍ତର୍ଯ୍ୟାମୀ ମହାପ୍ରଭୁ ସେ ସମସ୍ତ ପାଞ୍ଚକୁ ପଣ୍ଡ କରିଦେଲେ । ଲଜ୍ଜାରେ ସନାତନ ନତମସ୍ତକ ହେଲେ । ମହାପ୍ରଭୁଙ୍କର କଣ୍ଠ ସ୍ନେହସ୍ନିଗ୍ଧ ।

"କୃଷ୍ଣ ପ୍ରେମୋଦୟ କେଭେ ନୋହେ ଭକ୍ତିବିନେ
ଅନ୍ୟପନ୍ଥା ନାହିଁ, କୃଷ୍ଣ ପ୍ରାପ୍ତ ପ୍ରେମାଧୀନେ ।
କୁବୁଦ୍ଧି ବରଜ କର ଶ୍ରବଣ କୀର୍ତ୍ତନ,
ଅଚିରାତେ ହେବ ପ୍ରାପ୍ତି ଶ୍ରୀକୃଷ୍ଣ ଚରଣ ।" (ଚୈ. ଚ.)

ମାତ୍ର ସନାତନଙ୍କ ମନରେ ସୃଷ୍ଟି ହୋଇଛି ପ୍ରବଳ ଆନ୍ଦୋଳନ । କେବଳ ଯେ କୃଷ୍ଣପ୍ରାପ୍ତି ଉଦ୍ଦେଶ୍ୟରେ ସେ ଆତ୍ମହତ୍ୟା ପାଇଁ ପ୍ରସ୍ତୁତ ହୋଇଥିଲେ, ତାହା ନୁହେଁ; ଆପଣାକୁ ଯବନ-ସେବୀ ନିତାନ୍ତ ଅଧମ ମନେ କରିବା ହେତୁ ଆତ୍ମଗ୍ଲାନି ତାଙ୍କୁ ଏଭଳି ଅପସିଦ୍ଧାନ୍ତରେ ଉପନୀତ କରିଥିଲା ।

ସଙ୍ଗେ ସଙ୍ଗେ ଅନ୍ତର୍ଯ୍ୟାମୀ ପ୍ରଭୁଙ୍କ ମୁଖରୁ ଆଶ୍ୱାସନାର ବାଣୀ ଶୁଣାଗଲା । ଆଶ୍ୱାସନା ନୁହେଁ—ସତ୍ୟ, ଧ୍ରୁବ ସନାତନ ବାକ୍ୟ, ସନାତନଙ୍କ ପ୍ରତି ।

"ନୀଚ ଜାତି ନୋହେ କୃଷ୍ଣ ଭଜନେ ଅଯୋଗ୍ୟ,
ସତ୍‌କୁଳୀ ବିପ୍ର ନୋହେ ଭଜନରେ ଯୋଗ୍ୟ ।
ଯେ ଭଜେ ସେ ବଡ଼, ଭକ୍ତିହୀନ ହୀନ ଛାର,
ନାହିଁ ଜାତିକୁଳ କୃଷ୍ଣ ଭଜନେ ବିଚାର ।
ଅଧିକ କରନ୍ତି ଦୟା ହୀନେ ଭଗବାନ,
କୁଳୀନ ପଣ୍ଡିତ ଧନୀଠାରେ ଅଭିମାନ

Source: Author, Digitized by PPRACHIN, SOA

ସନାତନ କୃତ୍ୟ-କୃତ୍ୟ ହୋଇ ଜଣାଣ କରୁଛନ୍ତି, ପ୍ରଭୁଙ୍କ ଚରଣସରୋଜରେ—

"ମୁଁ ନୀଚ ପାମର ଅଟେ ଅଧମ ସ୍ୱଭାବ,
ମୋତେ ରଖିଲେ ଜୀବନେ କିବା ଲାଭ ତବ ?" (ଚୈ : ଚ:)

"ସନାତନ" !

ମହାପ୍ରଭୁଙ୍କର ସ୍ୱର ଗମ୍ଭୀର । କଠୋର—

"ସନାତନ, ତୋ ଦେହଟି ମୋ ନିଜସ୍ୱ ଧନ,
କରିଅଛ ଯେଣୁ ମୋତେ ଆତ୍ମସମର୍ପଣ ।
ନଷ୍ଟ କରିବାରେ କମ୍ପା ଗୃହୁଁ ପର ଦ୍ରବ୍ୟ,
ଧର୍ମାଧର୍ମ ବିଚାର କି ହୁଡ଼ିଗଲୁ ସବ ?
ତୋହ ଦେହ ଅଟେ ମୋର ପ୍ରଧାନ ସାଧନ ।
ଏ ଦେହେ ସାଧିବ ମୁହିଁ ବହୁ ପ୍ରୟୋଜନ ।।

ପୁନରପି ହରିଦାସଙ୍କୁ ପୃଚ୍ଛୁଛନ୍ତି ପ୍ରଭୁ—

"·········ଶୁଣ ହରିଦାସ,
କରିବାକୁ ପାଏ ପରଦ୍ରବ୍ୟ ଏ ବିନାଶ ।
ନ ବାଣ୍ଟେ ନ ଖାଏ କେବେ କେହି ପର ଦ୍ରବ୍ୟ
କର ନିଷେଧ ନ କରୁ ଏ ଅନ୍ୟାୟ ପର୍ବ ।" (ଚୈ : ଚ :)

ତଥାପି ସନାତନ ବ୍ୟଥିତ । କାରଣ କିଛୁ ଭିନ୍ନ । ସନାତନ ସଙ୍କୁଚିତ, ବ୍ୟଥିତ, ମହାପ୍ରଭୁଙ୍କର ବାରମ୍ବାର ଆଲିଙ୍ଗନରେ । ସନାତନଙ୍କର ପର୍ଯ୍ୟୁଷିତ ଦେହ ସଂସ୍ପର୍ଶରେ ଶଚୀସୁତଙ୍କର ଶୁଚିମନ୍ତ ଶରୀର ଦୂଷିତ ହେବାର ଆଶଙ୍କାରେ ସେ ମ୍ରିୟମାଣ । ଏ ଘୋର ଅପରାଧ । ତାର ପ୍ରାୟଶ୍ଚିତ ଆତ୍ମହତ୍ୟା ଛଡ଼ା ଅନ୍ୟ କଣ ହୋଇପାରେ !

ସନାତନଙ୍କ ମନରେ ଏ ନୀଚତ୍ୱବୋଧ ଉଦୟ ହେବା ମାତ୍ରେ ମହାପ୍ରଭୁଙ୍କ ଶ୍ରୀମୁଖରୁ ନିଃସୃତ ହେଲା—

"···ତୁମ୍ଭେ ଅଟ ପତିତପାବନ,
ତୁମ୍ଭ ସ୍ପର୍ଶେ ପୂତ ହେବେ ଦେବ ମୁନିଗଣ ।"

ସନାତନଙ୍କ ମନରେ ତଥାପି ସନ୍ଦେହ । ମନରେ ଖେଦ । ଚିନ୍ତା—

ନିଷେଧିଲେ ଯେତେ କରୁଛନ୍ତି ଆଲିଙ୍ଗନ,
ପ୍ରଭୁ ମୋର କଣ୍ଡୁରସସିକ୍ତ ଅପଘନ ।
ସେହି ଅପରାଧ ମୋର ନାହିଁ ତ ନିସ୍ତାର,
ଜଗନ୍ନାଥ ଅଦର୍ଶନେ ବଡ଼ ଦୁଃଖ ଭାର ।
ହିତେ ଆସି ଏବେ ହେଲା ହିତେ ବିପରୀତ,
ନ ପାରେଁ ନିର୍ଣ୍ଣୟ କରି କର୍ତ୍ତବ୍ୟ ଉଚିତ ।

ସନାତନଙ୍କ ପ୍ରଶ୍ନ ମନରେ । ମହାପ୍ରଭୁଙ୍କର ଉତ୍ତର ଭାଷାରେ ।

"ବୀଭତ୍ସ ବୋଲି କରୁଛ ଯେଉଁ ଦେହେ ଜ୍ଞାନ,
ସେହି ଦେହ ଲାଗେ ମୋତେ ଅମୃତ ସମାନ ।

Source: Author, Digitized by PPRACHIN, SOA

ଅପ୍ରାକୃତ ଦେହ ତବ ନୁହେଁ ତ ପ୍ରାକୃତ
ତଥାପି ପ୍ରାକୃତ ବୁଦ୍ଧି କମ୍ପା ହୁଏ ଜାତ ?

ଅପ୍ରାକୃତ ହେଲେ ମଧ୍ୟ ଲୋକଚକ୍ଷୁରେ ଘୃଣ୍ୟ, ବ୍ୟାଧିମୁକ୍ତ ନ ହେବା ଯାଏଁ । ମନେ ମନେ ବିଚାର କରୁଛନ୍ତି ହରିଦାସ ।

ଅନ୍ତର୍ଯାମୀ ମହାପ୍ରଭୁଙ୍କ ମୁଖରେ ଫୁଟି ଉଠିଲା ରହସ୍ୟପୂର୍ଣ୍ଣ ହସ ।

"......ଶୁଣ ହରିଦାସ ସନାତନ,
ତୁମ୍ଭ ବିଷୟକ ତତ୍ତ୍ୱେ ବଳଛି ମୋ ମନ ।
ଲାଳକ ମୁଁ, ତୁମ୍ଭଠାରେ ମୋର ଲାଲ୍ୟଜ୍ଞାନ,
ହୁଏ ନିଜଠାରେ ମୋର ଅମାନ୍ୟ ସମ୍ମାନ ।
ବାଳକ ଅମେଧ୍ୟ ଯଥା ମାତା ଦେହେ ଲାଗି,
ଘୃଣା ପରିବର୍ତ୍ତେ ସିନା ହୁଏ ସୁଖଭାଗୀ ।
ଲାଲ୍ୟାମେଧ୍ୟ ଲାଳକଙ୍କ ଚନ୍ଦନ ସମାନ
ସନାତନ କ୍ଲେଦେ ଘୃଣା ନାହିଁ ମୋ ସାମାନ୍ୟ ।

× × ×

ବୈଷ୍ଣବର ଦେହ କେବେ ନୁହଁଇ ପ୍ରାକୃତ ।
ଅଟଇ ସଦା ଚିଦାନନ୍ଦମୟ ସେ ପ୍ରକୃତ ।।
ଦୀକ୍ଷାକାଳେ ଭକ୍ତ କରେ ଆତ୍ମସମର୍ପଣ ।
ସେକାଳେ କରନ୍ତି କୃଷ୍ଣ ତାରେ ଆତ୍ମସମ ।
କରନ୍ତି ସେ ଦେହ ସଦା ଚିଦାନନ୍ଦମୟ
ସେହି ଦେହ କରେ ସେବେ ପାଦପଦ୍ମ ଲୟ ।

× × ×

ସନାତନ ଦେହେ ପ୍ରଭୁ କଣ୍ଡୁ ଉପୁଜାଇ,
ପଠିଆଇ ଦେଲେ ମୋତେ ପରଖିବା ପାଇଁ,
ଘୃଣାରେ ମୁଁ ଆଲିଙ୍ଗନ କରିଥିଲେ ମନା,
କୃଷ୍ଣ ଅପରାଧେ ଦଣ୍ଡ ପାଇଥାନ୍ତି ସିନା ।
ପାରିଷଦ ଦେହ ଏହୁ ନ ହୁଏ ଦୁର୍ଗନ୍ଧ,
ପାଇଲି ପ୍ରଥମ ଦିନେ ଚତୁଃସମ ଗନ୍ଧ ।
......ସନାତନ ନ କର ହେ ଦୁଃଖ ।
ତୋହ ଆଲିଙ୍ଗନେ ମୁହିଁ ପାଏ କୋଟି ସୁଖ ।।" (ଚୈ: ଚ:)

କହିବା ସଙ୍ଗେ ସଙ୍ଗେ ଶ୍ରୀ ଗୌରାଙ୍ଗଙ୍କ ଅଙ୍ଗରେ ସନାତନଙ୍କର ଅଙ୍ଗ ନିବଦ୍ଧ ଆଲିଙ୍ଗନରେ ଜଡିତ । ହରିଦାସ ଚାହିଁଛନ୍ତି ବିସ୍ଫାରିତ ନେତ୍ରରେ—

ଏତେ କହି ପୁନଃ ପ୍ରଭୁ କଲେ ଆଲିଙ୍ଗନ
କଣ୍ଡୁ ନାଶେ ହେଲା ଅଙ୍ଗ ସୁବର୍ଣ୍ଣ ଉପମ । (ଚୈ: ଚ:)

Source: Author, Digitized by PPRACHIN, SOA

ହରିଦାସଙ୍କର ଆନନ୍ଦର ସୀମା ନାହିଁ । ମାଧୁର୍ଯ୍ୟଘନମୂର୍ତ୍ତି ପ୍ରେମପୁରୁଷୋତ୍ତମଙ୍କର ଆଜି ଏ କି ଐଶ୍ୱର୍ଯ୍ୟ ପ୍ରକାଶ ! ସୂର୍ଯ୍ୟର କିରଣ କରପଲ୍ଲବସ୍ପର୍ଶରେ କିବା କି ନୁହେଁ ।

ଆଶ୍ଳେଷ ନୁହେଁ—ସେ ଏକ ବିଶଲ୍ୟକରଣୀ ବନସ୍ପତିର ପ୍ରଲେପ, ଆରୋଗ୍ୟ-କାରୀ ମହୌଷଧି ।

ସନାତନଙ୍କର କଣ୍ଡୁମୟ ଅଙ୍ଗରେ ଫୁଟି ଉଠିଲା ଦିବ୍ୟ କନକ କାନ୍ତି । ସ୍ନିଗ୍ଧ, ଶୁଦ୍ଧ, ବ୍ୟାଧିମୁକ୍ତ, ନିର୍ମଳ ଅବୟବ କନକକାନ୍ତିଆଙ୍କର କମନୀୟ କରସ୍ପର୍ଶରେ ।

ମହାପ୍ରଭୁଙ୍କର ବାକ୍ୟ ସାର୍ଥକ । ଭକ୍ତର ଅଙ୍ଗ ଚିନ୍ମୟ । କାର୍ଯ୍ୟତଃ ପ୍ରମାଣିତ ହେଲା ମହାପ୍ରଭୁଙ୍କ କୃପାଶକ୍ତିର ପରିଚୟ ମିଳିବା ସଙ୍ଗେ ସଙ୍ଗେ । ମହାପ୍ରଭୁଙ୍କ ଉକ୍ତିର ମୂର୍ତ୍ତି ଅଭିବ୍ୟକ୍ତି ଯେପରି ସନାତନଙ୍କର ଦିବ୍ୟ ଅଙ୍ଗରେ !

ହରିଦାସ କେବଳ ଏକ ଉଚ୍ଛ୍ୱାସ । ହରିଦାସ ଆତ୍ମହରା । ସନାତନଙ୍କ ସନ୍ନିଧିରେ । ନିର୍ନିମେଷ ନେତ୍ରରେ ପ୍ରତ୍ୟକ୍ଷ କରୁଛନ୍ତି ସମ୍ମୁଖସ୍ଥ ସନାତନଙ୍କୁ । ଆପଣାର ଅଣାୟତ୍ତରେ ସନାତନଙ୍କୁ ବକ୍ଷରେ ଧାରଣ କରି ହରିଦାସ ଆନନ୍ଦରେ ବିହ୍ୱଳ । ମହାପ୍ରଭୁ ପ୍ରସ୍ଥାନ କରିଛନ୍ତି ।

ହରିଦାସ ସନାତନେ କରି ଆଲିଙ୍ଗନ,
କହେ 'ତୋ ଅସୀମ ଭାଗ୍ୟ ନହୁଏ କଥନ ।
ଦେହ ତବ କହେ ପ୍ରଭୁ ମୋ ଅସୀମ ଧନ,
ତୋହ ସମ ଭାଗ୍ୟବାନ୍ ନାହିଁ ଅନ୍ୟ ଜନ ।"

ଯୋଗ୍ୟର ଯୋଗ୍ୟ ଉତ୍ତର ଦେଲେ ଭାଗ୍ୟବାନ୍ ସନାତନ—

"...ତୁମ୍ଭ ସମ କେବା ଅଛି ଆନ,
ମହାପ୍ରଭୁଗଣ ମଧ୍ୟେ ମହାଭାଗ୍ୟବାନ ।
ନାମ ପ୍ରଚାର ହିଁ ଏହି ଅବତାର କାର୍ଯ୍ୟ,
ସମ୍ପନ୍ନ ହେବାର ଥିଲା ତୁମ୍ଭଦ୍ୱାରା ଧାର୍ଯ୍ୟ ।

× × ×

କେହିବା ଆଚରି ନିଜେ ନ କରେ ପ୍ରଚାର ।
କେ ପ୍ରଚାର କରେ ନାମ ନ କରି ଆଚାର ।
ଆଚାର ପ୍ରଚାର ତୁମ୍ଭେ କର ଦୁଇ କାର୍ଯ୍ୟ । (ଚୈ: ଚ:)

× × ×

ପରସ୍ପର ପ୍ରତି ପରସ୍ପରର ପ୍ରଶସ୍ତି ଯଥାର୍ଥ । ମାତ୍ର କେହି କାହାରି ଉକ୍ତିକୁ ମାନ୍ୟତା ଦେବାକୁ ପ୍ରସ୍ତୁତ ନୁହନ୍ତି । ଉଭୟେ ତେଣୁ ଅଭିମାନ-ଅରିନ୍ଦମ ଗୌର-ସୁନ୍ଦରଙ୍କର ମହିମାକୀର୍ତ୍ତନ ଆରମ୍ଭ କରି ଦେଲେ ଆନନ୍ଦରେ ଉନ୍ମତ୍ତ ହୋଇ ।

Source: Author, Digitized by PPRACHIN, SOA

ଭଜ ଗୌରାଙ୍ଗ କହ ଗୌରାଙ୍ଗ ଲହ ଗୌରାଙ୍ଗ ନାମରେ
ଯେ ଜନ ଗୌରାଙ୍ଗ ଭଜେ ସେ ମୋହର ପ୍ରାଣରେ ।

* * *

ସମସ୍ତେ ବୃନ୍ଦାବନରେ । ପ୍ରଭୁଙ୍କର ନିର୍ଦ୍ଦେଶ । ଆଜି ସନାତନ ନାହାନ୍ତି । ରୂପ ମଧ୍ୟ ଚାଲିଯାଇଛନ୍ତି । ହରିଦାସ ବିଷଣ୍ଣ । ସଂବାଦ ମିଳିଲା ନୀଳାଚଳରେ ରଘୁନାଥ । ମନେ ପଡ଼ିଗଲା ହରିଦାସଙ୍କ ସାଧନାର ଉଷାକାଳୀନ ଗୋଟିଏ କାହାଣୀ । ଚାନ୍ଦପୁରରେ ଅବସ୍ଥାନକାଳୀନ କାହାଣୀ । ନାଚିଗଲା ମୁହୂର୍ତ୍ତକେ ହିରଣ୍ୟ ଗୋବର୍ଦ୍ଧନଙ୍କର ବାଳକପୁତ୍ର ରଘୁନାଥର ସରଳ କମନୀୟ ମୂର୍ତ୍ତି ।

ଏକଦା ତର୍କ-ସତର୍କ ହରିଦାସଙ୍କ ମୁଖନିଃସୃତ ନାମମହିମାର ସାର୍ଥକ ଆଖ୍ୟାନ ଶୁଣୁଥିଲେ ସେ । ସେହି ଅଗଣିତ ଜନସମାଗମ ମଧ୍ୟରେ, ହରିଦାସଙ୍କର ଅନତିଦୂରରେ, ଅତି ନିବିଷ୍ଟ ଚିତ୍ତରେ ପଞ୍ଚଦଶବର୍ଷୀୟ ଜଣେ କୋମଳମତି କିଶୋର । ଆବାଲ୍ୟଶାସ୍ତ୍ରାଧ୍ୟୟନ-ତତ୍ପର ସେହି ତରୁଣ ଅକସ୍ମାତ୍ ଦୃଷ୍ଟିପଥାରୂଢ଼ ହେଲେ ସତ୍ପାତ୍ରାନ୍ୱେଷୀ ହରିଦାସଙ୍କର ।

ହରିଦାସଙ୍କର ଦୃଷ୍ଟିପଥାରୂଢ଼ ଜଣେ ସାମାନ୍ୟ ଗ୍ରାମ୍ୟ ବାଳକ । ନିଜକୁ ନିଷ୍କିଞ୍ଚନ ଜ୍ଞାନ କରି ଘନ ଜନସମାଗମର ଅନ୍ତରାଳରେ ଆତ୍ମଗୋପନର ପ୍ରଚେଷ୍ଟା ବୃଥା ହେଲା କିଶୋର ରଘୁନାଥଙ୍କର ।

ସେ ଯେ ହରିଦାସଙ୍କର ଦୃଷ୍ଟି । ନାମମାର୍ଜିତ ଚିତ୍ତଦର୍ପଣରୁ ପ୍ରତିଫଳିତ ସୂର୍ଯ୍ୟରଶ୍ମି ତୁଲ୍ୟ, ତୀବ୍ର ତୀକ୍ଷ୍ଣ ବୈଷ୍ଣବର କୃପାଦୃଷ୍ଟି । ସେ ଦୃଷ୍ଟିର ରୁଜୁତାରେ ହିଁ ଛିନ୍ନହୋଇଯାଏ ସଂସାରର ମାୟାନିବନ୍ଧନନିବଦ୍ଧ ରଜ୍ଜୁ ।

ହରିଦାସଙ୍କର କୃପା ଦୃଷ୍ଟି । ସେ ଦୃଷ୍ଟି ତପସ୍ୱୀର ଦୃଷ୍ଟି । ମାନବମନମନ୍ଥନକାରୀ ମଦନର ଭସ ଉପାଦାନରେ ଗଢ଼ିହୁଏ ଅଭିନବ ଅପରୂପ ରୂପ ।

ତୀବ୍ର ହେଲେ ହେଁ ସେ ଦୃଷ୍ଟି ଆକର୍ଷକ । ବିଷୟବାସନାରୂପୀ ପତଙ୍ଗର ବିନାଶ ସାଧନ କରି ଭକ୍ତିରସରେ ରସାଣିତ ସ୍ୱଚ୍ଛସ୍ୱର୍ଣ୍ଣସମ ମନକୁ ଉଦ୍ଦୀପ୍ତ କରେ ସେ ଦୃଷ୍ଟିର ତେଜପୁଞ୍ଜ ।

ତୀକ୍ଷ୍ଣ ହେଲେ ହେଁ ସେ ଦୃଷ୍ଟି କରୁଣା-ପେଲବ । ସେ ଦୃଷ୍ଟିପାତ ମାତ୍ରେ କିଶୋର ରଘୁନାଥଙ୍କର ହୃଦୟ ବିଗଳିତ । ହରିଦାସଙ୍କ ଅଯାଚିତ କୃପାକଟାକ୍ଷରେ ତରୁଣ ପ୍ରାଣ ତାଙ୍କର ଉଷାର ଅରୁଣ ଆଲୋକରେ ଉଦ୍ଭାସିତ ହୋଇଗଲା ସେଦିନ । **ତଦବଧି ରଘୁ**ନାଥଙ୍କର ଦୈନନ୍ଦିନ ଅବଶ୍ୟ-କର୍ତ୍ତବ୍ୟ ହୋଇଗଲା ହରିଦାସଙ୍କର ଦର୍ଶନ ଓ ଚରଣ ବନ୍ଦନ ।

ହରିଦାସ ଚାଲିଗଲେ । କେବଳ ସଭାସ୍ଥଳରୁ ବିଦାୟ ନେଇ ନୁହେଁ, ଚାନ୍ଦପୁର ପରିତ୍ୟାଗ କରି ସୁଦୂର କେଉଁ ନିର୍ଜନ ଭଜନ ସ୍ଥାନ ସନ୍ଧାନରେ ।

ଆଉ ରଘୁନାଥ ?

Source: Author, Digitized by PPRACHIN, SOA

ସଙ୍ଗେ ସଙ୍ଗେ ସଂସାରର ନିବିଡ଼ ନିଗଡ଼ ଛିନ୍ନ ହୋଇଗଲା ରଘୁନାଥଙ୍କ ମାନସ କ୍ଷେତ୍ରରେ । ରଘୁନାଥ ଅସ୍ଥିର । କେଉଁ ଏକ ଅସମାଧିତ ଅବାଧ ଧ୍ୱନିର ଆକର୍ଷଣ ବାତୁଳ କରି ଦେଇଛି ରଘୁନାଥଙ୍କୁ । ପିତା, ପିତୃବ୍ୟ, ମାତା, ମାତୁଳ, ଗୃହ ପରିବାରର ମାୟା-ମମତାର ମୋହିନୀ ଶକ୍ତି, କାହାରି ସାଧ ନାହିଁ ରଘୁନାଥଙ୍କୁ ଆବଦ୍ଧ କରି ରଖିବ । ରଘୁନାଥ ମୁକ୍ତ, ସ୍ୱଚ୍ଛନ୍ଦ । ନୂତନ ଛନ୍ଦରେ ଛନ୍ଦାୟିତ ତାଙ୍କର ହୃଦୟ କନ୍ଦର ।

ରଘୁନାଥ କ'ଣ ସତେ ଗୃହତ୍ୟାଗକରି ପ୍ରବ୍ରଜ୍ୟା ବରଣ କରିନେବେ ? ଗୋବର୍ଦ୍ଧନଙ୍କର ଏକମାତ୍ର ପୁତ୍ର । ହିରଣ୍ୟ ଗୋବର୍ଦ୍ଧନ ଦୁଇଭାଇଙ୍କର ଏକମାତ୍ର ଉତ୍ତରାଧିକାରୀ ରଘୁନାଥ ସତେ ସନ୍ନ୍ୟାସୀ ହୋଇ ଚାଲିଯିବେ ?

ହରିଦାସ ନାହାନ୍ତି ରଘୁନାଥଙ୍କ ନିକଟରେ । କିନ୍ତୁ ତାଙ୍କର ଅମିୟନିନ୍ଦୀ ବଚନମାଧୁରୀର ସ୍ପନ୍ଦନ ମୁହୁର୍ମୁହୁ ଉଚ୍ଚାଟ କରୁଛି କୋମଳମତି କିଶୋରର ଚିତ୍ତ । ସେ ଅସ୍ଥିର, ଅଥୟ । ଗୃହର ପରିବେଷ୍ଟନୀ ବନ୍ଦିଶାଳାର ଲୌହ ବେଷ୍ଟନୀ ସମ ରୁଦ୍ଧଶ୍ୱାସ କରିଦେଉଛି ରଘୁନାଥଙ୍କୁ । ସେ ଚାହାନ୍ତି ମୁକ୍ତି ସଂସାରବନ୍ଧନରୁ । ସେ ଚାହାନ୍ତି ପ୍ରକାଶ, ଅନ୍ଧକୂପରୁ ଉଦ୍ଧାର ପାଇଁ ।

ଗୋବର୍ଦ୍ଧନଙ୍କର ଆଶଙ୍କା ସତ୍ୟହେଲା । ସନ୍ନ୍ୟାସ ଗ୍ରହଣ ପରେ ମହାପ୍ରଭୁ ରାମକେଳି ପ୍ରତ୍ୟାବର୍ତ୍ତନ ପଥରେ ଶାନ୍ତିପୁର ଅଦ୍ୱୈତାଳୟରେ ଅବସ୍ଥାନ ବାର୍ତ୍ତା କର୍ଣ୍ଣରେ ପ୍ରବେଶ କଲା ରଘୁନାଥଙ୍କର । ରଘୁନାଥ ଉଚ୍ଛନ୍ନ । ପିତା ଓ ଜ୍ୟେଷ୍ଠତାତ ଉଭୟ ଅନୁଭବ କଲେ ରଘୁନାଥଙ୍କୁ ତାଙ୍କର ସ୍ୱାଭାବିକ ଆତ୍ମଧର୍ମରୁ ନିବୃତ୍ତ କରିବା ଦୁଃସାଧ୍ୟ । ବିଚକ୍ଷଣ ଦୁଇ ଭ୍ରାତା ହିରଣ୍ୟ ଓ ଗୋବର୍ଦ୍ଧନ । ରଘୁନାଥଙ୍କର ଲାଳସୀ ମନର ଚାଞ୍ଚଲ୍ୟ ଓ ବ୍ୟାକୁଳତା ଉପଲବ୍ଧି କଲେ ଉଭୟେ । ପୁତ୍ରକୁ ଶାନ୍ତିପୁର ପ୍ରେରଣର ଆୟୋଜନ ହେଲା ସଙ୍ଗେ ସଙ୍ଗେ । ପ୍ରଚ୍ଛନ୍ନ ପ୍ରହରୀର ପଶ୍ଚାତ୍ ଅନୁସରଣ ବ୍ୟବସ୍ଥା ମଧ୍ୟ ହେଲା ।

ସେ କି ନୈସର୍ଗିକ ସୌଭାଗ୍ୟ ରଘୁନାଥଙ୍କର ! ଭୂଲୁଣ୍ଠିତ ଅବନତ ରଘୁନାଥଙ୍କର ଶିରୋପରି ଗୌରସୁନ୍ଦରଙ୍କର ରାତୁଳ ଚରଣର ଅତୁଳ ସ୍ପର୍ଶ । ପୁଣି ପ୍ରଣତ ରଘୁନାଥଙ୍କୁ ଭୂ-ବକ୍ଷରୁ ଉତ୍ତୋଳନ କରି ବକ୍ଷରେ ଧାରଣ କରୁଛନ୍ତି ନିଜେ ଅଦ୍ୱୟ ବ୍ରହ୍ମ ଶ୍ରୀକୃଷ୍ଣଚୈତନ୍ୟ । ଉଭୟଙ୍କ ନୟନଧାରାରେ ଉଭୟେ ଅଭିସିଞ୍ଚିତ—ଭକ୍ତ ଓ ଭଗବାନ—ଭିନ୍ନ ଓ ଅଭିନ୍ନ ଭାବରେ ।

ପ୍ରତ୍ୟହ ପ୍ରଭୁଦର୍ଶନ ଓ ଭୁକ୍ତଅବଶେଷ ଭୋଜନର ସୌଭାଗ୍ୟ ଲାଭହେଲା ମାତ୍ର କେତୋଟି ଦିନ ପାଇଁ ରଘୁନାଥଙ୍କ ଜୀବନରେ ।

ତା' ପରେ ଆସିଲା ଅକଳନୀୟ ଦୁଃଖ ଓ ସନ୍ତାପର କାଳ । ମାତ୍ର ଚାରି ପାଞ୍ଚ ଦିନ ପରେ ଗୌରସୁନ୍ଦର ବିଦାୟ ଦେଲେ ରଘୁନାଥଙ୍କୁ । ପିତୃଉପମ ଶ୍ରୀଅଦ୍ୱୈତ ମଧ୍ୟ । ଅକପଟ ସ୍ନେହରୁ ବଞ୍ଚିତ କରି ସେ ମଧ୍ୟ ଉପଦେଶ ଦେଲେ ତଦ୍ରୂପ । ରଘୁନାଥ ଅଗତ୍ୟା ଗୃହ ପ୍ରତ୍ୟାବର୍ତ୍ତନ କଲେ ସତ୍ୟ, କିନ୍ତୁ ବିଚ୍ଛେଦବିରହରେ କାତର ହୋଇ ଅହରହ ଅଶ୍ରୁବର୍ଷଣ କରିବାରେ ଲାଗିଲେ । ଏହି ନୟନର ଜଳହିଁ ହେଲା ରଘୁନାଥଙ୍କର ଏକମାତ୍ର ସମ୍ବଳ । ମରମର ବେଦନା ମରମକୁ ହିଁ ନିବେଦନ କରି ସେ ସତତ ମର୍ମାହତ ।

Source: Author, Digitized by PPRACHIN, SOA

ମରମ କହିବ   ସଜନୀ କାହାରେ
ଫିଟାଇ ମରମ କହ,
ଉଠୁଁ ବସୁଁ ମୁହିଁ   ଯେଉଁ ଆଗେ ଚାହେଁ
ଦେଖଇ ଗଉରମୟ
ହୃଦ ସରୋବରେ   ପ୍ରବେଶି ଗଉର
ରହିଲେ ସବୁ ଭରି,
ଲକ୍ଷେ ଚକ୍ଷୁବିନା   ଲକ୍ଷ କି କରିବ
ଦୁଇଟି ନୟନ ଧରି ।
ଜାଗିଲେ ଗଉର   ଶୋଇଲେ ଗଉର
ସବୁଠି ଦେଖଇଁ ଗୌର
ଭୋଜନେ ଗଉର   ଗମନେ ଗଉର
ଏ କି ହେଲା ସଖି ମୋର ।
ଆକାଶକୁ ଚାହିଁ   ଦେଖଇ ଗଉର
ଗଉର ଦିଶନ୍ତି ସଦା
ନରହରି କହେ   ଗଉର ଚରଣ
ହୃଦୟେ ରହିଲା ବନ୍ଧା ।

ପିତା ମାତାଙ୍କ ଚରଣରେ ଅତ୍ୟନ୍ତ ବ୍ୟାକୁଳ ହୋଇ ଜଣାଇଲେ ରଘୁନାଥ । ଗୌର ବିରହରେ ପ୍ରାଣ ଧାରଣ ଅସମ୍ଭବ । ଗୌରଚରଣାଶ୍ରୟହିଁ ଜୀବନର ଏକମାତ୍ର କାମ୍ୟ । ତେଣୁ ଗୃହତ୍ୟାଗ ନିମନ୍ତେ ସଦୟ ଅନୁମତି ହିଁ ଅନନ୍ୟପ୍ରାର୍ଥନା ପିତାଠାରେ ପୁତ୍ରର ।

ବଜ୍ରକଠୋର ଏ ପ୍ରସ୍ତାବରେ ଜ୍ୟେଷ୍ଠତାତ ହିରଣ୍ୟ ଓ ପିତା ଗୋବର୍ଦ୍ଧନ ବିପନ୍ନ, ଶଙ୍କିତ । ଏକମାତ୍ର ପୁତ୍ରର ଏ ପ୍ରାର୍ଥନା ଉଭୟଙ୍କ ପକ୍ଷରେ ସୃଷ୍ଟି କଲା ଅଲଙ୍ଘ୍ୟ ସଙ୍କଟ । ପୁତ୍ରର ବିରହ ଯନ୍ତ୍ରଣା ଅପେକ୍ଷା ପ୍ରାଣାଧିକ ପ୍ରିୟ ସନ୍ତାନର ପ୍ରାର୍ଥନା ପ୍ରତ୍ୟାଖ୍ୟାନ ଅଳ୍ପ ଦୁଃଖଦ ନୁହେଁ ।

ତଥାପି ସମ୍ଭବ ହେଲା ନାହିଁ ପୁତ୍ରର ଅନୁରୋଧ ରକ୍ଷା । ଏଣେ ଗୌର ପ୍ରେମର ଆକର୍ଷଣ ମଧ୍ୟ ଅସମ୍ଭବ କଲା ରଘୁନାଥଙ୍କର ଅଧିକ କ୍ଷଣ ଗୃହଜଞ୍ଜାଳ ମଧ୍ୟରେ କାଳାତିପାତ କରିବା । ପଳାୟନହିଁ ଏକମାତ୍ର ଅବଲମ୍ବନ । ସ୍ଥିର କଲେ ରଘୁନାଥ ।

ନିଃଶବ୍ଦ ରଜନୀ । ଅନ୍ଧାର ଭେଦକରି ଭୟହୀନ ଏବଂ ଉଦ୍ଧାମାନ ଯୁବକ ନିର୍ଭୀକ ପଦକ୍ଷେପ ନେଇଛନ୍ତି ନିର୍ଜ୍ଜନ ଅରଣ୍ୟ ମାର୍ଗରେ ।

ଅର୍ଦ୍ଧପଥରେ ଜାଗ୍ରତ ପ୍ରହରୀମାନଙ୍କର ନିଶାର୍ଦ୍ଧ ସତର୍କତା ବାଧାଦେଲା ସର୍ବ-ପ୍ରଥମ ଉଦ୍ୟମକୁ । କିନ୍ତୁ ସେ ଜାଗୃତି କ୍ଷାନ୍ତକରି ପାରି ନ ଥିଲା ରଘୁନାଥଙ୍କୁ ବାରମ୍ବାର ଉଦ୍ୟମରୁ । ସମସ୍ତ ବାଧା ସତ୍ତ୍ୱ ଆଗ୍ରହ ଅକ୍ଷୁଣ୍ଣ ରହିଲା ।

ବାରମ୍ବାର ପଳାନ୍ତି ସେ ନୀଳାଦ୍ରି ପଥରେ
ପିତା ପଥେଁ ବାନ୍ଧିଆଣି ରଖୁଥାନ୍ତି ଘରେ ।   (ଚୈଃ ଚଃ)

Source: Author, Digitized by PPRACHIN, SOA

ପୁତ୍ରର ଉନ୍ମାଦ ଅବସ୍ଥା । ବନ୍ଧନ ବଧେୟ । ଉପଦେଶ ଦେଲେ ଗୋବର୍ଦ୍ଧନଙ୍କର ବନ୍ଧୁବର୍ଗ । କିନ୍ତୁ ଇନ୍ଦ୍ରର ଐଶ୍ୱର୍ଯ୍ୟତୁଲ୍ୟ ସମ୍ପଦ, ଅପ୍‌ସରାସମ ନାରୀର ନିର୍ମଳ ପ୍ରୀତି ଯାହାକୁ ବାନ୍ଧି ରଖିବାକୁ ଅକ୍ଷମ, କେଉଁ ଦୃଢ଼ ନିବଡ଼ତର ବନ୍ଧନର ଉଦ୍‌ଭାବନ ସମର୍ଥ ହେବ ସେହି ଅସାଧ୍ୟ ସାଧନରେ ?

"ନଦୀୟା ଜୀବନ ଗୋରା ଶାନ୍ତିପୁର ଆସିଛନ୍ତି ।" ସମ୍ବାଦ ଶୁଣିଲେ ରଘୁନାଥ । ଗୌରବିରହଯାତନା ଶତଗୁଣେ ବର୍ଦ୍ଧିତ ହେଲା ରଘୁନାଥଙ୍କର । ବାରମ୍ବାର ନିବେଦନ କଲେ ପିତୃ ସମୀପରେ—

"ଆଜ୍ଞା ଦିଅ ଦେଖେଁ ଯାଇଁ ପ୍ରଭୁଙ୍କ ଚରଣ
ଅନ୍ୟଥା ନ ରହେ ଦେହେ ମୋର ଏ ଜୀବନ ।"

ଗୌରହରିଙ୍କ ପୁନରାୟ ବିଜୟ ଶାନ୍ତିପୁରରେ । ଶାନ୍ତିପୁର ପଥ ସୁଗମ । ମାତ୍ର ପିତାଙ୍କର ଅନୁମତି ବିନା ସକଳ ଭଗବାନ୍ ଶ୍ରୀ ଗୌରାଙ୍ଗଙ୍କର ଦର୍ଶନ ଆଶା ପରାହତ । ଅଶ୍ରୁଳ ନୟନରେ ହୃଦୟବିଦାରକ ସ୍ୱରରେ ପ୍ରାର୍ଥନା କଲେ ରଘୁନାଥ, ପିତା ଓ ପିତୃବ୍ୟଙ୍କ ନିକଟରେ ।

ରଘୁନାଥଙ୍କର ଆନନ୍ଦର ସୀମା ନାହିଁ । ପୁତ୍ରର ପ୍ରାର୍ଥନା ବିବେଚନା କଲେ ପିତା ଓ ପିତୃବ୍ୟଙ୍କ ସତର୍କତା ଅବଲମ୍ବନ କରି ।

ଶାନ୍ତିପୁର ପଥରେ ପ୍ରଧାବିତ ରଘୁନାଥ । ଚତୁର୍ଦ୍ଦିଗରୁ ଜନ ପ୍ରବାହର ଧାରା ମଧ୍ୟ ଅବ୍ୟାହତ । ଖରସ୍ରୋତା ନଦୀର ପ୍ଲାବନ କୃପା ପାରାବାର ଅଭିମୁଖରେ । ଜୟ ଗୌରାଙ୍ଗ ଧ୍ୱନିରେ ଝଙ୍କୃତ ଦଶଦିଗନ୍ତ । ସ୍ୱରରେ ସ୍ୱର ମିଶାଇ ଧାଇଁଛନ୍ତି ପ୍ରାଣନାଥଙ୍କ ସହ ମିଳନ ପାଇଁ ।

"ଏତେ ଦିନେ କୃପା ହେଲା ?"

ଏହି ବାକ୍ୟରେ ରଘୁନାଥଙ୍କର ସମସ୍ତ ନିବେଦନ ବର୍ଷ ବର୍ଷ ଧରି ଆକୁଳ ପ୍ରାର୍ଥନା ଯେପରି ସଂପୁଟିତ । ଗୌରଚରଣରେ ଲୋଟି ହୋଇ ପଡ଼ିଲେ ରଘୁନାଥ । ଅନ୍ତର୍ଯ୍ୟାମୀ ଶ୍ରୀ ଗୌରାଙ୍ଗ ବାତ୍ସଲ୍ୟମମତାରେ ରଘୁନାଥଙ୍କୁ ସ୍ଥାନ ଦେଲେ ବକ୍ଷ-ଦେଶରେ ।

ରଘୁନାଥଙ୍କର ଦୁଇଟି ପ୍ରାର୍ଥନା ଗୌର ଚରଣରେ । ପ୍ରାର୍ଥନା ଏକ, ମାତ୍ର ଦୁଇଟି ପର୍ଯ୍ୟାୟ । ପ୍ରଥମରେ ପ୍ରହରୀମାନଙ୍କ ନିର୍ଯ୍ୟାତନାରୁ ଉଦ୍ଧାର । ଦ୍ୱିତୀୟରେ ଗୌରାଙ୍ଗ ସଙ୍ଗସୁଖରୁ ଅବିଚ୍ୟୁତ ।

ଅବିଦିତ ନ ଥିଲା ରଘୁନାଥଙ୍କର ଅଭିପ୍ରାୟ ସର୍ବଜ୍ଞ ଗୌରାଙ୍ଗଙ୍କ ନିକଟରେ । ତଥାପି ପରିସ୍ଥିତିର ତାଡ଼ନାରେ ଆଦେଶ ଦେଲେ—

Source: Author, Digitized by PPRACHIN, SOA

'ସ୍ଥିର ହୁଅ ରଘୁନାଥ ହେଲ କି ବାତୁଳ ହେ,
କ୍ରମେ କ୍ରମେ ପାଏ ଜୀବ ଭବସିନ୍ଧୁ କୂଳ ହେ ।
ଗୁଡ଼ ଲୋକଦେଖାଣିଆ ମର୍କଟ ବୈରାଗ୍ୟ ହେ,
ଅନାସକ୍ତେ ବିଷୟରେ ଭୁଞ୍ଜ ଯଥାଯୋଗ୍ୟ ହେ ।

ମହାପ୍ରଭୁ କେବଳ ଏତିକି ମାତ୍ର କହି ରଘୁନାଥଙ୍କୁ ଗୃହାଭିମୁଖୀ ହେବାକୁ ଆଦେଶ କରି ନ ଥିଲେ । ଅଧିକ ଦୁଃସାଧ୍ୟ ସାଧନ ନିମନ୍ତେ ନିଗୂଢ଼ ନିର୍ଦ୍ଦେଶ ଥିଲା ମହାପ୍ରଭୁଙ୍କର ।

ଅନ୍ତର୍ନିଷ୍ଠା କର, ବାହ୍ୟେ ଲୋକବ୍ୟବହାର ହେ,
ଅଚିରତେ କୃଷ୍ଣ ତୋତେ କରିବେ ଉଦ୍ଧାର ହେ ।

ଗୌରିବିରହଆଶଙ୍କାଜନିତ ବିଷାଦର ଘନ ଅନ୍ଧକାର ମଧ୍ୟରେ ଆଲୋକ ରଶ୍ମିର ଚମକ ସୃଷ୍ଟି କଲା ରଘୁନାଥଙ୍କ ମନରେ । କି ଆନନ୍ଦ !

"କୃଷ୍ଣ ଉଦ୍ଧାର କରିବେ ।" ଏହି ବାକ୍ୟରେ ହିଁ ରଘୁନାଥଙ୍କର ବାସନା ପରିପୂର୍ତ୍ତିର ଆଶ୍ୱାସନା ପରିପୂର୍ଣ୍ଣ । ପୂର୍ଣ୍ଣି ଅବଲମ୍ବେ ସେ ବାସନା ପୂର୍ଣ୍ଣ ହେବାର ପ୍ରତିଶ୍ରୁତି । ମନେ ହେଲା ରଘୁନାଥଙ୍କ ଛଳରେ ମହାପ୍ରଭୁଙ୍କର ସତତ ଯେପରି ଏହା ଜଗଜ୍ଜନଙ୍କ ପ୍ରତି ଉପଦେଶ । ଅନାସକ୍ତ ଭାବରେ ବିଷୟଭୋଗ ଦୋଷାବହ ନୁହେଁ । ବାହ୍ୟିକ ବିଧିବିଧାନ ବ୍ୟତିରେକେ କେବଳ ଅନ୍ତର୍ନିଷ୍ଠା ଦ୍ୱାରା ହିଁ ଅବଲମ୍ବେ କୃଷ୍ଣ କୃପା ପ୍ରାପ୍ତ ହୁଏ ।

ରଘୁନାଥ ଫେରିଗଲେ ଗୃହସ୍ଥାଶ୍ରମକୁ । ପିତାମାତା ପତ୍ନୀ ଗହଣରେ କାଳାତିପାତ କଲେ ସତ୍ୟ, ମାତ୍ର ସତତ ଉଦାସୀନ ଏହି ନିର୍ଲିପ୍ତ ପୁରୁଷ ଗୌରଗତପ୍ରାଣ ହୋଇ ଜୀବନମାତ୍ର ଧାରଣ କରି ରହିଲେ । ଗୌରଚରଣପ୍ରାପ୍ତି କାମନା କରି କୃଷ୍ଣମନ୍ତ୍ର ପୁରଶ୍ଚରଣ ହିଁ ହେଲା ସାଧ ଓ ସାଧନା । ଅଦ୍ୱୈତାଚାର୍ଯ୍ୟଙ୍କ ଶିଷ୍ୟ ଆଚାର୍ଯ୍ୟ ଯଦୁନନ୍ଦନ ହିଁ ଶିଷ୍ୟ ରଘୁନାଥଙ୍କର ହେଲେ ପୁଣ୍ୟ କାର୍ଯ୍ୟରେ ସହାୟକ ।

ଶୟନେ ସ୍ୱପନେ ଜାଗରଣେ କେବଳ 'ଗୌର' 'ଗୌର' 'ଗୌର' । ରଘୁନାଥଙ୍କର ଅନ୍ୟ ଚିନ୍ତା ନାହିଁ ।

ଶୟନେ ଗଉର ସ୍ୱପନେ ଗଉର
ଗଉର ନୟନ ତାରା,
ଜୀବନେ ଗଉର ମରଣେ ଗଉର
ଗଉର ଗଳାର ମାଳା ।
କହ ସେ ଗଉର କଥା ସରବଦା
କହ ସେ ଗଉର କଥା,
ଗଉରାଙ୍ଗ ନାମ କି ଅମିୟ ଧାମ
ପିରୀତି ମୂରତି ଦାତା ।
ଗଉର ବଦନେ ବଞ୍ଚିବ କେମନେ
ଗଉର କରିଛି ସାର,

ଗଉର ବୋଲ ମୋ ଏ ଜନମ ବନ୍ଧୁ
ନାହିଁ କଣ୍ଟୁ ଗୃହିଁବାର,
ଗଉର ଭକତ ଗଉର ମୁକତ
ଗଉର ବେଦର ସାର ।
ସାଧ ହେ ଗଉର ଭଜ ହେ ଗଉର
ଗଉର କରିବେ ପାର,
ଗଉର ଗମନ ଗଉର ଗଠନ
ଗଉର ଶ୍ରୀମୁଖେ ହସ
ଗଉର ବଚନ ଅମିୟସିଞ୍ଚନ
ମରମ କରିଲା ବଶ ।
ଗଉର ଶବଦ ଗଉର ସଂପଦ
ଯାହାର ହୃଦୟେ ଜାଗେ,
ନରହରି ଦାସ ଅନୁଗତ ତାର
ଚରଣେ ଶରଣ ମାଗେ । (ମହାଜନପଦ)

ଅହର୍ନିଶ ଗୌର-ଗୁଣ-କୀର୍ତ୍ତନ ଗୌର-ନାମ-ସ୍ମରଣ ଅବ୍ୟାହତ, ସଂସାରର ସର୍ବକାର୍ଯ୍ୟ କରି ମଧ୍ୟ ।

ସର୍ବ କର୍ମାଣ୍ୟପି ସଦା କୁର୍ବାଣୋ ମଦ୍‌ବ୍ୟପାଶ୍ରୟଃ
ମତ୍ ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ । (ଗୀତା)

ଭଗବାନ୍ ଶ୍ରୀକୃଷ୍ଣ ଅର୍ଜ୍ଜୁନକୁ ଶୁଣାଇଥିଲେ ଦ୍ୱାପରରେ—

ମୋତେ ଆଶ୍ରାକରି ଯେ ସର୍ବ କର୍ମ ସଦା ସମ୍ପାଦେ
ଲଭଇ ଶାଶ୍ୱତ ଅବ୍ୟୟ ପଦ ମୋ ପରସାଦେ ।। (ଗୀତା)

କିନ୍ତୁ ଗୌରରାଜ୍ୟରେ ଯେପରି ବିପରୀତ ପର୍ଯ୍ୟାୟରେ ଭୋଗ । ପ୍ରଥମରେ ମହାପ୍ରଭୁଙ୍କର ପ୍ରସାଦ । ଅବ୍ୟୟ ଶାଶ୍ୱତ ପଦପ୍ରାପ୍ତି ରଘୁନାଥଙ୍କର । ତାଙ୍କରି ଆଶ୍ରାରେ ପରିଶେଷରେ ସମସ୍ତ ସଂସାର କର୍ମ ସମ୍ପାଦନ ଉଦାସୀନ ଭାବରେ ଆସୀନ ହୋଇ ।

ଭିତରେ ବୈରାଗ୍ୟ ସର୍ବ କରମ ବାହାରେ
ପିତାମାତା ଦେଖୁଥାନ୍ତି ମନ ଆନନ୍ଦରେ । (ଚୈ: ଚ:)

ନିଜେ ଗୌରଲୀଳା ସ୍ମରଣ କରିବା ସଙ୍ଗେ ସଙ୍ଗେ ପିତାମାତାଙ୍କୁ ମଧ୍ୟ ଚୈତନ୍ୟଚରିତାମୃତରେ ଆପ୍ୟାୟିତ କରୁଥାନ୍ତି ରଘୁନାଥ । ମୁଗ୍‌ଧ ହୋଇ ଶୁଣୁଥାନ୍ତି ହିରଣ୍ୟ ଓ ଗୋବର୍ଦ୍ଧନ, ପିତା ଓ ପିତୃବ୍ୟ ।

ବଡ଼ ଦେଉଳର ବଡ଼ ତତ୍ତ୍ୱାବଧାରକ ରାଜା ପ୍ରତାପରୁଦ୍ରଙ୍କ ସଭାପଣ୍ଡିତ ବାସୁଦେବ ସାର୍ବଭୌମ । ସୁପ୍ରସିଦ୍ଧ ନୈୟାୟିକ ଓ ସନ୍ନ୍ୟାସୀମାନଙ୍କର ପ୍ରଧାନ ଅଧ୍ୟାପକ । ବେଦାନ୍ତବାଦୀ, ତର୍କଶାସ୍ତ୍ର ବିଶାରଦ, ଜଡ଼ ଲୌହ ପିଣ୍ଡବତ୍ ଏବଂ ଅହିଂସ୍ୟ ଅଦ୍ୱୈତ-

Source: Author, Digitized by PPRACHIN, SOA

ମତାବଲମ୍ବୀ ପଣ୍ଡିତ ମହାପ୍ରଭୁଙ୍କର କୃପାମଣ୍ଡିତ ହୋଇ ଏବେ ଭକ୍ତାଗ୍ରଗଣ୍ୟ । ମହାପ୍ରଭୁଙ୍କର ଷଡ଼ଭୁଜ ଦର୍ଶନ କରିଛନ୍ତି ଏବଂ ସୌଭାଗ୍ୟବାନ୍ ସାର୍ବଭୌମ ଭଟ୍ଟାଚାର୍ଯ୍ୟ । ପ୍ରମାଣିତ ହେଲା, ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ନରତନ ମୂର୍ତ୍ତି ଧରି ଶ୍ରୀକୃଷ୍ଣଚୈତନ୍ୟ ରୂପେ ସାକ୍ଷାତ୍ ଅବତୀର୍ଣ୍ଣ ।

ସାର୍ବଭୌମଙ୍କ ସହ ମହାପ୍ରଭୁଙ୍କର ମିଳନ ଓ ନବଜୀବନ ଲାଭ ପରେ ସେଦିନ ଅନ୍ୟ ଏକ ସୁଦିନରେ ଅପୂର୍ବ ମିଳନ ଘଟିଲା ଗୋଦାବରୀ ତୀରରେ, ଅନର୍ଗଳ ରସବେତ୍ତା, ମହାଭାଗବତ ଭକ୍ତ-ପ୍ରଧାନ ରାୟ ରାମାନନ୍ଦଙ୍କ ସହ, ଦାକ୍ଷିଣାତ୍ୟ ଭ୍ରମଣକାଳରେ । ଉତ୍କଳର ସ୍ୱାଧୀନ ନରପତି, ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଗଜାଧିରାଜ ପ୍ରତାପୀ ପ୍ରତାପରୁଦ୍ରଙ୍କର ପ୍ରଧାନ ସେନାପତି ରାମାନନ୍ଦ ରାୟ । ସେ ମିଳନ ମିଳନ ନୁହେଁ । ବୈଷ୍ଣବ ଜଗତର ଚକ୍ଷୁରୁନ୍ମୀଳନ ସେ । ସମଗ୍ର ଅଧ୍ୟାତ୍ମ ଦର୍ଶନର ନବ ଦର୍ଶନେନ୍ଦ୍ରପୁର ପ୍ରକାଶନ । 'ଅଚିନ୍ତ୍ୟ ଭେଦାଭେଦ' ତତ୍ତ୍ୱର ସମୁଦ୍‌ଘାଟନ ଘଟିଲା ଏହି ମିଳନ ଫଳରେ ।

ସେ ମିଳନରେ କେବଳ ମିଳନର ରସାସ୍ୱାଦନ ନୁହେଁ; ନିତ୍ୟ ମିଳନରେ ନିତ୍ୟ ବିରହ, ଏ ଦୁଇ ରସର ଉପଭୋଗ ଏକକାଳୀନ । ମିଳା ଅମିଳା ରସର ଖେଳା, ବିଳାସବିବର୍ତ୍ତ ଲୀଳାର ପ୍ରକାଶ, ସ୍ୱର୍ଣ୍ଣପଞ୍ଚାଳିକାବୃତ ବିପରୀତଭାବେ ଅବସ୍ଥିତ ରାଇକାହ୍ନୁ ଏକାକୃତି ଦେଖି ସେଦିନ ରାମାନନ୍ଦରାୟ ହେଲେ ମୂର୍ଚ୍ଛିତ । ପ୍ରସିଦ୍ଧ ହେଲା ଗୌରାଙ୍ଗ ହିଁ ରାଧାକୃଷ୍ଣ ମିଳିତ ତନୁ । ବ୍ରଜର ଅପୂର୍ଣ୍ଣ ସାଧ ମେଣ୍ଟିନର ଉତ୍କଣ୍ଠାରେ ଶ୍ରୀକୃଷ୍ଣଙ୍କର ଶ୍ରୀକୃଷ୍ଣଚୈତନ୍ୟ ନାମପରିଗ୍ରହ ।

ସେ କି ଅପୂର୍ବ ଲୀଳା ! ଦାକ୍ଷିଣାତ୍ୟ ଭ୍ରମଣ କାଳରେ ମାଧୁର୍ଯ୍ୟ ପୁରୁଷୋତ୍ତମ ଶ୍ରୀ ଚୈତନ୍ୟଙ୍କର ସେ କି ଅଲୌକିକ ଐଶ୍ୱର୍ଯ୍ୟ ପ୍ରକାଶ ! ସ୍ପର୍ଶମଣି ସ୍ପର୍ଶରେ ଲୌହର କାଞ୍ଚନ ପରିଣତି ପ୍ରମାଣିତ । ମାତ୍ର ସ୍ୱର୍ଣମଣି ଶ୍ରୀ ଗୌରାଙ୍ଗଙ୍କ ସ୍ପର୍ଶରେ ଶତ ଶତ ଜୀବ ଧାତୁ ନିର୍ବିଶେଷରେ ଆଜି ସ୍ପର୍ଶମଣିରେ ପରିଣତ । ମହାପ୍ରଭୁଙ୍କର ଶକ୍ତି ସଞ୍ଚାର ଫଳରେ ବହୁ କୃପାସିଦ୍ଧ ପୁରୁଷ ଏବେ ଦାକ୍ଷିଣାତ୍ୟରେ ପ୍ରେମଧନ ବିତରଣତତ୍‌ପର । ଜୀବ ପ୍ରତି ଦୟା ଓ ଭଗବାନଙ୍କଠାରେ ପ୍ରେମତତ୍ତ୍ୱ ପ୍ରକଟରେ ବହୁ ଲୌହକଠିନ ହୃଦୟ ବିଗଳିତ ହେବାର ସମ୍ବାଦ ରଘୁନାଥଙ୍କୁ ଅପାର ଆନନ୍ଦ ଦେଇଛି । 'ଭୁକାରାମ' ସଦୃଶ ବହୁ ଭକ୍ତ-ଫଳସମୃଦ୍ଧ ଭକ୍ତରୂପୀ ମହା ମହା ଦାରୁ ଆରୋପଣ କେବଳ କରି ନାହାନ୍ତି, 'ବାରମୁଖୀ' ବେଶ୍ୟାଙ୍କୁ ପରମ ବୈଷ୍ଣବୀରୂପ ଦେଇ, 'ନାରୋଜୀ' ନାମକ ଦୁର୍ଦ୍ଧର୍ଷ ଦସ୍ୟୁର ଅନ୍ତିମକୃତ୍ୟ ସ୍ୱହସ୍ତରେ ସମ୍ପନ୍ନ କରି, ଅସାମାନ୍ୟ ଦୈନ୍ୟ, ଦେବଦୁର୍ଲଭ ଔଦାର୍ଯ୍ୟ, ଅନୁପମ ଐଶ୍ୱର୍ଯ୍ୟ ପ୍ରକାଶ ସଙ୍ଗେ ସଙ୍ଗେ ଅକାତର କରୁଣା ପ୍ରଦର୍ଶନ କରିଛନ୍ତି ।

ପୁତ୍ରମୁଖରୁ ଗୌରଗୁଣ ବର୍ଣ୍ଣନାଶ୍ରବଣରେ ହିରଣ୍ୟ ଗୋବର୍ଦ୍ଧନଙ୍କର ଶଚୀସୁତ ଗୌରଚନ୍ଦ୍ରଙ୍କର ସ୍ୱରୂପ ସମ୍ବନ୍ଧରେ ସନ୍ଦେହ ଏବେ ଦୂରୀଭୂତ । ଗୌଡ଼ଦେଶ ଫେନ ମନ୍ଦିର ଗୃହ ପ୍ରତ୍ୟାବର୍ତ୍ତନ ପରେ ଦୁଇଭ୍ରାତାଙ୍କର ଗୌରପ୍ରୀତି ଉତ୍ତରୋତ୍ତର ବୃଦ୍ଧି ପାଇବା ସ୍ୱାଭାବିକ । ରଘୁନାଥ ପୁଣି ସମ୍ବାଦ ପାଇଲେ—

ଝାଡ଼ଖଣ୍ଡ ପଥରେ ଶ୍ରୀ ଗୌରାଙ୍ଗ ବୃନ୍ଦାବନ ଯାତ୍ରା କରିଛନ୍ତି । ଘନ ଅରଣ୍ୟ ମଧ୍ୟରେ ସିଂହ ବ୍ୟାଘ୍ରାଦି ହିଂସ୍ର ଜନ୍ତୁ ଶ୍ରୀମୁଖ ନିଃସୃତ ହରି ନାମ ଶ୍ରବଣରେ ପଶୁତ୍ୱ ପାଶୋରି ନାମ ପ୍ରେମରେ କାନ୍ଦି କାନ୍ଦି ଲୋଟି ଯାଇଛନ୍ତି—ନୃତ୍ୟ କରିଛନ୍ତି ।

Source: Author, Digitized by PPRACHIN, SOA

କିଛି ଦିନ ପରେ ପୁଣି ସମ୍ବାଦ ଆସିଲା—କୃଷ୍ଣ ପ୍ରେମରେ ଉନ୍ମତ୍ତ ଗୌରାଙ୍ଗ ବ୍ରଜବନ ପରିକ୍ରମାରତ ।

ଅବିଦିତ ରହିଲା ନାହିଁ ରଘୁନାଥଙ୍କୁ ଶ୍ରୀରୂପଙ୍କ ପ୍ରତି ମହାପ୍ରଭୁଙ୍କର ଅପାର କୃପା ପ୍ରଦର୍ଶନ ପ୍ରୟାଗରେ, ପୁଣି ପ୍ରତ୍ୟାବର୍ତ୍ତନ ପଥରେ । ସନାତନଙ୍କୁ ଅଙ୍ଗୀକାର କରି ଆତ୍ମସାତ୍ କରିବାର ସଂବାଦ ଅଥୟ କରିଛି ରଘୁନାଥଙ୍କୁ । ଆନନ୍ଦରେ ଆତ୍ମହରା ହୋଇଛନ୍ତି ସେ, କାଶୀବାସୀ ଦଶସହସ୍ର ସନ୍ନ୍ୟାସୀ ସଙ୍ଘ ପ୍ରଧାନାଚାର୍ଯ୍ୟ ପ୍ରବୋଧାନନ୍ଦ ସରସ୍ୱତୀଙ୍କୁ ପଥ ପ୍ରାନ୍ତରେ ଆଶ୍ରୟ ପ୍ରଦାନ କରିବା ସଂବାଦରେ ।

ତା' ପରେ ?

ତା' ପରେ ରଘୁନାଥଙ୍କ ଜୀବନରେ ସେ ଏକ ପରମ ସୌଭାଗ୍ୟର ଦିନ । ଅପ୍ରତ୍ୟାଶିତ ଭାବରେ ଆଗତ ।

ଆନନ୍ଦର ସୀମା ରହିଲା ନାହିଁ ସେଦିନ, ଯେବେ ସମ୍ବାଦ ଆସିଲା ଅଭିନ୍ନ ଚୈତନ୍ୟ ଚନ୍ଦ୍ର, ଗୌର ବଶୀକରଣ ମନ୍ତ୍ର, ପରମ କାରୁଣିକ, ପତିତପାବନ, ଦୀନବନ୍ଧୁ, ନିତ୍ୟାନନ୍ଦ ଚନ୍ଦ୍ର ଉଦିତ ହୋଇଛନ୍ତି ପାଣିହାଟୀ ଗ୍ରାମରେ । ଶ୍ରୀ ଗୌରାଙ୍ଗଙ୍କ ଆଦେଶରେ । ଉଦ୍ଦେଶ୍ୟ, ନାମ ପ୍ରେମ ବିତରଣ । ଗୌରାଙ୍ଗଙ୍କର ଆଜ୍ଞା—ଯେତେ ପାପୀ ତଥା ନିନ୍ଦକ ପାଷାଣ୍ଡୀ, ଯେ ଯେଉଁ ଭାବେ ଥାଉ ପଛକେ କେହି ଯେପରି ନାମ ଚିନ୍ତାମଣି ଲାଭରୁ ବଞ୍ଚିତ ନ ହୁଏ !

ରଘୁନାଥ ନିତାଇ ଦର୍ଶନ ପାଇଁ ଅସ୍ଥିର, ଅସମ୍ଭାଳ । ନିତ୍ୟାନନ୍ଦ ମହିମା ଅଗୋଚର ନ ଥିଲା ରଘୁନାଥଙ୍କୁ । ମହାପ୍ରଭୁଙ୍କର ଶ୍ରୀମୁଖ ନିସୃତ ବାଣୀ—

"ମୁଖେ ହେଲେ ବୋଲେ ମୁଁ ଯେ ନିତ୍ୟାନନ୍ଦ ଦାସରେ,
ନିଶ୍ଚୟ ଦେଖିବ ମୋର ସ୍ୱରୂପ ପ୍ରକାଶରେ ।
ସଂସାରରୁ ହୋଇ ପାର ଭକତି-ସାଗରେ ରେ,
ବୁଡ଼ିବ ଯେ ଭଜେ ସେ ମୋ ନିତାଇ-ନାଗରେ ରେ ।"

ମହାପ୍ରଭୁ ପୁଣି ନିର୍ଭର ବାଣୀ ଶୁଣାଇଛନ୍ତି—

"ଯେଉଁ ଗୋପୀ ପ୍ରେମ ଲିପିବଦ୍ଧ ଭାଗବତେ
ଏକା ନିତ୍ୟାନନ୍ଦଠାରୁ ପାଇବେ ଜଗତେ ।"

ନିଜେ ଶ୍ରୀ ଗୌରାଙ୍ଗ ସ୍ୱୀକାର କରିଛନ୍ତି ଶ୍ରୀମୁଖରେ—

"ନିତାଇ ସ୍ୱରୂପେ ପ୍ରୀତି କରେ ଯେ ଅନ୍ତରେ
ସତ୍ୟ ସତ୍ୟ ପ୍ରୀତି ତାର ସଦା ମୋହଠାରେ ।"

ସୁତରାଂ ନିତ୍ୟାନନ୍ଦ ଦର୍ଶନରେ ଉଭୟ ଗୌରନିତ୍ୟାନନ୍ଦଙ୍କର ଦର୍ଶନ ଲାଭ ସ୍ୱତଃସିଦ୍ଧ । ରଘୁନାଥ ଆନନ୍ଦରେ ଉଲ୍ଲସିତ ।

ଜନଶ୍ରୁତି ହେଲା, ନିତ୍ୟାନନ୍ଦଙ୍କର କୀର୍ତ୍ତନ ନର୍ତ୍ତନ କାଳରେ ଶ୍ରୀ ଗୌରାଙ୍ଗଙ୍କର ଆବିର୍ଭାବ ସାକ୍ଷାତ୍ । ତେଣୁ ପାଣିହାଟୀ ଯାତ୍ରା ଅପରିହାର୍ଯ୍ୟ ରଘୁନାଥଙ୍କ ପକ୍ଷରେ । ମନେ ପଡ଼ିଲା ଗୃହ ପ୍ରତ୍ୟାବର୍ତ୍ତନ ଦୁଃଖରେ ବିଷର୍ଣ୍ଣ ରଘୁନାଥଙ୍କୁ ମହାପ୍ରଭୁଙ୍କର ଆଶ୍ୱାସନା ବାକ୍ୟ—

Source: Author, Digitized by PPRACHIN, SOA

ବୃନ୍ଦାବନ ଦର୍ଶନରୁ ଫେରି ନୀଳାଚଳେ
ଆସିଲେ ଆସିବ ପାଶେ ମୋର କେଉଁ ଛଳେ । (ଚୈ : ଚ:)

ସୂଚନାଂ ନିତ୍ୟାନନ୍ଦ ଦର୍ଶନବ୍ୟାଜରେ ମହାପ୍ରଭୁଙ୍କର ଚରଣ ଆଶ୍ରୟ ସୁନିଶ୍ଚିତ । ଆଉ କୃଷ୍ଣ ମନ୍ତ୍ର ପୁରଶ୍ଚରଣର ପ୍ରୟୋଜନ ନାହିଁ । ବିଧିବିଧାନର ଅପେକ୍ଷା ନାହିଁ । ସ୍ଥାନ କାଳ ପାତ୍ରର ବିଚାର ନାହିଁ । ମହା ପରାକ୍ରମଶାଳୀ ନିତ୍ୟାନନ୍ଦଙ୍କର କୃପାଶକ୍ତି ଗୌରପ୍ରାପ୍ତି ନିମନ୍ତେ ଅବ୍ୟର୍ଥ, ଅମୋଘ । ସେ କି ଶକ୍ତି ନିତ୍ୟାନନ୍ଦ କୃପାର । ସେ ଶକ୍ତି ସଞ୍ଚାର ହୁଏ ନାମ ଦ୍ୱାରା । ସେ ଶକ୍ତି ସଞ୍ଚାରିତ ହେଲେ ଅସାଧ୍ୟ ସାଧନ ସମ୍ଭବ ହୁଏ ।

କି ଶୟନେ କି ଭୋଜନେ କିବା ପର୍ଯ୍ୟଟନେ,
କ୍ଷଣେକ ନ ଯାଏ ନିଷ୍ଫଳ ସଙ୍କୀର୍ତ୍ତନ ବିନେ ।

× × ×

ଯହିଁ କରୁଛନ୍ତି ନୃତ୍ୟ କୃଷ୍ଣ ସଙ୍କୀର୍ତ୍ତନ,
ତହିଁ ବିହ୍ୱଳିତ ଗୃହୀ ଶତ ଶତ ଜନ ।

× × ×

ଗୃହସ୍ଥ ଶିଶୁ ସକଳ କିଛି ହିଁ ନ ଜାଣି,
ମହା ମହା ବୃକ୍ଷ ଧରି ରଖୁଛନ୍ତି ଟାଣି ।
ମୁହିଁରେ ଗୋପାଳ ବୋଲି ହୁ ହୁ କାର ଗୁଡ଼ି,
ଧାଇଁ ବୁଲୁଛନ୍ତି ବୃକ୍ଷ ସମୂଳେ ଉପାଡ଼ି ।
ଏମନ୍ତ ସାମର୍ଥ୍ୟ ଏହି ଶିଶୁଏ ଧରନ୍ତି,
ଶତ ଶତ ଜନ ମିଳି ଧରି ନପାରନ୍ତି । (ଚୈ: ଭାଗବତ:)

ଯେଉଁ ଗୋପୀ ପ୍ରେମ ନରଲୋକେ ଦୁର୍ଲଭ, ସେହି ଗୋପୀପ୍ରେମ ଆଚଣ୍ଡାଳେ ବିତରଣ କରୁଛନ୍ତି ଶ୍ରୀ ନିତ୍ୟାନନ୍ଦ ଚନ୍ଦ୍ର ।

ଯେ ଦିଗେ ଗୃହାନ୍ତି ନିତ୍ୟାନନ୍ଦ ମହାଶୟ,
ସେହି ଦିଗ ହୁଏ ମହା ପ୍ରେମ ବୃଷ୍ଟିମୟ ।

× × ×

ଯାହାକୁ ଗୃହାନ୍ତି ପ୍ରେମେ, ମୂର୍ଚ୍ଛାରେ ସେ ପଡ଼ି,
ଅସମ୍ଭାଳ ବସ୍ତ୍ର, ଭୂମି ପରେ ଯାଏ ଗଡ଼ି ।
ଦରଶନ ମାତ୍ରେ ସର୍ବ ଜୀବ ମୁକ୍ତ ହୋଇ,
ରସମୟ ନିତ୍ୟାନନ୍ଦ ନାମ ତନୁ ଦୁଇ । (ଚୈ: ଭା:)

ଅବଧୂତ ନିତ୍ୟାନନ୍ଦ । ପତିତର ବନ୍ଧୁ । ଆପଣାପରଭେଦଶୂନ୍ୟ । ନଶିଦିନ ଗୌରଭାବରେ ବିଭୋର । ଗୋରା ରସେ ଗର ଗର । ଆଚଣ୍ଡାଳେ କୋଳ କରି ବିହ୍ୱଳ । ଅଦୋଷଦର୍ଶୀ, ଅପାର କରୁଣାର ସିନ୍ଧୁ ନିତ୍ୟାନନ୍ଦ ରାମ ।

Source: Author, Digitized by PPRACHIN, SOA

"ଗୌର ବୋଲ୍, ଗୌର ବୋଲ୍ ! ମୁଁ ବିନା ମୂଲ୍ୟ ବିକ ହେବି !" ଘୋଷଣା କରୁଛନ୍ତି ନିତ୍ୟାନନ୍ଦ । "ତୋର ସବୁ ପାପର ଭାଗ ମୋର । ଥରେ ମାତ୍ର ଗୌର କହ—ଗୌର କହ !" କାତର କଣ୍ଠ । ଦନ୍ତରେ ତୃଣ । ଗଳବାସ । ନିତ୍ୟାନନ୍ଦଙ୍କର ସେ କି କରୁଣ ନିବେଦନ !

ସୁରଧୂନୀ ତୀରେ ଅଛି ଯେତେ ଦେଶ ଗ୍ରାମରେ
ସର୍ବତ୍ର ବିହରେ ମୋର ନିତ୍ୟାନନ୍ଦ ରାମ ରେ ।

ସେ ଏକ ଅପୂର୍ବ ଅପରୂପ ମୂର୍ତ୍ତି । ସେ ରୂପ ଭାସି ଆସୁଛି ରଘୁନାଥଙ୍କର କଳ୍ପଲୋକରେ ।

ପଥେ ଯାଉଁ ଯାଉଁ ନିତ୍ୟାନନ୍ଦ ମହାଶୟ
ସର୍ବ ପାରିଷଦେ କରୁଛନ୍ତି ପ୍ରେମମୟ ।

ପ୍ରଥମରେ ବୈଷ୍ଣବାଗ୍ରଗଣ୍ୟ ଶ୍ରୀ ରାମ ଦାସ । ରାମଦାସ ହଠାତ୍ ତ୍ରିଭଙ୍ଗ ଭଙ୍ଗିରେ ଉଭା । ବାହ୍ୟଜ୍ଞାନଶୂନ୍ୟ । ଗୋଟିଏ ଦୁଇଟି ନୁହେଁ, ତିନି ତିନି ପ୍ରହର ଯାବତ୍ ଉଭା ହୋଇଛନ୍ତି ତ୍ରିଭଙ୍ଗ ଭଙ୍ଗିରେ । ରାମଦାସଙ୍କ ଶରୀରରେ ବାଳ ଗୋପାଳଙ୍କ ପ୍ରକାଶ । କୃଷ୍ଣଦାସ, ପରମେଶ୍ୱର ଦାସ ମଧ୍ୟ ଗୋପାଳ ଭାବରେ ହଇଗୋଳ କରୁଛନ୍ତି ।

ଏଣେ ଗଦାଧର ରାଧା ଭାବରେ ବିଭୋର । ହଠାତ୍ ଅଟ୍ଟହାସ କରି କହୁଛନ୍ତି— "ଦଧି କିଏ ନେବ, ଦଧି ?" ପ୍ରେମର ଉଦଧିରେ ସତେ ଯେପରି କେତେବେଳେ ନିମଜ୍ଜନ କେତେବେଳେ ବା ଭାସମାନ ।

ନିତ୍ୟାନନ୍ଦଙ୍କ ଗହଣରେ ଅଛନ୍ତି ମହାମତ୍ତ ବୈଦ୍ୟ ରଘୁନାଥ ଉପାଧ୍ୟାୟ । ମାତ୍ର ଭାବାବେଶରେ ସେ ହୋଇଛନ୍ତି ସାକ୍ଷାତ୍ ମୂର୍ତ୍ତିମନ୍ତ ରେବତୀ ।

ନିତାଇ ନାଗର   ରସର ସାଗର
ସକଳ ରସର ଗୁରୁ
ଯେ ଯାହା ଚାହେଁ   ସେ ତାହା ପାଏ
ବାଞ୍ଛା କଳ୍ପତରୁ ।

ସେ ଦିନ ପାର୍ଷଦମାନଙ୍କ ମଧ୍ୟରୁ ପୁରନ୍ଦର ପଣ୍ଡିତ ବୃକ୍ଷାରୋହଣ କରିଛନ୍ତି । ହଠାତ୍ ଲମ୍ଫ ପ୍ରଦାନ କରି କହିଲେ—"ମୁଁ ଅଙ୍ଗଦ" ରଘୁନାଥ ସ୍ତମ୍ଭିତ ନିତ୍ୟାନନ୍ଦ ମହିମା ଶ୍ରବଣ କରି ।

ଏହିମତେ ନିତ୍ୟାନନ୍ଦ ଶ୍ରୀ ଅନନ୍ତ ଧାମ
ଦେଲେ ସମସ୍ତଙ୍କୁ ଭାବ ପରମ ଉଦ୍ଦାମ ।   (ଚୈ: ଭା:)

ଆଉ ଦିନକର କଥା । ଭାଗ୍ୟବାନ୍ ରାଘବ ପଣ୍ଡିତଙ୍କ ଘରେ ଅବଧୂତ ନିତ୍ୟାନନ୍ଦ । ପାଣିହାଟିରେ ଅଯାଚିତ ପ୍ରେମଦାନ ଲୀଳାର ଶୁଭାଧିବାସ । ଅଲୌକିକ, ଅକଳ୍ପନୀୟ, ସାବଲୀଳ । ସେ କି ଅଭିନବ ଅଭିଷେକ ! ଜମ୍ବୀର ବୃକ୍ଷରେ ହଠାତ୍ ବିଚିତ୍ର କଦମ୍ବ ପୁଷ୍ପ ପ୍ରସ୍ଫୁଟିତ ହୋଇ ଉଠିଛି ।

Source: Author, Digitized by PPRACHIN, SOA

ରଘୁନାଥ କଳ୍ପନାଚକ୍ଷୁରେ ଦେଖୁଛନ୍ତି । କର୍ଣ୍ଣଗୋଚର ହୋଇଛି ଏ ସମସ୍ତ ସମ୍ବାଦ । ଉଭୟେ ବିସ୍ମୟ ପ୍ରକାଶ କରୁଛନ୍ତି । ପିତା ଓ ପିତୃବ୍ୟ । ଅଭିନ୍ନ-ଚୈତନ୍ୟ ତନୁ ନିତ୍ୟାନନ୍ଦଙ୍କ ପ୍ରତି ରଘୁନାଥଙ୍କର ଆକର୍ଷଣ ମଧ୍ୟ ଲକ୍ଷ୍ୟ କରୁଛନ୍ତି ।

ପାଣିହାଟୀ ଯିବାପାଇଁ ପିତାପିତୃବ୍ୟଙ୍କ ଅନୁମତି ପ୍ରାପ୍ତିର କୌଣସି ବାଧା ବା ବିଳମ୍ବ ଘଟି ନାହିଁ ରଘୁନାଥଙ୍କର । ଆଜ୍ଞାମାତ୍ରେ କାଳକ୍ଷେପ ନ କରି ତତ୍କ୍ଷଣାତ୍ ଆରମ୍ଭ ହେଲା ପାଣିହାଟୀ ଅଭିମୁଖେ ଯାତ୍ରା ।

ପାଣିହାଟୀ ଗ୍ରାମ । ସପ୍ତଗ୍ରାମର ଅନ୍ତଃପାତୀ । ହିରଣ୍ୟ ଗୋବର୍ଦ୍ଧନଙ୍କର ଶାସନାଧୀନ ।

ଗ୍ରାମର ମଧ୍ୟସ୍ଥଳରେ ବିରାଟ ଏକ ବଟବୃକ୍ଷ ଗଙ୍ଗା କୂଳରେ ଅବସ୍ଥିତ ।

ବଟ ନୁହେ କଳ୍ପବଟ ! ବାଞ୍ଛାକଳ୍ପତରୁ ନିତାଇଚାନ୍ଦଙ୍କ କୃପାଶକ୍ତିରେ ଶକ୍ତିମାନ୍ । ଚାରିଶହ ବର୍ଷପରେ ଆଜି ମଧ୍ୟ ଦେଖି ମହାପ୍ରଭୁ ଅଦ୍ୟୋପଦର୍ଶୀ, ଅଭିମାନଶୂନ୍ୟ ନିତ୍ୟାନନ୍ଦ ଚରିତର ସାକ୍ଷୀ ଦିଏ । ବୃକ୍ଷର ସୁଦୂରପ୍ରସାରୀ ଛତ୍ରୋପମ ଘନପତ୍ରପଲ୍ଲବ ପରିଶୋଭିତ ଶାଖା ପ୍ରଶାଖା ତଥା ପ୍ରଲମ୍ବ ଉପମୂଳ ଆଦି ସତ୍ତ୍ୱେ ଯେପରି ସଦା ସର୍ବଦା ଅଯାଚିତ ସ୍ୱର୍ଗୀୟ ଆଶିଷ ବର୍ଷଣରେ ତତ୍ପର ।

ବଟବୃକ୍ଷର ଛାୟାଶୀତଳ ଗୋଟିଏ ନାତିଉଚ୍ଚ ପୀଠୋପରି ସୁଖାସନରେ ସମାସୀନ ପ୍ରଭୁ ନିତ୍ୟାନନ୍ଦ । ରଘୁନାଥ ଚମତ୍କୃତ ହୋଇ ଚାହିଁ ରହିଛନ୍ତି—

ଗଙ୍ଗାତୀରେ ବୃକ୍ଷମୂଳେ ଆସି ପିଣ୍ଡାପରେ,
ବସିଛନ୍ତି ପ୍ରଭୁ ଯେହ୍ନ ରଶ୍ମି କ ବତରେ । (ଚୈ: ଚ:)

ବହୁ ଭକ୍ତ । କିଏ ଭୂତଳେ, କିଏ ଅବା ପିଣ୍ଡାପରେ ଉପବିଷ୍ଟ । ପରିବେଷ୍ଟିତ ଚତୁଃପାର୍ଶ୍ୱରେ । 'ପ୍ରଭୁଙ୍କ ପ୍ରଭାବେ ରଘୁନାଥ ଆଚମ୍ବିତ ।'

ରଘୁନାଥ ସାଷ୍ଟାଙ୍ଗ ପ୍ରଣାମ କରୁଛନ୍ତି ପ୍ରଭୁ ନିତ୍ୟାନନ୍ଦଙ୍କ ଉଦ୍ଦେଶରେ । ବହୁ ଦୂରରୁ । ଦୈନ୍ୟ ବଶତଃ । "ସେଠି ଯେ ଦଣ୍ଡବତ କରୁଛି ପ୍ରଭୁ, ସେହି ରଘୁନାଥ" ! କିଏ ଜଣେ ଦୃଷ୍ଟି ଆକର୍ଷଣ କରୁଛି ନିତ୍ୟାନନ୍ଦଙ୍କର ।

ଏ କି ବିଚିତ୍ର ଲୀଳା ରଙ୍ଗିଆ ନିତ୍ୟାନନ୍ଦଙ୍କର । ଭାଷା ନାହିଁ, ସଂଭାଷା ନାହିଁ, ହଠାତ୍ ଆସନରୁ ଉଠି ଧାଇଁ ଯାଉଛନ୍ତି । ବହୁପୂର୍ବ ପରିଚିତ ବନ୍ଧୁ ଦର୍ଶନରେ ବ୍ୟସ୍ତବ୍ୟସ୍ତ ହେଲାପରି ନବାଗତ ଅପରିଚିତ ରଘୁନାଥଙ୍କ ଉଦ୍ଦେଶରେ । ଭକ୍ତଗଣ ବିସ୍ମିତ । ପ୍ରଭୁ ହଠାତ୍ ରଘୁନାଥଙ୍କ ନତମସ୍ତକୋପରି କମଳଚରଣ ଅର୍ପଣ କରୁଛନ୍ତି । ସଙ୍ଗେ ସଙ୍ଗେ ରଘୁନାଥଙ୍କର ଅବଶ ଅଙ୍ଗକୁ ଅଙ୍ଗୀକାର କରୁଛନ୍ତି ନିଜ ବକ୍ଷରେ ସ୍ଥାନ ଦେଇ ।

"ଚୋର, ଏତେ ଦିନେ ଦେଖା ଦେଲୁ ?"

ଏ କି ବିଚିତ୍ର ସମ୍ବୋଧନ, ନିତ୍ୟାନନ୍ଦ ପ୍ରଭୁଙ୍କର ! ଉପସ୍ଥିତ ଭକ୍ତଗଣ ତଟସ୍ଥ !

"ଆଜି ନିକଟରେ ପାଇଛି । ଚୋରର ଉଚିତ ଦଣ୍ଡ ଦେବି ।" ପୁଣି କହୁଛନ୍ତି ନିତ୍ୟାନନ୍ଦ ।

Source: Author, Digitized by PPRACHIN, SOA

ରଘୁନାଥ ନିରୁତ୍ତର । ଏହି ନିରୁତ୍ତରଠାରୁହିଁ ମୁଣ୍ଡ ପାତି ଦଣ୍ଡାଦେଶ ଗ୍ରହଣ କରି ନେବାର ସ୍ୱୀକୃତି ।

ଦଣ୍ଡ ନୁହେଁ, ବିଳାସୀ ନିତ୍ୟାନନ୍ଦଙ୍କର ସେ ଏକ ଅବିସ୍ମରଣୀୟ ଲୀଳାବିଳାସ । କୃପାର ବିଳାସ, କୃପାଦଣ୍ଡ ।

ଅପ୍ରାକୃତ ପ୍ରେମର ରାଜ୍ୟରେ ଦଣ୍ଡ ହିଁ ବିଳାସ । ଦଣ୍ଡ ହିଁ କୃପା । ଦଣ୍ଡରେହିଁ ଭୋଗ ।

ପୁଣ୍ଡରୀକ ବିଦ୍ୟାନିଧିଙ୍କର ଜଗନ୍ନାଥ ସେବକଙ୍କ ପ୍ରତି କଟାକ୍ଷ । ଶାସ୍ତି ସ୍ୱୟଂ ଜଗନ୍ନାଥ ବଳରାମଙ୍କ କରକମଳରୁ ଚପେଟାଘାତ । ସବୁ କୃପା ଦଣ୍ଡ । ମାତ୍ର ନିତ୍ୟାନନ୍ଦଙ୍କର ଦଣ୍ଡ କୃପାଦଣ୍ଡ ନୁହେଁ—କୃପା ବିଳାସ ।

ଦଣ୍ଡ ହେଲା—'ଦଧିଚୂଡ଼ା ଭଲ କରି ଖୁଆଅ ମୋ ଗଣେ' ! ଦହିଦୁଧ, ଚୂଡ଼ା, ଗୁଡ଼ କଦଳୀର ଚକଟା । 'ମାଲ୍ ସା'ର ମହୋତ୍ସବ କଲେ ରଘୁନାଥ । ରଘୁନାଥଙ୍କ ପ୍ରତି ଦଣ୍ଡାଦେଶ ଏକ ଛଳ । ସେହି ଆଳରେ ବିଜେ କଲେ ସ୍ୱୟଂ ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ । ନିତ୍ୟାନନ୍ଦଙ୍କ ଧ୍ୟାନ ଓ ଆବାହନ ବଳରେ । ମହାପ୍ରଭୁ ଓ ନିତ୍ୟାନନ୍ଦଙ୍କର ଭୁକ୍ତାବଶେଷ ସେବନର ଭାଗ୍ୟ ହେଲା ରଘୁନାଥଙ୍କର । ରାଘବ ପଣ୍ଡିତଙ୍କ ଅନୁଗ୍ରହରୁ ।

ମାତ୍ର ଅପରାଧର ଅବକାଶ କାହିଁ ? କାହିଁକି ଏ ଦଣ୍ଡ ? କେଉଁ ଅଜ୍ଞାତ ଅପରାଧଜନିତ ପରମକାରୁଣିକଙ୍କର ଏ ଦଣ୍ଡାଦେଶ ? ବିସ୍ମିତ ହେଉଛନ୍ତି ରଘୁନାଥ । 'ଚୋର' ସମ୍ବୋଧନର ତାତ୍ପର୍ଯ୍ୟ କଣ ? କେଉଁ ଚୋରି ଅପରାଧର ଦଣ୍ଡ ଚୂଡ଼ା ଭୋଗ ?

କୃପାଶକ୍ତିର ଏହାହିଁ ବୈଶିଷ୍ଟ୍ୟ । ଅପରାଧର ଘୋଷଣା ଆବଶ୍ୟକ କରେ ନାହିଁ କୃପା ଦଣ୍ଡରେ । ଦଣ୍ଡିତ ବ୍ୟକ୍ତିର ହୃଦୟପଟରେ ସ୍ୱତଃ ପ୍ରତିଭାତ ହୁଏ କୃପାଦଣ୍ଡର ହେତୁ । ରଘୁନାଥଙ୍କୁ ଅବିଦିତ ରହିଲା ନାହିଁ ଆପଣା ଅପରାଧର ବିଷୟ । କାରଣ, ଅନୁମାନ ନୁହେଁ—ଅନୁଧ୍ୟାନ । ଅନୁଧ୍ୟାନ ବଳରେ ବୁଝି ପାରିଲେ ସେ ନିଜର କୃତ ଅପରାଧ ।

ବାରବାର ଦୁଇବାର ଚେଷ୍ଟା କରିଛନ୍ତି ରଘୁନାଥ ଗୌରଚରଣାଶ୍ରିତ ହେବା ଉଦ୍ଦେଶରେ । ନିତ୍ୟାନନ୍ଦଙ୍କ ଅଗୋଚରରେ । ଗୌରଚରଣ ଯେ ନିତ୍ୟାନନ୍ଦଙ୍କର ସର୍ବସ୍ୱ । ନିତ୍ୟାନନ୍ଦ ଅନୁମତି ବିନା ଏ ସମ୍ପଦ, ଏ ଧନ ପ୍ରାପ୍ତିର ଚେଷ୍ଟା ଏକ ଅସଚ୍ଚେଷ୍ଟା । ଚୌର୍ଯ୍ୟବୃତ୍ତି ।

ନିତ୍ୟାନନ୍ଦ ଆଶ୍ରୟ । ଗୌରଚନ୍ଦ୍ର ବିଷୟ । ଆଶ୍ରୟର ପ୍ରଶ୍ରୟ ବିନା ବିଷୟ ଗ୍ରହଣର ପ୍ରୟାସ ଏକ ଅପରାଧ । ସେଥିପାଇଁ ନିଜେ ମହାପ୍ରଭୁ ଦୁଇବାର ଫେରାଇ ଦେଇଛନ୍ତି ରଘୁନାଥଙ୍କୁ ଗୃହସ୍ଥାଶ୍ରମ ପାଇଁ ।

ଭକ୍ତି ସାଧନର ଏ ଏକ ବିଚିତ୍ର ବିଧାନ । ଗୌରଚରଣରେ ଭକ୍ତିହିଁ ପଞ୍ଚମ ପୁରୁଷାର୍ଥ । ପ୍ରାପ୍ତିର ପ୍ରଣାଳୀ ନିର୍ଦ୍ଦେଶିତ ହେଲା ସେଦିନ ଏହି ଦଣ୍ଡ ମାଧ୍ୟମରେ ।

ସାଧକର ସାଧ୍ୟ ନାହିଁ ମହତ୍ କୃପାବିନା ଭକ୍ତିରାଜ୍ୟରେ ନିଜ ପରାକ୍ରମରେ ପ୍ରବେଶ କରି ପାରିବ । ସର୍ବପ୍ରଥମେ ହରିଦାସଙ୍କ କୃପାଦୃଷ୍ଟି ହିଁ ରଘୁନାଥଙ୍କର ଗୌରଚରଣ–

Source: Author, Digitized by PPRACHIN, SOA

ପ୍ରଦର୍ଶକ । ପୁଣି ଅଦ୍ୱୈତାଚାର୍ଯ୍ୟଙ୍କର ସ୍ନେହ, ମୁକୁନ୍ଦଙ୍କର ଉପଦେଶ ତଥା ନିର୍ଦ୍ଦେଶ ଏବଂ ରାଘବଙ୍କର ଦୟା । ରଘୁନାଥଙ୍କ ଜୀବନରେ ସାର୍ଥକତା ଆଣିଦେଇଛନ୍ତି ଏକେ ଏକେ ପୁଣି ସମ୍ଭବରେ ।

ଭ୍ରମୁଁ ଭ୍ରମୁଁ ଯଦି ଜୀବ ସାଧୁକୃପା ପାଏ ।
ମନ୍ତ୍ର ଉପଦେଶେ ମାୟା ପିଶାଚୀ ପଳାଏ ।।
ଭ୍ରମୁଁ ଭ୍ରମୁଁ ପୁଣି କେଉଁ ଭାଗ୍ୟବାନ୍ ତରେ ।
ନଦୀର ପ୍ରବାହେ ଯଥା କାଷ୍ଠ ଲାଗେ ତୀରେ ।। (ଚୈ: ଚ:)

ଏହି ତୀର ସଂଯୋଗ ହିଁ ମହତ୍ କୃପା । ରଘୁନାଥ ସାଧାରଣ ଜୀବ ନୁହନ୍ତି । ପୂର୍ବଲୀଳାର ରସମଞ୍ଜରୀ ରଘୁନାଥ । ମାତ୍ର ଜୀବ ଶିକ୍ଷା ପାଇଁ, ଜୀବକଲ୍ୟାଣ ପାଇଁ, ଜୀବ-ଉଦ୍ଧାର ନିମନ୍ତେ, ଜୀବର କୃଷ୍ଣଭକ୍ତି ପ୍ରାପ୍ତ୍ୟର୍ଥେ ସାଧାରଣ ଆଚରଣ । ଗୌରଲୀଳା ରି-ପୋଷକତା ହିଁ ମୁଖ୍ୟ ଲକ୍ଷ ।

ଭ୍ରମୁଁ ଭ୍ରମୁଁ ପୁଣି କେଉଁ ଭାଗ୍ୟବାନ୍ ଜୀବ ।
ଗୁରୁ କୃଷ୍ଣ ପ୍ରସାଦେ ପାଏ ଭକ୍ତିଲତା ବୀଜ ।। (ଚୈ: ଚ:)

ଏହା ହିଁ ରଘୁନାଥଙ୍କ ଜୀବନାଦର୍ଶ । ଗୁରୁକୃଷ୍ଣ ପ୍ରସାଦ ହିଁ ରଘୁନାଥଙ୍କର ସୌଭାଗ୍ୟ । ଜୀବନରେ ସେଇ ସାଧନ ସେଇ ସାଧ୍ୟ । ସାଧ୍ୟ ସାଧନ ଅଭିନ୍ନ । ଶ୍ରୀ ଚୈତନ୍ୟ-ପ୍ରଦର୍ଶିତ ପଥରେ ।

ମହତ୍‌କୃପାର ରୂପ ଦ୍ୱିବିଧ । ଅନ୍ତର୍ଯ୍ୟାମୀ ରୂପେ ପ୍ରେରକ, ଗୁରୁ ରୂପେ ପ୍ରଦର୍ଶକ । ରଘୁନାଥଙ୍କ ଜୀବନ ହିଁ ତାର ଉଦାହରଣ ।

ହରିଦାସଙ୍କର କୃପା । ଯଦୁନନ୍ଦନଙ୍କର ଉପଦେଶ । ନିତ୍ୟାନନ୍ଦଙ୍କ ପ୍ରେରଣା । ନିତ୍ୟାନନ୍ଦଙ୍କ ଚରଣ ବନ୍ଦନା କରି କାତର ନିବେଦନ କରୁଛନ୍ତି ରଘୁନାଥ ।

"ତୁମ୍ଭ କୃପା ବିନା ଆନ ନାହିଁ ତ ଉପାୟେ,
ଅଧମ ହିଁ ତୋ କୃପାରେ ଶ୍ରୀ ଚୈତନ୍ୟ ପାଏ ।"

× × ×

"ଅଧମ ପାମର ମୁହିଁ ହୀନ ଜୀବାଧମ,
ଇଚ୍ଛା ମୋର, ଲଭିବି ମୁଁ ଚୈତନ୍ୟ ଚରଣ ।
ଚନ୍ଦ୍ରେ ଧରିବାକୁ ଚାନ୍ଦ ହୋଇ ମୁଁ ବାମନ,
ଅନେକ ଯତ୍ନେ ତା ସିଦ୍ଧ ନୋହେ କଦାଚନ ।

ନିତ୍ୟାନନ୍ଦଙ୍କ ମୁଖରେ ହସ । ରସିକଶିରୋମଣି ନିତ୍ୟାନନ୍ଦ । ଅନ୍ତର୍ଯ୍ୟାମୀ । ଏକଦିଗରେ ନିତ୍ୟାନନ୍ଦଙ୍କର ହସ ହସ ବଦନ । ଅନ୍ୟ ଦିଗରେ ରଘୁନାଥଙ୍କର କାତର ଉକ୍ତି । ଗୌରପ୍ରେମର ସଚଳ ମୂରତି ରଘୁନାଥ । ଦୈନ୍ୟ ଓ ଆର୍ତ୍ତିର ପ୍ରତିକୃତି ।

କରାଇଛୁ ତୁହି ଏହି ପୁଲିନ ଭୋଜନ
ମିଳିବ ତୁରିତେ ତୋତେ ଚୈତନ୍ୟ ଚରଣ ।। (ଚୈ: ଚ:)

Source: Author, Digitized by PPRACHIN, SOA

ନିତ୍ୟାନନ୍ଦଙ୍କର ଆଶୀର୍ବାଦ । ଅବ୍ୟର୍ଥ । ପରବର୍ତ୍ତୀ ଜୀବନ ରଘୁନାଥଙ୍କର ନିତ୍ୟାନନ୍ଦ ଆଶୀର୍ବାଦର ହିଁ ରୂପାନ୍ତର ।

ଫେରି ଆସିଲେ ସ୍ୱଗ୍ରାମକୁ । ହରିଦାସଙ୍କ କୃପାବଳରେ ନିତ୍ୟାନନ୍ଦଙ୍କର ଆଶୀର୍ବାଦଲାଭ । ନିତ୍ୟାନନ୍ଦ ଆଶୀର୍ବାଦ ଫଳରେ ଅଶ୍ରୁକମ୍ପମୂର୍ଚ୍ଛା । ଗୌର ଭାବରେ ସତତ ଆବିଷ୍ଟ ।

ସମ୍ବାଦ ଆସିଲା, ରୂପ ସନାତନ ପ୍ରଭୁଙ୍କ ସେବାର ଅଧିକାରୀ ହୋଇ ପ୍ରଭୁ ଆଜ୍ଞାରେ ଏବେ ବ୍ରଜବାସ କରୁଛନ୍ତି । ରଘୁନାଥଙ୍କର ଚିତ୍ତ ଚଞ୍ଚଳ ହୋଇଉଠିଲା । ପ୍ରେମଧନରେ ଧନୀ ବ୍ୟକ୍ତିର ଅରୁଚି ସ୍ୱାଭାବିକ, ମାୟାସୃଷ୍ଟ ପଦାର୍ଥ ପ୍ରତି । ଏ ଯେ ନିତ୍ୟାନନ୍ଦଙ୍କର ଅଭିମତ । ରଘୁନାଥଙ୍କ ସ୍ୱଭାବ ସମ୍ବନ୍ଧରେ ମନ୍ତବ୍ୟ ନିତ୍ୟାନନ୍ଦଙ୍କର । ଏବେ ରଘୁନାଥଙ୍କର କେବଳ ସଂସାରବିତୃଷ୍ଣା ନୁହେଁ —ସଂସାର ପ୍ରତି ଘୃଣା ମଧ୍ୟ ଜାତ ହୋଇଛି ଭୀଷଣ ଭାବରେ । ମାତ୍ର ସଂସାର-ବନ୍ଧନ ଛିନ୍ନ କରି ଯିବାର ଉପାୟ ନାହିଁ । ଏବେ ମଧ୍ୟ ପ୍ରହରୀମାନେ ଜାଗ୍ରତ । ରଘୁନାଥ ଅତନ୍ଦ୍ର, ଉନ୍ନିଦ୍ର । କେବଳ "ହା ଗୌର ! ପ୍ରାଣ ଗୌର !" ବିଳାପ ପ୍ରଳାପରେ ନିଶି ଶେଷ ହୋଇଯାଉଛି । ସେ ଆକୁଳ ହୃଦୟବିଦାରକ କ୍ରନ୍ଦନରେ ପ୍ରହରୀବୃନ୍ଦ ମଧ୍ୟ ବ୍ୟାକୁଳ । ପିତା, ମାତା ଓ ପତ୍ନୀ ଶୋକସନ୍ତପ୍ତ ।

ଏକ ଶୁଭକ୍ଷଣରେ, ବ୍ରାହ୍ମ ମୁହୂର୍ତ୍ତରେ ଶିକ୍ଷାଗୁରୁ ଯଦୁନନ୍ଦନଙ୍କ ଆଜ୍ଞାପାଳନ ଛଳରେ ଛିନ୍ନକରି ଦେଲେ ଜାଗତିକ ସମସ୍ତ ବନ୍ଧନ ରଘୁନାଥ ।

ରଘୁନାଥ ଆଜି ପଥଚାରୀ । ଗୌର ପ୍ରେମରେ ପାଗଳ ରଘୁନାଥ । ଦୀନ ହୀନ କାଙ୍ଗାଳ ବେଶ । ପଦବ୍ରଜରେ ଯାଉଛନ୍ତି । ଇନ୍ଦ୍ର ପଦର ଅଧିକାରୀ ରଘୁନାଥ । ଦେହସ୍ମୃତି ରହିତ । ଦିବାରାତ୍ରି ଜ୍ଞାନହୀନ । ଅଶନ ବା ଅନଶନ ସମାନ ।

ତୁଳାତଳ୍ପ ସ୍ଥାପିତ ପର୍ଯ୍ୟଙ୍କ ଶଯ୍ୟାରେ ଯାର ନିଦ୍ରା ସୁକଠିନ, ସେ ଆଜି ଅକାତରେ ଭୂମିତଳ ଆଶ୍ରୟ କରିଛି । ଗୋମୟ-ଗୋମୂତ୍ର-ବିନ୍ୟସ୍ତ ଗୋଷ୍ଠାନ ନିର୍ବିଶେଷରେ ତାର ନିଦ୍ରା । ଗଜ ବାଜି ଦୋଳାରେ ଯାର ସତତ ଚଳାଚଳ, ସେ ଆଜି କଙ୍କରମୟ କଣ୍ଟକିତ ପଥରେ ନଗ୍ନ ପଦଚାରଣରେ ଅଭ୍ୟସ୍ତ । "ହା ଗୌରାଙ୍ଗ, ହା ଗୌରାଙ୍ଗ !" ଶବ୍ଦର କି ଶକ୍ତି !

"ଅତି ଉତ୍କଣ୍ଠିତ ମନ ଉନ୍ମତ୍ତ ପରାଏ,
ଦିଗ୍ ବିଦିଗ ଘୁରିବୁଲେ ଗ୍ରାମେ ହିଁ ନ ରହେ ।
କଣ୍ଟକ କଙ୍କର ତୃଣ ଜଳ ବା ଅରଣ୍ୟ,
ନମାନି କରିଛି ଧାଆନ୍ତି ବାତୁଳଙ୍କ ସମ ।" (ଭକ୍ତମାଳ)

ଦ୍ୱାଦଶ ଦିବସ ପଦଯାତ୍ରା । ଦିନକରେ ପଞ୍ଚଦଶ କୋଶ ଅତିକ୍ରମଣ । ମାତ୍ର ତ୍ରିସନ୍ଧ୍ୟା ଅନାହାର । ଅସାଧ୍ୟ ସାଧନ । ତାପରେ ଅବସାନ ହୋଇ ଆସିଲା ଅବସାଦର ଦିବସ । ରଘୁନାଥ ନୀଳାଚଳରେ । ସିଂହଦ୍ୱାରରେ ।

ସିଂହଦ୍ୱାରରେ 'ହା ଗୌର ! ହାଗୌର ! ବୋଲି କରୁଣ ପ୍ରାଣେ କାନ୍ଦିବାକୁ ଲାଗିଲେ ରଘୁନାଥ ।

Source: Author, Digitized by PPRACHIN, SOA

ସତେ କ'ଣ ପ୍ରାଣର ଗୌରାଙ୍ଗ, ସୁନାର ଗୌରାଙ୍ଗ, ଶ୍ରୀଚରଣ ତଳେ ଆଶ୍ରୟ ଦେବେ ରଘୁନାଥଙ୍କୁ ? ସେ ଯେ ବିଷୟୀସେବୀ । ନିଷ୍କିଞ୍ଚନ ଅଧ୍ୟାତ୍ମ ଜଗତରେ । ଭକ୍ତି-ରାଜ୍ୟରେ ଜଣେ ଭିକ୍ଷାର୍ଥୀ । ଗୌରଦର୍ଶନ ସମ୍ବନ୍ଧରେ ମଧ୍ୟ ସନ୍ଦିହାନ ସେ । ତେବେ କଣ ଏ କୃଚ୍ଛ୍ରସାଧନ, ଏ କଷ୍ଟ-କ୍ଳିଷ୍ଟ ଲଙ୍ଘନ ସବୁ ବୃଥା ?

ତେଣେ ଲୀଳା ପ୍ରସଙ୍ଗରେ ଅଭିଭୂତ ଶ୍ରୀଗୌରାଙ୍ଗ । ଗୁପ୍ତ ଗମ୍ଭୀରାରେ । ଗମ୍ଭୀରାର ଗୁପ୍ତନିଧି । ନିଗୂଢ଼ ଲୀଳା-ପୁରୁଷୋତ୍ତମଙ୍କର ଲୀଳା । ମଧୁର ଶ୍ରୀ ବୃନ୍ଦାବନ ରାସଲୀଳାର ପୁନରାବୃତ୍ତି ବିରହିଣୀ ରାଧାର ଭୂମିକାରେ । ଭାବାଭିଭୂତ ରସରାଜ ଶୋଭାଶଣୀ । ହଠାତ୍ ଚମକି ଉଠୁଛନ୍ତି । ଅନ୍ୟମନସ୍କ ଭାବରେ । ରାୟରାମାନନ୍ଦ ଓ ସ୍ୱରୂପ ଦାମୋଦର ବିସ୍ମିତ ।

ସଙ୍ଗେ ସଙ୍ଗେ ସିଂହଦ୍ୱାରରେ ସମୁପସ୍ଥିତ ଶ୍ରୀ ଗୌରାଙ୍ଗ ।

ଅନିର୍ବଚନୀୟ ସେ ମିଳନର ଦୃଶ୍ୟ । ରଘୁନାଥ ନିଜକୁ ବିଷୟୀସେବୀ ଅସ୍ପୃଶ୍ୟ-ଜ୍ଞାନ କରି ସଙ୍କୁଚିତ । ରଘୁନାଥଙ୍କର କୁଣ୍ଠା ଅନିଚ୍ଛା ସତ୍ତ୍ୱେ ସ୍ୱତନ୍ତ୍ର ଈଶ୍ୱର ଶ୍ରୀଚୈତନ୍ୟ ଦୁଇ ବାହୁ ପ୍ରସାରଣ କରି ବକ୍ଷରେ ଧାରଣ କରୁଛନ୍ତି ରଘୁନାଥଙ୍କୁ । ରଘୁନାଥ ଶ୍ରୀକୃଷ୍ଣ ଚୈତନ୍ୟଙ୍କର ବାହୁ ପାଶରେ ଆବଦ୍ଧ । ସମ୍ଭାଷଣ କରୁଛନ୍ତି ଉଭୟେ ଉଭୟଙ୍କୁ, ଅଶ୍ରୁର ଭାଷାରେ, ଅଶ୍ରୁଳ ଭାଷାରେ । ପ୍ରେମଜଳଧିରେ ଭାସମାନ ଉଭୟେ ।

ସମସ୍ତ ସଂଶୟର ନିରସନ । ଜନମ ଜନମର ସାଧନା ଆଜି ସିଦ୍ଧ ମହାପ୍ରଭୁଙ୍କର ମହାପ୍ରସାଦରେ । ଆଉ କିଛି ଭିକ୍ଷା ନାହିଁ, ପ୍ରାର୍ଥନା ନାହିଁ, ଯାଚଞ୍ଚା ନାହିଁ ।

ଅଯାଚକ ବୃତ୍ତିରେ କାଳାତିପାତ କଲେ ରଘୁନାଥ । ସିଂହଦ୍ୱାରରେ ବସି ରଘୁନାଥ ନାମ ସଂକୀର୍ତ୍ତନରେ ରତ । ଦୈନନ୍ଦିନ । ଅତି ଅଳ୍ପକ୍ଷଣପାଇଁ । ତାହାହିଁ ବୃତ୍ତି ।

ସ୍ୱତଃପ୍ରବୃତ୍ତ ହୋଇ ଯିଏ ଯାହା ଦିଏ ତାହାହିଁ ଆହାର୍ଯ୍ୟ । ରାତ୍ରିର ଅର୍ଦ୍ଧ ଯାମରେ । ସେତିକରେ କ୍ଷୁଧା ନିବାରଣ ହୋଇଯାଏ । ଅନ୍ୟଥା ଦିବା ରାତ୍ରି ସ୍ୱରୂପ ଦାମୋଦରଙ୍କର ସେବାନୁଗମନ ।

ରଘୁନାଥ ଏବେ ସ୍ୱରୂପ ଦାମୋଦରଙ୍କର ଆଶ୍ରିତ । ମହାପ୍ରଭୁଙ୍କ ଆଦେଶ କ୍ରମେ । ଦାମୋଦର ଗମ୍ଭୀରାବାସୀ ମହାପ୍ରଭୁଙ୍କର ଅନ୍ୟତମ ମର୍ମୀଭକ୍ତ । ମହାପ୍ରଭୁଙ୍କର ଦ୍ୱିତୀୟ ସ୍ୱରୂପ । ସୁନିପୁଣ କୃଷ୍ଣ ପ୍ରେମତତ୍ତ୍ୱ ବେତ୍ତା । ପୂର୍ବଲୀଳାର ଲଳିତା ସଖି ।

ଗ୍ରନ୍ଥ ଶ୍ଳୋକ ଗୀତ କେହି ପ୍ରଭୁ ପାଶେ ଆଣେ,
ସ୍ୱରୂପ ପରୀକ୍ଷା କଲେ ତେବେ ଯାଇ ଶୁଣେ ।
ଭକ୍ତି ସିଦ୍ଧାନ୍ତ ବିରୁଦ୍ଧ ଅବା ଭକ୍ତ୍ୟାଭାସ,
ଶୁଣିଲେ ପ୍ରଭୁଙ୍କ ଚିତ୍ତେ ନ ହୁଏ ଉଲ୍ଲାସ ।
କରନ୍ତି ସ୍ୱରୂପ ଅତଏବ ପରୀକ୍ଷଣ,
ଶୁଦ୍ଧ ଥିଲେ ପ୍ରଭୁଙ୍କୁ ସେ କରାନ୍ତି ଶ୍ରବଣ । (ଚୈ : ଚ:)

ରଘୁନାଥ ମହା ଭାଗ୍ୟବାନ୍ । ସେହି ସ୍ୱରୂପଙ୍କର ସେ ଆଶ୍ରିତ । ମହାପ୍ରଭୁ ନିଜେ ସ୍ୱୀକାର କରିଛନ୍ତି—'ମୁହିଁ ଯେତେ ନ ଜାଣଇ ଯେତେ ଏହି ଜାଣେ ।' ସେହି ମର୍ମୀ

Source: Author, Digitized by PPRACHIN, SOA

ଭକ୍ତ ହସ୍ତରେ 'ପ୍ରାଣର ରଘୁ'କୁ ସମର୍ପଣ କରି ଆଜ୍ଞା ଦେଲେ ସେଦିନ—"ଆଜିଠାରୁ ସ୍ୱରୂପ ତୁମର ପିତା ଓ ପ୍ରଭୁ"। ସ୍ୱତନ୍ତ୍ର ପୁତ୍ର ଓ ଭୃତ୍ୟ ସଦୃଶ ରଘୁନାଥ ସ୍ୱରୂପଙ୍କ ସେବାରେ ଅବିରତ ତତ୍ପର। କେବଳ ରାତି ଦଶଦଣ୍ଡ ସମୟରେ ରଘୁନାଥ ସିଂହଦ୍ୱାରରେ ଅଯାଚକ ବୃତ୍ତିରେ ନିଷ୍କିଞ୍ଚନ ଭାବରେ ଉଭାହୋଇ ଭିକ୍ଷାକରନ୍ତି ହରିନାମ ସଂକୀର୍ତ୍ତନ କରି।

ନ ମାଗେ କାହାକୁ କିଛି ଖାଏ କେହି ଦେଲେ ଯାଚି
ନ ଦେଲେ ବେ ରହେ ଉପବାସେ,
ଅଯାଚକ ବୃତ୍ତି ଧରି କାଳ ଅତିବାହି କରି
ଗୌର କୃପା ପାଇବାର ଆଶେ। (ମହାଜନପଦ)

ହଠାତ୍ ଦିନେ ମନେ ହେଲା ଏ ଅଯାଚକ ବୃତ୍ତି ଆଳସ୍ୟର ବିଳାସ ମାତ୍ର। ତେଣୁ ନୂତନ ଉଦ୍ୟମ ଗ୍ରହିଲେ। ଉର୍ଦ୍ଧ୍ୱ ଆହାର ଆହରଣ ନିମନ୍ତେ ଛତ୍ରେ ଛତ୍ରେ ବିଚରଣ। ଜୀବନଯାତ୍ରାର ଏତାଦୃଶ ନିର୍ବାହ ଅତ୍ୟନ୍ତ ଦୁର୍ବହ। ତଥାପି ମନେ ପଡ଼ିଯାଏ ରଘୁନାଥଙ୍କର ଗୌରମୁଖନିସୃତ ଉପଦେଶାମୃତ—

ଭଲ ନ ଖାଇବ କିମ୍ବା ଭଲ ନ ପିନ୍ଧିବ,
ଗ୍ରାମ୍ୟ କଥାବାର୍ତ୍ତା ନ ଶୁଣିବ ନ କହିବ।

ରଘୁନାଥଙ୍କ ମନରେ ଅମିତ ଦୃଢ଼ତା। ଉଞ୍ଛନବୃତ୍ତିରେ ବଢ଼ିଲା ପ୍ରବୃତ୍ତି ବାହୁଲ୍ୟ। ତାହା ମଧ୍ୟ ଗୌରପ୍ରାପ୍ତିର ବାଧକ ମନେ ହେଲା।

ଗୌର ପ୍ରାପ୍ତି? ସାକ୍ଷାତ୍ ସଚଳ ଜଗନ୍ନାଥଙ୍କୁ ବକ୍ଷସ୍ଥଳରେ ଧାରଣ କରିବା ପରେ ମଧ୍ୟ ଏତାଦୃଶ ଧାରଣା ଅକଳନ ବିସ୍ମୟର କାରଣ। କିନ୍ତୁ ଏହି ଗୌରଭକ୍ତ-ଗଣଙ୍କର ଆଚରଣ। ପାଇ ମଧ୍ୟ ନ ପାଇବାର ଭାବ। ଦୁର୍ଲଭକୁ ଲାଭକରି ମଧ୍ୟ ଅଲବ୍ଧ ପ୍ରାପ୍ତେ ବ୍ୟାକୁଳତା ହରାଇବାର ଆଶଙ୍କାରେ।

ଉଞ୍ଛନବୃତ୍ତି ମଧ୍ୟ ପରିହାର କଲେ ରଘୁନାଥ। ଗୋଷ୍ଠୀପଦ-ବର୍ଜିତ ପର୍ଯ୍ୟୁଷିତ ପ୍ରସାଦକଣିକା। ପଥପ୍ରାନ୍ତରୁ ସଂଗ୍ରହ କରି ଜୀବନଧାରଣ କରିବାରେ ଲାଗିଲେ ତଦନନ୍ତର।

ସେ ତ କିଛି ସାଧନ ନୁହେଁ, ଭକ୍ତର ଇଷ୍ଟ-ଅଭିନିବେଶ ମାତ୍ର। ତ୍ୟାଗ ଓ ବୈରାଗ୍ୟର ଆଦର୍ଶ-ସ୍ଥାପନ ନିମନ୍ତେ ଭଗବାନଙ୍କର ଏ ଅପୂର୍ବ ଲୀଳା ଭକ୍ତ ମାଧ୍ୟମରେ। ରହସ୍ୟପୂର୍ଣ୍ଣ ଏ ଲୀଳାଦର୍ଶ। ଏ ଲୀଳାର ମାହାତ୍ମ୍ୟ ଅବର୍ଣ୍ଣନୀୟ। ବୈରାଗ୍ୟରେ ହିଁ ଯେପରି ବୈରାଗୀ ଗୌରାଙ୍ଗଙ୍କର ଅଶେଷ ଅନୁରାଗ। ଅନୁପମ ଭୋଗ।

ମହାପ୍ରଭୁ ଭକ୍ତଠାରେ ବୈରାଗ୍ୟ ପ୍ରଧାନ।
ଯା ଦେଖି ତୁଅନ୍ତି ପ୍ରୀତ ଗୌର ଭଗବାନ୍। (ଚୈ: ଚ:)

"ଛି, ଛି, ରଘୁନାଥ, ଏ କି ଅଶୋଭନୀୟ କୃତ୍ୟ ତୁମର? ଏ ସୁଧା ଆସ୍ୱାଦନରୁ ମୋତେ ବଞ୍ଚିତ କରି ନିଜେ ଭୋଗ କରୁଛ ସ୍ୱାର୍ଥପର ଭାବରେ?"

Source: Author, Digitized by PPRACHIN, SOA

କଳିଙ୍ଗାଗାଣ୍ଡି-ପଚନ୍ତ୍ୟକ୍ତ ପ୍ରସାଦ ଉଞ୍ଛନପର ରଘୁନାଥଙ୍କ ହସ୍ତରୁ ଆକସ୍ମିକ ଭାବରେ ଉପସ୍ଥିତ ହୋଇ ପ୍ରସାଦ କଣିକା ଛଡ଼େଇ ନେଇ କହୁଛନ୍ତି ଶ୍ରୀ ଗୌରାଙ୍ଗ, ଅତି ସଂଗୋପନରେ, ନିଃଶବ୍ଦରେ ପଶ୍ଚାଦ୍ଦେଶରୁ ପ୍ରବେଶ କରି—

"ଏମନ୍ତ ଅମୃତ ତମେ ଖାଅ ନିତି ନିତି"
ନ ଦିଅ ଆମ ସଭିଙ୍କୁ, ଏ କି ତୋ ପ୍ରକୃତି ।" (ଚୈ: ଚ:)

ପ୍ରଥମ ଗ୍ରାସ ଗ୍ରହଣ କରି ଦ୍ୱିତୀୟବାର ହସ୍ତପ୍ରସାରଣ କରୁଛନ୍ତି ମହାପ୍ରଭୁ ଅଧିକ ପ୍ରାପ୍ତି ଆଶାରେ । ସଙ୍ଗତରେ ରାୟ ରାମାନନ୍ଦ ଓ ସ୍ୱରୂପ । ମହାପ୍ରଭୁଙ୍କର ଏ ବିଚିତ୍ର ବ୍ୟବହାରରେ ଉଭୟେ ବିସ୍ମିତ । ଉଭୟେ ଅନୁଗମନ କରିଛନ୍ତି ଗମ୍ଭୀରାରୁ ଆକସ୍ମିକ ଭାବରେ ମହାପ୍ରଭୁଙ୍କର ବହିର୍ବିଜୟ ଦର୍ଶନ କରି । ସ୍ୱରୂପ ବାରଣ କରୁଛନ୍ତି ମହାପ୍ରଭୁଙ୍କ କର ଧାରଣ ପୂର୍ବକ । ନିବୃତ୍ତ କରୁଛନ୍ତି ଉଚ୍ଛିଷ୍ଟ ବସ୍ତୁର ପୁନର୍ଭୋଜନରୁ । ଗୌରହରି ହର୍ଷୋଲ୍ଲାସରେ ଉତ୍ତର ଦେଉଛନ୍ତି—

"ନିତି ନିତି ନାନାବିଧ ପ୍ରସାଦ ମୁଁ ଖାଏଁ
ଏମନ୍ତ ସ୍ୱାଦ ମୁଁ କେଉଁ ପ୍ରସାଦେ ନ ପାଏଁ ।" (ଚୈ: ଚ:)

ଅତ୍ୟୁକ୍ତି ନୁହେଁ । ଏ କ୍ଷୁଧାର ସ୍ୱାଦ । କ୍ଷୁଧାଜନିତ ସ୍ୱାଦ । ସେ କ୍ଷୁଧା ଉଦରର ନୁହେଁ, ହୃଦୟର । ପ୍ରିୟ ପ୍ରତି ପ୍ରୀତିର କ୍ଷୁଧା । ସେ କ୍ଷୁଧା ଯେତିକି ବର୍ଦ୍ଧିତ ହୁଏ, ତା'ର ସମ୍ପର୍କିତ ବସ୍ତୁରେ ମଧ୍ୟ ରୁଚି, ଅଭିରୁଚି, ରାଗ, ଅନୁରାଗ, ସେତିକି ସେତିକି ବୃଦ୍ଧି ପାଉଥାଏ । ଶୁଚି ଅଶୁଚି ନିର୍ବିଶେଷରେ । ଉପଚାରର ବାଧ୍ୟବାଧକତା ନ ଥାଏ ।

ରଘୁନାଥ ଚାହିଁଛନ୍ତି ଚକିତ-ନୟନରେ । ହତବାକ୍ ରଘୁନାଥ । ଏ ଯେ ମହାପ୍ରଭୁ ସ୍ୱୟଂ ! ହୃଦୟ ବିଦୀର୍ଣ୍ଣ ହୋଇଯାଉଛି ରଘୁନାଥଙ୍କର । ମହାପ୍ରଭୁଙ୍କର ଏତାଦୃଶ ଅକାରଣ ଅସାଧାରଣ ଆଚରଣରେ । "ହା ଗୌର, ହା ଗୌର", ବୋଲି ଚିତ୍କାର କରି ଉଠିଲେ ରଘୁନାଥ ।

ଭକ୍ତଭୁକ୍ତ ଅବଶେଷ ହିଁ ଅମୃତ । ପ୍ରମାଣିତ ହୋଇଗଲା ମହାପ୍ରଭୁଙ୍କର ଏହି ଆକସ୍ମିକ ଆଚରଣରେ ।

ଧନ୍ୟ ରଘୁନାଥ । କେଡ଼େ ଭାଗ୍ୟବାନ୍ ପୁରୁଷ ସତେ ! ଶ୍ରୀକୃଷ୍ଣଚୈତନ୍ୟ ନିଜ ବକ୍ଷସ୍ଥିତ ଗୁଞ୍ଜାହାର ସହ ଗୋବର୍ଦ୍ଧନ ଶିଳା ସମର୍ପଣ କରିଥିଲେ ସ୍ୱହସ୍ତରେ । ଗୁଞ୍ଜା ରାଧା ଓ ଗୋବର୍ଦ୍ଧନ ଶିଳାରୂପୀ ଗିରିଧାରୀ ଏକତ୍ର । ସାର୍ଥକ ଜୀବନ ରଘୁନାଥଙ୍କର । ଯୁଗଳ ମୂର୍ତ୍ତି ସେବାର ଭାର ବହନ କରି ଆନନ୍ଦରେ ଆତ୍ମହରା ହୋଇ ପଡ଼ିଲେ ରଘୁନାଥ ସେ ଦିନ । ଜନ୍ମ ଜନ୍ମର ତପ ସିଦ୍ଧି ।

ମାତ୍ର ଏ କି ଆଦେଶ ! ଏ କି ନିଷ୍ଠୁର ଆଜ୍ଞା ମହାପ୍ରଭୁଙ୍କର ! ମହାପ୍ରଭୁଙ୍କର ସେ ଉକ୍ତି ଉକ୍ତି ନୁହେଁ । ଆକସ୍ମିକ ବଜ୍ରପାତ ରଘୁନାଥଙ୍କ ପକ୍ଷରେ । ଅନୁରାଗୀ ପକ୍ଷରେ ଏ ପ୍ରସ୍ତାବ ଅସହ୍ୟ । ଗୌରବିରହ, ଗୌରସଙ୍ଗବିଚ୍ୟୁତି, ଗୌର ବିଚ୍ଛେଦର ନିର୍ଯ୍ୟାତନା ତଥା ଯନ୍ତ୍ରଣାର କଳ୍ପନା ହିଁ ରଘୁନାଥଙ୍କୁ କିଂକର୍ତ୍ତବ୍ୟବିମୂଢ଼ କରିଦେଲା ।

Source: Author, Digitized by PPRACHIN, SOA

କିନ୍ତୁ ଅଲଙ୍ଘନୀୟ ଗୌର ଆଦେଶ । ଅଗତ୍ୟା ବ୍ରଜପଥରେ ଗତି କରିବାକୁ ଲାଗିଲେ ରଘୁନାଥ । ହୃଦୟରେ ମର୍ମନ୍ତୁଦ ଯନ୍ତ୍ରଣା । ଦେହଧାରୀ ମନୁଷ୍ୟ ପକ୍ଷରେ ସହ୍ୟ କରିବା ଅସମ୍ଭବ । ଅଶେଷ କ୍ଳେଶର ଉପଶମ ପାଇଁ ନିଜର କେଶ ଆକର୍ଷଣ କରି ଛିନ୍ନ କରି ଫିଙ୍ଗି ଦେଉଛନ୍ତି ପଥମଧ୍ୟରେ । ତଥାପି ଯନ୍ତ୍ରଣାର ଅବସାନ ନାହିଁ ।

ବୃନ୍ଦାବନଗାମୀ ରଘୁନାଥ । ଆଜି ଆଉ ସାମାନ୍ୟ ମାନବ ନୁହନ୍ତି । ଗୁରୁ ଓ ଗୁରୁତତ୍ତ୍ୱର ପ୍ରତୀକ ଏକ ମୂର୍ତ୍ତିମନ୍ତ ପୁରୁଷ । ନିତ୍ୟାନନ୍ଦଙ୍କର ଶକ୍ତି ସଂଚାର ଓ ସ୍ୱରୂପ ଆଶ୍ରୟ, ସର୍ବୋପରି ମହାପ୍ରଭୁଙ୍କର ଅପାରକୃପାସମନ୍ୱିତ ଏକ ସମୁଜ୍ଜ୍ୱଳ ଜୀବନ । ଏ ସମସ୍ତ ସୌଭାଗ୍ୟର ପୃଷ୍ଠଭୂମିରେ ମହତ୍‌କୃପା ବୈଷ୍ଣବର କଟାକ୍ଷହିଁ ବଳବାନ୍ ପ୍ରେରକ । ସେହି ଐନ୍ଦ୍ରଜାଲିକ ଅର୍ଦ୍ଧନଗ୍ନ ନିରାବରଣ ମାନବ, ଯାହାର ସ୍ପର୍ଶ ଦୂରେ ଥାଉ, ଦର୍ଶନ ମାତ୍ରେ ନିଖିଳ ଭବ-ବନ୍ଧନ ବିଦୂରିତ ହୋଇଯାଏ, ସେହି ହରିଦାସଙ୍କ ସଂସ୍ପର୍ଶହିଁ ସେଦିନର ବାଳକ ରଘୁନାଥଙ୍କୁ ଆଜି ମହିମାମୟ ଦେବଦୁର୍ଲ୍ଲଭ ଗୌରବମୟ ଆସନ ପ୍ରଦାନ କରି ପାରିଛି ।

× × ×

ହରିଦାସ ଏବେ ଏକାନ୍ତ ଏକାକୀ ।

ରୂପ ସନାତନଙ୍କ ପରେ ରଘୁନାଥ । ସମସ୍ତେ ଗୁଡ଼ିଗଲେ ହରିଦାସଙ୍କୁ ଏକା ରଖି ।

ବକୁଳ ବୃକ୍ଷର ପତ୍ରମର୍ମରରେ ସେ ଏବେ ମଧ୍ୟ ନିରବଧି ସେହି ତ୍ରିମୂର୍ତ୍ତିଙ୍କର ସ୍ୱର ଶୁଣିବାକୁ ଆକୁଳ ଦୃଷ୍ଟିରେ ଅନାଇ ରହନ୍ତି । ସାମାନ୍ୟ ମାନବ ନୁହନ୍ତି । ମହାନ୍ ଆତ୍ମା । ଏକେ ଏକେ ତ୍ରିମୂର୍ତ୍ତି ।

ମହାତ୍ମା ନୁହନ୍ତି । ମହାପ୍ରଭୁଙ୍କର ପରିକର ମାନେ । ପୂର୍ବଲୀଳାର ମଞ୍ଜରୀତ୍ରୟ । ରୂପ, ରାଗ ଓ ରସ । ମତାନ୍ତରେ ରତିମଞ୍ଜରୀ ଅଥବା ଭାନୁମତୀ ରଘୁନାଥ ।

ବ୍ରଜଲୀଳାରେ ନିଜେ ହରିଦାସ ନିଭୃତ ନିକୁଞ୍ଜରେ ସ୍ୱାମିନୀ ସେବାରେ ଥାଇ ଆତ୍ୟନ୍ତିକ ସୁଖ ସଂଭୋଗ କରୁଥିଲେ ସେଦିନ । ଭୁଲି ଯାଇଛନ୍ତି ସେ ଏବେ ନିଜର ଭୂମିକା ।

ପୁରୀଲୀଳାରେ, କଳିକାଳରେ, ସେହି ଲୀଳାର ପୂର୍ଣ୍ଣ ବିକାଶ ସ୍ଥଳରେ ଏହି ତିନି ମଞ୍ଜରୀଙ୍କର ପ୍ରବେଶ ଓ ପ୍ରସ୍ଥାନ ଅଭିନୟ ହରିଦାସଙ୍କୁ ଆଘାତ କରିଛି । ତଥାପି ଆଶ୍ୱାସନା ଦେଉଛନ୍ତି ମନକୁ । ପୂର୍ବ ଲୀଳାର ଏହି ମୂକ ମଞ୍ଜରୀତ୍ରୟ ଶ୍ରୀଚୈତନ୍ୟ ଲୀଳାରେ ହୋଇ ଉଠିଛନ୍ତି ମୁଖର । ତାହାହିଁ ପରମ ସୌଭାଗ୍ୟ ଜୀବପକ୍ଷରେ । ସେଥିପାଇଁ ସମସ୍ତ ବିରହଯନ୍ତ୍ରଣା ସହ୍ୟ କରିବା ଶ୍ଳାଘ୍ୟ ମନେ କରୁଛନ୍ତି ହରିଦାସ ।

ପୂର୍ବଲୀଳାରେ ଉନ୍ନତ ଉଜ୍ଜ୍ୱଳରସ ଆକଣ୍ଠ ପାନ କରି ମଧ୍ୟ ଅନ୍ତରରେ ଅପୂରଣୀୟ କ୍ଷୁଧା । ସେ କ୍ଷୁଧା ଆତ୍ମସେବାରେ ତୃପ୍ତ ହୁଏ ନାହିଁ । ସେ ଭୋଗ ଆତ୍ମାନନ୍ଦରେ

Source: Author, Digitized by PPRACHIN, SOA

ପର୍ଯ୍ୟାପ୍ତ ନୁହେଁ । ସେ କ୍ଷୁଧା ଯେପରି ଅପେକ୍ଷା କରୁଛି ବହୁ ପ୍ରାଣରେ ସଞ୍ଚରିତ ହୋଇ ଅନିର୍ବାଣ ହୋଇ ରହିବା ପାଇଁ । ସେହି କ୍ଷୁଧା ସେ ଦିନ ଉଦ୍ରେକ କଲା ମଞ୍ଜରୀମାନଙ୍କ ଚିତ୍ତରେ କୃପାର ଦୁର୍ବାର ତରଙ୍ଗ । ସେହି କୃପାହିଁ ଆଜି ବାଧ୍ୟ କରିଛି ମଞ୍ଜରୀମାନଙ୍କୁ ନୂତନ ରୂପ ପରିଗ୍ରହ କରିବାର ନିର୍ଯ୍ୟାତନା ବରଣ କରିବା ପାଇଁ । ଯେଉଁଦିନ ବ୍ରଜରେ ଯେଉଁ ଭୋଗ ଭାଷାରେ ପ୍ରକାଶ ପାଇବାର ସୁଯୋଗ ପାଇ ନଥିଲା, ଆଜି ଗୌରବତାର ମହିମାରେ ସେ ଯେପରି ଶ୍ରୀମୁଖରେ ମୁଖରିତ ହେବାରେ ଲାଗିଛି । ବାକ୍ୟରେ ନୁହେଁ । କାବ୍ୟରେ । ଗଦ୍ୟରେ ନୁହେଁ, ହୃଦୟସ୍ପର୍ଶୀ ଲଳିତ ପଦାବଳୀରେ !

ସେ ପଦାବଳୀ ଶୁଣିବାର ସୌଭାଗ୍ୟରୁ ଏବେ ବଞ୍ଚିତ ହରିଦାସ । ରୂପ, ସନାତନ, ରଘୁନାଥ, ଏକେ ଏକେ ବିଦାୟ ନେଇଛନ୍ତି ପୁରୀଧାମରୁ ଏକ ଲକ୍ଷ୍ୟରେ । ମହାପ୍ରଭୁଙ୍କ ନିର୍ଦ୍ଦେଶରେ । ବୃନ୍ଦାବନ ଧାମ ଉଦ୍ଦେଶରେ ।

ଗୌରଲୀଳାର ଯେତ ସବୁ କ୍ଷେତ୍ରରେ ସବୁ ସ୍ତରରେ ଯେପରି ବିପରୀତ ସେହି ପରି ବଚନ । ବ୍ରଜଲୀଳାର ମଞ୍ଜରୀଗଣମହାଭାବବିଳାସର ଚରମପରିଣତି ମହାପ୍ରଭୁ ଶ୍ରୀକୃଷ୍ଣ-ଚୈତନ୍ୟଙ୍କଠାରୁ ବହୁ ଦୂରରେ ବୃନ୍ଦାବନରେ । ମାତ୍ର ସାକ୍ଷାତ୍ ଲଳିତା ବିଶାଖା-ସ୍ୱରୂପିଣୀ ସ୍ୱରୂପଦାମୋଦର ଓ ରାୟରାମାନନ୍ଦ ଦୁହେଁ ଲୀଳାରସ ଆସ୍ୱାଦନରେ ସହାୟକ, ପୁରୀଧାମରେ, ଗମ୍ଭୀରା ମଧ୍ୟରେ ।

ହରିଦାସ ଶଙ୍କିତ । ପରିଶେଷରେ ହରିଦାସଙ୍କୁ ମଧ୍ୟ ପରିହାର କରିବେ ନାହିଁ ତ ଗୌରହରି ? ନିଃସଙ୍ଗ ଜୀବନ ହରିଦାସଙ୍କର । ଏକମାତ୍ର ମହାପ୍ରଭୁଙ୍କର ନିତ୍ୟଦର୍ଶନ ହରିଦାସଙ୍କ ମୁମୂର୍ଷୁ ପ୍ରାଣରେ ଅଣଆଶ ସଦୃଶ ହୋଇ ରହିଛି । କେବେ ଯଦି ମହାପ୍ରଭୁ ହରିଦାସଙ୍କୁ ସେ ସୁଖରୁ ବଞ୍ଚିତ କରନ୍ତି !

ନାଃ—ଅସମ୍ଭବ ! ହରିଦାସଙ୍କୁ ଅନ୍ତର୍ଯ୍ୟାମୀ ମହାପ୍ରଭୁ କଦାପି ଅନ୍ତର କରିବେ ନାହିଁ । ଆଶ୍ରୟ ଦେଇ, ଆଶ୍ରିତକୁ ନିରାଶ୍ରୟ କରିବା ମହାପ୍ରଭୁଙ୍କ ସ୍ୱଭାବର ବାହାରେ ।

ତଥାପି ହରିଦାସ ନିଶ୍ଚିନ୍ତ ହୋଇ ପାରିଲେ ନାହିଁ । ଆଶଙ୍କାର ଅନ୍ତ ନାହିଁ । ଗୋଟିଏ ଆଶଙ୍କାର ଅସ୍ତରେ ଅନ୍ୟ ଆଶଙ୍କାର ଉଦୟ । ସେ ବଡ଼ ଦାରୁଣ, କରୁଣ ।

ମହାପ୍ରଭୁ କାଳେ ହରିଦାସଙ୍କୁ ଏକାକୀ ରଖି ଲୀଳା ସମ୍ବରଣ କରିବେ !

ହା ହା କାର କରି ଉଠିଲା ହରିଦାସଙ୍କ ହୃଦୟ ଏହି ଆଶଙ୍କା ଉଦ୍ରିକ୍ତ ହେବା ମାତ୍ରେ । ସେ କ୍ଷେତ୍ରରେ ହରିଦାସଙ୍କ ଦଗ୍ଧ ତାପିତ ଜୀବନ ଜୀବନ୍ତ ମରଣ ବରଣ କରି କେବଳ ମାତ୍ର ଯନ୍ତ୍ରଣା, ଜ୍ୱଳନ, ଅକଥନୀୟ ନିର୍ଯ୍ୟାତନା ଭୋଗକରିବାକୁ ତିଷ୍ଠି ରହିବ ସିନା !

ମହାପ୍ରଭୁ ସ୍ୱମୁଖରେ ଶ୍ରୀମୁଖରେ ସନାତନଙ୍କୁ ଲକ୍ଷ୍ୟ କରି କହିଗଲେ ସେ ଦିନ

> ଗାଢ଼ାନୁରାଗେ ବିୟୋଗ ନ ହୁଅଇ ସହି,
> ତେଣୁ ଅନୁରାଗୀ ମୃତ୍ୟୁ କାମନା କରଇ । (ଚୈ: ଚ:)

'ତେଣୁ ଆଜି ମହାପ୍ରଭୁଙ୍କ ଲୀଳା ସମ୍ବରଣ ଆଶଙ୍କାରେ ହରିଦାସ ଗ୍ରହାନ୍ତି ନିଜର ମହାପ୍ରୟାଣ । ସେହି ନିର୍ଯ୍ୟାଣ ଭିକ୍ଷାକରିଛନ୍ତି, ନିବେଦନ ଜଣାଇଛନ୍ତି, ମନର ବେଦନା

Source: Author, Digitized by PPRACHIN, SOA

ପ୍ରକାଶ କରିଛନ୍ତି ମହାପ୍ରଭୁଙ୍କ ଆଗରେ । ଏକ ସମର୍ପିତ ଜୀବନ ହରିଦାସଙ୍କର । ସ୍ୱେଚ୍ଛାରେ ମୃତ୍ୟୁ ବରଣ କରିବା ମୃତ୍ୟୁଞ୍ଜୟୀ ହରିଦାସଙ୍କ ସାମର୍ଥ୍ୟର ଅଗୋଚର ନୁହେଁ । ତଥାପି ଆଶ୍ରିତର ଅଧିକାର ନାହିଁ ଅର୍ପିତ ବସ୍ତୁକୁ ସ୍ୱେଚ୍ଛାରେ ବ୍ୟବହାର କରିବା ଲାଗି । ତେଣୁ ସେ ମହାପ୍ରଭୁଙ୍କ ଉପରେ ନିଜ ଭବିଷ୍ୟତ୍ ଦାୟିତ୍ୱ ଦେଇ ମୁକ୍ତ, ନିଶ୍ଚିନ୍ତ ।

ଏଇ ହରିଦାସ ।

ସେଦିନ ଖାନାଉଲ୍ଲା କାଜୀଗୃହରେ ଭୂମିଷ୍ଠ ହେବାର ଅବ୍ୟବହିତ ପରେ ଯେଉଁ ଶିଶୁ ଅତ୍ୟନ୍ତ ଅରକ୍ଷ ଅବସ୍ଥାରେ ଚିତ୍କାର କରୁଥିଲା, ଏ କ'ଣ ସେହି ?

ହଁ, ସେହି ହରିଦାସ ।

ଯେଉଁ ଅଲଭ୍ୟବସ୍ତୁର ପ୍ରାପ୍ତି ପାଇଁ ସେଦିନ ସେ ଚିତ୍କାରକରି କାନ୍ଦୁଥିଲା, ଆଜ ସେ ବସ୍ତୁ ତାର ଉପଲବ୍ଧ ଓ ଲବ୍ଧ । ତେବେ, ପାଇ ହରାଇବାର ଆଶଙ୍କାରେ କ'ଣ ସେ ଆଜ ମୁହ୍ୟ, ମ୍ରିୟମାଣ ?

ଅଗଣନ ତାର ଗୁଣ । ଅତୁଳନୀୟ ତାର ଜୀବନୀ ।

ଜୀବନର ଶେଷ ପର୍ଯ୍ୟାୟରେ ଜୀବନୀର ପର୍ଯ୍ୟାଲୋଚନା । ମହାପ୍ରଭୁ ନିଜେ ବର୍ଣ୍ଣନା କରିଗଲେ ରାୟରାମାନନ୍ଦ ଓ ସ୍ୱରୂପ ଗୋସାଇଁଙ୍କ ସମୀପରେ ।

ପ୍ରିୟଜନବିରହବେଦନାର ସେ ସେପରି ଆବିର୍ଭାବ । ଆବିର୍ଭାବ ନୁହେଁ, ଉଦ୍‌ବେଗ । ସେ ଉଦ୍‌ବେଗରେ ହିଁ ସେଉଁ ଉଦ୍‌ବେଗ, ଯେଉଁ ମର୍ମାନ୍ତିକ ପୀଡ଼ା, ତାର ଉପଶମର ଏକମାତ୍ର ଉପାୟ ସେପରି ପ୍ରିୟଜନର ଜୀବନୀ ପର୍ଯ୍ୟାଲୋଚନା—ଗୁଣ କୀର୍ତ୍ତନ !

ଜୀବନୀ ହିଁ ଜୀବନର ଅବର୍ତ୍ତମାନଜନିତ ବିରହରେ ମିଳନର ମାଙ୍ଗଳିକ । ଆଶା ଓ ଆଶଙ୍କାର ଏ କି ବିନିମୟ !

ହରିଦାସଙ୍କ ବିରହଜନିତ ଦୁଃଖ ସ୍ୱେଚ୍ଛାରେ ବରଣ କରିବା ଆଶଙ୍କାରେ ମହାପ୍ରଭୁ ଅଧୀର; ନିଜର ନିର୍ଯ୍ୟାଣରେ ମହାପ୍ରଭୁଙ୍କ ବିରହଜନିତ ସମସ୍ତ କ୍ଳେଶର ଶେଷ ହେବାର ଆଶାରେ ହରିଦାସ ଅସ୍ଥିର । ଚତୁର୍ଦ୍ଦିଗରେ ଅଶାନ୍ତିର ପର୍ବ ।

ହରିଦାସଙ୍କର ଚିତ୍ତରେ ମହାପ୍ରଭୁଙ୍କ ବିରହ ଆଶଙ୍କା ଦ୍ୱିବିଧ । ସେ କେବଳ ଲବ୍ଧ ବସ୍ତୁ ହରାଇବାର ଆଶଙ୍କାରେ ବ୍ୟଥିତ ନୁହନ୍ତି, ଉପଲବ୍ଧ ବସ୍ତୁର ଅଭାବ ଭୟରେ ମଧ୍ୟ ଉତ୍ପୀଡ଼ିତ । ନାମାମୃତ ପାନର ଅଭାବ ।

ପ୍ରକଟ ଓ ଅପ୍ରକଟ ଲୀଳାର ବିଧାନ
ପ୍ରକଟେ କରନ୍ତି ହରି ସ୍ୱୟଂ ନୃତ୍ୟ ଗାନ ।
ଅପ୍ରକଟେ ନାମ ରୂପେ ସାକ୍ଷାତ୍ ଭଗବାନ୍
କୀର୍ତ୍ତନବିହାରୀ ହୋଇଛନ୍ତି ବର୍ତ୍ତମାନ୍ ।

ହରିଦାସଙ୍କ ଜୀବନରେ ଉଭୟବିଧ ଭୋଗର ସୌଭାଗ୍ୟ । ଜୀବନସ୍ୱାମୀ ଶ୍ରୀଚୈତନ୍ୟଙ୍କ ପ୍ରକଟ ଅବସ୍ଥାରେ, ପ୍ରତ୍ୟହ ଶ୍ରୀଚରଣବନ୍ଦନା କରିବାର ସୁଯୋଗ ଲାଭ କରିବା ସଙ୍ଗେ ସଙ୍ଗେ ହରେ କୃଷ୍ଣ ନାମ ମଧ୍ୟରେ ମଧ୍ୟ ଶ୍ରୀକୃଷ୍ଣଚୈତନ୍ୟଙ୍କୁ ଉପଲବ୍ଧି

Source: Author, Digitized by PPRACHIN, SOA

କରିଛନ୍ତି । ଯଥେଷ୍ଟ । ପ୍ରଭୃତ ପରିମାଣରେ । ଆଜ ଦେହର ଦୁର୍ବଳତାବଶତଃ ନାମ-ଜପରେ ଅସମର୍ଥ ହୋଇ ନାମରୂପୀ ଭଗବାନ୍ ଶ୍ରୀ ଚୈତନ୍ୟଙ୍କ ବିରହ ଆଶଙ୍କାରେ ସେ ଦଗ୍‌ଧ, ସନ୍ତପ୍ତ ।

ଆଦର୍ଶ ଜୀବନ ହରିଦାସଙ୍କର । ପାର୍ଥିବ ହୋଇ ମଧ୍ୟ ଅପାର୍ଥିବ । ଗୌର-ଲୀଳାର ସାର ସମସ୍ତ ବୈପରୀତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ପ୍ରତୀକ । ବୃକ୍ଷ ସମ ଉଦାର, ସହିଷ୍ଣୁ, ପରାର୍ଥେ ଯାପିତ ଜୀବନ ହେବା ସଙ୍ଗେ ସଙ୍ଗେ ତୃଣାଦପି ସୁନୀଚ ମନୋଭାବ ପୋଷଣରେ ଅଦ୍ୱିତୀୟ । ମହାପ୍ରଭୁଙ୍କର ପ୍ରକଟ ଅବସ୍ଥାରେ ମଧ୍ୟ ଅପ୍ରକଟ ଲୀଳାର ବୈଶିଷ୍ଟ୍ୟ ନାମ-ରୂପୀ ସାକ୍ଷାତ୍ ଭଗବାନଙ୍କର ଆପ୍ରାତସନ୍ଧ୍ୟା ସେବା । ନୀଚ କୁଳରେ ଜନ୍ମ ହୋଇ ମଧ୍ୟ ଉଚ୍ଚତମ ଆଧ୍ୟାତ୍ମିକ ଶକ୍ତିର ଅଧିକାରୀ । ଦୀନ ଦରିଦ୍ର ନିଷ୍କିଞ୍ଚନ ହୋଇ ମଧ୍ୟ ପାର-ମାର୍ଥିକ ରାଜ୍ୟରେ ମହୈଶ୍ୱର୍ଯ୍ୟଶାଳୀ । ଈଶ୍ୱର ଦର୍ଶନରେ ଅସମର୍ଥ ହୋଇ ମଧ୍ୟ ଈଶ୍ୱରଙ୍କୁ ଆକର୍ଷଣ କରି ପ୍ରତ୍ୟହ ସାକ୍ଷାତ୍ ଈଶ୍ୱରଦର୍ଶନ ସୌଭାଗ୍ୟରେ ସୌଭାଗ୍ୟବନ୍ତ । ପରିଶେଷରେ ମର୍ତ୍ତ୍ୟରେ ଅବତରଣ କରି ମଧ୍ୟ ଅମୃତତ୍ୱ ପ୍ରାପ୍ତି ।

ସେହି ଆଦର୍ଶ ଜୀବନରୁ ଅଧ୍ୟାୟ ପରେ ଅଧ୍ୟାୟ, ପୃଷ୍ଠା ପରେ ପୃଷ୍ଠା ଉଦ୍‌ଘାଟିତ ହେଉଛି । ଶ୍ରୋତା ରାୟ ରାମାନନ୍ଦ ଓ ସ୍ୱରୂପ ଦାମୋଦର । ଚରିତ ମାଧୁରୀରେ ବିଭୋର । ବକ୍ତା ନିଜେ ଗୌରସୁନ୍ଦର ନଟରାଜ ।

ତା'ପରେ, ତା'ପରେ......

ତା'ପରେ ଆରମ୍ଭ ହେଲା ନାମସଂକୀର୍ତ୍ତନ । ହରିବୋଲ୍ ଧ୍ୱନିରେ କମ୍ପିତ ହୋଇ ଉଠିଲା ଆକାଶ ମେଦିନୀ । ଆରମ୍ଭ କଲେ ସଂକୀର୍ତ୍ତନ-ଜନକ ଶ୍ରୀ ଗୌରାଙ୍ଗ ସ୍ୱୟଂ ।

ସେହି ସିଦ୍ଧ ବକୁଳ ପ୍ରାଙ୍ଗଣ । ହରିଦାସଙ୍କୁ ବେଷ୍ଟନ କରି ନୃତ୍ୟ ଗୀତ କୀର୍ତ୍ତନରେ ଉନ୍ମତ୍ତ ଗୌର-ପରିକର ଗୌରଭକ୍ତବୃନ୍ଦ । ପ୍ରଭୁ ନିତ୍ୟାନନ୍ଦ, ଆଚାର୍ଯ୍ୟ ଅଦ୍ୱୈତଙ୍କ ଉପସ୍ଥିତିରେ । ବକ୍ରେଶ୍ୱର ପଣ୍ଡିତଙ୍କର ମଧୁର ନର୍ତ୍ତନ ଆଜ ଅପୂର୍ବ । ବୈଷ୍ଣବଗଣ ମୁଗ୍‌ଧ ।

ମହାପ୍ରଭୁଙ୍କର ଅଶ୍ରୁକମ୍ପ ଭାବୋଚ୍ଛ୍ୱାସ । ହରିଦାସଙ୍କ ସଂକଳ୍ପିତ ନାମଯଜ୍ଞର ପୁରୋଧା ଆଜ ଯେପରି ପୂର୍ଣ୍ଣାହୁତି ଦେବା ପୂର୍ବରୁ ଭାବାବେଶରେ ବିଭୋର ।

କାହିଁକି ଏ ଭାବାବେଶ ? କାହିଁକି ଏ ଉନ୍ମାଦନା ?
ଆଜ ଯେ ହରିଦାସଙ୍କର ବାସନା ପୂରଣର ତିଥି ।

ହରିଦାସଙ୍କର କେବଳ ନୁହେଁ । ମହାପ୍ରଭୁଙ୍କର ମଧ୍ୟ ଏକ ଦୁର୍ବାର ବାସନାର ଆଜ ପୂର୍ତ୍ତିପୁଣ୍ୟାହ । ସେ ବହୁ ଦିନର ଅଭିପ୍ସା । ସ୍ୱୟଂ ବାଞ୍ଛାକଳ୍ପତରୁଙ୍କର ବାଞ୍ଛା ।

କେବଳ ହରିଦାସଙ୍କୁ ବକ୍ଷରେ ଧାରଣ କରିବାର କାମନା ନୁହେଁ—ହରିଦାସଙ୍କ ଗୁଣକୀର୍ତ୍ତନ କରିବାର ଲାଳସାପୂର୍ତ୍ତି ପାଇଁ ଯେପରି ଅବସର ବହୁ ବର୍ଷପରେ ମିଳିଛି ଆଜ ।

Source: Author, Digitized by PPRACHIN, SOA

ଭକ୍ତର ମହିମା କୀର୍ତ୍ତନରେ କୀର୍ତ୍ତିକର୍ତ୍ତା ପ୍ରଭୁଙ୍କର ହିଁ ସର୍ବାଧିକ ସୁଖ । ଏ ସତ୍ୟ କେବଳ ପ୍ରତିପାଦିତ କରିବା ପାଇଁ ଆଜ ଯେପରି ମହାପ୍ରଭୁଙ୍କର ଏ କୀର୍ତ୍ତନ ବିଳାସ ।

ଚନ୍ଦ୍ରର କୌମୁଦୀ ରବିରଶ୍ମିର ପ୍ରତିଫଳନ ମାତ୍ର । ଭକ୍ତ ଗୁଣକୀର୍ତ୍ତନରେ ଭଗବତ୍ ମହିମା ହିଁ ପ୍ରତିପାଦିତ ହୁଏ ସମଧିକଭାବରେ । ଭକ୍ତଗୁଣଶ୍ରବଣକୀର୍ତ୍ତନର ଆକର୍ଷଣ ଭଗବତ୍ ମହିମାବର୍ଣ୍ଣନରୁ ସତେ ଯେପରି ଶତଗୁଣେ ଆକର୍ଷଣୀୟ । ଏବଂ ସେ ଆକର୍ଷଣରେ ସର୍ବାଧିକ ସୁଖ ସ୍ୱୟଂ ଭଗବାନ୍ଙ୍କର ।

ସେ ସୁଯୋଗ ଯେପରି ଆସି ନ ଥିଲା କେବେ ଗୌରଜୀବନରେ । ହରିଦାସଙ୍କ ବର୍ତ୍ତମାନରେ ଏ ସୁଯୋଗ ଓ ସଂଯୋଗ ସଙ୍ଘଟିତ ହେବା ଅସମ୍ଭବ । ସେ ସୁବର୍ଣ୍ଣ ସୁଯୋଗର ଏହି ଆରମ୍ଭ ଓ ଶେଷ । ଏହି ସିଦ୍ଧ ବକୁଳ ତଳେ ହିଁ ତା'ର ଆଦ୍ୟ ଓ ପ୍ରାନ୍ତ । ଶ୍ରୀ ଗୌରାଙ୍ଗ ତେଣୁ ବର୍ଣ୍ଣନା କରି ଚାଲିଛନ୍ତି, ହରିଦାସଙ୍କ ଜୀବନୀରୁ ପୃଷ୍ଠା ପରେ ପୃଷ୍ଠା । ଏକ ଅଭିନବ ପୃଷ୍ଠଭୂମିରେ । ହରିଦାସଙ୍କ ଆସନ୍ନ ନିର୍ଯ୍ୟାଣ ଉପଲକ୍ଷରେ ।

ହଁ, ହରିଦାସଙ୍କ ନିର୍ଯ୍ୟାଣ । ହରିଦାସଙ୍କ ବାସନା ପୂର୍ଣ୍ଣ ହେବାର ଶୁଭବାସର, ଶୁଭ ମୁହୂର୍ତ୍ତ, ଶୁଭ ଅବସର । ହରିଦାସଙ୍କ ବାସନାପୂର୍ତ୍ତିଦିବସ । ଦିବସ ନୁହେଁ, କୃଷ୍ଣ କୃପାମୟଙ୍କର କୃପା ପ୍ରକାଶର ଅବକାଶ । ଅଭିନ୍ନ ଶ୍ରୀକୃଷ୍ଣ ଓ ଶ୍ରୀକୃଷ୍ଣଚୈତନ୍ୟଙ୍କର ବାଣୀ ବନ୍ଧ୍ୟା ନୁହେଁ । ନିରାଟ ବାସ୍ତବ । ଆଶୁ ଫଳପ୍ରସୂ । ହରିଦାସ ସଙ୍କଳ୍ପ କରିଛନ୍ତି—

"ହୃଦୟେ ଧରିବି ତବ କମଳ ଚରଣ ।
ନୟନେ ହେରିବି ପ୍ରଭୁ ସେ ଚନ୍ଦ୍ରବଦନ ॥
ଜିହ୍ୱା ଉଚାରି ତୋ' କୃଷ୍ଣ ଚୈତନ୍ୟ ନାମ ।
ଏମନ୍ତେ ମୋ ଇଚ୍ଛା ପ୍ରଭୁ ଗୁଡ଼ିବ ପରାଣ ॥" (ଚୈ: ଚ:)

ମହାପ୍ରଭୁ ପୁନର୍ବାର ପ୍ରଶ୍ନ କରୁଛନ୍ତି—"ହରିଦାସ ! ସମାଚାର କହ !"

ହରିଦାସ ଉତ୍ତର ଦେଉଛନ୍ତି—"ପ୍ରଭୁ, ଯେବା କୃପା ବହ !"

ପ୍ରଭୁଠାରୁ ଦାସର ଚତୁରତା ଅଧିକ । ଦେହର ରକ୍ଷା ଅବା ତିତିକ୍ଷାର ଦାୟିତ୍ୱ ସନ୍ନ୍ୟାସୀ ଗୁରୁଙ୍କଠାରେ ନ୍ୟସ୍ତ କରି ହରିଦାସ ନିଶ୍ଚିନ୍ତ ।

ମହାପ୍ରଭୁଙ୍କର ଆଶାଥିଲା, ହରିଦାସ ହୁଏତ ତାଙ୍କର ପ୍ରାର୍ଥନା ପ୍ରତ୍ୟାହାର କରିନେଇ ପାରନ୍ତି କୌଣସି ବିକଳ୍ପ ପ୍ରସ୍ତାବ ଦେଇ । ମାତ୍ର ହରିଦାସ ଉତ୍ତର ଦେଲେ, "ନିବେଦନ ହିଁ ମୋର ଦାୟିତ୍ୱ । ସେ ନିବେଦନ ପର୍ବର ଅବସାନ ହୋଇଛି । ଏଣିକି ମୁଁ ମୁକ୍ତ । ମୋର ଅନ୍ୟ କୌଣସି ଦାୟିତ୍ୱ ନାହିଁ । ପ୍ରଭୁଙ୍କର ଯହିଁରେ ସୁଖ, ତାହାହିଁ ବରଣୀୟ ।"

ପ୍ରଭୁଙ୍କର ସୁଖ ନାମସଂକୀର୍ତ୍ତନରେ । ହୁଏତ ହରିଦାସଙ୍କ ନିବେଦନ ଅନୁଯାୟୀ ଏ ଉନ୍ମତ୍ତ ନୃତ୍ୟକୀର୍ତ୍ତନ ହରିଦାସନିର୍ଯ୍ୟାଣପର୍ବର ଶୁଭାଧିବାସ ।

Source: Author, Digitized by PPRACHIN, SOA

ଅପ୍ରକଟରେ ନାମ ପୁଣି ନାମରେ ହିଁ ଅପ୍ରକଟ । ଗୌରଲୀଳାର ପ୍ରତ୍ୟକ୍ଷ ପଟରେ ଯେପରି ବିବର୍ତ୍ତନ । ଭଗବାନଙ୍କର ଅପ୍ରକଟ ଲୀଳା ନାମ । ନାମରେ ହିଁ ଭକ୍ତର ଅପ୍ରକଟ ଲୀଳା ।

ନିର୍ଯ୍ୟାଣ ! ନିର୍ବାଣ ନୁହେଁ, ନିର୍ଯ୍ୟାଣ । ହରିଦାସଙ୍କର ମହାପ୍ରୟାଣ । ମାତ୍ର ଗୋଟିଏ ମୁହୂର୍ତ୍ତର ଭୋଗ । ମୁହୂର୍ତ୍ତ ମାତ୍ରକେ ନିଷ୍ପ୍ରାଣ ହୋଇଯିବ ସମଗ୍ର ଶରୀର । ପ୍ରାଣର ମହାପ୍ରୟାଣ । ଭକ୍ତର ମହାନିର୍ଯ୍ୟାଣ । ଏହି ମୁହୂର୍ତ୍ତକ ବିପ୍ରୟୋଗ ପାଇଁ ଯେପରି ସମଗ୍ର ଜୀବନର ସୁଦୀର୍ଘ ଆୟୋଜନ ।

ପ୍ରତ୍ୟହ ତିନି ଲକ୍ଷ ନାମଜପର ଅକଳ୍ପିତ ଫଳ ଯେପରି ସଞ୍ଚିତ ହୋଇରହିଥିଲା ବର୍ଷ ବର୍ଷ ଧରି ହରିଦାସଙ୍କ ଅଗୋଚରରେ, ବାଞ୍ଛାନିଧିଙ୍କର ଅକ୍ଷୟ ଭଣ୍ଡାରରେ । ସେହି ଅମୂଲ୍ୟ ସମ୍ପତ୍ତି, ନାମ ଆହରିତ ପ୍ରେମଧନ ଏବଂ ଯେପରି ବିତରିତ ହେଉଛି ଅକାତରେ ଭୂରିଦାତା ଶ୍ରୀ ଗୌରାଙ୍ଗଙ୍କ ଗନ୍ତାଘରୁ ।

ଅବର୍ଣ୍ଣନୀୟ ଆନନ୍ଦ ହରିଦାସଙ୍କର । ଚିର ଜୀବନର ଆଶା ଆଜି ଫଳପ୍ରସୂ ହେବାକୁ ଯାଉଛି । ମରଣର ଅଶେଷ ଆଶିଷ ଲାଭ କରି ।

ସଙ୍ଗେ ସଙ୍ଗେ ସଫଳ ହେବାକୁ ଯାଉଛି ମହାପ୍ରଭୁଙ୍କର ଚିରପୋଷିତ ଅଭିଳାଷ । ଗୌରଲୀଳା ଯେପରି ଆଶାପୂର୍ତ୍ତିର ବିଚିତ୍ର ଲୀଳା । ଭକ୍ତ ଓ ଭଗବାନ୍, ପ୍ରଭୁ ଓ ଦାସ, ଏକସଙ୍ଗେ ଉଭୟଙ୍କର ଅପୂର୍ଣ୍ଣ ଆଶା ପୂର୍ଣ୍ଣ ହେବାର ଅବକାଶରେ ପରିପୂର୍ଣ୍ଣ ଗୌରଲୀଳା ।

କିନ୍ତୁ ଏ ଆଶା ପୂର୍ଣ୍ଣ ହୋଇ ମଧ୍ୟ ଅପୂର୍ଣ୍ଣ । ଏ ଆଶା ଯେପରି ନିଃଶେଷ ହେବାର ନୁହେଁ । ଏ ଆଶାପୂର୍ଣ୍ଣ ଲୀଳାରେ ଯେପରି ଆଶାହିଁ ରହିଯାଏ ଚିରକାଳ ଅପୂର୍ଣ୍ଣ । ଏହାହିଁ ଲୀଳାର ବୈଶିଷ୍ଟ୍ୟ । ଏ ଭୋଗ ବିଶେଷ ଭୋଗ ହେଲେହେଁ ଅଶେଷ ଅଶେଷତାରେ ହିଁ ତାର ଆସ୍ୱାଦନ । ଅବିରାମତାରେ ହିଁ ତାର ଉପଭୋଗ । ଯେତିକି ଯେତିକି ଆଶାପୂର୍ଣ୍ଣ ହେଉଥାଏ, ସେତିକି ସେତିକି ବୃଦ୍ଧି ପାଇବାରେ ଲାଗିଥାଏ ଆସ୍ୱାଦନର ଲାଳସା ।

ପୂର୍ଣ୍ଣତା ଭିତରେ ଅପୂର୍ଣ୍ଣ ଆଶା ଯେପରି ଆତ୍ମଗୋପନ କରି ରହିଥାଏ । କାରଣ ରସର ଶେଷ ନାହିଁ । ନିତି ନିତି ନବ ନବ ରସର ଆସ୍ୱାଦନରେ ଅବସାଦହୀନ ଏକ ତୃପ୍ତି କ୍ରମଶଃ ପରିବର୍ଦ୍ଧମାନ୍ । ତେଣୁ ତ୍ରିକାଳ ସତ୍ୟ ଗୌରଲୀଳା ।

“ଏ ସବୁ ଲୀଳାର କେବେ ଆଦି ଅନ୍ତ ନାହିଁ
ଆବିର୍ଭାବ ତିରୋଭାବ ବେଦେ ମାତ୍ର କହି ।” (ଚୈ: ଚ:)

ଆବିର୍ଭାବ ତିରୋଭାବ କେବଳ ଭୋଗ ନିମନ୍ତେ—ଭୋଗର ସୁଖ ଅଭିବୃଦ୍ଧି ପାଇଁ । ମହାପ୍ରଭୁଙ୍କର ଆଶା ଯେପରି ପୂର୍ଣ୍ଣ ହୋଇ ମଧ୍ୟ ଅପୂର୍ଣ୍ଣ । କାରଣ ଅଶେଷ ଗୁଣାବଳୀର ବର୍ଣ୍ଣନା ମଧ୍ୟ ଅଶେଷ । ଅଶେଷ ଗୁଣାବଳୀ ହରିଦାସଙ୍କର । ବର୍ଣ୍ଣନର ସାଧ-ପୂର୍ତ୍ତି ଅସାଧ୍ୟ ।

ସତେ ଯେପରି ପଞ୍ଚମୁଖ ହୋଇ ଉଠିଲେ ମହାପ୍ରଭୁ । ଭକ୍ତ ହରିଦାସଙ୍କ ଗୁଣ ବର୍ଣ୍ଣନରେ ସ୍ୱୟଂ ଭଗବାନ୍ ଆଜି ଅସମର୍ଥ । ତେଣୁ ଭକ୍ତପ୍ରବର ପଞ୍ଚାନନ ହରି

Source: Author, Digitized by PPRACHIN, SOA

ସ୍ୱିବରେ ପ୍ରଭାବିତ ମହାପ୍ରଭୁ । ତଥାପି ଅତୃପ୍ତ । ତଥାପି ଆନନ୍ଦର ଅବଧି ନାହିଁ । ଭୋଗର ସମାପ୍ତି ନାହିଁ ।

"ହରିଦାସ ଗୁଣ ବର୍ଣ୍ଣି (ପ୍ରଭୁଙ୍କର) ବଢ଼େ ମହାସୁଖ ।" (ଚୈ. ଚ.)

ନିତ୍ୟ ନିତ୍ୟ ନବ ନବ ଭୋଗ ଲାଳସା । ଏ ଭୋଗ ଅଣସରରେ ଭୋଗ ହୁଏ ନାହିଁ—ହୁଏ, ପ୍ରସରଣରେ । ମୁହଁ ବାନ୍ଧି ଯାଏ ନାହିଁ ଏ ଭୋଗରେ । ଅବସାଦ-ହୀନ ଏ ତୃପ୍ତି । ଏକରସତ୍ୱର ଅବକାଶ ନାହିଁ ।

ହରିଦାସଙ୍କର ଗୁଣକୀର୍ତ୍ତନ କରି ଚାଲିଛନ୍ତି ମହାପ୍ରଭୁ । ଭକ୍ତ ଓ ଭଗବାନ୍ ଉଭୟଙ୍କର କୀର୍ତ୍ତନ । ସୁଖର ଅଭିବୃଦ୍ଧି । ଭଗବାନ୍‌ଙ୍କର ସଂକୀର୍ତ୍ତନ । ଭକ୍ତର ଗୁଣକୀର୍ତ୍ତନ ।

ଏକେ ହରିଦାସଙ୍କର ଜୀବନଚରିତ ଅତୁଳନୀୟ, ଅଶ୍ରୁତ, ଅପୂର୍ବ, ଅଦ୍ଭୁତ; ଦ୍ୱିତୀୟରେ ସ୍ୱୟଂ ମହାପ୍ରଭୁଙ୍କର ମୁଖନିସୃତ ଅମିୟ ବାଣୀ । ଉପସ୍ଥିତ ଭକ୍ତଗଣ ବିସ୍ମିତ ।

"ହରିଦାସ ଗୁଣେ ସବସ୍ମୃ ଭକ୍ତଗଣ
ବନ୍ଦିଲ ସକଳେ ହରିଦାସ ଶ୍ରୀଚରଣ ।" (ଚୈ: ଚ:)

ଏ ଯେ ବନ୍ଦନାର ବନ୍ଧନମୟ । ହରିଦାସଙ୍କ ପଦରେ ବନ୍ଦନା କରୁଛନ୍ତି ଭକ୍ତଗଣ । ହରିଦାସଙ୍କ ଆଶୀର୍ବାଦହିଁ ସମସ୍ତଙ୍କର ଭିକ୍ଷା । ହରିଦାସଙ୍କ ସୌଭାଗ୍ୟହିଁ ପ୍ରତ୍ୟେକର ପ୍ରାର୍ଥନୀୟ ।

ଅନ୍ୟ ପକ୍ଷରେ ହରିଦାସ ଏକେ ଏକେ ପ୍ରତ୍ୟେକର ପଦରେଣୁ ଶିରୋଭୂଷଣ କରି ବାଞ୍ଛାକଳ୍ପତରୁ ବୈଷ୍ଣବପଦଗୁଣ୍ଠାଚଳେ ଭରି । ବାସନା ଜାଗିଛି ବୈଷ୍ଣବଦାସାନୁ-ଦାସ ହେବାର ସୌଭାଗ୍ୟ ଲଭ ପାଇଁ ।

ଭକ୍ତ କୃପାନୁଗାମୀ ଭଗବତ୍ କୃପା । ଗୌରଭକ୍ତବୃନ୍ଦଙ୍କର କୃପା ବିନା ଗୌର ପ୍ରାପ୍ତି ସମ୍ଭବ ନୁହେଁ କସ୍ମିନ୍‌କାଳେ ।

ସାରା ଜୀବନର ଅଭ୍ୟାସ ସଞ୍ଚିତ ପୁଞ୍ଜୀଭୂତ ଦୈନ୍ୟବିତରଣ ହିଁ ସାର ହୋଇଛି ଜୀବନର ସାୟାହ୍ନରେ । ଦୈନ୍ୟର ବିତରଣ ଅଯାଚିତ ରୀତିରେ । ବୈଷ୍ଣବର ଶ୍ରେଷ୍ଠଭୂଷଣ ଜଗଜୀବର ସର୍ବଶୁଭଙ୍କରୀ ମନ୍ତ୍ର ଦୈନ୍ୟ ।

ତା' ପରେ-- ତା' ପରେ—

ସେହି ବହୁ ପ୍ରତ୍ୟାଶିତ ଶୁଭ ମୁହୂର୍ତ୍ତ ଆଗତ ପ୍ରାୟ । ଅନ୍ତହୀନ ଆଶାପରି-ପୂରଣର ଦ୍ୟୋତକ ଅନନ୍ତଚତୁର୍ଦ୍ଦଶୀର ଶୁଭ ତିଥି । ଗୌରପ୍ରାପ୍ତିର ଶୁଭଲଗ୍ନ । ନବଜୀବନର ଶୁଭ ନକ୍ଷତ୍ର ।

ହରିଦାସଙ୍କର ଅନନ୍ତ **ବାସନା ପରିପୂର୍ତ୍ତିର ଶୁଭଦିନ** । **କୃଷ୍ଣ କୃପାମୟଙ୍କର** ଅପାର କରୁଣା ।

ତା' ପରେ—ତା' ପରେ—

ହରିଦାସ ନିକଟରେ ପ୍ରଭୁଙ୍କୁ ବସାଇ,
ମୁଖପଦ୍ମେ ନିବେଶିଲେ ନେତ୍ର ଭୃଙ୍ଗ ଦୁଇ

Source: Author, Digitized by PPRACHIN, SOA

ସେ କି ଆନନ୍ଦ, ସେ କି ଆଗ୍ରହ ! ଜୀବନଭର ସାଧନାର ସିଦ୍ଧି ଆଜି ସିନ୍ଧୁ-କୂଳରେ, ସିଦ୍ଧବକୁଳ ମୂଳରେ । ସିନ୍ଧୁ ଆଜି ଉଦ୍‌ବେଳିତ, ଉଚ୍ଛଳ—ପୂର୍ଣ୍ଣେନ୍ଦୁ ଏବେ ଅସ୍ତଗାମୀ । ବକୁଳ ବୃକ୍ଷ ଆଜି ହରିଦାସଙ୍କ ସିଦ୍ଧିରେ ସିଦ୍ଧ—ପ୍ରସିଦ୍ଧ ସିଦ୍ଧ-ବକୁଳ ।

ହରିଦାସ ଚାହିଁଛନ୍ତି—ଚାହିଁ ରହିଛନ୍ତି—ନଦୀୟା-ବିନୋଦିଆ, ରାସରସ-ଉନ୍ମାଦିଆ, କେଳିରସ-ଆସ୍ୱାଦିଆ, ଶ୍ରୀରୂପର ହୃତ୍‌କେତନ, ସନାତନ-ପ୍ରାଣଧନ, ନିତ୍ୟାନନ୍ଦ-ଉନ୍ମାଦନ, ନବଦ୍ୱୀପ-ପୁରନ୍ଦର, ସଂକୀର୍ତ୍ତନ-ନଟବର, ଗଉରସୁନ୍ଦରବର ସମ୍ମୁଖରେ, ସଶରୀରେ ସାକ୍ଷାତ୍ ବିଦ୍ୟମାନ୍ । ସେ କି ଅପରୂପ ମୂର୍ତ୍ତି ! ସେ କି କମନୀୟ କାନ୍ତି ! ରମଣୀୟ ରଙ୍ଗ ! ସ୍ମରଣୀୟ ଭଙ୍ଗ ! ଚିର ଆରାଧ୍ୟ, ଜନ୍ମ ଜନ୍ମାନ୍ତରର ସାଧ୍ୟ ଅପରୂପ ରୂପ ! ଲାବଣ୍ୟମୟ ପ୍ରତିମା ! ଜୀବନର ଯାବତୀୟ ଭାବ, ବିଳାସ, ଅଭିଳାସ ପରିପୂର୍ତ୍ତିର ପରିପ୍ରକାଶଶୀଳ ଅଭାବନୀୟ ମୂର୍ତ୍ତି ।

ପଲକ ଅଚଞ୍ଚଳ । ନେତ୍ର-ତାରକା ସ୍ଥିର । ଅଖିଳ ରସାମୃତ-ସଦନ, ସୁଧାଧାର ସମନ୍ୱିତ ବଦନ, ହରିବୋଲ, ରସଭୋଳା ମୁଖମଣ୍ଡଳରେ ନିବଦ୍ଧ ଉନ୍ମୀଳିତ ନୟନ ଯୁଗଳ । ହରିଦାସଙ୍କର ।

ସତେ କଣ ଏ ନେତ୍ରଭୃଙ୍ଗ ମୁଖାରବିନ୍ଦରେ ବନ୍ଦୀ ହୋଇ ରହିଯାଇ ପାରିବ ? ଯୁଗ ଯୁଗକୁ, କାଳ କାଳକୁ, ଚିରଦିନ ପାଇଁ ?

ଭାଗ୍ୟବତୀ ଧରଣୀର ସୁସମ୍ପଦ ସେହି ଅତୁଳନୀୟ ରାତୁଲ ଚରଣଦ୍ୱୟ ନିଜ ହୃଦୟରେ ଧାରଣ କରିଛନ୍ତି ବାତୁଳ ହରିଦାସ । ଧରା ଆଜି ନିଜକୁ ସର୍ବଜ୍ଞାନ କରୁଛି ଯେପରି ହରିଦାସଙ୍କର ବୈଭବ ଦେଖି । ତାର ସଙ୍ଗସ୍ୱତ୍ୱ-ସଂରକ୍ଷିତ ଏକାନ୍ତ ନିଜସ୍ୱ ସର୍ବସ୍ୱ ସମ୍ପଦ ଅପହୃତ, ଲୁଣ୍ଠିତ । ଗୌରସୁନ୍ଦର ଏବେ ହରିଦାସଙ୍କ ହୃଦୟ ସମ୍ପୁଟରେ ସୁରକ୍ଷିତ । ଧରଣୀର ଧୃତି ଯେପରି ବିଧୂରିତ, ବିଧ୍ୱସ୍ତ ।

ସଙ୍ଗେ ସଙ୍ଗେ ଲଜ୍ଜାବନତ ଶିରରେ ଅବଲୋକନ କରୁଛି ଅବନୀ । ହରିଦାସଙ୍କ ଭୂମଣ୍ଡିତ ଅବୟବରେ ହୃଦୟ-ବିଦାରକ ନିବେଦନର ମୁଦ୍ରା । ସାଷ୍ଟାଙ୍ଗ ପ୍ରମାଣ କରୁଛନ୍ତି ହରିଦାସ । ଧରା ଯେପରି ଧରିରଖି ପାରୁ ନାହିଁ ତାର ଆନନ୍ଦର ଭରା ହରିଦାସଙ୍କର ଆତ୍ମ-ସମର୍ପଣରେ । ଯେପରି ଧରଣୀର ବରଦାନରେ ହିଁ ହରିଦାସଙ୍କର ଆଜି ଏ ସୌଭାଗ୍ୟ ଉଦୟ । ଯେଉଁ ଶ୍ରୀଚରଣ ଧାରଣରେ ଧରଣୀର ଏକମାତ୍ର ଅଧିକାର, ସେହି କ୍ଷିତିର ଶକ୍ତିସଞ୍ଚାର ବିନା ହରିଦାସ ଗୌରପଦ ହୃଦୟରେ ସ୍ଥାପନ କରିବା ଅସମ୍ଭବ । ଗର୍ବରେ ଫୁଲି ଉଠୁଛି ବର୍ଷା-ଉର୍ବର ଉର୍ବୀ । ଆପଣାର ଅମୂଲ୍ୟନିଧିକୁ ଲୁଣ୍ଠିତ ହେବାର ଅକୁଣ୍ଠ ଅନୁମତି ପତ୍ର ଲେଖିଦେବା ବ୍ୟତୀତ ଯେପରି ଅନ୍ୟ ଉପାୟ ନ ଥିଲା, ହରିଦାସଙ୍କ ଦୈନ୍ୟ କାର୍ପଣ୍ୟରେ ବିଗଳିତା, ପ୍ରଚ୍ଛନ୍ନପୁଷ୍ପଶୋଭିତା, ଅବଗୁଣ୍ଠିତା ଅବନୀର ।

ପୃଥିବୀର ସେ ଦର୍ପ, ଅଶେଷ ତୀର୍ଥ ବକ୍ଷରେ ଧାରଣ କରିବାର ଗର୍ବ ଆଜି ଖର୍ବ ହୋଇଛି । ହରିଦାସଙ୍କ ହୃଦୟରେ ପ୍ରଭୁପଦାରବିନ୍ଦରଜଃଶୋଭା ସନ୍ଦର୍ଶନ କରି ସକଳତୀର୍ଥ ଆଜି ହରିଦାସଙ୍କ ଶରୀରରେ ଏକତ୍ର ଠୁଳ ହେବାର ଦେଖି ସୁଲକ୍ଷଣା କ୍ଷୌଣୀ ପୁଣି ପରକ୍ଷଣରେ କ୍ଷୁଣ୍ଣ ।

Source: Author, Digitized by PPRACHIN, SOA

ଗୌର ବିଗ୍ରହରେ ଆଗ୍ରହୀ ହରିଦାସ ! ଭକ୍ତାନୁଗ୍ରହ ଲାଭ ନିମନ୍ତେ ବ୍ୟଗ୍ର ହରିଦାସ ! କେବେହେଲେ ଅବହେଳା ପ୍ରଦର୍ଶନ କରିନାହାନ୍ତି ଅବନୀ ପ୍ରତି ସ୍ୱୀୟ ଆଚରଣରେ । ଅନିନ୍ଦ୍ୟା ପୃଥିବୀ ସତତ ବନ୍ଦନୀୟା ହରିଦାସଙ୍କ ପକ୍ଷରେ । ଏହି ଅବନୀର ପ୍ରାକୃତିକ ଶୋଭା ଅବଲୋକନରେ ବୃନ୍ଦାବନର ଲୀଳା ସ୍ମରଣ ହୁଏ ହରିଦାସଙ୍କର । ସମୁଦ୍ର ମେଖଳା, ପର୍ବତସ୍ତନମଣ୍ଡଳା, ବିଷ୍ଣୁପତ୍ନୀ ବସୁନ୍ଧରାଙ୍କ କୃଷ୍ଣକେଶପାଶରେ ନବଘନର ଉଦୟ ଦେଖି ଶ୍ରୀରାଧାଙ୍କର ଅପଘନପୁଲକର ଅପରୂପ ଦୃଶ୍ୟ ସ୍ଫୁର୍ତ୍ତି ହେଉଥିଲା ହରିଦାସଙ୍କ ହୃଦୟରେ । ଆଜି ଯେପରି କୃତଜ୍ଞତାସ୍ୱରୂପ ସେହି ପୃଥିବୀରେ ଆସ୍ତରିତ ଭକ୍ତପଦରେଣୁ ଆହରଣ କରି ଶିରରେ ଧାରଣ କଲାବେଳେ ଧରଣୀର ସେ ସମସ୍ତ ଅବସାଦ ଦୂରୀଭୂତ ହୋଇ ଯାଉଛି । ଅପର୍ଯ୍ୟାପ୍ତ ମୂଲ୍ୟହୀନ ଧୂଳିକଣା ଭକ୍ତପଦରଜ ରୂପେ ଆଜି ଅମୂଲ୍ୟ ସଂପଦରେ ପରିଣତ । ଅବନୀ ତେଣୁ ଆଜି ଅଶେଷ ଐଶ୍ୱର୍ଯ୍ୟଶାଳିନୀ । ପୁଣି ଭକ୍ତବନ୍ଦନା-ନିମିତ୍ତରେ ବସୁମତୀର ବନ୍ଦନା ମଧ୍ୟ ଅନିବାର୍ଯ୍ୟ ହୋଇଯାଏ । ଏକଥି, ଏକ ସମୟରେ । କ୍ଷିତିର କ୍ଷୋଭ ପ୍ରକାଶର ଅବକାଶ ନାହିଁ । ବସୁଧା ତେଣୁ ସ୍ଥିର ।

ତେଣେ ମକରନ୍ଦପାନଲୋଲୁପ ହରିଦାସଙ୍କର ନୟନମିଳିନ୍ଦ ଅନିନ୍ଦ୍ୟ ଗୌରମୁଖାରବିନ୍ଦର ମିଳିତ ହେବାମାତ୍ରେ ବନ୍ଦୀ । ମାତ୍ର ସେ ବନ୍ଧନ ନିଜେ ମୁକ୍ତିର ଆନନ୍ଦରେ ଅଭିନନ୍ଦିତ । ବ୍ୟାପ୍ତିର ବିଶାଳତାରେ ଅଭିବ୍ୟକ୍ତ । ପଳାୟନ ନୁହେଁ; ଗୌରବିରହଆଶଙ୍କାଜନିତ ନିପୀଡ଼ିତ ଜୀବନର ଖେଦ, ଅବସାଦ ନୁହେଁ । ହରିଦାସଙ୍କର ଏତାଦୃଶ ସ୍ୱେଚ୍ଛାକୃତ ଆତ୍ମାହୁତିରେ ଯେପରି ଗୋଟାଏ ଅତୁଳନୀୟ ବିପୁଳ ଆନନ୍ଦାନୁଭୂତି ଚତୁର୍ଦ୍ଦିଗରେ ବିଛୁରିତ ହେବାପାଇଁ ଉଦଗ୍ର । ନିଜର ସଂକୀର୍ଣ୍ଣ ଦେହଗହ୍ୱରରେ ଭୁବନାଧିପଙ୍କର ଅଶେଷ ବିଭବକୁ ଅଦ୍ୟାବଧି ଆବଦ୍ଧ କରି ରଖିବାରେ ସେ ଯେପରି ମର୍ମାହତ । ସୀମିତ-ଶକ୍ତିସଂପନ୍ନ ବ୍ୟକ୍ତିବିଶେଷର ସ୍ୱାର୍ଥପର ପରିତୃପ୍ତିରେ ଅସୀମ ଆନନ୍ଦର ଉଚ୍ଛ୍ୱାସକୁ ରୋଧ-କରିବାର ଅପରାଧ ସହ୍ୟ କରିବାପାଇଁ ସେ ଯେପରି ଆଜି ଅକ୍ଷମ ।

ସଙ୍ଗେ ସଙ୍ଗେ ଜାଗିଉଠିଥିଲା ନୂତନ ଉପାସନାର ବାସନା । ଗୋଟିଏ ପ୍ରାଣରେ ଭୋଗ ନ କରି କୋଟିଏ ପ୍ରାଣରେ ଭୋଗକରିବାର ବିରାଟ ପରିକଳ୍ପନା । ସେ ଅଭିଳାଷ ଏକ ଅଭିନବ ଭୋଗବିଳାସ ।

ହରିଦାସ ପ୍ରାର୍ଥନା କଲେ—

ଆହେ ଭକ୍ତବୃନ୍ଦ କହିବାକୁ ଭୟ ଲାଗେ,
ନିଜ ଗୁଣେ କର କୃପା ଏହି ଭିକ୍ଷା ମାଗେଁ ।
ତୁମ୍ଭ ଗହଣରେ ଗୌରଲୀଳା ଯେହ୍ନେ ଭୋଗେଁ,
ଲଭିବି ଚୈତନ୍ୟ ତୁମ୍ଭ ସହ ଏକ ଯୋଗେ ।   (ଚୈ: ଚ:)

ଏକାକୀ ନୁହେଁ । ଭକ୍ତଗଣ ଗହଣରେ ଗୌରଲୀଳା ଭୋଗର ପରିକଳ୍ପନା । ଭୋଗଜନିତ ଭୋଗ କରିବାର ଲାଳସା ! ଏହାହିଁ ଯେପରି ମାନବର ଚରମ ସାର୍ଥକତା । ମୁକ୍ତି ଓ ଭୁକ୍ତିର ବହୁ ଉର୍ଦ୍ଧ୍ୱରେ ପରମ ପୁରୁଷାର୍ଥ ଏକ ଅମୂଲ୍ୟ ଅଚିନ୍ତ୍ୟ ବସ୍ତୁର ଅନ୍ଧୁନ୍ତ ଉପଭୋଗ ।

Source: Author, Digitized by PPRACHIN, SOA

ତା'ପରେ— ତା'ପରେ—

ତା'ପରେ ପଡ଼ନ୍ତି ଯଜ୍ଞର ପୂର୍ଣ୍ଣାହୁତି । ଆତ୍ମବସର୍ଜନ ଯଜ୍ଞର ପୂର୍ଣ୍ଣାହୁତି । ଜୀବନବ୍ୟାପୀ ସାଧନାର ସିଦ୍ଧି । ଜୀବର କଲ୍ୟାଣ ପାଇଁ ତିଳ ତିଳ କରି ଜୀବନର ତିଳ-ତର୍ପଣ—ଜଳାଞ୍ଜଳି ।

ଆତ୍ମାହୁତି ନୁହେଁ, ଆତ୍ମତୃପ୍ତି ନୁହେଁ, ଆତ୍ମସମର୍ପଣ ।
ସବୁ ସମର୍ପିତୋ ଚରଣେ । ରହିଲି ତୋହର ଶରଣେ ।।
ତୁ ଏବେ ଯାହା ଇଚ୍ଛା କର । ତୋତେ ଲଗିଲି ଚକ୍ରଧର ।। (ଲକ୍ଷ୍ମୀକାନ୍ତ)

ଶେଷ ହୋଇଯାଇଛି ଅଭିଷେକର ସମସ୍ତ ଆୟୋଜନ । ହରିଦାସଙ୍କର ସମସ୍ତ ଅବୟବ ଭକ୍ତପଦରଜରେ ବିଭୂଷିତ । ହୃଦ୍‌ଦେଶରେ ଗୌର ପାଦପଦ୍ମ ସଂସ୍ଥାପିତ । ଗୌରମୁଖକମଳରେ ନେତ୍ରଭୃଙ୍ଗର ଅବିଚଳ ଶୃଙ୍ଗାର ।

ତା'ପରେ—ତା' ପରେ—

ତା'ପରେ—ଶ୍ରୀକୃଷ୍ଣ ଚୈତନ୍ୟ ଶବ୍ଦ ବୋଲେ ବାର ବାର
ସେ ମୁଖମାଧୁରୀ ପିଇ ନେତ୍ରେ ଜଳଧାର । (ଚୈ: ଚ:)

ସେ ଅଶ୍ରୁ, ଅଶ୍ରୁ ନୁହେଁ—ଭାଷା । ଗୌରଲୀଳାର ଭାଷାହିଁ ଅଶ୍ରୁ, ଅଶ୍ରୁହିଁ ଭାଷା । ଅଶ୍ରୁରେ ହିଁ ଭାବଦ୍ୟୋତକ ଭାଷାର ଆଲେଖ୍ୟ । ସେହି ଆଲେଖ୍ୟରୁ ହିଁ ଅଶ୍ରୁର ଉଦ୍‌ଗମ ।

ଭକ୍ତର ଭାଷାନ୍ତର ଅଶ୍ରୁ । ଖରସ୍ରୋତା ସ୍ରୋତସ୍ୱିନୀ ତାର ବୈଖରୀ । ଅଶ୍ରୁରେ ହିଁ ତାର ବିଶ୍ରୁତି ଓ ବିସ୍ମୃତି ।

"ଶ୍ରୀକୃଷ୍ଣଚୈତନ୍ୟ, ଶ୍ରୀକୃଷ୍ଣଚୈତନ୍ୟ" ! କେବଳ ଶ୍ରୀକୃଷ୍ଣଚୈତନ୍ୟ ନାମହିଁ ସାର । ସେହି ସର୍ବସାର ନାମ ବାରମ୍ବାର ଉଚ୍ଚାରଣ କରୁଛନ୍ତି ହରିଦାସ । ଏହି ପଦ ହିଁ ଯେପରି ପରମ ପଦ, ଚରମ ସମ୍ପଦ ମନୁଷ୍ୟ ପକ୍ଷରେ । ସେ ପଦ କେବଳ ପଦ ନୁହେଁ । ସେ ଏକ ମହାକାବ୍ୟର ପରିସ୍ଫୁରଣ । ତା'ରି ଛନ୍ଦରେ ଛୁଟି ଚାଲିଛି ଅଶ୍ରୁର ମନ୍ଦାକିନୀ ।

ପ୍ରତିପାଦିତ ହେଉଛି ଭକ୍ତପୂତ ନେତ୍ରନୀରର ରସଘନ ମୂର୍ତ୍ତି ଗୌରକିଶୋର ଏବଂ ତାଙ୍କ ଯୋଗ୍ୟ ନାମହିଁ ଶ୍ରୀକୃଷ୍ଣଚୈତନ୍ୟ ।

ସ୍ୱତଃସିଦ୍ଧ ହୋଇଛି ଶ୍ରୀକୃଷ୍ଣଚୈତନ୍ୟ ନାମର ରସମୟୀ ଅଭିବ୍ୟକ୍ତି । ଭକ୍ତିଅଶ୍ରୁଧାର ।

ଶ୍ରୀମିଳିତ କୃଷ୍ଣ ହିଁ ଶ୍ରୀକୃଷ୍ଣଚୈତନ୍ୟ । ମହାରାସବିଳାସର ଶେଷ ପରିଣତି ଶ୍ରୀକୃଷ୍ଣଚୈତନ୍ୟ ।

ଶ୍ରୀକୃଷ୍ଣଙ୍କର ଚୈତନ୍ୟ ପ୍ରକାଶ—ଶ୍ରୀକୃଷ୍ଣ ଚୈତନ୍ୟ, ଶ୍ରୀକୃଷ୍ଣଚୈତନ୍ୟ !"
ହରିଦାସ ବାରମ୍ବାର ଉଚ୍ଚାରଣ କରୁଛନ୍ତି "ଶ୍ରୀକୃଷ୍ଣଚୈତନ୍ୟ !"
ଭକ୍ତବୃନ୍ଦ ବିସ୍ମିତ । ମହାପ୍ରଭୁଙ୍କ ମୁଖରେ ସ୍ମିତ ।

Source: Author, Digitized by PPRACHIN, SOA

ଠାକୁର ହରିଦାସଙ୍କ ନିର୍ଯାଣ

ଶ୍ରୀକୃଷ୍ଣ ଚୈତନ୍ୟ ନାମ କରି ଉଚ୍ଚାରଣ
ନାମ ସଙ୍କୀର୍ତ୍ତନରେ ପ୍ରାଣ କଲେ ଉତ୍କ୍ରମଣ

ମହା ଯୋଗେଶ୍ୱର ପ୍ରାୟ ସ୍ୱଚ୍ଛନ୍ଦେ ମରଣ
କଲେ ସର୍ବେ ଭୀଷ୍ମଙ୍କର ନିର୍ଯାଣ ସ୍ମରଣ—(୨୬୭ପୃ)

Source: Author, Digitized by PPRACHIN, SOA

ଜୀବନବ୍ୟାପୀ ସାଧନାର ଧନ ହରେକୃଷ୍ଣ ମହାମନ୍ତ୍ର ତେବେ କ'ଣ ବ୍ୟର୍ଥ ?

ବ୍ୟର୍ଥ ନୁହେଁ; ସମୁଜ୍ଜ୍ୱଳ ସ୍ଫୂର୍ତ୍ତ । ସାଧ୍ୟ ସାଧନ ତତ୍ତ୍ୱର ନିର୍ଣ୍ଣୟ ।

ହରେକୃଷ୍ଣ ନାମସାଧନ ଦ୍ୱାରାହିଁ ସାଧ୍ୟ ଶ୍ରୀକୃଷ୍ଣଚୈତନ୍ୟ ପ୍ରାପ୍ତି । ହରିଦାସଙ୍କର ସମସ୍ତ ଜୀବନର ସାରତତ୍ତ୍ୱ ଯେପରି ଏହି ତଥ୍ୟର ସତ୍ୟତା ପ୍ରତିପାଦନ । ସେଥିପାଇଁ ମହାପ୍ରଭୁଙ୍କର ବାଣୀ—"ମୋହର ଯେତେକ ସୁଖ ସବୁ ତୋହଲାଗି"—ହରିଦାସଙ୍କ ପ୍ରତି ।

ହରିଦାସଙ୍କର ହରେକୃଷ୍ଣ-ନାମ-ପ୍ରବଣ ପ୍ରାଣର ନିଷ୍କ୍ରାମଣ ଶ୍ରୀକୃଷ୍ଣଚୈତନ୍ୟ ନାମ ଉଚ୍ଚାରଣରେ ।

ଶ୍ରୀକୃଷ୍ଣଚୈତନ୍ୟ ନାମ କରି ଉଚ୍ଚାରଣ ।
ନାମ ସହିତରେ ପ୍ରାଣ କଲେ ଉତ୍କ୍ରାମଣ ॥ (ଚୈ: ଚ:)

ନାମ ମିଶିଗଲା ଅନନ୍ତ ଆକାଶରେ । ଲୀନ ହୋଇଗଲା ଶୂନ୍ୟେ ଶୂନ୍ୟେ, ମହାଶୂନ୍ୟରେ—ଏକ ଅନିର୍ବାଣ ଅଖଣ୍ଡ ଶବ୍ଦ । ଶବ୍ଦଶୂନ୍ୟ ହୋଇଗଲା ହରିଦାସଙ୍କର ନାମ-ମୁଖର ମୁଖ ।

ମହା ଯୋଗେଶ୍ୱର ପ୍ରାଏ ସ୍ୱଚ୍ଛନ୍ଦେ ମରଣ
କଲେ ସର୍ବେ ଖ୍ରିଷ୍ଟଙ୍କର ନିର୍ଯ୍ୟାଣ ସ୍ମରଣ । (ଚୈ: ଚ:)

ଭକ୍ତଗଣଙ୍କ ମୁଖରୁ ଉଚ୍ଛୁଳି ଉଠିଲା "ହରିକୃଷ୍ଣ ହରି କୃଷ୍ଣ"ଧ୍ୱନି

ହରିଦାସଙ୍କର ମହାପ୍ରୟାଣ । 'ହରେକୃଷ୍ଣ' ନାମର ସାଧକ ହରିଦାସଙ୍କର ମହାଯାତ୍ରା । ସେ ଯାତ୍ରାର ପାଥେୟ 'ଶ୍ରୀକୃଷ୍ଣଚୈତନ୍ୟ' ନାମ । ମାତ୍ର ଭକ୍ତଜନ ମୁଖରେ ଏ କି ବିସ୍ମୟକର ପ୍ରତିଧ୍ୱନି ! 'ହରେକୃଷ୍ଣ' ନାମ ନୁହେଁ, 'ଶ୍ରୀକୃଷ୍ଣଚୈତନ୍ୟ' ପଦ ନୁହେଁ, ସ୍ୱତଃସ୍ଫୂର୍ତ୍ତ ହୋଇଉଠିଲା, ପ୍ରତି ଭକ୍ତ ମୁଖରେ, ହରିକୃଷ୍ଣ, ହରିକୃଷ୍ଣ ଧ୍ୱନି । 'ହରେକୃଷ୍ଣ' ନାମର ପୂର୍ଣ୍ଣ ବିକାଶ 'ଶ୍ରୀକୃଷ୍ଣଚୈତନ୍ୟ' । ପୁଣି ସେ ନାମର ପ୍ରତିଧ୍ୱନି 'ହରି କୃଷ୍ଣ, ହରିକୃଷ୍ଣ' ପଦ ।

ଗୌର ପରିକରଙ୍କର ଆଚରଣରେ ଏ ଯେ ଏକ ନବ ପ୍ରକରଣ । ରାଧାକୃଷ୍ଣ ଅପ୍ରାକୃତ ପ୍ରେମତତ୍ତ୍ୱର ଅବଧି ଅବହିତ କରାଇବା ପାଇଁ, ସତେ ଯେପରି ହରେକୃଷ୍ଣ ନାମ ପରିବର୍ତ୍ତେ ଆଜି ହରିକୃଷ୍ଣ ନାମ ଉଚ୍ଚାରଣ କରୁଛନ୍ତି ଭକ୍ତବୃନ୍ଦ ।

'ହରେ' ନାମରେ ବିଦ୍ୟମାନ୍ ସମ୍ବୋଧିତା ଶ୍ରୀମତୀ ସ୍ୱୟମ୍ । ରାଧାଭାବକାନ୍ତି ଗୌରହରି ଓ ଶ୍ରୀମତୀ ଅଭିନ୍ନ । ଆଜି ଯେପରି ସେହି ତତ୍ତ୍ୱର ନିର୍ଦ୍ଧାରଣ ପାଇଁ ଗୌରପରିକରଙ୍କର ଶ୍ରୀମୁଖରୁ ଅହରହ ନିର୍ଗତ ହେଉଛି ହରେକୃଷ୍ଣ ନାମ ପରିବର୍ତ୍ତେ ହରିକୃଷ୍ଣ ନାମ ।

କନ୍ୟା ଭକ୍ତିଉଦ୍ଧରଣ କରିବା ସଙ୍ଗେ ସଙ୍ଗେ ଭକ୍ତଭାବ ଅଙ୍ଗୀକାର କରି ପ୍ରଗୀରଙ୍ଗ ଆଜି ଗୌରହରି ନାମ ଧାରଣ କରିବା ହେତୁ 'ହରେ, ଶବ୍ଦର ପ୍ରୟୋଗ ପରିବର୍ତ୍ତେ 'ହରି' ଶବ୍ଦର ଯଥାର୍ଥ ପ୍ରୟୋଗ ।

Source: Author, Digitized by PPRACHIN, SOA

ଅଥବା ହରିଦାସଙ୍କର ନାମକୁ ସାର୍ଥକ କରିବାପାଇଁ ହରିଦାସ ପ୍ରେ-ଧାଭାବସୁବଳନ୍ୱିତ ଶ୍ରୀକୃଷ୍ଣଙ୍କ ସ୍ୱରୂପ ଗୌର ଗୋପାଳଙ୍କ ମିଳନରେ 'ହରିକୃଷ୍ଣ' ରବ ଉଚ୍ଛୁଳି ଉଠିଲା ଚତୁର୍ଦ୍ଦିଗରେ ।

'ହରିକୃଷ୍ଣ' ଶବ୍ଦ ସର୍ବେ କଲେ କୋଳାହଳ ।
ପ୍ରେମାନନ୍ଦେ ମହାପ୍ରଭୁ ହୋଇଲେ ବିହ୍ୱଳ ।। —(ଚୈ: ଚ:)

ହରିକୃଷ୍ଣ ଶବ୍ଦ ନୁହେଁ । ମନେ ହେଲା ଯେପରି ଅବା 'ହା କୃଷ୍ଣ ! ହା କୃଷ୍ଣ' ବୋଲି କ୍ରନ୍ଦନ ରୋଳ ଉଠୁଛି ଚତୁର୍ଦ୍ଦିଗରେ ।

"ହା କୃଷ୍ଣ ! ହେ କୃଷ୍ଣ ! ଏତେ ନିଷ୍ଠୁର ତମେ",

ପ୍ରତି ଭକ୍ତପ୍ରାଣରେ ଖେଦୋକ୍ତି, ଆର୍ତ୍ତନାଦ—"ହରିଦାସଙ୍କ ସଙ୍ଗସୁଖରୁ ବଞ୍ଚିତ କଲ ପ୍ରଭୁ, ଏତେ ନିର୍ମମ ଭାବରେ ?"

ଭକ୍ତସଙ୍ଗସୁଖ । ହରିଭଜନ-ପରାୟଣ ଜନର ଏକମାତ୍ର କାମ୍ୟ ଜୀବନରେ । ଏକମାତ୍ର ଦୁଃଖ ଭକ୍ତସଙ୍ଗଚ୍ୟୁତି ।

ମାତ୍ର ବିପରୀତ ଗୌରହରି । ଲୀଳାର ପ୍ରତି କ୍ଷେତ୍ରରେ ବୈପରୀତ୍ୟର ପରାକାଷ୍ଠା । ଗୌରଚନ୍ଦ୍ର ଆଜି କ୍ରନ୍ଦନ-ବିହ୍ୱଳ ହେବା ପରିବର୍ତ୍ତେ ପ୍ରେମାନନ୍ଦରେ ବିଭୋର । ଭକ୍ତବୃନ୍ଦ ଶୋକାଚ୍ଛନ୍ନ, ବିଷଣ୍ଣ । ଅବାରିତ ଅଶ୍ରୁବାରି ବର୍ଷଣ କରୁଛନ୍ତି ଏକେ ଏକେ । ମାତ୍ର ମହାପ୍ରଭୁ ହାସ୍ୟୋଲ୍ଲାସରେ ଉନ୍ମତ୍ତ ହରିଦାସଙ୍କର ମହାପ୍ରୟାଣରେ ।

ପ୍ରୟାଣ ନୁହେଁ, ଏ ଯେ ପ୍ରଳୟ । ପ୍ରେମାନନ୍ଦ ଚୈତନ୍ୟ ଅଙ୍ଗରେ ପ୍ରକୃଷ୍ଟ ରୂପେ ଲୟ ହେବାହିଁ ଏହି ପ୍ରୟାଣର ଲକ୍ଷ୍ୟ । ବିରହର ଦଶମ ଦଶା—ପ୍ରଳୟ !

କ୍ରନ୍ଦନ ନୁହେଁ । ଏ ଯେ ମହାମିଳନର ଛନ୍ଦ । ଅଦ୍ୟାବଧି ହରିଦାସଙ୍କଠାରୁ ଦୂରରେ ରହିବାର ଦାରୁଣ ଦୁଃଖ ଭୋଗ କରି ଆସୁଥିଲେ ଭବବନ୍ଧୁ ଶ୍ରୀ ଗୌରାଙ୍ଗ ନିରବଧି ହୃଦୟରେ । ହରିଦାସଙ୍କ ସ୍ପର୍ଶସୁଖରୁ ଚିରକାଳ ବଞ୍ଚିତ ମହାପ୍ରଭୁ । ହରିଦାସଙ୍କୁ ଦୈନ୍ୟ ବ୍ରତରୁ ବିଚ୍ୟୁତ କରିବା ପାଇଁ ଇଚ୍ଛାପ୍ରକାଶ କରିନାହାନ୍ତି କେବେ । ହରିଦାସଙ୍କୁ ବୁକୁରେ ଧରିବାର ଦୁର୍ନିବାର ସାଧ ଅସାଧ ହୋଇ ରହିଯାଇଛି ଆଜିଯାଏ । ସେହି ବାସନା ଚରିତାର୍ଥ କରିବାପାଇଁ ସୁଯୋଗ ପାଇ ଭାବଗ୍ରାହୀ ଆଜି ଭୋଗଗ୍ରାହୀ ଭାବରେ ଉଲ୍ଲସିତ । ଭୋଗରେ ହିଁ ତାଙ୍କର ଉଲ୍ଲାସ । ହରିଦାସଙ୍କୁ କୋଳରେ ଧରିବାର ଆଶା ଆଜି ଲାଳସାରେ ପରିଣତ । ଭୋଗର ଲାଳସା ।

ହରିଦାସ ମହାପ୍ରଭୁଙ୍କ ବୁକୁ ଉପରେ ଅବସ୍ଥିତ—ହରିଦାସଙ୍କର ଚିନ୍ମୟ ଶରୀର—ଭଜନସିଦ୍ଧ ଦେହ !

ଭିତରେ—ଅଭ୍ୟନ୍ତରରେ—ବୁକୁର ମୁକୁରରେ ପ୍ରତିଫଳିତ ଭୋଗର କ୍ରମ-ବର୍ଦ୍ଧମାନ ଲାଳସା ।

ହରିଦାସଙ୍କର ସିଦ୍ଧ ଦେହର କି ଅପୂର୍ବ ସାମର୍ଥ୍ୟ ! ପରାତ୍ପର ପରମେଶ୍ୱର ଶ୍ରୀକୃଷ୍ଣଚୈତନ୍ୟଙ୍କର ବାସନାପୂର୍ତ୍ତିର ଆଧାରରୂପେ ସେ ଶରୀର ଆଜି ସର୍ବଶକ୍ତିସମ୍ପନ୍ନ । ସର୍ବଶକ୍ତିମାନ୍ ପ୍ରଭୁ ଯେପରି ଭୃତ୍ୟ ଶରୀରରେ ସ୍ୱଶକ୍ତିର ବିକାଶ ଦେଖି ଆନନ୍ଦରେ ନାଚନ୍ତି !

Source: Author, Digitized by PPRACHIN, SOA

ଗୌର ନାମ ପ୍ରଭାବରେ ଗୌରବାନ୍ୱିତ । ଗୌରପ୍ରାଣ ଗୌରବବର୍ଜିତ ଗୁରୁଶକ୍ତିର ମୂର୍ତ୍ତିମାନ୍ ପୁରୁଷ ଅନନ୍ତଶକ୍ତିର ଅଧିକାରୀ ଧରଣୀଧର ନିତ୍ୟାନନ୍ଦ ମଧ୍ୟ ଆଜି ଉଲ୍ଲାସରେ ଉଦ୍‌ବୃଦ୍ଧ । ଗୌର ନାମରେ ମତ୍ତମାନ୍ୱିତ ପ୍ରଭୁ ନିତ୍ୟାନନ୍ଦଙ୍କର ନିତାଇ ଗୌର ମିଳନ-ମାଧୁରୀ ଉପଭୋଗ କରିବାନିମନ୍ତେ ଅଦମ୍ୟ ବାସନା ଚରିତାର୍ଥ କରିବା ବାଟରେ ଅଦ୍ୟାବଧି ସମସ୍ତ ଅସାମର୍ଥ୍ୟ ଆଜି ଯେପରି ହଠାତ୍ ଅପସାରିତ ହୋଇଯାଉଛି, ମାର୍ଜିତ ମୁକୁର ସ୍ୱରୂପ ହରିଦାସଙ୍କର ଚିନ୍ମୟ ଶରୀରରେ ନିତାଇ-ଜଡ଼ିତ ଗୌର ଅଙ୍ଗର ପ୍ରତିଫଳନ ଅବଲୋକନ କର ।

ଭୀଷ୍ମଙ୍କର ସ୍ୱେଚ୍ଛାମୃତ୍ୟୁ-ବରଣ ସ୍ମରଣ କରୁଛନ୍ତି ଉପସ୍ଥିତ ଭକ୍ତଗଣ ।

ଦ୍ୱାପର ଯୁଗର ଆଖ୍ୟାୟିକା । ଭୀଷ୍ମଙ୍କର ମହାପ୍ରୟାଣ । କଳିଯୁଗରେ ହରିଦାସଙ୍କର ଇଚ୍ଛାମୃତ୍ୟୁ । ଦୁଇଯୁଗର ଦୁଇ ମହାପୁରୁଷ—ଭୀଷ୍ମ ଓ ହରିଦାସ । ସ୍ୱେଚ୍ଛାମୃତ୍ୟୁ ଉଭୟଙ୍କର । ଉଭୟେ ମୃତ୍ୟୁଞ୍ଜୟୀ । କିନ୍ତୁ ପରପ୍ରକାଶ ଭିନ୍ନ । ପରିସ୍ଥିତି ସ୍ୱତନ୍ତ୍ର । ହରିଦାସଙ୍କ ମୃତ୍ୟୁ ଅଭିଯାନରେ ବିଜୟ କେତନ ବହୁ ଊର୍ଦ୍ଧ୍ୱରେ ପ୍ରୋଥିତ ।

କେବଳ ସ୍ୱେଚ୍ଛାପ୍ରେରିତ ନୁହେଁ, ଭୀଷ୍ମଙ୍କର ମୃତ୍ୟୁ ସ୍ୱେଚ୍ଛାଧୀନ ମଧ୍ୟ । କିନ୍ତୁ ହରିଦାସଙ୍କର ମହାଯାତ୍ରା ସ୍ୱେଚ୍ଛାକୃତ ହେଲେହେଁ ସ୍ୱେଚ୍ଛାଧୀନ ନୁହେଁ, ମହାପ୍ରଭୁଙ୍କର ଅନୁମତିସାପେକ୍ଷ । ଶ୍ରୀ ଚୈତନ୍ୟଙ୍କର ଇଚ୍ଛାଧୀନ । ଶରଣାଗତିର ଚରମ ଆଦର୍ଶ ।

ଭୀଷ୍ମ ଓ ହରିଦାସ ।

ଭୀଷ୍ମ ପୂତ ଓ ପବିତ୍ର । ହରିଦାସ ପାବକ । ହରିଦାସ ସଂସାର କଳୁଷିତ ଜଳଧିର ନିର୍ମଳ ।

ହରିଦାସ ତନୁ ପ୍ରଭୁ ଘେନି ନିଜ କୋଳେ
ଅଙ୍ଗନେ ନାଚନ୍ତି ଆହା ମହା ପ୍ରେମ ଭୋଳେ   ଚୈ: ଚ:

ସେ ତ ଶବ ନୁହେଁ ଶିବ—ହରିଦାସଙ୍କର ତ୍ୟକ୍ତ ଅବୟବ । ପ୍ରକଟ ଓ ଅପ୍ରକଟ ଉଭୟ ଅବସ୍ଥାରେ ସର୍ବଶୁଭଙ୍କରୀ, ଭୁବନମଙ୍ଗଳକାରୀ ।

ଭକ୍ତର ସେହି ଅପ୍ରାକୃତ ଦେହ ଆଜି ଭଗବାନଙ୍କର ହୃଦୟସିଂହାସନରେ ଅଧିଷ୍ଠିତ । ଦୈନ୍ୟ-ସାଧକ ହରିଦାସ ଆଜି ଅସାମାନ୍ୟ ସୌଭାଗ୍ୟର ଅଧିକାରୀ । ମହାପ୍ରଭୁଙ୍କର ପୂର୍ବ ପ୍ରତିଜ୍ଞା ପୂରଣର ଉଦାହରଣ । "ଯିଏ 'ତୃଣାଦପି' ସାଧନ କରେ, ମୁଁ ତାକୁ ବୁକୁରେ ଧାରଣ କରେ" । ମହାପ୍ରଭୁଙ୍କର ପ୍ରତିଜ୍ଞା ।

କ୍ରମେ ବକ୍ଷରୁ ଉନ୍ନୀତ ହୋଇ ହରିଦାସ ମହାପ୍ରଭୁଙ୍କ ସ୍କନ୍ଧଦେଶରେ ବିରାଜମାନ । "ହରିଦାସ ! ହରିଦାସ !" ହାହାକାର କରି ଉଠୁଛି ପ୍ରତି ପ୍ରାଣ ସ୍ଥାବର ଜଙ୍ଗମାଦି ସମସ୍ତ ସୃଷ୍ଟି ।

ଏ ସବୁର ନୀରବ ଦ୍ରଷ୍ଟା ଗର୍ବିତ ସାକ୍ଷୀ ସେହି ବକୁଳ ବୃକ୍ଷ । ତାର ପ୍ରତି ପତ୍ର, ପ୍ରତି ଶାଖା ପ୍ରଶାଖାରେ ଯେପରି ଏକାକାର ହୋଇ ଯାଉଛି ବେଦନାର ବାଣୀ, ମର୍ମର

Source: Author, Digitized by PPRACHIN, SOA

ମର୍ମର ସ୍ୱର । ପ୍ରାଙ୍ଗଣର ପ୍ରତିରେଣୁ, ରେଣୁର ପ୍ରତିକଣା ମଧ୍ୟରେ ସେହି ଅନ୍ତର୍ଦାହୀ-ହାହାକାରର ବେଣୁ ବାଜି ଉଠୁଛି ।

ଏହି ହରିଦାସ, ଯିଏ ସର୍ବସ୍ୱ ସମର୍ପଣ କରିଛି ମହାପ୍ରଭୁଙ୍କ ପଦଦେଶରେ—ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ;—

ଏହି ହରିଦାସ, ଯାର ଜୀବନ ଉତ୍ସର୍ଗିତ ମହାପ୍ରଭୁଙ୍କୁ ସେବାସୁଖ ଦେବାରେ ।

ସେହି ହରିଦାସ ଆଜି ପ୍ରାଣ ବିସର୍ଜନ କରିସାରିଛି ମହାପ୍ରଭୁଙ୍କ ଲୀଳା-ସମ୍ବରଣର ଦାରୁଣ ଦୁଃଖ କଥା ସ୍ମରଣ କରି । ଯାହାଲାଗି ମହାପ୍ରଭୁଙ୍କର ସବୁସୁଖ, ତାକୁ ମହାପ୍ରଭୁଙ୍କର ଅଶେଷ ସୁଖକର ଆଶ୍ଳେଷରେ ଆବଦ୍ଧ ହେବାର ସୁଯୋଗ ଦେଇନାହାନ୍ତି ଥରକ ଲାଗି, ମୁହୂର୍ତ୍ତିକ ପାଇଁ ।

ଆଜି କିନ୍ତୁ ସମସ୍ତ ବାଧା ଦୂରୀଭୂତ ହୋଇଯାଇଛି । ଦୈନ୍ୟଭାବାପନ୍ନ ହରିଦାସ ଆଜି ଅନ୍ୟଭାବାନ୍ୱିତ ଭିନ୍ନ ଉନ୍ନତ ରୂପଧାରଣ କରିଛନ୍ତି । ହରିଦାସଙ୍କୁ ନିବିଡ଼ ଗାଢ଼ତମ ଆଲିଙ୍ଗନରେ ଆବଦ୍ଧ କରି ମହାପ୍ରଭୁଙ୍କର ମହୋଲ୍ଲାସ ।

ଭକ୍ତ ଅଙ୍ଗ ସଙ୍ଗ ଲାଭରେ ଗୌରାଙ୍ଗ ଆଜି ବିଭୋର, ଭାବବିହ୍ୱଳ ।

ଶ୍ରୀମୂମାଧୂରୀ ଆସ୍ୱାଦନର ଆଧାରକୁ ଧାରଣ କରି ପ୍ରେମାବିଷ୍ଟ ଶ୍ରୀକୃଷ୍ଣ ଚୈତନ୍ୟ ।

ପ୍ରେମାବିଷ୍ଟ ନିତ୍ୟାନନ୍ଦ—ଶେଷଶାୟୀ ଶଙ୍କର୍ଷଣ, ଅବତାରୀ ନାରାୟଣ, ଯାର ଅଂଶ କଳାରେ ଗଣନା—ସେହି ନିତ୍ୟାନନ୍ଦ । କୃଷ୍ଣଙ୍କର ଶେଷତା ଲାଭରେ ଶେଷ ନାମ-ଧାରୀ ନିତ୍ୟାନନ୍ଦ ଆଜି ଅଶେଷାଗ୍ରବାବେଶରେ ଆବିଷ୍ଟ ।

ଉପସ୍ଥିତ ଭକ୍ତବୃନ୍ଦ ମଧ୍ୟ ପ୍ରେମାବିଷ୍ଟ ।

"ପ୍ରଭୁଙ୍କ ଆବେଶାବିଷ୍ଟ ସବ ଭକ୍ତଗଣ ।

ପ୍ରେମାବେଶେ ନାଚି ସବେ କରନ୍ତି କୀର୍ତ୍ତନ । ଚୈ:ଚ:

ଧ୍ୟାନ ନାହିଁ ସମୟର କ୍ରମାନ୍ୱୟ ପ୍ରବାହ ପ୍ରତି । ଜ୍ଞାନ ନାହିଁ ଭୂତ ଭବିଷ୍ୟ ବର୍ତ୍ତମାନ କାଳ ପ୍ରତି । ଭକ୍ତଗହଣରେ ଭଗବାନ୍ ଶ୍ରୀଚୈତନ୍ୟ ନର୍ତ୍ତନକୀର୍ତ୍ତନ-ଉନ୍ମତ୍ତ ଆତ୍ମଜ୍ଞାନଶୂନ୍ୟ । କାଳଜୟୀ ହରିଦାସଙ୍କର ଅମରତ୍ୱ ପ୍ରାପ୍ତି ଉପଲକ୍ଷରେ ତ୍ରିକାଳସତ୍ୟ ଗୌରଲୀଳାର ସନାତନତ୍ୱକୁ ପ୍ରତିପାଦନ କରି ସମୟ ପ୍ରତି ଆଜି ଯେପରି ସମସ୍ତଙ୍କର ଅତ୍ୟନ୍ତ ଅବହେଳା ଭାବ ।

ସମୟ ଉତ୍ତୀର୍ଣ୍ଣ ! ହଠାତ୍ ଚମକି ଉଠୁଛନ୍ତି ମହାପ୍ରଭୁ । ସ୍ମରଣ କରାଇ ଦେଲେ ଶ୍ରୀରୂପ ।

ସେ ଏକ ଦୀର୍ଘ ଶୋଭାଯାତ୍ରା । ସିଦ୍ଧ ବକୁଳଠାରୁ ସମୁଦ୍ରକୂଳ-ବ୍ୟାପୀ ମହା ସମାବେଶ । ଭକ୍ତଜନସ୍କନ୍ଧାରୂଢ଼ ହରିବୋଲ-ବିମଣ୍ଡିତ ହରିଦାସଙ୍କ ଚିନ୍ମୟଶରୀର । ଶୋଭାଯାତ୍ରାର ସର୍ବାଗ୍ରେ ଶ୍ରୀଚୈତନ୍ୟ । ଅନୁଧାବନ କରୁଛନ୍ତି ନୃତ୍ୟବିଶାରଦ ବକ୍ରେଶ୍ୱର ତଥା ଅନ୍ୟାନ୍ୟ ଭକ୍ତବୃନ୍ଦ ।

ସମୁଦ୍ର ମଧ୍ୟ ଉଚ୍ଛୁଳି ଉଠୁଛି ଆନନ୍ଦ ଉଚ୍ଛ୍ୱାସରେ ଯେପରି । ଚନ୍ଦ୍ର ସୂର୍ଯ୍ୟର ଆକର୍ଷଣଠାରୁ ସମଧିକ ହରିଦାସଙ୍କର ଆକର୍ଷଣ । ହରିଦାସଙ୍କର ନିସ୍ପନ୍ଦ ଆଜି ଈର୍ଷାନ୍ୱିତ ସମୁଦ୍ରର ଦୃଷ୍ଟି ଆକର୍ଷଣ କରିଛି ବିଶେଷଭାବରେ ।

Source: Author, Digitized by PPRACHIN, SOA

ଶ୍ରୀ ମନ୍ମହାପ୍ରଭୁଙ୍କ ସ୍ୱହସ୍ତସ୍ଥାପିତ ଠାକୁର୍ ଶ୍ରୀ ଶ୍ରୀ ହରିଦାସଙ୍କ ସମାଧି ପୀଠ ।

ଇହ ଜଗତରେ ପ୍ରଭୁ ଦାସ ସେବାଙ୍କରେ ।

ଗୌର ଷଜ୍ୟେ ପ୍ରଭୁ ସେବା କରଇ ଦାସରେ—(୨୩୧ ପୃଷ୍ଠା)

Source: Author, Digitized by PPRACHIN, SOA

ହରିଦାସଙ୍କୁ ଅଭିଷିକ୍ତ କରୁଛନ୍ତି ମହାପ୍ରଭୁ ସ୍ୱହସ୍ତରେ ବାରିଧିର ପବିତ୍ର ବାଲିରେ । ଭକ୍ତ ଅଙ୍ଗ ସେବାର ଅପୂର୍ବ ସୁଯୋଗ ଆଜି ଭଗବାନ୍‌ଙ୍କର ।

ହରିଦାସଙ୍କ ଚରଣ ସ୍ପର୍ଶ ମାତ୍ରେ ସମୁଦ୍ର ଗାତ୍ରରେ ପୁଲକ ସଂଚାର ହେଲା ଯେପରି ! ହରିଦାସଙ୍କ ପଦଧୌତ କରି ଅଦ୍ୟାବଧି ତୀର୍ଥ ଆଖ୍ୟାତ ମହୋଦଧି ମହାତୀର୍ଥରେ ପରିଣତ । ମହାପ୍ରଭୁଙ୍କ ମୁଖନିସୃତ ବାଣୀ । ବଜ୍ରନିର୍ଘୋଷ ଘୋଷଣା ।

ହରିଦାସଙ୍କ ପାଦୋଦକ ପାନ କରି କୃତକୃତ୍ୟ ପରମଭୋଗୀ ଗୌର-ଭକ୍ତଗଣ ।

ହରିଦାସ ପାଦୋଦକ ପାଇ ଭକ୍ତଗଣ ।
ଶ୍ରୀଅଙ୍ଗରେ ଦେଲେ ଲେପି ପ୍ରସାଦୀ ଚନ୍ଦନ ।
'ଡୋର କଡ଼ା' ପ୍ରସାଦୀ ବସନ ଗାତ୍ରେ ଦେଇ ।
ବାଲୁକାରେ ଗର୍ତ୍ତ କରି ଶୁଆଇଲେ ନେଇ ।
ଚତୁର୍ଦ୍ଦିଗେ ଭକ୍ତଗଣ କରନ୍ତି କୀର୍ତ୍ତନ ।
ବକ୍ରେଶ୍ୱର ପଣ୍ଡିତ ଯେ କରନ୍ତି ନର୍ତ୍ତନ ।
ହରିବୋଲ ହରିବୋଲ ବୋଲନ୍ତି ଗୌରାଙ୍ଗ ।
ସ୍ୱହସ୍ତେ ବାଲୁକା ଥାପି ହରିଦାସ ଅଙ୍ଗ ।। ଚୈ: ଚ:

ଶ୍ରୀ ମହାପ୍ରଭୁଙ୍କ ମୁଖରେ କେବଳ 'ହରିବୋଲ' ଧ୍ୱନି ।

'ହରିବୋଲ' ନୁହେଁ—'ହା ହା କାର' । ହରିବୋଲ ଛଳରେ 'ହାହାକାର' କରୁଥନ୍ତି ପ୍ରଭୁ ଦାସର ବିଚ୍ଛେଦରେ, ହରିଦାସଙ୍କ ବିରହରେ । ଭକ୍ତ ବିରହରେ ହାହାକାର ହିଁ ହରିନାମ । ଭକ୍ତ ବିରହଜନିତ ଅଶ୍ରୁବାରି-ବର୍ଷଣ-ପ୍ରବଣ-ମୁଖ-ନିସୃତ ହାହାକାର ହିଁ ସ୍ୱତଃପ୍ରବୃତ୍ତ ହରିଧ୍ୱନି ।

ସେହି ହାହାକାର ଧ୍ୱନି ମଧ୍ୟରେ ହିଁ ହରେକୃଷ୍ଣ-ନାମ-ସିଦ୍ଧ ହରିଦାସଙ୍କର ସମାଧି ସମାହିତ ହେଲା ଗୌରହରିଙ୍କ ସ୍ୱହସ୍ତରେ । ଭକ୍ତବତ୍ସଳତାର ନିଦର୍ଶନ ଏହି ସମାଧି । ମହୋଦଧିର ବେଳାଭୂମିରେ ଗୌର-ଲୀଳାର ଅବିକଳ ସାକ୍ଷୀ । ଭାରତୀୟ ଦର୍ଶନର ଏକ ଗୌରବମୟ ଅଧ୍ୟାୟର ଅନ୍ତର୍ଲିପି ରୂପେ ଅଦ୍ୟାପି ବିଦ୍ୟମାନ ଏହି ସମାଧି ।

ଭାବର ବିଭାବ, ବୈଶିଷ୍ଟ୍ୟର ବୈଭବ, ଭକ୍ତିର ବୈପରୀତ୍ୟ, ପ୍ରଭୁର ଦାସ-ବତ୍ସଳତା, ଦାସ ସେବାପ୍ରବଣତା, ବିବର୍ତ୍ତନ ତତ୍ତ୍ୱର ଜ୍ୱଳନ୍ତ ଜୀବନ୍ତ ଆଦର୍ଶ-ଉଜ୍ଜ୍ୱଳ ସଂକ୍ଷିପ୍ତ ଆଖ୍ୟାୟିକାରେ ଗଢ଼ା ଏହି ସମାଧି ମନ୍ଦିର ଗୌରଲୀଳାର ନିତ୍ୟ ସନାତନତ୍ୱର ପ୍ରମାଣ ।

ଇହ ଜଗତରେ ଦାସ ପ୍ରଭୁ ସେବା କରେ ।
ଗୌର ରାଜ୍ୟେ ପ୍ରଭୁ ସେବା କରଇ ଦାସରେ ।।
ଇହ ଜଗତରେ ସେବା ଅର୍ଥ ଦେବା ସୁଖ ।
ଗୌର ରାଜ୍ୟେ ସୁଖ ସେବା ଦେବାରେ ଅଧିକ ।। ଚୈ: ଚ:

Source: Author, Digitized by PPRACHIN, SOA

ହରିଦାସଙ୍କୁ ପ୍ରତ୍ୟକ୍ଷ ସେବା ଦେବାରେ ହିଁ ଗୌରାଙ୍ଗଙ୍କର ବିଳାସ। ହରିଦାସଙ୍କ ତିରୋଧାନରେ ଆଜ ସେ ସୁଯୋଗର ପରିସମାପ୍ତି। ହରିଦାସଙ୍କୁ ସେବା ଦେବା ସୁଖରୁ ବଞ୍ଚିତ ହୋଇ ଗୌରହରିଙ୍କ ପ୍ରାଣ ଆଜ ହାହାକାର କରି ଉଠୁଛି।

କ୍ଷଣେ ହର୍ଷ କ୍ଷଣେ ବିଷାଦ। କ୍ଷଣେ ହାସ୍ୟ କ୍ଷଣେ କ୍ରନ୍ଦନ। କ୍ଷଣ କ୍ଷଣକେ ପରିବର୍ତ୍ତନ, ବିବର୍ତ୍ତନ, ଆବର୍ତ୍ତନ। କେତେବେଳେ ଭକ୍ତସେବା ସୁଖରୁ ବଞ୍ଚିତ ହେବା-ଜନିତ ଅପାର ଦୁଃଖ, କେତେବେଳେ ଅବା ହରିଦାସଙ୍କର ବିରହ ଉତ୍ସବ ପାଳନ କରିବାର ସୁଯୋଗ ପାଇ ଅସୀମ ସୁଖରେ ବିଭୋର।

ଜନ୍ମାବଧି ହରିଦାସଙ୍କ ସେବା କରି ଆସିଛନ୍ତି ପ୍ରଭୁ ପ୍ରତ୍ୟକ୍ଷରେ, ପରୋକ୍ଷରେ। ମାତୃହୀନ ଶିଶୁର ସେବା କରିଛନ୍ତି ପାଳପୁଷୀର ହୃଦପୁରେ ସ୍ନେହ ସଞ୍ଚାର କରି। ବାଇଶ ବଜାରରେ ଯବନର ନିର୍ଯ୍ୟାତନାରୁ ରକ୍ଷାକରିଛନ୍ତି ନିଜ ଅଙ୍ଗରେ ନିର୍ଘାତ ଆଘାତ ସହ୍ୟ କରି। ନୀଳାଚଳବାସକାଳରେ ପ୍ରତ୍ୟକ୍ଷ ସେବା କରିଛନ୍ତି,ପ୍ରତ୍ୟହ ଦର୍ଶନ ଦେବାକୁ ଆସି। ପ୍ରସାଦାନ୍ନ ପ୍ରେରଣ କରିଛନ୍ତି ପ୍ରତିଦିନ। ବର୍ଷାତପରୁ ରକ୍ଷା କରିଛନ୍ତି ବକୁଳ ବୃକ୍ଷରୂପୀ ଆତପତ୍ରର ଛାୟା ବିସ୍ତାର କରି ପ୍ରତି ମୁହୂର୍ତ୍ତ।

ହରିଦାସଙ୍କର ଅପ୍ରକଟରେ ସେବାର ମାହାତ୍ମ୍ୟ ଯେପରି ସମଧିକ। ହରିଦାସଙ୍କ ଦେହକୁ ବହନ କରି, ହରିଦାସଙ୍କ ଶରୀରକୁ ସମୁଦ୍ର ଜଳରେ ଅବଗାହନ କରାଇ ସ୍ୱହସ୍ତରେ ସମାଧି ସ୍ଥାପନ କରି, ବିରହ ଉତ୍ସବ ପାଳନ ଉପଲକ୍ଷରେ ଭିକ୍ଷାଥାଳ ହାତରେ ଧରି ମହାପ୍ରଭୁଙ୍କର ମହୋଲ୍ଲାସ।

ପ୍ରକଟ ସେବାରେ ଐଶ୍ୱର୍ଯ୍ୟ
ଅପ୍ରକଟରେ ମାଧୁର୍ଯ୍ୟ।
ପ୍ରକଟ ସେବାରେ ସୁଖ ଆପେକ୍ଷିକ।
ଅପ୍ରକଟରେ ନିରପେକ୍ଷ।

ଅପ୍ରକଟ ହରିଦାସଙ୍କ ସେବାରେ ସ୍ୱର୍ଗୀ ମହାପ୍ରଭୁଙ୍କର ଅଙ୍ଗପ୍ରତ୍ୟଙ୍ଗ ଆଜ ଗୌରବାନ୍ୱିତ ହରିଦାସଙ୍କ ସ୍ପର୍ଶ ଲାଭ କରି। ପରସ୍ପର ଯେପରି କନ୍ଦଳ ସୃଷ୍ଟି କରୁଛନ୍ତି ଗୌରବର ଜ୍ୟେଷ୍ଠାଂଶ ଦାବୀରେ। ହୋଡ଼ ଓ ବକ୍ଷ ଏକ ପକ୍ଷରେ, ଅନ୍ୟପକ୍ଷରେ କର ଓ ପଦଦ୍ୱୟ।

ପ୍ରତ୍ୟକ୍ଷ ସେବାରେ ହୋଡ଼ ଓ ବକ୍ଷ, ଅପ୍ରତ୍ୟକ୍ଷରେ କର ଓ ପଦଦ୍ୱୟ। ତେଣୁ ବିକ୍ଷୁବ୍ଧ ଓ ମ୍ରିୟମାଣ କରପଦଦ୍ୱୟ।

ନିରପେକ୍ଷ ପ୍ରଭୁଙ୍କର ଭିକ୍ଷାର ପ୍ରଣାଳୀ ଦେଖି ଉଭୟ ହସ୍ତପଦର ଆନନ୍ଦର ସୀମାନାହିଁ। ଉଭୟଙ୍କର ସାହାଯ୍ୟ ବିନା ମହାପ୍ରଭୁଙ୍କର ଭିକ୍ଷା ସଂଗ୍ରହ ଅସମ୍ଭବ। ତେଣୁ ଉଭୟେ ଗୌରବାନ୍ୱିତ।

ସିଂହଦ୍ୱାରେ ଆସି ପ୍ରଭୁ ପସାରି ନିକଟେ
ଅଞ୍ଚଳ ପତାଇ ଭିକ୍ଷା କରନ୍ତି ଆକଟେ ॥
ହରିଦାସ-ଠାକୁରଙ୍କ ଶ୍ରାଦ୍ଧ ମହୋତ୍ସବ।
ପ୍ରସାଦ ମାଗୁଛି ମୋତେ ଭିକ୍ଷା କିଏ ଦେବ ॥

Source: Author, Digitized by PPRACHIN, SOA

ମହୈଶ୍ୱର୍ଯ୍ୟଶାଳୀ ମହାପ୍ରଭୁ, ଜଗତ୍‌କର୍ତ୍ତା, ପାଳୟିତା, ପ୍ରହର୍ତ୍ତା, ନିଷ୍କଳ, ନିର୍ବିକଳ୍ପ ବିଶ୍ୱମ୍ଭର ଆଜି ପସାରି ଦ୍ୱାରରେ ଭିକ୍ଷାରୀ ! କେବଳ ଭକ୍ତର ସେବା ଉଦ୍ଦେଶ୍ୟରେ । ଅଚଳ ଜଗନ୍ନାଥଙ୍କର ସିଂହଦ୍ୱାରରେ ସଚଳ ଜଗନ୍ନାଥ ଆଜି ଭିଖାରି । ଭିକ୍ଷା ଦାନରେ ଚିର ଅଭ୍ୟସ୍ତ ଜଗନ୍ନାଥଙ୍କର ଭିକ୍ଷା କରିବାର ସାଧ ଆଜି ଅବାଧ,ଅଗାଧ । ପ୍ରୟୋଜନ—ଭକ୍ତ ସେବା । ଭିକ୍ଷା ଅଭିଧେୟ ମାତ୍ର ।

ଶୁଣି ପସାରିଏ ସର୍ବେ ଚୁଙ୍ଗୁଡ଼ା ଉଠାଇ
ବଢାନ୍ତି ପ୍ରସାଦ ଆନନ୍ଦର ସୀମା ନାହିଁ । ଚୈ. ଚ.

ଭିକ୍ଷା କରୁଛନ୍ତି ଚୈତନ ଗୋସାଇଁ ନିଜେ । ପସାରିଙ୍କର ଆନନ୍ଦର ସୀମା ନାହିଁ ଭିକ୍ଷାଦାନରେ । ଅକୁଣ୍ଠ ଚିତ୍ତରେ ଦାନ କରୁଛନ୍ତି ସ୍ୱତଃପ୍ରବୃତ୍ତ ପସାରିବୃନ୍ଦ ହରିଦାସଙ୍କ ନାମ ଶ୍ରବଣ ମାତ୍ରେ ।

ହରିଦାସଙ୍କର କି ଅପୂର୍ବ ମହିମା ! ସ୍ମରଣ କରୁଛନ୍ତି ମହାପ୍ରଭୁ । ଯାହାର ଅଯାଚକ ଜୀବନ ଅଯାଚିତ ନାମ ପ୍ରେମବିତରଣରେ ବିତିଛି, ତାର ଉତ୍ସବ ପାଇଁ ଭିକ୍ଷାର ଅର୍ଥ ଅକୁଣ୍ଠିତ ଦାନ ।

ପଙ୍‌କ୍ତି ଭୋଜନ ଚାଲିଛି ବୈଷ୍ଣବମାନଙ୍କର । ଭୂରିଦାତା ଗୌରହରି ଆଜି ପ୍ରସାଦ ପରିବେଷଣରେ ମୁକ୍ତହସ୍ତ । ମହାପ୍ରଭୁଙ୍କର ଏବେ ଅନର୍ପିତ ଅର୍ପଣ ସ୍ୱଭାବ । ପୁଣି ଦାତା ଭୂମିକାରେ ଅବତୀର୍ଣ୍ଣ । ହରିକର୍ଣ୍ଣ-ରସାୟନ, କୃଷ୍ଣୋତ୍କୀର୍ତ୍ତିବର୍ଣ୍ଣିତ ସତତକୀର୍ତ୍ତନରତ, ଅକୃଷ୍ଣ ଅଙ୍ଗକାନ୍ତି, ସାଙ୍ଗୋପାଙ୍ଗ ସପାର୍ଷଦ ଗୌରାଙ୍ଗ ଆଜି ଭକ୍ତବାତ୍ସଲ୍ୟ ବଳରେ ମହାଦାତା । ଅନର୍ପିତ ଅର୍ପଣ ସ୍ୱଭାବର ଆଜି ଯେପରି ଚରମ ବିକାଶ । ପ୍ରସାଦ ସେବନାନ୍ତେ ପ୍ରସାଦୀ ମାଲ୍ୟଚନ୍ଦନରେ ବିଭୂଷିତ ଶ୍ରୀକୃଷ୍ଣ ଚୈତନ୍ୟ ହଠାତ୍ ଘୋଷଣା କରୁଛନ୍ତି—

ଏ ବିଜୟୋତ୍ସବ ଯେହୁ କଲେ ଦରଶନ ।
ଯେ ବା ନୃତ୍ୟ କଲେ ଯେହୁ କଲେକ କୀର୍ତ୍ତନ ॥
ଯେ ଯାଇ ସମାଧି କାଳେ ବାଲୁକା ଥାପିଲେ ।
ଭୋଜନ ଯେ କଲେ ଅବା ମହୋତ୍ସବେ ଥିଲେ ॥
ଅଚିରେ ସେ ସର୍ଭଙ୍କର ହେବ କୃଷ୍ଣ ପ୍ରାପ୍ତି ।
ଏମନ୍ତ ମୋ ହରିଦାସ ଦରଶନ ଶକ୍ତି ॥ ଚୈ. ଚ.

ତା’ ପରେ—ତା’ ପରେ—

ହରିଦାସ ବିନେ ପ୍ରାଣ ଧରିବା ଦୁର୍ବହ ।
ତିନଲକ୍ଷ ନାମ ଦିବାନିଶି ଅହରହ ॥
ସେହି ହରିଦାସ ପୃଥିବୀର ଶିରୋମଣି ।
ତାହା ବିନୁ ରତ୍ନ ଶୂନ୍ୟ ହୋଇଲା ଅବନୀ ॥
ଗାଉଛନ୍ତି ସର୍ବେ ଜୟ ଜୟ ହରିଦାସ ।
କରିଗଲେ ଯେହୁ ନାମ ମହିମା ପ୍ରକାଶ ॥ ଚୈ. ଚ.

Source: Author, Digitized by PPRACHIN, SOA

ଧୈର୍ଯ୍ୟଚ୍ୟୁତି ମହାପ୍ରଭୁ ହରିଦାସଙ୍କ ବିରହରେ । ପୁଞ୍ଜିଭୂତ ସମସ୍ତ ଆବେଗ, ସମସ୍ତ ବେଦନା ସତେ ଯେପରି ବେଗବତୀ ସ୍ରୋତସ୍ୱିନୀର ବନ୍ୟାପ୍ଲାବନବତ୍ କୂଳଲଙ୍ଘନ କରିବାକୁ ଉଦ୍ୟତ । ଗୌରାଙ୍ଗଶୋକୋଚ୍ଛ୍ୱାସରେ ସତେ ଯେପରି ସମସ୍ତ ସୃଷ୍ଟି ବିଗଳିତ । ବିଚଳିତ । ଅଶ୍ରୁଜଳ ପ୍ରବାହରେ ସାଗର ଯେପରି ଅପ୍ରତ୍ୟାଶିତ ସଙ୍ଗମ ଆଶଙ୍କାରେ ଆତଙ୍କିତ । ଭକ୍ତିମହିମା ବର୍ଣ୍ଣନାନିମନ୍ତେ ମନୁଷ୍ୟପ୍ରଚଳିତ ଭାଷା ଆଜି କ୍ଲିଷ୍ଟ । ସେଥିପାଇଁ ଲୋତକରେ ହିଁ ତାର ପରିପ୍ରକାଶ ।

ବର୍ଷଣମୁଖର ଧରା । ଶ୍ରାବଣର ଭାଦ୍ରପଦର ମେଘମେଦୁର ଅମ୍ବର ! ସିଂହ ରାଶିସ୍ଥ ଭାସ୍କର । ତତ୍ପରଜନିତ ସନ୍ତାପାନ୍ତକାରୀ ନିଶିଥିନୀଶ ବଧୂର ବଧୂ ମୁଖରେ ପ୍ରତିଫଳିତ ବିରହ ଭାରକ୍ରାନ୍ତ ଗୌରମୁଖ କୈରବର କାନ୍ତି ବିପର୍ଯ୍ୟସ୍ତ ସ୍ଫୀତରେ ।

ଅନ୍ତରଙ୍ଗ ସଖା ରାୟ ରାମାନନ୍ଦ କମ୍ବୁ କଣ୍ଠରେ ସ୍ଥାପନ କରୁଛନ୍ତି ଧୀରେ ଧୀରେ ଭକ୍ତ ବିରହକାତର ବଦନସରୋଜକୁ ମହାପ୍ରଭୁ ଶ୍ରୀଗୌରାଙ୍ଗ । ଅଶ୍ରୁସିକ୍ତଗଣ୍ଡ । ବିବର୍ଣ୍ଣ କାନ୍ତି । ଗଦ୍ ଗଦ୍ ବାକ୍ୟ । ବିରହରେ ଆତୁର । ରାଧାଭାବଶବଳିତ ଶ୍ରୀଗୌରାଙ୍ଗ ।

କୃପା କରି କୃଷ୍ଣ ମୋତେ ଦେଇଥିଲ ସଙ୍ଗ ।
ସ୍ୱତନ୍ତ୍ର ଈଶ୍ୱରେଚ୍ଛାରେ ସେ ସଙ୍ଗ ମୋ ଭଙ୍ଗ । ଚୈ: ଚ:

ହରିଦାସ !! ହରିଦାସ ! ଚିତ୍କାର କରି ଉଠିଲେ ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ ।

ଦଣ୍ଡଧର ନିର୍ବେଦ !

—*—

Source: Author, Digitized by PPRACHIN, SOA